


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-189 ♦SUNDAY ♦4 JANUARY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୮୯ ♦ରବିବାର ♦୪ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦ (ସିନ୍ଦୂରା ସହ)



ପ୍ରତିଘର ପାଠାଗାର

# ସମକାଳୀନ ଓଡ଼ିଆ କାହାଣୀ ଜଗତର ସବୁଠୁ ଚର୍ଚ୍ଚିତ ୩୦ ଗଳ୍ପ ପୁସ୍ତକ, ଅଧାମୂଲ୍ୟରେ*

ଆଧୁନିକ ଓଡ଼ିଆ କ୍ଲାସିକ୍ | ମନ ଚହଲେଇଦେବା ଭଳି କାହାଣୀ | ୩୦ଟି ପୁସ୍ତକରେ ୫୦୦ରୁ ଅଧିକ ଗଳ୍ପ | ସୁଯୋଗ ସୀମିତ ସମୟ ପାଇଁ

20 ପେନ୍ ଇନ୍ ବୁକ୍ସ PEN IN BOOKS twenty years of excellence




ଲେଖକ ଅଜୟ ସ୍ୱାଇଁ ମୂଲ୍ୟ ୧୯୯ ଟଙ୍କା | ଲେଖକ ଗୌରହରି ଦାସ ମୂଲ୍ୟ ୨୯୯ ଟଙ୍କା | ଲେଖକ ଅରୁଣ କୁମାର ସାହୁ ମୂଲ୍ୟ ୨୩୯ ଟଙ୍କା | ଲେଖକ ସୁରେଶ ଛୋଟରାୟ ମୂଲ୍ୟ ୨୪୯ ଟଙ୍କା | ଲେଖକ କ୍ଷୀରୋଦ ଦାସ ମୂଲ୍ୟ ୨୧୯ ଟଙ୍କା | ଲେଖକ ଜୀବନ କୃଷ୍ଣ ମହାପାତ୍ର ମୂଲ୍ୟ ୪୪୯ ଟଙ୍କା | ଲେଖକ ଘନବିହାରୀ ମହାରଣା ମୂଲ୍ୟ ୨୯୯ ଟଙ୍କା | ଲେଖକ ଶୁଭାଂଶୁ ପଣ୍ଡା ମୂଲ୍ୟ ୨୪୯ ଟଙ୍କା | ଲେଖକ ମୋନାଲିସା ମିଶ୍ର ମୂଲ୍ୟ ୩୯୯ ଟଙ୍କା | ଲେଖକ ଘନଶ୍ୟାମ ପାଣିଗ୍ରାହୀ ମୂଲ୍ୟ ୨୪୯ ଟଙ୍କା




ଲେଖକ ସୁବ୍ରତ କୁମାର ସେନାପତି ମୂଲ୍ୟ ୨୧୯ ଟଙ୍କା | ଲେଖକ ବିଲୁ ହୋତା ମୂଲ୍ୟ ୨୪୯ ଟଙ୍କା | ଲେଖକ ମିୟୋଗ ପାତ୍ର ମୂଲ୍ୟ ୧୯୯ ଟଙ୍କା | ଲେଖକ ତୃପ୍ତି ରଞ୍ଜନ ଦାସ ମୂଲ୍ୟ ୧୯୯ ଟଙ୍କା | ଲେଖକ ସ୍ୱାଗତ କୁମାର ପଣ୍ଡା ମୂଲ୍ୟ ୨୧୯ ଟଙ୍କା | ଲେଖକ ଅଶୋକ କୁମାର ମିଶ୍ର ମୂଲ୍ୟ ୨୯୯ ଟଙ୍କା | ଲେଖକ ଶୈଳେନ୍ଦ୍ର ଜେନା ମୂଲ୍ୟ ୧୯୯ ଟଙ୍କା | ଲେଖକ ହିମୁ ସଲ୍‌କ କ୍ରିଷିଲ୍ ନାଥନ ମୂଲ୍ୟ ୨୪୯ ଟଙ୍କା | ଲେଖକ ରଞ୍ଜନ ପ୍ରଧାନ ମୂଲ୍ୟ ୨୧୯ ଟଙ୍କା | ଲେଖକ ହାଡ଼ିବନ୍ଧୁ ମହାଖୁଡ଼ ମୂଲ୍ୟ ୧୯୯ ଟଙ୍କା




ଲେଖକ ଛନ୍ଦା ମିଶ୍ର ମୂଲ୍ୟ ୨୨୯ ଟଙ୍କା | ଲେଖକ ଶକ୍ତି ମହାନ୍ତି ମୂଲ୍ୟ ୨୪୯ ଟଙ୍କା | ଲେଖକ ମନୋରଞ୍ଜନ ବେହୁରା ମୂଲ୍ୟ ୩୨୯ ଟଙ୍କା | ଲେଖକ ପ୍ରିୟଦର୍ଶିନୀ ପଣ୍ଡା ମୂଲ୍ୟ ୨୩୯ ଟଙ୍କା | ଲେଖକ ଲକ୍ଷ୍ମଣ କୁମାର ମୂଲ୍ୟ ୧୯୯ ଟଙ୍କା | ଅନୁବାଦ ବଙ୍ଗାଳୀ ନନ୍ଦ ମୂଲ୍ୟ ୨୪୯ ଟଙ୍କା | ଲେଖକ ସୁଷମା ଚୌଧୁରୀ ମୂଲ୍ୟ ୨୯୯ ଟଙ୍କା | ଲେଖକ ସୋମନାଥ ବିଶୋୟୀ ମୂଲ୍ୟ ୧୯୯ ଟଙ୍କା | ଲେଖକ ଶଶାଙ୍କ ପ୍ରିୟସଖା ମୂଲ୍ୟ ୨୩୯ ଟଙ୍କା | ଲେଖକ ଅରୁଣ କୁମାର ଦାଶ ମୂଲ୍ୟ ୨୪୯ ଟଙ୍କା

#ପ୍ରତିଘରପାଠାଗାର #ପେନ୍‌ଇନ୍‌ବୁକ୍ସ
#PratiGharaPathagara #peninbooks

ପେନ୍ ଇନ୍ ବୁକ୍ସ
facebook.com/peninbooks
instagram.com/peninbooks_
twitter.com/peninbooks
youtube.com/@PENINBOOKS
peninbooks.com

ଡାକ ଖର୍ଚ୍ଚ ସହ
୩୦ଟି ଗଳ୍ପ ପୁସ୍ତକ
**୩୯୯୯ ଟଙ୍କା**
ଆଜି ହିଁ ୟୁପିଆଇରେ ପଇଠ କରନ୍ତୁ
ନିଜ ଦୁଆର ମୁହଁରେ ପୁସ୍ତକ ପାଆନ୍ତୁ

ପ୍ରକ୍ରିୟା

- ଯେକୌଣସି ୟୁପିଆଇ ଆପ୍, ଯଥା- ଫୋନ୍‌ପେ', ପେ'ଟିଏମ୍, ଗୁଗୁଲ୍‌ପେ', ଭିମ୍ ଆପ୍, କ୍ରେଡ୍ ଇତ୍ୟାଦିରେ ତାହାଣ ପାଖ କ୍ୟୁ-ଆର୍ କୋଡ୍ ସ୍କାନ୍ କରି କିମ୍ବା ୟୁପିଆଇ ଆଇଡି odiamedia@iciciରେ ୩,୯୯୯ ଟଙ୍କା ପଇଠ କରନ୍ତୁ।
- ୟୁପିଆଇ ରେଫରେନ୍ସ ନମ୍ବର ସ୍ପଷ୍ଟ ଦିଶୁଥିବା ସଫଳ ପଇଠର ସ୍କ୍ରୀନ୍‌ସଟ୍ ସହ ନିଜର ସମ୍ପୂର୍ଣ୍ଣ ଠିକଣା, ପିନ୍ କୋଡ୍ ଓ ଫୋନ୍ ନମ୍ବର ତଳ ନମ୍ବରକୁ ହ୍ୱାଟ୍‌ସଆପ୍‌ରେ ପଠାଇବେ। ସ୍ପୀଡ୍‌ପୋଷ୍ଟ ଯୋଗେ କ୍ରେତାଙ୍କୁ ରସିଦ ସହିତ ପୁସ୍ତକ ପଠାଯିବ।
- ଯୋଜନାଟି ୧୭ ଜାନୁଆରୀ ୨୦୨୬, ଶନିବାର ରାତି ୧୧ଟା ୫୯ ଯାଏଁ ବୈଧ। ଏହି ତାରିଖ ପରେ ଅଥବା ୩,୯୯୯/- ଭିନ୍ନ ଅନ୍ୟ ପରିମାଣର ଅର୍ଥ ପଇଠ କଲେ ପୁସ୍ତକ ପଠାଯିବ ନାହିଁ।

ଜିତନ୍ତୁ ଏକ ଲକ୍ଷ ଟଙ୍କାର ମାଗଣା ପୁସ୍ତକ
ପଢ଼ିବା ପରେ ଆମାଜନ୍‌ରେ ଅତି କମରେ ୧୦ଟି ପୁସ୍ତକର ସମୀକ୍ଷା ଲେଖନ୍ତୁ। ସମୀକ୍ଷାର ସ୍କ୍ରୀନ୍‌ସଟ୍ ଆମକୁ ପଠାନ୍ତୁ।
୧୦ ଜଣ ପାଠକଙ୍କୁ ମିଳିବ ଏକ ଲକ୍ଷ ଟଙ୍କାର ପୁସ୍ତକ ଉପହାର। ଡାକ ଠିକଣାରେ ପୁସ୍ତକ ପହଞ୍ଚାଇଦିଆଯିବ।

78469 81182

Odia Media Private Limited
odiamedia@icici

# ବିଚାର ବିବାଦ ବିଧାନ

ରାଜୁତି, ରାଜନୀତି ଓ ରାଷ୍ଟ୍ରଗଠନ ସମ୍ବନ୍ଧରେ ୭ଟି ସ୍ୱତନ୍ତ୍ର ଗ୍ରନ୍ଥ ଏକତ୍ର
୩,୧୯୩ ଟଙ୍କାର ପୁସ୍ତକ ମାତ୍ର ୧,୯୯୯ ଟଙ୍କାରେ




ରାଷ୍ଟ୍ର ଓ ସମାଜ ଗଠନରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବୈଚାରିକ ଅବଦାନ ମୂଲ୍ୟ ୫୯୯/- | ୧୯୯୧ରୁ ୨୦୨୦ ପର୍ଯ୍ୟନ୍ତ ଓଡ଼ିଶାର ରାଜନୈତିକ ବିଶ୍ଳେଷଣ ମୂଲ୍ୟ ୫୯୯/- | ୨୦୨୪ ଓଡ଼ିଶା ନିର୍ବାଚନର ରାଜନୀତି, ସମୀକରଣ, ଭିତିରି କଥା ଓ ଫଳାଫଳ ମୂଲ୍ୟ ୩୯୯/- | ପରାଜୟରୁ ବିଜୟ ଆଡ଼କୁ ବିଜେପିର ଯାତ୍ରାରେ ନରେନ୍ଦ୍ର ମୋଦୀଙ୍କ ଭୂମିକା ମୂଲ୍ୟ ୩୯୯/- | ୨୫ ବର୍ଷର ରାଜନୀତିରେ ନବୀନ ପଟ୍ଟନାୟକଙ୍କ ସଫଳତା ଓ ଉପଲବ୍ଧି ମୂଲ୍ୟ ୪୯୯/- | ଅରବିନ୍ଦ କେଜରିୱାଲଙ୍କ କଳ୍ପିତ ନୂଆ ଭାରତ ଓ ରାଜନୈତିକ ସଂକଳ୍ପ ମୂଲ୍ୟ ୨୯୯/- | ରାଜନୀତିରେ ସଫଳ ହେବ କି ରାହୁଲଙ୍କ ନୂଆ ପ୍ରୟୋଗ? ଏକ ଅନୁଶୀଳନ ମୂଲ୍ୟ ୩୯୯/-

ନିର୍ଦ୍ଦିଷ୍ଟ ପୁସ୍ତକ ବିଷୟରେ ଅଧିକ ଜାଣିବାକୁ ଓ ପୁସ୍ତକଟି କିଣିବାକୁ ଚାହୁଁଥିଲେ, ମୋବାଇଲ କ୍ୟାମେରାରେ ପୁସ୍ତକ ସଂଲଗ୍ନ କ୍ୟୁ-ଆର୍ କୋଡ୍ ସ୍କାନ୍ କରି ୱେବ୍‌ସାଇଟ୍‌କୁ ଯାଆନ୍ତୁ।

ରାଜନୀତି ବିଷୟରେ ଆଲୋଚନା କରିବା, ନେତାଙ୍କୁ ଗାଳିଦେବା ଅଥବା ଆଖିବୁଜି ସମର୍ଥନ କରିବା, ସାମାଜିକ ଗଣମାଧ୍ୟମ ଓ ଖଟିରେ ମତ ଦେବା, ଅଥଚ ରାଜନୀତି ଓ ଶାସନତନ୍ତ୍ରର ଭିତିରି କଥା ଜାଣିବା ନାହିଁ କି ପଢ଼ିବା ନାହିଁ - ଏ କେମିତିକା କଥା?
ରାଜନୀତି ଓ ରାଷ୍ଟ୍ରନୀତିରେ ଆଗ୍ରହ ରଖୁଥିବା ବ୍ୟକ୍ତିଙ୍କ ପାଇଁ ଏହି ୭ଟି ପୁସ୍ତକ ପଢ଼ିବା ଓ ସାଇତିବା ଜରୁରୀ।

ପ୍ରକ୍ରିୟା

- ଯେକୌଣସି ୟୁପିଆଇ ଆପ୍, ଯଥା- ଫୋନ୍‌ପେ', ପେ'ଟିଏମ୍, ଗୁଗୁଲ୍‌ପେ', ଭିମ୍ ଆପ୍, କ୍ରେଡ୍ ଇତ୍ୟାଦିରେ ଡାହାଣ ପାଖରେ ଥିବା କ୍ୟୁ-ଆର୍ କୋଡ୍ ସ୍କାନ୍ କରି କିମ୍ବା ୟୁପିଆଇ ଆଇଡି odiamedia@iciciରେ ୧,୯୯୯ ଟଙ୍କା ପଇଠ କରନ୍ତୁ।
- ୟୁପିଆଇ ରେଫରେନ୍ସ ନମ୍ବର ସ୍ପଷ୍ଟ ଦିଶୁଥିବା ସଫଳ ପଇଠର ସ୍କ୍ରୀନ୍‌ସଟ୍ ସହ ନିଜର ସମ୍ପୂର୍ଣ୍ଣ ଠିକଣା, ପିନ୍ କୋଡ୍ ଓ ଫୋନ୍ ନମ୍ବର ତଳ ନମ୍ବରକୁ ହ୍ୱାଟ୍‌ସଆପ୍‌ରେ ପଠାଇବେ।
- ସ୍ପୀଡ୍‌ପୋଷ୍ଟ / କୋରିଅର୍ ଯୋଗେ କ୍ରେତାଙ୍କୁ ରସିଦ ସହିତ ପୁସ୍ତକ ପଠାଯିବ।*
- ଯୋଜନାଟି ୧୭ ଜାନୁଆରୀ ୨୦୨୬, ଶନିବାର ରାତି ୧୧ଟା ୫୯ ଯାଏଁ ବୈଧ। ଏହି ତାରିଖ ପରେ ଅଥବା ୧,୯୯୯ ଭିନ୍ନ ଅନ୍ୟ ପରିମାଣର ଅର୍ଥ ପଇଠ କଲେ ପୁସ୍ତକ ପଠାଯିବ ନାହିଁ।

UPI ID - odiamedia@icici

77354 81182

OMPL/2601/SKL03

# ସଦାଶିବ ପ୍ରଧାନୀଙ୍କ ହସ୍ତକ୍ଷେପ ପରେ ଉଠିଲା ଧାନ



ନବରଙ୍ଗପୁର/ନନ୍ଦାହାଣ୍ଡି,୩।୧(ସମିସ): ମଣ୍ଡିରେ ପଡ଼ିଛି ଚାଷୀଙ୍କ ହଜାର ହଜାର ବସ୍ତା ଧାନ। ମିଲରଙ୍କ ଦେଖା ନାହିଁ। ମଣ୍ଡିରୁ ଧାନ ଉଠିପାରୁନି। ଫଳରେ 'ସକାଳ' ପ୍ରହରରୁ ମଣ୍ଡିକୁ ଆସି ଶତାଧିକ ଚାଷୀ ହଇରାଣ ହେଉଛନ୍ତି। ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ସିନ୍ଧିଗୁଡା ମଣ୍ଡିରେ ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଯାହାକୁ ନେଇ ଶତାଧିକ ଚାଷୀ ସିନ୍ଧିଗୁଡା-ନବରଙ୍ଗପୁର-ଡଙ୍ଗର ଭେଜା ମୁଖ୍ୟ ରାସ୍ତା ଅବରୋଧ କରି ଆନ୍ଦୋଳନ କରିଛନ୍ତି। ନବରଙ୍ଗପୁର ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ ଆନ୍ଦୋଳନ ସ୍ଥଳରେ ପହଞ୍ଚି ଚାଷୀଙ୍କୁ ସମର୍ଥନ ଜଣାଇଛନ୍ତି। ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ସିନ୍ଧିଗୁଡା ଠାରେ ଆଜି ଧାନ ମଣ୍ଡି ଥିଲା। ଅଞ୍ଚଳର ଶତାଧିକ ଟୋକେନ ପାଇଥିବା ଚାଷୀ ମଣ୍ଡିକୁ ଧାନ ବିକ୍ରୟ କରିବାକୁ ଆସିଥିଲେ। ଶତାଧିକ ଚାଷୀଙ୍କ ପ୍ରାୟ ୫ ହଜାର କ୍ୱିଣ୍ଟାଲ ଧାନ ମଣ୍ଡିରେ ମହଜୁଦ ହୋଇ ରହିଛି। ହେଲେ ଦୁଃଖର ବିଷୟ ମିଲର ଆସିନଥିବା ଯୋଗୁଁ ଚାଷୀଙ୍କ ଧାନ ଉଠିପାରିନଥିବା ଜଣାପଡିଛି। ଯାହାକୁ ନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଫଳରେ ଶତାଧିକ ଚାଷୀ ସିନ୍ଧିଗୁଡା -ନବରଙ୍ଗପୁର ରାସ୍ତା ଅବରୋଧ କରି ଆନ୍ଦୋଳନ କରିଥିବା ଦେଖିବାକୁ ମିଳିଛି। ସରକାର ଧାନ କିଣୁଛନ୍ତି ନା ମିଲର ଧାନ କିଣୁଛି ବୋଲି ଚାଷୀ ପ୍ରଶ୍ନ କରିଛନ୍ତି। ସକାଳ ପ୍ରହରରୁ ନିଜ ଅମଳ ଧାନ ମଣ୍ଡିରେ ଆଣି ଚାଷୀ ପକେଇ ରଖିଛନ୍ତି। ହେଲେ ଅପରାହ୍ନ ୫ ଘଣ୍ଟା ପର୍ଯ୍ୟନ୍ତ କୌଣସି ଚାଷୀଙ୍କ ଧାନ ମଣ୍ଡିରୁ ଉଠିନଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଶତାଧିକ ଚାଷୀ ଭୋକ ଉପାସରେ ଅପେକ୍ଷା କରି ହଇରାଣ ହେଉଛନ୍ତି । ନବରଙ୍ଗପୁର ପୂର୍ବତନ ବିଧାୟକ ଶ୍ରୀ ପ୍ରଧାନୀ ଚାଷୀଙ୍କ ସମସ୍ୟା ନେଇ ଧାନ କେମିତି ଉଠିବ ସେନେଇ ପ୍ରଶାସନ ସହ ଆଲୋଚନା କରିଛନ୍ତି। ଅନ୍ୟପଟେ ମଣ୍ଡିରେ ପଡ଼ିଥିବା ଶତାଧିକ ଚାଷୀଙ୍କ ଧାନ ଉଠେଇବା ଦିଗରେ ପ୍ରଶାସନ ତଥା ସରକାର ବ୍ୟବସ୍ଥା ନକଲେ ପରିଣାମ ଭୋଗିବା ନେଇ ମଧ୍ୟ ସୂଚେଇ ଦେଇଛନ୍ତି। ଏନେଇ ନନ୍ଦାହାଣ୍ଡି ଯୋଗାଣ ନିରୀକ୍ଷକ ସଞ୍ଜୀବ କୁମାର ମାଝୀଙ୍କୁ ଯୋଗାଯୋଗ କରିବାରୁ ସନ୍ଧ୍ୟା ସୁଦ୍ଧା ଧାନ ଉଠେଇବା ବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଛନ୍ତି। ତେବେ ସନ୍ଧ୍ୟାରେ ଚାଷୀଙ୍କ ଧାନ ଉଠିଥିବା ସୂଚନା ମିଳିଛି। ଶେଷରେ ପୂର୍ବତନ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀଙ୍କ ହସ୍ତକ୍ଷେପ ପରେ ସିନ୍ଧିଗୁଡା ମଣ୍ଡିରୁ ଉଠିଲା ଚାଷୀଙ୍କ ଧାନ ବୋଲି ଚାଷୀଙ୍କ ମହଲରେ ଚର୍ଚ୍ଚା ହେଉଥିବା ଶୁଣିବାକୁ ମିଳୁଛି।

# ମକିଆ ମଣ୍ଡିରେ ଅବ୍ୟବସ୍ଥା, ୧୦ଦିନ ହେଲା ଉଠୁନି ଧାନ



- ସମସ୍ୟା ନ ବୁଝି ଧାରଣାସ୍ଥଳରୁ ଚାଲିଗଲେ ନବରଙ୍ଗପୁର ବିଧାୟକ
- ଚାଷୀଙ୍କ ସହ ବସିରହିଲେ ଡାବୁଗାଁ ବିଧାୟକ

ପାପଡାହାଣ୍ଡି ,୩।୧ (ସମିସ): ମୁଣ୍ଡ ଝାଳକୁ ତୁଣ୍ଡରେ ମାରି ୬ ମାସ ଖରା ବର୍ଷା ଏବଂ ଶୀତରେ ନିଜ ଉପାର୍ଜିତ ଫସଲକୁ ଉଚିତ ମୂଲ୍ୟରେ ବିକ୍ରୟ କରିବାକୁ ନାକେଦମ୍ ହେଲେଣି ଚାଷୀ। ଦୀର୍ଘ ୧୦ ଦିନ କାଳ ମଣ୍ଡିରେ ଧାନ ରଖି ଶୀତ କାକରରେ ନିଜ ଉପାର୍ଜିତ ଧାନକୁ ଜଗିରହିଛନ୍ତି ଚାଷୀକୁଳ । ମକିଆ ଆର୍‌ଏମ୍‌ସି ଗୋଦାମରେ ହଜାର ହଜାର ପ୍ୟାକେଟ୍ ଧାନ ପଡିରହିଛି। କିନ୍ତୁ ଜିଲ୍ଲା ପ୍ରଶାସନର କୁମ୍ଭକର୍ଣ୍ଣ ନିଦ ଭାଙ୍ଗୁନାହିଁ। ବହୁବାର ଲ୍ୟାମ୍ପସ କାର୍ଯ୍ୟାଳୟ ଏବଂ ଯୋଗାଣ ଅଧିକାରୀଙ୍କୁ ଜଣାଇବା ପରେ ମଧ୍ୟ ସମସ୍ୟା ସମାଧାନର ବାଟ କେହି କଲେନାହିଁ। ଯାହାରା ଚାଷୀଙ୍କ ଧର୍ଯ୍ୟର ସୀମା ରହିଲା ନାହିଁ। ଏଣୁ ବାଧ ହୋଇ ମକିଆ ସରପଞ୍ଚ ଜଗଜ୍ଜୀବନ ନାୟକ, ବରିଷ୍ଠ ଚାଷୀ ଭାସ୍କର ବିଶୋୟୀ , ଜଗଦୀଶ ବିଶୋୟୀ ଙ୍କ ନେତୃତ୍ୱରେ ଶହ ଶହ ଚାଷୀ ଆଜି ଦିନ ୧୨ରୁ ଅପରାହ୍ନ ତିନି ଘଣ୍ଟା ପର୍ଯ୍ୟନ୍ତ ପାପଡାହାଣ୍ଡି ଠାରୁ କସାଗୁମୁଡା ରାସ୍ତାକୁ ତିନି ଘଣ୍ଟା ପର୍ଯ୍ୟନ୍ତ ଅବରୋଧ କରିଥିଲେ। ରାସ୍ତାରୋକ୍ ସମୟରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝି କୌଣସି କାର୍ଯ୍ୟକ୍ରମ ଯୋଗ ଦେବାପାଇଁ ସେହି ରାସ୍ତା ଦେଇଯାଉଥିବା ସମୟରେ କିଛି ସମୟ ଚାଷୀଙ୍କ ସହ ଆଲୋଚନା କରିଥିଲେ ଏବଂ ଜିଲ୍ଲା ପ୍ରଶାସନ ସହ ଫୋନ ମାଧ୍ୟମରେ କଥା ହୋଇଥିଲେ। ସମସ୍ୟାର ସମାଧାନ ଖୁବ ଶୀଘ୍ର କରାଯିବ କହି ଚାଲିଯାଇଥିଲେ। ସେହି ସମୟରେ ଚାଷୀମାନେ ବିଧାୟକଙ୍କୁ ନିବେଦନ କରିଥିଲେ ଯେ ଜିଲ୍ଲାସ୍ତରୀୟ କୌଣସି ଅଧିକାରୀ ଆସିବା ପର୍ଯ୍ୟନ୍ତ ଆମ ସହ ସହଯୋଗ କରନ୍ତୁ । କିନ୍ତୁ ବିଧାୟକ ଜରୁରୀ କାମ ଅଛି କହି ଚାଲିଯାଇଥିଲେ। ଏହି ଘଟଣାଟି ବହୁତ ବ୍ୟଥିତ କରିଥିବା ଚାଷୀ ଅଭିଯୋଗ କରିଛନ୍ତି। ଏହାପରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଘଟଣା ସ୍ଥଳକୁ ପହଞ୍ଚି ରାସ୍ତାରୋକକୁ ତୀବ୍ରତର କରିଥିଲେ ଏବଂ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କୁ ଚାଷୀଙ୍କ ସମସ୍ୟାର ସମାଧାନ ନହେବା ପର୍ଯ୍ୟନ୍ତ ଧାରଣା ଜାରିରହିବ ବୋଲି ଚେତାଇ ଦେଇଥିଲେ। ଜିଲ୍ଲା ସ୍ତରୀୟ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ପ୍ରତିଦିନ ତିନି ହଜାର କ୍ୱିଣ୍ଟାଲ ଧାନ କ୍ରୟ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବାରୁ ଧାରଣାରୁ ଓହରି ଯାଇଥିଲେ। ପ୍ରକାଶ ଥାଉକି ଜିଲ୍ଲା ପ୍ରଶାସନ ଗତ ମାସ ୧୭ ତାରିଖରେ ଜିଲ୍ଲାରେ ଧାନ କ୍ରୟକରିବାକୁ ମଣ୍ଡିର ଉଦଘାଟନ କରିଥିଲେ। ମକିଆ ମଣ୍ଡି ସପ୍ତାହ ଦୁଇଦିନ ହୋଇଥାଏ। ଗତ ସପ୍ତାହରେ ୮୮୧୬ ବ୍ୟାକେଟ୍ ଧାନ ମଣ୍ଡିକୁ ଆସିଥିଲା। ସେଥିରୁ ମାତ୍ର ୩୦୦୦ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଥିଲା ଏବଂ ବଳକା ୫୦୦୦ କ୍ୱିଣ୍ଟାଲ ଧାନ କ୍ରୟ ହୋଇନପାରି ମଣ୍ଡିରେ ପଡ଼ିରହିଛି । ଆଜି ଯେଉଁ ଚାଷୀଙ୍କ ଟୋକନ ଅଛି ସେମାନେ ପାଖାପାଖି ୧୫୦ ଟ୍ରାକ୍ଟର ଏବଂ ପିକ୍‌ଅପ୍ ଗାଡ଼ି ମାଧ୍ୟମରେ ଧାନ ଆଣିଛନ୍ତି । କିନ୍ତୁ ଆର୍‌ଏମ୍‌ସି ପରିସରରେ ଧାନ ରଖିବାକୁ ଜାଗା ନାହିଁ । ଏଣୁ ଚାଷୀ ବାଧ ହୋଇ ରାସ୍ତାର ଉଭୟ ପାର୍ଶ୍ୱରେ ଧାନ ବାଡେଇ ଗାଡିକୁ ଅସୁରକ୍ଷିତ ଭାବେ ଛାଡ଼ି ଦେଇଛନ୍ତି। ଦିନରେ ଚାଷୀ ଜଗିରହିବେ। କିନ୍ତୁ ରାତିରେ ରାସ୍ତା କଡ଼ରେ ଜଗିରହିବା ବହୁ କଷ୍ଟ ବୋଲି ଚାଷୀ କହିଛନ୍ତି। ଆରଏମ୍‌ସି ଗୋଦାମକୁ ଲାଗି ଜଙ୍ଗଲ ଥିବା ଯୋଗୁଁ ରାତିରେ ରାସ୍ତା ଦେଇ ନିତି ହିଂସ୍ର ଜନ୍ତୁଙ୍କ ଯିବା ଆସିବା ବାଟ । ଯଦି କୌଣସି ଚାଷୀଙ୍କୁ ହିଂସ୍ର ଜନ୍ତୁ କ୍ଷୟକ୍ଷତି କରେ ତାହାଲେ ଜିଲ୍ଲା ପ୍ରଶାସନ ଦାୟୀ ରହିବେ ବୋଲି ଚାଷୀ ଚେତାଇ ଦେଇଛନ୍ତି।

## ଦୁର୍ଘଟଣାରେ ବାଳକଙ୍କ ମୃତ୍ୟୁ

ଉମରକୋଟ,୩।୧(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ୍ ଅନ୍ତର୍ଗତ ବେହେଡା ଛକ ନିକଟରେ ଆଜି ଏକ ହୃଦୟବିଦାରକ ସଡ଼କ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ଜଣେ ୧୪ ବର୍ଷ ବୟସର କିଶୋରଙ୍କର ମୃତ୍ୟୁ ଘଟିଛି। ପ୍ରାପ୍ତ ସୂଚନା ଅନୁସାରେ, ଲିମାଗୁଡା ରାସ୍ତା ଦେଇ ଗୋଟିଏ ଟ୍ରାକ୍ଟର ଆସୁଥିବା ସମୟରେ ରାଇଘର ଦିଗରୁ କବାଡି ସାମଗ୍ରୀ ଆଣି ଉମରକୋଟ ଅଭିମୁଖେ ଯାଉଥିବା ଗୋଟିଏ ବାଇକ୍ ପଛଦିଆରୁ ଟ୍ରାକ୍ଟର ସହିତ ଧକ୍କା ଖାଇଥିଲା। ଦୁର୍ଘଟଣାରେ ବାଇକ୍‌ରେ ଥିବା ୧୪ ବର୍ଷୀୟ କିଶୋର ତଳେ ପଡ଼ି ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ତାଙ୍କ ସହ ଥିବା ଜଣେ ମହିଳା ଅଳ୍ପକେ ବର୍ତ୍ତି ଯାଇଥିଲେ। ଦୁର୍ଘଟଣା ପରେ ବେହେଡା ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଆମ୍ବୁଲାନ୍ସକୁ ଡାକିଥିଲେ। କିନ୍ତୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଆମ୍ବୁଲାନ୍ସ ନ ପହଞ୍ଚିବାରୁ ଗ୍ରାମବାସୀ ଗେଟ୍ ଅଟୋ ଯୋଗେ ଆହତକୁ ଉମରକୋଟ ମେଡିକାଲକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଦୁର୍ଘଟଣାର କାରଣ ଓ ଦାୟୀଙ୍କୁ ଚିହ୍ନଟ କରିବା ପାଇଁ ପୋଲିସ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

● ଚିକେନ୍ ଦରକୁ ନେଇ ବିବାଦ ମାମଲା

# ଦୋକାନୀଙ୍କୁ ୭ ବର୍ଷ କାରାଦଣ୍ଡ

ଉମରକୋଟ,୩।୧(ସମିସ): ଚିକେନ ଦରକୁ ନେଇ ବିବାଦ ହିଂସାତ୍ମକ ରୂପ ନେବା ଏବଂ ଗ୍ରାହକଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗରେ ଜଣେ ଦୋକାନୀଙ୍କୁ ୭ ବର୍ଷ କାରାଦଣ୍ଡ ହୋଇଥିବା ଜଣାପଡ଼ିଛି। ଉମରକୋଟ ସହାୟକ ଦୌରା ନ୍ୟାୟାଧୀଶ ଚିନ୍ମୟ ପାଢ଼ୀ ଏହି ଆଦେଶ ଦେଇଛନ୍ତି। ଘଟଣା ଘଟିଥିଲା ୨୭ ଅଗଷ୍ଟ ୨୦୨୨ ତାରିଖ ସକାଳେ ୯ଟା ବେଳେ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଡିଏନକେ ଛକ ଠାରେ ଥିବା ତାରକ ମଲିକଙ୍କ କୁକୁଡ଼ା ମାଂସ ଦୋକାନ ଠାରେ। ଗ୍ରାହକ ହିରଣ୍ମୟ ମଣ୍ଡଳ ତାରକର ଚିକେନ ଦୋକାନକୁ ଚିକେନ କିଣିବା ପାଇଁ ଯାଇଥିଲେ। ତାରକ କୁକୁଡା ମାଂସର କେଜି ଦର ୨୫୦ ଟଙ୍କା କହିବା ପରେ ହିରଣ୍ମୟ ଅନ୍ୟ ଦୋକାନରେ ୧୮୦ ରୁ ୨୦୦ ଦରରେ ବିକ୍ରି ହେଉଥିବା କଥା କହି ପ୍ରଶ୍ନ କରିଥିଲେ। ଏଥିରେ ଉତ୍ତେଜିତ ହୋଇ ତାରକ ମଲ୍ଲିକ ଚିକେନ କାଟିବା ଛୁରି ଦ୍ୱାରା ହିରଣ୍ମୟଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ତାଙ୍କ ମୁଣ୍ଡ ଓ ହାତରେ ଗଭୀର ଆହତ ଲାଗିଥିଲା। ତାଙ୍କୁ ତୁରନ୍ତ ରାଇଘର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମାମଲାର ଶୁଣାଣି କରି ବିଚାରପତି ତାଙ୍କୁ ୭ ବର୍ଷ କାରାଦଣ୍ଡ ଓ ୧୨ ହଜାର ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି । ଅର୍ଥଦଣ୍ଡର ରାଶି ଆହତଙ୍କୁ କ୍ଷତିପୂରଣ ଭାବେ ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି କୋର୍ଟ। ପୂର୍ବରୁ ଜାମିନରେ ଥିବା ଅଭିଯୁକ୍ତ ତାରକକୁ ରାୟ ପ୍ରକାଶ ପାଇବା ପରେ ଗିରଫ କରି ଜେଲକୁ ପଠାଇ ଦେଇଛି ପୋଲିସ। ଏହି ମୋକଦ୍ଦମାକୁ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ମନୋହର ମହାନ୍ତି ପରିଚାଳନା କରୁଥିଲେ।

■ ବିନା ନୋଟିସରେ କାର୍ଯ୍ୟରୁ ଛଟେଇ

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ସିକ୍ୟୁରିଟି ଗାର୍ଡ



କୋରାପୁଟ,୩।୧(ସମିସ):ବିନାନୋଟିସରେକାର୍ଯ୍ୟରୁଛଟେଇପ୍ରତିବାଦରେଅପରକୋଲାବ ଡ୍ୟାମ୍ ପ୍ରୋଜେକ୍ଟରେ କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଭୁବନେଶ୍ୱରର ଏକ୍ଟିଭ ସିକ୍ୟୁରିଟି ସର୍ଭିସେସ୍ ସଂସ୍ଥା ଦ୍ୱାରା ୨୦୧୩ ମସିହାରୁ ଅପର କୋଲାବ ଡ୍ୟାମ ପ୍ରୋଜେକ୍ଟରେ ସିକ୍ୟୁରିଟି ଗାର୍ଡ ଭାବରେ କାର୍ଯ୍ୟ କରୁଥିଲେ। କିନ୍ତୁ ସଂସ୍ଥା କର୍ତ୍ତୃପକ୍ଷ ପୂର୍ବରୁ କୌଣସି ନୋଟିସ ନଦେଇ ସେମାନଙ୍କୁ ବାହାର କରି ଦିଆଯାଇଥିବା ସିକ୍ୟୁରିଟି ଗାର୍ଡ ନିରଞ୍ଜନ ବାରିକ କହିଛନ୍ତି।୨ ତାରିଖରେ ସଂସ୍ଥାର କାର୍ଯ୍ୟକାଳ ଶେଷ ହୋଇଥିବା ଯୋଗୁଁ ବିନା ନୋଟିସରେ ଅପର କୋଲାବ ହେଡ ୱାର୍କସ ଡିଭିଜନ ଦ୍ୱାରା ଛଟେଇ କରାଯାଇଛି। ସିକ୍ୟୁରିଟି ଗାର୍ଡ ମାନେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ଭେଟି ତୁରନ୍ତ କାର୍ଯ୍ୟରେ ନିଯୋଜିତ କରିବାକୁ ନିବେଦନ କରିଛନ୍ତି। ବିଶ୍ୱନାଥ ହରିଜନ, ଡି ଖୋସଲା, ତ୍ରିନାଥ ଖରା,ସିମାଞ୍ଚଳ ସ୍ୱାଇଁ, ଗୋପୀନାଥ ଖୋସଲା ,ଖଗପତି ପୂଜାରୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ଜାମୁ ଗଛରେ ନିଆଁକୁ ନେଇ ଉତ୍ତେଜନା



ନନ୍ଦପୁର, ୩।୧ (ସମିସ): ନନ୍ଦପୁର ବ୍ଲକ ଅନ୍ତର୍ଗତ ଚିଙ୍ଗୁଡ଼ିଚୂଆଁ ଗ୍ରାମ ମୁଖ୍ୟ ରାସ୍ତା କଡ଼ ହନୁମାନ ମନ୍ଦିର ପାଶ୍ୱର୍ରେ ଥିବ ପୁରୁଣା ଜାମୁ ଗଛରେ ନିଆଁ ଲାଗିବା ଘଟଣାକୁ ନେଇ ଆଜି ସକାଳେ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ପୂର୍ବାହ୍ନ ପ୍ରାୟ ସାଢେ ୮ଟା ସମୟରେ ଗଛରୁ ନିଆଁ ଓ ଧୂଆଁ ବାହାରୁଥିବା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ନନ୍ଦପୁର ଅଗ୍ନିଶମ ବାହିନୀଙ୍କୁ ସୂଚନା ଦେଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀର ଏଏସଓ ହେମନ୍ତ କୁମାର ସାମଲଙ୍କ ନେତୃତ୍ୱରେ ଅଗ୍ନିଯୋଦ୍ଧା ରଞ୍ଜନ ମଲ୍ଲିକ, ପ୍ରକାଶ କିଷାନ, ଥବିର ଭୋଇ, ଅମିତ କୁମାର ଦାସ ଓ ଦିଲେଶ୍ୱର ସେଠୀଆ ପ୍ରମୁଖ ଅଗ୍ନି ନିର୍ବାପକ ଗାଡ଼ି ଓ ଯନ୍ତ୍ରପାତି ସହ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ନିୟନ୍ତ୍ରଣ କରିଥିଲେ। ସ୍ଥାନୀୟ ଲୋକଙ୍କ ଅନୁମାନ ଅନୁସାରେ ଗତ ରାତିରେ କେହି ଅସାମାଜିକ ବ୍ୟକ୍ତି ଜାମୁ ଗଛରେ ନିଆଁ ଲଗାଇ ଦେଇଛି।

# ମୃତ ପୌର କର୍ମଚାରୀଙ୍କ ପରିବାରକୁ ୮ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ

ନବରଙ୍ଗପୁର,୩।୧(ସମିସ): ନବରଙ୍ଗପୁର ପୌର କଲୋନୀ ବାସିନ୍ଦା ମୁକୁନ୍ଦ ଜାନି ଏବଂ ତାଙ୍କ ପତ୍ନୀ ଲଣ୍ଡାଇ ଜାନି ଗତ ଅକ୍ଟୋବର ୩ ତାରିଖରେ ନବରଙ୍ଗପୁର ଠାରୁ ପାପଡାହାଣ୍ଡି ମଧ୍ୟଦେଇ ଯାଇଥିବା ଜାତୀୟ ରାଜପଥ-୨୬ର ତାରାଗାଁ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ତାଙ୍କ ପରିବାର ବହୁତ ଗରିବ। ପରିବାର ପୋଷଣ ଏବଂ ଜୀବନ ଜୀବିକା ସକାଶେ ସେମାନଙ୍କର ଅର୍ଥର ଅବଶ୍ୟକତା ରହିଥିଲା । ଏହାକୁ ଉପଲବ୍ଧି କରି ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝି, ମୃତ ମୁକୁନ୍ଦ ଜାନିଙ୍କ ପରିବାର ବର୍ଗଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆର୍ଥିକ ସାହାଯ୍ୟ ପାଣ୍ଠି ତରଫରୁ ୮ ଲକ୍ଷ ଟଙ୍କା ଅନୁକମ୍ପା ମୂଳକ ରାଶି ମଞ୍ଜୁର କରିବା ସକାଶେ ଏକ ପତ୍ର ମାଧ୍ୟମରେ ନବରଙ୍ଗପୁର ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ । ନବରଙ୍ଗପୁର ଜିଲ୍ଲାପାଳ ଡଃ ମହେଶ୍ୱର ସ୍ୱାଇଁ ଅନୁକମ୍ପା ମୂଳକ ରାଶି ମଞ୍ଜୁର କରିବା ସକାଶେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ । ରାଜ୍ୟ ସରକାର ଏହାକୁ ଗୁରତର ସହିତ ବିଚାର କରି ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ପତ୍ର ସଂଖ୍ୟା ୪୫/୧.୧.୨୦୨୬ ପ୍ରକାରେ ଉକ୍ତ ଅନୁକମ୍ପା ମୂଳକ ରାଶି ମଞ୍ଜୁର କରିଛନ୍ତି ବୋଲି ଜିଲ୍ଲା ଜରୁରୀକାଳୀନ ବିଭାଗ ନବରଙ୍ଗପୁର ପକ୍ଷରୁ ବିଭାଗୀୟ ଅଧିକାରୀ ତ୍ରିପତି ବାଲାଜୀ ସାହୁ ଆଜି ସୂଚନା ଦେଇଛନ୍ତି ।

# ନନ୍ଦପୁର ପ୍ରେସ୍ କ୍ଲବ୍‌ର ଶିକ୍ଷୟିତ୍ରୀ ଦିବସ ପାଳିତ



## ୨୦ ଜଣ ଶିକ୍ଷୟିତ୍ରୀ ସମ୍ମାନିତ

ନନ୍ଦପୁର,୩।୧ (ସମିସ): ଦେଶର ପ୍ରଥମ ଶିକ୍ଷୟିତ୍ରୀ ସାବିତ୍ରୀ ବାଇ ଫୁଲେଙ୍କ ଜୟନ୍ତୀ ଅବସରରେ ନନ୍ଦପୁର ପ୍ରେସ କ୍ଲବ୍ ପକ୍ଷରୁ ଶିକ୍ଷୟିତ୍ରୀ ଦିବସ ପାଳିତ ହୋଇଯାଇଛି । ନନ୍ଦପୁର ସଦର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ନନ୍ଦପୁର ବ୍ଲକ୍ ପ୍ରଥମ ମହିଳା ଶିକ୍ଷୟତ୍ରୀ ଫୁଲମଣି ବେନିଆ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ନନ୍ଦପୁର ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଶାଖାର ପରିଚଳିକା ବ୍ରହ୍ମକୁମାରୀ ବଡ଼ ଭଉଣୀ ସାବିତ୍ରୀ ଭଉଣୀ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବ୍ଲକ ସହକାରୀ ଶିକ୍ଷାଧିକାରି ମାମତାଜ ଗମାଙ୍ଗ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ କବିତା ନାଗ, କମଳା ପାଲି, ବ୍ରହ୍ମ କୁମାରୀ ମିତା ଭଉଣୀ, ପୂର୍ବତନ ବ୍ଲକ ଅଧକ୍ଷା ଲକ୍ଷ୍ମୀ ହନ୍ତାଳ, ପ୍ରମିଳା ସାହୁ, ଅଞ୍ଜୁଲତା ଗରଡ଼ା ପ୍ରମୁଖ ଯୋଗ ଦେଇ ଦେଶର ପ୍ରଥମ ମହିଳା ଶିକ୍ଷୟତ୍ରୀ ସାବିତ୍ରୀ ବାଇ ଫୁଲେଙ୍କ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ନନ୍ଦପୁର ପୂର୍ବତନ ସରପଞ୍ଚ ଜଗନ୍ନାଥ ପାଙ୍ଗି ଓ ନନ୍ଦପୁର ବ୍ଲକ୍ କଂଗ୍ରେସ ସଭାପତି ଦେବେନ୍ଦ୍ର ଖେମୁଣ୍ଡୁ ଏ ନେଇ ବକ୍ତବ୍ୟ ରଖିଥିଲେ। ଶେଷରେ ନନ୍ଦପୁର ବ୍ଲକର ୨୦ ଜଣ ଶିକ୍ଷୟିତ୍ରୀଙ୍କୁ ସାବିତ୍ରୀ ବାଇ ଫୁଲେ ଶିକ୍ଷୟିତ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ନନ୍ଦପୁର ପ୍ରେସ କ୍ଲବ୍ ସଭାପତି ତ୍ରିନାଥ ଖରା ପରିଚାଳନା କରିଥିବା ବେଳେ ସମ୍ପାଦକ ରମେଶ କୁମାର ଅଧିକାରୀ, କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ପାଢି, ହିରଣ୍ୟେ ବିଶୋଇ, ଶ୍ରୀରାମ ଖରା ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଉପ ସଭାପତି ବିମଳ ରାଓ ସ୍ମିଥ ଧନ୍ୟବାଦ୍ ଅର୍ପଣ କରିଥିଲେ।




ଜାନୁଆରୀ ପହିଲାରୁ ପୂର୍ବ ତଟ ରେଳପଥ ଦ୍ୱାରା
ନୂତନ ସମୟ ସାରଣୀ
2026
(ସମୟ ପରିବର୍ତ୍ତନର ମୁଖ୍ୟ ବୈଶିଷ୍ଟ୍ୟ)

ନୂତନ ଟ୍ରେନ୍ ପ୍ରଚଳନ

| କ୍ରମ ନଂ. | ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ଚଳାଚଳ ଦିବସ | କାର୍ଯ୍ୟକାରୀ ହେବା ତାରିଖ |
|---|---|---|---|---|
| 1 | 19021 | ଉଧନା ଜଂ - ବ୍ରହ୍ମପୁର | ସାପ୍ତାହିକ | 05.10.2025 |
| 2 | 19022 | ବ୍ରହ୍ମପୁର - ଉଧନା ଜଂ | ସାପ୍ତାହିକ | 06.10.2025 |
| 3 | 18311 | ସମ୍ବଲପୁର - ବୌଦ୍ଧ | ସାପ୍ତାହିକ | 22.06.2025 |
| 4 | 18312 | ବୌଦ୍ଧ - ସମ୍ବଲପୁର | ସାପ୍ତାହିକ | 24.06.2025 |
| 5 | 18313 | ବୌଦ୍ଧ - ଭୁବନେଶ୍ୱର ନୂଆ | ସାପ୍ତାହିକ | 23.06.2025 |
| 6 | 18314 | ଭୁବନେଶ୍ୱର ନୂଆ - ବୌଦ୍ଧ | ସାପ୍ତାହିକ | 23.06.2025 |

ଟ୍ରେନଗୁଡ଼ିକର ସଂପ୍ରସାରଣ

| କ୍ରମ ନଂ. | ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ସଂପ୍ରସାରିତ ସ୍ଥାନ | w.e.f |
|---|---|---|---|---|
| 1 | 12871 | ହାଓଡା - ଟିଟିଲାଗଡ଼ | ଜୁନାଗଡ଼ ରୋଡ୍ | ପରେ ସୂଚିତ କରାଯିବ |
| 2 | 12872 | ଟିଟିଲାଗଡ଼ - ହାଓଡା | ଜୁନାଗଡ଼ ରୋଡ୍ | |
| 3 | 58305 | ବଲାଙ୍ଗୀର - ସୋନପୁର | ପୁରୁଣାକଟକ | 23.06.2025 |
| 4 | 58306 | ସୋନପୁର - ବଲାଙ୍ଗୀର | ପୁରୁଣାକଟକ | 23.06.2025 |
| 5 | 58307 | ବଲାଙ୍ଗୀର - ସୋନପୁର | ପୁରୁଣାକଟକ | 23.06.2025 |
| 6 | 58308 | ସୋନପୁର - ବଲାଙ୍ଗୀର | ପୁରୁଣାକଟକ | 23.06.2025 |
| 7 | 12893 | ଭୁବନେଶ୍ୱର - ସୋନପୁର | ପୁରୁଣାକଟକ | 23.06.2025 |
| 8 | 12894 | ସୋନପୁର - ଭୁବନେଶ୍ୱର | ପୁରୁଣାକଟକ | 24.06.2025 |
| 9 | 22820 | ବିଶାଖାପାଟଣା - ଭୁବନେଶ୍ୱର | ଭୁବନେଶ୍ୱର ନୂଆ | 12.05.2025 |
| 10 | 22819 | ଭୁବନେଶ୍ୱର - ବିଶାଖାପାଟଣା | ଭୁବନେଶ୍ୱର ନୂଆ | 12.05.2025 |
| 11 | 17015 | ଭୁବନେଶ୍ୱର - ସିକନ୍ଦରାବାଦ | ଭୁବନେଶ୍ୱର ନୂଆ | 12.05.2025 |
| 12 | 17016 | ସିକନ୍ଦରାବାଦ - ଭୁବନେଶ୍ୱର | ଭୁବନେଶ୍ୱର ନୂଆ | 11.05.2025 |
| 13 | 11020 | ଭୁବନେଶ୍ୱର - CSMT ମୁମ୍ବାଇ | ଭୁବନେଶ୍ୱର ନୂଆ | 12.05.2025 |
| 14 | 11019 | CSMT ମୁମ୍ବାଇ - ଭୁବନେଶ୍ୱର | ଭୁବନେଶ୍ୱର ନୂଆ | 11.05.2025 |

ଟ୍ରେନଗୁଡ଼ିକର ଚଳାଚଳରେ ବୃଦ୍ଧି

| କ୍ରମ ନଂ. | ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ପୂର୍ବ ଚଳାଚଳ ଦିବସ | ନୂତନ ଚଳାଚଳ ଦିବସ | w.e.f |
|---|---|---|---|---|---|
| 1 | 19021 | ଉଧନା ଜଂ - ବ୍ରହ୍ମପୁର | ସାପ୍ତାହିକ | ସପ୍ତାହକୁ ତିନିଥର | 19.11.2025 |
| 2 | 19022 | ବ୍ରହ୍ମପୁର - ଉଧନା ଜଂ | ସାପ୍ତାହିକ | ସପ୍ତାହକୁ ତିନିଥର | 20.11.2025 |

ଟ୍ରେନଗୁଡ଼ିକର ଚଳାଚଳ ଦିବସରେ ପରିବର୍ତ୍ତନ

| ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ପୂର୍ବ ଚଳାଚଳ ଦିବସ | ନୂତନ ଚଳାଚଳ ଦିବସ | w.e.f |
|---|---|---|---|---|
| 20707 | ସିକନ୍ଦରାବାଦ - ବିଶାଖାପାଟଣା | ଗୁରୁବାର | ସୋମବାର | 02.12.25 |
| 20708 | ବିଶାଖାପାଟଣା - ସିକନ୍ଦରାବାଦ | ବ୍ୟତୀତ | ବ୍ୟତୀତ | 02.12.25 |
| 20835 | ରାଉରକେଲା - ପୁରୀ | ଶନିବାର | ମଙ୍ଗଳବାର | 03.06.25 |
| 20836 | ପୁରୀ - ରାଉରକେଲା | ବ୍ୟତୀତ | ବ୍ୟତୀତ | 03.06.25 |

ଟ୍ରେନଗୁଡ଼ିକର ଗତିରେ ବୃଦ୍ଧି (w.e.f. 01.01.2026)

| ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ପୂର୍ବ TOR | ନୂତନ TOR | ସଞ୍ଚିତ ସମୟ (ମିନିଟ) |
|---|---|---|---|---|
| 12805 | ବିଶାଖାପାଟଣା - ଲିଙ୍ଗମପାଲି | 13 ଘ. 20 ମି. | 12 ଘ. 55 ମି. | 25 |
| 12806 | ଲିଙ୍ଗମପାଲି - ବିଶାଖାପାଟଣା | 13 ଘ. 30 ମି. | 12 ଘ. 55 ମି. | 35 |
| 20804 | ଗାନ୍ଧୀଧାମ ଜଂ - ବିଶାଖାପାଟଣା | 35 ଘ. 15 ମି. | 35 ଘ. 10 ମି. | 05 |
| 18451 | ହାଟିଆ - ପୁରୀ | 09 ଘ. 35 ମି. | 09 ଘ. 30 ମି. | 05 |
| 18529 | ଦୁର୍ଗ - ବିଶାଖାପାଟଣା | 13 ଘ. 30 ମି. | 13 ଘ. 10 ମି. | 20 |
| 58303 | ସମ୍ବଲପୁର - ଜୁନାଗଡ଼ ରୋଡ୍ | 08 ଘ. 05 ମି. | 07 ଘ. 50 ମି. | 15 |
| 12819 | ଭୁବନେଶ୍ୱର - ଆନନ୍ଦ ବିହାର ଟର୍ମିନାଲ | 27 ଘ. 20 ମି. | 27 ଘ. 18 ମି. | 02 |
| 68413 | ତାଳଚେର - ପୁରୀ | 05 ଘ. 45 ମି. | 05 ଘ. 20 ମି. | 25 |
| 12846 | SMVT ବେଙ୍ଗାଲୁରୁ - ଭୁବନେଶ୍ୱର | 25 ଘ. 50 ମି. | 25 ଘ. 45 ମି. | 05 |
| 18573 | ବିଶାଖାପାଟଣା - ଭଗତ କୀ କୋଠି | 38 ଘ. 10 ମି. | 38 ଘ. | 10 |

ଟ୍ରେନ୍ ସମୟ ପରିବର୍ତ୍ତନ (w.e.f 01.01.2026)

| ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ପୂର୍ବ ସମୟ: ପ୍ରସ୍ଥାନ (ପ୍ରାରମ୍ଭିକ ଷ୍ଟେସନରେ) | ପୂର୍ବ ସମୟ: ଆଗମନ (ଅନ୍ତିମ ଷ୍ଟେସନରେ) | ନୂତନ ସମୟ: ପ୍ରସ୍ଥାନ | ନୂତନ ସମୟ: ଆଗମନ |
|---|---|---|---|---|---|
| 58303 | ସମ୍ବଲପୁର - ଜୁନାଗଡ଼ ରୋଡ୍ | 0645 | 1450 | 0700 | 1450 |
| 18422 | ସୋନପୁର - ପୁରୀ | 1910 | 0635 | 1900 | 0640 |
| 18302 | ରାୟଗଡ଼ା - ସମ୍ବଲପୁର | 1320 | 1935 | 1320 | 1945 |
| 18304 | ପୁରୀ - ସମ୍ବଲପୁର | 1545 | 2240 | 1545 | 2255 |
| 18516 | କିରନ୍ଦୁଲ - ବିଶାଖାପାଟଣା | 1630 | 0340 | 1600 | 0340 |
| 18517 | କୋରବା - ବିଶାଖାପାଟଣା | 1610 | 0640 | 1610 | 0645 |
| 22809 | ପାରାଦୀପ - ବିଶାଖାପାଟଣା | 2215 | 0800 | 2215 | 0815 |
| 22853 | ଶାଲିମାର - ବିଶାଖାପାଟଣା | 1815 | 0800 | 1815 | 0815 |
| 22873 | ଦିଘା - ବିଶାଖାପାଟଣା | 1705 | 0800 | 1705 | 0815 |
| 18529 | ଦୁର୍ଗ - ବିଶାଖାପାଟଣା | 1833 | 1030 | 1833 | 1005 |
| 20804 | ଗାନ୍ଧୀଧାମ ଜଂ - ବିଶାଖାପାଟଣା | 2305 | 1020 | 2305 | 1015 |
| 58503 | ଭବାନୀପାଟଣା - ବିଶାଖାପାଟଣା | 0115 | 1010 | 0115 | 1020 |
| 18574 | ଭଗତ କୀ କୋଠି - ବିଶାଖାପାଟଣା | 2040 | 1005 | 2040 | 1030 |
| 18524 | ବାରଣାସୀ - ବିଶାଖାପାଟଣା | 1500 | 1930 | 1500 | 1945 |
| 12806 | ଲିଙ୍ଗମପାଲି - ବିଶାଖାପାଟଣା | 0615 | 1945 | 0655 | 1950 |
| 58502 | କିରନ୍ଦୁଲ - ବିଶାଖାପାଟଣା | 0600 | 2045 | 0600 | 2100 |
| 58505 | ଗୁଣୁପୁର - ବିଶାଖାପାଟଣା | 1430 | 2100 | 1430 | 2110 |
| 18005 | ହାଓଡା - ଜଗଦଲପୁର | 2210 | 2200 | 2210 | 2230 |
| 18447 | ଭୁବନେଶ୍ୱର - ଜଗଦଲପୁର | 1935 | 1115 | 1935 | 1215 |
| 12805 | ବିଶାଖାପାଟଣା - ଲିଙ୍ଗମପାଲି | 0620 | 1940 | 0620 | 1915 |
| 58538 | ବିଶାଖାପାଟଣା - କୋରାପୁଟ | 0630 | 1530 | 0645 | 1545 |
| 58501 | ବିଶାଖାପାଟଣା - କିରନ୍ଦୁଲ | 0645 | 2045 | 0700 | 2100 |
| 67289 | ବିଶାଖାପାଟଣା - ପଲାସା | 0750 | 1300 | 0745 | 1300 |
| 18448 | ଜଗଦଲପୁର - ଭୁବନେଶ୍ୱର | 1630 | 0820 | 1600 | 0820 |
| 17244 | ରାୟଗଡ଼ା - ଗୁଣ୍ଟୁର | 1530 | 0450 | 1500 | 0450 |

ରେକ୍ ଗୁଡ଼ିକ LHB ରେକ୍‌ରେ ରୂପାନ୍ତରିତ ହୋଇଥିବା ଟ୍ରେନ

| କ୍ର.ନଂ. | ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | w.e.f |
|---|---|---|---|
| 1 | 12892 | ପୁରୀ - ବାଙ୍ଗିରିପୋଷି | 29.04.2025 |
| 2 | 12891 | ବାଙ୍ଗିରିପୋଷି - ପୁରୀ | 29.04.2025 |
| 3 | 20837 | ଭୁବନେଶ୍ୱର - ଜୁନାଗଡ଼ ରୋଡ୍ | 25.08.2025 |
| 4 | 20838 | ଜୁନାଗଡ଼ ରୋଡ୍ - ଭୁବନେଶ୍ୱର | 25.08.2025 |

ପରିବର୍ତ୍ତିତ ହୋଇଥିବା ଟ୍ରେନ ନଂ

| କ୍ର.ନଂ. | ପୂର୍ବ ଟ୍ରେନ୍ ନଂ. | ନୂତନ ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | w.e.f |
|---|---|---|---|---|
| 1 | 12892 | 18402 | ପୁରୀ - ବାଙ୍ଗିରିପୋଷି | 01.02.2026 |
| 2 | 12891 | 18401 | ବାଙ୍ଗିରିପୋଷି - ପୁରୀ | 01.02.2026 |

ଟ୍ରେନଗୁଡ଼ିକର ଅତିରିକ୍ତ ଷ୍ଟପେଜ୍

| କ୍ର. ନଂ. | ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ଅତିରିକ୍ତ ଷ୍ଟପେଜ୍ | w.e.f |
|---|---|---|---|---|
| 1 | 18005 | ହାଓଡା - ଜଗଦଲପୁର | ଲୋଇସିଙ୍ଗା | 19.11.2025 |
| 2 | 18006 | ଜଗଦଲପୁର - ହାଓଡା | ଲୋଇସିଙ୍ଗା | 19.11.2025 |
| 3 | 13351 | ଧାନବାଦ - ଆଲେପି | ହରଲା ରୋଡ୍ | 04.03.2025 |
| 4 | 13352 | ଆଲେପି - ଧାନବାଦ | ହରଲା ରୋଡ୍ | 03.03.2025 |
| 5 | 18423 | ଭୁବନେଶ୍ୱର - ଦଶପଲ୍ଲା | ବୋଲଗଡ଼ ଟାଉନ | 20.01.2025 |
| 6 | 18424 | ଦଶପଲ୍ଲା - ଭୁବନେଶ୍ୱର | ବୋଲଗଡ଼ ଟାଉନ | 21.01.2025 |
| 7 | 68449 | ପୁରୀ - ଦଶପଲ୍ଲା | ସାନପଦର | 20.01.2025 |
| 8 | 68450 | ଦଶପଲ୍ଲା - ପୁରୀ | ସାନପଦର | 21.01.2025 |
| 9 | 68443 | ଭଦ୍ରକ - ଦଶପଲ୍ଲା | ସାନପଦର | 21.01.2025 |
| 10 | 68444 | ଦଶପଲ୍ଲା - ଭଦ୍ରକ | ସାନପଦର | 20.01.2025 |
| 11 | 68429 | ଭୁବନେଶ୍ୱର - ଦଶପଲ୍ଲା | ସାନପଦର | 21.01.2025 |
| 12 | 68430 | ଦଶପଲ୍ଲା - ଭୁବନେଶ୍ୱର | ସାନପଦର | 20.01.2025 |
| 13 | 18423 | ଭୁବନେଶ୍ୱର - ଦଶପଲ୍ଲା | ସାନପଦର | 20.01.2025 |
| 14 | 18424 | ଦଶପଲ୍ଲା - ଭୁବନେଶ୍ୱର | ସାନପଦର | 21.01.2025 |
| 15 | 68429 | ଭୁବନେଶ୍ୱର - ଦଶପଲ୍ଲା | ତରାବୋଇ | 17.09.2025 |
| 16 | 68430 | ଦଶପଲ୍ଲା - ଭୁବନେଶ୍ୱର | ତରାବୋଇ | 17.09.2025 |
| 17 | 68449 | ପୁରୀ - ଦଶପଲ୍ଲା | ତରାବୋଇ | 17.09.2025 |
| 18 | 68450 | ଦଶପଲ୍ଲା - ପୁରୀ | ତରାବୋଇ | 17.09.2025 |
| 19 | 18423 | ଭୁବନେଶ୍ୱର - ଦଶପଲ୍ଲା | ତରାବୋଇ | 17.09.2025 |
| 20 | 18424 | ଦଶପଲ୍ଲା - ଭୁବନେଶ୍ୱର | ତରାବୋଇ | 17.09.2025 |
| 21 | 68443 | ଭଦ୍ରକ - ଦଶପଲ୍ଲା | ତରାବୋଇ | 17.09.2025 |
| 22 | 68444 | ଦଶପଲ୍ଲା - ଭଦ୍ରକ | ତରାବୋଇ | 17.09.2025 |
| 23 | 12896 | ପୁରୀ - ଶାଲିମାର | ସାକ୍ଷୀଗୋପାଳ | 21.08.2025 |
| 24 | 12895 | ଶାଲିମାର - ପୁରୀ | ସାକ୍ଷୀଗୋପାଳ | 15.08.2025 |
| 25 | 15639 | ପୁରୀ - କାମାକ୍ଷା | ସାକ୍ଷୀଗୋପାଳ | 19.08.2025 |
| 26 | 15640 | କାମାକ୍ଷା - ପୁରୀ | ସାକ୍ଷୀଗୋପାଳ | 19.08.2025 |
| 27 | 18449 | ପୁରୀ - ପଟନା ଜଂ | ସାକ୍ଷୀଗୋପାଳ | 18.08.2025 |
| 28 | 18450 | ପଟନା ଜଂ - ପୁରୀ | ସାକ୍ଷୀଗୋପାଳ | 21.08.2025 |
| 29 | 20807 | ବିଶାଖାପାଟଣା - ଅମୃତସର ଜଂ | ନରାଜ ମାର୍ଥାପୁର | 15.08.2025 |
| 30 | 20808 | ଅମୃତସର ଜଂ - ବିଶାଖାପାଟଣା | ନରାଜ ମାର୍ଥାପୁର | 15.08.2025 |
| 31 | 12837 | ହାଓଡା - ପୁରୀ | ମଞ୍ଚେଶ୍ୱର | 15.08.2025 |
| 32 | 12838 | ପୁରୀ - ହାଓଡା | ମଞ୍ଚେଶ୍ୱର | 15.08.2025 |
| 33 | 20823 | ପୁରୀ - ଆଜମେର ଜଂ | ମଞ୍ଚେଶ୍ୱର | 15.08.2025 |
| 34 | 20824 | ଆଜମେର ଜଂ - ପୁରୀ | ମଞ୍ଚେଶ୍ୱର | 16.08.2025 |
| 35 | 18447 | ଭୁବନେଶ୍ୱର - ଜଗଦଲପୁର | ଭୁଷଣ୍ଡପୁର | 15.08.2025 |
| 36 | 18448 | ଜଗଦଲପୁର - ଭୁବନେଶ୍ୱର | ଭୁଷଣ୍ଡପୁର | 14.08.2025 |
| 37 | 20861 | ପୁରୀ - ଅହମଦାବାଦ ଜଂ | ବୋଇଣ୍ଡା | 20.08.2025 |
| 38 | 20862 | ଅହମଦାବାଦ ଜଂ - ପୁରୀ | ବୋଇଣ୍ଡା | 17.08.2025 |
| 39 | 18425 | ପୁରୀ - ଦୁର୍ଗ | ବୋଇଣ୍ଡା | 15.08.2025 |
| 40 | 18426 | ଦୁର୍ଗ - ପୁରୀ | ବୋଇଣ୍ଡା | 15.08.2025 |
| 41 | 12807 | ବିଶାଖାପାଟଣା - ହଜରତ ନିଜାମୁଦ୍ଦିନ | ଥେରୁବାଲି | 16.08.2025 |
| 42 | 12808 | ହଜରତ ନିଜାମୁଦ୍ଦିନ - ବିଶାଖାପାଟଣା | ଥେରୁବାଲି | 15.08.2025 |
| 43 | 13351 | ଧାନବାଦ - ଆଲେପି | ଥେରୁବାଲି | 15.08.2025 |
| 44 | 13352 | ଆଲେପି - ଧାନବାଦ | ଥେରୁବାଲି | 15.08.2025 |
| 45 | 17481 | ବିଲାସପୁର ଜଂ - ତିରୁପତି | ଆମ୍ବୋଦଲା | 16.08.2025 |
| 46 | 17482 | ତିରୁପତି - ବିଲାସପୁର ଜଂ | ଆମ୍ବୋଦଲା | 15.08.2025 |
| 47 | 13351 | ଧାନବାଦ - ଆଲେପି | ଆମ୍ବୋଦଲା | 15.08.2025 |
| 48 | 13352 | ଆଲେପି - ଧାନବାଦ | ଆମ୍ବୋଦଲା | 15.08.2025 |
| 49 | 18518 | ବିଶାଖାପାଟଣା - କୋରବା | ମୁରିବାହାଲ | 15.08.2025 |
| 50 | 18517 | କୋରବା - ବିଶାଖାପାଟଣା | ମୁରିବାହାଲ | 15.08.2025 |
| 51 | 18301 | ସମ୍ବଲପୁର - ରାୟଗଡ଼ା | ଦେଓଗାଁ ରୋଡ୍ | 16.04.2025 |
| 52 | 18302 | ରାୟଗଡ଼ା - ସମ୍ବଲପୁର | ଦେଓଗାଁ ରୋଡ୍ | 16.04.2025 |
| 53 | 22827 | ପୁରୀ - ଆଜମେର ଜଂ | ତାଳଚେର ରୋଡ୍ | 04.01.2026 |
| 54 | 22828 | ଆଜମେର ଜଂ - ପୁରୀ | ତାଳଚେର ରୋଡ୍ | 06.01.2026 |
| 55 | 12837 | ହାଓଡା - ପୁରୀ | ନିର୍ଗୁଣ୍ଡି | 01.01.2026 |
| 56 | 12838 | ପୁରୀ - ହାଓଡା | ନିର୍ଗୁଣ୍ଡି | 01.01.2026 |

ପ୍ରମୁଖ ଷ୍ଟେସନରେ ଟ୍ରେନ୍ ଚଳାଚଳ ସମୟର ପରିବର୍ତ୍ତନ

12145 (ଲୋକମାନ୍ୟ ତିଲକ ଟର୍ମିନସ - ପୁରୀ) ସାପ୍ତାହିକ ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ଟିଟିଲାଗଡ଼ | 1830 | 1850 |
| ବଲାଙ୍ଗୀର | 1940 | 1945 |
| ବରଗଡ଼ | 2035 | 2037 |
| ସମ୍ବଲପୁର | 2120 | 2130 |
| ଅନୁଗୁଳ | 0125 | 0127 |
| ତାଳଚେର | 0145 | 0205 |
| କଟକ | 0330 | 0335 |
| ଭୁବନେଶ୍ୱର | 0410 | 0415 |
| ଖୋର୍ଦ୍ଧା ରୋଡ୍ | 0425 | 0430 |

12879 (ଲୋକମାନ୍ୟ ତିଲକ ଟର୍ମିନସ - ଭୁବନେଶ୍ୱର) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ସମ୍ବଲପୁର | 0010 | 0030 |
| ଅନୁଗୁଳ | 0314 | 0316 |
| କଟକ | 0545 | 0550 |

18005 (ହାଓଡା - ଜଗଦଲପୁର) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ସମ୍ବଲପୁର | 0850 | 0900 |
| ରାୟଗଡ଼ା | 1510 | 1535 |
| କୋରାପୁଟ | 1915 | 1940 |
| ଜଗଦଲପୁର | 2230 | - |

18529 (ଦୁର୍ଗ - ବିଶାଖାପାଟଣା) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ଟିଟିଲାଗଡ଼ | 0010 | 0020 |
| ସିଙ୍ଗାପୁର ରୋଡ୍ | 0453 | 0455 |
| ରାୟଗଡ଼ା | 0520 | 0530 |
| ପାର୍ବତୀପୁରମ | 0625 | 0630 |
| ବୋବିଲି | 0655 | 0700 |
| କୋତ୍ତବଲସା | 0830 | 0832 |
| ସିମ୍ହାଚଳମ | 0926 | 0928 |
| ବିଶାଖାପାଟଣା | 1005 | - |

18451 (ହାଟିଆ - ପୁରୀ) ତପସ୍ୱିନୀ ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ସମ୍ବଲପୁର | 2205 | 2225 |
| ଅନୁଗୁଳ | 0134 | 0136 |
| ତାଳଚେର | 0150 | 0210 |
| କଟକ | 0345 | 0350 |
| ଭୁବନେଶ୍ୱର | 0430 | 0440 |
| ଖୋର୍ଦ୍ଧା ରୋଡ୍ | 0500 | 0505 |
| ପୁରୀ | 0655 | - |

22865 (ଲୋକମାନ୍ୟ ତିଲକ ଟର୍ମିନସ - ପୁରୀ) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ସମ୍ବଲପୁର | 0010 | 0030 |
| ଅନୁଗୁଳ | 0314 | 0316 |
| କଟକ | 0545 | 0550 |

13351 (ଧାନବାଦ - ଆଲେପି ) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ଟିଟିଲାଗଡ଼ | 0120 | 0130 |

20807 (ବିଶାଖାପାଟଣା - ଅମୃତସର) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ସମ୍ବଲପୁର | 1250 | 1310 |

20862 (ଅହମଦାବାଦ - ପୁରୀ) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ଟିଟିଲାଗଡ଼ | 1935 | 1955 |
| ବଲାଙ୍ଗୀର | 2045 | 2050 |
| ବରଗଡ଼ | 2143 | 2145 |
| ହୀରାକୁଦ | 2223 | 2225 |
| ସମ୍ବଲପୁର | 2245 | 2255 |
| ରେଢାଖୋଲ | 0010 | 0012 |
| ବୋଇଣ୍ଡା | 0208 | 0210 |

18422 (ସୋନପୁର - ପୁରୀ) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ବଲାଙ୍ଗୀର | 2030 | 2050 |
| ବରଗଡ଼ | 2140 | 2145 |
| ହୀରାକୁଦ | 2223 | 2225 |
| ସମ୍ବଲପୁର | 2245 | 2255 |
| ରେଢାଖୋଲ | 0010 | 0012 |
| ବୋଇଣ୍ଡା | 0208 | 0210 |

ପୂର୍ବ ତଟ ରେଳପଥ
www.eastcoastrail.indianrailways.gov.in
ଡାଏଲ କରନ୍ତୁ 139
- ସୁରକ୍ଷା ସହାୟତା
- ଡାକ୍ତରୀ ଜରୁରୀକାଳୀନ
- କୋଚ୍ ସଫା କରିବା
- କ୍ୟାଟରିଂ ଅଭିଯୋଗ
- ଭିଜିଲାନ୍ସ ଓ ଦୁର୍ନୀତି ନିବାରଣ
- ପିଏନ୍‌ଆର ସ୍ଥିତି, ଚାଲୁଥିବା ସ୍ଥିତି ଇତ୍ୟାଦି
- ଟ୍ରେନ୍ ଭିତରେ ଅଭିଯୋଗ
/@EASTCOASTRailway1 | /@EastCoastRail
D-9/25-26

# ଧର୍ମାନ୍ତରୀକରଣ ପରେ ପରିବର୍ତ୍ତନ ହେଉନି ଜାତି ପ୍ରମାଣପତ୍ର

**ମୁନିଗୁଡ଼ା, ୩।୧(ସମିସ)**

ଅନୁସୂଚିତ ଜାତି ବା ଏସ୍‌ସି ବର୍ଗର ଲୋକ ହିନ୍ଦୁ ଧର୍ମ ଛାଡି ଅନ୍ୟ ଧର୍ମକୁ ଧର୍ମାନ୍ତରୀକରଣ ପରେ ମଧ୍ୟ ଜାତି ପ୍ରମାଣପତ୍ରକୁ ପରିବର୍ତ୍ତନ ନ କରି ହାତେଇ ଚାଲିଛନ୍ତି ସରକାରୀ ଅନୁଦାନ। ପ୍ରଶାସନ ମଧ୍ୟ ଏଥିପ୍ରତି କୋହଳ ମନୋଭାବ ଦେଖାଇ ସେମାନଙ୍କୁ ଉତ୍ସାହିତ କରୁଥିବା ଅଞ୍ଚଳର ବିଭିନ୍ନ ହିନ୍ଦୁ ସଂଗଠନ ଅଭିଯୋଗ କରୁଛନ୍ତି। ସାମ୍ପ୍ରତିକ ପରିସ୍ଥିତିରେ ଧର୍ମାନ୍ତରୀକରଣ ଏକ ଭୟାନକ ଚିତ୍ର ଦେଖିବାକୁ ମିଳିଛି। ଭାରତର ସମ୍ବିଧାନ କୁ ଉପହାସ କରି ତଥାକଥିତ ଧର୍ମାନ୍ତିକରଣ ର ମୁଖ୍ୟମାନେ ଅର୍ଥ ଲୋଭ ଦେଖାଇ ନିରୀହ ହିନ୍ଦୁ ମାନଙ୍କୁ ଧର୍ମ ସଙ୍କଟରେ ପକାଇବାର ପ୍ରୟାସ ଜାରି ରଖିଛନ୍ତି। ସରକାରୀ ନିୟମ ଅନୁଯାୟୀ ଯେଉଁ ଅନୁସୂଚିତ ଜାତି ବା ଏସ୍‌ସି ବର୍ଗର ବ୍ୟକ୍ତି ହିନ୍ଦୁ ଧର୍ମ ପରିତ୍ୟାଗ କରି ଅନ୍ୟ ଧର୍ମ ଗ୍ରହଣ କରନ୍ତି, ତେବେ ସେମାନଙ୍କୁ ସାଧାରଣ ବର୍ଗର ବୋଲି ଧରି ନିଆଯିବ। କିନ୍ତୁ ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଅଧୀନରେ ଥିବା ଅନେକ ଗ୍ରାମ, ଅମ୍ବାଦଲା ଥାନା ଅଧିନସ୍ଥ ଅମ୍ବାଦଲା ପଞ୍ଚାୟତର ବଡ଼ସାହି, ଇନ୍ଦିରା ସାହି, ସରଧାପୁର ପଞ୍ଚାୟତର ଜନାବାଲି, ବେରୁଗୁଡା, ଅମ୍ଲାଭଟା ପଞ୍ଚାୟତର କୁମୁଡ଼ାବାଲି ଅଞ୍ଚଳର ଅନେକ ଅନୁସୂଚିତ ବର୍ଗର ଲୋକ ଧର୍ମ ପରିବର୍ତ୍ତନ କରି ମଧ୍ୟ

> ➤ ସରକାରୀ ଅର୍ଥ ହରିଲୁଟ୍ ଅଭିଯୋଗ
> ➤ ଲିଖିତ ଅଭିଯୋଗ ହେଲେ କାର୍ଯ୍ୟାନୁଷ୍ଠାନ: ତହସିଲଦାର

ସରକାରଙ୍କ ବିଭିନ୍ନ ଯୋଜନାରେ ନିଜକୁ ହିନ୍ଦୁ ଧର୍ମର ପରିଚୟ ଦେଇ ଏସ୍‌ସି ବର୍ଗର ସୁବିଧା ସୁଯୋଗ ପାଇବାରେ ସଫଳ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ମଧ୍ୟ ମିଛ ଏସ୍‌ସି ପ୍ରମାଣ ପତ୍ର ଦେଇ ଷ୍ଟାଇପେଣ୍ଡ ହରିଲୁଟ କରିବାରେ ଲାଗିଛନ୍ତି। ପ୍ରମାଣ ପତ୍ର ଦେବା ବେଳେ ସମ୍ପୃକ୍ତ ଅଧିକାରୀ ମାନେ ଭଲ ଭାବେ ତଦନ୍ତ ନକରି ସେମାନଙ୍କୁ ପ୍ରମାଣ ପତ୍ର ଯୋଗାଇ ଦେଉଛନ୍ତି। ଏହା ଦ୍ୱାରା ପ୍ରକୃତ ଏସ୍‌ସି ବର୍ଗର ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଅନ୍ୟାୟ ବୋଲି ବୁଦ୍ଧିଜୀବି ମହଲରେ ଆଲୋଚନା ହେଉଛି। ଅର୍ଥ ଲୋଭରେ ପଡି କିଛି ଲୋକ ଧର୍ମାନ୍ତରୀକରଣ ହୋଇ ସେଠାରୁ ଲାଭ ପାଇବାର ଆଶା ରଖି ଏପଟେ ହିନ୍ଦୁ ପ୍ରମାଣପତ୍ର ଦେଖାଇ ସରକାରୀ ଟଙ୍କା ହାତେଇ ନେଉଥିବା ଏକ ପ୍ରକାର ପାଣ୍ଡବଙ୍କ ଖାଇ କୌରବଙ୍କର ଗାଇବା ଭଳି ମନେ ହେଉଛି ବୋଲି ଅଞ୍ଚଳବାସୀ କହୁଛନ୍ତି। ଅନେକ ସରକାରୀ ଚାକିରି କ୍ଷେତ୍ରରେ ନିଯୁକ୍ତି ପାଇଁ ଆବେଦନ କରିଥିବା ଜାତି ପ୍ରମାଣପତ୍ର ଠିକ୍ ଭାବେ ଯାଞ୍ଚ କରାଯାଉନଥିବାରୁ ଏସ୍‌ସି ବର୍ଗର ପ୍ରକୃତ ହିତାଧିକାରୀଙ୍କୁ ପଛକୁ ଠେଲି ଦେବାର ଦେଖିବାକୁ ମିଳୁଛି। ଯଦି ପ୍ରଶାସନ ପକ୍ଷରୁ ଚର୍ଚ୍ଚ ଗୁଡିକରେ ହେଉଥିବା ପଞ୍ଜିକରଣକୁ ଭଲ ଭାବେ ତଦନ୍ତ କରି ଏମାନଙ୍କୁ ଚିହ୍ନଟ କରାଯାଇପାରନ୍ତା ଉପଯୁକ୍ତ ସରଳ ନିରୀହ ଅନୁସୂଚିତ ଜାତିର ବା ଏସ୍‌ସି ବର୍ଗର ହିତାଧିକାରୀ ମାନେ ନ୍ୟାୟ ପାଇପାରନ୍ତେ ବୋଲି ମୁନିଗୁଡା ବ୍ଲକ ଆଦିବାସୀ ସମାଜ ସଭାପତି ଜଗନ୍ନାଥ ନୁଣ୍ଡୁରୁକା ମତ ପ୍ରକାଶ କରିଛନ୍ତି। ପ୍ରଶାସନ ଯଥାଶୀଘ୍ର ଏହି ବିଷୟକୁ ଗୁରୁତର ସହିତ ଗ୍ରହଣ କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ ନ କଲେ ଏହା ଆଗାମୀ ସମୟରେ ସାମାଜିକ ବ୍ୟବସ୍ଥାକୁ ବିଗାଡି ଦେବା ସହ ଜନସାଧାରଣଙ୍କ ମଧ୍ୟରେ ଏକ ଶୀତଳ ଯୁଦ୍ଧ ଆରମ୍ଭ ହେବାର ସମ୍ଭାବନା ରହିଛି ବୋଲି ରାୟଗଡା ଜିଲ୍ଲା ବିଶ୍ୱହିନ୍ଦୁ ପରିଷଦର ସଭାପତି ଡ. ବାବୁ ରାଓ ମହାନ୍ତି କହିଛନ୍ତି। ତେଣୁ ଏହି ବିଷୟକୁ ଗମ୍ଭୀରତାର ସହ ନେଇ ଜିଲ୍ଲା ପ୍ରଶାସନ ତଦନ୍ତ କରିବା ପାଇଁ ମୁନିଗୁଡା ଅଞ୍ଚଳର ବହୁ ହିନ୍ଦୁ ସଂଗଠନ ପକ୍ଷରୁ ଦାବି ହେଉଛି। ଉକ୍ତ ବିଷୟକୁ ନେଇ ମୁନିଗୁଡା ତହସିଲଦାର ଏମ୍ ଅନୁରାଧାଙ୍କୁ ପଚାରିବାରୁ ତାଙ୍କ ପାଖକୁ ସେମିତି କିଛି ଅଭିଯୋଗ ଆସିନାହିଁ। ଯଦି କୌଣସି ଲିଖିତ ଅଭିଯୋଗ ଆସେ, ତେବେ ତଦନ୍ତ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ସତ୍ୟ ସାଇବାବା ସଂଗଠନର ମାଗଣା ସ୍ୱାସ୍ଥ୍ୟ ଶିବିର



ରାୟଗଡା,୩।୧(ସମିସ): ରାୟଗଡ଼ା ସତ୍ୟ ସାଇବାବା ସଂଗଠନ ତରଫରୁ ରାୟଗଡ଼ା ସହର ସ୍ଥିତ ସେକ୍ରେଡ ହାର୍ଟ ସ୍କୁଲରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଆଜି ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ଶ୍ରୀ ସତ୍ୟ ସାଇ ବାବାଙ୍କ ଶତବାର୍ଷିକୀ ଉପଲକ୍ଷେ ଏଭଳି ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଉଥିବା ସତ୍ୟ ସାଇବାବା ସଂଗଠନର ଡ. ଲକ୍ଷ୍ମୀ ନାରାୟଣ ସାହୁ ପ୍ରକାଶ କରିଛନ୍ତି। ସେକ୍ରେଡ ହାର୍ଟ ସ୍କୁଲରେ ଛାତ୍ରଛାତ୍ରୀଙ୍କ ଆଖି ଓ ଦାନ୍ତ ପରୀକ୍ଷଣ କରାଯାଇଥିଲା। ଏଥିରେ ୧୬୭ ଜଣ ଛାତ୍ରଛାତ୍ରୀ ନିଜ ନିଜର ଆଖି ଓ ଦାନ୍ତ ପରୀକ୍ଷଣ କରିଥିଲେ। ଡାକ୍ତର ଅମିତ କୁମାର ପରିଡା, ଛାତ୍ରଛାତ୍ରୀଙ୍କ ଦାନ୍ତ ପରୀକ୍ଷଣ କରିଥିବା ବେଳେ ଚକ୍ଷୁ ବିଶେଷଜ୍ଞ ମୁଗ୍ଧା ଜଗଦୀଶ ଏବଂ ଅଜିତ ମୋଗୁଲ, ଛାତ୍ରଛାତ୍ରୀଙ୍କ ଆଖି ପରୀକ୍ଷଣ କରିଥିଲେ। ପରୀକ୍ଷଣ ସମୟରେ ଡାକ୍ତରମାନେ ଆଖି ଓ ଦାନ୍ତର କିପରି ଯତ୍ନ ନେବେ ସେ ନେଇ ପରାମର୍ଶ ଦେଇଥିଲେ। ସ୍ୱାସ୍ଥ୍ୟ ଶିବିରକୁ ସୁଚାରୁ ରୂପେ ପରିଚାଳନା ପାଇଁ ସତ୍ୟ ସାଇବାବା ସଂଗଠନର ୮ ଜଣ ସଦସ୍ୟ ସହଯୋଗ କରିଥିଲେ।

# ରାୟଗଡ଼ା ଆଦିବାସୀ ମହାସଂଘ ବୈଠକ




ରାୟଗଡ଼ା,୩।୧(ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍ ଅନ୍ତର୍ଗତ ତାଡ଼ାମା ଗ୍ରାମଠାରେ ରାୟଗଡ଼ା ଆଦିବାସୀ ମହାସଂଘ (ରାଆମ) ତରଫରୁ ସାଧାରଣ ସଦସ୍ୟ ବୈଠକ ଅନୁଷ୍ଠିତ ହୋଇଥିଲା। ସଭାପତି ବିଜୟ କୁମାର ମେଲାକାଙ୍କ ସଭାପତିତ୍ୱରେ ଆୟୋଜିତ ସାଧାରଣ ସଦସ୍ୟ ବୈଠକରେ କାଶୀପୁର, ବିଷମକଟକ ଓ ରାୟଗଡ଼ା ବ୍ଲକର ସଦସ୍ୟ ମାନେ ଉପସ୍ଥିତ ଥିଲେ। ୩ ବର୍ଷର ପୁରୁଣା କମିଟି ଭଙ୍ଗ କର ନୂତନ କମିଟି ଗଠନ କରାଗଲା। ଜିଲ୍ଲା ସ୍ତରୀୟ କମିଟିରେ ନୂତନ ସଦସ୍ୟଙ୍କୁ ସାମିଲ୍ କରାଗଲା। ୭ ଜଣିଆ ଜିଲ୍ଲା ସ୍ତରୀୟ କମିଟିରେ ସଭାପତି ଭାବେ ବିଜୟ କୁମାର ମେଲାକା, ଉପ ସଭାପତି ଭାବେ ଶଙ୍କର ଜିଲାକାରା, ସାଧାରଣ ସମ୍ପାଦକ ଭାବେ କାମେଶ୍ୱର ବିଡ଼ିକା, ଯୁଗ୍ମ ସମ୍ପାଦକ ଭାବେ ବାଲ୍ମୀକି ହୁଇକା, କୋଷାଧ୍ୟକ୍ଷ ଭାବେ ମୋହନ ଦାସ ମାଝୀ, ଯୁଗ୍ମ କୋଷାଧ୍ୟକ୍ଷ ଭାବେ ଶ୍ୟାମନାଥ ମେଲାକା ଓ କାର୍ଯ୍ୟ ନିର୍ବାହୀ ସଦସ୍ୟ ଭାବେ ମହେଶ୍ୱର ରାଓ ବିଡ଼ିକା ଚୟନ ହୋଇଥିଲେ। ସମସ୍ତଙ୍କ ସର୍ବସମ୍ମତି, ସମର୍ଥନ ଓ ଅନୁମୋଦନ ପାଇବା ପରେ ନୂତନ ଜିଲ୍ଲା ସ୍ତରୀୟ କମିଟିକୁ ବିଧିବଦ୍ଧ ଭାବେ ଘୋଷଣା କରାଗଲା। ସମାଜସେବୀ ବିଜୟ କୁମାର ମେଲାକାଙ୍କ ନେତୃତ୍ୱରେ ୨୦୨୩ ମସିହା ଅଗଷ୍ଟ ୧୩ ତାରିଖ ଦିନ ରାୟଗଡ଼ା ଠାରେ ଏହି ଜିଲ୍ଲାସ୍ତରୀୟ ସଂଗଠନ "ରାୟଗଡ଼ା ଆଦିବାସୀ ମହାସଂଘ (ରାଆମ) ପ୍ରତିଷ୍ଠା ହୋଇଥିଲା। ରାଆମ ଦ୍ୱାରା ଗତ ୩ ବର୍ଷ ମଧ୍ୟରେ ଆଦିବାସୀ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରସାର, କ୍ରୀଡ଼ା, ଶିକ୍ଷା ଓ କୃଷିର ଉନ୍ନତି, ଜୀବନ ଜୀବିକା, ସାମାଜିକ ଜୀବନ ଓ ଅଧିକାର ପାଇଁ କାର୍ଯ୍ୟ କରାଯାଇଛି। ଆଦିବାସୀ ସମାଜର ଉନ୍ନତି ପାଇଁ ସମାଜସେବା, ଗବେଷଣା ଓ ଉନ୍ନୟନ କାର୍ଯ୍ୟ କରିବା ପାଇଁ ରାୟଗଡ଼ା ଆଦିବାସୀ ମହାସଂଘ (ରାଆମ) ପ୍ରତିଷ୍ଠା କରାଯାଇଛି। ଚଳିତ ବର୍ଷ ୨୦୨୬ ମସିହାରେ ସରକାରଙ୍କ ଅଧିନରେ ରେଜିଷ୍ଟ୍ରେସନ୍ ଅଫ୍ ସୋସାଇଟି ଆକ୍ଟ ୧୮୬୦ ଅନୁଯାୟୀ ପଞ୍ଜିକୃତ କରିବା ପାଇଁ ଆଜି ନିଷ୍ପତ୍ତି ନିଆଗଲା। ୨୦୨୬ ମାର୍ଚ୍ଚ ସୁଦ୍ଧା ୧୧ଟି ବ୍ଲକରେ ପୁରୁଣା କମିଟି ଭଙ୍ଗ କରି ନୂତନ କମିଟି ଗଠନ କରାଯିବ ବୋଲି ସଭାପତି ଶ୍ରୀ ମେଲାକା ସୂଚନା ଦେଇଛନ୍ତି।

# 'ସହଯୋଗ' ରଥର ଶୁଭାରମ୍ଭ କଲେ ଗଣଶିକ୍ଷା ମନ୍ତ୍ରୀ



ଉମରକୋଟ,୩।୧(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌର ପରିଷଦ କାର୍ଯ୍ୟାଳୟଠାରେ 'ସହଯୋଗ' ଭ୍ରାମ୍ୟମାଣ ରଥର ଶୁଭାରମ୍ଭ ହୋଇଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ତରଫରୁ ଏହି ଭ୍ରାମ୍ୟମାଣ ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ସାଂସଦ ବଳଭଦ୍ର ମାଝୀ। ଏହି ରଥ ଜିଲ୍ଲାର ପୌରାଞ୍ଚଳ, ବ୍ଲକ୍ ତଥା ଗ୍ରାମାଞ୍ଚଳ ଗସ୍ତ କରି ସରକାରଙ୍କ ୧୩ଟି ଯୋଜନାର ସୂଚନା ଓ ପ୍ରଚାର କରିବ ଏବଂ କୌଣସି ହିତାଧିକାରୀ ଏ ସମସ୍ତ ଯୋଜନାରୁ ବଞ୍ଚିତ ହୋଇଥିଲେ 'ସହଯୋଗ' ପୋର୍ଟାଲ ଦ୍ୱାରା ଯୋଡି ହେବେ। ସହରାଞ୍ଚଳରେ ରହି ମଧ୍ୟ ଆର୍ଥିକ ଅନଗ୍ରସର ଶ୍ରେଣୀଭୁକ୍ତ ଲୋକେ ଏଥିରେ ଲାଭାନ୍ୱିତ ହେବେ। ଏହି ତେରଟି ଯୋଜନା ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ(ସହରାଞ୍ଚଳ)ରାସନ କାର୍ଡ, ଇ ଶ୍ରମ କାର୍ଡ, ସୁଭଦ୍ରା ଯୋଜନା, ଗାରିମା ଯୋଜନା, ପିଏମ୍ ବିଶ୍ୱକର୍ମା ଯୋଜନା, ମଧୁବାବୁ ପେନସନ ଯୋଜନା, ସୁକନ୍ୟା ସମୃଦ୍ଧି ଯୋଜନା, ପିଏମ୍ ସୁରକ୍ଷା ବୀମା ଯୋଜନା, ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ, ପିଡବ୍ଲୁଡି ପରିଚୟପତ୍ର, ଯୋଗ୍ୟ ହିତାଧିକାରୀ ଏହିସବୁ ଯୋଜନାର ଲାଭ ପାଇପାରିବେ।ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସହ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ଭାଜପା ରାଜ୍ୟ ଉପସଭାପତି ରମେଶ ଚନ୍ଦ୍ର ସାହୁ, ମନ୍ତ୍ରୀ ପ୍ରତିନିଧି ଅଶୋକ କୁମାର ପାଢୀ, ସାଂସଦ ପ୍ରତିନିଧି , ନଗର ସଭାପତି ସନ୍ତୋଷ ଶର୍ମା, ସାଧାରଣ ସମ୍ପାଦକ ପ୍ରଭାତ କୁମାର ନାୟକ, ସହ ପୌର ପରିଷଦ ର କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ପୌରପରିଷଦ ଅଧ୍ୟକ୍ଷା ଏବଂ ପୌର ପରିଷଦର ସମସ୍ତ କର୍ମଚାରୀଙ୍କ ସହ ଭାଜପାର ବହୁ କାଯ୍ୟକର୍ତ୍ତା ଯୋଗ ଦେଇଥିଲେ।

# ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଘାଟିତ



ଉମରକୋଟ,୩।୧(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ପିଏମ୍ ଶ୍ରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିର ଠାରେ ବିଦ୍ୟାଳୟସ୍ତରୀୟ ପିଏମ୍ ଶ୍ରୀ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସରିତା ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ ପଛୁଆବର୍ଗ କଲ୍ୟାଣ ବିଭାଗ ଏବଂ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ଥିବା ବେଳେ ମୁଖ୍ୟବକ୍ତା ଭାବେ ସାଂସଦ ପ୍ରତିନିଧି, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମହାଲିକ, ପରିଷଦ ଅଧ୍ୟକ୍ଷା ରାଧାଭତ୍ରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ମେହେର ଓ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଶାନ୍ତନୁ ବାହିନୀପତି ଗୋଷ୍ଠୀ ଶିକ୍ଷା ଅଧିକାରୀ ଈଶ୍ୱର ଚନ୍ଦ୍ର ମାଝୀ ଏବଂ ପ୍ରଧାନ ଶିକ୍ଷୟିତ୍ରୀ ସରିତା ରଥ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ ଆଦିତ୍ୟା ଶର୍ମା ଓ ବୁଲୁ ଗୌଡ଼। ଅପରାହ୍ନ ସମୟରେ ସମାପନ ସମାରୋହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି ପିଏମଶ୍ରୀ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ସହ ୭ଟି ପ୍ରମୁଖ ଷ୍ଟଲ୍ ଏଥିରେ ଲାଗିଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ରାଜେନ୍ଦ୍ର ସେଠୀ, ଧନୀରାମ ଗୌଡ଼, ଧରମ ନାୟକ, ଶିକ୍ଷୟିତ୍ରୀ ରୀନା ବେହେରା, ଶୁଭନାରାଣୀ ସାହୁ , ଗୀତାଞ୍ଜଳି ପରିଚ୍ଛା, ସୁନିତା ପଟ୍ଟନାୟକ, ପ୍ରଣତି ପଲେଇ , କେ.ଲକ୍ଷ୍ମୀ ଆଚାରୀ , ଏସ.କଲ୍ୟାଣୀ ଆଚାରୀ , ପୂଜା ବିଶ୍ୱାସ, ସୁପ୍ରଭା ମଣ୍ଡଲ, ପିଙ୍କି ରାଣୀ ମଣ୍ଡଲ, ବୀଣା ମଣ୍ଡଲ ପ୍ରମୁଖ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଜିଲ୍ଲାପାଳଙ୍କ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା



କୋରାପୁଟ, ୩।୧(ସମିସ): କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ଆଜି ଜୟପୁର ବ୍ଲକ ଏବଂ ପୌରାଞ୍ଚଳର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ ମହାଜନ ବ୍ଲକ୍ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲେ । ସେଠାରେ ଜୟପୁର ଉପଜିଲ୍ଲାପାଳ ଏ.ଶଶ୍ୟା ରେଡ୍ଡି, ବିଡିଓ ଶକ୍ତି ମହାପାତ୍ର ଏବଂ ସହାକାର ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ନନ୍ଦଙ୍କ ସହିତ ଆଲୋଚନା କରିଥିଲେ। ଜିଲ୍ଲାପାଳ ଏବଂ ଅନ୍ୟାନ୍ୟ ଅଧିକାରୀ ମାନେ ଜୟପୁର ବ୍ଲକ ଗଡପଦର ଗ୍ରାମ ନିକଟସ୍ଥ ଝରଣା ନିକଟରେ ବଣଭୋଜି ତଥା ପର୍ଯ୍ୟଟନ ସ୍ଥଳୀ ଭାବେ ବିକାଶ କାର୍ଯ୍ୟ ଦେଖିବା ପାଇଁ ସେଠାରେ ପହଞ୍ଚିଥିଲେ। ଏହାପରେ କାଳିଗାଁ ଗ୍ରାମପଞ୍ଚାୟତ ସଦର ଗ୍ରାମ ସ୍ଥିତ ପୁରୁଣା ଉଚ୍ଚ ବିଦ୍ୟାଳୟ ପରିସର ନିର୍ମାଣ ହୋଇଥିବା ଅତିରିକ୍ତ ଶ୍ରେଣୀ କକ୍ଷ, ନୂତନ ବିଦ୍ୟାଳୟ ଭବନ, ୪୦ ସିଟ୍ ବିଶିଷ୍ଟ ଆଦିବାସୀ ଛାତ୍ର ନିବାସ ପରିସର ଏବଂ ନିର୍ମାଣ ହେଉଥିବା ଗ୍ରାମାଞ୍ଚଳର ବଜାର ତଥା ମଣ୍ଡି ନିର୍ମାଣ କାର୍ଯ୍ୟ ପରିଦର୍ଶନ କରିଥିଲେ। ଏହାପରେ ଫାମ୍ପୁଣି ଗ୍ରାମପଞ୍ଚାୟତର ସଦର ମହକୁମା ସ୍ଥିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ନେଇ ମିଶନ ଶକ୍ତିଙ୍କ ପାଇଁ ଗ୍ରାମପଞ୍ଚାୟତ ସ୍ତରୀୟ ସୁଭଦ୍ରା ଶକ୍ତି କେନ୍ଦ୍ର ପରିଦର୍ଶନ କରିଥିଲେ। ଗଡ଼ପଦରସ୍ଥିତ ବଣଭୋଜି ସ୍ଥଳୀ ବିକାଶ କରାଯାଇ ଏକ ପର୍ଯ୍ୟଟନ ସ୍ଥଳୀ ଭାବେ ନିର୍ମାଣ କରାଯିବ ଏବଂ ଏଠାରେ ରହିବା ପାଇଁ ଆଶ୍ରୟସ୍ଥଳୀ ଏବଂ ବଣ ଭୋଜିଭାତ ପାଇଁ ପିଣ୍ଡି, ପାନୀୟ ଜଳ ବ୍ୟବସ୍ଥା ଏବଂ ପାଣିକୁ ଚେକ୍‌ଡ୍ୟାମ ମାଧ୍ୟମରେ ତଳମୁଣ୍ଡରେ ରହୁଥିବା ଚାଷୀ ମାନଙ୍କୁ ଜଳ ଯୋଗାଣ କରାଯାଇ କୃଷି କାର୍ଯ୍ୟ କରିବାରେ ସହାୟକ କରାଯିବ। ଏହାର ବିକାଶ କରାଯାଇ ଜିଲ୍ଲାର ଏକ ପର୍ଯ୍ୟଟକ ପାଇଁ ରମଣୀୟ ସ୍ଥାନ ଭାବେ ଗଢିବା ନେଇ ସରକାରଙ୍କୁ ପ୍ରସ୍ତାବ ଦିଆଯିବ। ତେଣୁ ନିର୍ମାଣ ପାଇଁ ଖର୍ଚ୍ଚ ଅଟକଳ କରିବାକୁ ଉପସ୍ଥିତ ଯନ୍ତ୍ରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ପୌରାଞ୍ଚଳର ଦୀର୍ଘ ବର୍ଷ ଧରି ଉନ୍ନତୀକରଣ କାର୍ଯ୍ୟ ଚାଲିଥିବା ନୀଳକଣ୍ଠ ସାଗର ନିର୍ମାଣ ସ୍ଥଳୀରେ ପହଞ୍ଚି କାର୍ଯ୍ୟର ସମୀକ୍ଷା କରିଥିଲେ। ସେହିପରି ନିର୍ମାଣ କାର୍ଯ୍ୟର ମନ୍ଥର ଗତି ଦେଖି ବିରକ୍ତି ହେବା ସହିତ ଆସନ୍ତା ସାଧାରଣତନ୍ତ୍ର ଦିବସ ପୂର୍ବରୁ ନିର୍ମାଣ ଶେଷ କରିବା ସହ ପୌରସଂସ୍ଥାକୁ ହସ୍ତାନ୍ତର କରିବାକୁ ଠିକାସଂସ୍ଥାର ଦାୟିତ୍ୱରେ ରହିଥିବା କର୍ମଚାରୀଙ୍କୁ ତାଗିଦ କରିଥିଲେ। ଏହିପରି ଆସନ୍ତା ଜାନୁୟାରୀ ୨୬ ତାରିଖରେ ଏହାକୁ ଲୋକାର୍ପଣ କରିବା ନେଇ ଜିଲ୍ଲାପାଳ ଶ୍ରୀ ମହାଜନ ଧାର୍ଯ୍ୟ କରିଛନ୍ତି। ଏହିପରି ଶ୍ରମ କାର୍ଯ୍ୟାଳୟ ଠାରେ କୋରାପୁଟ କାଫେଷ୍ଟଲକୁ ଅପଗ୍ରେଡ୍ କରାଯାଇ ତୁରନ୍ତ କାର୍ଯ୍ୟକାରୀ କରାଯିବ ଏବଂ ମିଲେଟ ଦ୍ୱାରା ନିର୍ମିତ ସାମଗ୍ରୀ ବିକ୍ରୟ ମଧ୍ୟ ଏହି କେଫେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହିପରି ପରିମଳ ନେଇ ଅସ୍ଥାୟୀ ଶୌଚାଳୟ ଗୁଡିକକୁ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଉପଜିଲ୍ଲାପାଳ ତଥା ପୌରନିର୍ବାହୀ ନିର୍ବହୀ ଅଧିକାରୀ କୁମାରୀ ରେଡ୍ଡି, ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ବିଡିଓ ଶ୍ରୀ ମହାପାତ୍ର, ତହସିଲଦାର ସବ୍ୟସାଚୀ ଜେନା, ପୌରସଂସ୍ଥାର ଅତିରିକ୍ତ ନିର୍ବାହୀ ଅଧିକାରୀ ପୂଜା ରାଉତ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀ ନନ୍ଦ, ପୌରଯନ୍ତ୍ରୀ ଅଜୟ କୁମାର ଜାନୀ, ବ୍ଲକ କନିଷ୍ଠ ଯନ୍ତ୍ରୀ ତରୁଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

> ▶ ଗଡ଼ପଦର ଝରଣା ପର୍ଯ୍ୟଟନସ୍ଥଳୀ ହେବ
> ▶ ଗଣତନ୍ତ୍ର ଦିବସରେ ନୀଳକଣ୍ଠ ସାଗର ଲୋକାର୍ପଣ

## ଚନ୍ଦ୍ରପୁର ମଣ୍ଡଳ ସଭାପତି, ସାଧାରଣ ସମ୍ପାଦକ ମନୋନୀତ



ଚନ୍ଦ୍ରପୁର, ୩।୧(ସମିସ): ରାୟଗଡ଼ା ଜିଲ୍ଲା ଗୁଣୁପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚନ୍ଦ୍ରପୁର ମଣ୍ଡଳ ପାଇଁ ଇତିମଧ୍ୟରେ ଭାରତୀୟ ଜନତା ପାର୍ଟିର ମଣ୍ଡଳ ସଭାପତି ଏବଂ ସାଧାରଣ ସମ୍ପାଦକ ମନୋନୟନ ପ୍ରକ୍ରିୟା ଶେଷ ହୋଇଛି। ଜିଲ୍ଲା ସଭାପତି ଗୋପୀ ଆନନ୍ଦଙ୍କ ପ୍ରସ୍ତାବ ଏବଂ ରାଜ୍ୟ ସଂଗଠନ ମହାମନ୍ତ୍ରୀ ମାନଶ ମହାନ୍ତିଙ୍କ ଅନୁମୋଦନ କ୍ରମେ ସାରିକିମା ଗ୍ରାମ ପଞ୍ଚାୟତର ଯୁବ ସରପଞ୍ଚ ଫକୀର ମୋହନ ଗୁମିଟାଙ୍ଗା ଚନ୍ଦ୍ରପୁର ମଣ୍ଡଳର ସଭାପତି ଓ ସମ୍ଭୁ ଗାଗେରଙ୍ଗା ସାଧାରଣ ସମ୍ପାଦକ ରୂପେ ମନୋନୀତ ହୋଇଥିବାରୁ ଦଳୀୟ କର୍ମୀ ମାନଙ୍କ ମହଲରେ ଉତ୍ସାହ ପ୍ରକାଶ ପାଇଛି। ପୂର୍ବତନ ମଣ୍ଡଳ ସଭାପତି ପ୍ରିୟରଞ୍ଜନ ସାହୁକାର ସୁନାମଣି ପ୍ରାଟୀଙ୍ଗା, ସହଦେବ କୁସୁଲିଆ , ତ୍ରିପତୀ ପାଢୀ, ମନୋଜ କ୍ରିଟାଙ୍ଗା ,ସୁରେନ୍ଦ୍ର ଦିବାକା, ଉଷାରାଣୀ ସାହୁ, ରଥ ଉଲାକା ମୋହନ ବାଗ ,ଗୋପୀନାଥ ଲିମା, ମୋନଜ ଲିମା ପ୍ରସାନ୍ତ ଗଗେରାଙ୍ଗା ପ୍ରମୁଖ ଉଭୟଙ୍କୁ ଅଭିନନ୍ଦନ ଜଣାଇବା ସହ ନୂତନ ପଦାଧିକାରୀଙ୍କ ନେତୃତ୍ୱରେ ସଙ୍ଗଠନ ଆଗକୁ ବଢ଼ିବ ବୋଲି ଦୃଢ ଆଶା ପୋଷଣ କରିଛନ୍ତି।

# ଶହୀଦ ମିନାର ନିର୍ମାଣ ପାଇଁ ସ୍ୱତନ୍ତ୍ର ଗ୍ରାମସଭା



ପାପଡାହାଣ୍ଡି, ୩।୧(ସମିସ): ଆଜି ପାପଡ଼ାହାଣ୍ଡି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଠାରେ ନୂତନ ଶହୀଦ ମିନାର ନିର୍ମାଣ ସକାଶେ ଏକ ସ୍ୱତନ୍ତ୍ର ଗ୍ରାମସଭାର ଆୟୋଜନ କରାଯାଇଥିଲା। ପାପଡାହାଣ୍ଡି ସ୍ଥିତ ଶହୀଦ ମିନାରର ଉନ୍ନତି କରଣ ସକାଶେ ରାଜ୍ୟ ସରକାର ନିକଟରେ ୬ କୋଟି ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି। ଏହି ଅନୁଦାନରେ ଏକ ଭବ୍ୟ ଶହୀଦ ମିନାର ସହିତ ସମ୍ମିଳନୀ କକ୍ଷ, ସହିଦଙ୍କ ପ୍ରତିମୂର୍ତ୍ତି ସ୍ଥାପନା, ଅତିଥି ଭବନ ଆଦି ନିର୍ମାଣ ସକାଶେ ଚୟନ କରାଯାଇଥିବା ବିଭିନ୍ନ ସ୍ଥାନ ମାନଙ୍କ ମଧ୍ୟରୁ ପାପଡାହାଣ୍ଡିରୁ ନବରଙ୍ଗପୁର ରାସ୍ତାର ଆଦିବାସୀ ସଂଗ୍ରହାଳୟ ନିକଟରେ ରହିଥିବା ଜଙ୍ଗଲ ବିଭାଗର ଏକ ବିରାଟ ସ୍ଥାନରେ ନିର୍ମାଣ କରିବା ସକାଶେ ଆଜିର ଗ୍ରାମସଭାରେ ଉପସ୍ଥିତ ସମସ୍ତଙ୍କ ସମର୍ଥନରେ ଅନୁମୋଦନ ଲାଭ କରିଥଲା। ପାପଡାହାଣ୍ଡି ସରପଞ୍ଚ ଚନ୍ଦ୍ରଶେଖର ମାଝୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର ଗ୍ରାମ ସଭାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ କପିଳଦେବ ସାହୁ, ତହସିଲଦାର ତପନ କୁମାର ନାୟକ, ଭାରପ୍ରାପ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଘାସିରାମ ହରିଜନ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ତ୍ରିନାଥ ପ୍ରଧାନ, ଜିପିଓ ଅକ୍ଷୟ ପଟ୍ଟନାୟକ, ଫରେଷ୍ଟର ଗୋବିନ୍ଦ ନାୟକ, ପିଇଓ ମଙ୍ଗଳୁ ଭତରା, ୱାର୍ଡ ସଭ୍ୟ ଗଙ୍ଗାଧର ନାୟକ ଏବଂ ବିମଳା ପାତ୍ର, ବରିଷ୍ଠ ବିଜେପି ନେତା ହରିମୋହନ ଶର୍ମା, ପାପଡାହାଣ୍ଡି ବିଜେପି ମଣ୍ଡଳ ସଭାପତି ମନୋଜ ଅଗ୍ରୱାଲ, ଜି. ଅନନ୍ତ ମୂର୍ତ୍ତି, ନାରାୟଣ ଚନ୍ଦ୍ର ଗୁରୁ, ଦୀନବନ୍ଧୁ ବିଶୋଇ,ତ୍ରିନାଥ ଅମନାତ୍ୟ, ଦାମୋଦର ପ୍ରଧାନ, ରାଜକିଶୋର ରାଓ,ଜିତେନ୍ଦ୍ର ଗୌଡ଼, ପ୍ରଦୀପ ମାଦଳା,ବାସୁ ଦିଶାରୀ, ଈଶ୍ୱର ମାଝୀ, ପ୍ରତାପ ସାହୁଙ୍କ ସମେତ ବହୁତ ସଂଖ୍ୟାରେ ଗ୍ରାମବାସୀ ଯୋଗଦେଇ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।

# ଦୁଇ ପାଥୋଲୋଜି, ଔଷଧ ଦୋକାନ ଉପରେ ଚଢ଼ଉ




ଗୁଡାରି, ୩।୧(ସମିସ): ପୁଣି ଥରେ ଗୁଡାରୀ ପାଥୋଲୋଜି ଉପରେ ଚଢ଼ଉ କରିଛନ୍ତି ଗୁଣପୁର ଉପ ଜିଲ୍ଲାପାଳ ଦୁଦ୍ୱାଲ ଅଭିଶେକ ଦିଲିପ। ସୂଚନା ମୁତାବକ ପରିଷଦର ଶ୍ରୀନିବାସ ମେଡିକାଲ ଷ୍ଟୋର ମାନିକାଣ୍ଠା ମେଡିକାଲ ଷ୍ଟୋର ପରିସରରେ ବେନିୟମ ଭାବେ କ୍ଲିନିକ୍ ଚାଲିଥିବା ଗୁଡାରୀର କିଛି ବ୍ୟକ୍ତି ବିଶେଷ ଉପଜିଲ୍ଲାପାଳଙ୍କ ଜନଶୁଣାଣି ମାଧ୍ୟମରେ ଜଣାଇଥିଲେ। ଏହାକୁ ନେଇ ଗୁଣପୁର ଉପଜିଲ୍ଲାପାଳ ଗତ ଶୁକ୍ରବାର ଦିନ କୌଣସି କାମରେ ଚନ୍ଦ୍ରପୁର ବ୍ଲକ୍ ଗସ୍ତରେ ଯାଇ ଫେରିବା ପରେ ହଠାତ୍ ଏହି ଦୁଇ ମେଡିକାଲ ଷ୍ଟୋର ତନଖି କରିଥିଲେ । ଶନିବାର ଦିନ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶନୁସାରେ ଗୁଡାରୀ ତହସିଲଦାର ଏମ. ସ୍ନେହଲତା ଗୁଡାରୀ ଥାନା ଏସ୍‌ଆଇ ସଞ୍ଜୟ ଛତ୍ର, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରୁ ପି.କେ. ମିଶ୍ର (ଡିଏମଓଏମଏସ) ଆମ୍ବିକା ପତି (ଏଏମଏଲଆଇଏସ୍) ଅହୋଲିୟା ରଥ (ଷ୍ଟେନୋ ଗ୍ରାଫର) ଗୁଡାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାଗତ ସ୍ୱାଇଁ(ଏମ୍‌ଓ)ଙ୍କ ଉପସ୍ଥିତିରେ ପ୍ରଥମେ ମାନିକାଣ୍ଠା ମେଡିକାଲ ଷ୍ଟୋର ଉପର ରୁମ୍‌ରେ ସମସ୍ତ ତନଖି କରିବା ପରେ ପ୍ରାୟ ୨ ଘଣ୍ଟା ଧରି ଷ୍ଟୋର ସମସ୍ତ ନଥିପତ୍ର ତନ ତନ କରି ଯାଞ୍ଚ କରିଥିଲେ। ଏହାକୁ ନେଇ ଜିଲ୍ଲାର ପି.କେ. ମିଶ୍ର (ଡିଏମଓଏମଏସ)ଙ୍କୁ ପଚାରି ବୁଝିବାରୁ ସେ କହିଲେ ଗୁଣପୁର ଉପ ଜିଲ୍ଲାପାଳ ଏବଂ ଉପଖଣ୍ଡ ସ୍ୱାସ୍ଥ୍ୟ ବିଭାଗର ସିଡିଏମ୍‌ଓଙ୍କ ତତ୍ତ୍ୱାବଧାନରେ ଆସି ତନଖି କରାଯାଇଛି। କିନ୍ତୁ କ୍ଲିନିକ୍‌କୁ ନେଇ କୌଣସି ତଥ୍ୟ ମିଳିନ। ମେଡିକାଲ ଷ୍ଟୋରର ସମସ୍ତ ନଥିପତ୍ର ଯାଞ୍ଚ କରିଛୁ । ସେ ସବୁ ଡ୍ରଗ୍ ଇନିସ୍ପେକଟରଙ୍କ ପାଖକୁ ପଠାଇବୁ। ସଠିକ୍ ଥିଲେ ମେଡିକାଲ ଷ୍ଟୋର ଖୋଲି ପାରିବେ। ନଚେତ ବନ୍ଦ କରିବୁ ବୋଲି କହିଛନ୍ତ। ଅନ୍ୟ ପଟେ ଶ୍ରୀନିବାସ ମେଡିକାଲ୍ ଷ୍ଟୋର ସମ୍ପୂର୍ଣ୍ଣ ବନ୍ଦ ଥିବାଯୋଗୁଁ ସେ ବିଷୟକୁ ନେଇ ଶ୍ରୀ ମିଶ୍ର କହିଛନ୍ତି, ତାଙ୍କର କ୍ଲିନିକ୍ ଗତ ଶୁକ୍ରବାର ଦିନ ଚଢଉ ସମୟରେ ଉପଜିଲ୍ଲାପାଳ, ଗୁଡାରୀ ତହସିଲଦାର ସିଲ୍ କରିଛନ୍ତି। ଷ୍ଟୋର କାଗଜପତ୍ର ତନଖି କରିବା ପାଇଁ ଚେଷ୍ଟା କରିଥିଲୁ । କିନ୍ତୁ ଦୋକାନଟି ସମ୍ପୂର୍ଣ୍ଣ ବନ୍ଦ ଥିବା ଯୋଗୁଁ ଦୁଇଟି ଜାଗାରେ ତାଲା ପକା ଯାଇଛି। ଦୋକାନ ମାଲିକଙ୍କୁ ୭ ଦିନ ଭିତରେ ନୋଟିସ୍ କରାଯିବ ପରେ ଷ୍ଟୋର ମାଲିକ ଉପସ୍ଥିତିରେ ସମସ୍ତର ଡ୍ରଗ୍ ଲାଇସେନ୍‌ସ, ଅନ୍ୟାନ୍ୟ କାଗଜପତ୍ର ତନଖି କରାଯିବ । ଠିକ୍ ଥିଲେ ସେ ମଧ୍ୟ ଖୋଲିପାରିବେ ବୋଲି କହିଛନ୍ତି। ବାରମ୍ବାର କ୍ଲିନିକ୍ ଉପରେ ଚଢ଼ଉକୁ ନେଇ ସହରବାସୀ ଖୁସି ବ୍ୟକ୍ତ କରିଛନ୍ତି । ଅନ୍ୟପଟେ ସ୍ୱାସ୍ଥ୍ୟ ବିଭାଗର ଏହି ଚଢ଼ଉ ପ୍ରକ୍ରିୟା ଜାରି ରଖିବା ଉଚିତ। ନଚେତ ସହରରେ ବିନା କାଗଜପତ୍ରରେ ଚାଲୁଥିବା କ୍ଲିନିକ୍‌ରେ କେଉଁ ରୋଗୀର କେତେବେଳେ ଜୀବନ ଚାଲିଯିବ କେହି କହିପାରିବେ ନାହିଁ ବୋଲି କୁହାଯାଉଛି।

ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଚିହ୍ନଟ

# ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅପହଞ୍ଚ ୩୧୬ ଗ୍ରାମ

**ଭବାନୀପାଟଣା, ୩।୧(ସମିସ)**

କଳାହାଣ୍ଡି ଭୌଗଳିକ ଦୃଷ୍ଟିରୁ ବିସ୍ତୀର୍ଣ୍ଣ ଘଞ୍ଚ ଅରଣ୍ୟ, ସୁବିସ୍ତୃତ ପାର୍ବତ୍ୟାଞ୍ଚଳ ସହିତ ନଦୀ, ଝରଣା ଏବଂ ମୂଲ୍ୟବାନ ଖଣିଜ ପଦାର୍ଥରେ ଭରପୁର। ଏହିପରି ଏକ ଜିଲ୍ଲାର ସ୍ୱାସ୍ଥ୍ୟସେବା ପ୍ରତି ଦୃଷ୍ଟି ଦେବାବେଳେ ମନ ମରିଯାଏ। ଅନ୍ୟ ସବୁ ଦିଗରୁ ବିକାଶର କଥାକୁ ନେଇ ଚିନ୍ତାକଲେ ସ୍ୱାସ୍ଥ୍ୟସେବା ଏବେ ବି ଠିକଣା ବାଟରେ ଯିବା ଦେଖା ଯାଉନାହିଁ। କଳାହାଣ୍ଡି ଜିଲ୍ଲାକୁ ଆକାଂକ୍ଷୀ ଜିଲ୍ଲାରୂପେ ସରକାର ଚୟନ କରିଛନ୍ତି। ତେବେ ପଛୁଆ ଅଞ୍ଚଳର ସାମୂହିକ ବିକାଶ ସହିତ ଲୋକମାନଙ୍କ ଖାଦ୍ୟ ସୁରକ୍ଷା, ପରିବହନ ବ୍ୟବସ୍ଥାର ଉନ୍ନତି ଓ ଶିକ୍ଷା, ବିଦ୍ୟୁତ, ପିଇବା ପାଣି ତଥା ସ୍ୱାସ୍ଥ୍ୟସେବାର ବିକାଶ ହିଁ ସଫଳତାର ଚାବିକାଠି ବୋଲି କୁହାଯାଇପାରେ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହି କି ଯେ କଳାହାଣ୍ଡି ଜିଲ୍ଲାରେ ବର୍ତ୍ତମାନ ମଧ୍ୟ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅପହଞ୍ଚ ଇଲାକାରେ ରହିଯାଇଛି ୩୧୬ଗ୍ରାମ। ସ୍ୱାସ୍ଥ୍ୟ ବିଭାଗ ସେବା ଯୋଗାଇବାରେ ସବୁଠାରୁ କଷ୍ଟସାଧ୍ୟ ଗ୍ରାମରୂପେ ଚିହ୍ନଟ କରିଛି। ଭବାନୀପାଟଣା ସଦର ବ୍ଲକର ୩୧ଟି, ଜୟପାଟଣା ୧୯ଟି, ଜୁନାଗଡ଼ ୧୭ଟି, କଲମପୁର ୧୦ଟି, କର୍ଲାମୁଣ୍ଡା ବ୍ଲକରେ ୨ଟି, କୋକସରା ୭ଟି, ଲାଞ୍ଜିଗଡ଼ ବ୍ଲକରେ ସର୍ବାଧିକ ୯୭ଟି ଗ୍ରାମ, ଏମ ରାମପୁର ବ୍ଲକ ୫୮ଟି ଏବଂ ଶେଷରେ ଥୁଆମୂଳ ରାମପୁର ବ୍ଲକରେ ୭୫ଟି ଗ୍ରାମ ସ୍ୱାସ୍ଥ୍ୟ ଜନିତ କାରଣରୁ





ବହୁବିଧ ସମସ୍ୟାକୁ ସାମ୍ନା କରିବାକୁ ପଡୁଛି। ପରିବହନ ବ୍ୟବସ୍ଥା ନଥିବାରୁ ବେଳେବେଳେ 'ବାଇକ ଆମ୍ବୁଲାନ୍ସ' ଦ୍ୱାରା ସେବା ପାଇବାର ସୁଯୋଗ ମିଳିଥାଏ। ବାଇକ୍ ଆମ୍ବୁଲାନ୍ସ ଦ୍ୱାରା ସ୍ୱାସ୍ଥ୍ୟସେବାର ପରିକଳ୍ପନା ନବୀନ ସରକାରଙ୍କ କାଳରେ ସମ୍ଭବ ହୋଇପାରିଥିଲା। କିନ୍ତୁ ବାଇକ ଆମ୍ବୁଲାନ୍ସ ଜରିଆରେ ମାତ୍ର ୫୬୫୭ ଜଣ ସେବା ପାଇବାର ଲକ୍ଷ୍ୟ ରଖାଯାଇଛି। ଥୁଆମୂଳ ରାମପୁର ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ୧୭୩୪ ଜଣ, ଥୁଆମୂଳ ରାମପୁର ସାଇସୁରନି ଅଞ୍ଚଳରେ ୨୦୬୪ଜଣ, ଲାଞ୍ଜିଗଡ଼ ବ୍ଲକର ବଙ୍କାକୁଣ୍ଡରୁରେ ୭୦୨ଜଣ ଏବଂ ବିଶ୍ୱନାଥପୁର ଅଞ୍ଚଳରେ ୫୩୮ଜଣ ଶେଷରେ ଏମ୍ ରାମପୁର ଅଞ୍ଚଳର ୬୧୯ଜଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାରେ

## ବୋଟ୍-ବାଇକ ଆମ୍ବୁଲାନ୍ସ ହିଁ ସାହା ଭରସା

ଏହିପରି ୫ଟି ବାଇକ୍ ଆମ୍ବୁଲାନ୍ସ ଜିଲ୍ଲାରେ କାର୍ଯ୍ୟ କରୁଛି ବୋଲି ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ସୂଚନା ମିଳିଛି। ଆଶା କର୍ମୀ ଏବଂ ସ୍ୱାସ୍ଥ୍ୟ କର୍ମୀ ଘରଘର ବୁଲି ସେବାମୂଳକ ସମସ୍ତ କାର୍ଯ୍ୟ କରୁଥିବା ସହିତ ଜନନୀ ଏକ୍ସପ୍ରେସ (୧୦୮) କେତେକ ଗାଁକୁ ଯାଉଥିବା କୁହାଯାଉଛି। ତେବେ ବର୍ଷା ଦିନରେ ଏହି ସମସ୍ତ ସୁବିଧା ପାଇବା ଅସମ୍ଭବ ହୋଇପଡୁଛି। ସାଧାରଣ ଜୀବନ ଜିଇଁବା ଲାଗି ଡଙ୍ଗା ଉପରେ ଭରସା କରିବାକୁ ପଡୁଛି। ସ୍ୱାସ୍ଥ୍ୟ ଜନିତ ସମସ୍ୟା ପାଇଁ ଗୋଟିଏ ବୋଟ ଆମ୍ବୁଲାନ୍ସ ବ୍ୟବସ୍ଥା ରହିଛି। ତାହା କେବଳ ଆପାତକାଳୀନ ସେବାରେ ସାହାଯ୍ୟରେ ଆସିଥାଏ। ବୋଟ ଆମ୍ବୁଲାନ୍ସ ଉପରେ ଗୁରୁତର ରୋଗୀ ଭରସା କରି ରହିଲେ ଜୀବନ କେତେବେଳେ ଚାଲିଯିବ ତାହା ବି କହିହେବନି। ବୁଡି ଅଞ୍ଚଳରେ ଥିବା ୧୭ଟି ଗ୍ରାମର ଅଧିବାସୀଙ୍କୁ ନିରବଚ୍ଛିନ୍ନ ସ୍ୱାସ୍ଥ୍ୟସେବା ପାଇବା ସ୍ୱପ୍ନ ହୋଇ ରହିଆସିଛି। ଜୀବନ ଜିଇଁବା ପାଇଁ ଜୀବନ ରେଖା ପାଲଟିଥିବା 'ଡଙ୍ଗା'। ଗୋଟିଏ ଓଳି ଖାଇଲେ ଅନ୍ୟ ଓଳି ପାଇଁ ଚିନ୍ତା କରିବାକୁ ପଡେ। ଅଶୋଧିତ ପାଣି ବ୍ୟବହାର କରି ବଞ୍ଚିବାକୁ ହୁଏ। ଶୁଣି ପାରୁନାହାନ୍ତି କେହି ଇନ୍ଦ୍ରାବତୀ ଜଳବନ୍ଦୀ ଅଞ୍ଚଳରେ ରହୁଥିବା ୧୭ଖଣ୍ଡ ଗାଁରେ ବସବାସ କରୁଥିବା ଲୋକମାନଙ୍କ କ୍ଷୋଭର ନିଶବ୍ଦ ଯନ୍ତ୍ରଣାର ଚିତ୍କାର। ଇନ୍ଦ୍ରାବତୀ ଜଳଭଣ୍ଡାର ବିଚ୍ଛିନ୍ନାଞ୍ଚଳବାସୀଙ୍କ ପରସ୍ତ ପରସ୍ତ ଦୁଃଖ ଭିତରୁ ସ୍ୱାସ୍ଥସେବା ଅନ୍ୟତମ। ମୋବାଇଲ ହେଲଥ୍ ୟୁନିଟ ଉଚିତ ସେବା ଦେବା ପାଇଁ କାମରେ ଆସୁନାହିଁ ବୋଲି ବାରମ୍ବାର ଅଭିଯୋଗ ଶୁଣିବାକୁ ମିଳୁଛି। ଜିଲ୍ଲାରେ ଡାକ୍ତର ଅଭାବ ଏକ ସମସ୍ୟା ହୋଇଥିଲେ ହେଁ ଯେଉଁମାନେ ସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱ ସମ୍ଭାଳୁଛନ୍ତି ଏଥିରେ ମଧ୍ୟ ନିଷ୍ଠା ରହୁନାହିଁ। ଗତ ବିଜୁ ଜନତା ଦଳ ସରକାର ସମୟରେ ଜିଲ୍ଲାରେ ସହିଦ ରେଣ୍ଡୋ ମାଝୀ ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି। ଜିଲ୍ଲାବାସୀ ଭାବୁଥିଲେ ଡବଲ ଇଞ୍ଜିନ ସରକାର ସ୍ୱାସ୍ଥ୍ୟ ସମସ୍ୟାକୁ ସୁଧାରିବେ। ଡାକ୍ତର ନାହାନ୍ତି ତେଣୁ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟିହେଲେ ଜିଲ୍ଲା ତଥା ରାଜ୍ୟ ବାହାରକୁ ଯାଇ ଚିକିତ୍ସା ହେବାକୁ ବାଧ୍ୟ ହେଉଛନ୍ତି। ଜିଲ୍ଲାରେ ସ୍ୱାସ୍ଥ୍ୟସେବା ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ ସତ୍ତ୍ୱେ ଶିଶୁ ମୃତ୍ୟୁ ଏବଂ ମାଲେରିଆ ରୋଗ ବୃଦ୍ଧିରେ ରୋକ ଲାଗିପାରୁନାହିଁ। ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଆକାଂକ୍ଷା ଜିଲ୍ଲା କଳାହାଣ୍ଡି ପ୍ରତି ଦୃଷ୍ଟି ଦେବାକୁ ଜନ ସାଧାରଣ ଦାବି କରିଛନ୍ତି।

# ମଣ୍ଡିରେ ବିଭିନ୍ନ ସମସ୍ୟା ନେଇ ଆଲୋଚନା

**କେସିଙ୍ଗା, ୩।୧(ସମିସ):** ଭାରତୀୟ ମଜଦୂର ସଂଘ ପକ୍ଷରୁ କେସିଙ୍ଗା ବ୍ଲକ ବେଲଖଣ୍ଡି ଶିବମନ୍ଦିର ପରିସରରେ ମଣ୍ଡି ହେମାଲ ମାନଙ୍କର ବିଭିନ୍ନ ସମସ୍ୟା ଓ ତାହାର ସମାଧାନ କିପରି ହେବ ସେହି ବିଷୟରେ ଏକ ସଭା ଅନୁଷ୍ଠିତ କରାଯାଇ ସମସ୍ତ ବିଷୟ ଉପରେ ଆଲୋଚନା ହୋଇଥିଲା। ଧାନ ମଣ୍ଡିରେ କାର୍ଯ୍ୟ କରୁଥିବା ହେମାଲ୍‌ମାନଙ୍କୁ ଉଚିତ୍ ପ୍ରାପ୍ୟ, ବାକେୟା ରହିଥିବା ପୁରୁଣା ଏରିୟର, ହେମାଲ ମାନକର ଡ୍ରେସ୍ କୋଡ ଇନ୍‌ସ୍ୟୁରାନ୍ସ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ଏଥିରେ ନର୍ଲା, ମଦନପୁର ରାମପୁର, କର୍ଲାମୁଣ୍ଡା ର ମଣ୍ଡି ହେମାଲମାନେ ଯୋଗ ଦେଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବରେ କଳାହାଣ୍ଡି ମଣ୍ଡି ହେମାଲ ସଂଘ ସଭାପତି ସୁରେନ୍ଦ୍ର ମୋହନ କର ଯୋଗଦେଇ ଥିବାବେଳେ ଓଡ଼ିଶା କୋଠାବାଡ଼ି ନିର୍ମାଣ ସଂଘ ସଭାପତି ଭବାନୀଶଙ୍କର ରାଉତ, ବିସ୍ୱକର୍ମା ନିର୍ମାଣ ମଜଦୂର ସଂଘର ସମ୍ପାଦକ ନବୀନ ଛତ୍ରିଆ, ଭାରତୀୟ ମଜଦୂର ସଂଘ ଜିଲ୍ଲା ସମ୍ପାଦକ ଲୋଚନ ସାହୁ ଓ ଭାରତୀୟ ମଜଦୂର ସଂଘ କେସିଙ୍ଗା ସଭାପତି ହୃଦାନନ୍ଦ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ପଶ୍ଚିମ ଓଡ଼ିଶାରେ ଛେରଛେରା ପାଳିତ



**ଭବାନୀପାଟଣା, ୩।୧(ସମିସ):** ପଶ୍ଚିମ ଓଡ଼ିଶାର ନୂଆଁଖାଇକୁ ଛାଡିଦେଲେ ଆଉ ଏକ କୃଷିଭିତ୍ତିକ ପର୍ବ ହେଉଛି ପୁଷ ପୁର୍ଣ୍ଣିମା। ଏହାକୁ ଏଠାକାର ଆଞ୍ଚଳିକ ଭାଷାରେ ପୁଷପୁନି କହିଥାନ୍ତି। ଗାଁରୁ ସହର ଯାଏଁ ବିଶେଷ କରି ଛୋଟ ଛୋଟ ପିଲାମାନେ ଏକ ବାଡ଼ି ଓ ବ୍ୟାଗ ଧରି ଘରଘର ବୁଲି ଟଙ୍କା ଚାଉଳ ଓ ପନିପରିବା ସଂଗ୍ରହ କରିଥାନ୍ତି। ଛୋଟଛୋଟ ପିଲାମାନେ ଘରଘର ବୁଲି ଛେର ଛେରା ବା ପୁଷପୁନି ପର୍ବ ପାଳନ କରୁଥିବାବେଳେ ବୟୋଜ୍ୟେଷ୍ଠ ମାନଙ୍କୁ ବ୍ୟଙ୍ଗାତ୍ମକ ଢଗ ମାଧ୍ୟମରେ ଏହି ପର୍ବର ମଜା ନେଉଥିବା ସକାଳୁ ସକାଳୁ ଦେଖିବାକୁ ମିଳିଥାଏ। ପୌଷମାସ ପୁର୍ଣ୍ଣିମାକୁ ପଶ୍ଚିମ ଓଡ଼ିଶାରେ ପୁଷପୁନି ଭାବେ ପାଳନ କରାଯାଉଥିବାବେଳେ ଏହା ଏକ କୃଷିଭିତ୍ତିକ ପର୍ବ ହୋଇଥିବାରୁ ଗାଁରୁ ସହର ସବୁଠି ଏହାର ମହକ ଦେଖିବାକୁ ମିଳିଥାଏ। ଏହି ମାସରେ କୃଷକ ପରିବାରମାନେ ବର୍ଷ ଯାକର ସମସ୍ତ ଚାଷ କାର୍ଯ୍ୟ ସରିଯାଇଥିବାରୁ ଏହି ଦିନରେ ମଜମଉଲିସ କରିଥାନ୍ତି।

# ଏସଆଇଓଏସ୍ ଓ ଏନ୍‌ଆଇଓଏସ୍ ନାମଲେଖା ଶିବିର

**କୋକସରା, ୩।୧(ସମିସ):** କଳାହାଣ୍ଡି ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କୋକସରା ଗୋଷ୍ଠୀ ଶିକ୍ଷାଧିକାରୀ ମହେଶ କୁମାର ଭାତିଙ୍କ ନେତୃତ୍ୱରେ କୋକସରା ଜବାହର ଉଚ୍ଚ ବିଦ୍ୟାଳୟଠାରେ ଏସଆଇଓଏସ୍ ଓ ଏନ୍‌ଆଇଓଏସ୍ ମେଗା ଏଡିମିଶନ କ୍ୟାମ୍ପ ଅନୁଷ୍ଠିତ ହୋଇଛି। ଏହି କ୍ୟାମ୍ପରେ କୋକସରା ବ୍ଲକ ଯେଉଁ ଛାତ୍ର ଛାତ୍ରୀମାନେ ଦଶମ ଫେଲ ହୋଇଥିବା (ଏସଆଇଓଏସ) ଓ ୧୦ମ ପାସ୍ କରି ରହିଥିବା ଛାତ୍ରଛାତ୍ରୀ ପାଇଁ (ଏନଆଇଓଏସ ) ୧୦ମ ପାସ୍ କିମ୍ବା ୧୦ ଫେଲ ହୋଇ ଡ୍ରପ୍‌ଆଉଟ ହେଇଥିଲେ କିମ୍ବା କୌଣସି କାରଣରୁ ନାମ ଲେଖାଇ ପାରୁନ ଥିଲେ ସେମାନଙ୍କୁ ଦେୟମୁକ୍ତ ଭାବେ ନାମ ଲେଖିବା ପାଇଁ ଏହି କ୍ୟାମ୍ପ ଆୟୋଜିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜବାହର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଧୀର କୁମାର ପଣ୍ଡା, ଏବିଓ ତୋଫାନ ମାଝୀ, ସମସ୍ତ ସିଆରସିସି ଓ ବିଭିନ୍ନ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ମ.ରାମପୁର ଥାନା ଏଏସ୍‌ଆଇଙ୍କ ଦେହାନ୍ତ



**ମ.ରାମପୁର, ୩।୧(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ଥାନରେ କାର୍ଯ୍ୟରତ ଏଏସ୍‌ଆଇ ବଳରାମ ଜାନୀଙ୍କ ୫୩ ବର୍ଷ ବୟସରେ ଶନିବାର ମୃତ୍ୟୁ ଘଟିଛି। ଗତ କିଛିଦିନ ତଳେ ତାଙ୍କ ଦେହ ଅସୁସ୍ଥ ହୋଇଥିବାରୁ ମ.ରାମପୁର ହସ୍ପିଟାଲ ଠାରେ ଚିକିତ୍ସା ହୋଇଥିଲେ। ହେଲେ ନିଜ ଗାଁ ନବରଙ୍ଗପୁର ଜିଲ୍ଲା ଏମ୍ ପାତ୍ର ପୁଟ ଅଞ୍ଚଳ ଗୁମାକୁ ଯାଇଥିଲେ। ହେଲେ ସେଠାରେ ପୁଣି ସେ ଅସୁସ୍ଥ ଅନୁଭବ କରିବାବାରୁ ନବରଙ୍ଗପୁରର ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ତାଙ୍କର ମୃତ୍ୟୁରେ ମ. ରାମପୁର ଥାନା ସହିତ ମ.ରାମପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଜନ୍ମେଜୟ ପାତ୍ରଙ୍କ ପରଲୋକ

**ଧର୍ମଗଡ଼, ୩।୧(ସମିସ):** ଧର୍ମଗଡ଼ ଅଞ୍ଚଳର ସମସ୍ତଙ୍କର ପ୍ରିୟ ପୂର୍ବତନ ପ୍ରଧାନ ଶିକ୍ଷକ, ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଅଞ୍ଚଳର ବିଶିଷ୍ଟ ସାହିତ୍ୟିକ ଜନ୍ମେଜୟ ପାତ୍ରଙ୍କ ୮୬ ବର୍ଷ ବୟସରେ ତାଙ୍କ ଧର୍ମଗଡ଼ ସ୍ଥିତ ବାସଭବନରେ ପରଲୋକ ଘଟିଛି। ସେ ଅସୁସ୍ଥତା ହେତୁ ରାୟପୁରସ୍ଥିତ ଏକ ଘରୋଇ ହସ୍ପିଟାଲ ରେ



ଚିକିତ୍ସିତ ହେଉଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଏକମାତ୍ର ପୁତ୍ର ଅଧ୍ୟାପକ ଲିଙ୍ଗରାଜ ପାତ୍ର, ପୁତ୍ର ବଧୂ, ଝିଅ ଜ୍ୱାଇଁ, ନାତି ନାତୁଣୀ, ସାନ ଭାଇ ବରିଷ୍ଠ ଆଇନଜୀବୀ ଧନଞ୍ଜୟ ପାତ୍ର ତଥା ଅନ୍ୟାନ୍ୟ ପରିବାର ର ସଦସ୍ୟ ଓ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ। ପ୍ରତାପ କିଶୋର ମୁଣ୍ଡ, ଶିକ୍ଷାବିତ ସତ୍ୟ ନାରାୟଣ ପାତ୍ର, କୃଷ୍ଣଚନ୍ଦ୍ର ପାତ୍ର, ହିମାଂଶୁ ଶେଖର ମୁଣ୍ଡ, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ଶିକ୍ଷାବିତ ସତ୍ୟ ପଟ୍ଟନାୟକ, ଆଚାର୍ଯ୍ୟ ହୃଷିକେଶ ମିଶ୍ର, ଆଇନଜୀବୀ, ଚିନ୍ତାମଣି ପାତ୍ର, ଚନ୍ଦ୍ର ପଟ୍ଟଯୋଶୀ, ତୁଷାର ରଞ୍ଜନ ପଟ୍ଟଯୋଶୀ, ଅଶୋକ କୁମାର ମହାନ୍ତି, ସରକାରୀ ଓକିଲ ରାଜେନ୍ଦ୍ର ମୁନି, ବରିଷ୍ଠ ସାମ୍ବାଦିକ ବିଦ୍ୟାଧର ସାହୁ, ବିଷ୍ଣୁ ପ୍ରସାଦ ଅଗ୍ରୱାଲ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଶୋକ ବ୍ୟକ୍ତ କରି ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

# ପାଣିପକ୍ଷ ପାଳନ ପାଇଁ ବିଭିନ୍ନ ପ୍ରତିଯୋଗିତା

**କଲମପୁର, ୩।୧(ସମିସ):** ଆସନ୍ତା ପାଣି ପକ୍ଷ ପାଳନ ନିମନ୍ତେ ଇନ୍ଦ୍ରାବତୀ ଜଳବିଦ୍ୟୁତ ପ୍ରକଳ୍ପ ପକ୍ଷରୁ କଲମପୁର ଦୁର୍ଗାମାଧବ ହାଇସ୍କୁଲରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲମପୁର ବ୍ଲକ ଅଞ୍ଚଳରୁ ୪୧ ଜଣ ଓ ଥୁଆମୂଳ ରାମପୁର ବ୍ଲକ ଅଞ୍ଚଳରୁ ୧୪ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଚାରୋଟି ପ୍ରସଙ୍ଗରେ ପ୍ରତିଯୋଗିତା ହୋଇଥିଲା। ରଚନା ବା ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମସ୍ଥାନ ଅଧିକାର କରିଥିଲେ ଭବ୍ୟସାଗର ରଣା, ଦିତୀୟ ସ୍ଥାନ ପାୟଲ ମେହେର, ତୃତୀୟ ସ୍ଥାନ ପ୍ରମୋଦ ନାଏକ, ବକ୍ତୃତାରେ ପ୍ରଥମ ସ୍ଥାନ ଜିନୁ ନାଏକ, ଦିତୀୟ ଦୀପ୍ତିମୟୀ ନାଏକ, ତୃତୀୟ ହୋଇଥିଲେ ତେଜସ୍ୱନୀ ନାୟକ। ସେହିପରି ଚିତ୍ରାଙ୍କନରେ ପ୍ରଥମ ତୁଷାର ମାଝୀ, ଦ୍ୱିତୀୟ ବନିତା ଶବର, ତୃତୀୟ ହୋଇଥିଲେ ମଡିଆ ମାଝୀ। କ୍ୟୁଇଜ ପ୍ରତିଯୋଗିତାରେ ପ୍ରଥମ ଲୁପିନ ବାଗ, ଦ୍ୱିତୀୟ ମୋହନ ଚରଣ ନାଏକ ଓ ତୃତୀୟ ଝରଣା ଛତ୍ରପାଳ। ପ୍ରବନ୍ଧ ପାଇଁ ଦେବେନ୍ଦ୍ର ନାଏକ, ସୁକାନ୍ତ ଗଉଡ, ବକ୍ତୃତା ପାଇଁ ଅଦିତି ଆଚାରୀ, ଶ୍ରୀନିବାସ ରାଉତ, ଚିତ୍ରାଙ୍କନ ପାଇଁ ଟିକୁନ୍ତଳା ଦୁର୍ଗା କ୍ୟୁଇଜ ପାଇଁ ପ୍ରେମ ସାଗର ମେହେର, ଚୁଡ଼ାମଣି ଭୋଇ, ସମାପିକା ବେହେରା ବିଚାରପତି ଦାୟିତ୍ୱ ନିର୍ବାହ କରିଥିବାବେଳେ ଅଶ୍ୱିନୀ କୁମାର ମୁଣ୍ଡ ପରିଚାଳନା କରିଥିଲେ। ନୋଡାଲ ଅଧିକାରୀ ଭାବରେ ଜୁନାଗଡ଼ ଆରସିଡି-୪ ଉପଖଣ୍ଡ ଅଧିକାରୀ ଲକ୍ଷ୍ମଣ କୁମାର ସେଠୀ, ସହକାରୀ ଯନ୍ତ୍ରୀ ଶିଶିର ପଣ୍ଡା, ସହକାରୀ ଯନ୍ତ୍ରୀ ବିରେନ ପଣ୍ଡା, କଲମପୁର ଆରସିଡି -୨ ର ସହକାରୀ ଯନ୍ତ୍ରୀ କଳାକାର ବାଗ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ମାସିକ ପଠନ କାର୍ଯ୍ୟକ୍ରମ ଉଦ୍‌ଘାଟିତ



**ନୂଆପଡ଼ା, ୩।୧(ସମିସ):** ନୂଆପଡ଼ା ଜିଲ୍ଲା ସଦର ମହକୁମାସ୍ଥିତ ଜିଲ୍ଲା ପାଠାଗାରଠାରେ ଜିଲ୍ଲାସ୍ତରୀୟ ମାସିକ ପଠନ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ମୂଳଉଦ୍ଦେଶ୍ୟ ଜନସାଧାରଣ ତଥା ବିଭିନ୍ନ ବର୍ଗର କର୍ମଚାରୀମାନଙ୍କ ମଧ୍ୟରେ ପୁସ୍ତକ ପଠନ ତଥା ପାଠାଗାର ଆନ୍ଦୋଳନକୁ ଉଦ୍‌ଜୀବିତ କରିବା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, ବିନୟ ତିୱାରୀ ଓ ଜନ ସାଧାରଣ ବର୍ଗରେ ସ୍ଥାନୀୟ ବାସିନ୍ଦା ଓମ୍ ପ୍ରକାଶ ପ୍ରଧାନଙ୍କୁ ପାଠାଗାରରେ ସର୍ବାଧିକ ସମୟ ପୁସ୍ତକ ପଠନରେ ବିତାଇଥିବାରୁ ପ୍ରଶସ୍ତି ପତ୍ର ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁବାସ ଚନ୍ଦ୍ର ରଇତ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ପ୍ରଫୁଲ୍ଲ କୁଜୁର, ଉପ ଜିଲ୍ଲାପାଳ ସୁର୍ମି ସୋରେନ ଓ ଅନେକ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦାନ କରିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ କୁମାର ମହରା ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ବଢେଇ ପରିଚାଳନା କରିଥିଲେ। ସହକାରୀ ଜିଲ୍ଲାପାଳ କୁରୁକ୍ଷେତ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ସାବିତ୍ରୀ ବାଈ ଫୁଲେଙ୍କ ଜୟନ୍ତୀ

**କୋକସରା, ୩।୧(ସମିସ):** ଶିକ୍ଷାର ଦେବୀ ମା ସାବିତ୍ରୀ ବାଇ ଫୁଲେଙ୍କ ୧୯୫ ତମ ଜୟନ୍ତୀ କୋକସରା ବ୍ଲକ କୁଲେରଗୁଡା ସୋରିପଡ଼ା ଠାରେ ପାଳିତ ହୋଇଛି। ମାତା ସାବିତ୍ରୀ ବାଇ ଫୁଲେ ସଂଗଠନ, ମୂଳନିବାସୀ ବହୁଜନ ମିଳିତ ମହାସଂଘ, ମହିଳା ଶାଖା ଓ କମଶ୍ୟନିଟି ସପୋର୍ଟ ଷ୍ଟାଫ କୋକସରା ବ୍ଲକ ତରଫରୁ ମହିଳା ନେତ୍ରୀ ରମଣୀ ଦୁରିଆଙ୍କ ନେତୃତ୍ୱରେ



ପରିଚାଳିତ ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିଲେ। ଅବସରପ୍ରାପ୍ତ ପ୍ରିନ୍ସପାଲ ଛବିଲାଲ ସାହୁ, ଡା.ବିବେକାନନ୍ଦ ମହାନନ୍ଦ, କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଜିଲ୍ଲା ପରିଷଦ ସଭ୍ୟ ହେମନ୍ତ ମାଝୀ, କୋକସରା ବ୍ଲକ ପୂର୍ବତନ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ବାଗ, ମହିଳା ମୋର୍ଚ୍ଚା ଜାତୀୟ ସଭାନେତ୍ରୀ କମଳିନୀ ଯାଦବ, ସ୍ଥାନୀୟ ସରପଞ୍ଚ ଜୟଲାଲ ନାଗ, ସମିତି ସଭ୍ୟ ରାଜୀବ ଖମାରୀ, ବାମସେଫର କର୍ମକର୍ତ୍ତା ଡମ୍ବୁରୁଧର ମାଝୀ, ଶଶୀଭୂଷଣ ମଙ୍ଗରାଜ, ଲବ କରୁଆଁ, ମହେନ୍ଦ୍ର ଧଙ୍ଗଡ଼ାମାଝୀ, ମୂଳନିବାସୀ ମହିଳା ସଂଗଠନର ଏସ. ସୁଜାତା, ସ୍ନେହଲତା ଦୁର୍ଗା, ବୀଣାପାଣି ଦୁର୍ଗା, ଇନ୍ଦୁରେଖା ବାଗ, ପ୍ରେମିଶିଳା ପାଣିଗ୍ରାହୀ, ଜଳେନ୍ଦ୍ରି ଖମାରୀ, ରୁନି ନାଗ, ସରସ୍ୱତୀ ସୋରି, ଯଶୋଦା ରାଉତ, ନିର ନାଏକ, ବନିତା ନାଏକ, ରିଙ୍କି ଆଚରି, ରୀନା ମାଝୀ, ହୀରାମଣି ଛତ୍ରିଆ, ଲକ୍ଷ୍ମୀପ୍ରିୟା ଦାସ, ସରିତା ଗୋପାଳ, ଜୁଲି ସେଠିଆ, ସମେତ ଶତାଧିକ ମହିଳା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋକସରା କଲେଜ ପୂର୍ବତନ ଅଧ୍ୟକ୍ଷ ଗୋବର୍ଦ୍ଧନ ବାଗ, ରଘୁନାଥ ଖମାରୀ, ଲାଲୁ ମେହେର, ହେଜମନ ନିଆଲ, ନିଆଲ, ଅଭିମନ୍ୟୁ ବାଗ, ଭୁଜବଳ ସୋରି, ପ୍ରଧାନୀ ବାଗ, କେଶବ ମାଝୀ, ରମେଶ ମେହେର, ଦିଗାମ୍ବର ଦୁରିଆ, କିଶୋର ପଟେଲ ସମେ ଶତାଧିକ ଲୋକ ଯୋଗଦେଇ ଥିଲେ।

ପୁଣି ହାତୀ ଆତଙ୍କ

# ଘର ଭାଙ୍ଗିଲେ ଓ ନଷ୍ଟ କଲେ ଖାଦ୍ୟଶସ୍ୟ

**ଲାଞ୍ଜିଗଡ଼, ୩।୧(ସମିସ)**

କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ ବ୍ଲକରେ ହାତୀଙ୍କ ଆତଙ୍କ ବୃଦ୍ଧି ପାଉଥିବା ବେଳେ ସନ୍ଧ୍ୟା ହେଲେ ହାତୀ ଭୟରେ ଲୋକେ ତ୍ରାହି ତ୍ରାହି ଡାକୁଛନ୍ତି। ସନ୍ଧ୍ୟା ହେଲେ ହାତୀପଲ ଜଙ୍ଗଲରେ ନରହି ଗାଁ ମୁହାଁ ହୋଇ ଚାଷବାସ ନଷ୍ଟ କରିବା ସହିତ ଲୋକଙ୍କ ଘର ସବୁ ଭାଙ୍ଗି ଦେଉଛନ୍ତି। ହାତୀ-ମଣିଷ ଲଢେଇରେ କେତେବେଳେ ହାତୀ ମୃତ୍ୟୁମୁଖରେ ପଡୁଛି ତ ଆଉ କେତେବେଳେ ମଣିଷର ମୁଣ୍ଡ ଟଳି ପଡୁଛି। ଏଭଳି ଆଉ ଏକ ଅଭାବନୀୟ ଘଟଣା ଘଟିଛି କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ରେଞ୍ଜ ଅଧୀନସ୍ଥ ମୂଷାନାଳ ସେକ୍ସନ ଅଧୀନ ଦୋଲମ୍ବା ଗାଁରେ। ୨୭ ଟିକିଆ ହାତୀପଲ ଏହି ଗାଁର ସୀତାରାମ ସୁନା ଓ ବିଶି କେଶନ ସୁନାଙ୍କ ଘରଦ୍ୱାର ଭାଙ୍ଗିବା ସହ ଆସବାବପତ୍ର ଓ ଖାଦ୍ୟ ଶସ୍ୟ ନଷ୍ଟ କରିଦେଇଛନ୍ତି। ସୂଚନାଯୋଗ୍ୟ ଶୁକ୍ରବାର ବିଳମ୍ବିତ ରାତିରେ ୨୭ ଟିକିଆ ହାତୀପଲ ଦୋଲମ୍ବା ଗାଁକୁ ଆସି ଗାଁର ସୀତାରାମ ସୁନା ଓ ବିଶି କେସନ ସୁନାଙ୍କ ଘର ସାମ୍ନାରେ ଗର୍ଜନ ମାରିଥିଲେ। ଫଳରେ ସୀତାରାମ ଓ ବିଶିକେଶନ ନିଜ ନିଜ ସ୍ତ୍ରୀ ଓ ପିଲା ଛୁଆଙ୍କୁ ଧରି ପୋଡ଼ଶୀ ଘରକୁ ଚାଲି ଯାଇଥିଲେ। ସକାଳୁ ଆସି ଦେଖିବ ପରେ ଏପଟେ ହାତୀପଲ ଦୁଇ ପରିବାରର ଘରକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେବା ସହ ଘରେ ଥିବା ଆସବାବପତ୍ର ଭାଙ୍ଗି ବାହାରେ ଫୋପାଡ଼ି ଖାଦ୍ୟ, ଶସ୍ୟ ଖାଇ ଦେଇ ନଷ୍ଟ କରିଥିଲେ। ଖବରପାଇ ଫରେଷ୍ଟର ଚିନ୍ତାମଣି ମାଝୀଙ୍କ ନେତୃତ୍ୱରେ ଏକ ଟିମ୍ ଆସି ତଦନ୍ତ କରି ତହସିଲଦାରଙ୍କୁ ରିପୋର୍ଟ ପ୍ରଦାନ କରିଥିବା ଜଣାପଡ଼ିଛି। ଏନେଇ ଫରେଷ୍ଟର ଶ୍ରୀ ମାଝୀଙ୍କୁ ପଚାରିବାରୁ କ୍ଷତିଗ୍ରସ୍ତଙ୍କ ଏକ ତାଲିକା ପ୍ରସ୍ତୁତ କରାଯାଇଛି, ନିୟମ ଅନୁସାରେ ସେମାନେ କ୍ଷତିପୂରଣ ପାଇବେ ବୋଲି ସେ କହିଛନ୍ତି।

















■ ଲୋପ ପାଇବାକୁ ବସିଲାଣି ପଶ୍ଚିମ ଓଡ଼ିଶାର ସଂସ୍କୃତି ଓ ପରମ୍ପରା

# ପୌଷ ପୂର୍ଣ୍ଣିମାରେ ଶୁଭିଲାନି ଛେରଛେରା ଗୀତ

**କେସିଙ୍ଗା, ୩।୧(ସମିସ):** ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ଅନୁଯାୟୀ ଓଡ଼ିଶାରେ ବାର ମାସରେ ତେର ପର୍ବ। ଉପ କୂଳିଆ ଅଞ୍ଚଳରେ ରଜ ମୁଖ୍ୟପର୍ବ ହୋଇଥିବାବେଳେ ପଶ୍ଚିମ ଓଡ଼ିଶାରେ ନୂଆଁଖାଇ ଓ ପୌଷପୂର୍ଣ୍ଣିମା ( ପୁଷପୁନି) ମୁଖ୍ୟ ପର୍ବ ଭାବରେ ପାଳନ କରାଯାଇଥାଏ। ପଶ୍ଚିମ ଓଡ଼ିଶାରେ ନୂଆଖାଇଁ ପରେ ପୌଷପୂର୍ଣ୍ଣିମା ହେଉଛି ଦ୍ୱିତୀୟ କୃଷିଭିତ୍ତିକ ବଡ଼ ପର୍ବ। ବିଲରୁ ଚାଷକରି ଧାନ ଘରକୁ ଆଣିବାର ପର୍ବ ପୁଷପୁନି। ଏହି ଦିନ ଚାଷୀ ବର୍ଷକର କଠିନ ପରିଶ୍ରମରୁ ମୁକ୍ତି ପାଇଥାଏ ଓ ବିଶେଷ କରି ଗାଆଁ ଗହଳି ରେ ଶ୍ରମିକ ଓ ସାହୁକାରମାନଙ୍କ ମଧ୍ୟରେ ଥିବା ବାର୍ଷିକ ଚୁକ୍ତିର ଶେଷ ଦିନ ହେବା ସହିତ ନୂତନ ଚୁକ୍ତି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଏ, ସେଥିପାଇଁ ଏହାକୁ ଆନନ୍ଦ, ସହଭାଗିତା ଏବଂ କୃତଜ୍ଞତା ଜ୍ଞାପନର ପର୍ବ କୁହାଯାଏ। ଆନନ୍ଦର ଏହି ପର୍ବରେ ପଶ୍ଚିମ ଓଡ଼ିଶାରେ ଛେ ଛେରା ମାଗିବାର ପରମ୍ପରା ଅତି ସୁନ୍ଦର ହୋଇଥାଏ। ଛୋଟରୁ ବଡ଼ ସମସ୍ତେ ଗାଆଁ ମାନକର ବ୍ୟାଗ୍ ଗୋଟିଏ ଓ ବାଡ଼ି ଖଣ୍ଡେ ଧରି ଘରଘର ବୁଲି ଛେର୍ ଛେରାର ସୁମଧୁର ଗୀତ 'ଛେର ଛେରଛେରା ଇ ଘର ବୁଡି କାଇଁ ଗଲା ଲିଆ ଖାଇଖାଇ ଛେରେଇ ହେଲା ଛେର ଛେରଛେରା' ଗୀତ ଗାନ କରି ଦୁଆର ମୁହଁରେ ବାଡ଼ି ବାଡେଇ ଚାଉଳ ପଇସା ମାଗି ଶେଷରେ ଗାଆଁ ମୁଣ୍ଡରେ ଭୋଜି ଭାତ କରି ଖାଇ ଥାଆନ୍ତି। କିନ୍ତୁ ସେହି ସୁମଧୁର ପରମ୍ପରା ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି> ଏବେ ଆଉ ଶୁଭୁନି ଛେରଛେରର ଗୀତ ଓ ଦେଖାଯାଉ ନାହାନ୍ତି ସେହି ବାଡ଼ି ଧରି ଛୋଟ ଛୋଟ ପିଲାମାନେ। ଏହି ଏହି ପର୍ବ ମାଧ୍ୟମରେ ଆମେ ଆମର ମାଟି ଏବଂ କୃଷି ସଂସ୍କୃତି ପ୍ରତି ଥିବା ସମ୍ମାନକୁ ପ୍ରକଟ କରିଥାଉ କିନ୍ତୁ ବର୍ତ୍ତମାନର ଯୁଗରେ ତାହା ଲୋପ ପାଇବାକୁ ବସିଲାଣି।

# ନୂଆପଡ଼ା କେକ କର୍ଣ୍ଣର ଉପରେ ଚଢ଼ଉ; ୩ ହଜାର ଟଙ୍କା ଜରିମାନା



**ନୂଆପଡ଼ା, ୩।୧(ସମିସ):** ନୂଆପଡ଼ା ଏନ୍ଏସି ସଦର ବ୍ଲକ କାର୍ଯ୍ୟାଳୟଠାରେ ଥିବା ଏକ କେକକର୍ଣ୍ଣର ଉପରେ ନୂଆପଡ଼ା ଖାଦ୍ୟ ନିରାପତ୍ତା ବିଭାଗ ଓ ନୂଆପଡ଼ା ଏନଏସି ପକ୍ଷରୁ ଚଢ଼ଉ କରାଯାଇଥିଲା। ଆଜିକୁ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବିନା ଲାଇସେନ୍ସରେ ଚାଲୁଥିବାବେଳେ ପଲିଥିନ ବ୍ୟବହାର କରୁଥିବାରୁ ୩ହଜାର ଟଙ୍କା ଜରିମାନା କରିଛନ୍ତି। ଶନିବାର ମଧ୍ୟାହ୍ନରେ ଖାଦ୍ୟ ନିରାପତ୍ତା ଅଧିକାରୀ କୃଷ୍ଣପ୍ରିୟା ସାହୁ, ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ ନାଏକ, ନୂଆପଡ଼ା ଏନ୍ଏସି ଇଓ ଶ୍ରୀନିବାସ ମିର୍ଦ୍ଧା, ଆରଏମସି ସମ୍ପାଦକ ଆର୍ଯ୍ୟ ମୁଦୁଲୀ ଉପସ୍ଥିତ ଥିଲେ।

# ଭ୍ରାମ୍ୟମାଣ ଜନସେବା କେନ୍ଦ୍ର 'ସହଯୋଗ'ର ଶୁଭାରମ୍ଭ



**ଧର୍ମଗଡ଼, ୩।୧(ସମିସ):** ଧର୍ମଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଭ୍ରାମ୍ୟମାଣ ଜନସେବା କେନ୍ଦ୍ର ସହଯୋଗର ଶୁଭାରମ୍ଭ ହୋଇଛି। ଧର୍ମଗଡ଼ ଏନ୍ଏସି ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତି, ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ରଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଗରିବ ଓ ଯୋଗ୍ୟ ପରିବାରମାନଙ୍କୁ ସରକାରୀ କଲ୍ୟାଣକାରୀ ଯୋଜନା ଗୁଡ଼ିକୁଅତି ସହଜରେ ସଂଯୋଗ କରି ସମସ୍ତଙ୍କର ଉନ୍ନତି ସୁନିଶ୍ଚିତ କରିବା ନିମନ୍ତେ 'ସହଯୋଗ' କାର୍ଯ୍ୟକ୍ରମ ମାଧ୍ୟମରେ ଅଞ୍ଚଳର ଯୋଗ୍ୟ ଗରିବ ପରିବାରମାନଙ୍କୁ ଚିହ୍ନଟ କରି ସରକାରୀ କଲ୍ୟାଣ ଯୋଜନାର ସୁବିଧାପ୍ରାପ୍ତି ସୁନିଶ୍ଚିତ କରିବା ଏହାର ଲକ୍ଷ୍ୟ ବୋଲି ପ୍ରକାଶ ପାଇଛି।

ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

# ଯନ୍ତ୍ରପାତି ବ୍ୟବହାର ଦ୍ୱାରା ଉତ୍ପାଦନ ବୃଦ୍ଧି ହେବ

**ଭବାନୀପାଟଣା, ୩।୧(ସମିସ)**

କଳାହାଣ୍ଡି ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଭବାନୀପାଟଣାସ୍ଥିତ କୃଷି ମହାବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଆରମ୍ଭ ହୋଇଯାଇଛି। ଏହି ମେଳାକୁ ଭବାନୀପାଟଣା କୃଷି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସନ୍ଦିପ୍ତ କୁମାର ନାଏକ ଉଦ୍‌ଘାଟନ କରିଥିଲେ। ଉକ୍ତମେଳାରେ କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃଷକମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ କୃଷି କାର୍ଯ୍ୟରେ ଯନ୍ତ୍ରପାତି ବ୍ୟବହାର ଦ୍ୱାରା ଉତ୍ପାଦନ ବୃଦ୍ଧି ହେବ ସହିତ ଶ୍ରମ ଲାଘବ, ସ୍ୱଳ୍ପଖର୍ଚ୍ଚ ହେବ ଏବଂ କୃଷି କାର୍ଯ୍ୟ ଠିକ୍ ସମୟରେ ସମ୍ପାଦନ କରାଯାଇପାରିବ। ଫସଲ ବିବିଧତା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ। ଏହି ମେଳା ଜାନୁଆରୀ ୩ ରୁ ୭ ତାରିଖ, ୨୦୨୬ ପର୍ଯ୍ୟନ୍ତ ଚାଲିବ, ଯାହା ଚାଷୀମାନଙ୍କୁ ଆଧୁନିକ କୃଷି ଯନ୍ତ୍ରପାତି ସହ ପରିଚିତ କରାଇବା ପାଇଁ ଏକ ପ୍ରମୁଖ ମାଧ୍ୟମ ସାଜିବ। ମୁଖ୍ୟବକ୍ତା ଡ. ସନ୍ଦିପ୍ତ କୁମାର ନାଏକ କୃଷି କାର୍ଯ୍ୟ କିପରି କଲେ ଆମେ ଅଧିକ ଅମଳ କରିପାରିବା ଓ



ବିଭିନ୍ନ ପ୍ରକାର ବୈଜ୍ଞାନିକ ପ୍ରଣାଳୀ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରମୋଦ କୁମାର ବେହେରା ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। ଅଜୟ କୁମାର ମାରାଣ୍ଡି, ନିର୍ବାହୀ ଯନ୍ତ୍ରୀ (କୃଷି) ମେଳାର ଉଦ୍ଦେଶ୍ୟ, କୃଷି ଯନ୍ତ୍ରପାତିର ବ୍ୟବହାର ଏବଂ ତା ଉପରେ ମିଳୁଥିବା ସରକାରୀ ରିହାତି ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। କୃଷି ବିଜ୍ଞାନକେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ଅମିତାଭ ପଣ୍ଡା ଚାଷରେ ନୂତନ ଜ୍ଞାନକୌଶଳ ଓ ବୈଜ୍ଞାନିକ ପଦ୍ଧତିର ପ୍ରୟୋଗ ସମ୍ପର୍କରେ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ଏହି ସଭାରେ ଆଞ୍ଚଳିକ ଅନୁସନ୍ଧାନ ଓ ସମ୍ପ୍ରସାରଣ କେନ୍ଦ୍ରର ସହକାରୀ ଗବେଷଣା ନିର୍ଦ୍ଦେଶକ ଡ. ଭବାନୀ ନାଏକ, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଭାକର ନାଏକ, ଭବାନୀପାଟଣାର ଅତିରିକ୍ତ କୃଷି ଅଧିକାରୀ ଅଜିତ କୁମାର ମହାପାତ୍ର, ଅତିରିକ୍ତ ଉଦ୍ୟାନ କୃଷି ଅଧିକାରୀ ମୋନାଲିସା ପ୍ରଧାନ ଏବଂ ଜୁନାଗଡ଼ର ସାଂସଦ ପ୍ରତିନିଧି ଭାବେ କୁନ୍ତଳା ରାଉତ ଦେବୀ ଯୋଗଦେଇ ଥିଲେ। ମେଳାରେ ମୋଟ ୬୦ଟି ଷ୍ଟଲ ଖୋଲାଯାଇଛି, ଯେଉଁଥିରେ କୃଷି ଯନ୍ତ୍ରପାତି ନିର୍ମାତା ଏବଂ ବିକ୍ରେତା। କୃଷି ଭିତ୍ତିକ ଷ୍ଟାର୍ଟଅପ୍ ଏବଂ ବେସରକାରୀ ସଂସ୍ଥା, ଉଦ୍ୟାନ କୃଷି, ମତ୍ସ୍ୟ ଏବଂ ପ୍ରାଣୀସମ୍ପଦ ବିଭାଗ ଭଳି ସରକାରୀ ଆନୁଷଙ୍ଗିକ ସଂସ୍ଥାମାନେ ସାମିଲ ଅଛନ୍ତି। ଆଜି ପ୍ରଥମ ଦିନରେ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ବ୍ଲକରୁ ବହୁ ସଂଖ୍ୟାରେ ଚାଷୀ ଯୋଗଦେଇଥିଲେ। ମେଳାର ପ୍ରଥମ ଦିବସରେ ମୋଟ ୨.୮୨ କୋଟି ଟଙ୍କାର କୃଷି ଯନ୍ତ୍ରପାତି ବୁକିଂ ହେଇଥିଲା ଯାହାର ରିହାତି ମୂଲ୍ୟ ୪୬.୩୪ ଲକ୍ଷ୍ୟ ଟଙ୍କା। ଅଜିତ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଗଣଶିକ୍ଷା ମନ୍ତ୍ରୀଙ୍କୁ ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘର ଦାବିପତ୍ର

**କୋକସରା, ୩।୧ (ସମିସ):** ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ ବିଭାଗ କଳାହାଣ୍ଡି, ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲା ଶାଖାପକ୍ଷରୁ ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଙ୍ଘର କର୍ମକର୍ତ୍ତା ମାନେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଉମରକୋଟ ସ୍ଥିତ ବାସଭବନରେ ୩ ଦଫାଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ତିନି ପ୍ରମୁଖ ଦାବି ମଧ୍ୟରେ ୬ ବର୍ଷର ଠିକା କର୍ମଚାରୀ ସମୟକୁ ନିୟମିତ ଚାକିରି ଭାବେ ଗଣନା କରିବା, ୬ ବର୍ଷକୁ ନିୟମିତ କରିବା ସହିତ ୬ ନେସନାଲ ଇଂକ୍ରିମେଣ୍ଟ ମୂଳ ଦରମାରେ ଯୋଗକରି ପେ ଫିକ୍ସ କରିବା, ସରକାରଙ୍କ ଠିକା ନିଯୁକ୍ତି ଉଚ୍ଛେଦ ନିୟମ ଆଧାରରେ ଆର୍ଥିକ ଅନୁଦାନ ପ୍ରଦାନ କରିବା ଦାବି ପ୍ରମୁଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ କଳାହାଣ୍ଡି, ନବରଙ୍ଗପୁର ଓ ରାୟଗଡ଼ା ସଙ୍ଘ ଜିଲ୍ଲା ଜିଲ୍ଲା ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଙ୍ଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



# ବୌଦ୍ଧ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

**ବୌଦ୍ଧ, ୩।୧(ସମିସ):** ବୌଦ୍ଧଠାରେ ଚାଲିଥିବା ବୌଦ୍ଧ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୁଜାରୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଜିଲ୍ଲାପାଳ ବିଭୁତିଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ସମ୍ମାନିତ ଅତିଥି ଭାବରେ ସମବାୟ ହସ୍ତତନ୍ତ ବୟନ ହସ୍ତ ଶିଳ୍ପ ବିଭାଗ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଫୁଲବାଣୀ ବିଧାୟକ ଉମା ଚରଣ ମଲିକ, ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର, ବୌଦ୍ଧ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ମଞ୍ଚାସୀନ ଥିଲେ। ଉପ ଜିଲ୍ଲାପାଳ ବିନୟ କୁମାର ଭୋଇ ସ୍ୱାଗତଭାଷଣ ଦେଇଥିବା ବେଳେ ଜିଲ୍ଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ର୍ଚାଲ୍ସ୍ ନାଏକ ଧନ୍ୟବାଦ ଦେଇଥିଲେ।

# ପୁଷପୁନି ଲାଗି ଗାଁ ଉତ୍ସବମୁଖର

**କୋମନା, ୩।୧(ସମିସ):** ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ 'ପୁଷପୁନି' ବା 'ପୁଷ ପୂର୍ଣ୍ଣିମା' କୋମନା ବ୍ଲକରେ ପାଳିତ ହୋଇଯାଇଛି। ଅମଳପରେ ଚାଷୀର ମନରେ ଖୁସି ଏବଂ ଗାଁର ଭାଇଚାରାକୁ ନେଇ ଏହିପର୍ବ ପୁରା ଅଞ୍ଚଳକୁ ଉତ୍ସବମୁଖର କରିଦେଇଛି। କୋମନା ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ଆଜି ସକାଳୁ ସକାଳୁ ଏକ ନିଆରା ପରିବେଶ ଦେଖିବାକୁ ମିଳିଥିଲା। ପ୍ରତିଟି ଘରେ ବିଭିନ୍ନ ପ୍ରକାରର ପାରମ୍ପରିକ ପିଠାପଣା, ଖିରି ଏବଂ ସୁଆଦିଆ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଛି। ଖଳାବାଡ଼ିରୁ ସୁନା ରଙ୍ଗର ଧାନ ଘରକୁ ଆସିବାପରେ ଚାଷୀ ପରିବାର ଏହି ଦିନଟିକୁ ବିଜୟ ଉତ୍ସବ ଭାବେ ପାଳନ କରୁଥିବା ବେଳେ ପୁଷପୁନିର ମୁଖ୍ୟ ଆକର୍ଷଣ ହେଉଛି 'ଛେରଛେରା'। ଗାଁର କୁନି କୁନି ପିଲାମାନେ ଦଳ ଦଳ ହୋଇ ଘରକୁ ଘର ବୁଲି 'ଛେ ଛେରଛେରା କହି ଅନ୍ନ ମାଗୁଥିବାର ଦୃଶ୍ୟ ବେଶ୍ ମନୋରମ ଥିଲା।

# ଲକ୍ଷ୍ମଣ ମାଝୀଙ୍କ ପରଲୋକ

**ଭବାନୀପାଟଣା, ୩।୧ (ସମିସ):** ରୁପ୍ରାରୋଡ୍ ରେଲଷ୍ଟେସନ ସୁପରିଟେଣ୍ଡେଣ୍ଟ ଧବଳେଶ୍ୱର ମାଝୀଙ୍କ ପିତା ଲକ୍ଷ୍ମଣ ମାଝୀଙ୍କ ଦେହାନ୍ତ ହୋଇଛି। ଉକ୍ରେଲା ନିବାସୀ ସ୍ୱର୍ଗତ ଲକ୍ଷ୍ମଣ ମାଝୀ ପରିବହନ ବିଭାଗରେ କାମ କରି ଅବସରଗ୍ରହଣ କରିଥିଲେ। ଏଥିସହ ସେ କେସିଙ୍ଗା ବ୍ଲକ କଂଗ୍ରେସର ବରିଷ୍ଠ ନେତୃତ୍ୱ ତଥା



କନ୍ଧ ସମ୍ପ୍ରଦାୟର ଜଣେ ବରିଷ୍ଠ ସଙ୍ଗଠକ ଥିଲେ। ୭୮ ବର୍ଷ ବୟସରେ ସେ ତାଙ୍କ ଉକ୍ରେଲା ସ୍ଥିତ ବାସଭବନରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଦୁଇ ପୁଅ, ଦୁଇ ଝିଅ, ଜୋଇଁ, ବୋହୂ, ପରିବାର ସଦସ୍ୟ, ବନ୍ଧୁ ବାନ୍ଧବ ସମସ୍ତେ ଉପସ୍ଥିତ ଥିଲେ। ସ୍ଥାନୀୟ ଏରୋଡ୍ରମ ପଡ଼ିଆ ନିକଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ବିୟୋଗରେ ନର୍ଲା ବ୍ଲକ ଆଦିବାସୀ ସଂଘ ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ହରିଶଙ୍କର ମାଝୀ, ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ନର୍ଲାର ପୂର୍ବତନ ବିଧାୟକ ଭୁପିନ୍ଦର ସିଂ ଓ କୁମରମଣି ଶବର, କେସିଙ୍ଗା ବ୍ଲକ କନ୍ଧ ସମାଜ ସଭାପତି ଶେଷଦେବ ମାଝୀ, ଉକ୍ରେଲା ସମିତି ସଭ୍ୟ ତ୍ରିନାଥ ମାଝୀଙ୍କ ସମେତ ଅଞ୍ଚଳ ବରିଷ୍ଠ ନାଗରିକ ଶୋକାକୁଳ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହିତ ଦୁଃଖ ପ୍ରକାଶ କରିଛନ୍ତି।

# ସାବିତ୍ରୀ ବାଈ ଫୁଲେଙ୍କ ଜୟନ୍ତୀ ପାଳିତ

**ଜୁନାଗଡ଼/ମାଟିଗାଁ, ୩।୧(ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ସନ୍ୟାସୀ କୁଣ୍ଡାମାଳସ୍ଥିତ ନୂତନ ପଣ୍ଡରାମାଳି ସମାଜ ଭବନଠାରେ ପଣ୍ଡରାମାଳି ସେବା ସଂଘ ଓ ପଣ୍ଡରାମାଳି ଯୁବ ବାହିନୀ ପକ୍ଷରୁ ଶନିବାର ରାଷ୍ଟ୍ରୀୟ ମାତା ସାବିତ୍ରୀ ବାଇ ଫୁଲେଙ୍କ ୧୯୫ ତମ ଜୟନ୍ତୀ ପାଳିତ ହୋଇଛି। ପଣ୍ଡରାମାଳି ସେବା ସଂଘର ସଭାପତି ଇଶ୍ୱର ପୁଝାରୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜୁନାଗଡ଼ ଏନ୍ଏସି ଅଧ୍ୟକ୍ଷା ହିମାଦ୍ରୀ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ସ୍ୱର୍ଗତଃ କୁମୁଦିନି ନାୟକଙ୍କ ଉଦ୍ଦେଶ୍ୟରେ ମାନପତ୍ର ଦେଇ ତାଙ୍କ ପରିବାରଙ୍କୁ ସମ୍ମାନିତ କରାଯାଇଥିଲା। ଏହାସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଆଇନ ପରାମର୍ଶଦାତା ତଥା ଯୁବ ବାହିନୀ ପ୍ରତିଷ୍ଠାତା ଦୁର୍ଗାପ୍ରସାଦ ନାଏକ ସଂଯୋଜନା କରିଥିଲେ। ପଣ୍ଡରାମାଳି ଯୁବ ବାହିନୀ ସଭାପତି ଭବାନୀଶଙ୍କର ବଣିଆ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଛତିଶଗଡ଼, ନବରଙ୍ଗପୁର, ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲାର ୧୩ଟି ବ୍ଲକରୁ ଶତାଧିକ ଲୋକେ ଯୋଗଦେଇ ଥିଲେ।



# ପାଞ୍ଚ ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ଲାଞ୍ଜିଗଡ଼, ୩।୧(ସମିସ):** ଲାଞ୍ଜିଗଡ଼ ବ୍ଲକ ବନବାସୀ ଏକଲ ବିଦ୍ୟାଳୟକୁ ନେଇ ୫ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ବ୍ଲକର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବନବାସୀଙ୍କୁ ନେଇ ଗାଁ କମିଟି ଅନୁସାରେ ବ୍ଲକରେ ଶିକ୍ଷା ଓ କଲ୍‌ଚରାଲକୁ ନେଇ ୨୦୧୬ରେ ଦୁଇଟି ଲାଞ୍ଜିଗଡ଼ ଓ ବିଶ୍ୱନାଥପୁର ସଞ୍ଚ ଗଠନ କରାଯାଇଥିଲା। ଏହି ସଞ୍ଚ ଅଧୀନରେ ୬୦ଟି ଏକଲ ବିଦ୍ୟାଳୟ ରହିଥିବାବେଳେ ସନ୍ଧ୍ୟା ଓ ସକାଳେ ବନବାସୀଙ୍କୁ ୩ ଘଣ୍ଟା ଲେଖାଏଁ ଶିକ୍ଷା ପ୍ରଦାନ କରାଯାଇଛି। ଏହି ବିଦ୍ୟାଳୟ ମାନଙ୍କର ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କୁ ନେଇ ବ୍ଲକର ହରିହରପୁର ସାପୁଲ କୁଟା ପ୍ରାଥମିକ ବିଦ୍ୟାଳୟଠାରେ ୫ ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ଦିବସରେ ମୁଖ୍ୟଅତିଥି ଭାବେ ସବିତା ପଟ୍ଟନାୟକ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଘନଶ୍ୟାମ ଭାଟି, ସମାଜସେବୀ ଧର୍ମୁଚାନ୍ଦ ଅଗ୍ରୱାଲ, ରମେଶ ମାଝୀ, ଅବସରପ୍ରାପ୍ତ ଶିକ୍ଷକ ହରେକୃଷ୍ଣ ଯୋଶୀ, ସୁବାସ ଚନ୍ଦ୍ର ଅଗ୍ରୱାଲ ଓ ବିଷ୍ଣୁ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱନାଥପୁର ସଞ୍ଚ ପ୍ରମୁଖ ଗିରିଧାରୀ ଚଣ୍ଡୀ ଓ ଲାଞ୍ଜିଗଡ଼ ସଞ୍ଚ ପ୍ରମୁଖ ମନୋଜ କୁମାର ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ଭାଷା, ଗଣିତ, ସାମାଜିକ ଜ୍ଞାନ ବିଜ୍ଞାନ, ସଂସ୍କାର, ସ୍ୱାସ୍ଥ୍ୟ, ଶାରୀରିକ, ହସ୍ତଶିଳ୍ପକୁ ନେଇ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିରେ ବିଶ୍ୱନାଥପୁର ଓ ଲାଞ୍ଜିଗଡ଼ ସଞ୍ଚ ଅଧୀନରେ ଥିବା ୬୦ ଟି ବନବାସୀ ବିଦ୍ୟାଳୟର ପ୍ରଶିକ୍ଷକ ଭାବେ ଡମ୍ବୁରୁଧର ମାଝୀ, ଘନଶ୍ୟାମ ମାଝୀ, ଗିରିଧାରୀ ଚଣ୍ଡୀ ଓ ମନୋଜ କୁମାର ନାଏକ ତାଲିମ ପ୍ରଦାନ କରିଥିଲେ। ଆଜି ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ବିଶ୍ୱନାଥପୁର ସଞ୍ଚ ସଭାପତି ଟଙ୍କାଧର ପ୍ରଧାନୀ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଭାବେ ଅଞ୍ଚଳ ଅଭିଯାନ ପ୍ରମୁଖ ବିଷ୍ଣୁ ଷଣ୍ଢ, ଗ୍ରାମସ୍ତରୀୟ ସଞ୍ଚ ପ୍ରମୁଖ ଶ୍ୟାମ ସୁନ୍ଦର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରରେ ବ୍ଲକ ଆଦିବାସୀ ସଭାପତି ସୁକ୍ରୁ ମାଝୀ, ଶିକ୍ଷକ ହରିଚଣ୍ଡୀ, ମାଧବ ନନ୍ଦ ଗିରି, ବିଶି କେସନ ମାଝୀ ପ୍ରମୁଖ ସହଯୋଗ କରିଥିଲେ। ଡମ୍ବୁରୁ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।



# ଜିଲ୍ଲାସ୍ତରୀୟ ଜୁନିଅର ରେଡକ୍ରସ୍ ପ୍ରସ୍ତୁତି ବୈଠକ

**ଲାଞ୍ଜିଗଡ଼, ୩।୧(ସମିସ):** କାଉଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଆସନ୍ତା ୫ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଜିଲ୍ଲାସ୍ତରୀୟ ଜୁନିୟର ରେଡକ୍ରସ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ହେମସାଗର ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ଋଷିଆ ମେହେର, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୁପଶିଂ ରାଉତ, କନିଷ୍ଠ ରେଡକ୍ରସ୍ କାଉନସିଲର ନାରାୟଣ ବେହେରା, ଲାଞ୍ଜିଗଡ଼ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଢ଼ଳଦେବ ମୁଣ୍ଡ, ଭାରତଭୁଷଣ ସାହୁ ପ୍ରମୁଖ ଆଲୋଚନା କରିଥିଲେ। ଏହି ବୈଠକରେ ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ୧୩ଟି ଆଞ୍ଚଳିକ ସାଧନକେନ୍ଦ୍ରର ସଂଯୋଜକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଆସନ୍ତ ୬ ତାରିଖରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

# ୨୮ ତମ କଳାହାଣ୍ଡି ଉତ୍ସବ 'ଘୁମୁରା' ଲାଗି ପ୍ରସ୍ତୁତି ବୈଠକ

**ଭବାନୀପାଟଣା, ୩।୧(ସମିସ):** କଳାହାଣ୍ଡିର କଳା, ସଂସ୍କୃତି, ଐତିହ୍ୟ, ପରମ୍ପରାରର ବାର୍ତ୍ତାବହ ୨୮ ତମ କଳାହାଣ୍ଡି ଉତ୍ସବ 'ଘୁମୁରା'-୨୦୨୬ ଆସନ୍ତା ଜାନୁଆରୀ ୧୪ ରୁ ୧୭ ତାରିଖ ପର୍ଯ୍ୟନ୍ତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍ ଭବାନୀପାଟଣା ଠାରେ ଅନୁଷ୍ଠିତ ହେବ। ଏଥିପାଇଁ ଜିଲ୍ଲା ପ୍ରଶାସନ, ଜିଲ୍ଲା ସଂସ୍କୃତି ପରିଷଦ, ଉତ୍ସବ ପାଳନ ସବ୍ କମିଟିର ଆବଶ୍ୟକ ପୂର୍ବ ପ୍ରସ୍ତୁତି ଜାରି ରହିଛି। ଏହି କ୍ରମରେ ଶନିବାର ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟରେ ଇନ୍ଦ୍ରଜିତ ମହାଖୁଡ଼ଙ୍କ ଅଧ୍ୟକ୍ଷତାରେ ପଞ୍ଜିକରଣ, ଆବାସ ଓ ପରିବହନ ବ୍ୟବସ୍ଥା ଉପ ସମିତିର ଏକ ପୂର୍ବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଗାମୀ ୨୮ ତମ କଳାହାଣ୍ଡି ଉତ୍ସବ-୨୦୨୬ କୁ ଅଧିକ ଆକର୍ଷଣୀୟ ଓ ସରସ ସୁନ୍ଦର ଭାବରେ ସମସ୍ତଙ୍କ ସହଯୋଗରେ ଜିଲ୍ଲା, ଜିଲ୍ଲା ବାହାରୁ ରାଜ୍ୟ ବାହାରୁ ଆସୁଥିବା ସାଂସ୍କୃତିକ ଦଳର ସଦସ୍ୟ ମାନେ ରହିବା, ପରିବହନ ଓ ପଞ୍ଜିକରଣ କେମିତି ସୁନ୍ଦର ଭାବେ ହେଇ ପାରିବ ସେହି ବିଷୟରେ ଆଲୋଚନା କରାଗଲା। ଏହି ବୈଠକରେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସୁବୋଧ ଛତ୍ରିଆ, ଉପ ସମିତିର ଉପଦେଷ୍ଟା ହିମାଂଶୁ ବିଶ୍ୱାଳ, ଉପାଧ୍ୟକ୍ଷ ଚିତ୍ତରଞ୍ଜନ ପାତ୍ର, ଆବାହକ ଆଲୋକ କୁମାର ସାହୁଙ୍କ ସମେତ ଉପସମିତିର ଅନ୍ୟ ସଦସ୍ୟ ଅମିୟ ସାହୁ, ଚିନ୍ମୟ ଦୋରା, ଯୁଧିଷ୍ଠିର ମୁଦୁଲି, ଦେବେନ୍ ଗହିର ପ୍ରମୁଖ ଯୋଗ ଦେଇଥିଲେ। ନୀଳାଞ୍ଚଳ ପାନ ଧନ୍ୟବାଦ ଅର୍ପଣ କରିଥିଲେ।

# କେସିଙ୍ଗା ଡାକ୍ତରଖାନାର ବିଭିନ୍ନ ସମସ୍ୟା ନେଇ ଦାବିପତ୍ର



**କେସିଙ୍ଗା, ୩।୧(ସମିସ)**

କଳାହାଣ୍ଡି ଜିଲ୍ଲା କେସିଙ୍ଗାରେ ଥିବା ମେଡିକାଲର ବିଭିନ୍ନ ସମସ୍ୟାକୁ ନେଇ କେସିଙ୍ଗାର ଯୁବ ସଂଗଠକ ସୁରେଶ ରାଓ ଭୁବନେଶ୍ୱରଠାରେ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡାକ୍ତର ପ୍ରଦୀପ କୁମାର ଗୁରୁଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ କେସିଙ୍ଗା ମେଡିକାଲରେ ଖାଲି ପଡ଼ିଥିବା ଥିବା ବିଶେଷଜ୍ଞ ଡାକ୍ତର ପଦପୂରଣ ସାଙ୍ଗକୁ ମେ'ରେ ଠପ୍ ପଡ଼ିଥିବା ଅତିଜରୁରୀ ସେବା ଗୁଡ଼ିକୁ ଯଥାଶୀଘ୍ର ପୂରଣ କରି ଲୋକଙ୍କ ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆଣିବା ପାଇଁ ଅନୁରୋଧ କରାଯାଇଛି। ଦାବିପତ୍ରରେ ମୁଖ୍ୟତଃ ପ୍ରସୂତି ମହିଳାଙ୍କ ପାଇଁ ହେଉଥିବା ସମସ୍ୟା ଯଥା ଏନେସେସିଆ ଡାକ୍ତରଙ୍କ ଅନୁପସ୍ଥିତ ଯୋଗୁଁ ବର୍ତ୍ତମାନ ସପ୍ତାହରେ ମାତ୍ର ଦୁଇଦିନ ସିଏସ ହେଉଛି ଫଳରେ ଅନେକ ଗର୍ଭବତୀ ମହିଳା ସମୟରେ ସିଏସ ସୁବିଧା ନପାଇ ଜରୁରୀ ହେଲେ ବେସରକାରୀ ମେଡିକାଲ୍‌କୁ ଯାଇ ସି ଏସ କରାଇ ଅନେକ ଖର୍ଚ୍ଚାନ୍ତ ହେଉଛନ୍ତି। ଏଠାରେ ପ୍ରକାଶ ଥାଉକି, କେସିଙ୍ଗା ମେଡିକାଲ ଉପରେ କେସିଙ୍ଗା ଏନଏସି ସମେତ ସମସ୍ତ କେସିଙ୍ଗା ବ୍ଲକ ଓ ଆଖପାଖର ତିନୋଟି ବ୍ଲକ ଓ ପଡ଼ୋଶୀ ବଲାଙ୍ଗିର ଜିଲ୍ଲାର ସୀମାବର୍ତ୍ତୀ ଅଞ୍ଚଳରର ଲକ୍ଷ୍ୟ ଲକ୍ଷ୍ୟ ଲୋକ ମେଡିକାଲ ସେବା ପାଇଁ କେସିଙ୍ଗା ମେଡିକାଲ ଉପରେ ନିର୍ଭର କରିଥାନ୍ତି। ଅନେକ ସମୟରେ ଅନେକ ଅସୁବିଧା ବିଷୟରେ ବିଭିନ୍ନ ଗଣମାଧ୍ୟମ ଜରିଆରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କିଛି ସମସ୍ୟାର ସମାଧାନ ହେଉନାହିଁ। ଦାବିପତ୍ର ଗ୍ରହଣ କରି ଯଥା ଶୀଘ୍ର ସମସ୍ୟା ଗୁଡ଼ିକର ସମାଧାନ କରାଯିବ ବୋଲି ନିର୍ଦ୍ଦେଶକ ପ୍ରତିଶ୍ରୁତି ଦେଇଥିବା ସୁରେଶ ରାଓ ପ୍ରକାଶ କରିଛନ୍ତି।

# ସାହିତ୍ୟିକ ଜନ୍ମେଜୟ ପାତ୍ରଙ୍କ ଅବର୍ତ୍ତମାନରେ ଶୋକସଭା

**ଭବାନୀପାଟଣା, ୩।୧(ସମିସ):** ବର୍ଷିୟାନ ସାହିତ୍ୟିକ, ବରିଷ୍ଠ କଳାକାର, ନାଟ୍ୟକାର ତଥା ଛାତ୍ର ବତ୍ସଳ ଶିକ୍ଷକ ଏବଂ କଳାହାଣ୍ଡି ଲେଖକ କଳା ପରିଷଦ ଜନ୍ମବେଦୀର ସାକ୍ଷୀ ଜନ୍ମେଜୟ ପାତ୍ରଙ୍କ(୮୬) ଧର୍ମଗଡ଼ ସ୍ଥିତ ବାସଭବନରେ ଦେହାବସାନ ହୋଇଛି। ସେ ଜଣେ ପ୍ରବୀଣ ଶିକ୍ଷକ, ଭାଷା ସାହିତ୍ୟରେ ଗଭୀର ପ୍ରବେଶ ଥିବା ଜଣେ ସୁସାହିତ୍ୟିକ ଭାବେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ତାଙ୍କ ଅବର୍ତ୍ତମାନରେ ସ୍ଥାନୀୟ ଲେଖକ କଳା ପରିଷଦ ସଭାଗୃହରେ ଏକ ଶୋକସଭା ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଉମେଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଗୁରୁ ପ୍ରଭାସ ଚନ୍ଦ୍ର ମିଶ୍ର, ଡ. ତପନ କୁମାର ରଥ, ପୂର୍ବତନ ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ଆଶୁତୋଷ ପୁରୋହିତ, ତାପସ ପଟେଲ, ସୌରଭ ମହାପାତ୍ର ପ୍ରମୁଖ ସ୍ମୃତିଚାରଣ କରିଥିଲେ।



## ରାତିରେ ବଢୁଛି ବାଲି ଚୋରି

# ବାଲି ଚୋରା ଚାଲାଣ, ୪ ହାଇୱା ଜବତ

ବଣାଇଁ, ୩।୧(ସମିସ)



ବଣାଇଁ ତହସିଲ ଅଧୀନ ବ୍ରାହ୍ମଣୀ ନଦୀ ଶଯ୍ୟାର ଗିଲି ଘାଟରୁ ବେଆଇନ ବାଲି ଚୋରା ଚାଲାଣ ହେଉଥିବା ବେଳେ ୧୦ଟି ହାଇୱା ଗାଡିକୁ ବଣାଇଁ ପୁଲିସ ଜବତ୍ କରିଛି। ଗତ କିଛିଦିନ ତଳେ ବାଲି ଚୋରା ଚାଲାଣ ରୋକିବାକୁ ଖୋଦ୍ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ପରେ ତତ୍ପର ହୋଇଛି ବିଭାଗ ଓ ପୁଲିସ୍। ବଣାଇଁ ପୁଲିସ ଓ ଟିକାୟତପାଲି ପୁଲିସ ପକ୍ଷରୁ ବଣାଇଁ ଥାନା ଅଧିକାରୀ ଜ୍ଞାନେନ୍ଦ୍ର ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ରାତ୍ରିକାଳୀନ ପାଟ୍ରୋଲିଂରେ ବାହାରି ଥିଲେ। ବଣାଇଁ ବ୍ରାହ୍ମଣୀ ନଦୀ ଶଯ୍ୟାର ବିଭିନ୍ନ ବାଲି ଘାଟ ଗୁଡିକରେ ଅତର୍କିତ ଚଢ଼ାଉ କରିଥିଲେ। ଏହି ସମୟରେ ଲିଜଧାରୀ ମୁକେଶ ଅଗ୍ରୱାଲଙ୍କ ନାଁରେ ଥିବା ଗିଲି ଘାଟରୁ କିଛି ହାଇୱାରେ ବାଲି ବୋଝେଇ ହୋଇ ପରିବହନ ନିମନ୍ତେ ଯିବା ବେଳେ ପୁଲିସ ସମସ୍ତ ଗାଡି ଗୁଡିକୁ ଅଟକରଖି କାଗଜ ପତ୍ର ଯାଞ୍ଚ କରିଥିଲା। ଗାଡିରେ ଚାଲାଣ କାଗଜପତ୍ର ବୈଧ ନଥିବା ବେଳେ ସେସବୁ ଗାଡି ଗୁଡିକ ବିନା ଟିପି ବ୍ୟବହାର କରି ବାଲି ଚୋରା ଚାଲାଣ କରୁଥିବା ଜଣାପଡ଼ିଥିଲା। ଯାହା ଫଳରେ ପୁଲିସ୍ ସବୁ ଗାଡି ଗୁଡିକୁ ଜବତ କରି ବଣାଇଁ ଥାନାକୁ ଆଣି ଅଟକ ରଖିଥିବା ଜଣାପଡ଼ିଛି। ସମସ୍ତ କାଗଜପତ୍ର ଯାଞ୍ଚ ପରେ ୪ଟି ଗାଡିର କୈଣସି ବୈଧ କାଗଜ ପତ୍ର ନଥିବାରୁ ସେସବୁକୁ ଅଟକରଖିବା ସହ ମାମଲା ରୁଜୁ କରାଯାଇଛି। ପ୍ରକାଶ ଥାଉକି ବଣାଇ ତହସିଲ ଅଧିନରେ ଥିବା ତେଣ୍ଡରା, ବନେଇକଲା, ଜାଙ୍ଗଡ଼ା ଇତ୍ୟାଦି ବିଭିନ୍ନ ବାଲି ଘାଟରୁ ଦୈନିକ ଶହ ଶହ ଟ୍ରିପ ବାଲି ରାତିରେ ବିଭିନ୍ନ ଅଞ୍ଚଳକୁ ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଛି। ତେବେ ନିଲାମ ନେଇଥିବା ବ୍ୟକ୍ତି ମାନେ ଅନ୍ୟ ମାନଙ୍କ ହାତରେ ଘାଟ ଦାୟିତ୍ୱ ଦେଇଥିବାରୁ ଚୋରି ବୃଦ୍ଧି ପାଉଥିବା ଲୋକେ ଅଭିଯୋଗ କରିଛନ୍ତି। ଯାହା ଫଳରେ ବାଲି ଘାଟରୁ ପ୍ରତ୍ୟେକ ଦିନ କେତେ ପରିମାଣର ବାଲି ଯାଉଛି କାହା ପାଖରେ ହିସାବ ନଥିବା କୁହାଯାଉଛି। ବଣାଇଁ ଅଞ୍ଚଳର ବାଲି ମାଫିଆଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

## ସେକ୍ଟର-୩ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ପୁଷ୍ୟାଭିଷେକ



**ରାଉରକେଲା, ୩।୧(ସମିସ):** ସହରର ପ୍ରାଚୀନ ଦେବ ପୀଠ ଅହିରାବନ୍ଧ ଜଗନ୍ନାଥ ମନ୍ଦିରରେ ଶନିବାର ମହାପ୍ରଭୁଙ୍କ ପୁଷ୍ୟାଭିଷେକ ଅନୁଷ୍ଠିତ ହୋଇଯାଇଛି। ସକାଳେ ସମସ୍ତ ରୀତିକାନ୍ତି ସହ ପୂଜାର୍ଚ୍ଚନା କରାଯାଇ ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହୋଇଥିଲା। ସେହିପରି ନୂଆ ନେତ ମଧ ଚଢ଼ା ଯାଇଥିଲା। ଏହି ଅବସରରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ମହାପ୍ରଭୁ ବଳଭଦ୍ର, ମାଁ ସୁଭଦ୍ରା ଓ ଜଗନ୍ନାଥଙ୍କ ସୁନାବେଶ ଦର୍ଶନ କରିଥିଲେ। ଆଗାମୀ ୫ ତାରିଖ ମହାପ୍ରଭୁଙ୍କ ରାଜ୍ୟାଭିଷେକ ଅନୁଷ୍ଠିତ ହେବ ବୋଲି ମନ୍ଦିର ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଛି।

## ଚା’ ଖଟିରେ ରାଉରକେଲା ବିକାଶକୁ ଗୁରୁତ୍ୱ



**ରାଉରକେଲା, ୩।୧(ସମିସ):** ସମ୍ବାଦିକଙ୍କ ପାଇଁ ଉଦ୍ଦିଷ୍ଟ ରାଉରକେଲାର ସର୍ବପୁରାତନ ସଂଗଠନ ରାଉରକେଲା ପ୍ରେସ କ୍ଲବ୍ ଠାରେ ଇଂରାଜୀ ନବବର୍ଷ ଅବସରରେ ଏକ ଚା’ ଖଟିର ଆୟୋଜନ ହୋଇଥିଲା। ସମ୍ବାଦିକ, ରାଉରକେଲାର ରାଜନୈତିକ ଓ ଶ୍ରମିକ ସଂଗଠନର ନେତୃବୃନ୍ଦ ମାନେ ଏଥିରେ ସାମିଲ ହୋଇଥିଲେ। ସମସ୍ତେ ପରସ୍ପରକୁ ଇଂରାଜୀ ନବବର୍ଷର ଶୁଭେଚ୍ଛା ଜଣାଇଥିଲେ। ଆଗାମୀ ଦିନରେ ରାଉରକେଲାର ସର୍ବାଙ୍ଗୀନ ବିକାଶ ଲକ୍ଷ୍ୟ ନେଇ ଭିଜନ ୨୦୨୬ ଆଲୋଚନା ହୋଇଥିଲା। ସମସ୍ତେ ଏଥିରେ ନିଜ ନିଜର ମତାମତ ରଖିଥିଲେ। ଆଲୋଚନାରେ ବିଜେପିର ରାଜ୍ୟ ମୁଖପାତ୍ର ଧିରେନ ସେନାପତି, ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ଜ୍ଞାନେନ୍ଦ୍ର ଦାସ, ବିଜେଡିର ନେତା ପ୍ରଶାନ୍ତ ସେଠୀ, ଆଇଏନଟିୟୁସିର ସଭାପତି ନିହାର ଦାସ, ବିଏମଏସ୍ ସମର୍ଥିତ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘର ସମ୍ପାଦକ ତଥା ଆଦିବାସୀ ନେତା ବେନଡିଟ୍ ତିର୍କୀ, ରାଉରକେଲା ବାର ଆସୋସିଏସନର ସଭାପତି ସଦାନନ୍ଦ ସାହୁ, ସୁନ୍ଦରଗଡ଼ ଇଣ୍ଡଷ୍ଟ୍ରିଆଲ ମଜଦୂର ୟୁନିୟନର ସମ୍ପାଦକ ଯଯାତୀ କେଶରୀ ସାହୁ, ବିଜେପି ନେତା ସନ୍ତୋଷ ତନ୍ତୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବିଶେଷ କରି ସହରର ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନର ସୁବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ରାଉରକେଲା ସରକାରୀ ହସ୍ପିଟାଲକୁ କ୍ୟାପିଟାଲ ହସ୍ପିଟାଲର ମାନ୍ୟତା ସହ ସମସ୍ତ ସୁବିଧା ଉପଲବ୍ଧ କରାଇବା, ସମସ୍ତ ସିଏଚସିରେ ଡାକ୍ତର ବ୍ୟବସ୍ଥା କରିବା, ରାଉରକେଲାରେ ଏୟାରପୋର୍ଟ ବ୍ୟବସ୍ଥା ସୁଦୃଢ଼ ସହ ଭୁବନେଶ୍ୱର, କଲିକତା ସହ ଅନ୍ୟାନ୍ୟ ସହର ସହ ପ୍ରତ୍ୟେହ ସଂଯୋଗ ସ୍ଥାପନ ବ୍ୟବସ୍ଥା କରିବା। ଶିକ୍ଷା କ୍ଷେତ୍ରରେ ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ୟୁନିଭରସିଟିକୁ ରୂପାନ୍ତରିତ ସହ ବୈଷୟିକ ଓ ଡାକ୍ତରୀ ପାଠ୍ୟକ୍ରମର ଶୁଭାରମ୍ଭ କରିବା, ରେଳ ଡିଭିଜନ ସହ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ ଉପରେ ମତ ପ୍ରକାଶ ପାଇଥିଲା। ସମସ୍ତ ନେତୃତ୍ୱଙ୍କ ଉପସ୍ଥାପନାକୁ ବରିଷ୍ଠ ସ୍ତମ୍ଭକାର ତଥା ସାମ୍ବାଦିକ ଅରବିନ୍ଦ ଦାସ ତର୍ଜମା କରି ରିପୋର୍ଟ ପ୍ରଦାନ କରିଥିଲେ। ସାମ୍ବାଦିକ ସଞ୍ଜୀବ ନାୟକ ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ପ୍ରିଣ୍ଟ, ଇଲୋକ୍ଟ୍ରୋନିକ୍ସ ଓ ସାମାଜିକ ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ପାଇଲଟ୍ ଓ ଶିଶିର ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଅବସରପ୍ରାପ୍ତ ପୁଲିସ ଅଫିସର ଆସୋସିଏସନର ନୂଆବର୍ଷକୁ ସ୍ୱାଗତ

**ରାଉରକେଲା, ୩।୧(ସମିସ):** ରାଉରକେଲାର ଅବସରପ୍ରାପ୍ତ ପୁଲିସ ଅଫିସର୍ସ କଲ୍ୟାଣ ଆସୋସିଏସନ ତରଫରୁ ୨୦୨୫କୁ ବିଦାୟ ଜଣାଇ ନୂଆବର୍ଷ ୨୦୨୬କୁ ସ୍ୱାଗତ କରିବା ସହ ଆସନ୍ତା ମକର ସଙ୍କ୍ରାନ୍ତିର ଅଭିନନ୍ଦନ ଜ୍ଞାପନ କରାଯାଇଛି। ଆସୋସିଏସନର ବରିଷ୍ଠ ଉପସଭାପତି ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ବାସଭବନରେ ବର୍ଷର ପ୍ରଥମ ଦିନରେ ଏକ ଅଧିବେଶନର ଆୟୋଜନ କରାଯାଇଥିଲା। ଏଥିରେ ୩୫ରୁ ଅଧିକ ସଭ୍ୟ ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ ସୁମନ ଦତ୍ତ ସମସ୍ତଙ୍କୁ ନୂଆବର୍ଷର ଶୁଭେଚ୍ଛା ଜଣାଇବା ସହ ମକର ସଙ୍କ୍ରାନ୍ତିର ଅଭିନନ୍ଦନ ଜ୍ଞାପନ କରିଥିଲେ। କଲଚରାଲ ଏକାଡେମୀର ସଭାପତି ପଶୁପତି ନାଥ ଚାଟାର୍ଜି ନିମନ୍ତ୍ରିତ ଅତିଥି ହିସାବରେ ଯୋଗ ଦେଇଥିଲେ। ଅବସର ପରେ ସଞ୍ଚିତ ଅର୍ଥର ସୁବିନିଯୋଗ ଓ ସ୍ୱଚ୍ଛଳତା ପ୍ରତି ସଚେତନ ହେବାକୁ କହିଥିଲେ। ଅନ୍ୟତମ ନିମନ୍ତ୍ରିତ ଅତିଥି ଭଞ୍ଜ କଲଚରାଲ ଟ୍ରଷ୍ଟର ସାଧାରଣ ସମ୍ପାଦକ ରାଧାକୃଷ୍ଣ ମହାପାତ୍ର ସାମାଜିକ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ ରଖିବା ପାଇଁ ସଭ୍ୟ ମାନଙ୍କୁ ଅନୁରୋଧ କରିଥିଲେ। ବରିଷ୍ଠ ସଦସ୍ୟ ଦିଲ୍ଲୀପ ପୁରୋହିତ ଆସୋସିଏସନର ରେଜିଷ୍ଟ୍ରେସନ ପାଇଁ ପଦକ୍ଷେପ ନେବାକୁ ମୋହନପାଣି କାରୁଆଙ୍କୁ ଅନୁରୋଧ କରିଥିଲେ। ଯଦ୍ୱାରା ଆଗାମୀ ଦିନରେ ସରକାରୀ ଅନୁଦାନ ମିଳିବାରେ ସୁବିଧା ହେବ। ଏହି ଉପଲକ୍ଷେ ମୁଖ୍ୟ ଅତିଥି ପ୍ରାକ୍ତନ ଅଧକ୍ଷ ଡ.ଶଙ୍କର ତ୍ରିପାଠୀ କେକ କାଟିଥିଲେ। ଅଧିବେଶନର ଅଧକ୍ଷତା କରୁଥିବା ପୂର୍ଣ୍ଣଚନ୍ଦ୍ର ମିଶ୍ର ସଭ୍ୟ ମାନେ ସ୍ୱାସ୍ଥ୍ୟର ଯତ୍ନ ନେବା ସହ ଆଗାମୀ ଦିନରେ ଆସୋସିଏସନର କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ପାଇଁ ଆହ୍ୱାନ ଦେଇଥିଲେ। ଶେଷରେ ବରିଷ୍ଠ ଉପସଭାପତି ଯଦୁମଣି ପ୍ରଧାନ ଧନ୍ୟବାଦ ଅର୍ପଣ କରିବା ପରେ କେକ ଓ ମିଷ୍ଟାନ୍ନ ବଣ୍ଟନ ହୋଇଥିଲା। ଅଧିବେଶନରେ ସିରିଲ କେରକେଟା, କିଶୋର ମହାକୁଡ, ପ୍ରମୋଦ ବେହେରା, ଅଲେଖ ଚନ୍ଦ୍ର ସେଠୀ, ଶ୍ରୀନିବାସ ଦାସ, କୀର୍ତ୍ତନ ସାମଲ, ବ୍ରହ୍ମାନନ୍ଦ ମହାନ୍ତି, ପଞ୍ଚାନନ ବିଶ୍ୱାଳ, ଶରତ ରାଉତରାୟ, ଅଶୋକ ମହାନ୍ତି, ରୁଦ୍ର ନାରାୟଣ ଦାସ, ପିତାମ୍ବର କୁଅଁର, ସୁବାସ ବିଶ୍ୱାଳ, ମନୋରଞ୍ଜନ ଦାସ, ମଦନ ମୋହନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ମୁମ୍ବାଇ-ହାଓଡ଼ା ବନ୍ଧମୁଣ୍ଡା ଠାରେ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ



**ରାଉରକେଲା, ୩।୧(ସମିସ):** ଚକ୍ରଧରପୁର ରେଳ ଡିଭିଜନ ଅଧୀନ ମୁମ୍ବାଇ-ହାଓଡ଼ା ବନ୍ଧମୁଣ୍ଡା ଠାରେ ଏକ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ ହୋଇଛି। ଫଳରେ ମୁମ୍ବାଇ-ହାଓଡା ମୁଖ୍ୟ ରେଳ ସେକ୍ସନର ଅପ୍ ଲାଇନରେ ଯାତାୟତରେ ବ୍ୟାଘାତ ସୃଷ୍ଟି ହୋଇଛି। ବନ୍ଧମୁଣ୍ଡା ମୁଖ୍ୟ ସେକ୍ସନ ଅଧୀନ ୪୦୮/୧୧ଇ ପୋଷ୍ଟ ପାଖାପାଖି କେ-କ୍ୟାବିନ ନିକଟରେ ସକାଳ ୭ଟା ୪୫ ମିନିଟରେ ଏକ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ ହୋଇଥିଲା। ମାଲବାହୀ ଟ୍ରେନଟି ବନ୍ଧମୁଣ୍ଡାର ଏନ-ବକ୍ସରୁ ରାଉଲକେଲା ଅଭିମୁଖେ ଯାତ୍ରା କରୁଥିଲା। ଏହି ସମୟରେ ଦୁଇଟି ୱାଗନ୍ ହଠାତ୍ ଲାଇନଚ୍ୟୁତ ହୋଇ ଅପ୍ ଲାଇନକୁ ଅବରୋଧ କରିଦେଇଥିଲା। ଲାଇନ୍‌ଚ୍ୟୁତ ହେବା ପରେ, ପ୍ରଭାବିତ ଟ୍ରାକରେ ମୁମ୍ବାଇ-ହାଓଡା ମୁଖ୍ୟ ଲାଇନରେ ଟ୍ରେନ ଚଳାଚଳ ବନ୍ଦ ହୋଇଯାଇଥିଲା। ଖବର ପାଇବା ମାତ୍ରେ ଚକ୍ରଧରପୁର ଡିଭିଜନର ବରିଷ୍ଠ ଅଧିକାରୀମାନେ ଇଞ୍ଜିନିୟରିଂ, ବଗି ଏବଂ ୱାଗନ୍ ବିଭାଗର କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଲାଇନଚ୍ୟୁତ ୱାଗନଗୁଡିକୁ ସଜାଡ଼ିବା ଏବଂ ଯଥାଶୀଘ୍ର ଯାତାୟାତ ସ୍ୱାଭାବିକ କରିବା ପାଇଁ ପୁନରୁଦ୍ଧାର କାର୍ଯ୍ୟ କରିଥିଲେ। ନୂତନ ବର୍ଷର ଶୁଭାରମ୍ଭର ୭୨ ଘଣ୍ଟା ପରେ ଘଟିଥିବା ଏହି ଲାଇନଚ୍ୟୁତ ବନ୍ଧମୁଣ୍ଡା ସେକ୍ସନରେ ନୂତନ ବର୍ଷର ପ୍ରଥମ ରେଳ ଦୁର୍ଘଟଣା। ଲାଇନଚ୍ୟୁତ ହେବାର ଗୋଟିଏ ଘଣ୍ଟା ପରେ ମଧ କୌଣସି ଜରୁରୀକାଳୀନ ଉଦ୍ଧାର ସାଇରନ୍ ବଜାଇ ନଥିଲା। ଏହି ଘଟଣା ସୁରକ୍ଷା ଏବଂ ଜରୁରୀକାଳୀନ ପ୍ରସ୍ତୁତି ଉପରେ ପ୍ରଶ୍ନ ଉଠାଇଛି। ଚକ୍ରଧରପୁର ରେଳ ଡିଭିଜନରେ ସୁରକ୍ଷିତ ଟ୍ରେନ୍ ଚଳାଚଳ ଏବଂ ରକ୍ଷଣାବେକ୍ଷଣ ଅଭ୍ୟାସ ପ୍ରସଙ୍ଗକୁ ପୁଣି ଥରେ ତଦନ୍ତ ପରିସରକୁ ଆଣିଛି।

## ପ୍ରଗତି ଉତ୍କଳ ସଂଘର ‘ମୋ ପ୍ରିୟ କବି ଓ କବିତା’ ଆସର

**ରାଉରକେଲା, ୩।୧(ସମିସ):** ସହରର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ପ୍ରଗତି ଉତ୍କଳ ସଂଘ ପକ୍ଷରୁ ଚଳିତ ବର୍ଷ ମଧ ନବବର୍ଷ ଉପଲକ୍ଷେ ଏକ ସାରସ୍ୱତ କବିତା ‘ମୋ ପ୍ରିୟ କବି ଓ କବିତା’ ପାଠୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘର ଉପସଭାପତି ଡ.ପ୍ରଭାତ ମଲ୍ଲିକଙ୍କ ସଭାପତିତ୍ୱ ଓ ସାଂସ୍କୃତିକ ସମ୍ପାଦକ ଅଶୋକ ପଟ୍ଟନାୟକଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ମହେନ୍ଦ୍ର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କବି ମଞ୍ଜୁଳା ରଥଙ୍କ ସଭାପତିତ୍ୱ ଓ କବି ସୁସ୍ମିତା ମହାପାତ୍ର ଓ କବି ସ୍ମିତା ମିଶ୍ରଙ୍କ ସଂଯୋଜନାରେ ଭାରତ ଭୂଷଣ ମହାନ୍ତି, ଡ.କୃପାସିନ୍ଧୁ ନାୟକ, ପାରେଶ୍ୱର ବିଶ୍ୱାଳ, ଅଜୟ ମହାନ୍ତି, ଗଦାଧର ରଥ, ବିଜୟଲକ୍ଷ୍ମୀ ପଟ୍ଟନାୟକ, ହରମୋହନ ମିଶ୍ର, ବିନିତା ମହନ୍ତ, ଗୀତାରାଣୀ ବେହେରା, ସସ୍ମିତା ପ୍ରଧାନ, ଶ୍ରୀଧର ସୁନା, ରଶ୍ମି ସାହୁ, ଅଶୋକ ପଟ୍ଟନାୟକ, ସୁଚିତ୍ରା ଲେଙ୍କା, ବ୍ରଜ ବିହାରୀ ଦାଶ, ଆର୍ତ୍ତତ୍ରାଣ ମହାପାତ୍ର, ସଞ୍ଜୀବ ଭୋଇ, ଦିବାକର ଦାସ, ଉପେନ୍ଦ୍ର ବସ୍ତିଆ, ସତ୍ୟନାରାୟଣ ଦାଶ, ଧୋବେଇ ବେହେରା, ଗଙ୍ଗାଧର ପୁହାଣ, ତ୍ରିଲୋଚନ ସ୍ୱାଇଁ, ସୁନିଲ ମହାନ୍ତି, ଅର୍ଚ୍ଚନା ପାତ୍ର, ନୃସିଂହ ଚରଣ ବିଶ୍ୱାଳ, ମୀନକେତନ ପଶାୟତ ତ୍ରିନାଥ ସିଂହ, ପରେଶ ବିଶ୍ୱାଳ, ରଜନୀ ସାହୁ, ମନୋଜ ଦାଶ, ଆଲୋକ ବୋଷ, ବିଜୟିନୀ ଜେନା, ବ୍ରଜେନ୍ଦ୍ର ଦାଶ, ରାଜୀବ ପାଣି, ରଘୁବର ଧଳ, ଶଶିଭୂଷଣ ଦାସ ପ୍ରମୁଖ ନିଜ ପ୍ରିୟ କବିଙ୍କ କବିତା ପାଠ କରିଥିଲେ। ଏହି ଅବସରରେ ସଂଘର ନୂତନ ସଦସ୍ୟ ଭାବେ ବିସ୍ମୟ ଦାସ, ପିତାମ୍ବର ପାଣିଗ୍ରାହୀ, ନାରାୟଣ ଦଳାଇ, ପବିତ୍ର ମହାପାତ୍ର, ରଜନୀ ସାହୁ ଓ ନୃସିଂହ ଚରଣ ବିଶ୍ୱାଳଙ୍କୁ ଗ୍ରହଣ କରାଯାଇଥିଲା। ଶେଷରେ ସାଧାରଣ ସମ୍ପାଦକ ରାଧାମୋହନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଘନଶ୍ୟାମ ଧଳ, ଅରବିନ୍ଦ ପାତ୍ର, ଶୁଭ୍ରାଂଶୁ ମହାପାତ୍ର, ଇନ୍ଦ୍ରମଣି ମହାପାତ୍ର, ପ୍ରସନ୍ନ ମହାନ୍ତି, ନାରାୟଣ ମହନ୍ତ, ପରିକ୍ଷିତ ଗୁରୁ, ପ୍ରମୋଦ ପତି, ଶାନ୍ତନୁ ମହାନ୍ତି, ଆଶ୍ରିତ ଦାସ, ଦେବେନ୍ଦ୍ର ଆଚାର୍ଯ୍ୟ, କୁଳମଣୀ ଦାସ, ଚିତ୍ତ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ଗୋଣ୍ଡ ସମାଜ ପକ୍ଷରୁ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**କୁତ୍ରା, ୩।୧(ସମିସ):** ସୁନ୍ଦରଗଡ଼ ଜିଲ୍ଲାକୁତ୍ରା ବ୍ଲକ ଅଧୀନ ବୁଡାକଟା ଠାରେ ଗୋଣ୍ଡ ସମାଜ ତରଫରୁ ପ୍ରଥମ ଥର ଦୁଇଦିନିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯାଇଛି। ଏଥିରେ ଗାଁର ସମସ୍ତ ଗୋଣ୍ଡ ସମାଜର ଯୁବକମାନଙ୍କ ସମେତ ବିରିଙ୍ଗାଟୋଲି, ଗଙ୍ଗାଜଳ, ପୂର୍କାପାଲି, କର୍ମାବାହାଲ, କାଦୋପଡ଼ା ପ୍ରଭୃତି ଗାଁର ଯୁବକ ମାନେ ମଧ ସହଯୋଗ କରିଛନ୍ତି। ମୁଖ୍ୟ ଅତିଥି ଭାବେ ସମାଜସେବୀ ବାବଲୁ ବରିହା ଓ ସମ୍ମାନିତ ଅତିଥି ଭାବେ ବୁଡାକଟା ଗୌଁଟିଆ ଡୋଲାମଣି ବେହେରା ଯୋଗ ଦେଇ ପ୍ରତିବର୍ଷ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ କରିବାକୁ ଉତ୍ସାହିତ କରିଥିଲେ। ଆଖପାଖ ଅଞ୍ଚଳର ଗଣ୍ଡ ସମାଜର ୧୦ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ପ୍ରଥମ ମ୍ୟାଚ୍ ଗଡ଼ପୋଷ ଓ ରଙ୍ଗିଆଟିକରା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସେଇଭଳି ଦ୍ୱିତୀୟ ମ୍ୟାଚ୍ ବୁଡାକଟା ଓ ଗଡ଼ପୋଷ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ତେବେ ଉଭୟ ମ୍ୟାଚ୍‌ରେ ଗଡ଼ପୋଷ ବିଜୟୀ ହୋଇ ସେମିଫାଇନାଲରେ ପହଞ୍ଚିଛି। ଖେଳ ପରିଚାଳନାରେ କୋମଲ ପାଉଲେ, ନିକ ପ୍ରଧାନ, ବିକି ମରେଇ, ଆକାଶ ମରେଇ, ରୋହିତ କୁମରା, ଲଳିତ ପାଉଲେ, ପଙ୍କଜ ବରିହା, ମିତ୍ରଭାନୁ ସିଂ ଦଣ୍ଡପାଟ, ନୟନସିଂ ଦଣ୍ଡପାଟ, ଡିଲେଶ୍ୱର ନାଏକ, ସଞ୍ଜୟ ପାଇଲେ ପ୍ରମୁଖ ସହଯୋଗ କରିଥିଲେ।




# ୪ରୁ ଲୋକନାଟକ ମହୋତ୍ସବ

## ମଞ୍ଚସ୍ଥ ହେବ ୬ଟି ନାଟକ

ରାଉରକେଲା, ୩।୧(ସମିସ)



ରାଉରକେଲା କଲଚରାଲ ଏକାଡେମୀ ପକ୍ଷରୁ ପ୍ରତିବର୍ଷ ଆୟୋଜିତ ହେଉଥିବା ଲୋକନାଟକ ମହୋତ୍ସବ ଆସନ୍ତା ୪ତାରିଖ ସଂଧ୍ୟାରୁ ସ୍ଥାନୀୟ ସିଭିକ୍ ସେଣ୍ଟର୍ ଠାରେ ଆରମ୍ଭ ହେବ ବୋଲି ଏକାଡେମୀ ପକ୍ଷରୁ ସୂଚନା ଦିଆଯାଇଛି। କଲଚରାଲ ଏକାଡେମୀ ସଭାପତି ପଶୁପତିନାଥ ଚାଟାର୍ଜୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କଲଚରାଲ ଏକାଡେମୀର ପୂର୍ବତନ ସଭାପତି ତଥା ନବପତ୍ର ପତ୍ରିକାର ସମ୍ପାଦକ ଡ.ପ୍ରଭାତ ମଲ୍ଲିକ, ଚାରୁକଳା ବିଦ୍ୟାଳୟର ସମ୍ପାଦକ ଅକ୍ଷୟ ସାମଲ, ଏକତ୍ର ସାଧାରଣ ସମ୍ପାଦକ ବିଜୟ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚ ନାଟକରେ ଯେତେବେଳେ ଅତିବୌଦ୍ଧିକତା ଏବଂ ଉଦ୍ଭଟତା ପ୍ରବେଶ କରିଥିଲା ସେତେବେଳେ ୧୯୭୬ରେ କଲଚ୍‌ରାଲ ଏକାଡେମୀ ପକ୍ଷରୁ ଲୋକନାଟକ ମହୋତ୍ସବର ପରିକଳ୍ପନା କରାଯାଇଥିଲା ବୋଲି କହିଥିଲେ। ୭୦ ଦଶକ ବେଳକୁ ଓଡ଼ିଆ ପ୍ରସେନିୟମ ଥିଏଟର ମଞ୍ଚକୁ ଅନ୍ଧକାର ଗ୍ରାସି ଯାଇଥିଲା। କେଉଁଠି କେମିତି କାଁ ଭାଁ ହେଉଥିଲା ଗତାନୁଗତିକ ପୁରୁଣା ନାଟକ କିମ୍ବା ପରିବାରରୁ ସାଉଁଟି ଅଣାଯାଇଥିବା ଉଦ୍ଭ୍ରାନ୍ତ ନାଟକ। ଏକାଡେମୀ ପରିକଳ୍ପନାରେ କେବଳ ନାଟକର ପୁନରୁତ୍ଥାନ କଥା ନଥିଲା, ବରଂ ଥିଲା ଲୋକ ଜୀବନର ସୁବିର ଧାରାକୁ ନାଟକ ଜରିଆରେ ତରଙ୍ଗାୟିତ କରିବାର ଅଭିପ୍ରାୟ। ତେବେ ଧାରାବାହିକ ଭାବେ ୨୫ ବର୍ଷ ଧରି ଏହି ମହୋତ୍ସବ ଅନୁଷ୍ଠିତ ହୋଇ ଆସୁଥିଲା। ପରେ ସାମୟିକ ଭାବେ ବନ୍ଦ ରହି ପୁଣିଥରେ ୨୦୧୫ ମସିହା ଠାରୁ ଲୋକନାଟକ ମହୋତ୍ସବ ପ୍ରତିବର୍ଷ ଆୟୋଜିତ ହେଉଛି। ଲୋକନାଟକ ଆରମ୍ଭ ହେବା ଠାରୁ ଏପର୍ଯ୍ୟନ୍ତ ଏହି ଦୀର୍ଘ ଯାତ୍ରାରେ ୨୫୦ରୁ ଉର୍ଦ୍ଧ୍ୱ ନାଟକ ପରିବେଷିତ ହୋଇସାରିଛି। ଏତଦ୍‌ବ୍ୟତୀତ ୭୦୦ରୁ ଉର୍ଦ୍ଧ୍ୱ ନୂଆ ନାଟକ ଏବଂ ଅନେକ ନାଟ୍ୟକାର ମଞ୍ଚକଳାକାର, ନିର୍ଦ୍ଦେଶକ, ଟେକିନିସିଆନ୍ ଇତ୍ୟାଦି କଲ୍‌ଚରାଲ୍ ଏକାଡେମୀ ସୃଷ୍ଟି କରିପାରିଛି।

ସୂଚନାଯୋଗ୍ୟ, ଚଳିତ ବର୍ଷ ଏହି ମହୋତ୍ସବ ଜାନୁଆରୀ ୪ରୁ ୧୦ ପର୍ଯ୍ୟନ୍ତ ସିଭିକ୍ ସେଣ୍ଟର୍ ଠାରେ ଅନୁଷ୍ଠିତ ହେବ। ୬ଟି ନାଟକ ପ୍ରତିଯୋଗିତା ମୂଳକ ଭାବେ ମଞ୍ଚସ୍ଥ ହେବ ଏବଂ ଅନ୍ତିମ ସଂଧ୍ୟାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ସନ୍ଧ୍ୟା ୪ ତାରିଖରେ ଉତ୍କଳୀ ସାଂସ୍କୃତିକ ଶିଳ୍ପୀ, ରାଉରକେଲାର କଳାକାରମାନେ ନାଟକ ‘କମ୍ପାନୀ ସରକାର’ ପରିବେଷଣ କରିବେ ବୋଲି ସୂଚନା ମିଳିଛି। ସେହିପରି ୫ ତାରିଖ ପରିଚୟ, ରାଉରକେଲା ପକ୍ଷରୁ ନାଟକ ‘ହୁଲ’, ୬ ରେ କଳା ବିକାଶ କେନ୍ଦ୍ର, ମଙ୍ଗଳପୁର, ଯାଜପୁର ପକ୍ଷରୁ ‘ରଣକୁହୁଡି’, ୭ରେ ମିରର୍ ଥିଏଟର, ବେଲପାହାଡ ପକ୍ଷରୁ ‘ଭୋକର ଅନେକ ରଙ୍ଗ’, ୮ ରେ ନୂଆ ପରିଚୟ, ଭୁବନେଶ୍ୱର ପକ୍ଷରୁ ‘ନୂଆ ସକାଳର ଅପେକ୍ଷାରେ’, ୯ରେ ଖରିଆର ସାଂସ୍କୃତିକ ଅନୁଷ୍ଠାନ, ଖରିଆର ପକ୍ଷରୁ ‘ସୁଆଦ୍ ସୁଆଦ୍ ବୋଲି ଖାଇଲି କେନ୍ଦ’ ଏବଂ ୧୦ ତାରିଖ ସଂଧ୍ୟାରେ ରଙ୍ଗକର୍ମୀ, ରାଉରକେଲାର କଳାକାରମାନେ ପରିବେଷଣ କରିବେ ପ୍ରଦର୍ଶନୀ ମୂଳକ ନାଟକ ‘ମାସୁଲ’। ବାହାରୁ ଆସୁଥିବା ନାଟ୍ୟ ଅନୁଷ୍ଠାନଙ୍କ ପ୍ରଯୋଜନା ବାବଦରେ ୧୨ ହଜାର ଟଙ୍କା ଏବଂ ସ୍ଥାନୀୟ ରାଉରକେଲାର ନାଟ୍ୟ ଅନୁଷ୍ଠାନ ମାନଙ୍କୁ ୧୦ ହଜାର ଟଙ୍କା ଦେବାକୁ ସ୍ଥିର କରାଯାଇଛି। ଏହି ଅବସରରେ ଏକାଡେମୀର ସଦସ୍ୟ ଗୋକୁଳାନନ୍ଦ ଦାଶ, ବଳରାମ ରାଉଳ, ଅକ୍ଷୟ ପଣ୍ଡା, ଆଲୋକ ବୋଷ ପ୍ରମୁଖ ଉପସ୍ଥିତ ଥିଲେ। ଲୋକନାଟକ ମହୋତ୍ସବକୁ ସଫଳ କରିବା ପାଇଁ ରାଉରକେଲାବାସୀଙ୍କ ଠାରୁ ସହଯୋଗ କାମନା କରିଥିଲେ।

ସକାଳ
THE SAKALA



# କଂସବଧ ସହ ବନ୍ଧବାହାଲ ଧନୁଯାତ୍ରା ଉଦ୍‌ଯାପିତ

**ଇବଥର୍ମାଲ, ୩।୧(ସମିସ)**

ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ବନ୍ଧବାହାଲ ଧନୁଯାତ୍ରା ପଡ଼ିଆରେ ୧୯ତମ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ବିଳମ୍ବିତ ରାତିରେ କଂସ ବଧ ଅଭିନିତ ହେଲାପରେ ଉଦ୍‌ଯାପିତ ହୋଇଯାଇଛି। କୃଷ୍ଣଙ୍କ ପଦାଘାତରେ କଂସ ମୃତ୍ୟୁ ବରଣ କରିବା ପରେ ମଥୁରାରେ ପାପର କ୍ଷୟ ଓ ସତ୍ୟର ଜୟ ହୋଇଛି। କଂସ ଅତ୍ୟାଚାରରେ ଅତିଷ୍ଠ ମଥୁରା ନଗରୀ ନରନାରୀ ଉଲ୍ଲାସର ଉତ୍ସବ ପାଳନ କରିଛନ୍ତି। ୭ ଦିନ ଧରି ଚିଲିଥିବା ବନ୍ଧବାହାଲ ଧନୁଯାତ୍ରାର ଯବନିକା ଘଟିଛି। ଆୟୋଜକ କମିଟି ସଭାପତି ବେଣୁଧର ସିଂହଙ୍କ ଅଧ୍ୟକ୍ଷତାରେ ସମସ୍ତ କମିଟି ସଦସ୍ୟ ମଞ୍ଚରେ ଉପସ୍ଥିତ ରହି ମହାରାଜା କଂସ ଭୂମିକାରେ ଅଭିନୟ କରିଥିବା ରବୀନ୍ଦ୍ର ସାହୁ ଓ ତାଙ୍କ ଦଳଙ୍କୁ ସମ୍ମାନିତ କରିଥିଲେ। ବନ୍ଧବାହାଲ ଧନୁଯାତ୍ରା ସପ୍ତମ ଦିନରେ ମାମୁଁ କଂସଙ୍କ ଯୋଜନାମୂଳକ ଧନୁଯାତ୍ରା ନିମନ୍ତ୍ରଣ ପାଇ ନନ୍ଦସୁତ ବେନିଭାଇ କୃଷ୍ଣ ବଳରାମ ଭକ୍ତ ଅକ୍ରୁରଙ୍କ ସହ ରଥରେ ମଥୁରା ଆସିଛନ୍ତି। ଏଥିପାଇଁ ଗୋପରୁ ବିଦାୟ ନେବା ଦୃଶ୍ୟ ସମସ୍ତଙ୍କୁ ଭାବାବେଗରେ ବୁଡେଇ ଦେଇଛି। ମାଁ ଯଶୋଦା, ନନ୍ଦରାଜା, ପ୍ରେମମୟୀ ରାଧା, ଗୋପ ଗୋପାଳୁଣୀ ସମସ୍ତଙ୍କ ଆଖିରେ ଧାର ଧାର ଲୁହ। କାରଣ ତାଙ୍କ କହ୍ନେଇ ତାଙ୍କଠାରୁ ଦୂରେଇ ଯାଉଛି। ଅପରପକ୍ଷେ ମଥୁରା ବାସୀ ଶ୍ରୀକୃଷ୍ଣଙ୍କୁ ପାଇ ଆନନ୍ଦରେ ଉଲ୍ଲସିତ। ଆସିବା ରାସ୍ତାରେ କୃଷ୍ଣଙ୍କ ବାଲ୍ୟବନ୍ଧୁ ସୁଦାମା ସହ ଭେଟ, କୁବୁଜା ଉଦ୍ଧାରଣ ଦୃଶ୍ୟ ମାନ ଅଭିନିତ ହୋଇଥିଲା। ସନ୍ଧ୍ୟାରେ କୃଷ୍ଣ ବଳରାମ କଂସ ଦରବାରରେ ପହଞ୍ଚିବା ପରେ ପ୍ରଥମେ ଶିବଧନୁ ଭାଙ୍ଗିଥିଲେ। ପରେ ଗୋଟିଏ ପରେ ଗୋଟିଏ ଅସୁର ମାନଙ୍କୁ ବଧକରି ମୁକ୍ତି ଦେଇଥିଲେ। ପରେ ରାଜ ଦରବାର ପ୍ରବେଶ ମାତ୍ରକେ କୃଷ୍ଣଙ୍କୁ ପାଇ କଂସ ଛଳନାର ଅଭିନୟ କରିଥିଲା। ଲୀଳାମୟ ଅନ୍ତର୍ଯ୍ୟାମୀ କୃଷ୍ଣ ସବୁ ଜାଣି କଂସ ସହ ଦ୍ୱନ୍ଦ୍ୱ ଯୁଦ୍ଧ ଆରମ୍ଭ କରିଥିଲେ ଓ ପରିଣାମରେ କଂସ ଜୀବନର ପରିସମାପ୍ତି ହୋଇଥିଲା। ଯଦା ଯଦାହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ... ମନ୍ତ୍ରରେ ସମଗ୍ର ମଥୁରା ପୁର ଗୁଞ୍ଜରିତ ହୋଇ ଉଠିଥିଲା। ମୁକ୍ତ ରଙ୍ଗମଞ୍ଚରେ ସାତଦିନ ଧରି ଅଭିନୟ କରିଥିବା କଳାକାର ମାନେ ହେଲେ, କଂସ ଭୂମିକାରେ ରବୀନ୍ଦ୍ର ସାହୁ, କୃଷ୍ଣ ଭାବେ ଭୟଙ୍କର ଖମାରୀ, ବଳରାମ ଲଳିତ କାଲୋ, ରାଧା ସିମରନ ସାହୁ, ଉଗ୍ରସେନ ଓ ସତ୍ରାଜିତ



ଗଦାଧର ପଟେଲ, ଅକ୍ରୁର ଓ ନାରଦ ମଧୁ ରାଉତ, ସେନାପତି ଟିପୁନ ବାରିକ, ସେନାପତି ଜଗଦିଶ ମାହାର, ଚାଣୁର ପୂର୍ଣ୍ଣଚନ୍ଦ୍ର ସାହୁ, ମୁଷ୍ଟିକ ବନବାସ ଭୋଇ, ବସୁଦେବ ପୃଥ୍ୱୀରାଜ ବାଗ, ଜରାସନ୍ଧ ପଙ୍କଜ କର୍ଣ୍ଣ, ପ୍ରହରୀ ସରୋଜ ମହାକୁର, ଦୂତ ପ୍ରେମରାଜ ସାହୁ, ମଲ୍ଲ କଳାକାହ୍ନୁ ସାହୁ, ଦେବକୀ ମନୁ ବାଗ୍, ବାଦ୍ୟଯନ୍ତ୍ରରେ ମୁରଲୀ ନାଗ, ଘନଶ୍ୟାମ ମେହେର, ସୁରେନ୍ଦ୍ର ଥାପା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହାଛଡା ଅନେକ ପୁଅଝିଅ ଗୋପାଳ ଗୋପାଳୁଣୀ ଅଭିନୟ କରିଥିଲେ। ଆଜି ରାଜ ଅତିଥି ଭାବେ ଏମ୍‌ସିଏଲ ଡାଇରେକ୍ଟର ଟେକ୍ନିକାଲ ସଞ୍ଜୟ ଝା, ଡାଇରେକ୍ଟର ଫାଇନାନ୍ସ ଅଜିତ ବେହୁରା, ଲଖନପୁର ଜିଏମ୍ ଅୱଦ କିଶୋର ପାଣ୍ଡେ, ଇବଭ୍ୟାଲି ଜିଏମ୍ ଜିତେନ୍ଦ୍ର ତିୱାରୀ, ବିଜେପି ଯୁବ ନେତା ରାଧେଶ୍ୟାମ ପ୍ରଧାନ ଯୋଗ ଦେଇଥିଲେ। ମୁଖ୍ୟ ପେଟ୍ରନ୍ ରଘୁନନ୍ଦନ ପଣ୍ଡା ସଭାପତିତ୍ୱ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ଉମାକାନ୍ତ ପଣ୍ଡା ମଞ୍ଚ ସଞ୍ଚାଳନ କରିଥିଲେ। ବଲାଙ୍ଗିର ଲୁଇସିଂହାରୁ ଆସିଥିବା ଶଙ୍କର ବେହେରା ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ସମୟରେ ସେମାନଙ୍କ ସହ ଦର୍ଶକ ମାନେ ମଧ ବେଶ୍ ଝୁମିଥିଲେ।

# ଶ୍ରୀରାମଙ୍କ ସ୍ୱର୍ଣ୍ଣ ଧନୁଶକୁ ଝାରସୁଗୁଡ଼ାରେ ଭବ୍ୟ ସ୍ୱାଗତ

**ଝାରସୁଗୁଡ଼ା, ୩।୧(ସମିସ):** ଝାରସୁଗୁଡ଼ା ସହରରେ ରାଉରକେଲାରୁ ଶନିବାର ଅପରାହ୍ଣରେ ଅଯୋଧ୍ୟା ଅଭିମୁଖେ ନିଆଯାଉଥିବା ଶ୍ରୀରାମଙ୍କ ଧନୁଶକୁ ଭବ୍ୟ ସ୍ୱାଗତ କରାଯାଇଛି। ଏକ ଟ୍ରଲର ଗାଡିରେ ସଜ୍ଜିତ ହୋଇଥିବା ଶ୍ରୀରାମ ସ୍ୱର୍ଣ୍ଣ ଧନୁଶ୍ ଆଜି ରାଉରକେଲାରୁ



ବାହାରି ଝାରସୁଗୁଡ଼ା ସହରକୁ ଅପରାହ୍ଣ ୪ ଟାରେ ପହଞ୍ଚିଥିଲା। ଝାରସୁଗୁଡ଼ାରେ ପହଞ୍ଚିବା ପରେ ବିଶ୍ୱ ହିନ୍ଦୁ ପରିଷଦ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ବଜରଙ୍ଗ ଦଳ ପକ୍ଷରୁ ଆଡମ୍ବରପୂର୍ଣ୍ଣ ସ୍ୱାଗତ କରାଯାଇଥିଲା। ଝାରସୁଗୁଡ଼ା ସହରରେ ଶ୍ରୀରାମ ଧନୁଶ ଯାଉଥିବା ବେଳେ ସହର ପ୍ରତ୍ୟେକ ଛକ, ରାସ୍ତା ପାର୍ଶ୍ୱ ମନ୍ଦିର ମାନଙ୍କରେ ପୂଜା ସହ ଝଣ୍ଡା ଛକ ସ୍ଥିତ ଶ୍ରୀରାମ ମନ୍ଦିରରେ ଭାବପୂର୍ଣ୍ଣ ପୂଜା କରାଯାଇଥିଲା। ଶ୍ରୀରାମ ଧନୁକୁ ସ୍ୱାଗତ କାର୍ଯ୍ୟକ୍ରମରେ ବିଶ୍ୱ ହିନ୍ଦୁ ପରିଷଦର ଅଶୋକ ଗାନ୍ଧୀ, କିଶୋର ମହାନ୍ତି, ସୁମିତ ଶୁକ୍ଲା, ସତ୍ୟେନ୍ଦ୍ର ପରମାର, ଅରବିନ୍ଦ ପାଠକ, ସଞ୍ଜୟ ସିଂ, ବିକାଶ ଗୁରୁଙ୍ଗ, ତାରଣ ଗିଦ୍ୱାନି, ରବି ଗିଦ୍ୱାନି ପ୍ରମୁଖ ଉପସ୍ଥିତ ଥିଲେ। ଝାରସୁଗୁଡ଼ା ଜିଲ୍ଲା ବିଜେପି ଉପସଭାପତି ସୁଧାଂଶୁ ଦୋରାଙ୍କ ସଂଯୋଜନାରେ ସ୍ୱାଗତ କାର୍ଯ୍ୟକ୍ରମଟି ପରିଚାଳିତ ହୋଇଥିଲା। ଏହାପରେ ସନ୍ଧ୍ୟା ୭ରେ ରେଙ୍ଗାଲି ଅଭିମୁଖେ ଯାଇଥିଲା। ଜାନୁଆରୀ ୪ ତାରିଖ ୯ଟାରେ ସମ୍ବଲପୁର, ଦିନ ୩ଟାରେ ଦେବଗଡ଼, ୫ ତାରିଖ ସକାଳ ୯ଟାରେ ବୌଦ୍ଧ, ୩ଟାରେ ସୋନପୁର, ୬ ତାରିଖ ସକାଳ ୯ଟାରେ ବରଗଡ଼, ଦିନ ୩ଟାରେ ବଲାଙ୍ଗିର, ୭ ତାରିଖ ୯ଟାରେ ନୂଆପଡ଼ା, ଦିନ ୩ଟାରେ କଳାହାଣ୍ଡି, ୮ ତାରିଖ ସକାଳ ୯ଟାରେ ନବରଙ୍ଗପୁର, ଦିନ ୩ଟାରେ ମାଲକାନଗିରି, ୯ ତାରିଖ ସକାଳ ୯ଟାରେ କୋରାପୁଟ, ଦିନ ୩ଟାରେ ରାୟଗଡ଼ା, ୧୦ ତାରିଖ ସକାଳ ୯ଟାରେ ପାରଳାଖେମୁଣ୍ଡି ଏବଂ ଦିନ ୩ଟାରେ ବ୍ରହ୍ମପୁର, ୧୧ ତାରିଖ ସକାଳ ୯ଟାରେ ଫୁଲବାଣୀ ଏବଂ ଦିନ ୩ଟାରେ ନୟାଗଡ଼, ୧୩ ତାରିଖ ସକାଳ ୯ଟାରେ ଘସିପୁରା ଏବଂ ଦିନ ୩ଟାରେ କେଉଁଝର, ୧୪ ତାରିଖ ସକାଳ ୯ଟାରେ ରାମତୀର୍ଥ ଜସିପୁର ଏବଂ ଦିନ ୩ଟାରେ ବାରିପଦା, ୧୫ ତାରିଖ ସକାଳ ୯ଟାରେ ବାଲେଶ୍ୱର ଏବଂ ଦିନ ୩ଟାରେ ଭଦ୍ରକ, ୧୬ ତାରିଖ ସକାଳ ୯ଟାରେ ଯାଜପୁର ଏବଂ ଦିନ ୩ଟାରେ କେନ୍ଦ୍ରାପଡ଼ା, ୧୭ ତାରିଖ ସକାଳ ୯ଟାରେ ପାରାଦ୍ୱୀପ, ଦିନ ୧ଟାରେ ଜଗତସିଂହପୁର ଏବଂ ଦିନ ୪ଟାରେ କଟକ, ୧୮ ତାରିଖ ସକାଳ ୯ଟାରେ ଭୁବନେଶ୍ୱର, ୧୯ ତାରିଖ ସକାଳ ୯ଟାରେ ଶ୍ରୀ ଜଗନ୍ନାଥ ଧାମ ପୁରୀରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ଜାନୁଆରୀ ୨୨ ତାରିଖରେ ଶ୍ରୀରାମ ସ୍ୱର୍ଣ୍ଣ ଧନୁଶ୍ ଯାତ୍ରା ଅଯୋଧାରେ ପହଞ୍ଚିବାର ଯୋଜନା ରହିଛି।

## ସାଇକଲକୁ ଘୋଷାଡ଼ି ନେଲା ଭାରୀଯାନ

**ଝାରସୁଗୁଡ଼ା, ୩।୧(ସମିସ):** ଝାରସୁଗୁଡ଼ା ଜିଲ୍ଲା ଜାତୀୟ ରାଜପଥରେ ଦିନକୁ ଦିନ ଭାରୀଯାନ ବୃଦ୍ଧି ପାଇବାରେ ଲାଗିଛି। ପ୍ରାୟତଃ ବେପରୁଆ ଗାଡି ଚାଳନା ଯୋଗୁଁ ଦୁର୍ଘଟଣା ହେଉଥିବା ଦେଖାଦେଉଛି। ଝାରସୁଗୁଡ଼ା ଜିଲ୍ଲା ରେଙ୍ଗାଲି ଥାନା ଅଧୀନ ଜାମଗାଁ ଛକ ନିକଟରେ ଶନିବାର ଦୁର୍ଘଟଣାରେ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଶନିବାର ଅପରାହ୍ଣ ପ୍ରାୟ ୪ଟା ସମୟରେ ବିଜାପାଲି ଠାରେ ଆୟୋଜିତ ବିଶ୍ୱଶାନ୍ତି ବ୍ରହ୍ମ ଯଜ୍ଞ ଓ ମହିମା ବାଲ୍ୟଲୀଳା ମହୋତ୍ସବ ଦେଖି ଲଛିପାଲିର ବାପପୁଅ ଏକ ସାଇକେଲରେ ଫେରୁଥିଲେ। ଝାରସୁଗୁଡ଼ା ପଟରୁ ରାୟଗଡ଼ ପଟକୁ ଯାଉଥିବା ଏକ ଟ୍ରଲର ସାଇକେଲରେ ଥିବା ଉଭୟ ବାପ ପୁଅଙ୍କୁ ଧକ୍କା ଦେଇ ଘୋଷାଡି ନେଇଥିଲା। ଫଳରେ ଉଭୟ ଗୁରୁତର ହୋଇଛନ୍ତି। ଆହତ ଦ୍ୱୟ ଲଛିପାଲି ଗାଁର ସନ୍ୟାସୀ ମହାନନ୍ଦ ଓ ୧୫ ବର୍ଷୀୟ ପୁଅ ବନଗିରି ମହାନନ୍ଦ ବୋଲି ଜଣାପଡ଼ିଛି। ବାପ ପୁଅ ଉଭୟଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ବୁର୍ଲା ସ୍ଥାନାନ୍ତର କରାଯାଇଥିବା ନେଇ ସୂଚନା ମିଳିଛି।

**ବାପ ପୁଅ ଗୁରୁତର**

## ଏକଲବ୍ୟ ଆବାସିକ ଆଦର୍ଶ ବିଦ୍ୟାଳୟର ପରିଚାଳନା କମିଟି ବୈଠକ

**ଦେବଗଡ଼, ୩।୧(ସମିସ):** ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷ ଠାରେ କଳାମାଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ନବ ଗଠିତ ପରିଚାଳନା କମିଟି ବୈଠକ ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣଙ୍କ ଆବାହକତ୍ୱ ଓ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟରେ ଶିକ୍ଷାଦାନର ମାନ, ପିଲାଙ୍କର ଶିକ୍ଷା ଆହରଣ, ବିଦ୍ୟାଳୟ ପରିବେଶର ଉନ୍ନତି ଆଦି ଉପରେ ବିଶଦ ଆଲୋଚନା କରାଯାଇଥିଲା। ବିଦ୍ୟାଳୟ ପରିସରରେ ନିର୍ମାଣଧୀନ କର୍ମଚାରୀଙ୍କ ବାସଗୃହ, ନୂତନ ଡାଇନିଂ ହଲର କାର୍ଯ୍ୟ ଶୀଘ୍ର ସାରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆବଶ୍ୟକ ଥିବା ନୂତନ ଛାତ୍ରବାସ, ଖେଳପଡ଼ିଆ ଉନ୍ନତିକରଣ ଇତ୍ୟାଦିର ବିଶଦ ପ୍ରକଳ୍ପ ରିପୋର୍ଟ ତିଆରି ଚାଲିଥିବା ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟା ମାଝୀ ପ୍ରକାଶ କରିଥିଲେ। ଅନ୍ୟାନ୍ୟ ସମସ୍ୟାର ସମାଧାନ ବିଷୟରେ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଆସନ୍ତା ଶିକ୍ଷା ବର୍ଷରୁ +୨ ସ୍ତରରେ ବାଣିଜ୍ୟ ବିଭାଗରେ ପାଠପଢ଼ା ଆରମ୍ଭ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସେଥିପାଇଁ ଆବଶ୍ୟକ ଅତିଥି ଶିକ୍ଷକ ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ରାଜେନ୍ଦ୍ର ସୋରେନ, ଜନସ୍ୱାସ୍ଥ୍ୟ ଅଧିକାରୀ ପ୍ରଭାତ ଓଝା, ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ, ଶିକ୍ଷକ ପ୍ରତିନିଧି ରିମଲି ବାନାର୍ଜୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲା ମହୋତ୍ସବ 'ଦୁଲଦୁଲି'ରେ ଅବ୍ୟବସ୍ଥା

**ଝାରସୁଗୁଡ଼ା, ୩।୧(ସମିସ):** ଜିଲ୍ଲା ମହୋତ୍ସବ 'ଦୁଲଦୁଲି'ରେ ଅବ୍ୟବସ୍ଥା ପାଇଁ ଜନସାଧାରଣ ପ୍ରଶାସନର ପ୍ରସ୍ତୁତିକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଯେପରିକି ଟ୍ରାଫିକ ବ୍ୟବସ୍ଥା ଠିକ ନଥିବା ସହିତ ଝାରସୁଗୁଡ଼ା ସହରବାସୀ ଏବଂ ଅନ୍ୟ ଅଞ୍ଚଳରୁ ଆସୁଥିବା ଜନସାଧାରଣଙ୍କ ମଧ୍ୟରେ ପାର୍ଥକ୍ୟ କରାଯାଇ ଟ୍ରାଫିକ ନିୟନ୍ତ୍ରଣ ବାହାନାରେ ହଇରାଣ କରାଯାଉଥିବା ନେଇ ମଧ ଅଭିଯୋଗ ହେଉଛି।

### ଚେୟାର ଫାଙ୍କା, ରାତି ୯ ଯାଏଁ ହେଲାନି ସାଂସ୍କୃତିକ କାର୍ଯ୍ୟକ୍ରମ

ଝାରସୁଗୁଡ଼ା ଜିଲ୍ଲା ମହୋତ୍ସବ ଦୁଲଦୁଲିର ପ୍ରଥମ ଦିନରେ ଦେଖିବାକୁ ମିଳିଥିଲା ଅନେକ ଗୁଡିଏ ଅବ୍ୟବସ୍ଥା। ଯେଉଁ



ମଞ୍ଚରେ କଳା ସଂସ୍କୃତିକୁ ବୃଦ୍ଧି କରିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମର ମହାକୁମ୍ଭ ଆୟୋଜିତ ହେବା କଥା ଲୋକେ ଯାହା ପାଇଁ ଅପେକ୍ଷା କରିର ହିଥାନ୍ତି ସେହି ସାଂସ୍କୃତିକ କାର୍ଯ୍ୟକ୍ରମ ରାତି ୯ଟା ପର୍ଯ୍ୟନ୍ତ ମଧ ଆରମ୍ଭ ହୋଇପାରିନଥିବା ଦର୍ଶକଙ୍କ ବେଶ କଷ୍ଟ ପହଞ୍ଚାଇଥିଲା। ସନ୍ଧ୍ୟାରୁ ନେତା ଓ ଅତିଥିଙ୍କ ଭାଷଣରେ ରାତି ୯ଟାରୁ ଉର୍ଦ୍ଧ୍ୱ ହୋଇଯାଇଥିବା ବେଳେ ସମସ୍ତ ଚେୟାର ଫାଙ୍କା ରହିଥିବା ଦେଖିବାକୁ ମିଳିଥିଲା। ଖୋଲା ଆକାଶ ତଳେ ଚେୟାର ବିଛାଯାଇଥିଲା। ଶୀତ କାକରେ କିଏ ବା ଏତେ ରାତି ଯାଏଁ ଅପେକ୍ଷା କରିବ ବୋଲି ଅଞ୍ଚଳରେ ବେଶ ଚର୍ଚ୍ଚା ହେଉଛି।

### ଟ୍ରାଫିକ ନିୟନ୍ତ୍ରଣ ଅବ୍ୟବସ୍ଥା ପାଇଁ ଜନସାଧାରଣ କଲବଲ

ଦୁଲଦୁଲି କାର୍ଯ୍ୟକ୍ରମରେ ଯୋଗଦେବାକୁ ବ୍ରଜରାଜନଗର ପଟରୁ ଆସୁଥିବା ଜନସାଧାରଣଙ୍କୁ ଅନେକ ସମ୍ମୁଖୀନ ହେବାକୁ ପଡୁଛି। ବ୍ରଜରାଜନଗର, ବେଲପାହାଡ, ଲଖନପୁର ଏବଂ ଅନ୍ୟାନ୍ୟ ଅଞ୍ଚଳର ଜନସାଧାରଣଙ୍କୁ ପ୍ରସନ୍ନ ପଣ୍ଡା ଛକ ନିକଟରେ ଅଟକାଇ ଦିଆଯାଇ ଏକତାଲି ପଟରୁ ବୁଲିବାକୁ କୁହାଯାଉଥିବାରୁ ଅନେକ ଲୋକ ସମସ୍ୟାର ସମ୍ମୁଖିନ ହେଉଛନ୍ତି। ଅନ୍ୟପଟେ ସେହିରାସ୍ତାରେ ଝାରସୁଗୁଡ଼ା ପଟରୁ ଆସୁଥିବା ଗାଡି ମାନଙ୍କୁ ଛାଡି ଦିଆଯାଉଛି। ଏପରି ଟ୍ରାଫିକ ନିୟନ୍ତ୍ରଣକୁ ଜନସାଧାରଣ ନାପସନ୍ଦ କରୁଥିବା ବେଳେ ବିଟିଏମ୍ ପଡ଼ିଆରେ ହେଉଥିବା ଦୁଲଦୁଲି ପାଇଁ ଜନସାଧାରଣ ହଇରାଣ ହେଉଥିବା କାରଣରୁ ପ୍ରଶାସନ ଦୃଷ୍ଟି ଦେବାକୁ ଝାରସୁଗୁଡ଼ା ବିଜେଡି ଜିଲ୍ଲା ସଭାପତି ହରିଷ ଗଣତ୍ରା ଅନୁରୋଧ କରିଛନ୍ତି।

# ଅନ୍ତେବାସୀଙ୍କୁ ଶୀତବସ୍ତ୍ର ବଣ୍ଟନ



**ଝାରସୁଗୁଡ଼ା, ୩।୧(ସମିସ):** ଝାରସୁଗୁଡ଼ା ଜିଲ୍ଲା ସାଇଶ୍ରୀ ବରିଷ୍ଠ ନାଗରିକ ଗୃହରେ ରହୁଥିବା ଅନ୍ତେବାସୀଙ୍କୁ ଇଂରାଜୀ ନବବର୍ଷର ଶୁଭେଚ୍ଛା ଜଣାଇବା ସହିତ ଶୀତ ବସ୍ତ୍ର ବଣ୍ଟନ କରାଯାଇଛି। ବିବେକାନନ୍ଦ ସେବା ସଦନ, କାଲିବାଡ଼ି, ଝାରସୁଗୁଡ଼ାର ସଦସ୍ୟ ମାନେ ଶୁକ୍ରବାର ସାଇଶ୍ରୀ ବରିଷ୍ଠ ନାଗରିକ ଗୃହରେ ରହୁଥିବା ୫୦ରୁ ଉର୍ଦ୍ଧ୍ୱ ଅନ୍ତେବାସୀଙ୍କୁ ଭେଟିଥିଲେ। ଅନ୍ତେବାସୀଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇବା ସହିତ ସମସ୍ତଙ୍କୁ ବସ୍ତ୍ର ଓ କମ୍ବଳ ଆଦି ବଣ୍ଟନ କରାଯାଇଥିଲା। ଏହା ସହିତ ନାଗରିକ ଗୃହର କର୍ତ୍ତୃପକ୍ଷଙ୍କୁ ୧୦ ହଜାର ଟଙ୍କା ଭୋଜି ଆୟୋଜନ ପାଇଁ ପ୍ରଦାନ କରାଯାଇଥିଲା। ସମସ୍ତ ଅନ୍ତେବାସୀଙ୍କୁ ସ୍ୱାମୀ ବିବେକାନନ୍ଦଙ୍କ ଭାବଧାରା ଓ ବାଣୀକୁ ବହୁତ ଉତ୍ସାହ ଓ ଖୁସିରେ ଉପଭୋଗ କରିଥିଲେ। ଏହି ଅବସରରେ ବିବେକାନନ୍ଦ ସେବା ସଦନ, କାଲିବାଡ଼ିର ଥିଲା ନାଥ, ରେଖାରାୟ ଚୌଧୁରୀ, କେୟା ଚକ୍ରବର୍ତ୍ତୀ, କୃଷ୍ଣା ମୁଖାର୍ଜୀ, କାନ୍ତା ମୁଖାର୍ଜୀ, ଗୋଉରୀ ଭଟ୍ଟାଚାର୍ଯ୍ୟ, ତାପସରାୟ ଚୌଧୁରୀ, ସୁନିଲ ଚକ୍ରବର୍ତ୍ତୀ ଓ ଅନ୍ୟମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଜିଲ୍ଲା ପ୍ରଶାସନ ପକ୍ଷରୁ ଦେବଗଡ଼ ଜିଲ୍ଲା ପ୍ରତିଷ୍ଠା ଦିବସ

**ଦେବଗଡ଼, ୩।୧(ସମିସ):** ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ସଂସ୍କୃତି ଭବନ ଠାରେ ୩୩ ତମ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁପଟ୍ଟନାୟକ ଓ ପୂର୍ବତନ ବିଧାୟକ ସ୍ୱର୍ଗତ ପ୍ରଦୀପ୍ତ ଗଙ୍ଗଦେବଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଅତିଥିବୃନ୍ଦ ଜିଲ୍ଲା ଗଠନ ପାଇଁ ଜିଲ୍ଲା ବାସୀଙ୍କ ତ୍ୟାଗ ଓ ସେ ସମୟରେ ଜିଲ୍ଲାବାସୀଙ୍କ ଆନ୍ଦୋଳନ ଓ





ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଭାରପ୍ରାପ୍ତ ପୌରପରିଷଦ ଅଧ୍ୟକ୍ଷ ପ୍ରଜିତ ଭୋଜ, ବରିଷ୍ଠ ନାଗରିକ ସୁଧୀର କପରଦାର ପ୍ରମୁଖ ଯୋଗ ଦେଇଥିଲେ। ଓଡ଼ିଶାର ବରପୁତ୍ର ପ୍ରବାଦ ପୁରୁଷ ପୂର୍ବତନ ତତ୍କାଳୀନ ବିଧାୟକ ରାଜା ପ୍ରଦୀପ୍ତ ଗଙ୍ଗଦେବ ଓ ତତ୍କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୟାନନ୍ଦ ପଟ୍ଟନାୟକଙ୍କ ଭୂମିକାର ସ୍ମୃତିଚାରଣ କରିଥିଲେ। ତେବେ ପ୍ରତିଷ୍ଠା ଉତ୍ସବରେ ଉତ୍ସାହ ଉଦ୍ଦୀପନା ଦେଖିବାକୁ ମିଳି ନଥିଲା। କେବଳ ବାଧ୍ୟବାଧକତାରେ ସଂସ୍କୃତି ବିଭାଗ କାର୍ଯ୍ୟକ୍ରମ ଆୟୋଜନ କରିଥିବା ଅନୁଭୂତ ହୋଇଥିଲା। ଜିଲ୍ଲାର ସରକାରୀ ଉଚ୍ଚ ପଦାଧିକାରୀ ଓ ରାଜନେତାଙ୍କ ଦ୍ୱାରା ସଭା ମଞ୍ଚ ଭର୍ତ୍ତି ହୋଇଥିବା ବେଳେ ମଞ୍ଚରୁ ଅଧିକାରୀ ଓ ରାଜନେତାଙ୍କ ଉଦବୋଧନ ଶୁଣିବାକୁ ଶ୍ରୋତା ନଥିଲେ। ମଞ୍ଚ ସମ୍ମୁଖରେ ରହିଥିବା ଫାଙ୍କା ଚେୟାର ଗୁଡ଼ିକ କାର୍ଯ୍ୟକ୍ରମର ମାନକୁ ପଦାରେ ପକାଇଥିଲା। ପୂର୍ବରୁ କୌଣସି ପ୍ରସ୍ତୁତି ବିନା କେବଳ କିଛି ବିଦ୍ୟାଳୟ ଛାତ୍ରଛାତ୍ରୀ ଓ ସ୍ଥାନୀୟ କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇ ପ୍ରତିଷ୍ଠା ଦିବସ ପାଳନକୁ ଉତ୍ସବର ଆଖ୍ୟା ଦେଇ କାର୍ଯ୍ୟକ୍ରମ ସମ୍ପନ୍ନ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଇନଜୀବୀ ମନୋଜ ପାଢ଼ୀ, ବରିଷ୍ଠ ନାଗରିକ ପ୍ରଫୁଲ ମହାପାତ୍ର, କବି ନିରଞ୍ଜନ ଦ୍ୱିବେଦୀ, ଶିକ୍ଷାବିତ ଡ.ରାମଚନ୍ଦ୍ର ମହାପାତ୍ର, ଅଧ୍ୟାପକ ଚିତ୍ତରଞ୍ଜନ ଦାସ, ଭାରତ ଭୂଷଣ ନନ୍ଦ, ସାଂସ୍କୃତିକ ଅନୁଷ୍ଠାନ ଜାଗରଣ ଆର୍ଟ ଇଣ୍ଟରନ୍ୟାସନାଲ ସଭାପତି ସୁଜିତ୍ ପାତ୍ର, ଚିତ୍ରକର ସମୀରରଞ୍ଜନ ପ୍ରଧାନ, ପ୍ରଦୀପ ପାତ୍ର, ଜନ୍ମାଜୟ ନାୟକ, ଜିଲ୍ଲା ସଂସ୍କୃତି ପରିଷଦର ସଭ୍ୟ ଅବନୀ କାନ୍ତ ମିଶ୍ର, ସଭାପତି ଯୁବ ସେବକ ସଂଘ ପ୍ରଫୁଲ୍ଲ ନାୟକ, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ, ତାପସ ମହନ୍ତ, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ଈଶ୍ୱର ଗୁରୁଙ୍କ ସମେତ କେତେକ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପରିଚାଳନା କରିଥିଲେ।

**ମଞ୍ଚରେ ପ୍ରଶାସନିକ ଅଧିକାରୀ ଓ ରାଜନେତା, ଚେୟାର ରହିଲା ଫାଙ୍କା**

# ଜିଲ୍ଲାରେ ହକି ସରଞ୍ଜାମ ବଣ୍ଟନ



**ଝାରସୁଗୁଡ଼ା, ୩।୧(ସମିସ):** ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ବ୍ଲକର ପିଥିଣ୍ଡା ସ୍କୁଲର ଖେଳ ପଡ଼ିଆରେ ହେଉଥିବା ହକି ଖେଳରେ ବ୍ରଜରାଜନଗର ବିଧାୟକ ତଥା ରାଜ୍ୟ ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ ଦେଇ ପିଥିଣ୍ଡା ସ୍କୁଲ ଓ ମୁରଲୀପାଲି ସ୍କୁଲର ହକି ଖେଳାଳି ମାନଙ୍କୁ ସମସ୍ତ ସରଞ୍ଜାମ ଯୋଗାଇ ଦେଇଛନ୍ତି। ସଭାରେ ଜିଲ୍ଲା ହକି ଆସୋସିଏସନର ସଭ୍ୟ ତଥା ଓଡ଼ିଶା ହକି ଆସୋସିଏସନର ଉପସଭାପତି ଜୀବନ ମହାନ୍ତି ବିଗତ ୪ ବର୍ଷର ଜିଲ୍ଲାର ବିବରଣୀ ପ୍ରଦାନ କରିଥିଲେ। ହକି ଓଡ଼ିଶାର ସମ୍ପାଦକ ସନାତନ ସାହୁ ସ୍କୁଲ ପୁରାତନ ଛାତ୍ର କମିଟିର ସଭାପତି କୁମର ଭୋଇ, ଅକ୍ଷୟ ଦେହୁରୀ ପ୍ରମୁଖ ହକି ଖେଳ ପ୍ରତି ଅଞ୍ଚଳରେ ଆଗ୍ରହ ସୃଷ୍ଟି ହୋଇଥିବା ମନ୍ତ୍ରୀଙ୍କୁ ଅବଗତ କରିଥିଲେ। ଏଣୁ ଏକ ଉନ୍ନତ ଧରଣର ହକି ପଡ଼ିଆ ପାଇଁ ଅନୁରୋଧ କରିଥିଲେ। ମନ୍ତ୍ରୀ ଶ୍ରୀ ପୂଜାରୀ ହକି ଖେଳର ଉନ୍ନତି ସହ ଏହାକୁ ଲୋକପ୍ରିୟ କରିବା ପାଇଁ ସେ ବଦ୍ଧପରିକର ବୋଲି କହିଥିଲେ। ଏହାସହ ଜିଲ୍ଲାର ୫୦ଟି ସ୍କୁଲରେ ହକି ସରଞ୍ଜାମ ଯୋଗାଇ ଦେବା ସହିତ ପଡ଼ିଆ ପ୍ରସ୍ତୁତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଦିକ୍ଷିତ ସିଂ ମଞ୍ଚ ପରିଚାଳନା କରିଥିଲେ। ଲଖନପୁର ବ୍ଲକର ବିଡିଓ ବିନୟ ପଟେଲ, ତହସିଲଦାର ପ୍ରସନ୍ନ ପଟେଲ, ରଘୁନନ୍ଦନ ପଣ୍ଡା, ନୱାଲ ଅଗ୍ରୱାଲ, ସରପଞ୍ଚ ମହେନ୍ଦ୍ର ନାୟକ, ଓପିଜିସିର ମୁଖ୍ୟ ସ୍ଥାନୀୟ ପରିଚାଳକ ଅଞ୍ଜନାରଞ୍ଜନ ଦାସ, ହିମାଂଶୁ ବେହେରା, ରାଜେନ୍ଦ୍ର ସା, ଝାରସୁଗୁଡ଼ା ହକି ଆସୋସିଏସନର ସଭ୍ୟ କ୍ଲେମେଣ୍ଟରୋନାଲ୍ଡ, ପଙ୍କଜ ପଟେଲ, ଜ୍ୟୋତି ଲାଟ, ଅଶ୍ୱନୀ ପାଣ୍ଡେ, ସଙ୍ଗିତା ରୋଜକ୍ଲୁ ପ୍ରମୁଖ ଉପସ୍ଥିତ ଥିଲେ। ସ୍କୁଲର ଖେଳ ଶିକ୍ଷକ ରୀନାରଶ୍ମି ତିର୍କୀ, ପ୍ରଫୁଲ କୁଲୁ ଓ ଡେଙ୍ଗର ଟେଟେ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଶେଷରେ ସ୍କୁଲ ପ୍ରଧାନଶିକ୍ଷକ କେଶବ ଭୋଏ ଧନ୍ୟବାଦ ଅର୍ପଣ କରିଥିଲେ।

### ଜିଲ୍ଲା ମହୋତ୍ସବ 'ଦୁଲଦୁଲି' ତୃତୀୟ ସନ୍ଧ୍ୟା

# ସାଂସ୍କୃତିକ କଳା ଓ ପରମ୍ପରାରେ ଉତ୍ସବମୁଖର

**ଝାରସୁଗୁଡ଼ା, ୩।୧(ସମିସ)**

ସ୍ଥାନୀୟ ବିଟିଏମ ପଡ଼ିଆଠାରେ ଆୟୋଜିତ ଝାରସୁଗୁଡ଼ା ଜିଲ୍ଲା ମହୋତ୍ସବ 'ଦୁଲଦୁଲି' ୨୦୨୬ର ତୃତୀୟ ସନ୍ଧ୍ୟାରେ ଓଡ଼ିଶାର ଲୋକକଳା ଓ ଶାସ୍ତ୍ରୀୟ ସଙ୍ଗୀତର ଏକ ଅପୂର୍ବ ସମନ୍ୱୟ ଦେଖିବାକୁ ମିଳିଛି। ଜିଲ୍ଲା ମହୋତ୍ସବ 'ଦୁଲଦୁଲି' ୨୦୨୬ର ତୃତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଏମସିଏଲ ଝାରସୁଗୁଡ଼ାର ବୈଷୟିକ ନିର୍ଦ୍ଦେଶକ ସଞ୍ଜୟ ଝା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ରଜରାଜନଗର ପୌରପାଳିକାର ଅଧ୍ୟକ୍ଷ ଗୋପାଳ ସିତାନୀ ଏବଂ ଜେଏସଡବ୍ଲ୍ୟୁ ଏନର୍ଜି (ଉତ୍କଳ) ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ଅଶେଷ ପାଢ଼ୀ ଉପସ୍ଥିତ ଥିଲେ। ଏହି ସାରସ୍ୱତ ସନ୍ଧ୍ୟାରେ ଦୁଇଜଣ ପ୍ରତିଷ୍ଠିତ ପଦ୍ମଶ୍ରୀ ସମ୍ମାନ ସମ୍ମାନିତ ବ୍ୟକ୍ତିତ୍ୱ ଡ.ଉତ୍ସବ ଚରଣ ଦାସ ଏବଂ ଡ.ହଳଧର ନାଗ ସ୍ୱତନ୍ତ୍ର ଅତିଥି ଭାବେ ମଞ୍ଚାସୀନ ଥିଲେ। ଝାରସୁଗୁଡ଼ା ଜିଲ୍ଲା ପରିଷଦର ସିଡିଓ ତଥା ଇଓ ବିଶ୍ୱରଞ୍ଜନ ନାୟକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ରାଜସ୍ୱ ମନ୍ତ୍ରୀଙ୍କ ପ୍ରତିନିଧି ନୱଲ ଅଗ୍ରୱାଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରାନ୍ତରୁ ଆସିଥିବା କଳାକାରମାନଙ୍କ ଦ୍ୱାରା



ଚିତ୍ତାକର୍ଷକ କଳା ଓ ସଂସ୍କୃତିର ଭବ୍ୟ ପ୍ରଦର୍ଶନ କରାଯାଇଥିଲା। ଝାରସୁଗୁଡ଼ାର ରେଲୱେ ଓଡ଼ିଆ ସାଂସ୍କୃତିକ ସଂଘ ଦ୍ୱାରା ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ଖୋର୍ଦ୍ଧାର କବିରାଜ ପ୍ରଧାନଙ୍କ ନେତୃତ୍ୱରେ ପାଇକ ଆଖଡାର ବୀରତ୍ୱପୂର୍ଣ୍ଣ ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ଭଦ୍ରକର ପାରମ୍ପରିକ ମୁଗଲ ତାମସା ପରିବେଷଣ କରାଯାଇଥିବା ବେଳେ, ଭୁବନେଶ୍ୱରର ବାଂଶୁରୀ ବନ୍ଧୁ (ପଣ୍ଡିତ ହରିପ୍ରସାଦ ଚୌରାସିଆ ପ୍ରତିଷ୍ଠାନ) ପକ୍ଷରୁ ଅନିକେତ ମହାରାଣା ଓ ତାଙ୍କ ଦଳ ବଂଶୀ ବାଦନ ଓ ଶାସ୍ତ୍ରୀୟ ସଙ୍ଗୀତରେ ସମସ୍ତଙ୍କୁ ବିଭୋର କରିଥିଲେ। କାର୍ଯ୍ୟକ୍ରମର ପରବର୍ତ୍ତୀ ପର୍ଯ୍ୟାୟରେ ଚୌଦ୍ୱାରରୁ ଆସିଥିବା ପଦ୍ମଶ୍ରୀ ଉତ୍ସବ ଚରଣ ଦାସଙ୍କ ଦଳଙ୍କ ଚଇତି ଘୋଡା ନାଚ, ଭୁବନେଶ୍ୱରର ରୁଦ୍ରାକ୍ଷ ଫାଉଣ୍ଡେସନ ପକ୍ଷରୁ ଶାକ୍ୟ ମୁନି ବୁଦ୍ଧ, ଏବଂ ରାୟଗଡ଼ାର ଗାୟତ୍ରୀ କଳା ସଂଗଠନ ଦ୍ୱାରା ଧେମ୍‌ସା ନୃତ୍ୟ ପରିବେଷିତ ହୋଇଥିଲା। ଏହା ସହିତ ହରିୟାଣାର ମନୋଜ ଜାଲେଙ୍କ ଦଳ ଫାଗ୍ ନୃତ୍ୟ, ବଲାଙ୍ଗିର ସାଇଁତଳାର କୃଷ୍ଣ ପ୍ରିୟା କଳା ପରିଷଦ ପକ୍ଷରୁ ସାନ ବାଦ୍ୟ ଘୁଡକା ଏବଂ ଗଞ୍ଜାମର ଶଙ୍ଖଧ୍ୱନି କଳା ବିକାଶ କେନ୍ଦ୍ର ପକ୍ଷରୁ ବାଘ ନାଚ ପରିବେଷଣ କରାଯାଇଥିଲା। ଏହି ସାଂସ୍କୃତିକ ମହାକୁମ୍ଭରେ ପ୍ରାୟ ୧୬୦ରୁ ଅଧିକ କଳାକାର ନିଜର କଳା ପ୍ରଦର୍ଶନ କରି ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ।

**ସମ୍ବର୍ଦ୍ଧିତ ହେଲେ ଡ.ଉତ୍ସବ ଚରଣ ଦାସ ଓ ଡ.ହଳଧର ନାଗ**

### ବଙ୍ଗୀୟ ଶ୍ରମିକଙ୍କୁ ହତ୍ୟା ଘଟଣା

# ମୁଖ୍ୟ ଅଭିଯୁକ୍ତ ଗିରଫ କେବେ

**ସମ୍ବଲପୁର, ୩।୧(ସମିସ)**

ଗତ ଡିସେମ୍ବର ୨୪ ତାରିଖ ଦାନୀପାଲିରେ ଜଣେ ବଙ୍ଗାଳୀ ଶ୍ରମିକଙ୍କୁ କିଛି ଦୁର୍ବୃତ୍ତ ଅତି ନିର୍ମମ ଭାବେ ହତ୍ୟା କରିଥିଲେ। ଏହି ଘଟଣାରେ ଅଇଁଠାପାଲି ପୁଲିସ ମୋଟ ୬ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବୁଢାରଜା ରାମଗଡ଼ପଡ଼ାର ମନୋଜ ସଲେମା(୧୯), ହୀରାଲାଲ ସାହୁ(୩୫), ବୁଢାରଜା ପ୍ରଫେସର କଲୋନୀର ଭଜେନ୍ଦ୍ର ସୁନା(୨୬), ବୁଢାରଜା ଡେଲି ମାର୍କେଟର ବି ସତ୍ୟନାରାୟଣ ଓରଫ ରାଜା(୨୫), ଦାନୀପାଲି ସମୃଦ୍ଧିନଗର ସଞ୍ଜୟ ତାଣ୍ଡି(୩୦) ଓ ନରହରୀ ପାରେକ(୨୬)। ସୂଚନା ଅନୁସାରେ ଗତ ୨୪ ତାରିଖ ସନ୍ଧ୍ୟାରେ ପଶ୍ଚିମବଙ୍ଗର ଜୁଏଲ ଶେଖ ଓ ଦୁଇ ସହଯୋଗୀ ଅକୁର ରେହମାନ ଓ ସୋନଓର ହୁସେନ ରହୁଥିବା ଘର ସମ୍ମୁଖରେ ବିଡି ଟାଣୁଥିଲେ। ପ୍ରାୟ ସନ୍ଧ୍ୟା ୮ଟା ବେଳେ କିଛି ଦୁର୍ବୃତ୍ତ ଏମାନଙ୍କୁ ବିଡି ମାଗିଥିଲେ। ଏମାନେ ଦେବାକୁ ମନା କରିବାରୁ ଆଧାର କାର୍ଡ ମାଗିଥିଲେ।

**କାହିଁକି ତଥ୍ୟ ଲୁଚାଉଛି ପୁଲିସ**
**ଗିରଫ ୬ ଅଭିଯୁକ୍ତ ବୁଢାରଜା ଅଞ୍ଚଳର**
**ସିଡିଆର ଯାଞ୍ଚ ଦାବି, କେବେ ହେବ ଟିଆଇ ପରେଡ**

କାର୍ଡ ନ ଦେଖାଇବାରୁ ଅଭିଯୁକ୍ତମାନେ ମାଡ଼ ମାରିଥିଲେ। ଏଥିରେ ଜୁଏଲଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଦୁଇ ଜଣ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଏତେ ବଡ଼ ଘଟଣାକୁ ଅଇଁଠାପାଲି ପୁଲିସ ହାଲୁକା ଭାବେ ନେଉଥିବା ଚର୍ଚ୍ଚା ହେଉଛି।

ଘଟଣା ଘଟିବାର ୨୪ ଘଣ୍ଟା ଭିତରେ ଉପରୋକ୍ତ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ମାମଲା ଚାପି ଦେଇଥିଲା। ହେଲେ ଗିରଫ ପରେ କୌଣସି ଅଭିଯୁକ୍ତଙ୍କ ନାମ ପ୍ରକାଶ କରିନଥିଲା। ଘଟଣାକୁ ଆଜି ୧୦ଦିନ ବିତି ଯାଇଥିଲେ ମଧ୍ୟ ପୁଲିସ ପକ୍ଷରୁ ନାମ ପ୍ରକାଶ ପାଇ ପାରୁନାହି। କେଉଁ କାରଣରୁ ପୁଲିସ ଅଭିଯୁକ୍ତମାନଙ୍କ ନାମ ଲୁଚାଉଛି ତାହା ସନ୍ଦେହ ଘେରର ରହିଛି। ଗିରଫ ଅଭିଯକ୍ତଙ୍କ ଟିଆଇ ପରେଡ ହେବା ପରେ ନାମ କୁହାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ହେଲେ ଆଜି ପର୍ଯ୍ୟନ୍ତ ଟିଆ ପରେଡ ହୋଇପାରିନାହି। ସେପଟେ ମୃତ ଜୁଏଲଙ୍କ ଘର ଅଧୀନ ସୁତି ଥାନାରେ ଜିରୋ ଏଫଆଇର ମଧ୍ୟ ରୁଜୁ ହୋଇଛି। ପଶ୍ଚିମବଙ୍ଗର ପୁଲିସ ମଧ୍ୟ ସମ୍ବଲପୁର ଆସିଥିଲେ। ଏତେ ସାରା ଘଟଣା ଘଟିବା ପରେ ମଧ୍ୟ ସମ୍ବଲପୁର ପୁଲିସ କେଉଁ କାରଣରୁ ଅଭିଯୁକ୍ତଙ୍କ ନାମ ଗୋପନ ରଖିଛି ତାହା ସବୁଠି ପ୍ରଶ୍ନ ଉଠୁଛି। ବିଶ୍ୱସ୍ତସୂତ୍ରରୁ ଉପରୋକ୍ତ ଅଭିଯୁକ୍ତଙ୍କ ନାମ ପ୍ରକାଶ ପାଇଛି। ହେଲେ ଅଇଁଠାପାଲି ପୁଲିସ ଏବେ ଯାଏଁ ଅଭିଯୁକ୍ତ ତଥ୍ୟ ଦେଇ ପାରୁନାହିଁ। ସେପଟେ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଟେର ପାଉନି ପୁଲିସ। ଘଟଣା ଦିନ ହୀରାଲାଲ ପାଖକୁ ମୁଖ୍ୟ ଅଭିଯୁକ୍ତ କଲ କରି ଏ ସମ୍ପର୍କରେ କଥା ହେଇଥିବା ବିଶ୍ୱସ୍ତସୂତ୍ରରୁ ଖବର ମିଳିଛି। ତେଣୁ ପୁଲିସ ସିଡିଆର ଯାଞ୍ଚ କରିବାକୁ ସାଧାରଣରେ ଦାବି ହୋଇଛି।

# ଭାରୀଯାନ ଚଳାଚଳ ନେଇ ଉତ୍ତେଜନା

**ସମ୍ବଲପୁର, ୩।୧(ସମିସ):** ସମ୍ବଲପୁର-ସୋନପୁର ୧୫ ନମ୍ବର ରାଜ୍ୟ ରାଜପଥ ଦେଇ ପ୍ରତ୍ୟେକ ଦିନ ଭାରୀଯାନ ଚଳାଚଳ ନେଇ ଉତ୍ତେଜନା ଦେଖିବାକୁ ମିଳିଛି। ଶନିବାର ଏକ ୮୦ ଚକ ବିଶିଷ୍ଟ ଭାରୀ ଯାନ ୨୩ ଫୁଟଉଚ୍ଚର ଏକ ଓଜନିଆ ଭର୍ତ୍ତି ବକ୍ସା ନେଇ ଆସୁଥିବାବେଳେ ସେଥିରେ ବାଜି ଏକ ଗଛ ଡାଳ ଏକ ଦୋକାନ ଉପରେ ପଡ଼ିଥିଲା। ଏଥିରେ ଜନସାଧାରଣ ଉତ୍ତେଜିତ ହୋଇ ଗାଡିକୁ ଅଟକାଇ ଦେଇଥିଲେ। ଯାହାଫଳରେ ସମ୍ବଲପୁର ସୋନପୁର ରାସ୍ତା ଦୀର୍ଘ ସମୟ ଧରି ଅବରୋଧ ହୋଇଥିଲା। ସେହିପରି ଏହି ଗାଡ଼ିକୁ ପାର କରିବା ପାଇଁ ଦୀର୍ଘ ସମୟ ଧରି ବିଦ୍ୟୁତ ଯୋଗାଣ ବନ୍ଦ କରିଦିଆଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପୂର୍ବାହ୍ନ ୧୧.୩୦ ରୁ ଅପରାହ୍ଣ ୪ ଟା ପର୍ଯ୍ୟନ୍ତ ରାସ୍ତାର ଉଭୟ ପଟେ ଟ୍ରକ୍ ଏବଂ ଯାତ୍ରିବାହୀ ବସ୍ ଅଟକି ରହିଥିଲା। ଏସ୍‌ଡିପିଓ ତୋଫାନ ବାଗ, ଧମା ଥାନାଧିକାରୀ ସୁଦର୍ଶନ ପଣ୍ଡା, ଧନୁପାଲି ଥାନାଧିକାରୀ ଆଦିତ୍ୟ ମହାକୁର ପ୍ରମୁଖ ପହଞ୍ଚି ଲୋକଙ୍କ ସହିତ ଆଲୋଚନା କରିଥିଲେ। ଏମିତି ଭାରୀଯାନ ଏହିରାସ୍ତା ଦେଇ ଆସିବାକୁ ଦିଆ ନ ଯିବା ନେଇ ପ୍ରତିଶ୍ରୁତି ଦେବା ପରେ ଉତ୍ତେଜନା ଶାନ୍ତ ପଡ଼ିଥିଲା।




## ଦୁଇଦିନ ହେବ ସମ୍ବଲପୁର ଲୋକ ମହୋତ୍ସବ ଆଲୋଚନାଚକ୍ର

**ସମ୍ବଲପୁର, ୩।୧(ସମିସ):** ସମ୍ବଲପୁର ଲୋକ ମହୋତ୍ସବ ୨୦୨୬ ଅବସରରେ ଆସନ୍ତା ଜାନୁଆରୀ ୦୫ ତାରିଖ ଓ ୦୬ ତାରିଖ ଦିନ ପିଏଚଡି ପଡ଼ିଆ ପରିସରରେ ଆଲୋଚନାଚକ୍ର ଆୟୋଜିତ ହେବ। ଆଲୋଚନାଚକ୍ରର ପ୍ରଥମ ଦିନ ପ୍ରଥମ ଅଧିବେଶନରେ 'ପଶ୍ଚିମ ଓଡ଼ିଶାର ଲୋକ ସାହିତ୍ୟ, ଲୋକ ସଂସ୍କୃତି ଓ ଲୋକପର୍ବ' ଉପରେ ଆଲୋଚନା କରାଯିବ। ଦ୍ୱିତୀୟ ଅଧିବେଶନରେ 'ପଶ୍ଚିମ ଓଡ଼ିଶାର ଲୋକନାଟ୍ୟ ପରମ୍ପରା' ବିଷୟରେ ଆଲୋଚନାକରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ଆଲୋଚନାଚକ୍ରର ଦ୍ୱିତୀୟ ତଥା ଲୋକ ମହୋତ୍ସବର ଅନ୍ତିମ ଦିନ ଆଲୋଚନାଚକ୍ରର ପ୍ରଥମ ସମ୍ମାନରେ 'ପଶ୍ଚିମ ଓଡ଼ିଶାର ଲୋକ କ୍ରୀଡ଼ା, ଲୋକ ଚିକିତ୍ସା ଓ ଲୋକ ଚିତ୍ରକଳା' ବିଷୟରେ ଆଲୋଚନା ଚକ୍ର ଓ ଦ୍ୱିତୀୟ ଅଧିବେଶନରେ ଲୋକ ସଂସ୍କୃତି ଆଧାରିତ କବିତା ପାଠୋତ୍ସବ ହେବ। ଆଲୋଚନାଚକ୍ରରେ ପଶ୍ଚିମ ଓଡ଼ିଶାର ବିଶିଷ୍ଟ ଲୋକ ସଂସ୍କୃତିବିତ୍ ମାନେ ଉପସ୍ଥିତ ରହି ଆଲୋଚନା କରିବାକୁ ସମ୍ମତି ପ୍ରକାଶ କରିଛନ୍ତି। ତେଣୁ ଏହି ଆଲୋଚନାଚକ୍ରରେ ବହୁ ସଂଖ୍ୟାରେ ସଂସ୍କୃତିପ୍ରେମୀ, ଗବେଷକ ତଥା କବି ଓ ଆଗ୍ରହୀ ଜନସାଧାରଣଙ୍କୁ ଯୋଗ ଦେବା ନିମନ୍ତେ ଆଲୋଚନାଚକ୍ର ଆବାହକ ପ୍ରଦୀପ କୁମାର ପଣ୍ଡା, ସହ ଆବାହକ ସୌମିକ ବାବୁ ଓ ଭବତୋଷ ବିଶି ଏବଂ ନୋଡାଲ ଅଫିସର ଅଭିଜିତ୍ ମହାନ୍ତି ଓ ରବୀନ୍ଦ୍ର ଦଳେଇ ଅନୁରୋଧ କରିଛନ୍ତି।




### ୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ

# ହୋଟେଲରେ ଜୁଆ ଖେଳ ବେଳେ ୧୦ ଅଟକ





**ସମ୍ବଲପୁର, ୩।୧(ସମିସ):** ସମ୍ବଲପୁରରେ ବଡ଼ ଧରଣରେ ରେଡ୍। ଏକ ହୋଟେଲରେ ଜୁଆଖେଳ ଚାଲିଥିବା ବେଳେ ପୁଲିସ ଚଢ଼ଉ କରି ୮ ଲକ୍ଷରୁ ଅଧିକ ଟଙ୍କା ଜବତ କରିବା ୧୦ଜଣଙ୍କୁ ଅଟକ ରଖିଛି। ହୋଟେଲ ମ୍ୟାନେଜର ଫେରାର ଥିବା ଜଣାପଡ଼ିଛି। ଅଟକମାନେ ହେଉଛନ୍ତି, ଖେତରାପୁର ଥାନା ଚେରୁଆପଡ଼ାର ବିଜୟ କୁମାର ଗୁପ୍ତା(୬୫), ଧନୁପାଲି ମୋତିଝରଣର ଏମଡି ରାହିଶ(୪୯), ଟାଉନଥାନା ଗେଟି ଟକିଜ ରୋଡର ଗଜରାଜ ପଟେଲ(୬୦), ପେନସନପଡ଼ାର ସାୟଦ ଜାହିଦ(୪୯), ଅଇଁଠାପାଲି ଥାନା କାଇଁସର ରୋଡର ଅଭିଶେଖ ପ୍ରଧାନ(୪୮), ଜମନକିରା ଥାନା ସରଡାବାହାଲ ବରୁଣ ରାଉତ(୩୫), ବୁର୍ଲା ଥାନା କଳାମାଟିର ଶ୍ୱେତମ୍ବର ବେହେରା(୩୩), ଅରୁଣ କୁମାର ଦେବତା(୪୫) ଓ ସଞ୍ଜୀବ ବେହେରା(୩୬)। ଏ ସମସ୍ତେ ଜୁଆ ଆଡ୍ଡାରେ ରହିଥିଲେ। ଏହା ସହ ହୋଟେଲ ବୟ ପ୍ରସାନ୍ତ ସାହୁକୁ ମଧ୍ୟ ଅଟକ ରଖିଛି ପୁଲିସ। ହୋଟେଲର ମ୍ୟାନେଜର ସୁରେଶ ପଟେଲ ଫେରାର ରହିଛି।

ସୂଚନା ଅନୁସାରେ ଧନୁପାଲି ଥାନା ଅଧୀନ ହୋଟେଲ ଉପହାର ପ୍ୟାଲେସ୍‌ର ରୁମ ନମ୍ବର ୧୦୫ରେ ଜୁଆଖେଳ ହେଉଥିଲା। ପୁଷପୁନି ଅବସରରେ ଜୁଆଡ଼ିମାନେ ନିଜର ଆସର ମେଲାଇଥିଲେ। ପୁଲିସ ଖବରପାଇ ଅପରାହ୍ନ ୩ଟା ବେଳେ ହୋଟେଲକୁ ଯାଇଥିଲା। ଭିତରେ ଖେଳୁଥିବା ବ୍ୟକ୍ତି ମାନେ ଏହି ଖବର ପାଇବା ପରେ ଟଙ୍କା ଲୁଚାଇ ଦେଇଥିଲେ। ଏପରିକି ଲକ୍ଷାଧିକ ଟଙ୍କା ପାଇଖାନା ଫ୍ଲସରେ ଭର୍ତ୍ତି କରିଦେଇଥିଲେ। ପୁଲିସ ଆଲମାରିରୁ ଟଙ୍କା ପାଇଥିଲା। ଖୋଜା ଖୋଜି ପରେ ଫ୍ଲସରୁ ମଧ୍ୟ ଲକ୍ଷାଧିକ ଟଙ୍କା ପାଇଥିଲା। ମୋଟ ୮ ଲକ୍ଷ ୧୪ଶହ ଟଙ୍କା ଜବତ ହୋଇଥିବା ନେଇ ପୁଲିସ କହିଛି। ୧୧ଟି ମୋବାଇଲ, ୨ଟି ଗାଡ଼ି ଜବତ କରିଛି। ଜୁଆଖେଳରେ ହୋଟେଲ ମାଲିକଙ୍କ ସମ୍ପୃକ୍ତି ଥିବା ନେଇ ଚର୍ଚ୍ଚା ହେଉଛି। କିନ୍ତୁ ହୋଟେଲ ମାଲିକ କହିଛନ୍ତି ମୁଁ ଏ ବିଷୟରେ ଜାଣି ନାହିଁ।

## ଶ୍ରମିକ ନେତା ବିଶ୍ୱନାଥ ପଣ୍ଡିତଙ୍କ ଜୟନ୍ତୀ

**ସମ୍ବଲପୁର, ୩।୧(ସମିସ):** ଆଜି ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ସମ୍ବଲପୁର ଡିଭିଜନ କମିଟି ପକ୍ଷରୁ ଯୁଯୁମୁରା ଠାରେ ବିଶିଷ୍ଟ ଶ୍ରମିକନେତା ତଥା ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ପ୍ରତିଷ୍ଠାତା ବିଶ୍ୱନାଥ ପଣ୍ଡିତଙ୍କ ୧୦୭ ତମ ଜୟନ୍ତୀ ପାଳିତ ହୋଇଛି। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଡିଭିଜନ ସମ୍ପାଦକ ତଥା ରାଜ୍ୟ ଉପସଭାପତି ଗୋକୁଳ ମେହେରଙ୍କ ଅଧ୍ୟକ୍ଷତାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦୁପତ୍ର ରେଞ୍ଜ ଅଧିକାରୀ ସଞ୍ଜୟ ପ୍ରଧାନ, ସମାଜସେବୀ ରବିନ ରଞ୍ଜିତ, ଟଙ୍କଧର ପ୍ରଧାନ, ଅନାଦି ମିର୍ଦ୍ଧା, ଦିଲେଶ୍ୱର୍ ପ୍ରଧାନ, ସୁମନ ପ୍ରଧାନ, ପ୍ରମୋଦ ବିଶ୍ୱାଳ ପ୍ରମୁଖ ପଣ୍ଡିତଙ୍କ ଗୁଣଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନେଲସନ ବାର୍ଲା, ଜଷ୍ଟିନ ଗୁଡ଼ିଆ, ଜୀବାକା ଡାଙ୍ଗ, ସେଲଫା ଡାଙ୍ଗ, କୁନ୍ତୀ ହର ଓ କୁମୁଦିନୀ ହର ପ୍ରମୁଖ ପଣ୍ଡିତଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।




# ଅସହଯୋଗ ଆନ୍ଦୋଳନରେ ଛାତ୍ରଙ୍କ ଶ୍ରେଣୀବର୍ଜନର ୧୦୪ ତମ ବର୍ଷପୂର୍ତ୍ତି

**ସମ୍ବଲପୁର, ୩।୧(ସମିସ):** ଐତିହାସିକ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲ୍‌ର ମନମୋହନ ପଟ୍ଟନାୟକ ଅଡିଟୋରିୟମ ରେ ସେତୁ, ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲ୍, ସମ୍ବଲପୁର ଏବଂ ପୂରାତନ ଛାତ୍ର ସଂଘ ସହଯୋଗରେ ଅସହଯୋଗ ଆନ୍ଦୋଳନରେ ସମ୍ବଲପୁର ଜିଲ୍ଲା ସ୍କୁଲ୍ ଛାତ୍ରଙ୍କ ଶ୍ରେଣୀ ବର୍ଜନର ୧୦୪ ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଲୋକିତା ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଉଜାଗର ପ୍ରଧାନ, ସମ୍ମାନିତ ଅତିଥି ସେତୁ ସମ୍ବଲପୁରର ସଭାପତି ଡ. ମୀନକେତନ ପାଠୀ ଏବଂ ମୁଖ୍ୟବକ୍ତା ଭାବେ ଐତିହାସିକ ତଥା ଗବେଷକ ଡ. ବିଭୁଦତ୍ତ



ପ୍ରମୋଦ କୁମାର ମିଶ୍ର ଯୋଗ ଦେଇଥିଲେ। ସେତୁର ସମ୍ପାଦକ ହରିନାରାୟଣ ପଣ୍ଡା ଅତିଥି ପରିଚୟ ପ୍ରଦାନ ସହିତ ମଞ୍ଚ ପରିଚାଳନା କରିଥିଲେ। ସର୍ବ ପ୍ରଥମେ ଗୁରୁ ତ୍ରିଲୋଚନ ତ୍ରିପାଠୀଙ୍କ ଦ୍ୱାରା ରାମ ଧୁନ୍ ଗାନ କରାଯଇଥିଲା। ସଭାପତି ଲୋକିତା ଦାଶ ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ ଅସହଯୋଗ ଆନ୍ଦୋଳନରେ ଚନ୍ଦ୍ର ଶେଖର ବେହେରା ଜିଲ୍ଲା ସ୍କୁଲ୍‌ର ମହାନ ଅବଦାନ ବିଷୟରେ ବର୍ଣ୍ଣନା କରିଥିଲେ। ପ୍ରଫେସର ମୀନକେତନ ପାଠୀ ଉକ୍ତ ଦିବସର ଏତିହାସିକ ମହତ୍ତ୍ୱ ବିଷୟରେ ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ ଏବଂ ଏହି ଦିବସକୁ ସମସ୍ତ ବିଦ୍ୟାଳୟରେ ପାଳନ କରିବା ପାଇଁ ଆହ୍ୱାନ କରିଥିଲେ। ମୁଖ୍ୟ ବକ୍ତା ଡ. ମିଶ୍ର ଅସହଯୋଗ ପରି ଜାତୀୟ ଆନ୍ଦୋଳନରେ ସମ୍ବଲପୁରର ଛାତ୍ର ଏବଂ ଜନସାଧାରଣଙ୍କର ଅବଦାନ ଏବଂ ଦେଶର ସ୍ୱାଧୀନତା ପ୍ରାପ୍ତି ପାଇଁ ବଳିଦାନ ବିଷୟରେ ବର୍ଣ୍ଣନା କରିଥିଲେ। ମୁଖ୍ୟ ଅତିଥି ଉଜାଗର ପ୍ରଧାନ ବର୍ତ୍ତମାନର ଜିଲ୍ଲାସ୍କୁଲ୍‌ର ଛାତ୍ରଛାତ୍ରୀ ମାନଙ୍କୁ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିବା ଛାତ୍ର ମାନଙ୍କ ଅବଦାନ ବିଷୟରେ ଅବଗତ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଦିଲ୍ଲୀପ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।
















# ସମ୍ବଲପୁରକୁ ଆସି ପାର୍କିଂ ପାଇଁ ହନ୍ତସନ୍ତ ପର୍ଯ୍ୟଟକ

**ସମ୍ବଲପୁର, ୩।୧(ସମିସ)**

ସମ୍ବଲପୁର ଏକ ଐତିହ୍ୟ ସମ୍ପନ୍ନ ସହର। କଳାକୃତି ପାଇଁ ବେଶ ପରିଚିତ। ବିଭିନ୍ନ ପର୍ଯ୍ୟଟନସ୍ଥଳୀ ରହିଥିବାରୁ ବାରମାସ ପର୍ଯ୍ୟଟକଙ୍କ ଭିଡ଼ ଲାଗିଥାଏ। ଖାସ୍‌କରି ଡିସେମ୍ବରରୁ ଫେବୃଆରୀ ମାସ ମଧ୍ୟରେ ଅଧିକାଂଶ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ। ହେଲେ ସମ୍ବଲପୁର ସହରରେ ପର୍ଯ୍ୟଟକ ଆସି ଫଶି ଯାଉଛନ୍ତି। ସହରରେ ଅବ୍ୟବସ୍ଥିତ ପାର୍କିଂ ଓ ଟ୍ରାଫିକ ପରିଚାଳନାରେ ଯନ୍ତ୍ରଣା ଭୋଗୁଛନ୍ତି। ମନ ଇଚ୍ଛା ପାର୍କିଂ ସମସ୍ୟା ଯୋଗୁଁ ରାସ୍ତାରେ ଜାମ ଲାଗୁଛି। କିନ୍ତୁ ପ୍ରଶାସନିକ ଅବ୍ୟବସ୍ଥା ପାଇଁ ଏହି ସହର ଏବେ ବେଆଇନ୍ ପାର୍କିଂ ୟାର୍ଡର ସହର ଭାବେ ପରିଚିତ ହେବାକୁ ଲାଗିଲାଣି। ଯିଏ ଯେଉଠି ପାରିଲା ଗାଡ଼ି ପାର୍କିଂ କରି ଦେଉଛନ୍ତି। ଏଥିପାଇଁ ସହରର ସବୁ ରାସ୍ତା ସଙ୍କୁଚିତ ହୋବାରେ ଲାଗିଲାଣି। ଫଳରେ ସବୁ ବେଳେ ଟ୍ରାଫିକ ସମସ୍ୟା ଦେଖା ଦେଉଛି। ଏଥିରେ ସାଧାରଣ ଜନତା ବହୁ ହାଇରାଣ ହେଉଥିବା ବେଳେ ଅନେକ ସମୟରେ ଜରୁରୀକାଳିନ ଯାନବାହାନ ବି ଯିବାଆସିବା କରିବାରେ ଅସୁବିଧା ହେଉଥିବା ଜଣାପଡ଼ିଛି। ତେବେ ସହରରେ ପାର୍କିଂ ପାଇଁ ବ୍ୟବସ୍ଥା ନଥିବାରୁ ଏପରି ଅବସ୍ଥା ହେଉଛି। ପାର୍କିଂ ସମସ୍ୟା ଦୂର କରିବାକୁ ସହରରେ ପ୍ରଶାସନ ପକ୍ଷରୁ କିଛି ଯୋଜନା ହାତକୁ ନିଆଯାଇଥିଲା। ଏହି ପ୍ରସ୍ତାବ ଗୁଡ଼ିକ ଏବେ ଶୀଳଳ ଭଣ୍ଡାରେ ପଡ଼ିଥିବା ଅଭିଯୋଗ ହେଉଛି। ସମ୍ବଲପୁର ସହରରେ ସବୁ ରାସ୍ତା ଏବେ ସଂକୁଚିତ ହେବାରେ ଲାଗିଛି। ଏହାର ମୁଖ୍ୟ କାରଣ ହେଉଛି ବେଆଇନ ପାର୍କିଂ। ସହରର ବଡ଼ ବଡ଼ ଦେକାନ ସବୁ ରହିଥିବା ବେଳେ ଦିନ ତମାମ୍ ଏଠାରେ ଭିଡ଼ ରହିଥାଏ। ଏଠାକୁ ଆସୁଥିବା ଲୋକଙ୍କ ପାଇଁ ଗାଡ଼ି ପାର୍କିଂ ବ୍ୟବସ୍ଥା ନଥିବାରୁ ବାଧ୍ୟ ହୋଇ ଲୋକ ରାସ୍ତା କଡ଼ରେ ଗାଡ଼ି ଥୋଇଦେଉଛନ୍ତି। ଏଥିପାଇଁ ଓସାରିଆ ରାସ୍ତା ଏବେ ସଂକୁଚିତ ହୋଇ ଗଲାଣି। ଏଥିପାଇଁ ହିଁ ଅନେକ ସମୟରେ ସହରରେ ରାସ୍ତା ଜାମ୍ ପରିସ୍ଥିତି ଉପୁଜୁଛି। ଜାମ ଯୋଗୁଁ ଅନେକ ସମୟରେ ଆମ୍ବୁଲାନ୍ସ ମଧ୍ୟ ଫସି ରହୁଥିବା ଦେଖିବାକୁ ମିଳିଛି। ସହରର ସବୁଠାରୁ ବ୍ୟସ୍ତବହୁଳ ବଜାର ଗୋଲ ବଜାର ହୋଇଥିବା ବେଳେ ଏହି ପାଖରେ ପାର୍କିଂ ପାଇଁ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ବାଧ୍ୟ ହୋଇ ଲୋକ ଓଭର ବ୍ରିଜ ତଳ ଗାଡ଼ି ରଖୁଛନ୍ତି। ତେବେ ଏଠାରେ କେବଳ ଦୁଇ ଚକିଆ ଯାନ ପାଇଁ ଅନୁମତି ଥିଲେ ସୁଦ୍ଧା ବାରମ୍ବାର ୪ ଚିକିଆ ଯାନ ରଖି ଦେଉଛନ୍ତି। ତେଣୁ ରାସ୍ତା ପୁରାପୁରି ସଂକୁଚିତ ହୋଇଯାଉଛି। କେବଳ ସେତିକି ନୁହେଁ ବରଂ ସହରର ଗଳିକନ୍ଦିରେ ମଧ୍ୟ ଲୋକ ନିଜ ଜାଗାରେ ଗାଡ଼ିକୁ ପାର୍କିଂ ନକରି ରାସ୍ତାରେ ରଖି ଦେଉଛନ୍ତି। ଫଳରେ ଅନ୍ୟ ଗାଡ଼ି ଯିବା ପାଇଁ ବହୁ ଅସୁବିଧା ହେଥିବା ଲୋକ ଅଭିଯୋଗ କରୁଛନ୍ତି।

ସହରରେ ଏହି ସମସ୍ୟାକୁ ଦୂର କରିବା ପାଇଁ ପ୍ରଶାସନ ପକ୍ଷରୁ ଧୋବି ଜୋର୍‌ର ଟଙ୍ଗନା ନାଳାରେ ଏକ ପ୍ରକଳ୍ପ ପାଇଁ ଯୋଜନା କରାଯାଇଥିଲା। ନାଳାର ଉପରେ ଉଭୟ ପାର୍ଶ୍ୱରେ ଛାତ ପକାଯାଇ ଥାନ୍ତା। ଗୋଲ ବଜାରକୁ ଆସୁଥିବା ଶହ ଶହ ଗାଡ଼ି ଏଠି ପାର୍କିଂ ହୋଇଥାନ୍ତା। ଫଳରେ ରାସ୍ତାରେ ଆଉ ସମସ୍ୟା ହୋଇନଥାନ୍ତି। ମାତ୍ର ପ୍ରଶାସନର ଇଚ୍ଛାଶକ୍ତିର ଅଭାବ ଯୋଗୁଁ ପ୍ରସ୍ତାବିତ ଯୋଜନାଟି ଦୀର୍ଘ ଦିନ ହେବ ଶୀତଳଭଣ୍ଡାରରେ ପଡ଼ିଛି। କେବଳ ବେଆଇନ ପାର୍କିଂ ନହେଁ ବରଂ ରାସ୍ତାରେ ନିର୍ମାଣ ସାମଗ୍ରୀ ଗଦା କରିବା ଫଳରେ ମଧ୍ୟ ସମସ୍ୟା ଦେଖା ଦେଉଛି। ଏନେଇ ପୁଲିସ୍ ଓ ପ୍ରଶାସନିକ ଅଧିକାରୀଙ୍କୁ କ୍ଷମତା ବି ଦିଆଯାଇଛି ଏଭଳି ବିଶୃଙ୍ଖଳିତ ଆଚରଣ କରୁଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ। ମାତ୍ର ଅଧିକାରୀମାନେ କାର୍ଯ୍ୟାନୁଷ୍ଠାନ ପାଇଁ କୁଣ୍ଠକୁଣ୍ଠ ହେଉଥିବା ଅଭିଯୋଗ ହେଉଛି। ଏଭଳି ଅବସ୍ଥା ପରେ ସମ୍ବଲପୁରରେ ପ୍ରଶାସନିକ ବ୍ୟବସ୍ଥା ହିଁ ନାହିଁ କହିଲେ ଚଳେ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଶେଷ ଭାବରେ ପର୍ଯ୍ୟଟକମାନେ ଏପରି ସ୍ଥିତିରେ ହଇରାଣ ନ ହୁଅନ୍ତୁ ବୋଲି ସାଧାରଣରେ ଦାବି ହୋଇଛି।

ସକାଳ
THE SAKALA



# କଂସ ବଧ ସହ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ ଉଦ୍‌ଯାପିତ

**ମଥୁରା ନଗରୀ, ୩।୧(ସମିସ)**

ଦୀର୍ଘ ଏଗାର ଦିନ ଧନୁଯାତ୍ରାର ଶନିବାର ଅନ୍ତିମ ଦିବସ ଥିଲା। ମହାରାଜ କଂସ ଉଦ୍‌ବିଗ୍ନ। ଆଶା ଆଉ ଭିତରେ ଆଶଙ୍କା ସମୟ ବିତିଛି। ବଡ ବଡ ଯୋଦ୍ଧା ବୀର ମାନଙ୍କୁ ହତ୍ୟାକରିଥିବା ସେଇ ଦୁଇ ବାଳକ ଆଉ ଅଳ୍ପ ସମୟପରେ ରାଜମହଲରେ ପହଞ୍ଚି ଯିବେ। ହାତ ପାହାନ୍ତାରେ ପାଇ ସେମାନଙ୍କୁ ସେ ନିଶ୍ଚୟ ହତ୍ୟା କରିବେ। ଧନୁଯାତ୍ରା ଦେଖାଇବା ଛଳରେ କପଟ କରି ଡାକିଛନ୍ତି ଯେତେବେଳେ ଲକ୍ଷ୍ୟ ପୂରଣ ଉଦ୍ଦେଶ୍ୟରେ ସେ ସମସ୍ତଙ୍କୁ ସତର୍କ କରାଇ ଦେଇଛନ୍ତି। ସବୁଠି କଡା ପ୍ରହରା। ପ୍ରସ୍ତୁତ ଅଛନ୍ତି ଅଷ୍ଟମଲ୍ଲଙ୍କ ଭଳି ଯୋଦ୍ଧା ଓ କୁବଳୟା ହସ୍ତୀ। ଏଥର ନିସ୍ତାର ନାହିଁ ସେ ଗୋପାଳ ବେନି ଭାଇଙ୍କର। କୁଆଡେ ଯିବେ ସେମାନେ। ମୃତ୍ୟୁ ତ ସୁନିଶ୍ଚିତ। କେତେବେଳେ ଏ ସବୁ ଚିନ୍ତା କରି ମହାରାଜ କଂସ ପ୍ରସନ୍ନ ହୋଇଯାଆନ୍ତି ତ ପୁଣି କେତେବେଳେ ଆତଙ୍କ ଓ ଭୟରେ ଥରି ଉଠନ୍ତି। ତଥାପି ଅଟ୍ଟହାସ୍ୟ କରି ସବୁପ୍ରକାର ଭୟକୁ ସେ ମନରୁ ଦୂରେଇ ଦିଅନ୍ତି। ଅଷ୍ଟମଲ୍ଲ, କୁବଳୟା ହସ୍ତୀ ଯଦି ବି ପରାଜିତ ହୁଅନ୍ତି ସେ ନିଜେ ତ ଅଛନ୍ତି। ବୀରାଧିବୀର ପ୍ରବଳ ପ୍ରତାପୀ କଂସାସୁର ସିଏ। ଯାହାଙ୍କ ନାଆଁ ଶୁଣିଲେ ପ୍ରକମ୍ପିତ ହୁଏ ବସୁଧା, ଦେବତାଙ୍କ ଆସନ ହୁଏ ଥରହର ହୁଏ ତାଙ୍କୁ କ'ଣ ଏଇ ସାମାନ୍ୟ ଦୁଇ ଶିଶୁ ବଳିଯିବେ। ସେ ନିଶ୍ଚୟ ଏ ଦୁଇ ଶିଶୁଙ୍କୁ ହତ୍ୟା କରିବେ। ଦୈବୀବାଣୀକୁ ଭୁଲ ପ୍ରମାଣିତ କରି ସେ ନିଷ୍କଣ୍ଟକ ଜୀବନ ଜିଇଁବେ। ସେ ହେବେ ଅମର, ଅଜର ଓ ସମଗ୍ର ପୃଥିବୀର ମାଲିକ। ଏଇଭଳି ଭାବନା ରାଜ୍ୟରେ ରାଜମହଲ ଭିତରେ ହଜିଯାଇ ଥିବାବେଳେ ମଥୁରା କଟକ ଭ୍ରମଣ ସାରି ଧନୁଯାତ୍ରା ଦର୍ଶନ ସକାଶେ ଆସି ପହଞ୍ଚି ଯାଆନ୍ତି ବେନିଭାଇ କୃଷ୍ଣ ବଳରାମ। କି ଅପୂର୍ବ କାନ୍ତି। ଅପରୂପ ରୂପ ଲାବଣ୍ୟ। ଉଜ୍ଜ୍ୱଳ ମୁଖ ମଣ୍ଡଳ। ବେଶଭୂଷାରେ ସେ ଯେମିତି ସାରା ଜଗତକୁ ମୋହି ନେଉଛନ୍ତି। ତାଙ୍କର ଆସିବା ଦେଖି ଧାଇଁ ଆସିଲା କୁବଳୟା ହସ୍ତୀ। ଶତସିଂହର ବଳ ନେଇ ବେନି ଭାଇଙ୍କ ସହ ଯୁଦ୍ଧ କରିବା ସମୟରେ ସେମାନଙ୍କ ହାତରେ ନିହତ ହେଲା। ତାପରେ ଅଷ୍ଟମଲ୍ଲଙ୍କ ସହିତ ଯୁଦ୍ଧ ହୋଇଛି। ନିମିଷକ ମଧ୍ୟରେ ଧରାଶାୟୀ ହୁଅନ୍ତି ଅଷ୍ଟମଲ୍ଲ। ତା' ପରେ ଧନୁଭଙ୍ଗ ଓ ମଞ୍ଚରେ ଚାଲେ ଘମାଘୋଟ ଲଢ଼େଇ। କୃଷ୍ଣ, ବଳରାମଙ୍କ ସହ ମହାରାଜ କଂସ। ସାମାନ୍ୟ ଦୁଗ୍ଧ ପୋଷ୍ୟ ଶିଶୁ ବୋଲି ସେ ଯାହାକୁ ମନେ କରୁଥିଲେ ଏବେ ସେଇ ମାନଙ୍କ ହାତରେ ହିଁ ତାଙ୍କର ମୃତ୍ୟୁ। ଦଇବ ଲିଖନ କେ କରିବ ଆନ। ଯାହାଙ୍କୁ ମାରିବା ପାଇଁ ଏତେ ଆୟୋଜନ ଏତେ କୂଟକପଟ, ହେଲେ ସବୁକିଛି ଓଲଟ ପାଲଟ ହୋଇଗଲା। ମାରିବାକୁ ଯାଉ ଯାଉ ନିଜେ ସେ ମରିଗଲେ। ଚାରିଆଡେ ଖେଳିଗଲା ଆନନ୍ଦର ଲହରୀ। ଉତ୍ସବର ବାଣ ଶବ୍ଦରେ କମ୍ପି ଉଠିଲା ମଥୁରାନଗରୀ। ମଥୁରା ସହ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ କଂସଙ୍କ ଦୌରାତ୍ମ୍ୟରୁ ମୁକ୍ତ ହେଲା। କଂସ ମହାରାଜଙ୍କ ମୃତ୍ୟୁ ପରେ ହଜାର ହଜାର ନରନାରୀଙ୍କ କଣ୍ଠରୁ ନିସୃତ ହେଲା - "କଂସ ରାଜାର ବଂଶ ବୁଡୁ, କଂସ ମଲେ ଖାଏମା ଲଡୁ।" କଂସାସୁରଙ୍କ ମୃତ୍ୟୁରେ ଅସ୍ତି ଓ ପ୍ରାପ୍ତିଙ୍କ କାନ୍ଦଣା ଚାଲିଥିବା ସମୟରେ ଉପସ୍ଥିତ ନଗରବାସୀଙ୍କ ମଧ୍ୟରେ ଲଡୁ ବଣ୍ଟାଯାଇଛି। କୃଷ୍ଣ ଓ ବଳରାମ, ଉଗ୍ରସେନଙ୍କ ରାଜ୍ୟାଭିଷେକ କରି ମଥୁରାରେ ଶାନ୍ତି ପ୍ରତିଷ୍ଠା କରନ୍ତି, ମୁକ୍ତ କରନ୍ତି ଦେବକୀ ବସୁଦେବଙ୍କୁ ଓ ତା' ସହିତ ଦୀର୍ଘ ୧୧ ଦିନର ଲୋକ ନାଟକର ପରିସମାପ୍ତି ଘଟିଛି।

## ଏଗାର ଦିନ ଯାତ୍ରାରେ ଲକ୍ଷାଧିକ ଲୋକଙ୍କ ସମାଗମ

## ମଥୁରା ପୁର ଏବେ କୃଷ୍ଣମୟ










## ସତ୍ୟ, ଧର୍ମ ଓ ନ୍ୟାୟର ଜୟ ବାର୍ତ୍ତା ଦେଇ ବିଦାୟ ନେଲା ଧନୁଯାତ୍ରା

**ମଥୁରା ନଗରୀ, ୩।୧(ସମିସ):** ସତ୍ୟ, ଧର୍ମ ଓ ନ୍ୟାୟ ପ୍ରତିଷ୍ଠା ପାଇଁ ଭଗବାନ ଯେ ଯୁଗେ ଯୁଗେ ଜନ୍ମ ନେଇ ଧରାରୁ ପାପଭାର ମୁକ୍ତ କରନ୍ତି ଏଇ ବାର୍ତ୍ତା ଦେଇ ଉଦ୍‌ଯାପିତ ବରଗଡ଼ ବିଶ୍ୱ ପ୍ରସିଦ୍ଧ ବିରାଟ ଧନୁଯାତ୍ରା ମହୋତ୍ସବ ଉଦ୍‌ଯାପିତ ହୋଇଛି। ମାତ୍ର କଂସତ୍ୱ ଅମର। ଏହାର ଅନ୍ତ ନାହିଁ। ଭଲ ସହିତ ମନ୍ଦ ପରି କୃଷ୍ଣତ୍ୱ ସହିତ କଂସତ୍ୱ ମଧ୍ୟ ରହିବ। ସତ୍ୟ, ମିଥ୍ୟା, ଭଲ, ମନ୍ଦ ଏପରି ପରସ୍ପର ବିରୋଧୀ ତନ୍ତ୍ର ନ ଥିଲେ ସାର ଅସାରର ଭେଦ ଜାଣିହୁଏ ନାହିଁ। କଂସ ଚରିତ ବିନା କୃଷ୍ଣଙ୍କର ମହିମା ବର୍ଣ୍ଣନା କରିବା ଅସମ୍ଭବ। ଅନ୍ତିମ ଦିବସରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଅତାବିରା ବିଧାୟକ ନିହାର ମହାନନ୍ଦ, ବିଜେପୁର ବିଧାୟକ ସନତ ଗଡ଼ତିଆ, ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ, ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲାପାଳ ଆଦିତ୍ୟ ଗୋୟଲ ନିଜର ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଦୀର୍ଘ ଏକ ମାସ ହେବ ଉପ ଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ, ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର, ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲାଙ୍କ ସମେତ ବହୁ ଅଧିକାରୀ ନିଜ ନିଜ ଦାୟିତ୍ୱ ନିର୍ବାହ ପାଇ ଲାଗିପଡ଼ିଥିଲେ। ବରଗଡ଼ ଏସ୍‌ପି ପ୍ରହଲ୍ଲାଦ ସହାୟ ମୀନା ମଧ୍ୟ ପୁଲିସ ବିଭାଗ ବିଭାଗର ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ପୁଲିସ ମାନଙ୍କ ଅକ୍ଳାନ୍ତ ପରିଶ୍ରମ ଫଳରେ ଲକ୍ଷ ଲକ୍ଷ ଜନସାଧାରଣ ଦୀର୍ଘ ୧୧ ଦିନ ଧରି ନିଶ୍ଚିନ୍ତ ହୋଇ ଧନୁଯାତ୍ରାକୁ ଉପଭୋଗ କରିପାରିଥିଲେ ବୋଲି କହିଥିଲେ। ଧନୁଯାତ୍ରା ମହୋତ୍ସବ ସମିତି ସମ୍ପାଦକ ସୁରେଶ୍ୱର ଶତପଥୀ, ରଙ୍ଗ ମହଲ କମିଟି ଆବାହକ ଅକ୍ରୁର ମଲ୍ଲିକ, ରାଜ ଦରବାର କମିଟି ଆବାହକ ରାଜେନ୍ଦ୍ର ପ୍ରସାଦ ସିଂ, ରାଜେଶ୍ ଶତପଥୀ, ଗୋପାଳ କୃଷ୍ଣ ଦାଶ, ଅଶୋକ ବେହେରା, ଦେବାନନ ସାହୁ, ସଂକଳ୍ପ ଷଡଙ୍ଗୀ, ତପସ୍ୱିନୀ ଗୁରୁ, ମମତା ଅଗ୍ରୱାଲ, ମାନସ ଚାନ୍ଦ ପ୍ରମୁଖ ବ୍ୟକ୍ତି ନିଜର ବହୁ ମୂଲ୍ୟ ସମୟ ଦେଇ ୭୮ ତମ ଧନୁଯାତ୍ରା ମହୋତ୍ସବକୁ ସଫଳ କରିଥିଲେ।














# ଭୁବନେଶ୍ୱର ସିଟି

# ରାଜଧାନୀରେ 'ଆମ ବସ୍' ଛନକା

ଭୁବନେଶ୍ୱର, ୩।୧(ସମିସ): ରାଜଧାନୀବାସୀଙ୍କୁ ଯାତାୟତ ସୁବିଧା ଯୋଗାଇ ଦେବା ପାଇଁ ୨୦୧୮ ମସିହାରେ ପୂର୍ବ ସରକାର ମୋ ବସ୍ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ସରକାର ବଦଳିବା ପରେ ଏହା ଆମ ବସ୍ ନାମରେ ନାମିତ ହୋଇଥିଲା। ସୁଲଭ ଭଡ଼ା ଦର ହୋଇଥିବାରୁ ସହରବାସୀ ଏହି ବସ୍‌କୁ ଅଧିକ ପସନ୍ଦ କରୁଥିଲେ। ଏହା ମଧ୍ୟ ଲୋକମାନଙ୍କୁ ସେମାନଙ୍କ ଗନ୍ତବ୍ୟସ୍ଥଳକୁ ସହଜ ଓ ସୁଗମରେ ନେଇ ନିର୍ଦ୍ଧାରିତ ସମୟ ମଧ୍ୟରେ ପହଞ୍ଚାଉଥିଲା। ହେଲେ ଏବେ ଆମବସ୍ ଆତଙ୍କ ବଢ଼ିବାରେ ଲାଗିଛି। ଟୁଇନ୍ ସିଟିରେ ଦେଢ଼ ବର୍ଷ ମଧ୍ୟରେ ୨୪ଟି ବଡ଼ ଦୁର୍ଘଟଣା ଘଟିଛି। ଏଥିରେ ୭ ଜଣଙ୍କୁ ଚଢାଇ ମାରିଦେଇଥିଲା। ତେବେ ୨୦୨୬ରେ ଏହା ପ୍ରଥମ ଦୁର୍ଘଟଣା ଘଟିଛି ଯେଉଁଠି ଏକ ଅଟୋ ଚାଳକଙ୍କ ମୃତ୍ୟୁ ଘଟିଛି। ଆମ ବସ୍ ଧକ୍କାରେ ବାରମ୍ବାର ଦୁର୍ଘଟଣା ଯୋଗୁଁ ରାସ୍ତାରେ ଏହି ବସ୍ ଦେଖିଲେ ଲୋକଙ୍କ ଛାତିରେ ଛନକା ପଶୁଛି।

ପ୍ରକାଶ ଥାଉ କି ଗତ ଡିସେମ୍ବର ମାସରେ ଅନ୍ଧାରୁଆ ଅଞ୍ଚଳରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ସେହି ମାସରେ ସତ୍‌ସଙ୍ଗ ବିହାର ନିକଟରେ ଜଣ ମୃତ୍ୟୁ ହୋଇଥିଲା। ଫେବୃଆରୀ ମାସରେ ରଘୁନାଥପୁର ଅଞ୍ଚଳରେ ଜଣେ ନାବାଳିକାର ଏହି ଆମ ବସ୍ ଧକ୍କାରେ ହୋଇଥିବା ବେଳେ ଫେବୃଆରୀ ମାସରେ ବରୁଣେଇ ନିକଟ ଦୁର୍ଘଟଣାରେ ୧୫ରୁ ଅଧିକ ଲୋକ ଆହାତ ହୋଇଥିଲେ। ଏହି ୨୦୨୪ ବର୍ଷରେ ଟ୍ୱିନ୍‌ସିଟିରେ ୨୫ରୁ ଅଧିକ ଦୁର୍ଘଟଣା ଘଟାଇଛି ଆମ ବସ୍। ଏଥିରେ ୧୦ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜାନୁଆରୀରେ ସିରିଜ୍ ଦୁର୍ଘଟଣା ଘଟାଇଥିଲା। ଏହିପରି ମଧ୍ୟ ୨୦୨୪ରେ ମଧ୍ୟ ଏପ୍ରିଲ ମାସରେ ବାଣୀବିହାର ଛକରେ ଆମ ବସ୍ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିବା ବେଳେ ଏକାଧିକ ଲୋକ ଆହାତ ହୋଇଛନ୍ତି।

ପ୍ରତିବର୍ଷ ଏହି ଆମ ବସ୍‌ରେ ଶହ ଶହ ଲୋକ ଯିବା ଆସିବା କରୁଛନ୍ତି ହେଲେ ବସ୍ ଚଲାଉଥିବା ଡ୍ରାଇଭରଙ୍କ ମନମାନିରେ ଏହି ଆମ ବସ୍ ଚାଲୁଅଛି। ନା ଏଥିରେ ବେଗ ନିୟନ୍ତ୍ରଣ ବ୍ୟବସ୍ଥା ରହିଛି ନା କିଛି କଟକଣା। ଦୁର୍ଘଟଣା ଘଟାଇ ଡ୍ରାଇଭର କେଉଁଆଡ଼େ ଚମ୍ପଟ ମାରୁଛନ୍ତି ହେଲେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନିଆ ଯାଉନାହିଁ। ଯେଉଁଥିପାଇଁ ବେଳକୁ ବେଳ ରାଜଧାନୀ ଏହାର ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ଆମ ବସ୍ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି।

ଏନେଇ ପ୍ରତିଦିନି ଆମ୍ ବସରେ ଯିବା ଆସିବା ନୂଆପଲ୍ଲୀର ସ୍ୱାତୀ ପଟେଲ କୁହନ୍ତି ଆମ ବସ୍ ଯୋଗୁଁ ଆମେ ଅନେକ ସୁବିଧା ପାଇଛୁ। ରାଜଧାନୀବାସୀଙ୍କ ପାଇଁ ଏହାଏକ ବରଦାନ ଥିଲା। କିନ୍ତୁ ସମୟ କ୍ରମେ ଏବେ ରାସ୍ତାରେ କେଉଁଠି ଆମ ବସ୍ ଦେଖିଲେ ଲୋକେ ଆତଙ୍କିତ ହୋଇପଡୁଛନ୍ତି। ଅନେକ କ୍ଷେତ୍ରରେ ଆମ ବସ୍ ଦେଖି ରାସ୍ତାକଡ଼ରେ ଠିଆ ହୋଇପଡୁଛୁ ବୋଲି ଅନେକ ଯାତ୍ରୀ କହିଛନ୍ତି।

### ଅଟୋବାଲାଙ୍କୁ ବସ୍ ଷ୍ଟିୟରିଂ

ଆମ ବସ୍‌ର କିଛି ଡ୍ରାଇଭର ପୂର୍ବରୁ ଅଟୋ ଚାଳକ ଥିଲେ। ଅଟୋ ଚାଳନା କରୁଥିଲେ। କ୍ରୁଟ୍ ଏବେ ସେମାନଙ୍କୁ ଆମ ବସ୍ ଧରାଇ ଦେଇଛି। ବଡ ଗାଡି ବଡ ଷ୍ଟିୟରିଂ ଧରିଲା ପରେ ବସ୍‌କୁ ଅଟୋ ବୋଲି ଭାବୁଛନ୍ତି। ଅଟୋ ଯେମିତି ଚାଲେ ସେଭଳି ଚଳାଉଛନ୍ତି। ଫଳରେ ଆମ ବସ୍ ଜନିତ ଦୁର୍ଘଟଣା କ୍ରମେ ବଢ଼ିବାରେ ଲାଗିଛି।

### ସରକାର ଏବେ ନୀରବ

ବିଜେପି ସରକାରକୁ ଆସିବା ପରେ ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଆଖି ମୋ ବସ୍ ଉପରେ ପଡ଼ିଥିଲା। ରାଜ୍ୟରେ ଏକ ସଫଳ ଆଉ ଲୋକ ଦେଖାଣିଆ ସଂସ୍ଥା ଥିଲା ଆମ ବସ୍। ଏଣୁ ପୂର୍ବ ସରକାରଙ୍କୁ ସଫଳତାର ଶ୍ରେୟ ଦେବେ ନାହିଁ ବୋଲି ମୋ ବସ୍‌ର ନାମ ବଦଳାଇ ଆମ ବସ୍ କରିଦେଲେ। ହେଲେ ଏହାର ନାମ ଆମ ବସ୍ ହେବା ପରଠାରୁ ସ୍ଥିତି ବିଗିଡ଼ିଗଲା। ଏହାର ଡ୍ରାଇଭାର ରାସ୍ତା ଘାଟରେ ଲୋକଙ୍କୁ ଚଢାଇ ମାରିଲେ। ପ୍ରାରମ୍ଭରୁ ଡ୍ୟାମେଜ୍ କଣ୍ଟ୍ରୋଲ କରିବାକୁ ଏକାଧିକ ଟେକ୍ନୋଲୋଜି ସାହାର୍ଯ୍ୟରେ ଦୁର୍ଘଟଣା ରୋକାଯିବ ବୋଲି ଗଣମାଧ୍ୟମ ସାମ୍ନାରେ ମତ ରଖିଲେ। ହେଲେ ଦୁର୍ଘଟଣା ନିତିଦିନିଆ ହେବାରୁ ମନ୍ତ୍ରୀ ବି ଚୁପ୍ ହେଇଗଲେଣି। ବସ୍ ସମ୍ପର୍କରେ ଆଉ କିଛି କହୁ ନାହାନ୍ତି।



### ବସ୍ ମେଣ୍ଟେନାନ୍ସ ପ୍ରତି ଧ୍ୟାନ ଦିଆଯାଉନି!

ଦୁର୍ଘଟଣା ରୋକିବାକୁ ବସୁଠାରୁ ବଡ଼ କଥା ହେଉଛି ବସ୍‌ଗୁଡ଼ିକର ନିୟମିତ ରକ୍ଷଣବେକ୍ଷଣ। ଫଳରେ ଯାନ୍ତ୍ରୀକ ଦୁର୍ଘଟଣା ଅନେକାଂଶରେ ରୋକା ଯାଇପାରିବ। ହେଲେ ଏହି କାମକୁ ଠିକ୍ ଭାବେ କରାଯାଉ ନଥିବା ଅଧିକାଂଶ ଡ୍ରାଇଭର ଅଭିଯୋଗ କରିଛନ୍ତି। ଦିନ ଦିନ ଧରି ବସ୍‌ର କିଛି ଉପକରଣ ସଜାଡିବାକୁ ଲିଖିତ ଦିଆଯାଉଥିଲେ ମଧ୍ୟ ଏହାକୁ ହେ ଜ୍ଞାନ କରାଯାଉଛି ବୋଲି କିଛି ଡ୍ରାଇଭର ଅଭିଯୋଗ କରୁଛନ୍ତି।



## ବାର୍‌ରେ ଭଙ୍ଗାରୁଜା ଘଟଣା; ୪ ଗିରଫ



ଭୁବନେଶ୍ୱର, ୩।୧ (ସମିସ): ବାରରେ ପଶି ଭଙ୍ଗାରୁଜା କରିବା ସହ ଗାୟିକାଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗରେ ୪ ଜଣଙ୍କୁ ଗିରଫ କରିଛି ମଞ୍ଚେଶ୍ୱର ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ପଳାଶୁଣି କେନାଲ ରୋଡର ଡଲି ଓରଫ୍ ପୂର୍ଣଚନ୍ଦ୍ର ଶିଆଳ (୨୫), ପ୍ରାଚୀ ବିହାରର ନନ୍ଦୁ ଓରଫ୍ ପ୍ରିୟବ୍ରତ ଖଟୁଆ (୨୨), ଓସିସି ରୋଡର ପୁପୁଲୁ ଓରଫ୍ ଆଶୁତୋଷ ମହାନ୍ତି (୪୨) ଓ ରସୁଲଗଡ଼ର ବିକି ଓରଫ୍ ଦେବୀପ୍ରସାଦ ବାରିକ (୨୧)।

ପୁଲିସ ସୂଚନାନୁଯାୟୀ, ଗତ ଗୁରୁବାର ରାତି ପ୍ରାୟ ୧୦ଟା ୪୫ରେ ଡଲି, ବିକି, ନନ୍ଦୁ, ପୁପୁଲୁ, ଯୁବରାଜ ଓ ପପୁ ନିଶାଗ୍ରସ୍ତ ଅବସ୍ଥାରେ ରସୁଲଗଡ଼ ବାରରେ ପଶି ଦାଦାବଟି ଦେବାକୁ ଦାବି କରିଥିଲେ। ମନା କରିବାରୁ, ଅଭିଯୁକ୍ତମାନେ କର୍ମଚାରୀମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଧମକ ଦେଇଥିଲେ। ୱେଟର ଜିତେନ୍ଦ୍ର ମହାନ୍ତି ଗ୍ରାହକମାନଙ୍କ ଉପସ୍ଥିତିରେ ବିଶୃଙ୍ଖଳା ସୃଷ୍ଟି ନକରିବାକୁ ଅନୁରୋଧ କରିବାବେଳେ ଅଭିଯୁକ୍ତମାନେ ବାର୍ ଭିତରେ ଭଙ୍ଗାରୁଜା କରିଥିଲେ। ଏଥିସହିତ ମହିଳା ଗାୟିକାଙ୍କୁ ଉଦ୍ଦେଶ୍ୟମୂଳକ ଭାବରେ ଅପମାନିତ କରି ଦୁର୍ବ୍ୟବହାର କରିଥିଲେ। ଆକାଶ ଭୋଳଙ୍କ ଅଭିଯୋଗ ଆଧାରରେ ମଞ୍ଚ?ଶ୍ୱର ଥାନା ପୁଲିସଏକମାମଲାରୁଜୁକରିଥିଲା।ସିସିଟିଭିକ୍ୟାମେରାଫୁଟେଜ୍‌ଯାଞ୍ଚକରିଅଭିଯୁକ୍ତମାନଙ୍କୁ ଚିହ୍ନଟ କରିଥିଲା। ଆଜି ଉପୋରକ୍ତ ୪ ଜଣଙ୍କୁ ଗିରଫ କରିଥିବା ବେଳେ ପପୁ ଓ ଯୁବରାଜ ଫେରାର ଅଛନ୍ତି। ଗିରଫ ହୋଇଥିବା ଅଭିଯୁକ୍ତମାନେ ଅଭ୍ୟାସଗତ ଅପରାଧୀ ଓ ସେମାନଙ୍କ ବିରୁଦ୍ଧରେ ପୂର୍ବରୁ ଅନେକ ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।

## କାଠ ଫାଳିଆରେ ଆକ୍ରମଣ; ରାକା ଗିରଫ



ଭୁବନେଶ୍ୱର, ୩।୧(ସମିସ): କାଠ ଫାଳିଆରେ ଆକ୍ରମଣ କରିଥିବା ଅଭିଯୋଗରେ କୁଖ୍ୟାତ ରାକାକୁ ଗିରଫ କରିଛି ଏୟାରଫିଲ୍ଡ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବୋତଣ୍ଡା ଭୋଇ ସାହିର ଆକାଶ ଚନ୍ଦ୍ର ବେହେରା ଓରଫ୍ ରାକା (୩୩)। ପୁଲିସ ସୂଚନାନୁସାରେ, ଗତ ବୁଧବାର ଅପରାହ୍ଣରେ ଶୈଳେନ୍ଦ୍ର ପ୍ରଧାନ ଘରକୁ ଫେରୁଥିବା ବେଳେ ରାକା ତାଙ୍କୁ କୁହା ନିକଟରେ ଅଟକାଇ ଗାଳିଗୁଲଜ କରିଥିଲା। ଶୈଳେନ୍ଦ୍ର ପ୍ରତିବାଦ କରିବାରୁ, ରାକା ମୁଠା ଓ କାଠ ଫାଳିଆରେ ତାଙ୍କୁ ଆକ୍ରମଣ କରିଥିଲା। ଏଥିସହିତ ତାଙ୍କ ଉପରକୁ ଭଙ୍ଗା ଇଟା ଫୋପାଡ଼ିଥିଲେ। ଫଳରେ ସେ ଆହତ ହୋଇଥିଲେ। ସ୍ଥାନୀୟ ଲୋକମାନେ ହସ୍ତକ୍ଷେପ କରିବାରୁ ରାକା ଫେରାର ହୋଇ ଯାଇଥିଲା। ଏନେଇ ଶୈଳେନ୍ଦ୍ର ଏୟାରଫିଲ୍ଡ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ପୁଲିସ ଆଜି ରାକାକୁ ଗିରଫ କରିବା ସହ ଇଟା ଜବତ କରିଥିଲା। ରାକା ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ ତା' ନାମରେ ପୂର୍ବରୁ ୧୩ଟି ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।




ରାଜ କିଶୋର ନାୟକ ସ୍ମାରକୀ ଗାନ୍ଧୀ ବକ୍ତୃତାମାଳା କାର୍ଯ୍ୟକ୍ରମରେ ଭୁବନେଶ୍ୱରରେ ପହଞ୍ଚିଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧୀ। ସ୍ୱାଗତ କରୁଛନ୍ତି ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ

## ବିଏମ୍‌ସି ପକ୍ଷରୁ 'ପଥ ଉତ୍ସବ' ଆଜି

ଭୁବନେଶ୍ୱର, ୩।୧(ସମିସ): ବର୍ଷକର ବିରତି ପରେ ପୁଣି ଫେରିଛି ଭୁବନେଶ୍ୱର 'ପଥ ଉତ୍ସବ'। ନୂଆବର୍ଷ ୨୦୨୬ର ପ୍ରଥମ ରବିବାରରୁ 'ପଥ ଉତ୍ସବ'ର ଶୁଭାରମ୍ଭ ହେବ। ଚଳିତବର୍ଷ ତିନିଟି ଜୋନ୍‌ରେ ଏହା ଆୟୋଜନ ହେବାକୁ ଥିବା ବେଳେ ପ୍ରଥମ 'ପଥ ଉତ୍ସବ' ସ୍ମାର୍ଟ ଜନପଥର ମାଷ୍ଟକ୍ୟାଣ୍ଟିନ୍‌ଠାରେ ସକାଳ ୬ଟା ୩୦ ମିନିଟ୍‌ରେ ଆୟୋଜିତ ହେବ। ମାଷ୍ଟରକ୍ୟାଣ୍ଟିନ୍‌ରୁ ରାମମନ୍ଦିର ଛକ ମଧ୍ୟରେ ପାଳିତ ହେବ। ଏଥର 'ପଥ ଉତ୍ସବ'ରେ ମନୋରଞ୍ଜନ କରିବେ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ, ହାସ୍ୟ ଅଭିନେତା ପପୁ ପମ୍‌ପମ୍‌ଙ୍କ ସମେତ ଅନ୍ୟ କଳାକାର। ଭିଡ଼ ଭିତରୁ ଟ୍ୟାଲେଣ୍ଟଙ୍କୁ ଖୋଜିବାକୁ 'ଭୁବନେଶ୍ୱର ଗଟ୍ ଟ୍ୟାଲେଣ୍ଟ' କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥର 'ପଥ ଉତ୍ସବ'ରେ କିଛି ନୂଆ କାର୍ଯ୍ୟକ୍ରମ ସାମିଲ୍ କରାଯାଇଥିବା ବିଏମସି ମେୟର ସୁଲୋଚନା ଦାସ ସୂଚନା ଦେଇଛନ୍ତି।

ଭୁବନେଶ୍ୱରରେ ଉଚ୍ଛେଦର ପ୍ରତିବାଦ

# ବିଏମ୍‌ସି, ବିଡିଏ ବିରୋଧରେ ଉଠାଦୋକାନୀଙ୍କ ମେଳି

■ ମୁଖ୍ୟମନ୍ତ୍ରୀ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ବାସଭବନ ଘେରଉ ଚେତାବନୀ

ଭୁବନେଶ୍ୱର, ୩।୧(ସମିସ): ଭୁବନେଶ୍ୱର ମହାନଗର ନିଗମ ଓ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଆଇନ ନ ମାନି ଯେଉଁଭଳି ଭାବରେ ଉଠାଦୋକାନୀଙ୍କୁ ଉଚ୍ଛେଦ କରିଚାଲିଛନ୍ତି ତା'ର ପ୍ରତିବାଦରେ ଶନିବାର ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ଏବଂ ନିଖିଳ ଉତ୍କଳ ସୁରକ୍ଷା କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂଜୋନ ମହାସଂଘ ତରଫରୁ ଆଇଜି ପାର୍କରେ ପାଖାପାଖି ୧୦୦ରୁ ଅଧିକ ଉଠାଦୋକାନୀ ସଂଘର କର୍ମକର୍ତ୍ତା ଯୋଗଦେଇ ବିଏମ୍‌ସି ଓ ବିଡ଼ିଏ ବିରୁଦ୍ଧରେ ପ୍ରତିବାଦର ସ୍ୱର ଉତ୍ତୋଳନ କରିଥିଲେ।

ବିଏମ୍‌ସି ଓ ବିଡ଼ିଏର ସ୍କ୍ୱାଡ଼ ଉଚ୍ଛେଦ ସମୟରେ ଉଠାଦୋକାନୀ ଆଇନ୍ ଓ ସମ୍ବିଧାନକୁ ନ ମାନି ମନମୁଖୀ ଉଚ୍ଛେଦ କରିବା, ଦୋକାନୀମାନଙ୍କୁ ଧମକ ଚମକ ଦେବା, ଉଚ୍ଛେଦ ସମୟରେ ଦୋକାନୀମାନଙ୍କ ସାମଗ୍ରୀଗୁଡ଼ିକୁ ତାଲିକାଭୁକ୍ତ ନକରିବା ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ କରିଥିଲେ। ଏହି ବୈଠକରେ ମହାସଂଘର ସଭାପତି ପ୍ରତାପ କୁମାର ସାହୁ ସଭାପତିତ୍ୱ କରିଥିବା ବେଳେ ନିରଞ୍ଜନ ପାଣ୍ଡେ, ସସ୍ମିତା ସାହୁ, ସୂର୍ଯ୍ୟମଣି ସାହୁ, ସୂର୍ଯ୍ୟକାନ୍ତ ପଣ୍ଡା, ସୁଶାନ୍ତ ରାଉତ, ଶ୍ୟାମସୁନ୍ଦର କଅଁର, ଶରତ କୁମାର ସାହୁ, ସାଧାରଣ ସମ୍ପାଦକ ଦୀପକ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ସେମାନଙ୍କ କ୍ଷୋଭ ପ୍ରକାଶ କରିଥିଲେ। ଏହାସତ୍ତ୍ୱେ ଯଦି ବିଏମ୍‌ସି ଓ ବିଡ଼ିଏର ସ୍କ୍ୱାଡ଼ ଉଠାଦୋକାନୀ ଉଚ୍ଛେଦ ବନ୍ଦ ନ କରନ୍ତି ତେବେ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀଙ୍କ ବାସଭବନ ଏବଂ ବିଏମ୍‌ସି ଓ ବିଡ଼ିଏ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏଠାରେ ସୂଚନାଥାଉକି, ବିଏମ୍‌ସି, ବିଡ଼ିଏ ଉତ୍ତର ଜୋନ ଅଞ୍ଚଳରେ ପାଖାପାଖି ୪୦୦୦ରୁ ଅଧିକ ଉଠାଦୋକାନୀମାନଙ୍କୁ ଉଚ୍ଛେଦ କରିଥିବା ବେଳେ ରେଣ୍ଟାଲ ଜୋନ ଓ କଳ୍ପନା ବିଏମ୍‌ସି ଜୋନ ଅଞ୍ଚଳରେ ପାଖାପାଖି ୫୦୦୦ରୁ ଅଧିକ ଉଠାଦୋକାନୀମାନଙ୍କୁ ଉଚ୍ଛେଦ କରି ସେମାନଙ୍କ ପରିବାରକୁ ଦାଣ୍ଡର ଭିକାରି କରିଦେଇଛି।



## ଗାଁ ସମସ୍ତଙ୍କୁ ଏକଜୁଟ କରି ରଖେ

ଆମେ ଗାଁରୁ ଆସିଛୁ



ଗାଁମୋର ସବୁଜିମାରେ ପରିପୂର୍ଣ୍ଣ। ସେଇ ମାଟିରେ ଗଢି ହେଇଛି ଜୀବନର ଅନେକ ଗୁଡିଏ ସ୍ମୃତି। ନଦୀ, ନାଳ ଗଛଲତା ମେଳରେ ସେଠାରେ କଟିଛି ପିଲାଦିନ। ସବୁ ସମ୍ପର୍କର ମୂଳ ହେଉଛି ସେଇ ଗାଁ ମାଟି। ଯେଉଁଠି ମଣିଷ ଶିଖିଛି ସ୍ନେହ ବାଣ୍ଟିବା, ଭଲରେ ମନ୍ଦରେ ଏକାଠି ହୋଇ ରହିବା। ଚିହ୍ନା ଅଚିହ୍ନା କେତେ ସମ୍ପର୍କଙ୍କ ଭିତରେ ସବୁ ସେଠି ଆପଣାର ଲାଗନ୍ତି। ପାଠପଢ଼ା ଏବଂ ପରେ କର୍ମମୟ ଜୀବନ ତାଙ୍କୁ ଭୁବନେଶ୍ୱର ଯାଏଁ ଟାଣି ଆଣିଥିଲା। ହେଲେ ମନରେ ଗାଁ ପାଇଁ ଥିବା ସେ ସ୍ୱତନ୍ତ୍ର ସ୍ଥାନକୁ ସହର କେବେ ବଦଳେଇ ପାରିନଥିଲା। ଏପରି ଜଣେ ବ୍ୟକ୍ତି ହେଲେ କେନ୍ଦ୍ରାପଡ଼ା ଜିଲ୍ଲା କୁସୁନପୁର ଗାଁର ଅରବିନ୍ଦ ନାୟକ। ୧୬ ବର୍ଷ ହେବ ସେ ଏଠାରେ ରହୁଛନ୍ତି। ବର୍ତ୍ତମାନ ତାଙ୍କ ଠିକଣା ଲକ୍ଷ୍ମୀସାଗର ଏବଂ ପେଶାରେ ସେ ଜଣେ ବ୍ୟବସାୟୀ। ସେ କୁହନ୍ତି, ପିଲାବେଳେ ସାଙ୍ଗସାଥୀ ମେଳରେ କେତେ ଖୁସି ଲାଗେ ସେ ନଇରେ ଗାଧେଇବାଠାରୁ ବାଡି ତୋଟା ବୁଲିବା। ଗାଁର ସ୍ନେହ ଭଲ ପାଇବା ସହରରେ ବେଶ ଖୋଜା ପଡେ। ଦୋଳ, ରଜ ଏବଂ ପ୍ରଥମାଷ୍ଟମୀରେ ଗାଁ ପୁରା ଉତ୍ସବ ମୁଖର ହୋଇଉଠେ। ସବୁଜ କିଆରି, ଗାଁ ନଇ ନିଜ ସହ କେତେ କେତେ ସ୍ମୃତିକୁ ଜାବୁଡି ଧରିଛି। ନିକଟରେ ସାମ୍ବ ଦଶମୀ ଘରେ ଘରେ ପାଳନ ହୋଇଥିଲା। ହେଲେ ସହରରେ ପାଳନ ହେବା ନହେବା ଏକା ପରି ଲାଗେ। କାରଣ ଗାଁରେ ସମସ୍ତଙ୍କ ଘରେ ପିଠାପଣାର ମହକ ଘର ଦାଣ୍ଡ ଯାଏଁ ମହକୁ ଥାଏ। ଘରେ ଘରେ ଭୋଜି ଭାତ ନିମନ୍ତ୍ରଣ ରହେ। କିନ୍ତୁ ସହରରେ ପଡୋଶୀ ସହ ମଧ୍ୟ ଭଲରେ ଟିକିଏ କଥା ହେବା ଦୂରରେ ଥାଉ ଚିହ୍ନି ନାହାନ୍ତି ଯେମିତି। ସେ ସମୟରେ ପାଠପଢ଼ା ପାଇଁ ସିନା ଘର ଆଉ ଗାଁ ଛାଡିଲୁ। ଗାଁ ସମସ୍ତଙ୍କୁ ଏକଜୁଟ କରି ରଖେ।




















# ବଢୁଛି ବାୟୁ ପ୍ରଦୂଷଣ; ମାଡ଼ିଆସୁଛି ରୋଗ

ଭୁବନେଶ୍ୱର, ୩।୧(ସମିସ): ଭୁବନେଶ୍ୱରରେ ଏବେ ବାୟୁ ପ୍ରଦୂଷଣର ମାତ୍ରା କ୍ରମାଗତ ବୃଦ୍ଧି ପାଇବାରେ ଲାଗିଛି। ଯାହା ସାଧାରଣ ଲୋକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ସକାଳେ ଘନ କୁହୁଡ଼ିର ଏକ ଆସ୍ତରଣ ଘେରି ରହୁଥିବା ଦେଖାଯାଉଛି। ଏହାଦ୍ୱାରା କେବଳ ଦୃଶ୍ୟତା ହ୍ରାସ ପାଉନାହିଁ ବରଂ ବିଭିନ୍ନ ପ୍ରାଣଘାତୀ ରୋଗ ସଂକ୍ରମଣର କାରଣ ପାଲଟିଛି।

- ବଢୁଛନ୍ତି ଶ୍ୱାସ ଏବଂ ଚର୍ମଜନିତ ରୋଗୀଙ୍କ ସଂଖ୍ୟା
- ଏକ୍‌ଜିମା, ସିରୋସିସ ସଂକ୍ରମଣ ପଛରେ ପ୍ରଦୂଷିତ ବାୟୁ



ବିଶେଷ ଭାବରେ ଶୀତ ଋତୁରେ ମଧ୍ୟ ବାୟୁର ମାନ ନିମ୍ନସ୍ତରକୁ ଯିବା ଏବେ ରାଜଧାନୀବାସୀଙ୍କ ଚିନ୍ତାର କାରଣ ପାଲଟିଛି। କେବଳ ସେତିକି ନୁହେଁ ବରଂ ଦିଲ୍ଲୀ ଭଳି ପରିସ୍ଥିତି ଭୁବନେଶ୍ୱରରେ ହେବାର ଆଶଙ୍କା ବଢ଼ିବା ଲୋକଙ୍କ ମନରେ ଆଶଙ୍କା ସୃଷ୍ଟି କରୁଛି। ଫଳରେ ବିନା ମାସ୍କରେ ଲୋକ ଘରୁ ଗୋଡ କାଢିବାକୁ ସଙ୍କୋଚ ଅନୁଭବ କରୁଛନ୍ତି। କେବଳ ସେତିକି ନୁହଁ ବିଭିନ୍ନ ପ୍ରକାରର ରୋଗ ପାଇଁ ଏବେ ପ୍ରଦୂଷିତ ବାୟୁ କାରଣ ସାଜୁଛି। ସୂଚନା ଅନୁଯାୟୀ, ନିକଟରେ ପ୍ରଦୂଷଣ ନିୟନ୍ତ୍ରକ ବୋର୍ଡ ଜାରି କରିଥିବା ତଥ୍ୟ ଅନୁଯାୟୀ ଶୁକ୍ରବାର ଦେଶର ଅତି ଖରାପ ବାୟୁ ମାନ ଥିବା ୯ ସହର ମଧ୍ୟରେ ଭୁବନେଶ୍ୱର ମଧ୍ୟ ରହିଥିଲା। ଭୁବନେଶ୍ୱରର ଏକ୍ୟୁଆଇ ଶୁକ୍ରବାର ୩୧୭ ଥିବାବେଳେ ଶନିବାର ୩ଶହ ଅତିକ୍ରମ କରିଥିଲା। ଡାକ୍ତରଙ୍କ ମତରେ ବାୟୁରେ ଯେଉଁ ପ୍ରଦୂଷିତ ଧୂଳିକଣିକାରେ ବହୁ ପ୍ରକାର କେମିକାଲ ରହୁଛି। ଯାହା ଆମ ଚର୍ମକୁ ବହୁ ପରିମାଣରେ କ୍ଷତି ପହଞ୍ଚାଉଛି। ଏକଜିମା, ସିରୋସିସ ରୋଗୀଙ୍କ ଉପରେ ଏହା ବେଶୀ ପ୍ରଭାବ ପକାଉଛି। ଏହାସହ ଶ୍ୱାସ ରୋଗୀଙ୍କ ପାଇଁ ବି ପ୍ରଦୂଷିତବାୟୁ କ୍ଷତିକାରକ।

ଏ ସମ୍ପର୍କରେ ଆନେସ୍ଥେସିଓଲୋଜି ଏବଂ କ୍ରିଟିକାଲ କେୟାର ମେଡିସିନ୍‌ର ପ୍ରଫେସର ଡା. ଦେବାଶିଷ ସ୍ୱାଇଁ କୁହନ୍ତି, ବର୍ତ୍ତମାନ ସମୟରେ ଗାଡ଼ି ମୋଟରରୁ, ବିଭିନ୍ନ କାରାଖାନା ଆଦି ସ୍ଥାନରୁ ନିର୍ଗତ ଧୂଆଁ, ରାସ୍ତାଘାଟରେ ଉଡୁଥିବା ଧୂଳି ଏହି ସ୍ଥିତିକୁ ଅଧିକ ଜଟିଳ କରୁଛି। ଫଳରେ ସେହି ନିର୍ଗତ ଧୂଳି ବା ଧୂଆଁ ବାୟୁରେ ଥିବା ଜଳ କଣିକା ଉପରେ ବସି ରହୁଛନ୍ତି ଏବଂ ତାର ଓଜନ ଅଧିକ ଥିବାରୁ ସେ ଉପରକୁ ନଯାଇ ବାୟୁରେ ସ୍ମଗ ତିଆରି କରୁଛି। ଯାହାକୁ ସାଧାରଣରେ କୁହୁଡି ମଧ୍ୟ କୁହାଯାଉଛି। ଏହା ଶୀତ ଦିନରେ ଜଳବାୟୁରେ ବେଶୀ ସମୟ ରହୁଛି। ଲୋକ ଯେତେବେଳେ ଏହାକୁ ନିଶ୍ୱାସରେ ନେଉଛନ୍ତି ତାହା ଫୁସଫୁସକୁ ଯାଇ ଧୀରେ ଧୀରେ ଶରୀରକୁ କ୍ଷତି ପହଁଚାଉଛି। ଫଳରେ କାସ ହେବା, ନିଶ୍ୱାସ ନେବାରେ କଷ୍ଟ ହେବା ଏବଂ ପରବର୍ତ୍ତୀ ସମୟରେ କାସରେ ରକ୍ତ ପଡ଼ିବାର ସମ୍ଭାବନା ମଧ୍ୟ ରହିଥାଏ। ଆଲର୍ଜି ବ୍ରୋଙ୍କାଇଟିସ, ବ୍ରୋଙ୍କି ଏକଟାସିସ ଏବଂ ସିଓପିଡି, ଗ୍ୟାସ ସକ୍ସିସିଟି ଆଦି ମଣିଷ ଶରୀରରେ ପରିଲକ୍ଷିତ ହୋଇଥାଏ। ଏହା ମୁଖ୍ୟତଃ ୧୨ ବର୍ଷରୁ କମ୍ ବୟସର ପିଲା, ବୟସ୍କ ଲୋକ ଏବଂ ଦୀର୍ଘଦିନ ଧରି ଧୂମ୍ରପାନ କରୁଥିବା ବ୍ୟକ୍ତିଙ୍କ ମଧ୍ୟରେ ଅଧିକ ଦେଖାଯାଏ। ତେଣୁ ବହୁଳ ପରିମାଣରେ ଆଖପାଖରେ ଗଛ ଲଗାଇବା, କୁହୁଡି ସମୟରେ ଅଯଥା ନ ବୁଲିବା, ଧୂମ୍ରପାନ ବନ୍ଦ କରିବା ଏବଂ ବାହାରକୁ ଯିବା ସମୟରେ ନିୟମିତ ମୁହଁରେ ମାସ୍କ ପିନ୍ଧିବାକୁ ସେ ପରାମର୍ଶ ଦେଇଛନ୍ତି।

## ଓଡ଼ିଶା ଫେଶନ୍ ସପ୍ତାହରେ ରାମ୍ପ ଶୋ'

ଭୁବନେଶ୍ୱର, ୩।୧(ସମିସ): ଓଡ଼ିଶା ଫେଶନ ସପ୍ତାହ (ଓଏଫଡବ୍ଲ୍ୟୁ) ସିଜନ୍-୩ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରତିଷ୍ଠାତା ସଞ୍ଜୋଗ ପଟ୍ଟନାୟକଙ୍କ ନେତୃତ୍ୱରେ ଏବଂ କିୟୋ ସୌନ୍ଦର୍ଯ୍ୟର ମାଲିକ ଗୀତାଞ୍ଜଳି ଶର୍ମାଙ୍କ ସସହଭାଗିତାରେ ଆୟୋଜିତ ଏହି ଫେଶନ ମହୋତ୍ସବରେ ଦେଶର ବିଭିନ୍ନ ସ୍ଥାନରୁ ଡିଜାଇନର୍, ସେଲିବ୍ରିଟି, ଶୋ'ଷ୍ଟପର୍, ଫ୍ୟାଶନ୍ ପ୍ରେମୀମାନେ ଯୋଗ ଦେଇଥିଲେ। ଏହି ସିଜନ୍‌ରେ ଅସୀମା ମହାପାତ୍ରଙ୍କ ସମେତ ୧୮ ଜଣ ଡିଜାଇନର ରାମ୍ପ୍‌ରେ ପ୍ରଦର୍ଶନ କରିଥିଲେ। ସମ୍ବଲପୁରୀ, ବୋମକାଇ, ଇକତ୍ ଓ ହସ୍ତତନ୍ତ ସିଲ୍କ ଭଳି ପାରମ୍ପରିକ ବସ୍ତ୍ରକୁ ଆଧୁନିକ ଆକୃତିରେ ପ୍ରସ୍ତୁତ କରାଯାଇଥିଲା। ଜେନନେକ୍ସଟ୍ ବର୍ଗରେ ଆଇଟିଆଇ, କିଟ୍, ଜେଡି ଇନଷ୍ଟିଚ୍ୟୁଟ୍ ଓ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପ୍ରତିଭା ପ୍ରଦର୍ଶନ କରିଥିବା ବେଳେ ଡିଜାଇନର୍ ନୀତେଶଙ୍କ 'ଗିରିଶୀଲ୍' ସଂଗ୍ରହ ସହ କାର୍ଯ୍ୟକ୍ରମର ଗ୍ରାଣ୍ଡ ଫିନାଲେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଏଥିରେ ଶୋ'ଡାଇରେକ୍ଟର ସାହାବାଜ ଖାନ୍ ପରିଚାଳନା କରିଥିବା ବେଳେ ଶୋ'ଷ୍ଟପର୍ ଭାବେ ଗୌରୀଶଙ୍କର ଦାଶ, ଡାକ୍ତର ଅନୁରାଧା ସିଂହରାୟ ଏବଂ କ୍ଷୀରାବ୍ଧି ପଟ୍ଟନାୟକଙ୍କ ସମେତ ଏମଏସଏମଇ ନିର୍ଦ୍ଦେଶକ ପି.କେ. ଗୁପ୍ତା, ଝାନ୍ସୀ ରାଣୀ ଦାସ, ସାମାଜିକ କର୍ମୀ ଡାକ୍ତର ଚିଦାମ୍ବିକା ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ।

## 'କୁଣ୍ଡଳୀ'ର ମହୁରତ



ଭୁବନେଶ୍ୱର, ୩।୧(ସମିସ): ନୂଆ ଓଡ଼ିଆ ଚଳଚ୍ଚିତ୍ର 'କୁଣ୍ଡଳୀ'ର ଶୁଭ ମହୁରତ୍ କାର୍ଯ୍ୟକ୍ରମ ମାଆ ଧାକୁଲେଇ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଥଣ୍ଡର ପିକ୍ସେଲ ଫିଲ୍ମସ ଓ ଆମରା ମ୍ୟୁଜିକ୍‌ର ମିଳିତ ସହଯୋଗରେ ନିର୍ମିତ ଏହି ଚଳଚ୍ଚିତ୍ରର ପ୍ରଯୋଜନା ବିଜୟଲକ୍ଷ୍ମୀ ନାୟକ ଦେଇଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ରୋହନଜିତ୍ ଦାଶ। ମହୁରତରେ ସଙ୍ଗୀତ ନିର୍ଦ୍ଦେଶକ ଜ୍ଞାନ ବେହେରା, କାର୍ଯ୍ୟକାରୀ ପ୍ରଯୋଜକ ଶୁଭ୍ରାଂଶୁ ଶେଖର ମହାପାତ୍ର, ବରିଷ୍ଠ ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା, ଯୁବ ପ୍ରଯୋଜକ ହିମାଦ୍ରୀ ତନୟ ଦାସ, ଶକ୍ତି ବରାଳ, ଋଷି ପଟ୍ଟନାୟକ, ନବାଗତ ନାୟକ ମୃଣ୍ମୟ, ନାୟିକା, ଅନନ୍ୟା ଦାଶ, ଅଭିନେତା ଜ୍ୟୋତି ନାୟକ, ପ୍ରଚାର ଓ ପ୍ରସାର ମୁଖ୍ୟ ମିଡିଆ ପ୍ଲାନର ପ୍ରଣୟ ଜେଠୀ, କାହାଣୀକାର ତଥା ସଂଳାପକାର ଶୁଭ୍ରାଂଶୁ ବିଶ୍ୱାଳ ଉପସ୍ଥିତ ଥିଲେ। ଏଥିରେ ନାୟକ ଜ୍ୟୋତି, ମୃଣ୍ମୟ, ନାୟିକା ଅନନ୍ୟା ଦାଶ ଏବଂ ଜସ୍ମିନ ମୁଖ୍ୟଚରିତ୍ରରେ ଅଭିନୟ କରିଛନ୍ତି।

## ବରିଷ୍ଠ ନାଗରିକଙ୍କ ଉପରେ କର୍ମଶାଳା




ଭୁବନେଶ୍ୱର, ୩।୧(ସମିସ): ଓଡ଼ିଶା ଅବସରପ୍ରାପ୍ତ ପୁଲିସ୍ ପଦାଧିକାରୀ କଲ୍ୟାଣ ସମିତି ଓ ୱାଲେଟ୍ ଫର୍ ୱେଲଥ୍ ମିଳିତ ସହଯୋଗରେ 'ବରିଷ୍ଠ ନାଗରିକଙ୍କ ସାମାଜିକ ସୁରକ୍ଷା ଓ ଉପସ୍ଥାପନା' ଉପରେ ଏକ କର୍ମଶାଳା ହୋଟେଲ ପ୍ରାଚୀର ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ସୂର୍ଯ୍ୟମଣି ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ପୁଲିସ କମିସନର ଡ. ସୁରେଶ ଦେବଦତ୍ତ ସିଂ, ଅତିରିକ୍ତ ପୁଲିସ୍ ମହାନିର୍ଦ୍ଦେଶକ ରାଜେଶ କୁମାର, ୱାଲେଟ ଫର୍ ୱେଲଥ୍ ମ୍ୟାନେଜିଂ ଡାଇରେକ୍ଟର ତ୍ରିନାଥ ଲେଙ୍କା ଯୋଗଦାନ କରିଥିଲେ। ସଂଗଠନ ସମ୍ପାଦ ନୀଳମୋହନ ତ୍ରିପାଠୀ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଏସ୍‌ଏସ୍‌ପି ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ପୁଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ପଠାଇଥିବା ଶୁଭେଚ୍ଛା ବାର୍ତ୍ତାକୁ ସଂଗଠନ ସମ୍ପାଦକ ନୀଳମୋହନ ତ୍ରିପାଠୀ ପଠନ କରିଥିଲେ। କାର୍ଯ୍ୟକାରୀ ସଭାପତି ବାମନ ଚରଣ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପୁଲିସ ସଂଘ ପକ୍ଷରୁ ଉପସଭାପତି ସୁରେନ୍ଦ୍ର ସାହୁ, କୋଷାଧ୍ୟକ୍ଷ ରାଧାନାଥ ମହାପାତ୍ର, କ୍ରୀଡ଼ା ସମ୍ପାଦକ ସୁବେଶ କୁମାର ସାମଲ, ରବୀନ୍ଦ୍ର କୁମାର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ତୃତୀୟ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ଫଳ ପ୍ରକାଶ

ଧଉଳି, ୩।୧(ସମିସ): ବାଲିଅନ୍ତା ବ୍ଲକରେ ଚଳିତ ଶିକ୍ଷାବର୍ଷରେ ତୃତୀୟ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ଫଳ ପ୍ରକାଶ ପାଇଛି। ଚଳିତ ବର୍ଷ ଘରୋଇ ଶିକ୍ଷାନୁଷ୍ଠାନ ଉଭୟ ପରୀକ୍ଷାରେ ବାଜିମାତ କରିଛନ୍ତି। ବାଲକାଟି ଅଞ୍ଚଳର ସର୍ବପୁରାତନ ଶିକ୍ଷାନୁଷ୍ଠାନ ପିଜିଏନ ଶିକ୍ଷାନୁଷ୍ଠାନ ଶିକ୍ଷାନୁଷ୍ଠାନର ଶୁଭଶ୍ରୀ ସାହୁ ତୃତୀୟ ଶ୍ରେଣୀ ବୃତ୍ତିରେ ସମଗ୍ର ବ୍ଲକରେ ୭ ମ ସ୍ଥାନ ପାଇଥିବା ବେଳେ ୫ମ ବୃତ୍ତିରେ ପ୍ରତ୍ୟାଶା ଦାଶ ଓସାଇ ଅଙ୍କିତା ଜେନା ଷଷ୍ଠ ସ୍ଥାନରେ ରହିଥିବା ବେଳେ ସାଇ କୃଷ୍ଣକାନ୍ତ ଭୋଳ ସପ୍ତମ ସ୍ଥାନରେ ରହିଛନ୍ତି। କୃତି ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ତପନ କୁମାର ବେହେରା, ସମ୍ପାଦକ ପ୍ରଦୀପ୍ତ କୁମାର ମହାନ୍ତି କୃତଜ୍ଞତା ଜଣାଇଛନ୍ତି। ସେହିପରି ସମଗ୍ର ବ୍ଲକରେ ତୃତୀୟ ଶ୍ରେଣୀ ବୃତ୍ତିରେ ବାଲକାଟି ଜାମୁତୋଟାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ସୋନମ ମହାପାତ୍ର ଏବଂ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବେଣୁପୁର ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଛାତ୍ରୀ ସ୍ନେହାଶି ପାତ୍ର ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ପଞ୍ଚମ ଶ୍ରେଣୀ ବୃତ୍ତିରେ ଅଳାରପୁରସ୍ଥିତ ମା' ଜାଗୁଳାଇ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀ ଦୃଷ୍ଟି ଦର୍ଶିନୀ ଏବଂ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଜାମୁତୋଟା ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ର ଆୟୁଷ ପ୍ରିତମ ନାୟକ ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରକାଶଥାଉକି ବାଲିଅନ୍ତା ବ୍ଲକରେ ତୃତୀୟ ଶ୍ରେଣୀରେ ମୋଟ ୧୪୨ ଏବଂ ପଞ୍ଚମ ଶ୍ରେଣୀରେ ମୋଟ ୧୩୪ ଜଣ ଛାତ୍ରଛାତ୍ରୀ ବୃତ୍ତି ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ତୃତୀୟ ଶ୍ରେଣୀ ବୃତ୍ତିରେ ମେରିଟ ଲିଷ୍ଟରେ ୭ ଜଣ ପାଇଥିବା ବେଳେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ୭ ଜଣ ଛାତ୍ରଛାତ୍ରୀ ଅଛନ୍ତି। ସେହିପରି ପଞ୍ଚମ ଶ୍ରେଣୀରେ ୭ ଜଣ ମେରିଟ ଲିଷ୍ଟ ଏବଂ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ୭ ଜଣ ଛାତ୍ରଛାତ୍ରୀ ରହିଛନ୍ତି। ସମସ୍ତ କୃତି ଛାତ୍ରଛାତ୍ରୀଙ୍କୁ ବ୍ଲକ ଶିକ୍ଷାଧିକାରୀ ଏବଂ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ କୃତଜ୍ଞତା ଜଣାଇବା ସହ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ।

## ଅନ୍ନଦା ପ୍ରସାଦଙ୍କ ସ୍ମୃତିଚାରଣ ସଭା

ଭୁବନେଶ୍ୱର, ୩।୧(ସମିସ): ପୂଜ୍ୟପୂଜା ଓଡ଼ିଶା ପକ୍ଷରୁ ଓଡ଼ିଶା ଲେଖକ ସମବାୟ ସମିତି ପରିସରରେ ଶିକ୍ଷାବିତ ଅନ୍ନଦା ପ୍ରସାଦ ରକ୍ଷିତଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବିରଜା ପ୍ରସାଦ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ପ୍ରଫେସର ଡାକ୍ତର ଅଶୋକ କୁମାର ମହାପାତ୍ର, ଇଂ ଗଣେଶ ଚନ୍ଦ୍ର ପଣ୍ଡା, ଇଂ ସୁବାସ ଚନ୍ଦ୍ର ସାହୁ, ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ସୁକାନ୍ତ ପ୍ରଧାନ, ସୁରେଶ ଚନ୍ଦ୍ର ମହାନ୍ତି, ଶ୍ରୀବାସ ପ୍ରସାଦ ମହାପାତ୍ର ସତ୍ୟନାରାୟଣ ଆଚାର୍ଯ୍ୟ, ଅଶୋକ କୁମାର ଦାଶ ଅଶ୍ୱିନୀ ପଟ୍ଟନାୟକ, ପ୍ରବୋଧ କୁମାର ମହାନ୍ତ ଆଲୋଚନା କରିଥିଲେ। ପ୍ରାରମ୍ଭରେ ସମ୍ପାଦକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ରଶ୍ମିତା ରାଉତ ଭଜନ ପରିବେଷଣ କରିଥିଲେ। ଶେଷରେ ତାରେଶ୍ୱର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ କାର୍ଯ୍ୟକ୍ରମକୁ ତପନ କୁମାର କର ଓ ଲେଖା କର ପରିଚାଳନା କରିଥିଲେ।

## ଜ୍ୟୋତିଷ ବାସ୍ତୁ ସଂସ୍ଥାନ ପକ୍ଷରୁ ଆଲୋଚନାଚକ୍ର



ଭୁବନେଶ୍ୱର, ୩।୧(ସମିସ): ମହର୍ଷି ପରାସର ଜ୍ୟୋତିଷ ବାସ୍ତୁ ସଂସ୍ଥାନ ପକ୍ଷରୁ ଶନିବାର ବୁଦ୍ଧମନ୍ଦିର ଠାରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ବହୁ ବାସ୍ତୁବିତ୍ ଓ ଜ୍ୟୋର୍ତିବିଜ୍ଞାନୀମାନେ ଯୋଗଦେଇ ଆଲୋଚନାଚକ୍ରରେ ଭାଗ ନେଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଡ. ନିରଞ୍ଜନ ମହାପାତ୍ର ଏବଂ ସମ୍ମାନିତ ଅତିଥି ଭାବରେ ଡ. ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ସଭା ଆରମ୍ଭ କରିଥିଲେ। ଏହି ସଭାରେ ଡ. ମନୋଜ ଲେଙ୍କାଙ୍କ ସହିତ ଓଡ଼ିଶାର ବିଶିଷ୍ଟ ବାସ୍ତୁବିତ ଓ ଜ୍ୟୋର୍ତିବିତ୍ ମାନଙ୍କୁ ସମ୍ମାନିତ କରାଯାଇଥିଲା। କାନ୍ତା ସିଂ, ସୂଚିସ୍ମିତା ପ୍ରଧାନ, ପ୍ରଦୀପ୍ତ ପଟ୍ଟନାୟକ, ବିଦ୍ୟୁତ କୁମାର ସାହୁ ସଭାକୁ ପରିଚାଳନା କରିଥିବା ବେଳେ ସଂସ୍ଥାର ଅଧୀକ୍ଷକ ଦୀପକ ଆଚାର୍ଯ୍ୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଶ୍ରୀଧର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## କୁଶଗାଡ଼ିଆ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ



ହଂସପାଳ, ୩।୧(ସମିସ): ଗାଦି ଗୋସାଇଁ କୁଶଗାଡିଆ ମଠ କମିଟି ପକ୍ଷରୁ ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞ ଶାନ୍ତି ଶୃଙ୍ଖଳା ସହ ଉଦଯାପିତ ହୋଇଯାଇଛି। ଶନିବାର ପୂର୍ଣ୍ଣାହୁତି ସହ ଅନ୍ୟାନ୍ୟ ଦେବାଦେବୀ ପୂଜା, ଗୋ ମାତା ପୂଜା ଏବଂ ଶାନ୍ତିକାଧ୍ୟାୟ ପାଠ କରାଯାଇଥିଲା। କର୍ତ୍ତା ଭାବେ ବିରଞ୍ଚିନାରାୟଣ ଦାସ ଏବଂ ରିନାରାଣୀ ଦାସ ସମସ୍ତ ଦାୟିତ୍ୱ ତୁଲାଇଥିଲେ। ମଠ କମିଟି ସଭାପତି ପ୍ରକାଶ ଜେନାଙ୍କ ସୂଚନା ଅନୁସାରେ ଶାନ୍ତିଶୃଙ୍ଖଳାର ସହ ସମସ୍ତ କାର୍ଯ୍ୟ ସମ୍ପାଦନ କରାଯିବା ନେଇ ସବୁ ପ୍ରକାରର ବ୍ୟବସ୍ଥା କରାଯାଇଛି। ଭାବପୂର୍ଣ୍ଣ ଭାବେ ସମସ୍ତ ଶ୍ରଦ୍ଧାଳୁ ଯୋଗଦେଇ ଆଳତି ସହ ପୂର୍ଣ୍ଣାହୁତି ଦେଇଥିଲେ। ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦୁଇଦିନ ଧରି ସ୍ଥାନୀୟ ଯୁବକଙ୍କ ଦ୍ୱାରା ନାଟକ ପରିବେଷଣ କାର୍ଯ୍ୟକ୍ରମ ରହିଅଛି। କୁଶଗାଡ଼ିଆ ମଠ କମିଟି ପକ୍ଷରୁ ଏହି କାର୍ଯ୍ୟକୁ ସଫଳ ଭାବେ ପରିଚାଳନା କରାଯାଇଥିଲା।

## ଧର୍ମବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ଭୁବନେଶ୍ୱର, ୩।୧ (ସମିସ): ଖଣ୍ଡଗିରି ନିକଟ ଧର୍ମବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୧ତମ ବାର୍ଷିକ ଉତ୍ସବ ଶନିବାର ସନ୍ଧ୍ୟାରେ ଅନୁଷ୍ଠାନ ପରିସରରେ ପାଳିତ ହୋଇଯାଇଛି। ଏଥିରେ ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ତଥା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ବୈଜ୍ଞାନିକ ପଦ୍ମଶ୍ରୀ ଡ. ଆଦିତ୍ୟ ପ୍ରସାଦ ଦାସ ମୁଖ୍ୟ ଅତିଥି, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ଡିନ୍ (ଛାତ୍ର ମଙ୍ଗଳ) ପ୍ରଫେସର ଡ. ଜ୍ୟୋତିରଞ୍ଜନ ଦାସ ସମ୍ମାନିତ ଅତିଥି, ଆରଏସ୍‌ଏସ୍ ପୂର୍ବପ୍ରାନ୍ତ ପ୍ରାକ୍ତନ ଅଧ୍ୟକ୍ଷ ଅନିଲ କୁମାର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ବିଦ୍ୟାଳୟ ପରିଚାଳନା ସମିତି କୋଷାଧ୍ୟକ୍ଷ ନାରାୟଣ ଚୌଧୁରୀ ଅତିଥି ପରିଚୟ ଦେଇଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ମାନସ ରଞ୍ଜନ ଜେନା ବାର୍ଷିକ ବିବରଣୀ ପଠନ କରିଥିଲେ। ପରିଚାଳନା ସମିତି ସଭାପତି ଶ୍ରୀନିବାସ ମାନସିଂହ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟଗୀତ ପରିବେଷିତ ହୋଇଥିଲା। ଏଥିରେ ଅନୁଷ୍ଠାନର ସମସ୍ତ ଆଚାର୍ଯ୍ୟ, ଆଚାର୍ଯ୍ୟା, ସେବକ, ସେବିକା ସହଯୋଗ କରିଥିଲେ।

## ବୃତ୍ତି ପରୀକ୍ଷା ପ୍ରଥମସ୍ଥାନରେ ସ୍ମୃତିପ୍ରଜ୍ଞା

ନନ୍ଦନକାନନ, ୩।୧(ସମିସ): ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଲ୍ୟାଣପୁର ଗ୍ରାମ ପଞ୍ଚାୟତର ଗଣ୍ଡରପୁର ଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ସୁଶ୍ରୀ ସ୍ମୃତିପ୍ରଜ୍ଞା ରାଉତ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଭୁବନେଶ୍ୱର ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ଗଣ୍ଡରପୁର ଗ୍ରାମ ନିବାସୀ ପ୍ରଶାନ୍ତ କୁମାର ରାଉତ ଓ ମୀରା ରାଉତଙ୍କ କନ୍ୟା ହେଉଛନ୍ତି ସ୍ମୃତିପ୍ରଜ୍ଞା। ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ କୁମାର ରାଉତ, ବିଦ୍ୟାଳୟ ସଭାପତି ଗୋପୀନାଥ ଦାଶ, ସମ୍ପାଦକ କାଶୀନାଥ ରାଉତ, ପ୍ରଧାନ ଆଚାର୍ଯ୍ୟ ଅଜୟ ରାଉତ ତାଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ନିର୍ମଳା ମହାନ୍ତିଙ୍କ ପରଲୋକ



ଭୁବନେଶ୍ୱର, ୩।୧(ସମିସ): ଟଙ୍କପାଣି ରୋଡ ଅଞ୍ଚଳରେ ରହୁଥିବା କେନ୍ଦ୍ରାପଡ଼ା ଗରଦପୁର ବ୍ଲକ ଅନ୍ତର୍ଗତ ତେଣ୍ଡାକୁଡା ପଞ୍ଚାୟତର ବାସିନ୍ଦା ନିର୍ମଳା ମହାନ୍ତିଙ୍କର ଶୁକ୍ରବାର ରାତିରେ ପରଲୋକ ହୋଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ ସମ୍ପନ୍ନ ହୋଇଥିବା ବେଳେ ବଡ଼ ପୁଅ ସନ୍ଦିପ ମହାନ୍ତି ମୁଖାଗ୍ନି ଦେଇଥିଲେ। ସେହିପରି ସାନ ପୁଅ ଜୟଦୀପ, ଝିଅ ସସ୍ମିତା ମହାନ୍ତିଙ୍କ ସମେତ ପରିବାରର ଅନ୍ୟମାନେ ଉପସ୍ଥିତ ଥିଲେ। ତାଙ୍କ ସ୍ୱର୍ଗତ ସ୍ୱାମୀ ବରୋଦା ପ୍ରସନ୍ନ ମହାନ୍ତି ଭୁବନେଶ୍ୱର ବ୍ଲକରେ ପଞ୍ଚାୟତରାଜ ସବଡିଭିଜନାଲ ଅଫିସର ଥିଲେ। ତାଙ୍କ ବିୟୋଗରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ମାନସ ମହାନ୍ତି, ବିରଞ୍ଚି ତ୍ରିପାଠୀ ଓ ସରୋଜ କର, ସାରଦା ପ୍ରସାଦ ଶତପଥୀ ଓ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

## ବିଜେଇଏମ୍ ସ୍କୁଲରେ ଜାନକୀ ବଲ୍ଲଭଙ୍କ ଜନ୍ମ ଶତବାର୍ଷିକୀ




ଭୁବନେଶ୍ୱର, ୩।୧(ସମିସ): ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପ୍ରବାଦ ପୁରୁଷ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକୀ ପାଳିତ ହୋଇଯାଇଛି। ଏହି ଉତ୍ସବରେ ବି. ଜେ. ଏଜୁକେସନ୍ ସୋସାଇଟିର ସଭାପତି ରଘୁନାଥ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ବିଦ୍ୟାଳୟର ପରିଚାଳକ ପ୍ରତାପ କୁମାର ଜେନା ଯୋଗଦେଇ ଓଡ଼ିଶାର ସାମଗ୍ରିକ ଉନ୍ନତିରେ ଶ୍ରୀ ପଟ୍ଟନାୟକଙ୍କ ଆନ୍ତରିକତା ଉପରେ ମତ ପ୍ରଦାନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ସନ୍ଧ୍ୟା ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଉତ୍ସବରେ ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ଶ୍ରୀପତି ନାରାୟଣ ମିଶ୍ର, ବରିଷ୍ଠ ସଦସ୍ୟ କେଦାର ନାଥ ଦାସ, ସଦସ୍ୟା ରଞ୍ଜିତା ବଳ, ବିଦ୍ୟାଳୟର ଉପାଧ୍ୟକ୍ଷା ପଲ୍ଲବୀ ମହାପାତ୍ର ଉପସ୍ଥିତ ଥିଲେ। ଏହି ଉତ୍ସବରେ ପର୍ଯ୍ୟବେକ୍ଷକ ପଦ୍ମାଳୟା ପଲ୍ ଧନ୍ୟବାଦ ଅର୍ପଣ କରିଥିଲେ। ପର୍ଯ୍ୟବେକ୍ଷକ ନରେଶ କୁମାର ରଥ, ପ୍ରଦୀପ କୁମାର ମଲ୍ଲିକ, ସୁଚରିତା ଦାସ ଉପସ୍ଥିତ ରହି ମହାନ ଜନନାୟକଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## 'ନିଜ ଠାରୁ ନିଜର ଦୂରତା' ନାଟକ ମଞ୍ଚସ୍ଥ

ଭୁବନେଶ୍ୱର, ୩।୧(ସମିସ): ନିଜ ଠାରୁ ନିଜର ଦୂରତା ବଢ଼ି ଅସ୍ତିତ୍ୱ ଶୂନ୍ୟତା ଆଡ଼କୁ ଟାଣି ହୋଇଯାଏ। ନିଜ ଚୟନର ଭାର ବୋହିବାରେ ନିଜେ ଅପରାଧ। ଅନ୍ଧାର ଭିତରେ କଳା ବିଲେଇକୁ ତମାମ ଜୀବନ କେବଳ ଖୋଜା ଯାଇଥାଏ; ହେଲେ ଯେତେବେଳେ ତାହା ପ୍ରାପ୍ତ ହୁଏ ମିଳେ କେବଳ ଶୂନ୍ୟତା କେବଳ ଶୂନ୍ୟତା ଏମିତି କିଛି କାହାଣୀକୁ ନେଇ ଶନିବାର ଭଞ୍ଜକଳା କଳା ମଣ୍ଡପରେ ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ବିଭାଗ ଓ ଓଡ଼ିଶା ନାଟ୍ୟ ସଂଘ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଆୟୋଜିତ ନାଟ୍ୟଧାରା ନାଟକ 'ନିଜ ଠାରୁ ନିଜର ଦୂରତା' ମଞ୍ଚସ୍ଥ ହୋଇଯାଇଛି। ଏହି ନାଟକକୁ ସ୍ୱସ୍ତି ଝଙ୍କାର ରାଉରକେଲା ଦ୍ୱାରା ପରିବେଶଣ କରାଯାଇଥିଲା। ଶଙ୍କର ତ୍ରିପାଠୀ ନାଟକର ରଚନା କରିଥିବା ବେଳେ ରାଜୀବ ପାଣି ନିର୍ଦ୍ଦେଶନାରେ ରହିଥିଲେ। ଏହି ସଭାକୁ ସଂଘର ସଭାପତି ମିହିର କୁମାର ମେହେର ସଭାପତିତ୍ୱ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଟ୍ୟକାର ଶଙ୍କର ତ୍ରିପାଠୀ ଯୋଗ ଦେଇଥିଲେ। ସଂଘର ସାଧାରଣ ସମ୍ପାଦକ ସୁଧାଂଶୁ ମୋହନ ଦ୍ୱିବେଦୀ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ସଂଘର କୋଷାଧ୍ୟକ୍ଷ ଅବିନାଶ ଦଣ୍ଡପାଟ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ନାଟକର ନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



## ରାଜ୍ୟସ୍ତରୀୟ ଶାରଳା ନାଟକ ଉତ୍ସବ

# ସମାଜକୁ ଆଇନା ଦେଖାଇଲା 'କମଳା'

ଜଗତସିଂହପୁର,୩।୧(ସମିସ)

'କମଳା' କେବଳ ଜଣେ ମହିଳା ନୁହେଁ, ସମଗ୍ର ନାରୀଜାତିର ପ୍ରତୀକ । "କମଳା' ଏକ ଆଇନା, ଯେଉଁଥିରେ ଆମେ ନିଜ ମୁହଁ ଦେଖି ଲଜ୍ଜା ଅନୁଭବ କରିଥାଉ । ଜଗତସିଂହପୁରର ଅନ୍ୟତମ ଅଗ୍ରଣୀ ଅନୁଷ୍ଠାନ "ପ୍ରଥମା ଫାଉଣ୍ଡେସନ୍' ପକ୍ଷରୁ ଦ୍ୱିତୀୟ ରାଜ୍ୟସ୍ତରୀୟ ଶାରଳା ନାଟକ ଉତ୍ସବର ଦ୍ୱିତୀୟ ସଂଧ୍ୟାରେ ମଞ୍ଚସ୍ଥ ନାଟକ "କମଳା' ସମାଜର ନଗ୍ନ ବାସ୍ତବତାକୁ ପଦାକୁ ଆଣିଛି । ଜୀବନରେଖା ଥିଏଟର୍ସ କଳାକାରମାନଙ୍କ ନିଖୁଣ ଅଭିନୟ ଏହି ନାଟକକୁ ଅତ୍ୟନ୍ତ ଜୀବନ୍ତ କରିଦେଇଥିବା ବେଳେ ଦର୍ଶକଙ୍କ ଆଖି ଓଦା କରିଦେଇଥିଲା । ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଚାଲିଥିବା ଏହି ନାଟକ ଉତ୍ସବରେ ଗତକାଲି ଭଳି ଆଜି ମଧ୍ୟ ଦର୍ଶକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ନାଟକ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପୂରା ପ୍ରେକ୍ଷାଳୟ ଦର୍ଶକପୂର୍ଣ୍ଣ ରହିଥିଲା ।



ବିଜୟ ତେନ୍ଦୁଲକରଙ୍କ ମୂଳ ରଚିତ ତଥା ଚିନ୍ମୟୀ ଷଡ଼ଙ୍ଗୀଙ୍କ ଦ୍ୱାରା ଅନୁସର୍ଜିତ ଏହି ନାଟକକୁ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଅଭିନ୍ନ ରାଉତରାୟ ନିର୍ଦ୍ଦେଶନା ଦେଇଥିଲେ । ଆଜିର ଦ୍ୱିତୀୟ ଦିବସକୁ କାଳଜୟୀ ନାଟ୍ୟକାର ଓ ନିର୍ଦ୍ଦେଶକ ସୁଧାକର ଦ୍ୱିବେଦୀଙ୍କ ଉଦ୍ଦେଶ୍ୟରେ ସମର୍ପିତ କରାଯାଇଥିଲା । ଜୀବନରେଖା ଥିଏଟର୍ସ କଳାକାର ସତ୍ୟନାରାୟଣ ନନ୍ଦୀ, ରୋହନ ଯାଦବ, ଆଶୀଷ ରାଉତ, ଶୁଭଶ୍ରୀ, ଶିବାଙ୍ଗୀ ଓ ଶୁଭସ୍ମିତାଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ନାଟକର ବିଷୟବସ୍ତୁ ମଧ୍ୟରେ ହଜାଇ ଦେଇଥିଲେ । ପ୍ରତାପ ରାଉତ ସଂଗୀତ ଦେଇଥିବା ବେଳେ ସଂଜୟ ସାହା ଆଲୋକରେ ସହଯୋଗ କରିଥିଲେ । ଅଶୋକ କର ମଞ୍ଚ ସଜ୍ଜା ଏବଂ ତପନ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ । ସତ୍ୟନାରାୟଣ ନନ୍ଦୀ, ରୋହନ ଯାଦବ, ଆଶିଷ ରାଉତ, ଶୁଭଶ୍ରୀ, ଶିବାଙ୍ଗୀ ଓ ଶୁଭସ୍ମିତା ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ । କାଳଜୟୀ ନାଟ୍ୟକାର ଓ ନିର୍ଦ୍ଦେଶକ ସୁଧାକର ଦ୍ୱିବେଦୀଙ୍କୁ ଉତ୍ସର୍ଗ ଦ୍ୱିତୀୟ ସଂଧ୍ୟାରେ ଅତିଥିଭାବେ ପୂର୍ବତନ ଜିଲ୍ଲା ପରିଷଦ ସଭାପତି ନଟବର ବାରିକ, ଜଗତସିଂହପୁର ସାହିତ୍ୟ ପରିଷଦର ସଂପାଦକ କବି ଉମାକାନ୍ତ ନାୟକ, ଜୀବନରେଖା ଥିଏଟରର ଉପଦେଷ୍ଟା ଇ. ବିଜୟ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଯୋଗଦେଇ କଳାକାରଙ୍କୁ ଉତ୍ସାହିତ କରିଥିଲେ । ଦୁଃଖିରାମ ସ୍ୱାଇଁ କଳା ପ୍ରତିଷ୍ଠାନର ନିର୍ଦ୍ଦେଶକ ଅଜୟ ଗୋଚ୍ଛାୟତ ନାଟକ ଉତ୍ସବର ଆଭିମୁଖ୍ୟ କହିଥିଲେ । ଏହି ଅବସରରେ ମଞ୍ଚ ଅଭିନେତା ନିରଞ୍ଜନ ବେହେରା, ବରିଷ୍ଠ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା, ଶୁଭଙ୍କର ଜେନା ଓ ଯୁବ ସାମ୍ବାଦିକ ତାପସ ଦାସଙ୍କୁ 'ପ୍ରଥମା ସମ୍ମାନ -୨୦୨୬' ପ୍ରଦାନ କରାଯାଇଥିଲା । କାଳଜୟୀ ନାଟ୍ୟକାର ଓ ନିର୍ଦ୍ଦେଶକ ସୁଧାକର ଦ୍ୱିବେଦୀଙ୍କ ଉଦ୍ଦେଶ୍ୟରେ 'ସ୍ମୃତି ସମ୍ମାନ' ତାଙ୍କ ପୁଅ ସରୋଜ ଦ୍ୱିବେଦୀ ଗ୍ରହଣ କରିଥିଲେ । ଏଥିସହ 'କମଳା' ନାଟକର ନିର୍ଦ୍ଦେଶକ ଅଭିନ୍ନ ରାଉତରାୟଙ୍କୁ ଅତିଥି ସମ୍ମାନିତ କରିଥିଲେ । ଆଇନଜୀବୀ ନରେଶ ଦାସ ଓ ସାରଦା ଦାସ ମାନପତ୍ର ପାଠ କରିଥିଲେ । ଅନୁଷ୍ଠାନର କୋଷାଧ୍ୟକ୍ଷ ଦୁର୍ଗା ପ୍ରସାଦ ସ୍ୱାଇଁ, ସଂଗଠନ ସମ୍ପାଦକ ସତ୍ୟବ୍ରତ ବିଶ୍?ାଳ, ଉପସଭାପତି କାଳୀକିଙ୍କର ମହାନ୍ତି, ସଦସ୍ୟ ସଞ୍ଜୀବ ବରାଳ ପ୍ରମୁଖ ଅତିଥିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ଉତ୍ସବର ସଂପାଦକ ସୋମନାଥ ପରିଡ଼ା ଧନ୍ୟବାଦ୍ ଦେଇଥିବା ବେଳେ ଶିକ୍ଷାବିତ୍ ସୁଭାଷ ଚନ୍ଦ୍ର ରାଉତ ମଞ୍ଚ ସଞ୍ଚାଳନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦିଲ୍ଲୀପ ଗୋଚ୍ଛାୟତ, ବିଜୟ କୁମାର ରାଉତ, ସୁଦୀପ୍ତ ପରିଡ଼ା, ମନୋଜ ମହାପାତ୍ର, ପବିତ୍ର ପରିଡ଼ା, ନିଖିଳ ରଞ୍ଜନ ନାୟକ, ଅନୀଲ ଦାସ, ସୁରେଶ ପ୍ରଧାନ, ପିଙ୍କୁ ପ୍ରଧାନ, ପ୍ରିୟବ୍ରତ ଦାସ ଓ ଅବିନାଶ ସାହୁ ପ୍ରମୁଖ ସହଯୋଗ କରିଥିଲେ । ରବିବାର ଉଦଯାପନୀ ସନ୍ଧ୍ୟାରେ ଭୁବନେଶ୍ୱର 'ରଙ୍ଗମ୍' ନାଟ୍ୟାନୁଷ୍ଠାନ ପରିବେଷଣ କରିବେ ଚର୍ଚ୍ଚିତ ନାଟକ 'ସମ୍ପର୍କ' ।

## ବିଦ୍ୟାଭାରତୀରେ ମୂଲ୍ୟବୋଧ ଉତ୍ସବ

କୁଜଙ୍ଗ,୩।୧(ସମିସ): କୁଜଙ୍ଗ ବ୍ଲକ୍ ପଙ୍କପାଳ ସ୍ଥିତ ବିକେ ଚୌଧୁରୀ ମେମୋରିଆଲ ସ୍କୁଲ ବିଦ୍ୟାଭାରତୀ ପରିସରରେ ମୂଲ୍ୟବୋଧ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଦିନତମାମ ସମୟାନୁବର୍ତ୍ତିତା, ସାଧୁତା, ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସା ପାଞ୍ଚ ମୂଲ୍ୟବୋଧଭିତ୍ତିକ ଗୁଣକୁ ନେଇ ଗଳ୍ପ, କବିତା, ବକ୍ତୃତା, ଏକକ ଅଭିନୟ ପିଲାମାନେ ପ୍ରଦର୍ଶନ କରିବା ସହ ପୁରସ୍କୃତ ହୋଇଥିଲେ । ଏହି ଅବସରରେ ଆଲୋଚନାଚକ୍ରରେ ପଙ୍କପାଳର ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି କ୍ୟାପ୍ଟେନ୍ ଅଜୟ କୁମାର ଖୁଣ୍ଟିଆ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ଯୋଗଦେଇଥିଲେ । ଅଧ୍ୟକ୍ଷ ସୁନାକର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟର ମ୍ୟାନଜିଂ ଟ୍ରଷ୍ଟି ଚୌଧୁରୀ ପଦ୍ମନାଭ ମିଶ୍ର, ଶିକ୍ଷା କମିଟିର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ବରିଷ୍ଠ ଗୁରୁଜୀ ପ୍ରମୋଦ କୁମାର୍ ସ୍ୱାଇଁ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ । ଗୁରୁଜୀ ଅମିୟ କୁମାର ଦାସ, ସୁଜିତ ଷଡ଼ଙ୍ଗୀ, ଶଶିରେଖା ମୋହାପତ୍ର, ରୁବିନା ପରିଡା, ବିନିକା ଦାସ, ମୋନାଲିଶା ପରିଡ଼ା ଜ୍ୟୋତିର୍ମୟୀ ଦାସ ପ୍ରମୁଖ ସମସ୍ତ ଗୁରୁଜୀ ଗୁରୁମା ପରିଚାଳନା କରିଥିଲେ । ଜୟ ସାଇ ପଟ୍ଟନାୟକ, ଆୟୁସ୍ମାନ ସାମଲ ଓ ସ୍ୱୟଂ ପ୍ରକାଶ ସାହାଣୀ ଅଭିନୟ କରିଥିବା ବେଳେ ଅଦ୍ୟାସା ପ୍ରଧାନ, ଆକାଂକ୍ଷା ସାହୁ, ଶୁଭଶ୍ରୀ ଦାସ ଓ ସାଇ ଶ୍ରଦ୍ଧା ମଲ୍ଲ ବେଦ ପାଠ କରିଥିଲେ । ସେହି ପରି ରୁଦ୍ର ସାଇ ମିଶ୍ର, ଆଦର୍ଶ ସାହାଣୀ, ସ୍ୱୟଂ ସମ୍ପୂର୍ଣ୍ଣ ସାମଲ, ଦେବସ୍ମିତା ଦାସ, ସତ୍ୟ ପ୍ରକାଶ ସାହୁ, ଅଭିଲିପସା ସ୍ୱାଇଁ ବକ୍ତୃତା ଦେବା ସହ ମୂଲ୍ୟବୋଧ ଭିତ୍ତିକ ପ୍ରକଳ୍ପ ଓ ବୋଧ କଥା କହି ଥିଲେ । ସେହିପରି ନୃତ୍ୟ ରେ ୨୨ ଜଣ ବିଦ୍ୟାର୍ଥୀ ଅଂଶ ଗ୍ରହଣ କରିଥିଲେ ।

## ନଦୀରେ ବୁଡ଼ି ମେଧାବୀ ଛାତ୍ରଙ୍କ ମୃତ୍ୟୁ

କୁଜଙ୍ଗ,୩।୧(ସମିସ): ମେଡିକାଲରେ ମା'ଙ୍କର ଚିକିତ୍ସା ଜାରି ରହିଛି । ଷ୍ଟୋନ୍ ଅପରେସନ୍ ପରେ ମା'ଙ୍କ ଚିକିତ୍ସା ଆଇସିୟୁରେ ଚାଲିଛି । ଏଣେ ନାବାଳକ ପୁଅ ନଦୀରେ ବୁଡ଼ି ଯିବାରୁ ତାର ମୃତ୍ୟୁ ଘଟିଛି । ଏମିତି ଏକ ହୃଦୟବିଦାରକ ଘଟଣା ଘଟିଛି କୁଜଙ୍ଗ ଥାନା ପାରିଅଙ୍ଗ ଗ୍ରାମରେ । ଗ୍ରାମର ଜଣେ ଅଷ୍ଟମ ଶ୍ରେଣୀର ଛାତ୍ର ନଦୀରେ ଗାଧୋଇବା ସମୟରେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି । ମୃତ ଛାତ୍ର ହେଲେ ସାଇ ପ୍ରସାଦ ନାୟକ (୧୪) ।



ସୂଚନା ଅନୁସାରେ ଆଜି ମଧ୍ୟାହ୍ନରେ କୁଜଙ୍ଗ ଥାନା ପାରିଅଙ୍ଗ ଗ୍ରାମର ନୃସିଂହ ନାୟକଙ୍କ ସାନପୁଅ ସାଇ ପ୍ରସାଦ ନାୟକ, ବଡ଼ପୁଅ ନିର୍ମାଲ୍ୟ ନାୟକ କିଛି ପିଲାଙ୍କ ସହିତ ନିକଟସ୍ଥ ବାଲିଆ ନଦୀକୁ ଗାଧୋଇବାକୁ ଯାଇଥିଲେ । ଗାଧୋଇବା ସମୟରେ ସାଇପ୍ରସାଦ ହଠାତ ନିଖୋଜ ହୋଇଯାଇଥିଲେ । ସେଠାରେ ଗାଧୋଉଥିବା ଅନ୍ୟ ପିଲାମାନେ ତାଙ୍କୁ ଖୋଜାଖୋଜି କରିବା ପରେ ପାଇନଥିଲେ । ମାତ୍ର ତାର ବଡଭାଇ ନିର୍ମାଲ୍ୟ ଖୁବ୍ ଯୋରରେ ଚିତ୍କାର କରି ଲୋକମାନଙ୍କୁ ଡାକ ପକାଇଥିଲେ । ଲୋକମାନେ ଆସି ଅନେକ ଖୋଜାଖୋଜି କରିବାପରେ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି କୁଜଙ୍ଗ ମେଡିକାଲରେ ଭର୍ତ୍ତି କରିଥିଲେ । ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଆଜି ଗ୍ରାମରେ ଶୋକାକୁଳ ପରିବେଶରେ ଅନ୍ତ୍ୟେଷ୍ଟି କ୍ରିୟା କରାଯାଇଥିବା ବେଳେ ରାହାମା ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଶ୍ରୀକାନ୍ତ ଶତପଥୀ, ଗୁରୁଜୀ କରୁଣାକର ଦାସ ପ୍ରମୁଖ ଶେଷ ଦର୍ଶନ କରିବା ଶହ ସମବେଦନା ଜଣାଇଛନ୍ତି । ପ୍ରକାଶଯୋଗ୍ୟ, ସାଇ ପ୍ରସାଦ ରାହାମାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରୁଥିବା ବେଳେ ହଷ୍ଟେଲରେ ରହୁଥିଲେ । ସେ ଛୁଟିରେ ଘରକୁ ଆସିଥିଲେ । ସାଇ ପ୍ରସାଦଙ୍କ ମା' ଖୁଲଣା ନାୟକ କଟକର ଏକ ମେଡିକାଲରେ ଷ୍ଟୋନ ଅପରେସନ ହେବା ପରେ ଆଇସିୟୁରେ ରହିଛନ୍ତି । ତାଙ୍କ ବାପା ନୃସିଂହ ତାଙ୍କ ପାଖରେ ଥିଲେ । ସେ ଖବର ପାଇବା ପରେ କୁଜଙ୍ଗ ମେଡିକାଲରେ ପହଞ୍ଚିଥିବା ଜଣାପଡ଼ିଛି । ଏହି ଘଟଣା ବଡ଼ଙ୍ଗ ଅଞ୍ଚଳ ଓ ତଳପଡ଼ା ଶିଶୁ ମନ୍ଦିରରେ ଶୋକର ଛାୟା ଖେଳାଇଦେଇଛି ।

## ପଚା ମାଂସ ଖାଉଥିବା ବ୍ୟକ୍ତି ଠାବ

ପାରାଦୀପ,୩।୧(ସମିସ): ପାରାଦୀପ ଉପକଣ୍ଠ ରଙ୍ଗିଆଗଡ଼ ଅଞ୍ଚଳରେ ଜଣେ ବ୍ୟକ୍ତି ପଚା ମାଂସ ଖାଉଥିବା ବେଳେ



ଠାବ ହୋଇଛି । ବିଭିନ୍ନ ମାଂସ ଦୋକାନରୁ ବାହାରିଥିବା ଅନ୍ତଃବୁଜୁଳା, କୁକୁଡ଼ା ପର, ଗୋଡ଼ ସବୁକୁ ସେ ଭଲ ଭାବରେ ବାଛି ମାଂସ ଖାଇଚାଲିଥିବା ବେଳେ ଏହା ସ୍ଥାନୀୟ ଅଞ୍ଚଳର ଲୋକଙ୍କ ନଜରକୁ ଆସିଥିଲା । ଫଳରେ ସେମାନେ ଏହି ଦୃଶ୍ୟକୁ ଭିଡିଓ ଉତ୍ତୋଳନ କରି ସୋସିଆଲ ମିଡିଆରେ ପକାଇଛନ୍ତି । ଏଭଳି ଦୃଶ୍ୟ ଏବେ ପାରାଦୀପ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ବେଶ ସୁସ୍ଥସବଳ ଏହି ଯୁବକ, କାନ୍ଧରେ ଏୟାରବ୍ୟାଗ ପକାଉଥିବା ବେଳେ ବିଭିନ୍ନ ଅଞ୍ଚଳ ଘୁରି ବୁଲିବା ସହିତ ରାସ୍ତା କଡ଼ରେ ମାଂସ ଦୋକାନରୁ ବାହାରିଥିବା ଅନ୍ତଃନାଡ଼ି ଗୁଡିକରୁ ମାଂସ କାଢ଼ି ଖାଇଚାଲିଛି । କିଏ ଏହି ଯୁବକ, କୁଆଡୁ ଆସିଛି, କ'ଣ ତାର ପରିଚୟ, ଭିନ୍ନକ୍ଷମ ନା ଭଲ ମଣିଷ ତାହା ଜଣାପଡ଼ିନି । ଅଚ୍ୟୁତାନନ୍ଦଙ୍କ ମାଳିକାରେ ଲେଖାଥିବା ମଣିଷ ଖାଇବ ମଣିଷ ମାଂସ କଥା ସତ ହେଲା ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି । ତେବେ ଏଭଳି ଖବରର ସତ୍ୟତା ସମ୍ପର୍କରେ ସ୍ଥାନୀୟ ଅଭୟଚାନ୍ଦପୁର ଥାନା ଅଧିକାରୀ ସମୀର କୁମାର ରାଉତଙ୍କ ଯୋଗାଯୋଗ କରିଯାଇଥିଲା । ହେଲେ ଥାନା ଅଧିକାରୀ ଶ୍ରୀ ରାଉତ ସୋସିଆଲ ମିଡିଆରୁ ଦେଖିଲା ପରେ ପୁଲିସ ଗାଡ଼ି ପଠାଇ ତାର କୌଣସି ସନ୍ଧାନ ପାଇ ନଥିବା କହିଥିଲେ ।

## ଜବତ ହାଇୱା ଛାଡ଼ିବା ଘଟଣା

# ତିର୍ତ୍ତୋଲ ଆଇଆଇସିଙ୍କୁ କାରଣ ଦର୍ଶାଅ ନୋଟିସ୍

ଜଗତସିଂହପୁର,୩।୧(ସମିସ): ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଆଦେଶନାମାକୁ ସଠିକ ଭାବେ ତର୍ଜମା ନକରି ଜବତ ହୋଇଥିବା ହାଇୱା ଛାଡ଼ିଦେବା ତିର୍ତ୍ତୋଲ ଥାନା ଆଇଆଇସି ପ୍ରଦୀପ୍ତ ସେଠୀଙ୍କ ପାଇଁ ମହଙ୍ଗା ପଡିଛି । ସୂଚନା ଅନୁସାରେ ଗତ ଡିସେମ୍ବର ୧୧ ତାରିଖରେ ଜଗତସିଂହପୁର ଜିଲ୍ଲାର ଜୟପୁର ବାଲିଘାଟରେ ଅନୁମତି ପ୍ରାପ୍ତ ଠାରୁ ଯଥେଷ୍ଟ ଅଧିକ ବାଲି ଚାଲାଣ ହେଉଥିବା ଅଭିଯୋଗରେ ଚଢ଼ଉ ହୋଇଥିଲା । ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇଙ୍କ ନେତୃତ୍ୱରେ ପ୍ରଶାସନ ପକ୍ଷରୁ ହୋଇଥିବା ଏହି ଚଢ଼ଉ ବେଳେ ୨୨ଟି ହାଇୱା ଜବତ କରାଯାଇଥିଲା । ପରେ ଖଣି ଅଧିକାରୀ ତିର୍ତ୍ତୋଲ ଥାନାରେ ଏତଲା ଦେଇଥିଲେ ଏବଂ ଜବତ ଗାଡ଼ିଗୁଡିକୁ ଥାନା ଜିମା



ଦରମା ବନ୍ଦ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ଦିଆଯାଇଥିଲା । ପରେ କିଛି ଗାଡ଼ି ମାଲିକ ଉପଜିଲ୍ଲାପାଳ, ଖଣି ଅଧିକାରୀ ଏବଂ ତିର୍ତ୍ତୋଲ ଆଇଆଇସିଙ୍କୁ ପକ୍ଷ କରି ଉଚ୍ଚ ନ୍ୟାୟାଳୟରେ ଏହା ବିରୋଧରେ ଆବେଦନ କରିଥିଲେ । ନ୍ୟାୟାଳୟ ଏହି ମାମଲାର ବିଚାର କରି ଆବେଦନକାରିଙ୍କୁ ସମସ୍ତ କାଗଜପତ୍ର ସହିତ ଉପରୋକ୍ତ ଅଧିକାରୀମାନଙ୍କୁ ଭେଟି ଆଲୋଚନା କରିବାକୁ ଆଦେଶନାମା ଜାରି କରିଥିବା ବେଳେ ଅଧିକାରୀମାନେ ସମସ୍ତ କାଗଜପତ୍ର ଯାଞ୍ଚ କରି ଆଇନ ଅନୁସାରେ ପଦକ୍ଷେପ ନେବାକୁ ଏଥିରେ କୁହାଯାଇଥିଲା । ତେବେ ଆବେଦନକାରୀ ଗାଡ଼ି ମାଲିକ ମାନେ ତିର୍ତ୍ତୋଲ ଆଇଆଇସି ଶ୍ରୀ ସେଠୀଙ୍କୁ ଭେଟିବା ପରେ ଉପରିସ୍ଥ ଅଧିକାରୀଙ୍କ ଅଗୋଚରରେ ସେ ସେମାନଙ୍କ ଗାଡ଼ି ଛାଡି ଦେଇଥିଲେ । ତେଣୁ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଅବମାନନା କରିଥିବାରୁ ଆଇଆଇସି ପ୍ରଦୀପ୍ତ ସେଠୀଙ୍କ ଜାନୁଆରୀ ମାସର ଦରମା ବନ୍ଦ ନିର୍ଦ୍ଦେଶ ସହିତ ଜିଲ୍ଲାପାଳ ତାଙ୍କୁ ଦୁଇଦିନ ଭିତରେ କାରଣ ଦର୍ଶାଇବାକୁ ନୋଟିସ୍ କରିଛନ୍ତି ।

## ରାଇଜିଂ ଷ୍ଟାର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ବାଲିକୁଦା,୩।୧(ସମିସ): ରାଇଜିଂ ଷ୍ଟାର୍ ୟୁଥ କ୍ରିକେଟ କ୍ଲବ ମରିଚପୁର ଆନୁକୂଲ୍ୟରେ ଆୟୋଜିତ ୩୪ତମ ରାଜ୍ୟସ୍ତରୀୟ ରାଇଜିଂ ଷ୍ଟାର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଐତିହାସିକ ବାପୁଜୀ ଷ୍ଟାଡିୟମଠାରେ ଉଦଘାଟିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ତହସିଲଦାର ବିକାଶ ରଞ୍ଜନ, ମୁଖ୍ୟବକ୍ତା ଭାବେ ମରିଚପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାକ୍ତନ ପ୍ରଧାନଶିକ୍ଷକ ବିଜୟ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ତହସିଲଦାର ଜଗତଜ୍ୟୋତି ପଟ୍ଟନାୟକ ଯୋଗ ଦେଇଥିଲେ । ଉଦ୍‌ଘାଟନୀ ମ୍ୟାଚରେ ନିମପୁର ଜଗତପୁର କଟକ କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୭୬ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ବିକ୍ରମ ସାମଲ ୨୨ ବଲରେ ସର୍ବାଧିକ ୬୪ ରନ ସଂଗ୍ରହ କରିଥିଲେ । ଏହାର ଜବାବରେ ପୁରୀ ପାଏନର ଟିମ୍ ୧୭.୪ ଓଭରରେ ୫ ୱିକେଟ ହରାଇ ୧୭୭ ରନ କରି ପ୍ରଥମ ଦଳ ଭାବେ ସେମିରେ ନିଜର ସ୍ଥାନ ସୁରକ୍ଷିତ କରିଥିଲା । ଦଳ ପକ୍ଷରୁ ବିନୟ କୁମାର ପାଇକରାୟ ୪୨ ବଲରେ ୧୪ ଚୌକା ଓ ୬ ଛକା ସହାୟତାରେ ୧୦୧ ରନ କରି ଦେବବ୍ରତ ବିଶ୍ୱାଳଙ୍କ ଠାରୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଗ୍ରହଣ କରିଥିଲେ । ଆଜିର ମ୍ୟାଚରେ ଅମ୍ପେୟାର ଦାୟିତ୍ୱ ସତ୍ୟବ୍ରତ ସ୍ୱାଇଁ ଓ ଧନେଶ୍ୱର ବିଶ୍ୱାଳ ନିର୍ବାହ କରିଥିବା ବେଳେ ସ୍କୋରିଂରେ ବାପିନା ମାହାଳି ଓ ରିଙ୍କୁ ସେଠୀ ସହଯୋଗ ପ୍ରଦାନ କରିଥିଲେ । ମ୍ୟାଚର ସମସ୍ତ ଧାରାବିବରଣୀ ପ୍ରକାଶ ବିଶ୍ୱାଳ, ସିଦ୍ଧାର୍ଥ ରାଉତ ଓ ହାଡିବନ୍ଧୁ କାଣ୍ଡି ପ୍ରଦାନ କରିଥିଲେ । ମ୍ୟାଚ ଆୟୋଜନରେ କ୍ଲବର ସମସ୍ତ ସଦସ୍ୟ ସହାୟତା ପ୍ରଦାନ କରିଥିଲେ ।

## ଦେଶୀ ମଦ ଜବତ; ଜଣେ ଗିରଫ

ପାରାଦୀପ,୩।୧(ସମିସ): ପାରାଦୀପ ଅଭୟଚାନ୍ଦପୁର ଥାନା ଅଧୀନ ଢିଙ୍କିଆ ଅଞ୍ଚଳରୁ ଆଜି ସନ୍ଧ୍ୟାରେ ଜଣେ ଚୋରା ମଦ ବେପାରୀକୁ ପୁଲିସ ଗିରଫ କରିଛି । ସମ୍ପୃକ୍ତ ଯୁବକ ହେଲା ସ୍ଥାନୀୟ ପାଟଣା ଗ୍ରାମର ଜଗନ୍ନାଥ ଦାସ (୩୦) । ତା' ନିକଟରୁ ୧୦ ଲିଟର ଦେଶୀ ମଦ ଜବତ କରାଯାଇଛି । ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି । ଆସନ୍ତାକାଲି କୋର୍ଟଚାଲାଣ କରାଯିବ ବୋଲି ଥାନା ପକ୍ଷରୁ ସୂଚନା ମିଳିଛି ।

## ଜଗନ୍ନାଥପୁର ହାଇସ୍କୁଲରେ ପିଏମ୍‌ଶ୍ରୀ ଉତ୍ସବ

ତିର୍ତ୍ତୋଲ/ଏରସମା,୩।୧(ସମିସ): ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଜଗନ୍ନାଥପୁର ତିରଣରେ ବିଦ୍ୟାଳୟ ସ୍ତରୀୟ ପ୍ରଥମ ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୋଟ୍ ତିନୋଟି ପ୍ୟାଭିଲିୟନ୍‌ରେ ୫୦ରୁ ଉର୍ଦ୍ଧ୍ୱ ଷ୍ଟଲ ପଡ଼ିଥିଲା । ପ୍ରଥମ ଆକାଂକ୍ଷୀ ମେଳାରେ 'ଇନ୍ସପାଏରିଂ ଓଡ଼ିଶା ୨୦୩୬', ସବୁଜ ଓଡିଶା ଥିମରେ '୨୦୩୬ରେ ମୋ ଓଡ଼ିଶା', ସ୍ମାର୍ଟ ସିଟି, ସ୍ମାର୍ଟ ଭିଲେଜ, ବର୍ଜ୍ୟବସ୍ତୁ ପରିଚାଳନା ଇତ୍ୟାଦି ଇନୋଭେଟିଭ୍ ପ୍ରକଳ୍ପ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା । ଦିତୀୟ ବିଭାଗର ଆକାଂକ୍ଷୀ ଛାତ୍ର ପରିଷଦରେ ଚାରୋଟି କ୍ଲବ କୌଶଳି, ବିଜ୍ଞାନ, ସାହିତ୍ୟ ସୁଜନୀ, କ୍ରୀଡାଙ୍ଗନ



ମଧ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ତୃତୀୟ ବିଭାଗର ଦୋକାନ ଯାତ୍ରାରେ ବିଦ୍ୟାଳୟରେ ବଜାର, ଦିନିକିଆ ଉଦ୍ୟୋଗ, ହାତ ଖର୍ଚ୍ଚ, ଆମ ବ୍ୟାଙ୍କ୍, ଯାଦୁ ପେଡ଼ି ଇତ୍ୟାଦି ଛାତ୍ରଛାତ୍ରୀ ବିଭିନ୍ନ ପ୍ରକାର ହାତ ତିଆରି ସଜସଜ୍ଜା ଉପକରଣ, ହାତତିଆରି ଖାଦ୍ୟ ପ୍ରସ୍ତୁତି ଇତ୍ୟାଦି ପରିଦର୍ଶନ କରିବା ସହିତ ଛାତ୍ରଛାତ୍ରୀ ଜିନିଷ କିଣାବିକା ସମ୍ପର୍କରେ ନିଜରଜ୍ଞାନ ଆହରଣ କରିଥିଲେ । ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ତିର୍ତ୍ତୋଲ ଅତିରିକ୍ତ ତହସିଲଦାର କଳ୍ପନା ତପସ୍ୱିନୀ ନାୟକ, ବିଦ୍ୟାଳୟ ସଭାପତି ବିଶ୍ୱମ୍ବର ମଲ୍ଲିକ, ମୁଖ୍ୟବକ୍ତା ହୃଦାନନ୍ଦ ସ୍ୱାଇଁଙ୍କ ସମେତ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୁଶାନ୍ତ କୁମାର ନାୟକ, ସମିତିସଭ୍ୟା ହମିଦା ବେଗମ, ପଞ୍ଚଶଖା ଶିକ୍ଷା ସେତୁ କମିଟିର ସଭାପତି ଜଗନ୍ନାଥ ଖଣ୍ଡୁଆଳ, ସମ୍ପାଦକ ପ୍ରମୋଦ କୁମାର ସାହୁ, ବାବାଜୀ ଚରଣ ନାୟକ, ଅଧାପକ ସଞ୍ଜୀବ କୁମାର ରାଉତ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ଜେନାଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଯେଉଁ ଛାତ୍ରଛାତ୍ରୀ ଭଲ ପ୍ରଦର୍ଶିତ କରିଥିବେ ସେମାନେ ଜିଲ୍ଲା ସ୍ତରୀୟ ପିଏମଶ୍ରୀ କାର୍ଯ୍ୟକ୍ରମରେ ଭାବନେବେ ବୋଲି ସୂଚନା ମିଳିଛି ।

## ଅଭିମନ୍ୟୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ବାଲିକୁଦା,୩।୧(ସମିସ): ବାଲିକୁଦା ବ୍ଲକ ଖଣ୍ଡଗିରି ଗାଦିବ୍ରହ୍ମ କ୍ରିକେଟ୍ କ୍ଲବ, ଗଣ୍ଡକୁଳ ଆନୁକୂଲ୍ୟରେ ଅଭିମନ୍ୟୁ ସ୍ମାରକୀ ପଞ୍ଚମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଏହି ଉଦଯାପନୀ ମ୍ୟାଚରେ ମୁଖ୍ୟଅତିଥି ଭାବେ ଗଣ୍ଡକୁଳ ଗ୍ରାମ୍ୟ କମିଟି ସଭାପତି ପୁଷ୍କର ବିଶ୍ୱାଳ, ସମ୍ମାନିତ ଅତିଥି ଗ୍ରାମର ମୁରବୀ ଜଟାଧାରୀ ଜେନା, ଜଗଦୀଶ ବିଶ୍ୱାଳ,



ପ୍ରଭାକର ପ୍ରଧାନ, କ୍ଷେତ୍ରବାସୀ ସ୍ୱାଇଁ, ଶୁକଦେବ ସାହୁ, ବାବାଜୀ ସ୍ୱାଇଁ, ଦିଲ୍ଲୀପ ପଡ଼ିଆରୀ, ସର୍ବେଶ୍ୱର ସ୍ୱାଇଁ, ବାବୁଲି ଶୁକ୍ଲା, ତପନ କୁମାର ସ୍ୱାଇଁ, ମିହିର ବିଶ୍ୱାଳ, ଶିବ ଚରଣ ସ୍ୱାଇଁ, ସୁଶାନ୍ତ ସାହୁ, ଅଜୟ ଜେନା, କ୍ଷେତ୍ରମୋହନ ମୁଦୁଲି, ପଞ୍ଚାନନ ସ୍ୱାଇଁ, ଅକ୍ଷୟ ଜେନା, ଦିବ୍ୟବର ସାହୁ, ରାକେଶ ନାୟକ, ବିହାରୀ ବିଶ୍ୱାଳ ଯୋଗ ଦେଇଥିଲେ । ଆୟୋଜକ କେଜିସିଟି ଗଣ୍ଡକୁଳ ଏବଂ ମାତୃଶକ୍ତି କ୍ରିକେଟ୍ କ୍ଲବ ଦଶବାଟିଆ ମଧ୍ୟରେ ମ୍ୟାଚ୍ ଉଦଯାପିତ ହୋଇଥିଲା । ଗଣ୍ଡକୁଳର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଟି ୱିକେଟ୍ ହରାଇ ୧୬୮ ରନ ସଂଗ୍ରହ କରିଥିଲା । ଏହାର ଜବାବରେ ଦଶବାଟିଆ କ୍ରିକେଟ ଟିମ ମାତ୍ର ୧୫.୪ ଓଭର ମଧ୍ୟରେ ତାର ସମସ୍ତ ୱିକେଟ୍ ହରାଇ ୧୧୮ ରନ୍ କରି ପରାଜୟ ବରଣ କରିଥିଲା । ସ୍ୱପ୍ନ ସାଗର ସ୍ୱାଇଁ ୨୩ ବଲରୁ ୬୦ ରନ ସଂଗ୍ରହ କରିବା ସହିତ ୩ ଗୋଟି ୱିକେଟ୍ ଅକ୍ତିଆର କରି ମ୍ୟାନ ଅଫ ଦି ମ୍ୟାଚ ଏବଂ ୩ଟି ଇନିଂସରେ ମୋଟ ୯୫ ରନ ସଂଗ୍ରହ କରି ୮ ଗୋଟି ୱିକେଟ୍ ଅକ୍ତିଆର କରି ମ୍ୟାନ ଅଫ ଦି ସିରିଜ ଘୋଷିତ ହୋଇଥିଲେ । ସରୋଜ ସ୍ୱାଇଁ ୩ଟି ଇନିଂସରେ ମୋଟ ୧୦ ଗୋଟି ୱିକେଟ୍ ଅକ୍ତିଆର କରି ବେଷ୍ଟ ବୋଲର ଭାବରେ ଏବଂ ବଘେଇପୁର ଟିମର ଜିତେନ୍ଦ୍ର ବିଶ୍ୱାଳ ବେଷ୍ଟ ବ୍ୟାଟ୍ସମନ ଭାବରେ ଘୋଷିତ ହୋଇଥିଲେ । ଅଭିଜିତ ବିଶ୍ୱାଳ ଏବଂ ବାପିନା ପଢ଼ିଆରୀ ଅମ୍ପାୟାର ଦାୟିତ୍ୱ ତୁଲାଇ ଥିବା ବେଳେ ଶୁଭକାନ୍ତ ଶେଠ୍ ଏବଂ ସମ୍ପଦ ସ୍ୱାଇଁ ଧାରା ବିବରଣୀ ପ୍ରଦାନ କରିଥିଲେ । ସବ୍ୟସାଚୀ ଜେନା ଏବଂ ଆୟୁଷ୍ମାନ ବିଶ୍ୱାଳ ସ୍କୋରିଂରେ ସହଯୋଗ କରିଥିବା ବେଳେ ରାମଚନ୍ଦ୍ର ଜେନା, ରୁଦ୍ର ନାରାୟଣ ପ୍ରଧାନ, ନିହାର ବିଶ୍ୱାଳ, ଅନିତ୍ୟ ଜେନା ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ ।

## କାନ୍‌ମାସ୍‌ର ରଜତ ଜୟନ୍ତୀ

ପାରାଦୀପ,୩।୧(ସମିସ): ପାରାଦୀପ ଅଞ୍ଚଳର ସାହିତ୍ୟ ଓ ନାଟକ ଅନୁଷ୍ଠାନ କାନମାସ ପକ୍ଷରୁ ୨୬ତମ ପ୍ରତିଷ୍ଠା ଦିବସ କାନମାସ



କାର୍ଯ୍ୟାଳୟରେ ଆୟୋଜିତ ହୋଇଯାଇଛି । କାନମାସର ସଭାପତି କ୍ୟାପଟେନ ଅତୁଲ୍ୟ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ବିଶିଷ୍ଟ ନାଟ୍ୟବିତ୍ ସୁବୋଧ ପଟ୍ଟନାୟକ, କବି ଦୀପ୍ତି ଖଣ୍ଡୁଆଳ, ବନ୍ଦର ସିଏମଇ ସୁଶିଲ ନାହାକ, ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ବିବି ଦାସ ଓ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସର୍ବ ପ୍ରଥମେ କାନମାସର ସମ୍ପାଦକ ଶ୍ରୀମନ୍ ନାରାୟଣ ମିଶ୍ର ୨୬ ବର୍ଷ ଯାତ୍ରା ସମ୍ବନ୍ଧରେ ବିବରଣୀ ପ୍ରସ୍ତୁତ କରିଥିଲେ । ସେ ଆସନ୍ତା ମାର୍ଚ୍ଚ ପର୍ଯ୍ୟନ୍ତ ହେବାକୁ ଥିବା କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ଦେଇଥିଲେ । ଉଲ୍ଲେଖଯୋଗ୍ୟ ଏ ବର୍ଷ ଦିଲ୍ଲୀଠାରେ ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟ ଦ୍ୱାରା ଆୟୋଜିତ ହେଉଥିବା ରଙ୍ଗ ମହୋତ୍ସବରେ ନାଟକ ପରିବେଷଣ କରିବା ପାଇଁ କାନମାସ ମନୋନୀତ ହୋଇଛି । ଏହି ଅବସରରେ କବିତା ପାଠ କରାଯାଇଥିଲା । ପରେ ପରେ ଅନୁଷ୍ଠାନରେ ନାଟ୍ୟ ଶିକ୍ଷାଲାଭ କରିଥିବା ନୂତନ ଶିକ୍ଷାର୍ଥୀମାନଙ୍କ ଦ୍ୱାରା ସୃତି ନାଟକ ଯଯାତି ପରିବେଷଣ କରାଯାଇଥିଲା । କାନମାସ ତରଫରୁ ବିଶିଷ୍ଟ ନାଟ୍ୟବିତ୍ ସୁବୋଧ ପଟ୍ଟନାୟକ, କବି ଦୀପ୍ତି ଖଣ୍ଡୁଆଳ, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ପାରାଦୀପ ବନ୍ଦର ପ୍ରତିଷ୍ଠା ଦିବସ ମାରାଥନ ପ୍ରତିଯୋଗିତା

# ପୁରୁଷରେ ଅଶୋକ, ମହିଳାରେ ଅନିତା ପ୍ରଥମ

ପାରାଦୀପ,୩।୧(ସମିସ)

ପାରାଦୀପ ବନ୍ଦରର ୬୫ତମ ପ୍ରତିଷ୍ଠା ଦିବସ ଅବସରରେ ମାରାଥନ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଗୋପବନ୍ଧୁ କ୍ରୀଡ଼ା ସଂସଦ ପକ୍ଷରୁ ଆୟୋଜିତ ଏହି ୨୧ତମ ମାରାଥନ ପ୍ରତିଯୋଗିତାରେ ରାଜ୍ୟ ତଥା ରାଜ୍ୟ ବାହାରୁ ୩୩୬ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ବିଶେଷକରି ଚଳିତ ବର୍ଷ ଝାଡ଼ଖଣ୍ଡ ରାଜ୍ୟରୁ ପୁରୁଷ ଓ ମହିଳାଙ୍କ ସଂଖ୍ୟା ଅଧିକ ଥିବା ଦେଖିବାକୁ ମିଳିଥିଲା । ତେବେ ପୁରୁଷଙ୍କ ସଂଖ୍ୟା ୨୮୦ ରହିଥିବା ବେଳେ ମହିଳାଙ୍କ ସଂଖ୍ୟା ୫୬ ଥିଲା । ସକାଳେ ଅଧ୍ୟକ୍ଷ ପିଏଲ ହରନାଧ ପତାକା ଦେଖାଇ ମାରାଥନର ଶୁଭାରମ୍ଭ କରିଥିଲେ । ଭାଗ ନେଇଥିବା ପ୍ରତିଯୋଗୀମାନେ ବନ୍ଦର





ସହର ମଧ୍ୟରେ ୧୪ କିଲୋମିଟର ରାସ୍ତା ଅତିକ୍ରମ କରି ଗୋପବନ୍ଧୁ ଷ୍ଟାଡିୟମ୍‌ଠାରେ ପହଞ୍ଚି ଥିଲେ । ଦୌଡ ପ୍ରତିଯୋଗିତାର ପୁରୁଷ ବର୍ଗରେ ଓଡ଼ିଶା ପୁଲିସର ଅଶୋକ ଦଣ୍ଡସେନା ପ୍ରଥମ ହୋଇଥିଲା ବେଳେ ରାଞ୍ଚିର ଗୁଲ୍ସନ ଡୁଙ୍ଗଡୁଙ୍ଗ ଦ୍ୱିତିୟ, ଝାରଖଣ୍ଡର ରାକେଶ ମହନ୍ତ ତୃତୀୟ ସ୍ଥାନ ପାଇଥିବା ବେଳେ ମହିଳା ବର୍ଗରେ ଝାଡ଼ଖଣ୍ଡର ଅନିତା ଦାସ ପ୍ରଥମ, ସନ୍ଧ୍ୟା ମୁର୍ମୁ ଦ୍ୱିତୀୟ, ବାସନ୍ତୀ ମାଣ୍ଡିଆ ତୃତୀୟ ସ୍ଥାନ ଅଧିକାର କରିଥିଲେ । ପୂର୍ବାହ୍ନରେ ଆୟୋଜିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବନ୍ଦର ଅଧ୍ୟକ୍ଷ ପିଏଲ୍ ହରନାଧ ଯୋଗ ଦେଇ କୃତି ପ୍ରତିଯୋଗୀମାନଙ୍କୁ ସମ୍ବୋଧିତ କରିବା ସଙ୍ଗେ ସଙ୍ଗେ ପୁରସ୍କାର ବିତରଣ କରିଥିଲେ । ପ୍ରତିଯୋଗିତାର ଉଭୟ ପୁରୁଷ ଓ ମହିଳା ବର୍ଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଗ୍ରହଣ କରିଥିବା ପ୍ରତିଯୋଗୀ ମାନଙ୍କୁ ଯଥାକ୍ରମେ ୨୧ ହଜାର, ୧୫ ହଜାର ଓ ୧୦ ହଜାର ୫ ଶହ ଟଙ୍କା, ୩ ଜଣକୁ ୫ ହଜାର, ୬ ଜଣଙ୍କୁ ୩ ହଜାର ଓ ୯ ଜଣଙ୍କୁ ୨ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ପ୍ରତିଯୋଗିତାର ଉଭୟ ବର୍ଗରେ ୨୧ ଜଣଙ୍କୁ ୯୭ ହଜାର ୫ ଶହ ଟଙ୍କା ପ୍ରଦାନ କରାଯାଇଥିଲା । ପୁରସ୍କାର ବିତରଣ ଉତ୍ସବରେ ବନ୍ଦର ଉପାଧ୍ୟକ୍ଷ ଟି. ବେଣୁଗୋପାଳ, ବନ୍ଦର ବିଭାଗ ମୁଖ୍ୟ, ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ଗୋପବନ୍ଧୁ କ୍ରୀଡ଼ା ସଂସଦର ସଭାପତି ତଥା ବନ୍ଦର ମୁଖ୍ୟଯନ୍ତ୍ରୀ ହିମାଂଶୁ ରାଉତଙ୍କ ଅଧ୍ୟକ୍ଷତରେ ଆୟୋଜିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ଡ. ଦୁର୍ଗାପ୍ରସାଦ ସେଠୀ ବିବରଣୀ ପାଠ କରିଥିବା ବେଳେ ଫୁଟବଲ ଖେଳର ଉପଦେଷ୍ଟା ରବି ଦାସ ଅତିଥିଙ୍କୁ ସ୍ୱାଗତ କରିଥିଲେ । ଶେଷରେ ସମ୍ପାଦକ ଧ୍ରୁବଚନ୍ଦ୍ର ତରାଇ ଧନ୍ୟବାଦ୍ ଦେଇଥିଲେ ।

# ଚୋରି ପରେ ଦୋକାନରେ ନିଆଁ ଲଗାଇଦେଲେ

## ● ବ୍ୟବସାୟୀଙ୍କ ମହଲରେ ଆତଙ୍କ

କେନ୍ଦ୍ରାପଡ଼ା,୩।୧(ସମିସ): କୁଦାନଗରୀ ଥାନା କଳାବୁଦା ବାରେଣୀ ବଜାରରେ ବ୍ୟବସାୟୀ ସୁବାସ ମଲ୍ଲିକଙ୍କ ଦୋକାନ ଭିତରେ ପୋଡ଼ି ମାରିବା ଘଟଣା ମନରୁ ଲିଭି ନ ଥିବାବେଳେ ପୁଣି ଏକ ଭୟାବହ ଘଟଣା ପାଟକୁରା ଥାନା ପୁନ୍ଦାଳ ହାଟରେ ଦେଖିବାକୁ ମିଳିଛି। ଅଜଣା ଦୁର୍ବୃତ୍ତ ପ୍ରଥମେ ଦୋକାନରୁ ଚୋରି କରିବା ପରେ ତିନିଟି ଷ୍ଟକ୍ ରୁମରେ ନିଆଁ ଲଗାଇ ପୋଡ଼ି ଦେଇଛନ୍ତି।

ଏଥିରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଛି। ଏହି ଅଗ୍ନିକାଣ୍ଡରେ ବ୍ୟବସାୟୀ କୁଞ୍ଜପ୍ରତାପ ସାହୁ, ମହେନ୍ଦ୍ର ସାହୁ ଓ ଯଦୁମଣି ସାହୁଙ୍କ ଦୋକାନର ଷ୍ଟକ୍ ରୁମ ଭସ୍ମୀଭୂତ ହୋଇଛି। ସେହିପରି ଏକ ହାର୍ଡୱେର ଷ୍ଟୋର ଓ ଗୋଟିଏ ମେଡିସିନ ଦୋକାନକୁ ମଧ୍ୟ ଦୁର୍ବୃତ୍ତମାନେ ତାଡ଼ିବାକୁ ଉଦ୍ୟମ କରିଥିବା ବେଳେ ଏକ ଲୁଗା ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରା ଭାଙ୍ଗି ଦେଇଛନ୍ତି। ତେବେ ବଜାରର ଅନ୍ୟ ସିସିଟିଭି କ୍ୟାମେରାରେ ଦୁଇ ଦୁର୍ବୃତ୍ତଙ୍କ ଚଳାଚଳର ଫୁଟେଜ ଧରାପଡ଼ିଥିବା ସୂଚନା ମିଳିଛି। ଚୋରି ପରେ ନେଇଯାଇଥିବା ସାମଗ୍ରୀରୁ କିଛି ରାସ୍ତାରେ ଫୋପାଡ଼ି ମଧ୍ୟ ଦେଇଥିବା ଦେଖିବାକୁ ମିଳିଛି। ଯାହା ଘଟଣାକୁ ଆହୁରି ସନ୍ଦେହଜନକ କରିଛି। ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ କରିଥିବା ବେଳେ ସିସିଟିଭି ଫୁଟେଜ ଆଧାରରେ ପୁଲିସ ତଦନ୍ତ ଆରମ୍ଭ କରିଛି। ଲୁଟେରାଙ୍କ ଫଟୋକୁ ନେଇ ବିଭିନ୍ନ ସ୍ଥାନରେ ତଲାସି ଚାଲିଛି। ଏନେଇ ପାଟକୁରା ଥାନା ଅଧିକାରୀ ମହମ୍ମଦ ଜାମସେଦ କହିଛନ୍ତି ଯେ ଘଟଣାକୁ ଗୁରୁତ୍ୱର ସହ ନିଆଯାଇଛି। ଶୀଘ୍ର ଦୁର୍ବୃତ୍ତଙ୍କୁ ଚିହ୍ନଟ କରି ଗିରଫ କରାଯିବ ବୋଲି ସେ କହିଛନ୍ତି। ଲଗାତର ଏପରି ଘଟଣାରେ ଅଞ୍ଚଳର ବ୍ୟବସାୟୀ ମହଲରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ରାତିରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଦାବି ଜୋର ଧରିଛି।

# ମନ୍ଦିର ଭାଙ୍ଗିବାକୁ ଯାଇ ଗ୍ରାମବାସୀଙ୍କ ଆକ୍ରୋସର ଶିକାର ହେଲେ ଅଧିକାରୀ

## ● ମରାମତି ପ୍ରତିଶ୍ରୁତି ଦେଇ ଛାଡ଼ ପାଇଲେ



ଡେରାବିଶ,୩।୧(ସମିସ): ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରିବାକୁ ଯାଇ ଆବଶ୍ୟକତାଠାରୁ ଅଧିକ ଭାଙ୍ଗିଦେବାରୁ ଶନିବାର ଡେରାବିଶ ତହସିଲ ଓ ପୁଲିସ୍ ପ୍ରଶାସନ ଗ୍ରାମବାସୀଙ୍କ ଆକ୍ରୋସର ଶିକାର ହୋଇଛି। ତେବେ ମରାମତି କରିବାକୁ ପ୍ରତିଶ୍ରୁତି ଦେବାପରେ ଗ୍ରାମବାସୀଙ୍କଠାରୁ ଛାଡ଼ ପାଇଥିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ଡେରାବିଶ ତହସିଲ ବଳଭଦ୍ରପୁର ଆର୍‌ଆଇ କାର୍ଯ୍ୟାଳୟ ଅଧୀନ ସାତବାଟିଆ ଗ୍ରାମବାସୀ ବହୁ ବର୍ଷ ପୂର୍ବରୁ ଗ୍ରାମରେ ଏକ ଲକ୍ଷ୍ମୀ ମନ୍ଦିର ନିର୍ମାଣ କରିଥିଲେ। ହେଲେ ମନ୍ଦିରର ଡାହାଣପଟ ଦେଇ ଯାଇଥିବା ସରକାରୀ ରାସ୍ତାର କିଛି ଅଂଶକୁ ମଡ଼ାଇ ଗ୍ରାମବାସୀ ମନ୍ଦିର କାନ୍ଥ କରିଥିବାରୁ ଏହି ରାସ୍ତାରେ ଗାଡ଼ିମଟର ଚଳାଚଳ କରିପାରୁ ନ ଥିବା ଓ ଗ୍ରାମର କିଛି ପରିବାର ସମସ୍ୟା ଭୋଗୁଥିବା ନେଇ ଗ୍ରାମର ଖଗେଶ୍ୱର ସାହୁ ଉଚ୍ଚ ନ୍ୟାୟାଳୟଙ୍କ ନିକଟରେ ଫେରାଦ ହୋଇଥିଲେ। ଗତ ଡିସେମ୍ବରରେ ଉଚ୍ଚନ୍ୟାୟାଳୟ ଏହି ମାମଲାର ଫଇସଲା କରି ସରକାରୀ ରାସ୍ତାକୁ ଅବରୋଧମୁକ୍ତ କରିବା ପାଇଁ ଡେରାବିଶ ତହସିଲ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଅଦାଲତଙ୍କ ଆଦେଶ କାର୍ଯ୍ୟକାରୀ କରିବାକୁ ଡିସେମ୍ବର ୨୯ ତାରିଖ ଅତିରିକ୍ତ ତହସିଲଦାର ଭାସ୍କର ବେହେରା ସାତବାଟିଆ ଗ୍ରାମକୁ ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରି ଜବରଦଖଲ ଅଂଶରେ ଥିବା କାନ୍ଥକୁ ଭାଙ୍ଗିବା ପାଇଁ କହିଥିଲେ। ଗ୍ରାମବାସୀ ମଧ୍ୟ କାନ୍ଥର କିଛି ଅଂଶ ଭାଙ୍ଗିଥିଲେ ସୁଦ୍ଧା ସମ୍ପୂର୍ଣ୍ଣ କରି ନ ଥିବାରୁ ଶନିବାର ତହସିଲ ପ୍ରଶାସନ ଡେରାବିଶ ଥାନା ପୁଲିସ ଉପସ୍ଥିତିରେ ଜେସିବି ମେସିନ ଲଗାଇ ମନ୍ଦିର କାନ୍ଥ ଭାଙ୍ଗିଥିଲେ। ହେଲେ ଏହି ସମୟରେ ମନ୍ଦିରର ନିଜସ୍ୱ ସ୍ଥିତିବାନ ଜାଗାରେ ଥିବା କାନ୍ଥରେ ବିରାଟ ଫାଟ ସୃଷ୍ଟି ହୋଇଥିଲା। ଏହି ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇବା ସହ ସମସ୍ତେ ତହସିଲର ଓ ପୁଲିସ କର୍ମଚାରୀଙ୍କୁ ଘେରଉ କରି କ୍ଷତିପୂରଣ ଦାବି କରିଥିଲେ। ତହସିଲଦାର ସରୋଜକାନ୍ତ ନାୟକ ଓ ଅତିରିକ୍ତ ତହସିଲଦାର ଭାସ୍କର ବେହେରା ସରପଞ୍ଚ ଅରକ୍ଷିତ କାଣ୍ଡି ଓ ସମିତିସଭ୍ୟ ଫନୀନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ଗ୍ରାମବାସୀଙ୍କ ସହ ଆଲୋଚନା କରାଯିବା ସହ ଏ ବିଷୟରେ କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ ଓ ବିଡିଓଙ୍କୁ ମଧ୍ୟ ଅବଗତ କରାଇଥିଲେ। ଡେରାବିଶ ବିଡିଓ ନମିତା ବାରିକ ପଞ୍ଚାୟତ ପାଣ୍ଠିରୁ କ୍ଷତିଗ୍ରସ୍ତ ମନ୍ଦିରର ମରାମତି କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

# ସମାଜସେବୀଙ୍କ ଶ୍ରଦ୍ଧାଞ୍ଜଳି ସଭା

ପଟ୍ଟାମୁଣ୍ଡାଇ,୩।୧(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ କଖାରୁଣୀ ଗ୍ରାମର ପୂର୍ବତନ ସରପଞ୍ଚ କୀର୍ତ୍ତିଚନ୍ଦ୍ର ଜେନାଙ୍କ ଧର୍ମପତ୍ନୀ ସମାଜସେବୀ ତଥା ଧର୍ମପ୍ରାଣା ବିମଳୀ ଦେବୀଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି।

ପୁଅ ସମିର ଜେନାଙ୍କ ସଂଯୋଜନାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ରାଜନଗର ବିଧାୟକ ଧ୍ରୁବ ସାହୁ, କଖାରୁଣୀ ସରପଞ୍ଚ ରମେଶ ଚନ୍ଦ୍ର ମଲ୍ଲିକ, ବରିଷ୍ଠ ବିଜେଡି ନେତା ଅମୂଲ୍ୟ ପ୍ରଧାନ, ଡ. ନବନିରୋଦ କର, କଂଗ୍ରେସ ନେତା ମଳୟ ଦାସଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ବିମଳୀ ଦେବୀଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ନିଃସହାୟ ବୃଦ୍ଧବୃଦ୍ଧାମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା।

# କୋଟି କୋଟି ଟଙ୍କାର ସ୍ପର ଧସୁଛି, ଭୁଶୁଡ଼ୁଛି ଭରସା

କେନ୍ଦ୍ରାପଡ଼ା,୩।୧(ସମିସ)





କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ପଥର ସ୍ପର ଗୋଟିଏ ଗୋଟିଏ ପରେ ଗୋଟିଏ ଧସିଯାଉଛି। ନଦୀକୁ ରୋକିବା ପାଇଁ ହୋଇଥିବା ପ୍ରକଳ୍ପ ଆଜି ନଦୀରେ ଭାସିଯାଉଛି। ଏବେ ପ୍ରଶ୍ନ, ଏହା କେବଳ ପ୍ରକୃତିର ପ୍ରକୋପ, ନା ବିଭାଗୀୟ ଅବହେଳା ଓ ଲୁଟ୍‌ର ଜୀବନ୍ତ ଉଦାହରଣ।

ଚିତ୍ରୋତ୍ପଳା ନଦୀର ପୁନ୍ଦାଳ ନିକଟ ଜିରାଳ ଅଞ୍ଚଳରେ ପୁଣି ଧସିଛି ପଥର ସ୍ପର। କିନ୍ତୁ ଏହା ପ୍ରଥମ ଘଟଣା ନୁହେଁ। ପୂର୍ବରୁ ମଧ୍ୟ ଗୋଟିଏ ପରେ ଗୋଟିଏ ସ୍ପର ଭୁଶୁଡ଼ି ଚାଲିଛି। ଏହା ପୂର୍ବରୁ ଲୁଣା ନଦୀର ବଛରାଇ, ପାଇକା ନଦୀର ବଟିରା ଗାଁ, ଏବଂ ଏବେ ଚିତ୍ରୋତ୍ପଳା ନଦୀର ଜିରାଳଠାରେ ଭୁଶୁଡ଼ିଥିବା ଦେଖିବାକୁ ମିଳିଛି। ଏଭଳି ଗୋଟିଏ ପରେ ଗୋଟିଏ ସ୍ଥାନରେ ସ୍ପର ଭୁଶୁଡ଼ି ପଡ଼ିଛି ଏବଂ ଅନେକ ସ୍ପର ଭୁଶୁଡ଼ିବାକୁ ଅପେକ୍ଷା କରିଛି। ଏତେ ଘଟଣା ପରେ ମଧ୍ୟ ଆଜିପର୍ଯ୍ୟନ୍ତ କେହି ଦାୟୀ ନୁହନ୍ତି, ଏହା ହିଁ ସବୁଠୁ ବଡ଼ ପ୍ରଶ୍ନ।



**ଜଳସେଚନ ବିଭାଗ ପାଇଁ ‘ଶନିଦଶା’ ନା ଲୁଟ୍‌ର ମାଷ୍ଟରପ୍ଲାନ?**

କୋଟି କୋଟି ଟଙ୍କା ସରକାରୀ ଅର୍ଥ ବ୍ୟୟ ହେଲା, କିନ୍ତୁ କାମର ଗୁଣମାନ କେଉଁଠି? ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ଜଳସେଚନ ବିଭାଗ, ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ସଲାସୁତୁରାରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରି କାମ କରାଯାଇଛି। ଫଳରେ ସରକାରୀ ଟଙ୍କା ପାଣି ଭଳି ନଦୀରେ ଭାସିଯାଉଛି। ଜିଲ୍ଲାର ବିଭିନ୍ନ ସ୍ଥାନରେ ସ୍ପର ନିର୍ମାଣ ହେଲା ସତ, କିନ୍ତୁ ଏବେ ଲାଗୁଛି, ସେଗୁଡ଼ିକ ନଦୀ ରୋକିବା ପାଇଁ ନୁହେଁ ବରଂ ଲୁଟ୍‌ର ସ୍ମାରକ ଭାବେ ତିଆରି ହୋଇଥିଲା। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କୌଣସି ବିଭାଗୀୟ ତନାଘନା ନାହିଁ, କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ, କୌଣସି ଦାୟିତ୍ୱବୋଧ ଦେଖାଯାଉନି। କେବଳ ପ୍ରକଳ୍ପ ଉପରେ ପ୍ରକଳ୍ପ, କେବଳ କାଗଜରେ ଉନ୍ନତି, ଆଉ ମାଟିରେ ଭୁଶୁଡ଼ୁଥିବା ହେଉଛି ଭରସା। ଏହା କି ସତରେ ଜଳସେଚନ ବିଭାଗର ‘ଶନିଦଶା’ ନା ସଚେତନ ଭାବେ ତିଆରି ହୋଇଥିବା ଲୁଟ୍‌ର ମାଷ୍ଟରପ୍ଲାନ? ଲୋକେ ଉତ୍ତର ଚାହୁଁଛନ୍ତି। ଦୋଷୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଚାହୁଁଛନ୍ତି। ନଚେତ୍ ଆଗାମୀ ବନ୍ୟାରେ ସ୍ପର ସହ ପ୍ରଶାସନ ଉପରେ ଲୋକଙ୍କ ଭରସା ମଧ୍ୟ ଭୁଶୁଡ଼ିଯିବ ବୋଲି ମତପ୍ରକାଶ ପାଇଛି।

# ବିପଦସଙ୍କୁଳ ରାଏତୁଣ୍ଡି ପାଟନାଳି ପୋଲ

ପଞ୍ଚୁପାଣ୍ଡବ,୩।୧(ସମିସ): ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ରାଏତୁଣ୍ଡି ଗ୍ରାମଦେଇ ଯାଇଥିବା ପାଟନାଳି ପୋଲ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହି ପୋଲ କଂଗ୍ରେସ ସରକାର ଅମଳରେ ଦୀର୍ଘ ୩୦ ଊର୍ଦ୍ଧ୍ୱ ବର୍ଷ ପୂର୍ବେ ନିର୍ମାଣ ହୋଇଥିବା ବେଳେ ଏବେ ଭାଙ୍ଗିରୁଜି ଯାଇଛି। ଏ ବିଷୟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ସରକାର ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି। ସେ ସମୟରେ ପୋଲ ନ ଥିବାରୁ ଲୋକେ ବିଭିନ୍ନ ସ୍ଥାନକୁ ଡଙ୍ଗାରେ ଯିବାଆସିବା କରୁଥିଲେ। ଏପରିକି ସ୍କୁଲ କଲେଜ ଯିବାକୁ ମଧ୍ୟ ଛାତ୍ରଛାତ୍ରୀମାନେ ଡଙ୍ଗା ଉପରେ ନିର୍ଭର କରୁଥିଲେ। ୧୯୯୫ରେ ଏଠାରେ ପୋଲ ତିଆରି ହୋଇଥିଲା। ତେବେ ରକ୍ଷଣାବେକ୍ଷଣ ଅଭାବରୁ ପୋଲର ତଳ ପଟରୁ କିଛି ଅଂଶ ଢଳେଇ ଭାଙ୍ଗିଥିବା ବେଳେ ଶତାଧିକ ଜାଗାରେ ରଡ୍ ଦେଖାଯାଉଛି। ଏହି ପୋଲ ଉପରେ ଶହ ଶହ ଲୋକେ ନିର୍ଭର କରୁଛନ୍ତି। ଅଙ୍ଗନବାଡ଼ି କେନ୍ଦ୍ର ଓ ବିଦ୍ୟାଳୟକୁ କୋମଳମତି ଶିଶୁମାନେ ଏହି ପୋଲ ଉପରେ ଯାତାୟାତ କରୁଛନ୍ତି। କେତେବେଳେ ବି ଅଘଟଣ ଘଟିବା ଆଶଙ୍କା ରହିଛି। ତୁରନ୍ତ ଏଠାରେ ନୂଆ ପୋଲ ନିର୍ମାଣ କରିବାକୁ ଗ୍ରାମର ପୀତାମ୍ବର ପାଣ୍ଡବ, ପୂର୍ବତନ ସମିତି ସଭ୍ୟ ରଞ୍ଜନ କୁମାର ବେହେରା, ବାବୁଲି ମଲ୍ଲିକ, ବଂଶୀଧର ସାହୁ, ଅନାଦି ଚରଣ ବେହୁରା, ଧୀରେନ୍ଦ୍ର ସାମଲ ପ୍ରମୁଖ ଦାବି କରିଛନ୍ତି।



# ତୃତୀୟ ବୃତ୍ତି ପରୀକ୍ଷାରେ ଜ୍ୟୋତିସ୍ମିତା ଟପ୍ପର



ମହାକାଳପଡ଼ା,୩।୧(ସମିସ): ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ମହାକାଳପଡ଼ା ବ୍ଲକରେ ଶୀର୍ଷ ସ୍ଥାନରେ ରହିଛନ୍ତି ରାଜଗଡ଼ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ଜ୍ୟୋତିସ୍ମିତା ଦାସ। ମହାକାଳପଡ଼ା ବ୍ଲକ୍ ବଳିପାଳ ପଞ୍ଚାୟତ ଘଣ୍ଟିଆପଲ୍ଲୀ ଗ୍ରାମର ଶିକ୍ଷକ ସର୍ବେଶ୍ୱର ଦାସଙ୍କ ସାନଝିଅ ଜ୍ୟୋତିସ୍ମିତା ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ବ୍ଲକ୍ ଟପ୍ପର ହୋଇଛନ୍ତି। ଜ୍ୟୋତିସ୍ମିତା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,ରାଜଗଡରେ ପାଠ ପଢୁଛନ୍ତି। ଏହି ସଫଳଥା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଝିଅର ସଫଳତା ପାଇଁ ସର୍ବେଶ୍ୱର ବିଦ୍ୟାମନ୍ଦିରର ସମସ୍ତ ଗୁରୁଜୀ ଓ ଗୁରୁମାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

**ଶିକାର ପାଇଁ ତାର ବିଛାଯାଇଥିବା ଆଶଙ୍କା**

ମହାକାଳପଡ଼ା,୩।୧(ସମିସ): ଜଙ୍ଗଲ ଭିତରେ ବିଛାଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ତନ୍ତିଆପାଳ ସାମୁଦ୍ରିକ ଥାନା ସୁନିତି ଗ୍ରାମର ନିତାଇ ମାନ୍ନା। ଏ ନେଇ ନିତାଇଙ୍କ ସ୍ତ୍ରୀ ଯମୁନା ମାନ୍ନା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଶୁକ୍ରବାର ନିତାଇ ବୋଟ୍‌ରେ ମାଛ ମାରିବାକୁ ଯାଇଥିଲେ। ମାଛ ମାରି ଫେରିବା ପରେ ବୋଟ୍ ମାଲିକଙ୍କ ଘରକୁ ତାଙ୍କ ପୁଅକୁ ନେଇ ଭୋଜି ଖାଇବାକୁ ଯାଇଥିଲେ। ନିତାଇଙ୍କ ପୁଅକୁ ବୋଟ୍ ମାଲିକଙ୍କ ପୁଅ ସୁମନ୍ତ ଗିରି ରାତିରେ ତାଙ୍କ ଘରେ ଛାଡ଼ି ଆସିଥିଲେ। ଯମୁନା ଫୋନ୍ କରି ବୋଟ୍ ମାଲିକଙ୍କୁ ପଚାରିବାରୁ ଭୋଜି ଖାଇ ନିତାଇ ଫେରିବେ ବୋଲି କହିଥିଲେ। ହେଲେ ରାତି ଅଧିକ ହେବାରୁ ଯମୁନା ଶୋଇପଡ଼ିଥିଲେ। ସକାଳ ପର୍ଯ୍ୟନ୍ତ ନିତାଇ ଘରକୁ ଆସି ନ ଥିବା ଦେଖି ସେ ବୋଟ୍ ମାଲିକଙ୍କୁ ଫୋନ୍ କରିଥିଲେ। ତେବେ ନିତାଇ ରାତିରୁ ହିଁ ଚାଲିଯାଇଥିବା ବୋଟ ମାଲିକ କହିଥିଲେ। ଶନିବାର ସକାଳେ ବବାଙ୍ଗଡିଅ ସଂରକ୍ଷିତ ଜଙ୍ଗଲ ନିକଟରେ ନିତାଇଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ତାଙ୍କ ହାତରେ ବିଦ୍ୟୁତ ଆଘାତ ଲାଗିଥିବା ଦେଖାଯାଇଛି। ଶିକାର ପାଇଁ ବେଆଇନ ଭାବେ ବିଦ୍ୟୁତ୍ ତାର ବିଛାଯାଇଥିବା ଓ ଏହା ସଂସ୍ପର୍ଶରେ ଆସି ନିତାଇଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ସହ ତଦନ୍ତ ଆରମ୍ଭ କରିଛି।




ଜାନୁଆରୀ ପହିଲାରୁ ପୂର୍ବ ତଟ ରେଳପଥ ଦ୍ୱାରା
ନୂତନ ସମୟ ସାରଣୀ
2026
(ସମୟ ପରିବର୍ତ୍ତନର ମୁଖ୍ୟ ବୈଶିଷ୍ଟ୍ୟ)

ନୂତନ ଟ୍ରେନ୍ ପ୍ରଚଳନ

| କ୍ରମ ନଂ. | ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ଚଳାଚଳ ଦିବସ | କାର୍ଯ୍ୟକାରୀ ହେବା ତାରିଖ |
|---|---|---|---|---|
| 1 | 19021 | ଉଧନା ଜଂ - ବ୍ରହ୍ମପୁର | ସାପ୍ତାହିକ | 05.10.2025 |
| 2 | 19022 | ବ୍ରହ୍ମପୁର - ଉଧନା ଜଂ | ସାପ୍ତାହିକ | 06.10.2025 |
| 3 | 18311 | ସମ୍ବଲପୁର - ବୌଦ୍ଧ | ସାପ୍ତାହିକ | 22.06.2025 |
| 4 | 18312 | ବୌଦ୍ଧ - ସମ୍ବଲପୁର | ସାପ୍ତାହିକ | 24.06.2025 |
| 5 | 18313 | ବୌଦ୍ଧ - ଭୁବନେଶ୍ୱର ନୂଆ | ସାପ୍ତାହିକ | 23.06.2025 |
| 6 | 18314 | ଭୁବନେଶ୍ୱର ନୂଆ - ବୌଦ୍ଧ | ସାପ୍ତାହିକ | 23.06.2025 |

ଟ୍ରେନ୍‌ଗୁଡ଼ିକର ସଂପ୍ରସାରଣ

| କ୍ରମ ନଂ. | ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ସଂପ୍ରସାରିତ ସ୍ଥାନ | w.e.f |
|---|---|---|---|---|
| 1 | 12871 | ହାଓଡ଼ା - ଟିଟିଲାଗଡ଼ | ଜୁନାଗଡ଼ ରୋଡ଼ | ପରେ ସୂଚିତ |
| 2 | 12872 | ଟିଟିଲାଗଡ଼ - ହାଓଡ଼ା | ଜୁନାଗଡ଼ ରୋଡ଼ | କରାଯିବ |
| 3 | 58305 | ବଲାଙ୍ଗୀର - ସୋନପୁର | ପୁରୁଣାକଟକ | 23.06.2025 |
| 4 | 58306 | ସୋନପୁର - ବଲାଙ୍ଗୀର | ପୁରୁଣାକଟକ | 23.06.2025 |
| 5 | 58307 | ବଲାଙ୍ଗୀର - ସୋନପୁର | ପୁରୁଣାକଟକ | 23.06.2025 |
| 6 | 58308 | ସୋନପୁର - ବଲାଙ୍ଗୀର | ପୁରୁଣାକଟକ | 23.06.2025 |
| 7 | 12893 | ଭୁବନେଶ୍ୱର - ସୋନପୁର | ପୁରୁଣାକଟକ | 23.06.2025 |
| 8 | 12894 | ସୋନପୁର - ଭୁବନେଶ୍ୱର | ପୁରୁଣାକଟକ | 24.06.2025 |
| 9 | 22820 | ବିଶାଖାପାଟଣା - ଭୁବନେଶ୍ୱର | ଭୁବନେଶ୍ୱର ନୂଆ | 12.05.2025 |
| 10 | 22819 | ଭୁବନେଶ୍ୱର - ବିଶାଖାପାଟଣା | ଭୁବନେଶ୍ୱର ନୂଆ | 12.05.2025 |
| 11 | 17015 | ଭୁବନେଶ୍ୱର - ସିକନ୍ଦରାବାଦ | ଭୁବନେଶ୍ୱର ନୂଆ | 12.05.2025 |
| 12 | 17016 | ସିକନ୍ଦରାବାଦ - ଭୁବନେଶ୍ୱର | ଭୁବନେଶ୍ୱର ନୂଆ | 11.05.2025 |
| 13 | 11020 | ଭୁବନେଶ୍ୱର - CSMT ମୁମ୍ବାଇ | ଭୁବନେଶ୍ୱର ନୂଆ | 12.05.2025 |
| 14 | 11019 | CSMT ମୁମ୍ବାଇ - ଭୁବନେଶ୍ୱର | ଭୁବନେଶ୍ୱର ନୂଆ | 11.05.2025 |

ଟ୍ରେନ୍‌ଗୁଡ଼ିକର ଚଳାଚଳରେ ବୃଦ୍ଧି

| କ୍ରମ ନଂ. | ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ପୂର୍ବ ଚଳାଚଳ ଦିବସ | ନୂତନ ଚଳାଚଳ ଦିବସ | w.e.f |
|---|---|---|---|---|---|
| 1 | 19021 | ଉଧନା ଜଂ - ବ୍ରହ୍ମପୁର | ସାପ୍ତାହିକ | ସପ୍ତାହକୁ ତିନିଥର | 19.11.2025 |
| 2 | 19022 | ବ୍ରହ୍ମପୁର - ଉଧନା ଜଂ | ସାପ୍ତାହିକ | ସପ୍ତାହକୁ ତିନିଥର | 20.11.2025 |

ଟ୍ରେନ୍‌ଗୁଡ଼ିକର ଚଳାଚଳ ଦିବସରେ ପରିବର୍ତ୍ତନ

| ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ପୂର୍ବ ଚଳାଚଳ ଦିବସ | ନୂତନ ଚଳାଚଳ ଦିବସ | w.e.f |
|---|---|---|---|---|
| 20707 | ସିକନ୍ଦରାବାଦ - ବିଶାଖାପାଟଣା | ଗୁରୁବାର ବ୍ୟତୀତ | ସୋମବାର ବ୍ୟତୀତ | 02.12.25 |
| 20708 | ବିଶାଖାପାଟଣା - ସିକନ୍ଦରାବାଦ | | | 02.12.25 |
| 20835 | ରାଉରକେଲା - ପୁରୀ | ଶନିବାର ବ୍ୟତୀତ | ମଙ୍ଗଳବାର ବ୍ୟତୀତ | 03.06.25 |
| 20836 | ପୁରୀ - ରାଉରକେଲା | | | 03.06.25 |

ଟ୍ରେନ୍‌ଗୁଡ଼ିକର ଗତିରେ ବୃଦ୍ଧି (w.e.f. 01.01.2026)

| ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ପୂର୍ବ TOR | ନୂତନ TOR | [illegible] |
|---|---|---|---|---|
| 12805 | ବିଶାଖାପାଟଣା - ଲିଙ୍ଗମପଲ୍ଲି | 13 ଘ. 20 ମି. | 12 ଘ. 55 ମି. | 25 |
| 12806 | ଲିଙ୍ଗମପଲ୍ଲି - ବିଶାଖାପାଟଣା | 13 ଘ. 30 ମି. | 12 ଘ. 55 ମି. | 35 |
| 20804 | ଗାନ୍ଧୀଧାମ ଜଂ - ବିଶାଖାପାଟଣା | 35 ଘ. 15 ମି. | 35 ଘ. 10 ମି. | 05 |
| 18451 | ହାଟିଆ - ପୁରୀ | 09 ଘ. 35 ମି. | 09 ଘ. 30 ମି. | 05 |
| 18529 | ଦୁର୍ଗ - ବିଶାଖାପାଟଣା | 13 ଘ. 30 ମି. | 13 ଘ. 10 ମି. | 20 |
| 58303 | ସମ୍ବଲପୁର - ଜୁନାଗଡ଼ ରୋଡ଼ | 08 ଘ. 05 ମି. | 07 ଘ. 50 ମି. | 15 |
| 12819 | ଭୁବନେଶ୍ୱର - ଆନନ୍ଦ ବିହାର ଟର୍ମିନାଲ | 27 ଘ. 20 ମି. | 27 ଘ. 18 ମି. | 02 |
| 68413 | ତାଳଚେର - ପୁରୀ | 05 ଘ. 45 ମି. | 05 ଘ. 20 ମି. | 25 |
| 12846 | SMVT ବେଙ୍ଗାଲୁରୁ - ଭୁବନେଶ୍ୱର | 25 ଘ. 50 ମି. | 25 ଘ. 45 ମି. | 05 |
| 18573 | ବିଶାଖାପାଟଣା - ଭଗତ କୀ କୋଠି | 38 ଘ. 10 ମି. | 38 ଘ. | 10 |

ଟ୍ରେନ୍ ସମୟ ପରିବର୍ତ୍ତନ (w.e.f 01.01.2026)

| ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ପୂର୍ବ ସମୟ ପ୍ରସ୍ଥାନ (ପ୍ରାରମ୍ଭିକ ଷ୍ଟେସନରେ) | ପୂର୍ବ ସମୟ ଆଗମନ (ଅନ୍ତିମ ଷ୍ଟେସନରେ) | ନୂତନ ସମୟ ପ୍ରସ୍ଥାନ | ନୂତନ ସମୟ ଆଗମନ |
|---|---|---|---|---|---|
| 58303 | ସମ୍ବଲପୁର - ଜୁନାଗଡ଼ ରୋଡ଼ | 0645 | 1450 | 0700 | 1450 |
| 18422 | ସୋନପୁର - ପୁରୀ | 1910 | 0635 | 1900 | 0640 |
| 18302 | ରାୟଗଡ଼ା - ସମ୍ବଲପୁର | 1320 | 1935 | 1320 | 1945 |
| 18304 | ପୁରୀ - ସମ୍ବଲପୁର | 1545 | 2240 | 1545 | 2255 |
| 18516 | କିରନ୍ଦୁଲ - ବିଶାଖାପାଟଣା | 1630 | 0340 | 1600 | 0340 |
| 18517 | କୋରବା - ବିଶାଖାପାଟଣା | 1610 | 0640 | 1610 | 0645 |
| 22809 | ପାରାଦୀପ - ବିଶାଖାପାଟଣା | 2215 | 0800 | 2215 | 0815 |
| 22853 | ଶାଲିମାର - ବିଶାଖାପାଟଣା | 1815 | 0800 | 1815 | 0815 |
| 22873 | ଦିଘା - ବିଶାଖାପାଟଣା | 1705 | 0800 | 1705 | 0815 |
| 18529 | ଦୁର୍ଗ - ବିଶାଖାପାଟଣା | 1833 | 1030 | 1833 | 1005 |
| 20804 | ଗାନ୍ଧୀଧାମ ଜଂ - ବିଶାଖାପାଟଣା | 2305 | 1020 | 2305 | 1015 |
| 58503 | ଭବାନୀପାଟଣା - ବିଶାଖାପାଟଣା | 0115 | 1010 | 0115 | 1020 |
| 18574 | ଭଗତ କୀ କୋଠି - ବିଶାଖାପାଟଣା | 2040 | 1005 | 2040 | 1030 |
| 18524 | ବାରାଣସୀ - ବିଶାଖାପାଟଣା | 1500 | 1930 | 1500 | 1945 |
| 12806 | ଲିଙ୍ଗମପଲ୍ଲି - ବିଶାଖାପାଟଣା | 0615 | 1945 | 0655 | 1950 |
| 58502 | କିରନ୍ଦୁଲ - ବିଶାଖାପାଟଣା | 0600 | 2045 | 0600 | 2100 |
| 58505 | ଗୁଣୁପୁର - ବିଶାଖାପାଟଣା | 1430 | 2100 | 1430 | 2110 |
| 18005 | ହାଓଡ଼ା - ଜଗଦଲପୁର | 2210 | 2200 | 2210 | 2230 |
| 18447 | ଭୁବନେଶ୍ୱର - ଜଗଦଲପୁର | 1935 | 1115 | 1935 | 1215 |
| 12805 | ବିଶାଖାପାଟଣା - ଲିଙ୍ଗମପଲ୍ଲି | 0620 | 1940 | 0620 | 1915 |
| 58538 | ବିଶାଖାପାଟଣା - କୋରାପୁଟ | 0630 | 1530 | 0645 | 1545 |
| 58501 | ବିଶାଖାପାଟଣା - କିରନ୍ଦୁଲ | 0645 | 2045 | 0700 | 2100 |
| 67289 | ବିଶାଖାପାଟଣା - ପଲାସା | 0750 | 1300 | 0745 | 1300 |
| 18448 | ଜଗଦଲପୁର - ଭୁବନେଶ୍ୱର | 1630 | 0820 | 1600 | 0820 |
| 17244 | ରାୟଗଡ଼ା - ଗୁଣ୍ଟୁର | 1530 | 0450 | 1500 | 0450 |

ରେକ୍ ଗୁଡ଼ିକୁ LHB ରେକ୍‌ରେ ରୂପାନ୍ତରିତ ହୋଇଥିବା ଟ୍ରେନ

| କ୍ର.ନଂ. | ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | w.e.f |
|---|---|---|---|
| 1 | 12892 | ପୁରୀ - ବାଙ୍ଗିରିପୋଷି | 29.04.2025 |
| 2 | 12891 | ବାଙ୍ଗିରିପୋଷି - ପୁରୀ | 29.04.2025 |
| 3 | 20837 | ଭୁବନେଶ୍ୱର - ଜୁନାଗଡ଼ ରୋଡ଼ | 25.08.2025 |
| 4 | 20838 | ଜୁନାଗଡ଼ ରୋଡ଼ - ଭୁବନେଶ୍ୱର | 25.08.2025 |

ପରିବର୍ତ୍ତନ ହୋଇଥିବା ଟ୍ରେନ୍ ନଂ

| କ୍ର.ନଂ. | ପୂର୍ବ ଟ୍ରେନ୍ ନଂ. | ନୂତନ ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | w.e.f |
|---|---|---|---|---|
| 1 | 12892 | 18402 | ପୁରୀ - ବାଙ୍ଗିରିପୋଷି | 01.02.2026 |
| 2 | 12891 | 18401 | ବାଙ୍ଗିରିପୋଷି - ପୁରୀ | 01.02.2026 |

ଟ୍ରେନ୍‌ଗୁଡ଼ିକର ଅତିରିକ୍ତ ଷ୍ଟପେଜ୍

| କ୍ର. ନଂ. | ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ଅତିରିକ୍ତ ଷ୍ଟପେଜ୍ | w.e.f |
|---|---|---|---|---|
| 1 | 18005 | ହାଓଡ଼ା - ଜଗଦଲପୁର | ଲୋଇସିଂହା | 19.11.2025 |
| 2 | 18006 | ଜଗଦଲପୁର - ହାଓଡ଼ା | ଲୋଇସିଂହା | 19.11.2025 |
| 3 | 13351 | ଧାନବାଦ - ଆଲେପି | କରଲା ରୋଡ଼ | 04.03.2025 |
| 4 | 13352 | ଆଲେପି - ଧାନବାଦ | କରଲା ରୋଡ଼ | 03.03.2025 |
| 5 | 18423 | ଭୁବନେଶ୍ୱର - ଦଶପଲ୍ଲା | ବୋଲଗଡ଼ ଟାଉନ | 20.01.2025 |
| 6 | 18424 | ଦଶପଲ୍ଲା - ଭୁବନେଶ୍ୱର | ବୋଲଗଡ଼ ଟାଉନ | 21.01.2025 |
| 7 | 68449 | ପୁରୀ - ଦଶପଲ୍ଲା | ସାନପଦର | 20.01.2025 |
| 8 | 68450 | ଦଶପଲ୍ଲା - ପୁରୀ | ସାନପଦର | 21.01.2025 |
| 9 | 68443 | ଭଦ୍ରକ - ଦଶପଲ୍ଲା | ସାନପଦର | 21.01.2025 |
| 10 | 68444 | ଦଶପଲ୍ଲା - ଭଦ୍ରକ | ସାନପଦର | 20.01.2025 |
| 11 | 68429 | ଭୁବନେଶ୍ୱର - ଦଶପଲ୍ଲା | ସାନପଦର | 21.01.2025 |
| 12 | 68430 | ଦଶପଲ୍ଲା - ଭୁବନେଶ୍ୱର | ସାନପଦର | 20.01.2025 |
| 13 | 18423 | ଭୁବନେଶ୍ୱର - ଦଶପଲ୍ଲା | ସାନପଦର | 20.01.2025 |
| 14 | 18424 | ଦଶପଲ୍ଲା - ଭୁବନେଶ୍ୱର | ସାନପଦର | 21.01.2025 |
| 15 | 68429 | ଭୁବନେଶ୍ୱର - ଦଶପଲ୍ଲା | ତରାବୋଇ | 17.09.2025 |
| 16 | 68430 | ଦଶପଲ୍ଲା - ଭୁବନେଶ୍ୱର | ତରାବୋଇ | 17.09.2025 |
| 17 | 68449 | ପୁରୀ - ଦଶପଲ୍ଲା | ତରାବୋଇ | 17.09.2025 |
| 18 | 68450 | ଦଶପଲ୍ଲା - ପୁରୀ | ତରାବୋଇ | 17.09.2025 |
| 19 | 18423 | ଭୁବନେଶ୍ୱର - ଦଶପଲ୍ଲା | ତରାବୋଇ | 17.09.2025 |
| 20 | 18424 | ଦଶପଲ୍ଲା - ଭୁବନେଶ୍ୱର | ତରାବୋଇ | 17.09.2025 |
| 21 | 68443 | ଭଦ୍ରକ - ଦଶପଲ୍ଲା | ତରାବୋଇ | 17.09.2025 |
| 22 | 68444 | ଦଶପଲ୍ଲା - ଭଦ୍ରକ | ତରାବୋଇ | 17.09.2025 |
| 23 | 12896 | ପୁରୀ - ଶାଲିମାର | ସାକ୍ଷୀଗୋପାଳ | 21.08.2025 |
| 24 | 12895 | ଶାଲିମାର - ପୁରୀ | ସାକ୍ଷୀଗୋପାଳ | 15.08.2025 |
| 25 | 15639 | ପୁରୀ - କାମାକ୍ଷା | ସାକ୍ଷୀଗୋପାଳ | 19.08.2025 |
| 26 | 15640 | କାମାକ୍ଷା - ପୁରୀ | ସାକ୍ଷୀଗୋପାଳ | 19.08.2025 |
| 27 | 18449 | ପୁରୀ - ପଟନା ଜଂ | ସାକ୍ଷୀଗୋପାଳ | 18.08.2025 |
| 28 | 18450 | ପଟନା ଜଂ - ପୁରୀ | ସାକ୍ଷୀଗୋପାଳ | 21.08.2025 |
| 29 | 20807 | ବିଶାଖାପାଟଣା - ଅମୃତସର ଜଂ | ନରାଜ ମାର୍ଥାପୁର | 15.08.2025 |
| 30 | 20808 | ଅମୃତସର ଜଂ - ବିଶାଖାପାଟଣା | ନରାଜ ମାର୍ଥାପୁର | 15.08.2025 |
| 31 | 12837 | ହାଓଡ଼ା - ପୁରୀ | ମଞ୍ଚେଶ୍ୱର | 15.08.2025 |
| 32 | 12838 | ପୁରୀ - ହାଓଡ଼ା | ମଞ୍ଚେଶ୍ୱର | 15.08.2025 |
| 33 | 20823 | ପୁରୀ - ଆଜମେର ଜଂ | ମଞ୍ଚେଶ୍ୱର | 15.08.2025 |
| 34 | 20824 | ଆଜମେର ଜଂ - ପୁରୀ | ମଞ୍ଚେଶ୍ୱର | 16.08.2025 |
| 35 | 18447 | ଭୁବନେଶ୍ୱର - ଜଗଦଲପୁର | ଭୁଷଣ୍ଡପୁର | 15.08.2025 |
| 36 | 18448 | ଜଗଦଲପୁର - ଭୁବନେଶ୍ୱର | ଭୁଷଣ୍ଡପୁର | 14.08.2025 |
| 37 | 20861 | ପୁରୀ - ଅହମଦାବାଦ ଜଂ | ବଇଣ୍ଡା | 20.08.2025 |
| 38 | 20862 | ଅହମଦାବାଦ ଜଂ - ପୁରୀ | ବଇଣ୍ଡା | 17.08.2025 |
| 39 | 18425 | ପୁରୀ - ଦୁର୍ଗ | ବଇଣ୍ଡା | 15.08.2025 |
| 40 | 18426 | ଦୁର୍ଗ - ପୁରୀ | ବଇଣ୍ଡା | 15.08.2025 |
| 41 | 12807 | ବିଶାଖାପାଟଣା - ହଜରତ ନିଜାମୁଦ୍ଦିନ | ଥେରୁବାଲି | 16.08.2025 |
| 42 | 12808 | ହଜରତ ନିଜାମୁଦ୍ଦିନ - ବିଶାଖାପାଟଣା | ଥେରୁବାଲି | 15.08.2025 |
| 43 | 13351 | ଧାନବାଦ - ଆଲେପି | ଥେରୁବାଲି | 15.08.2025 |
| 44 | 13352 | ଆଲେପି - ଧାନବାଦ | ଥେରୁବାଲି | 15.08.2025 |
| 45 | 17481 | ବିଳାସପୁର ଜଂ - ତିରୁପତି | ଆମ୍ଭୋଦଳା | 16.08.2025 |
| 46 | 17482 | ତିରୁପତି - ବିଳାସପୁର ଜଂ | ଆମ୍ଭୋଦଳା | 15.08.2025 |
| 47 | 13351 | ଧାନବାଦ - ଆଲେପି | ଆମ୍ଭୋଦଳା | 15.08.2025 |
| 48 | 13352 | ଆଲେପି - ଧାନବାଦ | ଆମ୍ଭୋଦଳା | 15.08.2025 |
| 49 | 18518 | ବିଶାଖାପାଟଣା - କୋରବା | ମୁରିବାହାଲ | 15.08.2025 |
| 50 | 18517 | କୋରବା - ବିଶାଖାପାଟଣା | ମୁରିବାହାଲ | 15.08.2025 |
| 51 | 18301 | ସମ୍ବଲପୁର - ରାୟଗଡ଼ା | ଦେଓଗାଁ ରୋଡ଼ | 16.04.2025 |
| 52 | 18302 | ରାୟଗଡ଼ା - ସମ୍ବଲପୁର | ଦେଓଗାଁ ରୋଡ଼ | 16.04.2025 |
| 53 | 22827 | ପୁରୀ - ଆଜମେର ଜଂ | ତାଳଚେର ରୋଡ଼ | 04.01.2026 |
| 54 | 22828 | ଆଜମେର ଜଂ - ପୁରୀ | ତାଳଚେର ରୋଡ଼ | 06.01.2026 |
| 55 | 12837 | ହାଓଡ଼ା - ପୁରୀ | ନିର୍ଗୁଣ୍ଡି | 01.01.2026 |
| 56 | 12838 | ପୁରୀ - ହାଓଡ଼ା | ନିର୍ଗୁଣ୍ଡି | 01.01.2026 |

ପ୍ରମୁଖ ଷ୍ଟେସନରେ ଟ୍ରେନ୍ ଚଳାଚଳ ସମୟର ପରିବର୍ତ୍ତନ

12145 (ଲୋକମାନ୍ୟ ତିଲକ ଟର୍ମିନସ - ପୁରୀ) ସାପ୍ତାହିକ ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ଟିଟିଲାଗଡ଼ | 1830 | 1850 |
| ବଲାଙ୍ଗୀର | 1940 | 1945 |
| ବରଗଡ଼ | 2035 | 2037 |
| ସମ୍ବଲପୁର | 2120 | 2130 |
| ଅନୁଗୁଳ | 0125 | 0127 |
| ତାଳଚେର | 0145 | 0205 |
| କଟକ | 0330 | 0335 |
| ଭୁବନେଶ୍ୱର | 0410 | 0415 |
| ଖୋର୍ଦ୍ଧା ରୋଡ଼ | 0425 | 0430 |

12879 (ଲୋକମାନ୍ୟ ତିଲକ ଟର୍ମିନସ - ଭୁବନେଶ୍ୱର) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ସମ୍ବଲପୁର | 0010 | 0030 |
| ଅନୁଗୁଳ | 0314 | 0316 |
| କଟକ | 0545 | 0550 |

18005 (ହାଓଡ଼ା - ଜଗଦଲପୁର) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ସମ୍ବଲପୁର | 0850 | 0900 |
| ରାୟଗଡ଼ା | 1510 | 1535 |
| କୋରାପୁଟ | 1915 | 1940 |
| ଜଗଦଲପୁର | 2230 | - |

18529 (ଦୁର୍ଗ - ବିଶାଖାପାଟଣା) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ଟିଟିଲାଗଡ଼ | 0010 | 0020 |
| ସିଙ୍ଗାପୁର ରୋଡ଼ | 0453 | 0455 |
| ରାୟଗଡ଼ା | 0520 | 0530 |
| ପାର୍ବତୀପୁରମ | 0625 | 0630 |
| ବୋବିଲି | 0655 | 0700 |
| କୋଟଭଲସା | 0830 | 0832 |
| ସିମହାଚଳମ | 0926 | 0928 |
| ବିଶାଖାପାଟଣା | 1005 | - |

18451 (ହାଟିଆ - ପୁରୀ) ତପସ୍ୱିନୀ ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ସମ୍ବଲପୁର | 2205 | 2225 |
| ଅନୁଗୁଳ | 0134 | 0136 |
| ତାଳଚେର | 0150 | 0210 |
| କଟକ | 0345 | 0350 |
| ଭୁବନେଶ୍ୱର | 0430 | 0440 |
| ଖୋର୍ଦ୍ଧା ରୋଡ଼ | 0500 | 0505 |
| ପୁରୀ | 0655 | - |

22865 (ଲୋକମାନ୍ୟ ତିଲକ ଟର୍ମିନସ - ପୁରୀ) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ସମ୍ବଲପୁର | 0010 | 0030 |
| ଅନୁଗୁଳ | 0314 | 0316 |
| କଟକ | 0545 | 0550 |

13351 (ଧାନବାଦ - ଆଲେପି) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ଟିଟିଲାଗଡ଼ | 0120 | 0130 |

20807 (ବିଶାଖାପାଟଣା - ଅମୃତସର) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ସମ୍ବଲପୁର | 1250 | 1310 |

20862 (ଅହମଦାବାଦ - ପୁରୀ) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ଟିଟିଲାଗଡ଼ | 1935 | 1955 |
| ବଲାଙ୍ଗୀର | 2045 | 2050 |
| ବରଗଡ଼ | 2143 | 2145 |
| ହୀରାକୁଦ | 2223 | 2225 |
| ସମ୍ବଲପୁର | 2245 | 2255 |
| ରେଢ଼ାଖୋଲ | 0010 | 0012 |
| ବଇଣ୍ଡା | 0208 | 0210 |

18422 (ସୋନପୁର - ପୁରୀ) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ବଲାଙ୍ଗୀର | 2030 | 2050 |
| ବରଗଡ଼ | 2140 | 2145 |
| ହୀରାକୁଦ | 2223 | 2225 |
| ସମ୍ବଲପୁର | 2245 | 2255 |
| ରେଢ଼ାଖୋଲ | 0010 | 0012 |
| ବଇଣ୍ଡା | 0208 | 0210 |

ଡାଏଲ କରନ୍ତୁ 139
ପୂର୍ବ ତଟ ରେଳପଥ
www.eastcoastrail.indianrailways.gov.in | /@EASTCOASTRailway1 | /@EastCoastRail
D-9/25-26


# ମରାମତି ନାମରେ ମାସେ ହେଲା ରାସ୍ତା ଖୋଳି ଦେଇଛନ୍ତି ଠିକାଦାର

## ବଡ଼ ବଡ଼ ମେଣ୍ଟାଲ ଓ ଧୂଳିଧୂଆଁରେ ହୀନସ୍ତା ଅଞ୍ଚଳବାସୀ



ଡେରାବିଶ,୩।୧(ସମିସ): ଡେରାବିଶ ବ୍ଲକ ଅନ୍ତର୍ଗତ କେନ୍ଦ୍ରାପଡ଼ା-ଗୋଲରାହାଟ ରାସ୍ତାକୁ ମରାମତି ନାମରେ ଠିକାଦାର ଗତ ଏକ ମାସରୁ ଊର୍ଦ୍ଧ୍ୱ ସମୟ ହେବ ଖୋଳି ସମ୍ପୂର୍ଣ୍ଣ ପିଚୁ ଉଠାଇ ଦେଇଛନ୍ତି। ଫଳରେ ରାସ୍ତାରେ ଗଡୁଥିବା ବଡ଼ ବଡ଼ ମେଣ୍ଟାଲ ଓ ଧୂଳିଧୂଆଁ ଯୋଗୁ ଅଞ୍ଚଳବାସୀ ହୀନସ୍ତା ହେଉଛନ୍ତି।

ନିର୍ମାଣ ବିଭାଗ ପକ୍ଷରୁ ଏହି ବ୍ଲକ ଅନ୍ତର୍ଗତ ଗୁଆଳସିଂ ପଞ୍ଚାୟତର କେନ୍ଦ୍ରାପଡ଼ା କଲେଜଛକରୁ ଗୋଲରାହାଟ ପଞ୍ଚାୟତ ଗୋଲରାହାଟ ପର୍ଯ୍ୟନ୍ତ ରାସ୍ତାର ମରାମତି ପାଇଁ ଜଣେ ଠିକାଦାରଙ୍କୁ ଦାୟିତ୍ୱ ଦିଆଯାଇଛି। ଠିକାଦାର ଜଣକ କେନ୍ଦ୍ରାପଡ଼ା କଲେଜ ଛକରୁ ଡେରାବିଶ ବିଇଓଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତାରୁ ପିଚୁକୁ ତାଡ଼ି ଦେଇଛନ୍ତି। ଏଥିସହିତ ରାସ୍ତା ସମ୍ପ୍ରସାରଣ ପାଇଁ ଦୁଇପାଖ ତାଡ଼ି ସେଥିରେ ଡଷ୍ଟ ଭର୍ତ୍ତି କରିଛନ୍ତି। ଏହି ରାସ୍ତାଟି ବ୍ଲକ ଅଞ୍ଚଳର ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା ହୋଇଥିବା ବେଳେ ଦୈନିକ ଶହଶହ ଲୋକ ଡେରାବିଶ ବ୍ଲକ କାର୍ଯ୍ୟାଳୟ, ବିଇଓ କାର୍ଯ୍ୟାଳୟ ଓ ଜିଲ୍ଲା ମୁଖ୍ୟାଳୟ ଯାତାୟାତ ପାଇଁ ଏହାକୁ ବ୍ୟବହାର କରୁଛନ୍ତି। ଶହଶହ ଛାତ୍ରଛାତ୍ରୀ ବିଭିନ୍ନ ସ୍କୁଲ କଲେଜକୁ ଯାଇଥାନ୍ତି। ତେବେ ରାସ୍ତାରେ ଗଡୁଥିବା ବଡ଼ ବଡ଼ ମେଣ୍ଟାଲ ଯୋଗୁ ଦୈନିକ ବହୁ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେଉଥିବା ବେଳେ ଛାତ୍ରଛାତ୍ରୀମାନେ ମଧ୍ୟ ପଡ଼ି ଖଣ୍ଡିଆଖାବରା ହେଉଥିବା ଅଭିଯୋଗ ହେଉଛି। ଏପରିକି ଠିକାଦାର ରାସ୍ତାରେ ପାଣି ସିଞ୍ଚନ କରୁ ନ ଥିବାରୁ ଗାଡ଼ି ଯିବାବେଳେ ଉଡୁଥିବା ଧୂଳିରେ ଅଞ୍ଚଳର ଲୋକମାନେ ଅତିଷ୍ଠ ହୋଇପଡ଼ିଲେଣି। ରାସ୍ତା ନିର୍ମାଣ କାର୍ଯ୍ୟ ଶୀଘ୍ର ସାରିବା ଓ ଧୂଳି ନ ଉଡ଼ିବା ପାଇଁ ରାସ୍ତାରେ ଦୈନିକ ପାଣି ସିଞ୍ଚନ କରିବାକୁ ସ୍ଥାନୀୟ ଲୋକେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ତୁରନ୍ତ ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ନ ହେଲେ ଅଞ୍ଚଳବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଶାରୀଶୁଆ ପାହାଡ଼ରେ ଜିଲ୍ଲାପାଳ ଓ ଏସ୍‌ପି

# ଚେକ୍‌ପୋଷ୍ଟ ଓ ସିସି କ୍ୟାମେରା ଲଗାଇବାକୁ ସ୍ଥାନ ନିରୂପଣ

ଖଇରା,୩।୧ (ସମିସ)



ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ଶାରିଶୁଆ ପାହାଡରେ ବେଆଇନ ଲଘୁଖଣିଜ ପଦାର୍ଥ ଉତ୍ତୋଳନକୁ ବନ୍ଦ କରିବା ଲକ୍ଷରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଏସପି ପ୍ରତ୍ୟୁଷ ଦିବାକର ଶନିବାର ପାହାଡ ଅଞ୍ଚଳ ଗସ୍ତ କରିଛନ୍ତି। କିଛିଦିନ ତଳେ ପାହାଡରେ ବିଏନଏସ ଧାରା ୧୬୩ ଲାଗୁ କରିବା ପରେ ଶନିବାର ଚେକପୋଷ୍ଟ ବସାଯିବା ଓ ସିସି କ୍ୟାମେରା ଲଗାଯିବା ପାଇଁ ସ୍ଥାନ ନିରୂପଣ କରିଛନ୍ତି। ବିଶେଷ ଭାବେ ମା' ମଙ୍ଗଳା କ୍ରସର ଛକ, ଦେଉଳଗଡି ପେଟ୍ରୋଲ ପମ୍ପ ଏବଂ ବଗେଇପୁର ଗ୍ରାମ ସମ୍ମୁଖସ୍ଥ ଗାଭର ଛକରେ ଚେକପୋଷ୍ଟ ଓ କ୍ୟାମେରା ଲଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିଦର୍ଶନରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ଶିବ ମାଲବିୟ, ଖଣି ଅଧିକାରିଣୀ ସନ୍ତୋଷୀପ୍ରଭା ସେଠୀ, କନିଷ୍ଠ ଖଣି ଅଧିକାରି ଅଭିଷେକ ବେହେରା, ତହସିଲଦାର ଅମିତରଞ୍ଜନ ହୋତା ପ୍ରମୁଖ ସାମିଲ ଥିଲେ।

## ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ



ଜଳେଶ୍ୱର, ୩।୧ (ସମିସ) : ଜଳେଶ୍ୱର ପୌରପାଳପାଳିକାରେ ଏକମାତ୍ର ପିଏମ୍‌ଶ୍ରୀ ପ୍ରାପ୍ତଜଳେଶ୍ୱରସରକାରୀଉଚ୍ଚବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ-୨୦୨୫ ଆଜି ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବିଇଓ ଜଗବଂଧୁ ଜେନା ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ପୌରପାଳ ପ୍ରତୀପ ପ୍ରଧାନ, ମୁଖ୍ୟ ବକ୍ତା ଶିକ୍ଷାବିତ୍ କେଦାର ନାଥ ମହାନ୍ତି ଯୋଗଦେଇ ଶିକ୍ଷାର୍ଥୀମାନେ କେବଳ ପୋଥିଗତ ଶିକ୍ଷା ଆହରଣ ନ କରି ସବୁକ୍ଷେତ୍ରରେ ପାରଙ୍ଗମ ହେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ସତ୍ୟଜିତ୍ ମହାନ୍ତି, ଓଷ୍ଟା ଜିଲା ସଭାପତି ମନୋରଂଜନ ଦାସ, ଆଇଆଇସି ଅଶୋକ ବାରିକ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ସିଂ, ପୂର୍ବତନ ଅଧ୍ୟକ୍ଷ ଶ୍ରୀକାନ୍ତ ପାତ୍ର, ଠାକୁରମୁଣ୍ଡା ବିଇଓ କୁଂଜବିହାରୀ ପ୍ରଧାନ, ସୁନିଲ ନାୟକ, ହରେକୃଷ୍ଣ ଜେନା, ସୁକୁମାର ମିଶ୍ର, ଏସ୍‌ଏମ୍‌ସି ସଭାପତି ଜୟନାରାୟଣ ଦାସ, ପୂର୍ଣ୍ଣଚନ୍ଦ୍ର ଭୂୟାଁ, ସିଦ୍ଧେଶ୍ୱର ଦାସ ପ୍ରମୁଖ ବକ୍ତବ୍ୟ ଦେଇ ଶିକ୍ଷାର ବିକାଶ ହେଲେ ଜାତୀୟ ବିକାଶ ହୋଇପାରିବ ବୋଲି କହିଥିଲେ। ପ୍ରଧାନ ଶିକ୍ଷକ ଅର୍ଜୁନଚରଣ ସିଂ ଅଧ୍ୟକ୍ଷତା କରିଥିବା ବେଳେ ରାଧାଗୋବିନ୍ଦ ଜେନା ମଞ୍ଚ ଆହ୍ୱାନ ଓ ତେଜସ୍ୱିନୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ରାଜେନ୍ଦ୍ର ପାଣିଗ୍ରାହୀ, ସବିତା ପାଠୀ ପରିଚାଳନାରେ ସହଯୋଗ କରିଥିଲେ। ପିଲାମାନଙ୍କ ଦ୍ୱାରା ଆକାଂକ୍ଷୀ ମେଳା, ଟ୍ୟାଲେ ଗ୍ୟାଲେରୀ, ବିଜ୍‌ନେସ୍ ସମିଟ୍ ଷ୍ଟଲ ପ୍ରଦର୍ଶିତ କରିଥିଲେ।

# ବାଲେଶ୍ୱର ଜିଲ୍ଲା ବିଦ୍ୟାଳୟସ୍ତରୀୟ ଜୁନିୟର ରେଡ୍‌କ୍ରସ ଶିକ୍ଷା ତଥା ତାଲିମ୍ ଶିବିର ଉଦ୍‌ଘାଟିତ



ବାଲେଶ୍ୱର, ୩।୧(ସମିସ): ବାଲେଶ୍ୱର ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜୁନିୟର ରେଡକ୍ରସର ସଭାପତି ଡ଼. ବସନ୍ତ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜି ବାଲେଶ୍ୱର ଜିଲ୍ଲା ବିଦ୍ୟାଳୟସ୍ତରୀୟ ଜୁନିୟର ରେଡ଼କ୍ରସ ଶିକ୍ଷା ତଥା ତାଲିମ୍ ଶିବିର ରେଡକ୍ରସ୍ ଭବନ ଏବଂ ପବ୍ଲିକ ସରକାରୀ ଉଚ୍ଚ ବିଦ୍ୟାଳୟ ବାଲେଶ୍ୱରଠାରେ ଉଦଘାଟିତ ହୋଇଛି। ଏହି ଶିବିର ଜାନୁଆରୀ ୩ ତାରିଖରୁ ୦୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଜିଲ୍ଲାର ୧୨ଟି ବ୍ଲକ୍‌ରୁ ୬୬୦ ଜଣ ଜୁନିୟର ଏବଂ ୨୪୦ ଜଣ କାଉନସିଲର ଭାବେ ସର୍ବମୋଟ ୯୦୦ ଜଣ ଶିବିରାର୍ଥି ଯୋଗଦାନ କରିଥିଲେ। ଆଜିର ଉଦଘାଟନୀ ଉତ୍ସବରେ ସଭାପତିତ୍ୱ କରିଥଲେ ଡ଼. ବସନ୍ତ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଏବଂ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣିମା ଦାସ, ସଦର ଗୋଷ୍ଠୀ ଶିକ୍ଷାଧିକାରୀ ଯଜ୍ଞେଶ୍ୱର ଜେନା , ପ୍ରଧାନ ଶିକ୍ଷୟତ୍ରୀ ଜୟନ୍ତୀମଣି ସାହୁ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ହରେନ୍ଦ୍ର ମହାନ୍ତ , ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ତଥା ଜୁନିୟର ରେଡକ୍ରସ ସମ୍ପାଦକ ଚନ୍ଦ୍ରକାନ୍ତ ଘଡେଇ, ଜୁନିୟର ରେଡକ୍ରସ ଯୁଗ୍ମ ସମ୍ପାଦକ ବାମନ ଚନ୍ଦ୍ର ମହାନ୍ତି, ବରିଷ୍ଠ ସାଧନକର୍ମୀ ଚିତ୍ତରଞ୍ଜନ ପାସା ଓ ସୋମନାଥ ନାୟକ ମଞ୍ଚରେ ଉପସ୍ଥିତଥିଲେ।ଉକ୍ତ ସଭାରେ ମଞ୍ଚ ପରିଚାଳନା କରିଥଲେ ବରିଷ୍ଠ ମୟୂରଭଞ୍ଜ ସାଧନ କର୍ମୀ ଉମାକାନ୍ତ ବେହେରା ଏବଂ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ୍ ଅର୍ପଣ କରିଥଲେ ଜିଲ୍ଲା ସାଧନ କର୍ମୀ ମନୋଜ କୁମାର ଜେନା। ଶିବିରାର୍ଥିମାନଙ୍କୁ ତିନିଦିନରେ ବିଭିନ୍ନ ବିଷୟରେ ଯଥା ରେଡ଼କ୍ରସ ଇତିହାସ, ରକ୍ତଦାନ, ଜଳବାୟୁ ପରିବର୍ତ୍ତନ, ପ୍ରାଥମିକ ସହାୟତା, ସଡ଼କ ସୁରକ୍ଷା, ପ୍ରାକୃତିକ ବିପର୍ଯ୍ୟୟ ଓ ପରିଚାଳନା, ନିଶା ନିବାରଣ ଓ ତମାଖୁ ମୁକ୍ତ ସମାଜ,ଏଚ ଆଇ ଭି ଏଡ଼ସ, ସାଇବର ସିକୁରିଟି, ଅଗ୍ନି ନିରାପତା ଉପରେ ତାଲିମ ଦିଆଯିବ।

## ରାଇବଣିଆ ଲୋକ ମହୋତ୍ସବ ଫେବୃଆରୀ ୫ରେ

ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୩।୧(ସମିସ): ରାଇବଣିଆ ଲୋକ ମହୋତ୍ସବ ଆସନ୍ତା ଫେବୃଆରୀ ୫ରେ ଅନୁଷ୍ଠିତ ହେବ। ଆଜି ଏହି ଉପଲକ୍ଷେ ଅନୁଷ୍ଠିତ ବୈଠକରେ ମହୋତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ଗଙ୍ଗାଧର ଦାସ ପୌରହିତ୍ୟ କରି ଗତବର୍ଷ ମହୋତ୍ସବର ବାର୍ଷିକ ବିବରଣୀ ପାଠ କରିଥିଲେ। ଉପ-ସଭାପତି ନିଗମାନନ୍ଦ ଘୋଷଙ୍କ ପ୍ରସ୍ତାବ ଅନୁଯାୟୀ ଚଳିତବର୍ଷ ଲୋକ ମହୋତ୍ସବ ଫେବୃୟାରୀ ମାସ ୫ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାର ସିଦ୍ଧାନ୍ତ ହୋଇଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସୁକୁମାର ପ୍ରଧାନ, ଶ୍ୟାମନଗର ପଞ୍ଚାୟତର ସରପଞ୍ଚ ଗିରିଜା ଶଙ୍କର ସାସମଲ, ବସନ୍ତ ଘୋଷ, ରାଜୀବ ପାତ୍ର, ବିଷ୍ଣୁପଦ ଆଚାର୍ଯ୍ୟ, ସୁନୀଲ ପାତ୍ର, ମନୋରଞ୍ଜନ ପାତ୍ର, ରାଜକିଶୋର ପାତ୍ର, ବିଶ୍ୱନାଥ ଘୋଷ, ଯତୀଶ ବାରିକ, ଆଲୋକ ଘଡେଇ,ସନ୍ତୋଷ କୁମାର ଜେନା ସୁବଳ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଶାନ୍ତିପୁର ବାଙ୍କ ରାସ୍ତା; ୫ ଦିନରେ ୬ ଦୁର୍ଘଟଣା

ଜଳେଶ୍ୱର,୩।୧ (ସମିସ): ଜଳେଶ୍ୱର ବ୍ଲକ ଅନ୍ତର୍ଗତ କାଳିକ ପଞ୍ଚାୟତର ହାତୀଗଡ ପେଟ୍ରୋଲ ପମ୍ପରୁ ଶାନ୍ତିପୁର ଗହିରାଖାଲ ପୋଲ ପାରିହେବା ଉଭୟ ପାଶ୍ୱର୍ ବାଙ୍କ ରାସ୍ତା। ବାଇକ ଚାଳକଙ୍କ ପାଇଁ ମରଣଯନ୍ତା ପାଲଟିଛି। ପୋଲର ଉଭୟ ପାଶ୍ୱର୍ରେ ଯାନବାହାନର ଗତି ନିୟନ୍ତ୍ରଣ ପାଇଁ ହମ୍ପ ନ ଥିବାରୁ ୫ ଦିନ ଭିତରେ ୬ ଜଣ ବାଇକ ଚାଳକ ଦୂର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ଏମିତିକି ପୋଲକୁ ଲାଗି ବ୍ୟାରିକେଡ ନ ଥିବାରୁ ଦୃତଗତିରେ ଆସିଥିବା ବାଇକ ଚାଳକ କେତେବେଳେ ଖାଲ ତଳକୁ ତ କେତେବେଳେ ପୋଲ ପାଖ କଦଳୀ ଗଛ ଭିତରକୁ ପଶି ଯିବାର ପରିଲକ୍ଷିତ ହେଉଛି। ମଙ୍ଗଳବାର ଦିନ ରାଇବଣିଆ ପଞ୍ଚାୟତର କବାଟଘାଟୀ ଗାଁର ସ୍ୱର୍ଗତ ସହଦେବ ସିଂଙ୍କ ପୁଅ ସୂର୍ଯ୍ୟକାନ୍ତ ସିଂ(୨୦)ଓ ତାଙ୍କ ବନ୍ଧୁ ସପନ ସିଂ(୨୦) ଗୁରୁତର ହୋଇ ସୂର୍ଯ୍ୟକାନ୍ତ କଟକ ଓ ସପନ ବାରିପଦାରେ ଚିକିତ୍ସାଧିନ ଅଛନ୍ତି। ଶୁକ୍ରବାର ସେମିତି ସର୍ଦ୍ଧାରବନ୍ଧ ପଞ୍ଚାୟତର ବିଶ୍ୱନାଥପୁର ଗାଁର ସୁଶାନ୍ତ ମହାନ୍ତ ଓ ତାଙ୍କ ବନ୍ଧୁ ସେହି ସ୍ଥାନରେ ଦୁର୍ଘଟଣା ଘଟାଇ ହାତୀଗଡ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଗାଡ଼ିର ଗତି ନିୟନ୍ତ୍ରଣ ପାଇଁ ରାସ୍ତାରେ ବ୍ୟବସ୍ଥା ନ ଥିବାରୁ ସ୍କୁଲ,ଅଙ୍ଗନବାଡ଼ି ପିଲାମାନଙ୍କ ଜୀବନ ପ୍ରତି ବିପଦ ଦେଖି ଜନ ଅସନ୍ତୋଷ ବଢୁଛି। ପ୍ରଶାସନ ଅନୁଧ୍ୟାନ କରି ଶୀଘ୍ର ଆବଶ୍ୟକ ପଦକ୍ଷେପ ନେବାସହ ପୋଲର ଉଭୟ ପାଶ୍ୱର୍ ବାଙ୍କ ରାସ୍ତାରେ ହମ୍ପ ସହ ବ୍ୟାରିକେଡ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ନୀଳଗିରି ମହାବିଦ୍ୟାଳୟର ପ୍ରଥମ ଅଧ୍ୟକ୍ଷଙ୍କ ଦେହାନ୍ତ

ନୀଳଗିରି, ୩।୧ (ସମିସ): ନୀଳଗିରି ଉପଖଣ୍ଡ ସନ୍ତରାଗଡିଆ ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ୍ ତଥା ନୀଳଗିରି କଲେଜର ପ୍ରଥମ ଅଧ୍ୟକ୍ଷ ସୀତାନାଥ ପାଣିଗ୍ରାହୀଙ୍କ ୯୦ ବର୍ଷ ବୟସରେ ପରଲୋକ ଘଟିଛି। ଏ ନେଇ ସନ୍ତରାଗଡିଆ ଅଞ୍ଚଳରେ ଶୋକର ବାତାବରଣ ଦେଖାଦେଇଛି। ସୀତାନାଥ ପାଣିଗ୍ରାହୀ ଜଳେଶ୍ୱର ଦୀନକୃଷ୍ଣ କଲେଜର ଓଡ଼ିଆବିଭାଗର ରିଡର୍ ଭାବେ ବେଶ୍ ସୁନାମଅର୍ଜନ କରିଥିଲେ। ପରେ ନୀଳଗିରି କଲେଜର ପ୍ରଥମ ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଥିଲେ। ନୀଳଗିରି କଲେଜର ସର୍ବାଙ୍ଗୀନ ଉନ୍ନତିପାଇଁ ତାଙ୍କର ଉଦ୍ୟମ ବେଶ୍ ପ୍ରଶଂସନୀୟ ଥିଲା। ସନ୍ତରାଗଡିଆ ଠାରେ ବାବା ପଞ୍ଚଲିଙ୍ଗେଶ୍ୱର କଲେଜ ସ୍ଥାପନାପରେ ମଧ୍ୟ ପ୍ରଥମ ଅଧ୍ୟକ୍ଷ ଭାବେ ନିଯୁକ୍ତିପାଇ କଲେଜର ବହୁବିଧ ଉନ୍ନତି କରିବାରେ ବିଦ୍ଧାଣୀ ସାଜିଥିଲେ। ଗତ କିଛିଦିନ ଧରି ଦେହ ଅସୁସ୍ଥ ହେବାରୁ ଗତ ଶୁକ୍ରବାର ଦିନ ବାଲେଶ୍ୱରର ଲକ୍ଷ୍ମୀକାନ୍ତ ନର୍ସିଂ ହୋମକୁ ପରିବାର ଲୋକେ ଚିକିତ୍ସା ପାଇଁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ଦିନ ତାଙ୍କର ବିୟୋଗ ଘଟିଛି। ତାଙ୍କର ଦୁଇଜଣ ପୁଅ ଓ ପାଞ୍ଚଜଣ ଝିଅ ଅଛନ୍ତି। ମରଶରୀର ନିକଟରେ ବହୁ ବନ୍ଧୁବାନ୍ଧବ, ସମ୍ପର୍କୀୟ, ଶିକ୍ଷାବିତ୍, ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତହୋଇ ମରଶରୀରରେ ପୁଷ୍ପଗୁଚ୍ଛ ପ୍ରଦାନକରି ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।



## ୧୮ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ,୨ ଗିରଫ

ନୀଳଗିରି, ୩।୧ (ସମିସ): ଗରାଖ ସାଜି ବ୍ରାଉନସୁଗର ବେପାରୀଙ୍କୁ ମାଡିବସିଲା ନୀଳଗିରି ଅବକାରୀ ବିଭାଗ। ୧୮ ଲକ୍ଷଟଙ୍କାର ବ୍ରାଉନ ସୁଗାର ଓ ଗୋଟିଏ ସ୍କୁଟି ଜବତ କରିବା ସହିତ ଦୁଇଜଣଙ୍କୁ ଗିରଫ କରାଯାଇଥିବା ଜଣାଯାଇଛି। ନୀଳଗିରି ଅବକାରୀ ବିଭାଗ ଇନ୍‌ସପେକ୍ଟର କେଶବଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଏକ ଦଳ ଔପଦା କଲେଜଛକ ନିକଟରେ ଚଢ଼ଉ କରିଥିଲେ।

ଅବକାରୀ ଅଧିକାରୀ ମାନେ ଗରାଖ ସାଜି ଅଭିଯୁକ୍ତଙ୍କ ସହ ଜିନିଷ କିଣିବା ପାଇଁ ବାହାନା କରିଥିଲେ। ପରେ ଦୁଇ ଅଭିଯୁକ୍ତଙ୍କୁ ଗିରଫକରି ସେମାନଙ୍କ ନିକଟରୁ ୧୮୦ ଗ୍ରାମର ଓଜନର ବ୍ରାଉନସୁଗର୍ ସହ ଏକ ଓଲା ବ୍ୟାଟେରୀ ଗାଡି ଜବତ କରିଥିଲେ। ଜହରର ଆନୁମାନିକ ମୂଲ୍ୟ ୧୮ ଲକ୍ଷ ଟଙ୍କା ହେବ। ଏ ନେଇ ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତ ଔପଦା ଅଞ୍ଚଳର ରାଜୀବ ପାତ୍ର ଓ ଶୁଭମ ଦଳେଇଙ୍କୁ କୋର୍ଟଚାଲଣ କରାଯାଇଛି। ଏହି ଚଢାଉରେ ନୀଳଗିରି ଅବକାରୀ ଅଧିକାରୀ ମନୋଜ ସାହୁ, କନେଷ୍ଟବଳ ତପନ ମଲ୍ଲିକ, ସନ୍ତୋଷ ବେହେରା, କାଜଲ ପ୍ରିୟଦର୍ଶିନୀ ପ୍ରମୁଖ ସାମିଲ ରହିଥିଲେ।

## ଉତ୍ସବ ଉତ୍ତର ଓଡ଼ିଶାର ସପ୍ତମ ସନ୍ଧ୍ୟା




ବାଲେଶ୍ୱର,୩।୧(ସମିସ): ସ୍ଥାନୀୟ ଆଇଟିଆଇ ପଡ଼ିଆ ଠାରେ ଚାଲିଥିବା ଉତ୍ସବ ଉତ୍ତର ଓଡ଼ିଶାର ଶନିବାର ହେଉଛି ସପ୍ତମ ଦିବସ। ଉତ୍ସବ ଉତ୍ତର ଓଡିଶାର ସଭାପତି ସଂଗ୍ରାମ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରତିଭାଶ୍ରୀର ମୁଖ୍ୟ କବି ପ୍ରଶାନ୍ତ ଦାସ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ରାଇସ ମିଲ୍ସ କନସର୍ଟିୟମର ନିର୍ଦ୍ଦେଶକ ବିଜୟ ଗୁପ୍ତା ଏବଂ ସମାଜସେବୀ ଚନ୍ଦ୍ରବିନ୍ଦୁ ଦାସ ପ୍ରମୁଖ ଯୋଗ ଦେଇ ନିଜର ମତ ରଖିଥିଲେ। ପ୍ରାରମ୍ଭରେ ଉତ୍ସବରେ ଉତ୍ସବ ଉତ୍ତର ଓଡିଶା ସାଂସ୍କୃତିକ ସଂପାଦକ ଧିରେନ ନାୟକ ମଞ୍ଚ ଆହ୍ୱାନ କରିଥିଲେ। ଶେଷରେ ଉତ୍ସବ ଉତ୍ତର ଓଡ଼ିଶାର ସଦସ୍ୟ ଅଭ୍ୟୁଦୟ ଦାସ ଧନ୍ୟବାଦ ଦେଇଥିଲେ। ସୁନାମଧନ୍ୟ ବଲିଉଡ୍ କଣ୍ଠଶିଳ୍ପୀ ସର୍ଣ୍ଣିମା ଦେବନାଥଙ୍କ ସଙ୍ଗୀତରେ ଦର୍ଶକମାନେ ଝୁମି ଥିଲେ।

## ହାତୀ ଆକ୍ରମଣରେ ଜଣେ ମୃତ

ନୀଳଗିରି, ୩।୧ (ସମିସ): ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କୁ ହାତୀ ଘାଇଲା କରିବା ପରେ ପାଦରେ ଦଳି ମାରି ଦେଇଛି। ଶନିବାର ସକାଳ ୧୦ଟାରେ କୁଲଡିହା ଅଭୟାରଣ୍ୟର ପାଦଦେଶ ତଥା ନୀଳଗିରି ଉପଖଣ୍ଡ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଶ୍ରୀଦେଇପୁର ଗ୍ରାମର ବୈରାଗୀ ଦେହୁରି(୫୮) ତାଙ୍କ ଘରଠାରୁ ପାଖାପାଖି ୧ କି.ମି ଦୂର କୁଲଡିହା ପାଦଦେଶ ଖୁମକୁଟ ଅଞ୍ଚଳକୁ ସ୍ତ୍ରୀ ସୁକାନ୍ତି ଦେହୁରି ସହ ଶୁଖିଲା ଜାଳେଣି କାଠ ପାଇଁ ଯାଇଥିଲେ। ଏହି ସମୟରେ କୁଲଡିହା ଅଭୟାରଣ୍ୟର ଦୁଇ ଦନ୍ତା ହାତୀ ଖାଦ୍ୟ ଅନ୍ୱେଷଣରେ ଓହ୍ଲାଇ ଆସି ହାତିକୁଲିଆ ସେକସନ୍‌ରେ ଘୁରି ବୁଲୁଥିବା ବେଳେ ଅଚାନକ ଗୋଟିଏ ଦନ୍ତା ହାତୀ ବାହାରି ଆସି ବୈରାଗୀଙ୍କୁ ଶୁଣ୍ଢରେ କଚାଡ଼ିବା ସହ ପାଦରେ ମାଡି ଦେଇଥିଲା ବେଳେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ତ୍ରୀ ସୁକାନ୍ତି ଜୀବନ ବିକଳରେ ସେଠାରୁ ଦୌଡ଼ି ଦୌଡ଼ି ଆସି ପରିବାର ବର୍ଗ ଓ ଗାଁ ଲୋକଙ୍କୁ ଖବର ଦେଇଥିଲେ। ପରେ ସମସ୍ତେ ଘଟଣା ସ୍ଥଳରେ ପହଞ୍ଚିବା ବେଳକୁ ବୈରାଗୀ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡି ରହିଥିବା ବେଳେ ବଣୁଆ ଦନ୍ତା ହାତୀଟି ସେଠାରୁ ପଳାଇଥିଲା। ପରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ନୀଳଗିରି ଡାକ୍ତରଖାନାକୁ ଅଣାଯାଇଥିଲା। ଗ୍ରାମବାସୀ ଶବ ବ୍ୟବଚ୍ଛେଦ ପାଇଁ ତୁରନ୍ତ ଦାବି କରିଥିଲେ। ଏନେଇ ନୀଳଗିରି ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଡାକ୍ତରଖାନାରେ ପହଞ୍ଚି ତଦନ୍ତ ଚଳାଇଛନ୍ତି।

# ଗୋପବନ୍ଧୁ ହେଲ୍ପିଂ ଫାଉଣ୍ଡେସନକୁ ସମ୍ବର୍ଦ୍ଧନା



ରାଜଘାଟ, ୩।୧ (ସମିସ): ଅନ୍ତର୍ଜାତୀୟ ଓଡିଆ ସ୍ୱାଭିମାନ ପ୍ରତିଷ୍ଠାନ ତରଫରୁ ୧୫ ତମ ରାଜ୍ୟ ଓଡ଼ିଆ ସ୍ୱାଭିମାନ ସମ୍ମିଳନୀ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ସଭାପତି ସୁଶାନ୍ତ କୁମାର ସାବତଙ୍କ ପୌରହିତ୍ୟରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯାଜପୁର ସାଂସଦ ରବିନାରାୟଣ ବେହେରା, ବିଶିଷ୍ଟ ଅତିଥି ଭାବେ ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ତଥା ପ୍ରାକ୍ତନ ମନ୍ତ୍ରୀ ପ୍ରଶାନ୍ତ ନନ୍ଦ, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ମୁମ୍ବାଇ ଓଡ଼ିଆ ମହାସଂଘର ସଭାପତି ଡ଼ା. ବିପିନ୍ ମିଶ୍ର,ଜାଭିଏର୍ ଇଣ୍ଟରନେସନାଲ୍ ସ୍କୁଲ ଅଧ୍ୟକ୍ଷ ଡା. ବଦ୍ରିନାଥ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୩୩ ଜଣ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ୍‌ର ସାମାଜିକ ସଙ୍ଗଠନ "ଗୋପବନ୍ଧୁ ହେଲ୍ପିଙ୍ଗ ଫାଉଣ୍ଡେସନର ସଭାପତି ସାମ୍ବାଦିକ ଜନ୍ମେଜୟ ପରିଡ଼ା, ସମ୍ପାଦକ ଅରବିନ୍ଦ ପ୍ରଧାନ ଙ୍କ ସମେତ ସଦସ୍ୟ ଅଶ୍ୱିନୀ କୁମାର ଦାସ ଓ ବାଳକୃଷ୍ଣ ଦାସଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

### ଚର୍ଚ୍ଚାରେ କୁପାରୀ ବନ୍ଧୁମିଳନ

# ଗୋଟିଏ ମଞ୍ଚରେ ପୂର୍ବତନ ମନ୍ତ୍ରୀ ଓ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ



ଖଇରା,୩।୧ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକର କୁପାରୀ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜୟନ୍ତ କୁମାର ରାଉତଙ୍କ ଦ୍ୱାରା ଆହୁତ ବନ୍ଧୁମିଳନରେ ୫୩ତମ ଜନ୍ମଦିନ ପାଳନରେ ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ ନାୟକଙ୍କ ଯୋଗଦାନ ଆଗାମୀ ଦିନରେ କିଛି ନୂଆ ସମ୍ଭାବନା ଓ କିଛି ନୁଆ ସମୀକରଣ ସମ୍ପର୍କରେ ପୂର୍ବାଭାସ ଦେଉଛି। ପଞ୍ଚାୟତ ନିର୍ବାଚନ ପୂର୍ବରୁ ଏଭଳି ମିଳନ ବେଶ ଗୁରୁତ୍ୱ ବହନ କରୁଛି। ପୂର୍ବ ସୁଚନା ଅନୁଯାୟୀ ଶ୍ରୀ ରାଉତ ଶନିବାର ନିଜ ସମର୍ଥକଙ୍କ ମଧ୍ୟରେ ବନ୍ଧୁ ମିଳନର ଆୟୋଜନ କରିଥିଲେ। କୁପାରୀ ପଞ୍ଚାୟତରୁ ହଜାରରେ ଉର୍ଦ୍ଧ ସମର୍ଥକ ଉପସ୍ଥିତ ରହି ପୂର୍ବତନ ଉପାଧ୍ୟକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏଭଳି ସମୟରେ ପୂର୍ବତନ ମନ୍ତ୍ରୀ ଓ ନୀଳଗିରିର ପୂର୍ବତନ ବିଧାୟକଙ୍କ ଯୋଗଦାନ ଚର୍ଚ୍ଚା ପାଇଁ ଖୋରାକ ଯୋଗାଇଛି। ସାଧାରଣ ନିର୍ବାଚନ ପୂର୍ବରୁ ବର୍ତ୍ତମାନ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ସହ ଶ୍ରୀ ରାଉତ ନିକଟତର ହେବା ଏବଂ ନିର୍ବାଚନ ପରେ ବିଧାୟକ ଓ ଶ୍ରୀ ରାଉତଙ୍କ ମଧ୍ୟରେ ମନାନ୍ତର ଏବଂ ପୁଣି ହଠାତ ଜ୍ୟୋତି ପ୍ରକାଶ ଓ ଜୟନ୍ତ ରାଉତଙ୍କ ମଧ୍ୟରେ ଘନିଷ୍ଠତା ସିମୁଳିଆ ନିର୍ବାଚନ ମଣ୍ଡଳୀର କିଛି ନୁଆ ସମୀକରଣକୁ ଇଙ୍ଗିତ କରୁଛି। ଏ ସମ୍ପର୍କରେ ପ୍ରାକ୍ତନ ଉପାଧ୍ୟକ୍ଷଙ୍କୁ ଯୋଗାଯୋଗ କରିବାରେ ଏହା କୌଣସି ଦଳୀୟ କାର୍ଯ୍ୟକ୍ରମ ନ ଥିଲା। ଜ୍ୟୋତି ପାଣିଗ୍ରାହୀଙ୍କ ସହ ତାଙ୍କର ବ୍ୟକ୍ତିଗତ ସମ୍ପର୍କ ରହିଛି। ଏଥିଯୋଗୁଁ ତାଙ୍କ ଜନ୍ମଦିନରେ ଶୁଭେଚ୍ଛା ଜଣାଇବାକୁ ସେମାନେ ଆସିଥିଲେ ବୋଲି କହିଛନ୍ତି। ପଞ୍ଚାୟତ ନିର୍ବାଚନ ପୂର୍ବରୁ ଦୂରେଇ ଯାଇଥିବା ଖାସ ଅନୁଗତଙ୍କୁ ଶ୍ରୀ ପାଣିଗ୍ରାହୀ ପାଖକୁ ଆଣିବାରେ ସକ୍ଷମ ହେବା ଏବେ ବିରୋଧୀଙ୍କୁ ଚିନ୍ତାରେ ପକାଇଛି।

## ପୂର୍ବତନ ଶିକ୍ଷକଙ୍କ ସଞ୍ଜୟ ବେହେରାଙ୍କ ବିୟୋଗରେ ଶୋକ

ଜଳେଶ୍ୱର ବ୍ଲକ, ୩।୧ (ସମିସ): ସରକାରୀ ଉଚ୍ଚ ବିଦ୍ୟାଳୟ ଓଲମରାର ପୂର୍ବତନ ଶିକ୍ଷକ ତଥା ପୂର୍ବତନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ଗିରିଶ ଚନ୍ଦ୍ର ବେହେରାଙ୍କ ଜ୍ୟେଷ୍ଠପୁତ୍ର ଏବଂ ଓଲମରା ପାଖ ଅଞ୍ଚଳ ରାଇବଣିଆର ରାୟ ବଳୀୟାର ସିଂ ଉଚ୍ଚ ବିଦ୍ୟାଳୟରୁ ଚଳିତବର୍ଷ ଏପ୍ରିଲ ୨୫ ତାରିଖରେ ଅବସର ନେଇଥିବା ପ୍ରଧାନଶିକ୍ଷକ ସଞ୍ଜୟ କୁମାର ବେହେରା ଗତ ଡିସେମ୍ବର ୩୦ ତାରିଖ ଅପରାହ୍ନ ୪ଟା ସମୟରେ ବାଲେଶ୍ୱର ହସ୍ପିଟାଲରେ ମୃତ୍ୟୁବରଣ କରିଥିଲେ। ସେ କିଛିଦିନ ହେଲା ଶ୍ୱାସ ଜନିତ ରୋଗରେ ଆକ୍ରାନ୍ତ ଥିଲେ। ଓଲମରା ଉଚ୍ଚ ବିଦ୍ୟାଳୟରେ ୧୯୮୬ ମସିହା ଜୁଲାଇ ୦୧ ତାରିଖରୁ ଗଣିତ ଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ। ଦୀର୍ଘ ୩୪ ବର୍ଷର କାର୍ଯ୍ୟପରେ ପ୍ରଧାନ ଶିକ୍ଷକ ପଦକୁ ଉତ୍ତୀର୍ଣ୍ଣ ହୋଇ ରାଇବଣିଆରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ ତୁଲାଇଥିଲେ। ମରଶରୀର ରାତିରେ ବିଦ୍ୟାଳୟରେ ପହଞ୍ଚିବା ପରେ ବିଦ୍ୟାଳୟର ଶିକ୍ଷକ, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ, ଆଲୁମିନି କମିଟିର ସଭ୍ୟ ସହିତ ବହୁ ମାନ୍ୟଗଣ୍ୟ ଭଦ୍ରବ୍ୟକ୍ତି ବିଦ୍ୟାଳୟରେ ଉପସ୍ଥିତ ରହି ଶେଷ ଦର୍ଶନ ସହ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଆଜି ବିଦ୍ୟାଳୟ ଖୋଲିବା ପରେ କମିଟିର ସଭାପତି ତାପସ ଦତ୍ତ ଏବଂ ପ୍ରଧାନ ଶିକ୍ଷକ ମଙ୍ଗଲ ମାରାଣ୍ଡି ଓ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ଉପସ୍ଥିତିରେ ପିଲାମାନଙ୍କୁ ନେଇ ତାଙ୍କ ଅମର ଆତ୍ମାର ଶାନ୍ତି ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ।

### ଭୋଗରାଇ ଉତ୍ସବ ତୃତୀୟ ସନ୍ଧ୍ୟା

# 'ଭୋଗରାଇର ଐତିହ୍ୟ, ପରମ୍ପରା ଅନନ୍ୟ'

ଭୋଗରାଇ, ୩।୧ (ସମିସ)



ଭୋଗରାଇ ମାଟିର ଅତୀତ ଐତିହ୍ୟ ଓ ପରମ୍ପରା ଅନନ୍ୟ ଓ ସୁଦୃଢ଼। ବଙ୍ଗ ସୀମାନ୍ତରେ ଥିବା ଏହି ଭୂଖଣ୍ଡ ସ୍ୱାଧୀନତାର ପୂର୍ବବର୍ତ୍ତୀ ବଙ୍ଗବାସୀଙ୍କ ଓଡ଼ିଆ ଭାଷା ବିରୋଧୀ ଅଭିଯାନ ଏବଂ ପରବର୍ତ୍ତୀ ସମୟରେ ଓଡ଼ିଶା ଭୂମିକୁ ଜବରଦଖଲ କରିବା ଉଦ୍ୟମକୁ ଦୃଢ଼ ପ୍ରତିହତ ଓ ପ୍ରତିରୋଧ କରି ଭୋଗରାଇବାସୀ ନିଜ ମାତୃଭାଷା ଓ ମାତୃଭୂମି ଅସ୍ମିତାକୁ ଅକ୍ଷୁର୍ଣ୍ଣ ରଖିବାରେ ସମର୍ଥ ହୋଇଅଛି। ସେଥିପାଇଁ ଭୋଗରାଇ ମାଟିର ସନ୍ତାନ ମାନେ ସମର୍ପିତ ଓଡ଼ିଆ ଭାବେ ସମଗ୍ର ରାଜ୍ୟରେ ଅବିସ୍ମରଣୀୟ ସମ୍ମାନର ଅଧିକାରୀ। ଏହା ସହିତ ଧାନ ପାନ ମୀନ ଜ୍ଞାନରେ ପରିପୂର୍ଣ୍ଣ ଭୋଗରାଇ ଅଞ୍ଚଳ କେବଳ ଭାରତରେ ନୁହେଁ ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏଣୁ ଭାଗ୍ୟରେ ଥିଲେ ଭୋଗରାଇ ବୋଲି ଲୋକକଥା ସମଗ୍ର ଓଡ଼ିଶାରେ ବିଦିତ ବୋଲି ଶନିବାର ଭୋଗରାଇ ଉତ୍ସବର ତୃତୀୟ ସନ୍ଧ୍ୟାରେ ଆୟୋଜିତ ସଭାରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି।

ଉତ୍ସବ କମିଟିର ଉପଦେଷ୍ଟା ରମାକାନ୍ତ କରଣଙ୍କ ପୌରହିତ୍ୟରେ ପରିଚାଳିତ ସଭାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ତଥା ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ କହିଥିଲେ ଯେ ଭୋଗରାଇ ଏକ କଳା ଓ ସଂସ୍କୃତିର ମାଟି, ଉତ୍ସବ କଳା ସଂସ୍କୃତିର ଉଜ୍ଜୀବିତ କରିଥାଏ। ମୁଖ୍ୟ ବକ୍ତା ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ କହିଥିଲେ ଯେ ଭୋଗରାଇ ହେଉଛି ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ ଓ କଳା ଓ ସାହିତ୍ୟର ମାଟି। ଏହାର ମହକ ସାରା ରାଜ୍ୟକୁ ମହକିତ କରିଛି। ସମ୍ମାନିତ ଅତିଥି ସାମ୍ବାଦିକ ଅନନ୍ତ ପ୍ରଧାନ ପ୍ରମୁଖ ଯୋଗ ଦେଇ ନିଜର ବକ୍ତବ୍ୟ ରଖିଥିଲେ। ଶ୍ରୀକୁମାର ଘୋଷ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଉତ୍ସବ କମିଟିର ସଦସ୍ୟ ରାଜକୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଦହମୁଣ୍ଡା ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ପାରାସିଟାମଲ ନାଟ୍ୟକାର ଦେବବ୍ରତ ଦେ, ନାଟ୍ୟ ନିର୍ଦ୍ଦେଶନକ ଚନ୍ଦନ କୁମାର ଦାସ, କଣ୍ଠଶିଳ୍ପୀ ସୁଶାନ୍ତ କୁମାର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚ ଆରମ୍ଭରେ ଦହମୁଣ୍ଡା ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପାରାସିଟାମଲ ନାଟକ ଅନୁଷ୍ଠିତ ହୋଇଥିଲା। ଭୋଗରାଇ ଉତ୍ସବ କମିଟିର ମୁଖ୍ୟ ଉପଦେଷ୍ଟା ଇଂ ରବିନ୍ଦ୍ର ମହାନ୍ତି, କୋଷାଧ୍ୟକ୍ଷ ରଘୁନାଥ ମହାନ୍ତି ମହାନ୍ତି, ପ୍ରଦୀପ ନାୟକ, ରାଜକୁମାର ଦାସ, ସନ୍ତୋଷ ଜେନା, ଗୋପବନ୍ଧୁ ମହାପାତ୍ର, ପରିମଳ ମହାନ୍ତି, ଦୀପେଶ ଚନ୍ଦ୍ର ରାୟ, ଅଂଶୁମାନ ମହାନ୍ତି, ବରେନ୍ଦ୍ର ପାତ୍ର, ମମତା ସାହୁ, ଆଶିଷ ମହାନ୍ତି, ନିଶେଷ ଦେବ, ତାପସ ଚନ୍ଦ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରୁଛନ୍ତି।

## ଗ୍ୟାସ ଟାଙ୍କି ଫାଟି ବୃଦ୍ଧା ଗୁରୁତର, କଟକ ସ୍ଥାନାନ୍ତର



ବାଲେଶ୍ୱର,୩।୧(ସମିସ): ବାଲେଶ୍ୱର ଟାଉନ ଥାନା ସୁନହଟସ୍ଥିତ ଧରେଇ ସାହିରେ ଶନିବାର ସକାଳେ ଗ୍ୟାସ ଟାଙ୍କି ଫାଟି ନିଆଁରେ ପୋଡ଼ି ହୋଇ ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି। ଗୁରୁତର ଆହତ ବୃଦ୍ଧା ହେଉଛନ୍ତି ସାବିତ୍ରୀ ରାଉତ (୭୬)। ଗ୍ୟାସରେ ରୋଷେଇ କରୁଥିବା ସମୟରେ ଏଭଳି ଅଘଟଣ ଘଟିଛି। ତାଙ୍କୁ ପ୍ରଥମେ ଜିଲ୍ଲା ମେଡିକାଲ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ସକାଳେ ସାବିତ୍ରୀ ରୋଷେଇ ଘରକୁ ଚା' ତିଆରି କରିବାକୁ ଯାଇଥିଲେ। ଗ୍ୟାସ ଚୁଲାରେ ଦିଆସିଲି ମାରିବା କ୍ଷଣି ନିଆଁ ଲାଗିଯାଇଥିଲା। କୌଣସି କାରଣରୁ ଗ୍ୟାସ ଲିକ୍ ହେବା ଯୋଗୁଁ ୪କେଜିର ଗ୍ୟାସ ସିଲିଣ୍ଡରଟି ଫାଟିଯାଇଥିଲା। ସେଠାରେ ଥିବା ଅନ୍ୟ ଏକ ସିଲିଣ୍ଡରରେ ନିଆଁ ଲାଗିଯିବା କାରଣରୁ ତାହା ମଧ୍ୟ ଫାଟି ଯାଇଥିଲା। ଫଳରେ ସାବିତ୍ରୀ ନିଆଁରେ ପୋଡ଼ି ହୋଇଯାଇଥିଲେ। ଖବର ପାଇ ଦମକଳ ବାହିନୀ ସେଠାରେ ପହଁଚି ନିଆଁକୁ ଆୟତ କରିଥିଲା। ଅନ୍ୟପଟେ ଗୁରୁତର ସାବିତ୍ରୀଙ୍କୁ ପରିବାର ଲୋକେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ତାଙ୍କର ଶରୀରର ବିଭିନ୍ନ ଅଂଶ ପୋଡିଯାଇଛି।

## ସମିତି ଓ ମିଲରଙ୍କ ମଧ୍ୟରେ ବିବାଦ

# ଜିଲ୍ଲାରେ ଧାନକିଣା ପ୍ରକ୍ରିୟା ବିଳମ୍ବିତ

ବାଲେଶ୍ୱର,୩।୧(ସମିସ)

ଗତବର୍ଷ ଧାନକିଣାରେ ବିଭ୍ରାଟ ଦେଖା ଦେବା ପରେ ଚଳିତ ବର୍ଷ ଏପର୍ଯ୍ୟନ୍ତ ମଣ୍ଡିରେ ଧାନ କିଣିବା ଆରମ୍ଭ ହୋଇ ପାରିନାହିଁ। ମଣ୍ଡିରେ ଧାନ କିଣା ନ ହେବା ଫଳରେ ଚାଷୀମାନେ ଧାନ ବିକ୍ରି କରିବାରୁ ବଂଚିତ ହୋଇଛନ୍ତି। ଅନ୍ୟପଟେ ସମବାୟ ସମିତି ଏବଂ ମିଲରମାନଙ୍କ ମଧ୍ୟରେ ବୁଝାମଣା ହୋଇପାରୁ ନ ଥିବାରୁ ଧାନମଣ୍ଡିରେ ଧାନ କିଣା ପ୍ରକିୟାରେ ବିଳମ୍ବ ହେଉଥିବା ନେଇ ଜରାଯାଇଛି।

ଜିଲ୍ଲା ଯୋଗାଣ ବିଭାଗ ଏବଂ ସମବାୟ ସମିତି ସମୂହରୁ ମିଳିଥିବା ତଥ୍ୟ ଅନୁସାରେ, ବାଲେଶ୍ୱର ଜିଲ୍ଲାରେ ଏବେ ମଣ୍ଡିରେ ଧାନ କିଣିବା ପାଇଁ ଟାର୍ଗେଟ ଆସିଛି। ଚଳିତ ବର୍ଷ ଜିଲ୍ଲାରୁ ବିଭିନ୍ନ ମଣ୍ଡିରୁ ଧାନ କିଣିବା ପାଇଁ ୧୬ଲକ୍ଷ ୮୩ହଜାର କ୍ୱିଣ୍ଟାଲ ଧାନର ଟାର୍ଗେଟ ଆସିଛି। ଏହି ଧାନ ଜିଲ୍ଲାରେ ଥିବା ୧୭୬ଟି ମଣ୍ଡିରୁ କିଣାଯିବ। ଚଳିତବର୍ଷ ମଣ୍ଡିରେ ଧାନ ଦେବା ପାଇଁ ୧ଲକ୍ଷ ୨୫ ହଜାର ୫୭୬ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ପଞ୍ଜିକରଣ ପ୍ରକ୍ରିୟାରେ ତଦନ୍ତ ସରିନଥିବାରୁ ପ୍ରକୃତରେ କେତେ ଚାଷୀ ପଞ୍ଜୀକରଣ ହୋଇଛନ୍ତି ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ। ଅନ୍ୟପଟେ ଜିଲ୍ଲାରେ ପଞ୍ଜିକରଣ କରିଥିବା ଚାଷୀମାନଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୭୦ହଜାର ଚାଷୀଙ୍କୁ ଟୋକନ ମଧ୍ୟ ପ୍ରଦାନ କରାଯାଇଛି। ତେବେ ପ୍ରଶ୍ନ ଉଠୁଛି ଯେ,ପଞ୍ଜିକରଣ ହେଲା ଏବଂ ଟୋକନ ମଧ୍ୟ ଚାଷୀଙ୍କ ପାଖକୁ ଗଲା ହେଲେ ମଣ୍ଡି ଖୋଲା ନହେବା କାରଣରୁ ମଣ୍ଡିରେ ଧାନ କିଣା ଆରମ୍ଭ ହୋଇପାରୁନଥିବା ବେଳେ ଚାଷୀଙ୍କୁ ମିଳିଥିବା ଟୋକନର ଅବଧି ମଧ୍ୟ ଶେଷ ହୋଇଯିବ। ଅନ୍ୟପଟେ ଦେଖିବାକୁ ଗଲେ ସମବାୟ ସମିତି ଓ ମିଲରମାନଙ୍କ ମଧ୍ୟରେ ବୁଝାମଣା ସଠିକ ହୋଇପାରିନଥିବାରୁ ମଣ୍ଡି ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ଖୋଲି ନାହିଁ। ତେବେ ଗତ ମାସ ୨୯ତାରିଖରେ ନାଁକୁ ମାତ୍ର ଜିଲ୍ଲାରେ ଗୋଟିଏ ମଣ୍ଡି ଅର୍ଥାତ ଅନ୍ତରା ମଣ୍ଡି ଖୋଲାଯାଇଛି ହେଲେ ଧାନ କିଣା ହୋଇନାହିଁ। ମୋଟାମୋଟି ଭାବେ କହିବାକୁ ଗଲେ ଜାନୁଆରୀ ମାସର ପ୍ରଥମ ସପ୍ତାହ ଚାଲୁଥିବା ବେଳେ ଜିଲ୍ଲାରୁ ଗୋଟିଏ ହେଲେ ବି ମଣ୍ଡିରୁ ଧାନ କିଣା ଆରମ୍ଭ ହୋଇପାରି ନାହିଁ। ସେହିପରି ହଳଦୀପଦାସ୍ଥିତ ପ୍ରାଥମିକ କୃଷି ସମବାୟ ସମିତିରେ ସମାନ ଅବସ୍ଥା। ସେଠାରେ ୧୦୩୮ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ କିଛି ଚାଷୀଙ୍କୁ ଟୋକନ ମଧ୍ୟ ଯାଇଛି। ହେଲେ ଆଜି ପର୍ଯ୍ୟନ୍ତ ଧାନ କିଣା ଆରମ୍ଭ ହୋଇପାରି ନାହିଁ। ଜିଲ୍ଲା ଯୋଗାଣ ବିଭାଗ ହାତ ବାନ୍ଧି ବସିଛି। ଜିଲ୍ଲାରେ ଚଳିତ ବର୍ଷ ୨୫ଟି ମିଲର ଧାନ କିଣିବା କଥା। ହେଲେ ସେଥିମଧ୍ୟରୁ ମାତ୍ର ୮ଟି ମିଲରଙ୍କ ସମବାୟ ସମିତିଙ୍କ ସହ ବୁଝାମଣା ସ୍ୱାକ୍ଷର ହୋଇଛି। ବାକି ସ୍ୱାକ୍ଷର ହୋଇନପାରିବା କାରଣରୁ ଜିଲ୍ଲାରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଏ ନେଇ ଜିଲ୍ଲା ଯୋଗାଣ ଅଧିକାରୀ ସ୍ମିତା ନାୟକ କହିଛନ୍ତି ଯେ, ଜିଲ୍ଲାକୁ ଧାନର ଟାର୍ଗେଟ ପ୍ରଦାନ କରାଯାଇଛି। ହେଲେ ଏବେ ସୁଦ୍ଧା ଧାନ କିଣା ଆରମ୍ଭ ହୋଇପାରି ନାହିଁ। ଏହାର କାରଣ ହେଉଛି ସମିତି ଓ ମିଲରମାନଙ୍କ ମଧ୍ୟରେ ଉପୁଜିଥିବା ବିବାଦ। ସମିତିମାନଙ୍କର କିଛି ଦାବି ରହିଛି। ଯାହାଫଳରେ ମିଲରମାନଙ୍କ ସହ ବୁଝାମଣା ହୋଇପାରୁ ନାହିଁ। ଏ ନେଇ ଆଜି ଏକ ବୈଠକ ଅନୁଷ୍ଠିତ ହୋଇଛି। ଚଳିତ ସପ୍ତାହରେ ମିଲରଙ୍କ ସହ ବୁଝାମଣା ସ୍ୱାକ୍ଷର ହେବା ପରେ ଆସନ୍ତା ସପ୍ତାହ ପାଖରୁ ଧାନ କିଣା ଆରମ୍ଭ ହେବ ବୋଲି ସେ କହିଛନ୍ତି। ସେହିପରି ସମବାୟସମିତି ସମୂହ ବାଲେଶ୍ୱର ଡିଭିଜନର ଉପନିବନ୍ଧକ ସରୋଜିନି ନାୟକ କହିଛନ୍ତି ଯେ, ଏହି ସମସ୍ୟା ଖୁବ୍‌ଶିଘ୍ର ଶେଷ ହୋଇ ଧାନ କିଣା ଆରମ୍ଭ ହେବ।

# ଫକୀରମୋହନ ସାହିତ୍ୟ ପରିଷଦର ସମ୍ମାନ ଓ ପୁରସ୍କାର ଘୋଷିତ

ବାଲେଶ୍ୱର, ୩।୧ (ସମିସ): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଆସନ୍ତା ୧୩ରୁ ୧୬ ତାରିଖ ପର୍ଯ୍ୟନ୍ତ କଥାସମ୍ରାଟ ଫକୀରମୋହନ ସେନାପତିଙ୍କ ୧୮୪ ତମ ଜୟନ୍ତୀ ଓ ପରିଷଦର ୭୯ତମ ବାର୍ଷିକ ଉତ୍ସବ ପାଳନ କରାଯିବ। ଏହି ଅବସରରେ ଓଡ଼ିଶାର ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ୨୪ଜଣ ଲବ୍ଧପ୍ରତିଷ୍ଠ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯିବ। ବିଶିଷ୍ଟ କଥାକାର ପ୍ରଫେସର ରାମଚନ୍ଦ୍ର ବେହେରା ପରିଷଦର ସର୍ବୋଚ୍ଚ ପୁରସ୍କାର "ସାହିତ୍ୟଶ୍ରୀ' ଓ ଯୁବ ସାହିତ୍ୟିକା ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ "ହାଜି ଅସରଫ ଅଲ୍ଲୀ ଉଦୟ ପ୍ରତିଭା' ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଏହାବ୍ୟତୀତ ସନ୍ତୋଷ ରଥ (ପ୍ରବନ୍ଧ), ଦିଲ୍ଲୀପ ସ୍ୱାଇଁ (ସମାଲୋଚନା), ଇନ୍ଦିରା ଦାଶ (କବିତା), ଅରବିନ୍ଦ ରାୟ (ଗଳ୍ପ), ଭାନୁମତୀ ସାହୁ (ଉପନ୍ୟାସ), ମିହିର ମେହେର (ନାଟକ), ପ୍ରଶାନ୍ତ ଦାସ (ଗୀତିକବିତା), ସତ୍ୟନାରାୟଣ ପଣ୍ଡା (ଅନୁବାଦ), ବାଇଡଙ୍କ



ରାମଚନ୍ଦ୍ର ବେହେରା



ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ

**ଡ. ରାମଚନ୍ଦ୍ର ବେହେରାଙ୍କୁ 'ସାହିତ୍ୟଶ୍ରୀ' ଓ ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସଙ୍କୁ 'ଉଦୟ ପ୍ରତିଭା ପୁରସ୍କାର'**

ବାବା (ବ୍ୟଙ୍ଗ ସାହିତ୍ୟ), ସୁଚିତ୍ରା ପାଣିଗ୍ରାହୀ (ଶିଶୁ ସାହିତ୍ୟ), ଶ୍ରୀକାନ୍ତ ଚାଟାର୍ଜୀ (ସମ୍ବାଦ ସାହିତ୍ୟ), ଜ୍ଞାନରଂଜନ ପତି (ଜଗନ୍ନାଥ ସଂସ୍କୃତି ସାହିତ୍ୟ), ମୈତ୍ରେୟୀ କମିଳା (ସାହିତ୍ୟ ସଂଗଠନ), ସୁଶାନ୍ତ ନାୟକ (ପତ୍ରିକା ସଂପାଦନା), ସନ୍ତୋଷ ପାତ୍ର (ସାହିତ୍ୟ ଓ ସମାଜସେବା), ସିନ୍ଧୁ ସେନ (ଆଧ୍ୟାତ୍ମିକ ସାହିତ୍ୟ), ପୁଷ୍ପାଞ୍ଜଳି କର (ଭ୍ରମଣ ସାହିତ୍ୟ), ପ୍ରତିଭା ଦାସ (ଆତ୍ମଜୀବନୀ), ଅନିନ୍ଦିତ ଦାସ (ସଙ୍ଗୀତଶ୍ରୀ), ମନୋରଞ୍ଜନ ପଣ୍ଡା (ବାଦ୍ୟଯନ୍ତ୍ର ବିଶାରଦ), ଜୟକୃଷ୍ଣ ପାଣିଗ୍ରାହୀ (ବିଜ୍ଞାନ ସାହିତ୍ୟ), କେଦାର ନାୟକ (ଚିତ୍ରକଳା)ଙ୍କୁ ସମ୍ମାନିତ କରାଯିବ। ଏବର୍ଷ ପାଇଁ ଫକୀରମୋହନ ସାହିତ୍ୟ ପରିଷଦର ବରିଷ୍ଠ ସଦସ୍ୟ ପ୍ରଶାନ୍ତ ମହାନ୍ତିଙ୍କୁ 'ପରିଷଦ ଗୌରବ' ସମ୍ମାନରେ ସମ୍ମାନିତ କରାଯିବ। ଚାରିଦିନ ବ୍ୟାପି ସାହିତ୍ୟ ସଭା, ବିଭିନ୍ନ ପ୍ରତିଯୋଗିତା, ଯୁଗ ଉତ୍ସବ ଓ ନାଟକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ ବୋଲି ପରିଷଦ ପକ୍ଷରୁ ପ୍ରକାଶ କରାଯାଇଛି।

# ନାବାଳିକା ଅପହରଣକୁ ୧୮ ଦିନ, କାର୍ଯ୍ୟାନୁଷ୍ଠାନ ଶୂନ୍

ବାଲେଶ୍ୱର,୩।୧(ସମିସ): ବାଲେଶ୍ୱର ସଦର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ଘଟଣାକୁ ଆଜି ୧୮ଦିନ ବିତିଯାଇଥିଲେ ସୁଦ୍ଧା ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ସଦର ଥାନା ଅଞ୍ଚଳର ୧୬ବର୍ଷର ନାବାଳିକା ଜଣଙ୍କ ଏକ କଲେଜରେ ପାଠ ପଢ଼ନ୍ତି। ଏକ ବର୍ଷ ପୂର୍ବରୁ ଜଣେ ଯୁବକ ଆସି ତାଙ୍କ ନାବାଳିକା ଝିଅକୁ ବିବାହ କରିଛି ବୋଲି କହିଥିଲା। ହେଲେ ନାବାଳିକାଙ୍କ ବାପା ଏହାର ପ୍ରମାଣ ମାଗିବାରୁ ସେ କୌଣସି ସନ୍ତୋଷ ଜନକ ଉତ୍ତର ଦେଇପାରିନଥିଲେ। ହେଲେ ଗତମାସ ୧୬ତାରିଖରେ ତାଙ୍କ ଝିଅ ଘରକୁ ଆସୁଥିବା ବେଳେ ନିଧିପଣ୍ଡା ଛକ ଠାରେ ଉକ୍ତ ଯୁବକ ଜଣଙ୍କ ତାଙ୍କୁ ଅପହରଣ କରିନେଇଛନ୍ତି ବୋଲି ଥାନାରେ ଅଭିଯୋଗ କରି ଝିଅକୁ ଉଦ୍ଧାର କରିବା ପାଇଁ ଗୁହାରି କରିଥିଲେ। ତେବେ ଏହି ଘଟଣାକୁ ଆଜକୁ ୧୮ ଦିନ ବିତିଯାଇଥିଲେ ସୁଦ୍ଧା ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ।




ଜାନୁଆରୀ ପହିଲାରୁ
ପୂର୍ବ ତଟ ରେଳପଥ ଦ୍ୱାରା
ନୂତନ ସମୟ ସାରଣୀ
2026
(ସମୟ ପରିବର୍ତ୍ତନର ମୁଖ୍ୟ ବୈଶିଷ୍ଟ୍ୟ)

**ନୂତନ ଟ୍ରେନ୍ ପ୍ରଚଳନ**

| କ୍ରମ ନଂ. | ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ଚଳାଚଳ ଦିବସ | କାର୍ଯ୍ୟକାରୀ ହେବା ତାରିଖ |
|---|---|---|---|---|
| 1 | 19021 | ଉଧନା ଜଂ - ବ୍ରହ୍ମପୁର | ସାପ୍ତାହିକ | 05.10.2025 |
| 2 | 19022 | ବ୍ରହ୍ମପୁର - ଉଧନା ଜଂ | ସାପ୍ତାହିକ | 06.10.2025 |
| 3 | 18311 | ସମ୍ବଲପୁର - ବୌଦ୍ଧ | ସାପ୍ତାହିକ | 22.06.2025 |
| 4 | 18312 | ବୌଦ୍ଧ - ସମ୍ବଲପୁର | ସାପ୍ତାହିକ | 24.06.2025 |
| 5 | 18313 | ବୌଦ୍ଧ - ଭୁବନେଶ୍ୱର ନୂଆ | ସାପ୍ତାହିକ | 23.06.2025 |
| 6 | 18314 | ଭୁବନେଶ୍ୱର ନୂଆ - ବୌଦ୍ଧ | ସାପ୍ତାହିକ | 23.06.2025 |

**ଟ୍ରେନଗୁଡ଼ିକର ସଂପ୍ରସାରଣ**

| କ୍ରମ ନଂ. | ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ସଂପ୍ରସାରିତ ସ୍ଥାନ | w.e.f |
|---|---|---|---|---|
| 1 | 12871 | ହାୱଡ଼ା - ଟିଟିଲାଗଡ଼ | ଜୁନାଗଡ଼ ରୋଡ୍ | ପରେ ସୂଚିତ କରାଯିବ |
| 2 | 12872 | ଟିଟିଲାଗଡ଼ - ହାୱଡ଼ା | ଜୁନାଗଡ଼ ରୋଡ୍ | |
| 3 | 58305 | ବଲାଙ୍ଗୀର - ସୋନପୁର | ପୁରୁଣାକଟକ | 23.06.2025 |
| 4 | 58306 | ସୋନପୁର - ବଲାଙ୍ଗୀର | ପୁରୁଣାକଟକ | 23.06.2025 |
| 5 | 58307 | ବଲାଙ୍ଗୀର - ସୋନପୁର | ପୁରୁଣାକଟକ | 23.06.2025 |
| 6 | 58308 | ସୋନପୁର - ବଲାଙ୍ଗୀର | ପୁରୁଣାକଟକ | 23.06.2025 |
| 7 | 12893 | ଭୁବନେଶ୍ୱର - ସୋନପୁର | ପୁରୁଣାକଟକ | 23.06.2025 |
| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ସମ୍ବଲପୁର | 0850 | 0900 |
| ରାୟଗଡ଼ା | 1510 | 1535 |
| କୋରାପୁଟ | 1915 | 1940 |
| ଜଗଦଲପୁର | 2230 | - |

**18529 (ଦୁର୍ଗ - ବିଶାଖାପାଟଣା) ଏକ୍ସପ୍ରେସ**

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ଟିଟିଲାଗଡ଼ | 0010 | 0020 |
| ସିଙ୍ଗାପୁର ରୋଡ୍ | 0453 | 0455 |
| ରାୟଗଡ଼ା | 0520 | 0530 |
| ପାର୍ବତୀପୁରମ | 0625 | 0630 |
| ବୋବିଲି | 0655 | 0700 |
| କୋତ୍ତଭଲସା | 0830 | 0832 |
| ଶିମହାଚଳମ | 0926 | 0928 |
| ବିଶାଖାପାଟଣା | 1005 | - |

**18451 (ହାଟିଆ - ପୁରୀ) ତପସ୍ୱିନୀ ଏକ୍ସପ୍ରେସ**

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ସମ୍ବଲପୁର | 2205 | 2225 |
| ଅନୁଗୁଳ | 0134 | 0136 |
| ତାଳଚେର | 0150 | 0210 |
| କଟକ | 0345 | 0350 |
| ଭୁବନେଶ୍ୱର | 0430 | 0440 |
| ଖୋର୍ଦ୍ଧା ରୋଡ୍ | 0500 | 0505 |
| ପୁରୀ | 0655 | - |

**22865 (ଲୋକମାନ୍ୟ ତିଲକ ଟର୍ମିନସ - ପୁରୀ) ଏକ୍ସପ୍ରେସ**

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ସମ୍ବଲପୁର | 0010 | 0030 |
| ଅନୁଗୁଳ | 0314 | 0316 |
| କଟକ | 0545 | 0550 |

**13351 (ଧାନବାଦ - ଆଲେପି) ଏକ୍ସପ୍ରେସ**

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ଟିଟିଲାଗଡ଼ | 0120 | 0130 |

**20807 (ବିଶାଖାପାଟଣା - ଅମୃତସର) ଏକ୍ସପ୍ରେସ**

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ସମ୍ବଲପୁର | 1250 | 1310 |

**20862 (ଅହମଦାବାଦ - ପୁରୀ) ଏକ୍ସପ୍ରେସ**

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ଟିଟିଲାଗଡ଼ | 1935 | 1955 |
| ବଲାଙ୍ଗୀର | 2045 | 2050 |
| ବରଗଡ଼ | 2143 | 2145 |
| ହୀରାକୁଦ | 2223 | 2225 |
| ସମ୍ବଲପୁର | 2245 | 2255 |
| ରେଢାଖୋଲ | 0010 | 0012 |
| ବଇଣ୍ଡା | 0208 | 0210 |

**18422 (ସୋନପୁର - ପୁରୀ) ଏକ୍ସପ୍ରେସ**

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ବଲାଙ୍ଗୀର | 2030 | 2050 |
| ବରଗଡ଼ | 2140 | 2145 |
| ହୀରାକୁଦ | 2223 | 2225 |
| ସମ୍ବଲପୁର | 2245 | 2255 |
| ରେଢାଖୋଲ | 0010 | 0012 |
| ବଇଣ୍ଡା | 0208 | 0210 |

ପୂର୍ବ ତଟ ରେଳପଥ

ଡାଏଲ କରନ୍ତୁ 139
- ସୁରକ୍ଷା ସମ୍ବନ୍ଧୀୟ
- ଡାକ୍ତରୀ ସହାୟତା
- କୋଚ୍ ସଫା କରିବା
- କ୍ୟାଟରିଂ ଅଭିଯୋଗ
- ଭିଜିଲାନ୍ସ ଓ ଦୁର୍ନୀତି ନିବାରଣ
- ପିଏନଆର ସ୍ଥିତି, ଟ୍ରେନ ସ୍ଥିତି ଇତ୍ୟାଦି
- ଟ୍ରେନ୍ ଭିତରେ ଅଭିଯୋଗ

www.eastcoastrail.indianrailways.gov.in | /@EASTCOASTRailway1 | /@EastCoastRail

D-9/25-26

# ମୁହାଁମୁହିଁ ଧକ୍କା ପରେ ଜଳିଗଲା କାର୍, ବୁଲେଟ୍

ଟିକାବାଲି,୩।୧(ସମିସ):



ଦୁଇ ଭାଇ ଗୁରୁତର

କନ୍ଧମାଳ ଜିଲ୍ଲା ଟିକାବାଲି ଥାନା ଢୁଙ୍ଗି ନିକଟରେ ଏକ କାର୍ ଓ ବୁଲେଟ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଉଭୟ ଗାଡ଼ିରେ ନିଆଁ ଲାଗିଯାଇଥିଲା। ଏହି ଦୁର୍ଘଟଣାରେ ଦୁଇଭାଇ ଗୁରୁତର ଆହତ ହୋଇ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଛନ୍ତି।

ସୂଚନା ମୁତାବକ, ଟିକାବାଲି ଥାନା ବେଡ଼ାସୁଗା ଗ୍ରାମର ପର୍ଶୁରାମ ନାୟକଙ୍କ ଦୁଇ ପୁଅ ରାଜେଶ ନାୟକ (୨୨) ଏବଂ ସିପୁ ନାୟକ (୧୯) ଆଜି ସକାଳେ ଏକ ବୁଲେଟ୍‌ରେ ଭଞ୍ଜନଗର ବ୍ଲକ କୁଲାଙ୍ଗୀ ଅଭିମୁଖେ ଔଷଧ ଆଣିବାକୁ ବାହାରିଥିଲେ। ମାତ୍ର ଢୁଙ୍ଗି ନିକଟରେ ପହଞ୍ଚିବା ବେଳକୁ ବିପରୀତ ଦିଗ ଅର୍ଥାତ୍ କଳିଙ୍ଗା ପଟରୁ ଭଞ୍ଜନଗରରୁ ରାଉରକେଲା ଯାଉଥିବା ଏକ କାର୍ ସହ ଧକ୍କା ହୋଇଥିଲା। ଦୁର୍ଘଟଣାରେ ବୁଲେଟରେ ବସିଥିବା ରାଜେଶ ଓ ସିପୁ ଗାଡ଼ିରୁ ବହୁ ଦୂରକୁ ଛିଟିକି ପଡ଼ିଥିଲେ। ଦୁର୍ଘଟଣାର କିଛି ସେକେଣ୍ଡ ମଧ୍ୟରେ ଉଭୟ କାର୍ ଏବଂ ବୁଲେଟ୍‌ରେ ନିଆଁ ଲାଗିଯାଇଥିଲା। ସୌଭାଗ୍ୟବଶତଃ କାରରେ ଥିବା ଦମ୍ପତି ନିଆଁ ବ୍ୟାପିବା ପୂର୍ବରୁ ବାହାରକୁ ବାହାରି ଆସିବାରେ ସଫଳ ହୋଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହତ ଦୁଇ ଭାଇଙ୍କୁ ଉଦ୍ଧାର କରିବା ସହ ଟିକାବାଲି ପୁଲିସ ଓ ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ବେଳେ ପୁଲିସ ସହାୟତାରେ ଆହତଙ୍କୁ ପ୍ରଥମେ ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଉଭୟଙ୍କ ଅବସ୍ଥା ଅତ୍ୟନ୍ତ ସଂକଟାପନ୍ନ ଥିବାରୁ ପ୍ରଥମେ ରାଜେଶଙ୍କୁ ଏବଂ ପରେ ସନ୍ଧ୍ୟାରେ ସିପୁଙ୍କୁ ଏମ୍ସ ସ୍ଥାନାନ୍ତର କରାଯାଇଛି। ରାଜେଶଙ୍କ ଅବସ୍ଥା ଅଧିକ ଉଦ୍‌ବେଗଜନକ ଥିବା ଜଣାପଡିଛି। ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

# ବୁଲେଟ୍‌ର ବିକଟାଳ ଶବ୍ଦକୁ ନେଇ ୨ ଗୋଷ୍ଠୀ ମୁହାଁମୁହିଁ

**ପୁଲିସ ଓ ପ୍ରଶାସନ ପକ୍ଷରୁ ଶାନ୍ତି ପାଇଁ ବୈଠକ**



**ଗୁମ୍ମା,୩।୧(ସମିସ):** ବୁଲେଟ୍‌ର ବିକଟାଳ ଶବ୍ଦକୁ ନେଇ ଗଜପତି ଜିଲ୍ଲା ସେରଙ୍ଗ ଥାନା ଅନ୍ତର୍ଗତ ଗାଇବା ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ ମାର୍‌ପିଟ୍ ହୋଇଛି। ଗାଇବା ପାଇକ ସାହିରେ ଖ୍ରୀଷ୍ଟିଆନ ସାହିର ଦୁଇଜଣ ଯୁବକ ବୁଲେଟ ଗାଡ଼ିରେ ପ୍ରଚଣ୍ଡ ଶବ୍ଦ କରି ସାହି ଭିତରେ ଯିବାଆସିବା କରିବାବେଳେ ପାଇକ ସାହିର ଯୁବକ ଉକ୍ତ ଯୁବକଙ୍କୁ ଏପରି ବିକଟାଳ ଶବ୍ଦ ନ କରିବାକୁ କହିଥିଲେ। ଫଳରେ ଯୁବକଙ୍କ ସମର୍ଥନରେ ଆସି ଖ୍ରୀଷ୍ଟିଆନ ସାହିର କିଛି ଯୁବକ ପାଇକ ସାହି ଭିତରେ ପଶି ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହ ମାର୍‌ପିଟ୍ କରିଥିଲେ। ଘଟଣାସ୍ଥଳରେ ସେରଙ୍ଗ ଥାନା ଅଧିକାରୀ ପ୍ରମୋଦ କୁମାର ଖଣ୍ଡୁଆଳ ଓ ଗାଇବା ପୁଲିସ ଫାଣ୍ଡି ଅଧିକାରୀ ରାମକୃଷ୍ଣ ଦାସ ପହଁଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲେ। ଘଟଣା ସମ୍ପର୍କରେ ଜାଣିବା ପରେ ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡା ପହଞ୍ଚି ଆହତ ଯୁବକଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଚିକିତ୍ସା କରାଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ପାରଳାଖେମୁଣ୍ଡି ଏସ୍‌ଡିପିଓ ରାମକୃଷ୍ଣ ପତି, ଗୁମ୍ମା ତହସିଲଦାର ଶରତ ଶବର, ସେରଙ୍ଗ ଥାନା ଅଧିକାରୀ ପ୍ରମୋଦ କୁମାର ଖଣ୍ଡୁଆଳ ଓ ଗାଇବା ଫାଣ୍ଡି ଅଧିକାରୀ ରାମକୃଷ୍ଣ ଦାସଙ୍କ ଉପସ୍ଥିତରେ ଗାଇବା ଫାଣ୍ଡିରେ ଉଭୟ ସାହିର ଭଦ୍ରବ୍ୟକ୍ତିଙ୍କ ମଧ୍ୟରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଉଭୟ ଗୋଷ୍ଠୀର ମତାମତ ଅନୁସାରେ ମଦ ଯୋଗୁ ଏପରି ସମସ୍ୟା ସୃଷ୍ଟି ହୋଇଛି ବୋଲି ପାଉଲ ପାଣି, ବିକ୍ରମ ପୂଜାରୀ, ସୁରେଶ ପୂଜାରୀ ଓ ଭଦ୍ରବ୍ୟକ୍ତି ମତ ରଖିଥିଲେ। ପରେ ଉଭୟ ଗୋଷ୍ଠୀ ମଧ୍ୟରେ ଉତ୍ତମ ସମ୍ପର୍କ ସ୍ଥାପନ କରିବା ସହ ଭାଇଚାରା ସ୍ଥାପନ କରିବା ପାଇଁ ସହ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା।

# ୭୫ ଏକର ଜମିରୁ ଗଞ୍ଜେଇ ଗଛ ନଷ୍ଟ



**ଟିକାବାଲି,୩।୧(ସମିସ):** ଟିକାବାଲି ଅଞ୍ଚଳରେ ବେଆଇନ ଗଞ୍ଜେଇ ଚାଷ ବିରୋଧରେ ପୁଲିସ ଏବଂ ପ୍ରଶାସନ ପକ୍ଷରୁ ଏକ ବଡ଼ ଧରଣର ମିଳିତ ଚଢ଼ଉ କରାଯାଇଛି। ଟିକାବାଲି ଥାନା ଅନ୍ତର୍ଗତ କଇଁଝର ଏବଂ ଗାର୍ଡିଙ୍ଗିଆ ପଞ୍ଚାୟତର ବିଭିନ୍ନ ଦୁର୍ଗମ ସ୍ଥାନରେ ଚାଷ ହୋଇଥିବା ପ୍ରାୟ ୭୫ ଏକର ବେଆଇନ ଗଞ୍ଜେଇ ଗଛକୁ ପୁଲିସ କାଟି ପୋଡ଼ି ନଷ୍ଟ କରିଛି। ଟିକାବାଲି ଥାନା ଅଧିକାରୀ ପ୍ରଜ୍ଞା ରିତାମ୍ବର କରଙ୍କ ନେତୃତ୍ୱରେ ଏହି ଅପରେସନ କରାଯାଇଥିଲା। ଟିକାବାଲି ତହସିଲଦାର ମାଜିଷ୍ଟ୍ରେଟ୍ ଭାବେ ଉପସ୍ଥିତ ଥିଲେ।

# ପୌଷ ପୂର୍ଣ୍ଣିମା ପାଇଁ ମହାପ୍ରଭୁଙ୍କ ସୁନାବେଶ

**ଜି.ଉଦୟଗିରି,୩।୧(ସମିସ):** ପୌଷ ପୂର୍ଣ୍ଣିମା ଅବସରରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁ ସୁନା ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ମନ୍ଦିର ପୂଜକ ଅଚ୍ୟୁତାନନ୍ଦ ପଣ୍ଡା ମହାପ୍ରଭୁ ଜଗନ୍ନାଥ, ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରାଙ୍କୁ ବିଭିନ୍ନ ଅଳଙ୍କାରରେ ସୁନା ବେଶରେ ସୁସଜ୍ଜିତ କରିଥିଲେ। ଏହି ଅବସରରେ ମା' ଲକ୍ଷ୍ମୀଙ୍କୁ ମଧ୍ୟ ସୁନା ଅଳଙ୍କାର ପିନ୍ଧେଇ ସୁନା ବେଶରେ ସଜ୍ଜିତ କରାଯାଇଥିଲା। ପୁଷ ପୂର୍ଣ୍ଣିମାର ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କାଳୁ ଚରଣ ପଣ୍ଡା, ଚନ୍ଦ୍ର ଶେଖର ପଣ୍ଡା, ମାନସ ରଞ୍ଜନ ପଣ୍ଡା ସହଯୋଗ କରିଥିବା ବେଳେ ମନ୍ଦିର ପରିଚାଳନା କମିଟି ସଭାପତି ସମୀର କୁମାର ପାଢୀ, କୋଷାଧ୍ୟକ୍ଷ ଗଣେଶ୍ୱର ପାଢ଼ୀ, ସଭ୍ୟ ହେମନ୍ତ ପାଣିଗ୍ରାହୀ ସହଯୋଗ କରିଥିଲେ। ଶନିବାର ପୌଷ ପୂର୍ଣ୍ଣିମାରେ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ ନିମନ୍ତେ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସନ୍ଧ୍ୟା ବେଳେ ମନ୍ଦିର ପରିସରରେ ଅନୁଷ୍ଠିତ ଠାକୁରଙ୍କ ମହା ଆଳତୀ ଦେଖିବାକୁ ଭକ୍ତଙ୍କ ପ୍ରବଳ ଗହଳି ହୋଇଥିଲା।

# ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଫୁଲବାଣୀ,୩।୧(ସମିସ):** ପାରିବାରିକ କଳହରୁ ଦଉଡି ଲଗାଇ ଝୁଲିପଡ଼ିଲେ ମହିଳା। ଘଟଣା ଘଟିଛି ଫୁଲବାଣୀ ଟାଉନ୍ ଥାନା ଅନ୍ତର୍ଗତ ଜଗନ୍ନାଥ ସାହିରେ। ମୃତକ ହେଲେ ଶିବଚନ୍ଦ୍ର ନାୟକଙ୍କ ସ୍ତ୍ରୀ ରଶ୍ମିତା ନାୟକ (୩୨)। ଶୁକ୍ରବାର ରାତିରେ କୌଣସି କାରଣକୁ ନେଇ ଘରେ ପାଟିତୁଣ୍ଡ ହୋଇଥିଲା। ଏହାପରେ ରଶ୍ମିତା ଏକୁଟିଆ ଏକ କୋଠରୀରେ ଶୋଇଥିଲେ। ସକାଳେ ସେ ଘର ଭିତରେ ଫ୍ୟାନରେ ଦଉଡି ଲଗାଇ ଝୁଲି ରହିଥିବା ଦେଖି ପରିବାର ଲୋକେ ଟାଉନ୍ ଥାନାକୁ ଜଣାଇଥିଲେ। ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିନଥିଲେ ମଧ୍ୟ ଏହା ପାରିବାରିକ କଳହ ଜନିତ ଆତ୍ମହତ୍ୟା ହୋଇଥିବା ଅନୁମାନ କରାଯାଉଛି ବୋଲି ଏସ୍‌ଆଇ ମନୋରଞ୍ଜନ ଭୋଇ କହିଛନ୍ତି। ଟାଉନ୍ ଥାନାରେ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ୩୦୦ ଅସହାୟଙ୍କୁ କମ୍ବଳ ବଣ୍ଟନ

**ଟିକାବାଲି,୩।୧(ସମିସ):** ଟିକାବାଲି ବ୍ଲକ କଟିମାହାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅନନ୍ତ ଦୀପ୍ତି ଆଶା ଟ୍ରଷ୍ଟ ପକ୍ଷରୁ ୩୦୦ ଗରିବ, ନିରୀହ ଓ ଅସହାୟ ବ୍ୟକ୍ତିଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଟିକାବାଲି ବ୍ଲକ ଅଧ୍ୟକ୍ଷ ଦିଲୀପ କହଁର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମାଜର ଅବହେଳିତ ଶ୍ରେଣୀର ଲୋକଙ୍କ ସେବା କରିବା ହିଁ ପ୍ରକୃତ ଧର୍ମ। ଅନନ୍ତ ଦୀପ୍ତି ଆଶା ଟ୍ରଷ୍ଟ ଯେଉଁଭଳି ଭାବେ ଜନକଲ୍ୟାଣକାରୀ କାର୍ଯ୍ୟ ଜାରି ରଖିଛି ତାହା ଅନ୍ୟମାନଙ୍କ ପାଇଁ ଏକ ପ୍ରେରଣା ବୋଲି ଅଧ୍ୟକ୍ଷ ଶ୍ରୀ କହଁର କହିଥିଲେ। ସୁଲତା ଦିଗାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କମ୍ବଳ ବଣ୍ଟନ ସମୟରେ ସମାଜସେବୀ ଯୋଶେଫ ଦିଗାଳ, ମନୁ ଦିଗାଳ ଓ ଆକୁଳାନନ୍ଦ ପ୍ରମୁଖ ଉପସ୍ଥିତ ରହି ସ୍ୱେଚ୍ଛାକୃତ ଭାବେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଏହି ଶିବିରରେ କଟିମାହା ପଞ୍ଚାୟତ ଏବଂ କଇଁଝର ପଞ୍ଚାୟତର ବହୁ ସଂଖ୍ୟକ ବୃଦ୍ଧବୃଦ୍ଧା ଓ ଅସହାୟ ଲୋକ ଉପସ୍ଥିତ ରହି କମ୍ବଳ ଗ୍ରହଣ କରିଥିଲେ।



# ଯୁବ ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ



**ପାରଳାଖେମୁଣ୍ଡି,୩।୧(ସମିସ):** ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଗଜପତି ଶାଖା ତରଫରୁ ଏକ ପ୍ରସ୍ତୁତି ବୈଠକ ଉପାନ୍ତପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜାନୁଆରୀ ୧୨ ଦିନ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଅବସରରେ ଯୁବ ଦିବସକୁ ଏକ ଜାତୀୟ ପର୍ବ ଭାବେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ବିଭିନ୍ନ ମହାବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ସ୍ତରରେ ବରିଷ୍ଠ ଓ କନିଷ୍ଠ ବର୍ଗ ମଧ୍ୟରେ ସ୍ୱାମୀ ବିବେକାନନ୍ଦଙ୍କ ଜୀବନ ମାର୍ଗକୁ ଆଧାରିତ କରି ବରିଷ୍ଠ ବର୍ଗଙ୍କ ପାଇଁ ଭାରତର ଉତ୍‌ଥାନ କ୍ଷେତ୍ରରେ ଯୁବ ଶକ୍ତିଙ୍କ ଆଦର୍ଶ ସ୍ୱାମୀ ବିବେକାନନ୍ଦ ଓ କନିଷ୍ଠ ବର୍ଗଙ୍କ ପାଇଁ ଉଚ୍ଚ ମାଧ୍ୟମିକ ସ୍କୁଲ ସ୍ତରରେ ଭାରତର ଧାର୍ମିକ ସ୍ୱାଭିମାନ ଓ ସ୍ୱାମୀ ବିବେକାନନ୍ଦ ବିଷୟରେ ବକ୍ତୃତା ପ୍ରତିଯୋଗିତା ଆସନ୍ତା ରବିବାର ୧୧ ତାରିଖରେ ଉତ୍କଳ ହିତୈଷିଣୀ ସମାଜ ସଭାଗୃହ, ଭଣ୍ଡାରୀ ସାହିରେ କରିବାକୁ ସ୍ଥିର କରାଯାଇଛି। ସେହିଭଳି ଏହି ଜୟନ୍ତୀ ସମାହୋରକୁ ୧୨ ତାରିଖ ଦିନ ବଡ଼ ଧରଣର ପାଳନ କରି ସେହି ଦିନ ଏହି ପୁରସ୍କାର ପ୍ରଦାନ କରିବା ସହ ପୂର୍ବରୁ କରାଯାଇଥିବା ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାର ପୁରସ୍କାର ବିତରଣ କରିବା ସହ ସ୍ୱାମୀଜୀଙ୍କ ଜୀବନ ଆଧାରିତ ସଭା କରିବା ପାଇଁ ସ୍ଥିର ହୋଇଛି। ଏହି ଅବସରରେ ଉପସଭାପତି ବିଚିତ୍ରାନନ୍ଦ ବେବର୍ତ୍ତା, ମନୋଜ କୁମାର ପଟ୍ଟନାୟକ, ପ୍ରିୟବ୍ରତ ଶତପଥୀ, ଡ଼. ବିପ୍ଳବ ପ୍ରଧାନ, ଶଶୀକାନ୍ତ ମହାପାତ୍ର, ରାଜେନ୍ଦ୍ର ରଥ, ମନୋଜ ପଣ୍ଡା, ତ୍ରିପତି ପଣ୍ଡା, ସୀତାରାମ ପ୍ରଧାନ, ଗଣେଶ ପଟ୍ଟନାୟକ, ଏ.ରାମରାଓ, ଅରୁପାଞ୍ଜଳି ମହାନ୍ତି, ସ୍ନିଗ୍ଧା ମିଶ୍ର, ଅନୁଶ୍ରୀ ପଟ୍ଟନାୟକ, ଓ ସ୍ନେହା ବେହେରା ଉପସ୍ଥିତ ଥିଲେ।

# ଶୀତ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

**ଜି.ଉଦୟଗିରି,୩।୧(ସମିସ):** ଜି.ଉଦୟଗିରିରେ ଫେବୃଆରୀ ୩ ରୁ ୭ ତାରିଖ ପର୍ଯ୍ୟନ୍ତ ଶୀତ ମହୋତ୍ସବ ହେବାକୁ ଥିବା ବେଳେ ପ୍ରସ୍ତୁତି ଜୋରସୋରରେ ଚାଲିଛି। ଆଜି ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଛି ପ୍ରସ୍ତୁତି ବୈଠକ। କମିଟି ସଭାପତି ଜ୍ଞାନଚନ୍ଦ୍ର ପ୍ରଧାନଙ୍କ ସଭାପତତ୍ୱରେ ଆୟୋଜିତ ବୈଠକରେ ହେବାକୁ ଯାଉଥିବା ଶୀତ ମହୋତ୍ସବ ପ୍ରଚାର ପ୍ରସାର ସବୁ ପଞ୍ଚାୟତରେ କରାଯିବ। ଏଥିରେ ସାମିଲ ହେବେ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ୱାର୍ଡମେମ୍ବର ଓ ସ୍ୱେଚ୍ଛାସେବୀ। ଏହା ସହିତ ଶୀତ ମହୋତ୍ସବ ପାଇଁ ମୁଖ୍ୟ ମଞ୍ଚ ସହିତ ଷ୍ଟଲ ସ୍ଥଳ ପାଇଁ ସ୍ଥାନ ନିରୂପଣ କରିବାକୁ ସ୍ଥିର କରାଯାଇଥିଲା। ଏହା ସହିତ ଚଳିତ ଚଳିତ ମାସ ୨୦ ତାରିଖରୁ ଗ୍ରାମାଞ୍ଚଳ କ୍ରୀଡ଼ା ଶୀତ ମହୋତ୍ସବ ଫେବୃଆରୀ ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ୩ ତାରିଖରୁ ଶୀତ ମହୋତ୍ସବ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହେବ। ବୈଠକରେ ମହୋତ୍ସବ କମିଟି କର୍ମକର୍ତ୍ତା ମାନଙ୍କ ସହିତ ସ୍ୱେଚ୍ଛାସେବୀ, ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

# ନବୀନ ପଟ୍ଟନାୟକଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇଲେ ପାରଳା ବିଧାୟକ



**ପାରଳାଖେମୁଣ୍ଡି,୩।୧(ସମିସ):** ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ଶନିବାର ବୀନ ନିବାସରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧିଦଳ ନେତା ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ନବବର୍ଷର ଶୁଭେଚ୍ଛା ଜଣାଇଛନ୍ତି। ଏହାସହ ବିଧାୟକଙ୍କ ସହିତ ଜିଲ୍ଲାର ଉନ୍ନୟନମୂଳକ କାର୍ଯ୍ୟ, ଚାଷୀଙ୍କ ସମସ୍ୟା ବିଷୟରେ ମଧ୍ୟ ଆଲୋଚନା କରିଥିବା ସୂଚନା ଦେଇଛନ୍ତି ବିଧାୟକ। ସାକ୍ଷାତ ସମୟରେ ବିଧାୟକଙ୍କ ସହିତ ତାଙ୍କ ସୁପୁତ୍ରୀ ମଧ୍ୟ ଉପସ୍ଥିତ ଥିଲେ।

# ଗୁମ୍ମା ଦେବଗିରି ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

**ଗୁମ୍ମା,୩।୧(ସମିସ):** ଗୁମ୍ମା ବ୍ଲକ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୁଲାରାମ ମାରାଣ୍ଡିଙ୍କ ଅଧ୍ୟକ୍ଷତାରେ ଗୁମ୍ମା ଦେବଗିରି ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଡ଼ିଓଙ୍କ ସମେତ ସହକାରୀ ଯନ୍ତ୍ରୀ ବିଭୁ ଚନ୍ଦନ ପୂଜାରୀ, ବରିଷ୍ଠ ମୁଖ୍ୟ କିରାଣି ଦେବେନ୍ଦ୍ର ପ୍ରଧାନ, ବିଏସ୍‌ଏସ୍‌ଓ ସତ୍ୟଜିତ ବେହେରା, ବିଇଓ ନୟନ ରଞ୍ଜନ ମଣ୍ଡଳ, ସିପି ରାକେଶ କୁମାର ସାହୁ, ସାଂସଦ ପ୍ରତିନିଧି ଏସ୍ ଶେଷଗିରି ଓ ସମସ୍ତ ସରପଞ୍ଚ/ସମିତିସଭ୍ୟ ଯୋଗ ଦେଇଥିଲେ। ଆସନ୍ତା ୯ ଏବଂ ୧୦ ତାରିଖରେ ହେବାକୁ ଥିବା ଦେବଗିରି ଉତ୍ସବରେ କେମିତି ଶାନ୍ତି ଶୃଙ୍ଖଳା ବଜାୟ ରହିବ, ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା, ସ୍ୱଚ୍ଛତା, ଖାଦ୍ୟ ଯୋଗାଣ, ସ୍ଥାନୀୟ କଳା ସଂସ୍କୃତି, ପାରମ୍ପରିକ ଆଦିବାସୀ ଲୋକ ନୃତ୍ୟକୁ ପ୍ରାଧାନ୍ୟ ଦିଆଯିବ ଓ ସ୍ଥାନୀୟ କଳାକାରଙ୍କୁ ସୁଯୋଗ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ସେହିପରି ବ୍ଲକର ବିଭିନ୍ନ ଲାଇନ ବିଭାଗର ଅଧିକାରୀ ଓ ସରପଞ୍ଚ/ସମିତିସଭ୍ୟଙ୍କୁ ଉତ୍ସବରେ ଉତ୍ତମ ପରିଚାଳନା ନିମନ୍ତେ ଦାୟିତ୍ୱ ଗ୍ରହଣ କରିବାକୁ ବିଡ଼ିଓ ପରାମର୍ଶ ଦେଇଥିଲେ। ହେବାକୁ ଥିବା ଦେବଗିରି ଉତ୍ସବରେ ଚଳିତବର୍ଷ ନିଆରା ଢଙ୍ଗରେ ସ୍ଥାନୀୟ ଲୋକକଳା ସହିତ ଯୁବପିଢ଼ିମାନଙ୍କ ମନୋରଞ୍ଜନ ନିମନ୍ତେ ରାଜ୍ୟସ୍ତରୀୟ ସୁନାମଧନ୍ୟ କଣ୍ଠଶିଳ୍ପୀମାନଙ୍କୁ ଉକ୍ତ ଉତ୍ସବରେ ସାମିଲ କରିବାକୁ ଯୋଜନା କରାଯାଉଛି ବୋଲି ବିଡ଼ିଓ ମାରାଣ୍ଡି କହିଛନ୍ତି।



# ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସଚେତନତା ଶିବିର




**ଜି.ଉଦୟଗିରି,୩।୧(ସମିସ):** ଜି.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦର ବିଜୁ କଲ୍ୟାଣ ମଣ୍ଡପରେ ସହରାଞ୍ଚଳ ଉଠା ଦୋକାନୀ ଓ ମୁଖ୍ୟ ସଫେଇ କର୍ମଚାରୀଙ୍କୁ ନେଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କରେ ସଚେତନ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସରକାର ସମସ୍ତଙ୍କୁ କିପରି ଘର ଯୋଗାଇ ଦେଇପରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟନିର୍ବାହି ଅଧିକାରୀ ଆଶୁତୋଷ ଗୌରବ କରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରିଷଦ କର୍ମଚାରୀଙ୍କ ସହିତ ଶତାଧିକ ସାଧାରଣ ଲୋକେ ଅଂଶଗ୍ରହଣ କରିଥିଲେ।

# ଶାନ୍ତି କମିଟି ବୈଠକରେ ଚନ୍ଦନଖଳା ରାସ୍ତା ନିର୍ମାଣ ପାଇଁ ବାଟ ଫିଟିଲା

ପାରଳାଖେମୁଣ୍ଡି,୩।୧(ସମିସ):

ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଉପଲଡା ପଞ୍ଚାୟତ ଅନ୍ତର୍ଗତ ବିବାଦୀୟ ଚନ୍ଦନଖଳା ରାସ୍ତା ନିର୍ମାଣ ପାଇଁ ବାଟ ଫିଟିଛି। ଆଜି ଏନେଇ ଗୋଷାଣି ସ୍ଥିତ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟର ସଭାଗୃହରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଉଭୟ ଚନ୍ଦଖଳା ଏବଂ ପାଟିକୋଟା ଗ୍ରାମବାସୀଙ୍କ ଉପସ୍ଥିତିରେ ରାସ୍ତା ନିର୍ମାଣ ପାଇଁ ବାଟ ଫିଟିଛି

ପ୍ରକାଶ ଯେ, ଚନ୍ଦନଖଳା ରାସ୍ତା ଗତ ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ପୂର୍ବେ ନିର୍ମାଣ ହୋଇଥିଲେ ହେଁ ୭୦୦ ମିଟର ଅଣଓସାରିଆ ତଥା ମାଟିରାସ୍ତା ଜମି ବିବାଦକୁ ନେଇ ବିବାଦୀୟ ହେବାରୁ ହୋଇପାରୁନଥିଲା। ଏହି ରାସ୍ତା ଉପରେ ଉଭୟ ଗୋଷାଣି ଓ ଗୁମ୍ମା ବ୍ଲକର ୧୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ନିର୍ଭର କରିଆସୁଥିବା ବେଳେ ୭୦୦ ମିଟର ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡୁଥିବାରୁ ଯାତାୟାତରେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଥିଲେ। ରାସ୍ତା ନିର୍ମାଣ ପାଇଁ ଉଭୟ ଗ୍ରାମବାସୀ ବାରମ୍ବାର ବିଭିନ୍ନ ସମୟରେ ବିଭିନ୍ନ ସ୍ତରରେ ଦାବି କରି ଆସୁଥିଲେ। ୨୦୨୪ ନିର୍ବାଚନ ବର୍ଜନ ନିଷ୍ପତ୍ତି ଠାରୁ ବିଭିନ୍ନ ସମୟରେ ରାସ୍ତାରୋକ ଭଳି ଆନ୍ଦୋଳନ କରିଥିଲେ। ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ଜିଲ୍ଲାସ୍ତରୀୟ ପଦାଧିକାରୀ ରାସ୍ତା ପରିଦର୍ଶନ ଓ ନିରୀକ୍ଷଣ କରିଆସୁଥିଲେ ମଧ୍ୟ ସମାଧାନର ବାଟ ଫିଟିପାରୁନଥିଲା। ଏପରିକି ଲୋକେ ଗତବର୍ଷ ଡିସେମ୍ବର ୨୦ରେ ୩୨୬-'ଏ' ଜାତୀୟ ରାଜପଥକୁ ଘଣ୍ଟା ଘଣ୍ଟା ଧରି ଅବରୋଧ କରିଥିଲେ। ଏହାପରେ ପ୍ରଶାସନର ପ୍ରତିଶ୍ରୁତିରେ ରାସ୍ତାରୋକରୁ ଓହରିଥିଲେ ଆନ୍ଦୋଳନକାରୀ। ପ୍ରଶାସନର ପ୍ରତିଶ୍ରୁତି ପ୍ରକାରେ ଆଜି ଉଭୟ ଗ୍ରାମର ଲୋକଙ୍କ ଉପସ୍ଥିତିରେ ବ୍ଲକ ଅଧ୍ୟକ୍ଷ ଏନ୍. ବୀରରାଜୁଙ୍କ ଅଧ୍ୟକ୍ଷତାରେ ଶାନ୍ତି କମିଟି ବୈଠକ ଡକାଯାଇଥିଲା। ଏଥିରେ ଗୋଷାଣି ବିଡିଓ ଗୌରଚନ୍ଦ୍ର ପଟ୍ଟନାୟକ, ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା, କ୍ଷୁଦ୍ରଜଳସେଚନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଆଶିଷ ମଲ୍ଲିକ ଓ ପଞ୍ଚାୟତ ଉନ୍ନୟନ ଅଧିକାରୀ ଅଶୋକ କୁମାର ପାତ୍ରଙ୍କ ସମେତ ଉପଲଡା ସମିତିସଭ୍ୟ ବି. ଧନଞ୍ଜୟଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ବ୍ଲକ ଅଧ୍ୟକ୍ଷ ବୀରରାଜୁ ଉଭୟ ରାସ୍ତା ଓ କେନାଲ ସମସ୍ତଙ୍କ ପାଇଁ ଆବଶ୍ୟକ। ଏଥିପାଇଁ ସମସ୍ତ ବ୍ୟବସ୍ଥା କରାଯିବ ବୋଲି କହିଥିଲେ।



ଶାନ୍ତି କମିଟି ବୈଠକରେ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା ଫୋନ୍ ମାଧ୍ୟମରେ ଆଲୋଚନା କରି କହିଥିଲେ ଯେ, ଯେଉଁ ମାଟି ରାସ୍ତା ରହିଛି ପ୍ରଥମ ପର୍ଯ୍ୟାୟରେ ତୁରନ୍ତ କାର୍ଯ୍ୟ ଆରମ୍ଭ ହେବ। ପରବର୍ତ୍ତୀ ପର୍ଯ୍ୟାୟରେ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇ ଉନ୍ନତିକରଣ କରାଯିବ। ଯାହାକୁ ନେଇ ଚନ୍ଦନଖଳା ଓ ପାଟିକୋଟା ଗ୍ରାମାଞ୍ଚଳବାସୀ ଆପୋଷ ଆଲୋଚନା ପରେ ସହମତି ପ୍ରକାଶ କରିଥିଲେ। ପାଟିକୋଟା ଗ୍ରାମାଞ୍ଚଳର ୩୦୦ ଏକରଚାଷ ଜମିପାଇଁ ଜଳସେଚନ ଲାଗି ଯେଉଁ କେନାଲ ନିର୍ମାଣ ପାଇଁ ଦାବି ହୋଇଛି ସେନେଇ କ୍ଷୁଦ୍ରଜଳସେଚନ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପଠାଇ ଦିଆଯାଇଛି ଏବଂ ଉଚ୍ଚକର୍ତ୍ତୃପକ୍ଷ ଅନୁମୋଦନ ପାଇଁ ସରକାରଙ୍କ ନିକଟକୁ ପଠାଇ ଦେଇଛନ୍ତି। ଅନୁମୋଦନ ପରେ ସରକାରୀ ଓ ବେସରକାରୀ ଜମି ଚିହ୍ନଟ ହେବ ଏବଂ ବେସରକାରୀ ଜମିର ମାଲିକଙ୍କୁ ଅଧିଗ୍ରହଣ କରାଯିବ। ଯାହାକି ସମୟ ସାପେକ୍ଷ ବୋଲି ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀ ମଲ୍ଲିକ ସୂଚନା ଦେଇଥିଲେ। ବିଡିଓ ଶ୍ରୀ ପଟ୍ଟନାୟକ ରାସ୍ତା ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ଆବଶ୍ୟକ ସହଯୋଗ କରାଯିବ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଦୀର୍ଘବର୍ଷ ଧରି ବିବାଦ ଉପୁଜି ଉଭୟ ରାସ୍ତା ଓ କେନାଲ ନିର୍ମାଣ ହୋଇପାରୁ ନଥିଲା। ଆଜି ଶାନ୍ତି କମିଟି ବୈଠକରେ ଉଭୟ ରାସ୍ତା ଓ କେନାଲ ନିର୍ମାଣ ପାଇଁ ବାଟ ଫିଟିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

## ସୁନାପଲ୍ଲୀରେ ଖୋଲିଲା ଧାନମଣ୍ଡି



କବିସୂର୍ଯ୍ୟନଗର,୩।୧(ସମିସ): ସୁନାପଲ୍ଲୀ ପଞ୍ଚାୟତରେ ଧାନ ମଣ୍ଡିର ଉଦ୍‌ଘାଟନ ହୋଇଛି। ଏହି ଧାନ ମଣ୍ଡିରେ ସୋସାଇଟି ସିଧାସଳଖ ଚାଷୀଙ୍କଠାରୁ ଧାନ ସଂଗ୍ରହ ନକରି ଗୋଟିଏ ନିର୍ଦ୍ଦିଷ୍ଟ ମହିଳା ଗୋଷ୍ଠୀ ଜରିଆରେ ଧାନ ସଂଗ୍ରହ ପାଇଁ ସ୍ଥିର ହୋଇଛି। ସମବାୟ ସମିତି ଥାଇ ମଧ୍ୟ କାହିଁକି ଧାନ ସଂଗ୍ରହ ପାଇଁ ଏସ୍‌ଏଚ୍‌ଜିକୁ ଦାୟିତ୍ୱ ଦିଆଯାଇଛି ତାକୁ ନେଇ ଚାଷୀ ପ୍ରଶ୍ନ ଉଠାଇଲେଣି। ସୋସାଇଟି ସିଧା ସଳଖ ଚାଷୀଙ୍କ ଠାରୁ ଧାନ ସଂଗ୍ରହ କଲେ ଅଧିକାରୀ ଏବଂ ନେତାଙ୍କ ମୁନାଫା କମ୍ ହେଉଥିବାରୁ ଏସଏଚଜି ଦ୍ୱାରା କଟ୍‌ନୀ ଛଟ୍‌ନୀ ଜରିଆରେ ଚାଷୀଙ୍କୁ ଅଧିକ ଶୋଷଣ କରି ଅଧିକ ଲାଭ ପାଇବାକୁ ପଞ୍ଚାୟତ ନେତା ନିଜ ପାଖରେ ଏଚ୍‌ଏସ୍‌ଜି ନାମରେ ଧାନ ସଂଗ୍ରହ ପାଇଁ ମସୁଧା ଚାଲିଥିବା ସାଧାରଣରେ ଆଲୋଚନା ହେଉଛି। ତେବେ ଧାନ କ୍ରୟ ବେଳେ ଚାଷୀଙ୍କୁ ଯେଭଳି ଅଧିକ ଶୋଷଣ ନକରାଯିବ ତାହାକୁ ନେଇ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ଜରୁରି ହୋଇପଡିଛି।

## ସରପଞ୍ଚ ସଂଘର ପହିଲି ଭୋଗ କାର୍ଯ୍ୟକ୍ରମ



କୁକୁଡ଼ାଖଣ୍ଡି,୩।୧(ସମିସ): କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ସରପଞ୍ଚଙ୍କୁ ନେଇ ମହୁରୀ କାଲୁଆ ପୀଠରେ ପହିଲି ଭୋଗ କାର୍ଯ୍ୟକ୍ରମ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଅନନ୍ତାଇ ସରପଞ୍ଚ ପୂର୍ଣ୍ଣବାସୀ ବିଶ୍ୱାଳଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ପ୍ରତିନିଧି କାମେଶ୍ୱର ବିଶ୍ୱାଳ, କିଶୋର ପାତ୍ର, ବାଘଲଟି ସରପଞ୍ଚ ମାମି ସାସମଲ, ବନ୍ଥପଲ୍ଲୀ ସରପଞ୍ଚ କାମିନୀ ନାୟକ, ଦକ୍ଷିଣପୁର ସରପଞ୍ଚ ଦେବାଶିଷ ସେଠୀ, କୁନା ନାୟକ, ସୁକାନ୍ତ ସାସମଲ, ବନ୍ଦନା ସେଠୀ, ରୋହିଗାଁ ସରପଞ୍ଚ ବଶିଷ୍ଠ ଜେନା, ନିରଞ୍ଜନ ମହାନ୍ତି, ବ୍ଲକ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର, ଜିତେନ୍ଦ୍ର ସେଠୀ, କୈଳାଶ ବିଷୋଇ, ଗୋବିନ୍ଦ ବିଷୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱଶାନ୍ତି ଲାଗି କଳାହାଣ୍ଡିରୁ ପୁରୀ ପଦଯାତ୍ରା



କବିସୂର୍ଯ୍ୟନଗର,୩।୧(ସମିସ): ବିଶ୍ୱଶାନ୍ତି, ପରିବେଶ ଓ ପ୍ରକୃତିର ସୁରକ୍ଷା ଲକ୍ଷ୍ୟ ନେଇ ପଦଯାତ୍ରାରେ ବାହାରିଛନ୍ତି ୧୪ ଜଣ ଶ୍ରଦ୍ଧାଳୁ। ଏହି ଦଳ ଅବସରପ୍ରାପ୍ତ ସଂସ୍କୃତ ପଣ୍ଡିତ ମଙ୍ଗୁଲୁ ମିଶ୍ରଙ୍କ ନେତୃତ୍ୱରେ ଗତ ୨୨ ତାରିଖରୁ କଳାହାଣ୍ଡି ଭବାନୀପାଟଣାରୁ ପଦଯାତ୍ରାରେ ବାହାରିଛନ୍ତି। ଦୀର୍ଘ ୪୩୩ କିମି ପଦଯାତ୍ରା କରି ଶ୍ରୀକ୍ଷେତ୍ର ପୁରୀରେ ଆସନ୍ତା ଜାନୁଆରୀ ୧୦ରେ ପହଞ୍ଚିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଶ୍ରୀଜଗନ୍ନାଥଙ୍କୁ ମାନବ ଜାତି ଉଦ୍ଦେଶ୍ୟରେ ତିନୋଟି ପ୍ରାର୍ଥନା କରିବେ ବୋଲି ଜଣାଇଛନ୍ତି। ଶନିବାର ସନ୍ଧ୍ୟାରେ କବିସୂର୍ଯ୍ୟନଗର ନାରାୟଣପୁର ଶାସନବାସୀଙ୍କ ପକ୍ଷରୁ ଧନେଇ ନଦୀ ଠାରେ ଗିନି, ମୃଦଙ୍ଗ ବଜାଇ ଫୁଲମାଳ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶନିବାର ଶାସନରେ ରାତ୍ରି ଯାପନ କରି ରବିବାର ପୁଣି ପଦଯାତ୍ରାରେ ବାହିରିବେ। ଏହି ପଦଯାତ୍ରାରେ ସର୍ବଶ୍ରୀ କମ୍ବୁପାଣି ପରିଛା, ତ୍ରିନାଥ ସେଠୀ, ଅଭିମନ୍ୟୁ ପ୍ରଧାନ, ସୀତାକାନ୍ତ ପ୍ରଧାନ, ପୁରୁଷୋତ୍ତମ ପ୍ରଧାନ, ଘାସିରାମ ଜେନା, ମଧୁସୂଦନ ବେହେରା, ନଗେନ ମହାରଣା ଓ ପୂର୍ଣଚନ୍ଦ୍ର ମିଶ୍ର ପ୍ରମୁଖ ସାମିଲ ହୋଇଛନ୍ତି।

## ପୂର୍ବତନ ବିଧାୟକଙ୍କ ସ୍ମୃତିସଭା

ରମ୍ଭା/ଗଞ୍ଜାମ,୩।୧(ସମିସ): ଗଞ୍ଜାମ ବ୍ଲକ୍ ଅଧୀନସ୍ଥ ପୂର୍ବତନ ବିଧାୟକ ସ୍ୱର୍ଗତ ଦୈତାରୀ ବେହେରାଙ୍କ ଷଷ୍ଠ ଶ୍ରାଦ୍ଧ ବାର୍ଷିକୀ ନିଜ ଗ୍ରାମ ସୁବଳୟାସ୍ଥ ଗୋପାଳ କୃଷ୍ଣ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ଗଞ୍ଜାମ ବ୍ଲକ୍ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ବରିଷ୍ଠ ସାମ୍ବାଦିକ ସୁଦର୍ଶନ ଛୋଟରାୟ, ଗୋପାଳକୃଷ୍ଣ ଉଚ୍ଚ ମାଧ୍ୟମିକ ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼ ସି ଏଚ୍ ସୁଧାକର, ଗଞ୍ଜାମ ଜିଲ୍ଲା ବିଜେପି ସାଧାରଣ ସଂପାଦକ ଅନିଲ ପଣ୍ଡା, ଦୁର୍ଯ୍ୟୋଧନ ରେଡ୍ଡୀ, ଅବସରପ୍ରାପ୍ତ ଗଂଜାମ ଶିକ୍ଷା ଜିଲ୍ଲା ଅଧିକାରୀ ନିରଞ୍ଜନ ତ୍ରିପାଠୀ, ଶ୍ରମିକ ନେତା ଶଙ୍କର ଦାଶ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ହରିକୃଷ୍ଣ ରେଡ୍ଡୀ, କବି ପ୍ରଶାନ୍ତ ମହାନ୍ତି, ଅବସରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଶିକ୍ଷାଧୀକାରୀ ଲିଙ୍ଗରାଜ ସ୍ୱାଇଁ ଯୋଗ ଦେଇଥିଲେ। ସମ୍ପାଦକ ଅଶୋକ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ୪୬୮ ଚାଷୀଙ୍କଠାରୁ କିଣାଗଲାଣି ୧୯ ହଜାର ୮୧୧ କ୍ୱିଣ୍ଟାଲ ଧାନ

# ଏବେ ବି ସରିନି ପ୍ଲଟର ସାଟେଲାଇଟ ସର୍ଭେ

ଛତ୍ରପୁର,୩।୧(ସମିସ)

ଡିସେମ୍ବର ୨୩ରୁ ଗଞ୍ଜାମ ଜିଲ୍ଲାରେ ଧାନ କିଣା ପ୍ରକ୍ରିୟା ଚାଲୁ ରହିଛି। ଏଯାବତ୍ ୪୬୮ ଜଣ ଚାଷୀଙ୍କ ୧୯ହଜାର ୮୧୧ କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଥିବା ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ସୂଚନା ମିଳିଛି। ଧାନ ବିକ୍ରି କରିଥିବା ୧୨୮ ଜଣ ଚାଷୀଙ୍କ ବ୍ୟାଙ୍କ ଖାତାକୁ ୧କୋଟି ୩୫ ଲକ୍ଷ ୨୮ ହଜାର ୫୫୩ ଟଙ୍କା ଯାଇଥିବା ଯୋଗାଣ ବିଭାଗ ପକ୍ଷରୁ ସୂଚନା ମିଳିଛି। ଜିଲ୍ଲାକୁ ଏଯାବତ୍ ୮୭ ହଜାର ୫୯୨ ଜଣ ଚାଷୀଙ୍କୁ ଟୋକନ ଆସିଛି। ଏବେବି ଧାନ ଚାଷ ହୋଇଥିବା ପ୍ଲଟର ସାଟେଲାଇଟ ସର୍ଭେ କାର୍ଯ୍ୟ ଜାରି ରହିଛି। ସର୍ଭେ ସବୁ ସରିଯିବା ପରେ ଟୋକନ ମଧ୍ୟ ଆସିବ ବୋଲି ସୂଚନା ମିଳିଛି।

ଅନ୍ୟପକ୍ଷରେ ଜିଲ୍ଲାରେ ୨୦୨୫/୨୬ ବର୍ଷରେ ୧ ଲକ୍ଷ ୫୬ ହଜାର ୭୧୩ ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ସାଟେଲଇଟ୍ ସର୍ଭେ ପରେ ୧ ଲକ୍ଷ ୫୪ ହଜାର ୫୫୩ ଜଣ ସକ୍ରିୟ ଚାଷୀ ରହିଛନ୍ତି। ସର୍ଭେ ସରିବା ପରେ ଆହୁରି ଅନେକ ଚାଷୀ କଟିବେ। ଜିଲ୍ଲାରେ ଏଯାବତ ୧୪୫ଟି ମଣ୍ଡି ଖୋଲିଥିବା ବେଳେ ଆଗାମୀ ଦିନରେ ଅନ୍ୟସବୁ ମଣ୍ଡି ଖୋଲିବ। ଚଳିତ ଧାନକିଣା ପାଇଁ ୬୪ ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ରଖାଯାଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୩୬ଲକ୍ଷ ୫୬ ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ ପାଇଁ ଧାର୍ଯ୍ୟ ଆସିଛି।

ଜିଲ୍ଲାରେ ୨୦୨୪/୨୫ ବର୍ଷରେ ୧ ଲକ୍ଷ ୪୬ ହଜାର ୫୦୪ ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ସାଟେଲାଇଟ୍ ସର୍ଭେ ପରେ ୧ ଲକ୍ଷ ୪୪ ହଜାର ୬୮୪ ଜଣ ଚାଷୀ ସରକାରୀ ମଣ୍ଡିରେ ଧାନ ବିକ୍ରି ପାଇଁ ଯୋଗ୍ୟ ହୋଇଥିଲେ। ୬୦ ଲକ୍ଷ ୨୩ ହଜାର ୫୯୮ କ୍ୱିଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ଆସିଥିବା ବେଳେ ୧ ଲକ୍ଷ ୩୯ ହଜାର ୮୮୪ ଜଣ ଚାଷୀଙ୍କ ଠାରୁ ୫୮ ଲକ୍ଷ ୮୦ ହଜାର ୮୫୪ କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଥିବା ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ସୂଚନା ମିଳିଛି। ଗଞ୍ଜାମ ଜିଲ୍ଲାରେ ୨୩ଟି ତହସିଲ ଅଧିନ ୨୭୫୪ ଗାଁର ୨ ଲକ୍ଷ ୩୩ ହଜାର ୪୩୮ ସନ୍ଦିଗ୍ଧ ପ୍ଲଟର ସର୍ଭେ କାର୍ଯ୍ୟ ଜାରି ରହିଛି।

## ତହସିଲଦାରଙ୍କୁ ଋଷିକୁଲ୍ୟା ରୟତ ମହାସଭାର ଦାବିପତ୍ର



ପୋଲସରା,୩।୧(ସମିସ): ଋଷିକୂଲ୍ୟା ରୟତ ମହାସଭା ପୋଲସରା ଶାଖା ପକ୍ଷରୁ ଚାଷୀମାନଙ୍କ ମୌଳିକ ସମସ୍ୟା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଋଷିକୁଲ୍ୟା ରୟତ ମହାସଭାର ଜିଲ୍ଲା ସମ୍ପାଦକ ସୀମାଞ୍ଚଳ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାଷୀଙ୍କ ସମସ୍ୟା ଉପରେ ଆଲୋଚନା କରିବା ସହିତ ଧାନ ମଣ୍ଡିରେ ଚାଷୀ କିଭଳି ସୁବିଧାରେ ଓ ସଠିକ ଓଜନରେ ବିକ୍ରି କରି ଉଚିତ ସମୟରେ ଟଙ୍କା ପାଇବ ସେନେଇ ଆଲୋଚନା ହୋଇଥିଲା। ଏଥିସହ ମଣ୍ଡିରେ କଟ୍‌ନୀ ଛଟ୍‌ନୀ ଯେଭଳି ନ ହେବ ତା ପ୍ରତି ଗୁରତ୍ୱ ଦିଆଯାଇଥିଲା। ଏହାସହ ଚାଷୀଙ୍କ ୭ଦଫା ଦାବି ନେଇ ବିଡ଼ିଓ ଶଶିଭୂଷଣ ମହାପାତ୍ର ଛତ୍ରପୁର ଗସ୍ତ ହେତୁ ଖାଦ୍ୟ ଯୋଗାଣ ଅଧିକାରୀ ସନ୍ଦୀପ କୁମାର ବେହେରା ଏବଂ ପୋଲସରା ତହସିଲଦାର ଦୀପ୍ତିମୟୀ ପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଋଷିକୁଲ୍ୟା ରୟତ ମହାସଭାର ଆବାହକ ଭାବେ ସାମ୍ବାଦିକ ତଥା ଚାଷୀ ଶିବ ପ୍ରସାଦ ସାହୁ ଓ ହୀନ ସ୍ୱାଇଁଙ୍କୁ ଚୟନ କରାଯାଇଥିବା ବେଳେ ଉପଦେଷ୍ଟା ଭାବେ ବିପିନ ବିହାରୀ ପ୍ରଧାନ ଓ ପ୍ରମୋଦ କୁମାର ରଥଙ୍କୁ ଚୟନ କରାଯାଇଥିଲା। ବୈଠକରେ ହୀନ ସ୍ୱାଇଁ, ଶିବ ପ୍ରସାଦ ସାହୁ, ରୋହିତ ପ୍ରଧାନ, ଦୁଃଖିଶ୍ୟାମ ପ୍ରଧାନ, ନାରାୟଣ ପ୍ରଧାନ, ଜ୍ୟୋତିର୍ମୟୀ ଦାସ, ଶଙ୍କର ଡାକୁଆ, ଉଦ୍ଧବ ବେହେରା, ରାଜୁ ଗୌଡ଼, ପଞ୍ଚୁ ସାହୁ ସମେତ ବହୁ ଅଗ୍ରଣୀ ଚାଷୀ ଯୋଗ ଦେଇଥିଲେ।

## ପରିବେଶଗତ ନ୍ୟାୟ ସଚେତନତା କାର୍ଯ୍ୟକ୍ରମ

କୋଦଳା,୩।୧(ସମିସ): କୋଦଳା କୋର୍ଟ ପରିସରରେ ତାଲୁକ ଲିଗାଲ ସର୍ଭିସ କମିଟି ପକ୍ଷରୁ ପରିବେଶଗତ ନ୍ୟାୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ତଥା ତାଲୁକ ଲିଗାଲ ସର୍ଭିସ କମିଟି ଅଧ୍ୟକ୍ଷ ବିଶ୍ୱରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁସ୍ଥ ଜୀବନଯାପନ କରିବା ପାଇଁ ଉତ୍ତମ ପରିବେଶ ନିତାନ୍ତ ଆବଶ୍ୟକ ବୋଲି ମଞ୍ଚାସୀନ ଅତିଥି କହିଥିଲେ। ବରିଷ୍ଠ ଦେୱାନୀ ଅଦାଲତ ବିଚାରପତି ରେଖାରାଣୀ ପଣ୍ଡା, ଜେଏମ୍‌ଏଫସି ଶୋଭନ କୁମାର ପଣ୍ଡା ପରିବେଶ ବିଷୟରେ ଆଲୋଚନା କରିଥିବା ବେଳେ ବନବିଭାଗ ଅଧିକାରୀ ଉପସ୍ଥିତ ଥିଲେ। ଏପିପି ସୁବାସ ଚନ୍ଦ୍ର ସାହୁ ସଭା ପରିଚାଳନା ସହିତ ନିଜର ସୁଚିନ୍ତିତ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଏପିପି ଶୁଭ୍ରମଣୀ ଦାଶ, ବାର ସମ୍ପାଦକ ଗୋପାଳକୃଷ୍ଣ ସାହୁ, ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ କୁମାର ମିଶ୍ର ସମେତ ବହୁ ବରିଷ୍ଠ ଓ କନିଷ୍ଠ ଆଇନଜୀବୀ ଉପସ୍ଥିତ ରହି ପରିବେଶ ଉପରେ ସୁଚିନ୍ତିତ ମତାମତ ରଖିଥିଲେ। ଏପିପି ସୁବାସ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ଉଦୟ ନାଥ ପ୍ରଧାନ, କରୁଣା କର ସାହୁ,ଭଗବାନ ମହାପାତ୍ର, ସୋମନାଥ ବେହେରା, ଭାଗିରଥି ନାୟକ, ଭାଗିରଥି ବେହେରା, ନୀଳମଣି ପଣ୍ଡା, ଭାସ୍କର ସ୍ୱାଇଁଙ୍କ ସମେତ କୋର୍ଟ କର୍ମଚାରୀ ପରିଚାଳନା କରିଥିଲେ।



## ଶ୍ରୀଭରତପତି ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ପାତ୍ରପୁର,୩।୧(ସମିସ): ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀ ସ୍ଥିତ ଶ୍ରୀଭରତପତି ମହାବିଦ୍ୟାଳୟର ୪୨ତମ ବାର୍ଷିକ କ୍ରୀଡା ଉଦଯାପିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଗିରିଶ ଚନ୍ଦ୍ର ବେହେରା ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ ସହ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ସାଂସଦ ପ୍ରତିନିଧି ମୀନା ଦ୍ୟାନ ସାମନ୍ତରା ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ବଳରାମ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଡ଼. ଜୟପ୍ରକାଶ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ସୁଧାକର ବିଷୋୟୀ, କେ. ଶ୍ରୀନିବାସ ରାଓ, ଜିସୁନ୍ ପ୍ରସାଦ ବେହେରା, ସାଇମଣ୍ଡ ଗହର, ପି.ଦୁର୍ଯ୍ୟୋଧନ ରେଡ୍ଡୀ ଓ ଡି.କୁମାର ପ୍ରମୁଖ ମଞ୍ଚାସୀନ ରହିଥିଲେ। କ୍ରୀଡା ଉତ୍ସବରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ। ଯୁକ୍ତ ତିନି ବିଭାଗରେ କିଷାନ ବେହେରା ଓ ଶର୍ମିଷ୍ଠା ପ୍ରଧାନ, ଯୁକ୍ତ ଦୁଇ ବିଭାଗରେ ଡି.ସୁନିଲ ଓ ଏ.ଗୋଲାପୀ ଚାମ୍ପିଅନ ହୋଇଥିଲେ।

## ଶ୍ରୀରାମ ଚରିତ ମାନସ ପାରାୟଣ ଉଦ୍‌ଯାପିତ

ବୁଗୁଡା,୩।୧(ସମିସ): ବୁଗୁଡ଼ା ବ୍ଲକ କରଚୁଲି ଗ୍ରାମରେ ଶ୍ରୀରାମ ଚରିତ ମାନସ ନବାହ୍ନ ପରାୟଣ ଓ ପ୍ରବଚନ ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। କରଚୁଲି ମଠାଧିଶ ସତ୍ୟାନନ୍ଦ ଗିରିଙ୍କ ମାର୍ଗଦର୍ଶନରେ ସମସ୍ତ କାର୍ଯ୍ୟ ସମ୍ପାଦନା ହେଉଥିବା ବେଳେ ପୁରୋହିତ ଶିଶିର କୁମାର ଦାସଙ୍କ ଦ୍ୱାରା ପ୍ରାତଃକାଳୀନ ପୂଜନ ଓ ଗହଙ୍ଗୁ ମଠାଧିସ ରାଘବାନନ୍ଦ ଦାସଙ୍କ ଦ୍ୱାରା ପାରାୟଣ ଅନୁଷ୍ଠିତ ହୋଇଯାଇଛି। ପ୍ରବଚକ ଭାବରେ ସ୍ୱାମୀ ପରମାନନ୍ଦ ସରସ୍ୱତୀ, ପଣ୍ଡିତ ଗୋପାଳ ରାଜଗୁରୁ ଓ ପୂଜ୍ୟ ସନ୍ଥ ସନ୍ତୋଷ ଚୈତନ୍ୟ ବ୍ରହ୍ମଚାରୀଙ୍କ ଦ୍ୱାରା ରାମ ଚରିତ ମହିମା ସମ୍ପର୍କରେ ବହୁମୂଲ୍ୟ ପ୍ରବଚନ ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ରାମ ଚରିତ ମାନସ ସମିତିର ପୂର୍ବତନ ସଭାପତି ବିଜୟ କୁମାର ପାତ୍ର, ସମ୍ପାଦକ ଅଭିମନ୍ୟୁ ପ୍ରଧାନ ଓ କୋଷାଧ୍ୟକ୍ଷ ରଜନୀକାନ୍ତ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ପରିଚାଳନା କମିଟିର ସଭାପତି ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ,ସମ୍ପାଦକ ସଦାନନ୍ଦ ପାତ୍ର,କୋଷାଧକ୍ଷ କୃଷ୍ଣଚନ୍ଦ୍ର ଡାକୁଆ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।

## ବାଇକ୍ ଧକ୍କାରେ ଶିଶୁ ଗୁରୁତର

ପାରଳାଖେମୁଣ୍ଡି,୩।୧(ସମିସ): ପାରଳାଖେମୁଣ୍ଡି ଥାନା ଅନ୍ତର୍ଗତ ରାମସାଗର ନିକଟରେ ବିଳମ୍ବିତ ସନ୍ଧ୍ୟାରେ ଏକ ସଡ଼କ ଦୁର୍ଘଟଣାରେ ବାଇକ ଚାଳକଙ୍କ ସମେତ ଦୁଇ ଆହତ ହୋଇଛନ୍ତି। ଆହତ ଶିଶୁଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍‌କୁ ସ୍ଥାନାନ୍ତର କରାଯାଇଛି। ଆହତ ଶିଶୁ ଜଣକ ସେହି ଅଞ୍ଚଳର ସାଇକ୍ରିଷ୍ଣା ବେହେରା ବୋଲି ଜଣାପଡ଼ିଛି। ଘଟଣା ସ୍ଥଳରେ ପାରଳାଖେମୁଣ୍ଡି ପୁଲିସ ପହଞ୍ଚି ସାଇକଲ ଓ ବାଇକ୍ ଜବତ କରିଛି। ଖବର ଲେଖାହେବା ସୁଦ୍ଧା ଏନେଇ ଥାନାରେ କୌଣସି ରିପୋର୍ଟ ହୋଇନଥିବା ଜଣାପଡିଛି।

## ମହିଳାଙ୍କ ଆତ୍ମହତ୍ୟା ଅଭିଯୋଗ

ପୋଲସରା,୩।୧(ସମିସ): ପୋଲସରା ଥାନା ଅନ୍ତର୍ଗତ ଧୋବାସାହିରେ ଜଣେ ମହିଳା ରଶି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ କବିସୂର୍ଯ୍ୟନଗର ଥାନା ହରିଡ଼ାପଦାର ପୂର୍ଣ୍ଣଚନ୍ଦ୍ର ନାହାକଙ୍କ ସ୍ତ୍ରୀ ସନ୍ତୋଷିନୀ ନାହାକ (୩୦)। ପରିବାର ସଦସ୍ୟଙ୍କ ସୂଚନା ପ୍ରକାରେ ସନ୍ତୋଷିନୀ ଶୁକ୍ରବାର ରାତିରେ ନିଜ ବାପଘର ପୋଲସରା ଆସିଥିଲେ। ଶନିବାର ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ପ୍ରେମ ଜନିତ ଘଟଣାକୁ ନେଇ ସନ୍ତୋଷିନୀ ଆତ୍ମହତ୍ୟା କରିଥିବା ନେଇ ପରିବାର ସୂତ୍ରରୁ ସୂଚନା ମିଳିଛି। ପୁଲିସ ଶବ ଜବତ କରି ବ୍ୟବଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଜାରି ରଖିଥିବା ଇନ୍ସପେକ୍ଟର ବିମଳ କହଁର ସୂଚନା ଦେଇଛନ୍ତି। ଏନେଇ ପୋଲସରା ଥାନାରେ ଏକ ମାମଲା ରୁଜୁ ହୋଇଛି।

## ଜାତୀୟ ସେବା ଯୋଜନା ଶିବିର

ଆସିକା,୩।୧(ସମିସ): ଆସିକା ବିଜ୍ଞାନ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଶୀତକାଳିନ ଶିବିର ଉଦ୍‌ଯାପିତ ହୋଇଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ବିଭୂତି ଭୂଷଣ ବେବର୍ତ୍ତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଉପସ୍ଥିତ ଥିଲେ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାରଙ୍ଗଧର ଦାଶ, ସମ୍ମାନିତ ଅବସର ପ୍ରାପ୍ତ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର, ମହାବିଦ୍ୟାଳୟର ଭାରତ ସ୍କାଉଟ୍ ଗାଇଡ୍ସର ଅଧିକାରୀ ଆଇ.ଟି ଅଧ୍ୟାପକ ସରୋଜ କୁମାର ପଣ୍ଡା। ଯୁକ୍ତ ତିନି ଜାତୀୟ ସେବା ଯୋଜନାର ଅଧିକାରୀ ଚିତ୍ରସେନ ବେହେରା ସଭା ପରିଚାଳନା କରିଥିଲେ। ପୂର୍ବତନ ଜାତୀୟ ସେବା ଯୋଜନା ଅଧିକାରୀ ଚନ୍ଦନ ମାରାଣ୍ଡି ପ୍ଲାଷ୍ଟିକ୍ ମୁକ୍ତ ଭାରତ ପାଇଁ ସମସ୍ତଙ୍କୁ ନିବେଦନ କରିଥିଲେ। ମହାବିଦ୍ୟାଳୟର ମହିଳା ଶାଖା ସ୍କାଉଟ୍ ରୋଭର୍ସ ଅଧିକାରୀ ଅଧ୍ୟାପିକା ରଶ୍ମିପ୍ରିୟା କାଲୋ ଏବଂ ଯୁବ ରେଡ୍ ରିବନ କ୍ଲବର ଉପଦେଷ୍ଟା ଡ. ମାଧୁରୀ ହେମ୍ବ୍ରମ ମଧ୍ୟ ଉପସ୍ଥିତ ଥିଲେ।

## ମାଗଣା ସ୍ୱାସ୍ଥ୍ୟ ସେବା ଶିବିର

ରଙ୍ଗେଇଲୁଣ୍ଡା,୩।୧(ସମିସ): କନିଷି ତହସିଲ ମାଣିକପୁରଠାରେ ଆଜି କୋଲା ରାମମୂର୍ତ୍ତି ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ହାଇଦ୍ରାବାଦସ୍ଥିତ ଯଶୋଦା ହସ୍ପିଟାଲର ନିର୍ଦ୍ଦେଶକ ଡ଼ଃ. କେ. ଭେଙ୍କେଟ ରମଣ ଓ କେୟାର ହସ୍ପିଟାଲର ଚର୍ମରୋଗ ବିଶେଷଜ୍ଞ ଡ଼ଃ. ପଦ୍ମଶ୍ରୀ ଦୀପ୍ତି ଶିବିରରେ ଯୋଗଦେଇ ଆଖପାଖ ଅଞ୍ଚଳର ୪ ଶହରୁ ଉର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ଦେଇଥିଲେ। ଶିବିରରେ ମହୁଡା ଫାର୍ମାସିଷ୍ଟ କଲେଜର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। କେ. ଶିବ ଗୋପାଳ, କେ. ପ୍ରେମେଶ୍ୱର ରାଓ, କେ.ଜଗନ୍ନାଥ ରାଓ, କେ. ବାଲ ଗୋପାଳ, କେ. ତେଜେଶ୍ୱର, କେ.ବିବେକ, କେ.ଭାଶିଷ୍ଟ, କେ. ଇନ୍ଦ୍ରା, କେ.ଭାଗ୍ୟଲକ୍ଷ୍ମୀ, ଏନ. ରାମନା, ଇ. ଜଗଦେଶ୍ୱରୀ, ଇ. ଏଲ ମୂର୍ତ୍ତି ପ୍ରମୁଖ ଶିବିର ପରିଚାଳନା କରିଥିଲେ। କୋଠାରସିଂ ସମିତି ସଭ୍ୟ ଆଶିଷ ରାଉଳ, ପ୍ରଦୀପ କୁମାର ଶତପଥି, ସମାଜସେବୀ ତ୍ରିନାଥ ରେଡି, ରଙ୍ଗେଇଲୁଣ୍ଡା ବ୍ଲକ ଅଧ୍ୟକ୍ଷା ପ୍ରତିନିଧି ସିଏଚ. ନରେଶ ପ୍ରମୁଖ ଶିବିରରେ ଉପସ୍ଥିତ ରହିଥିଲେ। ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ।

# ବଟେଶ୍ୱର ରାସ୍ତା ନିର୍ମାଣରେ ବିଳମ୍ବ



ହନ୍ତସନ୍ତ ହେଉଛନ୍ତି ପର୍ଯ୍ୟଟକ

ଗଞ୍ଜାମ,୩।୧(ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ଶୈବପୀଠ ବଟେଶ୍ୱରକୁ ସଂଯୋଗ ରାସ୍ତା ନିର୍ମାଣାଧୀନ କାର୍ଯ୍ୟରେ ଅହେତୁକ ବିଳମ୍ବ ନେଇ ଅସନ୍ତୋଷ ବୃଦ୍ଧି ପାଉଛି। ନିର୍ମାଣ କାର୍ଯ୍ୟ ବିଳମ୍ବ ଯୋଗୁଁ ପର୍ଯ୍ୟଟକ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଉଛି। ଗୁରୁବାର ଦିନ ନୂତନ ବର୍ଷ ଯୋଗୁଁ ବଟେଶ୍ୱର ପୀଠକୁ ଭକ୍ତଙ୍କ ଭିଡ଼ ହେଉଥିବା ବେଳେ ରାସ୍ତାର ନିର୍ମାଣ ପାଇଁ ଦୀର୍ଘଦିନ ହେଲା ରାସ୍ତା ପାଶ୍ୱର୍ରେ ଖୋଳି ଦିଆଯାଇଥିବା ଯୋଗୁଁ ଯାନବାହାନ ଯିବା ଆସିବାରେ ଅସୁଥିବା ସୃଷ୍ଟି ହେଉଛି। ମାସେ ହେଲା ଖୋଳି ପଡ଼ିଥିବା ଯୋଗୁଁ ଠିକାଦାର ଜଣକ ଉକ୍ତ କାର୍ଯ୍ୟ ପାଇଁ ତତ୍ପରତା ନଥିବା ଜଣାପଡୁଛି। ରାସ୍ତା କାମରେ ବିଳମ୍ବ ଯୋଗୁଁ ଦୁର୍ଘଟଣା ମଧ୍ୟ ହେଉଛି। ଯାହାକୁ ନେଇ ସାଧାରଣ ମଧ୍ୟ ଘୋର ଅସନ୍ତୋଷ ପ୍ରକାଶ ପାଉଛି। ବର୍ତ୍ତମାନ ପିକ୍‌ନିକ୍ ଋତୁ ପାଇଁ ପର୍ଯ୍ୟଟକ ପ୍ରତ୍ୟେକ ଦିନ ବହୁ ସଂଖ୍ୟାରେ ଆସୁଥିବା ବେଳେ ରାସ୍ତା ପାଇଁ ସମସ୍ୟା ସୃଷ୍ଟି ହେଉଛି। ପ୍ରଶାସନ ପକ୍ଷରୁ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ୬ ଖଣ୍ଡ ଗ୍ରାମର ଜନସାଧାରଣ ପକ୍ଷରୁ ଦାବି ହେଉଛି।

## ପଇଡ଼ ବୋଝେଇ ପିକ୍‌ଅପ୍ ଓଲଟି ଚାଳକ ଆହତ

ହୁମ୍ମା,୩।୧(ସମିସ): ୧୬ନଂ. ଜାତୀୟ ରାଜପଥ ରାଜୁ ଢ଼ାବା ନିକଟରେ ଏକ ପଇଡ଼ ବୋଝେଇ ପିକ୍‌ଅପ୍ ଭ୍ୟାନ ଓଲଟି ଡ୍ରାଇଭର ଆହତ ହୋଇଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ବ୍ରହ୍ମପୁରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏହି ଭ୍ୟାନ୍ (ଏପି ୩୯ ଟିଏସ ୨୬୬୫)ଟିର ଆଗ ଟାୟାର ଫାଟିଯିବାରୁ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ପଇଡ଼ ଗୁଡ଼ିକ ରାସ୍ତା ଉପରେ ପଡ଼ି ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ରମ୍ଭା ଥାନା ଏସ୍‌ଆଇ ଧରିତ୍ରୀ ବିଶ୍ୱାଳ ଓ ପୁଲିସ ଟିମ୍ ପହଞ୍ଚି ଭ୍ୟାନ ଓ ପଇଡ଼ ଗୁଡ଼ିକୁ ଉଦ୍ଧାର କରିଥିଲେ। ଅନ୍ୟପଟେ ଏହି ଦୁର୍ଘଟଣାରୁ ଆଖପାଖରେ ଯାଉଥିବା ବାଇକ ଆରୋହୀ ଅଳ୍ପକେ ବର୍ତ୍ତି ଯାଇଥିଲେ। ତେବେ ଆହତ ଡ୍ରାଇଭରଙ୍କ ପରିଚୟ ମିଳିପାରିନି।



## ଅବସରପ୍ରାପ୍ତ ସୈନିକ ସଂଘ ସଭାପତିଙ୍କୁ ସମ୍ବର୍ଦ୍ଧନା



କବିସୂର୍ଯ୍ୟନଗର,୩।୧(ସମିସ): ଅବସର ପରେ ସମସ୍ତ ସେବା ନିବୃତ୍ତ ସୈନିକ କର୍ମଚାରୀଙ୍କୁ ନେଇ ଅବସର ସୈନିକ ସଂଘ ଗଠନ କରି ସୈନିକଙ୍କୁ ସମାଜରେ ନାଯ୍ୟ ଅଧିକାର ସହ ଉତ୍ତମ ସମାଜ ଗଠନ, ଯୁବ ସମାଜକୁ ରାଷ୍ଟ୍ରନୀତି ଅନୁସରଣରେ ପରିଚାଳିତ ହେବାକୁ ପଥ ପ୍ରଦର୍ଶକ ସାଜିଥିବା କଂଗ୍ରେସ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ନିକଟରେ ନୂଆଦିଲ୍ଲୀରେ ଆୟୋଜିତ ଅବସର ଅଫିସର ସେମିନାରରେ ଅଦମ୍ୟ ସାହସ, ସମର୍ପଣ ଓ ଅତୁଟ ପ୍ରତିବଦ୍ଧତାକୁ ସମ୍ମାନ ଜଣାଇ ତାଙ୍କୁ ଭେଟେରାନ ଆଚିଭର ସମ୍ମାନ ପ୍ରଦାନ କରାଯାଇଥିଲା।

କବିସୂର୍ଯ୍ୟନଗର ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସମାଜସେବୀ ଜି. ଶମ୍ଭୁଲିଙ୍ଗମ ଅଚାରୀ, ଚାଷୀନେତା କୈଳାସ ସିଂ, ଅବସରପ୍ରାପ୍ତ ସୈନିକ ସଦାନନ୍ଦ ମାଝୀ ଓ ମା ଡେଣ୍ଟାଲ କ୍ଲିନିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଭଦ୍ରକ ସାଂସ୍କୃତିକ ମହୋତ୍ସବ ଉଦ୍‌ଘାଟିତ

# 'ମହୋତ୍ସବ ମାଧ୍ୟମରେ ସମ୍ପର୍କ ଓ ଅଞ୍ଚଳର ବିକାଶ ହୋଇଥାଏ'



**ଭଦ୍ରକ,୩ା୧(ସମିସ):** ମହୋତ୍ସବ ମାଧ୍ୟମରେ ସମ୍ପର୍କ ଓ ନିଜ ଅଞ୍ଚଳର ବିକାଶ ହୋଇଥାଏ। ଭଦ୍ରକ ଜିଲ୍ଲା ହେଉଛି ତ୍ୟାଗର ମାଟି। ସମଗ୍ର ଓଡ଼ିଶା ରାଜ୍ୟରେ ଭଦ୍ରକ ଜିଲ୍ଲାର ସ୍ଥାନ ସବୁ କ୍ଷେତ୍ରରେ ସ୍ୱତନ୍ତ୍ର ରହିଛି। ଭାରତର ସ୍ୱାଧୀନତା ସଂଗ୍ରାମରେ ଏହି ମାଟିର ମଣିଷମାନେ ଯୋଗଦେଇ ଯେପରି ଅଦମ୍ୟ ସାହସ ପ୍ରଦର୍ଶନ କରି ବଳିଦାନ ଦେଇଛନ୍ତି ସେପରି ଏହି ମାଟି ସଂସ୍କୃତି, ସାହିତ୍ୟ, ଐତିହ୍ୟର ଗୌରବ ଗୀତିକା ଗାଉଛି। ଏହି ମାଟିର ମଣିଷ ଉତ୍କଳ କେଶରୀ ହରେକୃଷ୍ଣ ମହତାବ ନୂତନ ଓଡ଼ିଶା ଗଠନରେ ଯେପରି ନେତୃତ୍ୱ ନେଇଥିଲେ ସେପରି ଏହି ମାଟିର ଅମର କବି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ କାଳଜୟୀ ରଚନା 'ବନ୍ଦେ ଉତ୍କଳ ଜନନୀ' ଆମ ରାଜ୍ୟର ଜାତୀୟ ସଙ୍ଗୀତ ହୋଇ ଆମ ମାଟିର ଅସ୍ମିତାକୁ ଊର୍ଦ୍ଧ୍ୱକୁ ଟେକି ଧରିଛି। ଏଣୁ ଭାରତର ସ୍ୱାଧୀନତା ସଂଗ୍ରାମ ତଥା ସାଂସ୍କୃତିକ ଜାଗରଣ ଏହି ଭୂମିର ଅସ୍ମିତା ବୋଲି ସ୍ଥାନୀୟ ଐତିହାସିକ ଗାନ୍ଧୀ ପଡ଼ିଆଠାରେ ସଞ୍ଜୀବ କିଆ ପ୍ରାୟୋଜିତ ୧୦ମ ଭଦ୍ରକ ସାଂସ୍କୃତିକ ମହୋତ୍ସବ ଉଦ୍‌ଘାଟନ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମହୋତ୍ସବ କମିଟିର ସଭାପତି ରବିନାରାୟଣ ଖିଲାରଙ୍କ ପୌରୋହିତ୍ୟ ଓ ବାବା ଆଖଣ୍ଡଳମଣି କଲେଜ ଅଧ୍ୟକ୍ଷ ନିହାର ରଞ୍ଜନ କରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହକୁ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଓ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ମିଳିତ ଭାବେ ଉଦ୍‌ଘାଟନ କରିଥିବାବେଳେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।

ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟବକ୍ତା, ରୋଟାରିଆନ୍ ଅତିସ୍ ବେହେରା, କାଉନ୍‌ସିଲରଙ୍କ ପ୍ରତିନିଧି ସୂର୍ଯ୍ୟକୁମାର ଦାସ, ରାଜେଶ ଦାସ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ପାଦକ ଆଶିଷ ଅମିତାଭ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କୋଷାଧ୍ୟକ୍ଷ ପ୍ରିୟଦର୍ଶନ ବୋଇତି ଅତିଥିମାନଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିଥିବାବେଳେ, ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ସ୍ୱାଗତ ଭାଷଣ ସହିତ ସଙ୍ଗୀତ ପରିବେଷଣ କରିଥିଲେ। ଅଞ୍ଜନା ମିଶ୍ର, ପ୍ରଧାନଶିକ୍ଷୟିତ୍ରୀ ଡ. ଜାନକୀ ପାଢ଼ୀ ଓ କବୟିତ୍ରୀ ତଥା ଶିକ୍ଷୟିତ୍ରୀ ମନୋରମା ରାୟ, କବୟିତ୍ରୀ ଚୈତାଳି ଖିଲାର, ଗୀତାଞ୍ଜଳି ଅଗସ୍ତି ପ୍ରମୁଖ ଓଡ଼ିଶା ଜାତୀୟ ସଙ୍ଗୀତ ପରିବେଷଣ କରିଥିଲେ। ପରେ ଭଦ୍ରକର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଜାନୁଆରୀ ୨ରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ୧୧ ତାରିଖ ପର୍ଯ୍ୟନ୍ତ ୧୦ଦିନ ଧରି ଅନୁଷ୍ଠିତ ହେବ ବୋଲି ସଭାପତି ଶ୍ରୀ ଖିଲାର ପ୍ରକାଶ କରିଛନ୍ତି। ଉକ୍ତ ସାରସ୍ୱତ ଓ ସାଂସ୍କୃତିକ ସମାବେଶରେ ଓଡ଼ିଶା ସଂସ୍କୃତି ବିଭାଗ ଓ ଭଦ୍ରକ ଜିଲ୍ଲାର ବହୁ କଳାକାର ଅଂଶଗ୍ରହଣ କରିବେ ବୋଲି କମିଟିର ସମ୍ପାଦକ ଶ୍ରୀ ମହାପାତ୍ର ପ୍ରକାଶ କରିଛନ୍ତି। କାର୍ଯ୍ୟକାରୀ ସଭାପତି ସୁପ୍ରଭା ପାଣି, ସଂଗଠନ ସମ୍ପାଦକ ଜଗବନ୍ଧୁ ବେହେରା, ଅପୂର୍ବ ବେହେରା, ଅଜୟ ପଣ୍ଡା, ଆବାହକ ଅବିନାଶ ପଣ୍ଡା, କ୍ଷୀତିଶ ସାମନ୍ତ, ଶୁଭଦୀପ ମଲ୍ଲିକ, ଓମ୍‌କାର, ସୀତାକାନ୍ତ ବିଶ୍ୱାଳ, ଜଗନ୍ନାଥ ବେହେରା ପ୍ରମୁଖ କର୍ମକର୍ତ୍ତା ପରିଚାଳନା କରିଥିଲେ।

## ଉପଗ୍ରହ ସ୍କାନରରେ ସନ୍ଦେହଜନକ ଜମି



**ବାରିକପୁର,୩ା୧(ସମିସ):** ଉପଗ୍ରହ ସ୍କାନରରେ ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳର କିଛି ଅଣଚାଷ ଜମି ଚିହ୍ନଟ ହୋଇଛି। ଯେଉଁମାନେ ଖରିଫ୍ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିଲେ, ସେମାନେ ଚାଷ ହୋଇ ନ ଥିବା କିଛି ଜମିର କାଗଜପତ୍ର ପ୍ରଶାସନ ନିକଟରେ ଦାଖଲ କରିଥିଲେ। ସାଟେଲାଇଟ୍‌ରେ ସନ୍ଦେହ ହେବା ଯୋଗୁଁ ଉକ୍ତ ପ୍ଲଟ୍‌ଗୁଡ଼ିକର ପୁନଃ କ୍ଷେତ୍ରୀୟ ତଦନ୍ତ କରାଯାଇଛି। ମିଳିଥିବା ସୂଚନା ମୁତାବକ, ମାଳଦା ସମିତି ଅଧୀନସ୍ଥ ୩୨୩୬ ପ୍ଲଟ୍‌ରେ ଧାନଚାଷ ହୋଇ ନ ଥିବାବେଳେ ଜଳମଣ୍ଡୁଆ ସମିତିଠାରେ ପଞ୍ଜୀକରଣ ହୋଇଥିବା ଜମି ମଧ୍ୟରୁ ୧୪୬୮ଟି ପ୍ଲଟ୍‌ରେ କୌଣସି ଚାଷ ହୋଇନାହିଁ ବୋଲି ଉପଗ୍ରହ ସୂଚନା ଦେଇଛି। ସେହିଭଳି ନେରଡା ସମିତିଠାରେ ୧୦୭୩, ବାଲିପୋଖରୀ ସମିତିଠାରେ ୧୦୩୩, ନାରାୟଣପୁରରେ ୬୧୮, ରହଣିଆରେ ୧୨୭୩, ନାଆମୀରେ ୧୦୫୦, ତେସିଙ୍ଗା ସମିତି ଅଧୀନରେ ପଞ୍ଜିକୃତ ଜମି ମଧ୍ୟରୁ ୧୨୩୩ଟି ପ୍ଲଟ୍‌ରେ ଚାଷ ହୋଇନାହିଁ। ଅନୁରୂପ ଭାବେ ମନ୍ତ୍ରବାସିନୀ ଏସ୍‌ଏଚ୍‌ଜିଠାରେ ୨୫୭, ଶିରିଡ଼ି ସାଇଠାରେ ୯୭୩, ମା' ଆଦି ଶକ୍ତିଠାରେ ୭୭୪, ମା' ବଡ଼ମ୍ବାଠାରେ ୫୫୪, ମା' ଦୁର୍ଗାଠାରେ ୫୪୨, ଓମ୍ ବାବାମଣୀଠାରେ ୪୯୫, ଶକ୍ତି ସ୍ୱରୂପାଠାରେ ୬୪୨ ଓ ମା' ଦୂର୍ଗା(୨)ଠାରେ ପଞ୍ଜୀକରଣ ଜମି ମଧ୍ୟରୁ ୫୪୭ଟି ପ୍ଲଟ୍‌ରେ ଧାନଚାଷ ହୋଇ ନ ଥିବା ଉପଗ୍ରହରୁ ସନ୍ଦେହ ଦେଖାଯାଇଛି। ଏହିପରି ବ୍ଲକ୍‌ର ମୋଟ୍ ୧୩ ହଜାର ୫୫୨ ପ୍ଲଟ୍‌ରେ ଧାନଚାଷ ହୋଇ ନ ଥିବା ସନ୍ଦେହ ହେବାରୁ ଉକ୍ତ ଜମିର ପୁନର୍ବାର ଫଟୋ ଉଠାଯାଇ ଅନ୍‌ଲାଇନ୍ ଯୋଗେ ବିଭାଗକୁ ପଠାଇ ଦିଆଯାଇଛି। ନିର୍ଭରଯୋଗ୍ୟ ସୂଚନା ମୁତାବକ, ସନ୍ଦେହାତ୍ମକ ଜମି ମଧ୍ୟରୁ କିଛି ଜମିରେ ଚାଷ ହୋଇଥିବାବେଳେ ସର୍ବାଧିକ ପ୍ଲଟ୍‌ରେ ପଡ଼ିଆ, ଇଟାଭାଟି, ପୋଖରୀ, ବାସଗୃହ, ଖଳାବାଡ଼ି, ପାଳ, ଆମ୍ବ ବଗିଚା ଆଦି ରହିଥିବା ଜଣାପଡ଼ିଛି।

## ଭଦ୍ରକ ଜିଲ୍ଲାରେ ଧାନକିଣା ନେଇ ସଂଶୟ

# ସରିନି ମିଲର ଏଗ୍ରିମେଣ୍ଟ, ଟ୍ୟାଗିଂ କାର୍ଯ୍ୟ

- ଟୋକନ୍ ଇସ୍ୟୁ ଆରମ୍ଭ ହେଲାଣି
- କମ୍ ଦରରେ ବାହାର ବେପାରୀ ଧାନ ଉଠାଇବାକୁ ପ୍ରସ୍ତୁତ

**ଭଦ୍ରକ,୩ା୧(ସମିସ):** ରାଜ୍ୟର ଅନ୍ୟତମ କୃଷି ପ୍ରଧାନ ଜିଲ୍ଲା ଭାବେ ପରିଗଣିତ ଭଦ୍ରକ ଜିଲ୍ଲାରେ ରାତି ପାହିଲେ ଧାନକିଣା କାର୍ଯ୍ୟ ଆରମ୍ଭ ହେବ। ଚାଷୀମାନେ ମଧ୍ୟ ସେମାନଙ୍କର ବର୍ଷକର ଅମଳ ଧାନ କଟା ଶେଷ କରି ବିକ୍ରି କରିବାକୁ ଚାହିଁ ବସିଛନ୍ତି। ତେବେ ଏଯାଏଁ ଜିଲ୍ଲାରେ ସରକାରୀ ମଣ୍ଡି ଖୋଲିନି। ଫଳରେ ଚାଷୀ ମହଲ ହତାଶ ହୋଇପଡ଼ିଛନ୍ତି।

ସୂଚନାଯୋଗ୍ୟ, ଭଦ୍ରକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଗତ ନଭେମ୍ବର ୨୧ ତାରିଖ ଜିଲ୍ଲାସ୍ତରୀୟ ଧାନକ୍ରୟ(ଡିଏଲ୍‌ପିସି) ବୈଠକରେ ଆସନ୍ତା ୫ ତାରିଖରେ ସରକାରୀ ଧାନମଣ୍ଡି ଖୋଲିବ ବୋଲି ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ଚଳିତ ବର୍ଷ ଧାନର ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୩୧୮୦ ଟଙ୍କାରେ ଧାର୍ଯ୍ୟ ହୋଇଛି। ସେହିଭଳି ଜିଲ୍ଲାରେ ଏଥର ୨୨ଜଣ ମିଲର୍ ଧାନ ସଂଗ୍ରହରେ ସାମିଲ୍ ହେବେ। ସେହିଭଳି ଏବର୍ଷ ଖରିଫ୍ ଧାନକିଣାରେ ଜିଲ୍ଲାର ମୋଟ ୧୦୫ଟି ପଞ୍ଜିକୃତ ପ୍ୟାକ୍ସ(ସମବାୟ ସମିତି) ଓ ୫୦ଟି ପଞ୍ଜିକୃତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ମିଶାଇ ମୋଟ୍ ୧୫୫ଜଣ ଧାନ ସଂଗ୍ରହରେ ସାମିଲ୍ ହେବେ ବୋଲି ସ୍ପଷ୍ଟ ହୋଇଥିଲା। ତେବେ ଜିଲ୍ଲାରେ କୌଣସି ସରକାରୀ ମଣ୍ଡି ଆଜି ସୁଦ୍ଧା ଖୋଲିନି। ତେବେ ମଣ୍ଡି ଖୋଲିବା ପୂର୍ବରୁ ମିଲରମାନଙ୍କ ସହ ଏଗ୍ରିମେଣ୍ଟ କାର୍ଯ୍ୟ ତ୍ୱରାନ୍ୱିତ ହୋଇନି। ସେହିଭଳି କେଉଁ କେଉଁ ମଣ୍ଡି, ସୋସାଇଟି କେଉଁ ମିଲ୍‌କୁ ଧାନ ଦେବେ ସେ ନେଇ ଟ୍ୟାଗିଂ ଲିଷ୍ଟ ବି ପ୍ରସ୍ତୁତ ହୋଇନି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଶନିବାରଠାରୁ ଧାନକିଣା ଲାଗି ଚାଷୀଙ୍କୁ ଟୋକନ ଇସ୍ୟୁ ଆରମ୍ଭ ହୋଇଛି। ତେବେ ମଣ୍ଡି ଖୋଲି ନ ଥିବାବେଳେ ଚାଷୀ ଟୋକନ ଧରି ସୋସାଇଟିକୁ ଆସନ୍ତା ୫ ତାରିଖ ଧାନ ବିକ୍ରି ଲାଗି ଅଖା(ଗନି) ମାଗିବାକୁ ଗଲାବେଳେ ନିରାଶରେ ଫେରୁଥିବା ପରିଲକ୍ଷିତ ହୋଇଛି। ସୋସାଇଟି ଓ ମଣ୍ଡିଗୁଡ଼ିକୁ ଅଦ୍ୟାବଧି ଗନି ଯୋଗାଯାଇପାରିନି। କେମିତି ବି ହେବ, କାରଣ ମିଲର ଏଗ୍ରିମେଣ୍ଟ, ମିଲର ଟ୍ୟାଗିଂ କାର୍ଯ୍ୟ ତ ସରିନି। ତେଣୁ ଜିଲ୍ଲାରେ ଆସନ୍ତା ୫ ତାରିଖରୁ କେବଳ ଔପଚାରିକତା ଢଙ୍ଗରେ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ଏକ ମଣ୍ଡି ଶୁଭ୍ ଉଦ୍‌ଘାଟନ କରି ଧାନକିଣା କାର୍ଯ୍ୟ ଆରମ୍ଭ ହେବା ନେଇ ପ୍ରଚାର କରିବେ ବୋଲି ଧାନ ଟୋକନ ହାସଲ କରିଥିବା ଜଣେ ଚାଷୀ ନିଜ ନାମ ଗୋପନ ରଖି ପ୍ରତିକ୍ରିୟା ରଖିଛନ୍ତି। ଅନ୍ୟପକ୍ଷରେ ପ୍ରଶାସନର ଧାନକିଣାରେ ବିଳମ୍ବତାର ସୁଯୋଗ ନେଇ ଚାଷୀଙ୍କ ଧାନକୁ ୧୫୦୦ରୁ ୧୯୦୦ ଟଙ୍କା ଦରରେ ବୋହି ନେବାକୁ ବସିଲେଣି ବଙ୍ଗ ଓ ଆନ୍ଧ୍ର ବେପାରୀ। ଯାହା ଚାଷୀ ଅଭାବୀ ଧାନ ବିକ୍ରିର ଶିକାର ହେବାକୁ ବାଧ୍ୟ ହେବେ ବୋଲି ଜଣାଯାଇଛି। ଏନେଇ ଜିଲ୍ଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକଙ୍କୁ ପଚାରିବାରୁ, ମିଲର ଏଗ୍ରିମେଣ୍ଟ, ଟ୍ୟାଗିଂ କାର୍ଯ୍ୟ ଚାଲିଛି ବୋଲି କହିବା ସହ ଶନିବାରଠାରୁ ଟୋକନ ଇସ୍ୟୁ ହୋଇଥିବା କହିଛନ୍ତି। ଏଠାରେ ସୂଚନାଯୋଗ୍ୟ, ଭଦ୍ରକ ଜିଲ୍ଲାର ମୋଟ ୯୬ହଜାର ୨୩୩ଜଣ ପଞ୍ଜିକୃତ ଚାଷୀ ଧାନ ବିକ୍ରି କରିବେ। ଏଥର ଖରିଫ୍ ଧାନ କ୍ରୟରେ ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାକୁ ୧୩ଲକ୍ଷ ୩୦ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହର ଲକ୍ଷ୍ୟ(ଟର୍ଗେଟ) ଧାର୍ଯ୍ୟ ହୋଇଛି।

## ଅମାନିଆଙ୍କୁ ସାବାଡ଼ ପାଇଁ ପ୍ରସ୍ତୁତ ତିହିଡ଼ି ପୁଲିସ

**ଦୋଳସାହି,୩ା୧(ସମିସ):** ତିହିଡ଼ି ଥାନା ଅଞ୍ଚଳରେ ଦିନକୁ ଦିନ ଅମାନିଆଙ୍କ ଉତ୍ପାତ ଓ ଦୌରାତ୍ମ୍ୟ ବୃଦ୍ଧି ପାଉଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏଭଳି ସମୟରେ ଏହି ଅମାନିଆଙ୍କୁ ସାବାଡ଼ ପାଇଁ ତିହିଡ଼ି ପୁଲିସ ପ୍ରସ୍ତୁତି ଆରମ୍ଭ କରିଛି। ତିହିଡ଼ି ଥାନା ଅଞ୍ଚଳରେ ବ୍ୟାପକ ଭାବେ ଚୋରା ଦେଶୀ ଓ ବିଦେଶୀ ମଦ ବିକ୍ରି ହେଉଥିବାବେଳେ ଅଳ୍ପ ବୟସର ପିଲା ଓ ଯୁବକରୁ ବୃଦ୍ଧ ମଦ୍ୟପାନ କରି ବିଭିନ୍ନ ସ୍ଥାନରେ ଅଘଟଣ ଘଟାଉଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଚୋରା ମଦ ବେପାରୀମାନେ ମଦ ପିଇବା ପାଇଁ ବିଭିନ୍ନ ପ୍ରକାରର ଚାଖଣା ବେପାର କରୁଥିବା ନେଇ ଏହି ମଦ୍ୟପମାନେ ବିଭିନ୍ନ ସ୍ଥାନରେ ଆସର ଜମାଉଥିବା ଦେଖିବାକୁ ମିଳୁଛି। ସେହିପରି ତିହିଡ଼ି ଥାନା ଅଞ୍ଚଳକୁ ସାବରଙ୍ଗ, ପୀରହାଟ, ଚାନ୍ଦବାଲି ଓ ଭଦ୍ରକର ବିଭିନ୍ନ ଥାନା ଅଞ୍ଚଳରୁ ନିଶାଡ଼ିମାନେ ଆସି ଆସର ଜମାଉଥିବା ସହ ବିଭିନ୍ନ ଧରଣର ଅସାମାଜିକ କାର୍ଯ୍ୟରେ ଲିପ୍ତ ହେଉଥିବା ସାଧାରଣରେ ଆଲୋଚନା ହେଉଛି। ଏହି ଅମାନିଆଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଥିବାରୁ ତିହିଡ଼ି ପୁଲିସ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆରମ୍ଭ କରିଛି। ଏହି ଅମାନିଆଙ୍କୁ ସାବାଡ଼ କରିବା ପାଇଁ ପୁଲିସ ନିୟମିତ ଚଢ଼ଉ, ପାଟ୍ରୋଲିଂ ଆଦି କରିବା ସହ ଯାନବାହନ ଯାଞ୍ଚ ଅଭିଯାନ ମଧ୍ୟ ଆରମ୍ଭ କରିଥିବା ସୂଚନା ମିଳିଛି।

## ରାହାଞ୍ଜି ସେବା ସମବାୟ ସମିତିର ସାଧାରଣ ସଭା



**ଭଦ୍ରକ,୩ା୧(ସମିସ):** ଭଦ୍ରକ ବ୍ଲକ୍ ଅନ୍ତର୍ଗତ ରାହାଞ୍ଜି ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସମବାୟ ସମିତି ସଭାପତି ତପନ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର-ଭଦ୍ରକ ସମବାୟ ବ୍ୟାଙ୍କର ଭଦ୍ରକ ଶାଖା ପରିଚାଳକ ସଞ୍ଜୟ ମହାନ୍ତି ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସହ ଉପନିବନ୍ଧକ ବସନ୍ତ କୁମାର ରଣା, ଜଗଦଲପୁର ସରପଞ୍ଚ ତିଳୋତ୍ତମା ମହାପାତ୍ର, ପୂର୍ବତନ ସରପଞ୍ଚ ପ୍ରହ୍ଲାଦ ପଣ୍ଡା ଓ ନରେନ୍ଦ୍ର ସାହୁ, ପୂର୍ବତନ ସଭାପତି ବସନ୍ତ ପଣ୍ଡା, ଗ୍ରାମସେବକ ନୀଳକଣ୍ଠ ବାରିକ ଯୋଗଦେଇ ଚଳିତ ପରିଚାଳନା ପରିଷଦର କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ। ସମ୍ପାଦକ ଅନିରୁଦ୍ଧ ଧୀନ୍ଦା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରର ୩ ଜଣ ଚାଷୀ ଭି.ଭି. ଗିରି, ବ୍ରଜକିଶୋର ପଣ୍ଡା ଓ ଅକ୍ଷୟ ବାରିକ ଏବଂ ମା' ଭଗବତୀ ସ୍ୱୟଂ ସହାୟକ ଗୋଷ୍ଠୀ, ତାଗିରା, ଜୟ ଲକ୍ଷ୍ମୀନାରାୟଣ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ କବିତା ଦାସ, ଲକ୍ଷ୍ମୀଧର ନାୟକ, ଅପର୍ଣ୍ଣା ପଣ୍ଡା, ରଙ୍ଗଲତା ସାହୁ, ଅଶୋକ ଧୀନ୍ଦା, ସୁକାନ୍ତ ସାହୁ, ଜୟଚନ୍ଦ୍ର ଦାସ, ପ୍ରଶାନ୍ତ ମଲ୍ଲିକ, ସୁବାସ ପରିଡ଼ା, ଧାନ କ୍ରୟ କମିଟି ସଦସ୍ୟ କାଳନ୍ଦୀ ଭଞ୍ଜ, ରାଜେଶ କବି, ଅକ୍ଷୟ ମହାନ୍ତି, ଗଙ୍ଗାଧର ମହୁରୀ, ସଞ୍ଜୟ ମହୁରୀ, ବିକାଶ ବଳ, ଦୀନବନ୍ଧୁ ବେହେରା ସହଯୋଗ କରିଥିବାବେଳେ ଡାଇରେକ୍ଟର ବସନ୍ତ ନାୟକ ଧନ୍ୟବାଦ ଦେଇଥିଲେ।

## ପାଣି ମୋଟର, ବ୍ୟାଟେରି, ସିଲିଣ୍ଡର ଉଦ୍ଧାର; ୨ ଗିରଫ



**ତିହିଡ଼ି,୩ା୧(ସମିସ):** ତିହିଡ଼ି ଥାନା ମହରମପୁର ପଞ୍ଚାୟତରେ ବିଭିନ୍ନ ଘରମାନଙ୍କରେ ତଥା ପଞ୍ଚାୟତ ଅଫିସରେ ଗତ ୨ମାସ ହେବ ଚୋରି ବଢ଼ି ଯାଇଥିଲା। ତେବେ ତିହିଡ଼ି ପୁଲିସ ଦୁଇ ଚୋରଙ୍କୁ ଧରିବାରେ ସକ୍ଷମ ହୋଇଛି। ଗିରଫ ହୋଇଥିବା ଦର୍ବୃତ୍ତ ହେଲେ ମହରମପୁର ଅଞ୍ଚଳର କାର୍ତ୍ତିକ ଜେନା ଓ ହେମନ୍ତ ବାରକ। ସେମାନଙ୍କଠାରୁ ପୁଲିସ ପାଣି ମୋଟର, ବ୍ୟାଟେରି, ସିଲିଣ୍ଡର ଆଦି ବହୁ ଚୋରି ସାମଗ୍ରୀ ଜବତ କରି କୋର୍ଟ ଚାଲାଣ କରିଛି।

## ଶାରଦା ଆଶ୍ରମଠାରେ କମ୍ବଳ ବଣ୍ଟନ

**ବାରିକପୁର,୩ା୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ୍ ତେସିଙ୍ଗା ପଞ୍ଚାୟତ ବିଶୋଳ ବାସୁଳେଇ ପୀଠସ୍ଥିତ ରାମକୃଷ୍ଣ ଶାରଦା ଆଶ୍ରମଠାରେ ଶୀତ ବସ୍ତ୍ର ଓ କମ୍ବଳ ବଣ୍ଟନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମା' ଶାରଦା ଦେବୀଙ୍କ ଆଶ୍ରିତ ତଥା ଆଶ୍ରମ ପରିଚାଳକ ସ୍ୱାମୀ ରାମେଶ୍ୱରାନନ୍ଦ ଉପସ୍ଥିତ ରହି ଗ୍ରାମର ଗରିବ ବୃଦ୍ଧବୃଦ୍ଧାମାନଙ୍କୁ ଶୀତ ବସ୍ତ୍ର ସହିତ କମ୍ବଳ ବିତରଣ କରିଥିଲେ। ଏହାଛଡ଼ା ମହିଳାଙ୍କୁ ମଧ୍ୟ ଶାଢ଼ି ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମକୁ ବ୍ରହ୍ମଚାରିଣୀ ଦ୍ୱେତୀ ପରିଚାଳନା କରିଥିଲେ। ପ୍ରତ୍ୟେକ ବର୍ଷ ମା' ସାରଦା ଦେବୀଙ୍କ ଜୟନ୍ତୀ ପାଳନ ଉପଲକ୍ଷେ ଗରିବ ବୃଦ୍ଧବୃଦ୍ଧାମାନଙ୍କୁ ଆଶ୍ରମ ପକ୍ଷରୁ ଶୀତ ବସ୍ତ୍ର ବଣ୍ଟନ ହୋଇଥାଏ।



## ଆଗରପଡ଼ା ଯୁବ ମହୋତ୍ସବ ଉଦ୍‌ଯାପିତ

### ସୁନାବୋହୂ ମୁକୁଟ ପିନ୍ଧିଲେ ପ୍ରୀତିରେଖା



**ବନ୍ତ/ଆଗରପଡ଼ା,୩ା୧(ସମିସ):** ଦୀର୍ଘ ୮ଦିନ ଧରି ଆଗରପଡ଼ାସ୍ଥ ହେମପଦ୍ମ ଗାଲାକ୍ସିରେ ଚାଲିଥିବା ୪ର୍ଥ ବାର୍ଷିକ ଆଗରପଡ଼ା ଯୁବ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। କମିଟି ସଭାପତି ଇଂ ଅମୀୟ ରଞ୍ଜନ ରାମଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ ଯୋଗଦେଇ ଏହି ସଂଗ୍ରାମୀ ମାଟିରେ ଯୁବ ମହୋତ୍ସବ ଅସ୍ମିତାର ରଙ୍ଗରେ ରଙ୍ଗେଇ ହୋଇ ଜନ ମନ ହରଣ କରୁଛି, ଯାହା ଉପସ୍ଥିତ ଦର୍ଶକଙ୍କ ସମାଗମରୁ ଜଣାପଡୁଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୁରୁଷଣ୍ଡ ସେବା ସମବାୟ ସମିତି ସଭାପତି ପ୍ରଶାନ୍ତ ଦାଶ, ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ସ୍ମୃତିରଞ୍ଜନ ସ୍ୱାଇଁ, ପାଇମହୁରା ସରକାରୀ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ଭଦ୍ରକର ଅବସରପ୍ରାପ୍ତ ଅଧ୍ୟକ୍ଷ ଚିନ୍ତାମଣି ପାଣିଗ୍ରହୀ, ବିଜେଡି ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ନିର୍ବାଚନମଣ୍ଡଳୀ ଯୁବ ସଭାପତି ବିପିନ ବିହାରୀ ନାୟକ, ସରପଞ୍ଚ ପ୍ରକାଶ ବିଶ୍ୱାଳ, ନିରୋଜ ଆଇଚ ପ୍ରମୁଖ ଯୋଗଦେଇ ଯୁବ ମହୋତ୍ସବର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହିତ ଯୁବ ମହୋତ୍ସବ କମିଟିର ଏତାଦୃଶ୍ୟ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। କମିଟିର ସମ୍ପାଦକ ସାମ୍ବାଦିକ ପ୍ରଦ୍ୟୁମ୍ନ ପୁହାଣ ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ଉପଦେଷ୍ଟା ପ୍ରଫୁଲ୍ଲ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ କମିଟି ସଂଗଠନ ସମ୍ପାଦକ ଚିନ୍ମୟ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ହେମପଦ୍ମ ଗାଲାକ୍ସି ପରିବାର ପକ୍ଷରୁ ୧୦ ଜଣ ବୟୋଜ୍ୟେଷ୍ଠ କ୍ରୀଡ଼ାବିତ୍‌ଙ୍କୁ ବିଧାୟକ ମାନପତ୍ର ଓ ଉପଢ଼ୌକନ ସହ ନଗଦ ଅର୍ଥରାଶି ପ୍ରଦାନ କରିବା ସହ ଆଗରପଡ଼ା ଅଞ୍ଚଳର ପ୍ରତିଭାଧାରୀ ବ୍ୟକ୍ତିବିଶେଷ ଚିନ୍ତାମଣି ପାଣିଗ୍ରାହୀ, ଅଧ୍ୟାପକ ଡ. ହରିହର ଦାସ, ସିଆର୍‌ସିସି ପରମେଶ୍ୱର ପୃଷ୍ଟି, ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଥିବା ବଡ଼ମହିଁଷଗୋଠ ଗ୍ରାମର ଛାତ୍ରୀ ଜୟସ୍ମିନ ପାଣିଗ୍ରାହୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଦୀର୍ଘ ୮ ଦିନ ଧରି ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଚଳିତ ବର୍ଷ ଏହି ମହୋସବର ଆକର୍ଷଣ ଭିତ୍ତିକ କାର୍ଯ୍ୟକ୍ରମ କିଏ ହେବ ଆଗରପଡ଼ାର "ସୁନା ବୋହୂ' ଓ କିଏ ହେବ ଆଗରପଡ଼ାର "ସୁନା ଝିଅ' ପ୍ରତିଯୋଗିତାର ବିଜୟିନୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଅତିଥିମାନେ ପ୍ରୀତିରେଖା ସାହୁଙ୍କୁ 'ସୁନା ବୋହୂ'ର ମୁକୁଟ ପିନ୍ଧାଇଥିବାବେଳେ ଭୂମୀ ସ୍ମିତା ରଣାଙ୍କୁ 'ସୁନାଝିଅ'ର ମୁକୁଟ ପିନ୍ଧାଇଥିଲେ। ବିଚାରକ ଭାବେ ଶିକ୍ଷକ ଗୌରାଙ୍ଗ ବିଶ୍ୱାଳ ଓ ନୃତ୍ୟ ଗୁରୁ ତଥା ସଂଗୀତଜ୍ଞ ବନବିହାରୀ ପୃଷ୍ଟି କାର୍ଯ୍ୟ ତୁଲାଇଥିଲେ। କାର୍ଯ୍ୟକ୍ରମକୁ କୋଷାଧ୍ୟକ୍ଷ ନୃସିଂହ ଖୁଣ୍ଟିଆ, ଯୁଗ୍ମ ସମ୍ପାଦକ ବାବୁରାମ ବେହେରା, ଉପସଭାପତି ତପନ ପୃଷ୍ଟି, ଜିତେନ୍ଦ୍ର ଶତପଥି, ହିମାଦ୍ରୀ ମହାନ୍ତି, ବାପୁନୁ ସିଂହ, ହାପୀ ରାୟ, ପରେଶ ରଥ ଏବଂ ଶୋଭନୀୟ ଶିକ୍ଷାଶ୍ରମର ଛାତ୍ରଛାତ୍ରୀମାନେ ପରିଚାଳନାରେ ସହଯୋଗ କରିଥିଲେ।

## ସ୍ୱାଧୀନତା ସଂଗ୍ରାମୀଙ୍କ ଧର୍ମପତ୍ନୀଙ୍କ ସ୍ମୃତିଚାରଣ ସଭା



**ଧାମନଗର,୩ା୧(ସମିସ):** ବୟାଙ୍ଗଡିହି ପଞ୍ଚାୟତ କମାରବନ୍ଧ ଗାଁର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତଙ୍କ ଧର୍ମପତ୍ନୀ ତଥା ବରିଷ୍ଠ ବ୍ୟବସାୟୀ ପ୍ରଶାନ୍ତ ରାଉତ ଓ ସାମ୍ବାଦିକ ସୁଶାନ୍ତ ରାଉତଙ୍କ ମାଆ ଲକ୍ଷ୍ମୀପ୍ରିୟା ରାଉତଙ୍କ ଏକାଦଶାହ ଅବସରରେ ସ୍ମୃତିଚାରଣ ସଭାରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସମ୍ମାନପ୍ରାପ୍ତ ଗୁରୁଶ୍ରୀ ସୁବାସ ଚନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଅତିଥିମାନେ ତାଙ୍କର ସ୍ମୃତିଚାରଣ କରିଥିଲେ। ଜଣେ ଧର୍ମପ୍ରାଣା, ସ୍ନେହୀ ଓ ପରୋପକାରୀ ମହିଳା ଥିଲେ ଲକ୍ଷ୍ମୀପ୍ରିୟା। ତାଙ୍କ ପ୍ରେରଣାରେ ନିଜ ସ୍ୱାମୀ ଦେଶର ଜଣେ ସ୍ୱତନ୍ତ୍ର ସୈନିକର ମାନ୍ୟତା ପାଇ ପରିବାର ସହିତ ଜିଲ୍ଲାର ଗୌରବ ବୃଦ୍ଧି କରିପାରିବା ସହ ନିଜର ସନ୍ତାନସନ୍ତତିମାନେ ସୁପ୍ରତିଷ୍ଠିତ ହୋଇଛନ୍ତି ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିଲେ। ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପ୍ରାକ୍ତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ ନାୟକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ଉପାଧ୍ୟକ୍ଷ ଓସିମ୍ ଏଜଦାନି କାଦରୀ, ସମାଜସେବୀ ଡ. ସଞ୍ଜୟ ଦାସ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରଞ୍ଜିତା ସ୍ୱାଇଁ, ଉମେଶ ମହାନ୍ତି, ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀ, ସୁଧାକର ଦାଶ, ବରିଷ୍ଠ ନାଗରିକ ପରିଷଦର ସଭାପତି ଅନିଲ ବାରିକ, ହାଇକୋର୍ଟ ଓକିଲ ଦେବାଶିଷ ସାମଲ, ଧାମନଗର ଓକିଲ ସଂଘ ସଭାପତି ଅଶୋକ ଦାସ, ସମ୍ପାଦକ ରଞ୍ଜିତ୍ ମହାନ୍ତି, ଅମର ମହାନ୍ତି, ସମିତିସଭ୍ୟ ସୂର୍ଯ୍ୟକାନ୍ତ ନାୟକ, ଜ୍ଞାନରଞ୍ଜନ ମହାକୁଡ଼ ପ୍ରମୁଖ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇ ତାଙ୍କ ଅମରଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ। ସ୍ୱାମୀ ସଂଗ୍ରାମୀ ବ୍ରଜକିଶୋର ରାଉତ, ବଡ଼ ପୁଅ ପ୍ରଶାନ୍ତଙ୍କ ସହ ପରିବାର ବର୍ଗ ସମେତ ଜ୍ଞାନ୍ତିକୁଟୁମ୍ବ, ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିବାବେଳେ ସାନ ପୁଅ ସୁଶାନ୍ତ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ବେଆଇନ ଇଟାଭାଟି ଉପରେ ପ୍ରଶାସନିକ ଅଙ୍କୁଶ ନାହିଁ

# ସରକାରୀ ସ୍ଥାନରୁ ମାଟି ଚୋରି ଅଭିଯୋଗ

**ବାରିକପୁର,୩ା୧(ସମିସ):** ନିଜ ଜମିରୁ ମାଟି ଖୋଳି ଇଟା ପକାଇବା ପାଇଁ ପ୍ରଶାସନ କାଳେ ଭିତିରିଆ ନିର୍ଦ୍ଦେଶ ଦେଇଥିବା କିଛି ବ୍ୟବସାୟୀ ମତପ୍ରକାଶ କରିଛନ୍ତି। ଏପଟେ ଇଟା ବେପାର ପାଇଁ ପ୍ରକୃତରେ ସରକାରୀ ଜମିରୁ ଅଧିକ ମାଟି ଚୋରି ହୋଉଥିବା ଅଭିଯୋଗ ହେଉଛି।

ସୂଚନା ମୁତାବକ, ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳଟି ୧୪୬ ଗାଁ ସମେତ ୨୩ଟି ପଞ୍ଚାୟତକୁ ନେଇ ଗଠିତ ହୋଇଛି। ଏଥିମଧ୍ୟରୁ ପାଖାପାଖି ୧୦ଟି ପଞ୍ଚାୟତ ଅଞ୍ଚଳରେ ପ୍ରତ୍ୟେକ ବର୍ଷ ବେଆଇନ ଇଟା ବ୍ୟବସାୟ ହୋଇଥାଏ। ସାଧାରଣତଃ ବନ୍ଦାଳ ମଢ଼ିଆଳୀ, ଝୁଟଣା, ନେରଡା, ବାଲିପୋଖରୀ, ଷୋଳମପୁର ପ୍ରମୁଖ ପଞ୍ଚାୟତଗୁଡ଼ିକରେ ମାତ୍ରାଧିକ ଇଟାଭାଟି ଗଢ଼ି ଉଠିଥିବାବେଳେ ରଘୁନାଥପୁର, ବିରୋଳି, ବନସ୍ତା ପ୍ରମୁଖ ସ୍ଥାନରେ ମଧ୍ୟମ ଧରଣର ଇଟା ବ୍ୟବସାୟ ହୋଇଥାଏ। ଏହାକୁ ଛାଡ଼ିଦେଲେ ଅନ୍ୟାନ୍ୟ କେତେକ ସ୍ଥାନରେ ମଧ୍ୟ ଏବେ ନୂଆ ନୂଆ ଇଟା ବ୍ୟବସାୟ ଆରମ୍ଭ ହୋଇଥିବା ଦେଖିବାକୁ ମିଳିଛି। କିଛି ଲୋକ ନିଜ ଜାଗାରୁ ମାଟି ଖୋଳି ଇଟା ପକାଇ ବେପାର କରୁଥିବାବେଳେ ଆଉ କିଛି ଲାଭଖୋର୍ ବ୍ୟବସାୟୀ ସରକାରୀ ସ୍ଥାନରୁ ମାଟି ଚୋରି କରୁଛନ୍ତି। ଦୈନିକ ଟ୍ରିପ୍ ଟ୍ରିପ୍ ମାଟି ଖନନ ହେଉଥିବା ଜଣାଯାଇଛି। ଇଟାଭାଟି ପାଇଁ ଦୈନିକ ବେଆଇନ ମାଟି ଚୋରି ହେଉଥିଲେ ମଧ୍ୟ ଉକ୍ତ ଅଞ୍ଚଳର ରାଜସ୍ୱ ନିରୀକ୍ଷକମାନେ ନିରବଦ୍ରଷ୍ଟା ସାଜିଛନ୍ତି। ଦୈନିକ ପ୍ରାୟ ୩୦ରୁ ଅଧିକ କଞ୍ଚା ଇଟାଭାଟିକୁ କୋଇଲା ଓ କାଠ ଦ୍ୱାରା ଆଗ୍ନେୟ ଯୋଗାଯାଇଥାଏ। ଏଥିରୁ ନିର୍ଗତ ଉଚ୍ଚ ଜ୍ୱଳନ ଓ ଧୂଆଁ ସିଧାସଳଖ ବାୟୁମଣ୍ଡଳରେ ମିଶିଥାଏ। ଫଳରେ ତାପମାତ୍ରା ବୃଦ୍ଧିରେ ଏହା ପ୍ରମୁଖ ସହାୟକ ହେଉଥିବା ବିଶେଷଜ୍ଞମାନେ ମତ ଦେଇଛନ୍ତି। ନିର୍ଦ୍ଦିଷ୍ଟ ଅଞ୍ଚଳର କେତେକ ଲାଭଖୋର୍ ବ୍ୟକ୍ତି ବର୍ଷକୁ ବର୍ଷ ଇଟା ବ୍ୟବସାୟ କରି ଆର୍ଥିକ ଭାବେ ସଶକ୍ତ ହେଉଥିବାବେଳେ ଏଥିପାଇଁ ଅନେକ ରାଜସ୍ୱ ହାନୀ ସହିତ ବାୟୁମଣ୍ଡଳ ଦୂଷିତ ହେଉଛି। ପରିତାପର ବିଷୟ ଏଭଳି ବେଆଇନ ଇଟାଭାଟି ଉପରେ ପ୍ରଶାସନିକ ଅଙ୍କୁଶ ରହୁନାହିଁ। ଏପରିକି କିଛି ଖଜଣା ଆଦାୟ ନାମରେ ରାଜସ୍ୱ ବିଭାଗ ଏଭଳି ବେଆଇନ ଇଟା ବ୍ୟବସାୟୀଙ୍କୁ ପରୋକ୍ଷରେ ପ୍ରୋତ୍ସାହିତ କରୁଥିବା ହେତୁ ପ୍ରତ୍ୟେକ ବର୍ଷ ଇଟାଭାଟି ସଂଖ୍ୟା ବୃଦ୍ଧି ପାଉଥିବା କୁହାଯାଇଛି।



### ମାଲେମାଲ୍ ହେଉଛନ୍ତି ବେଆଇନ ଇଟାଭାଟି ମାଲିକ

**ଦୋଳସାହି,୩ା୧(ସମିସ):** ଜିଲ୍ଲାରେ ଖଣି ବିଭାଗ ସ୍ଥାଣୁ। ଏହାର ସୁଯୋଗ ନେଇ ତିହିଡ଼ି ତହସିଲ୍ ଅଧୀନରେ ବ୍ୟାପକ ଭାବେ ବେଆଇନ ମାଟିଇଟା ଚାଲିଛି। ଏହାର ମାଲିକ ମାଲେମାଲ୍ ହେଉଛନ୍ତି। ସୂଚନାଯୋଗ୍ୟ, ସରକାରଙ୍କ ପକ୍ଷରୁ ଖଣିଜ ସମ୍ପଦ ବିଭାଗକୁ ଫାଇନ୍ କାଟିବା ପାଇଁ ଗତ ବର୍ଷରୁ ଦାୟିତ୍ୱ ଦିଆଯାଇଛି। ଏହି ଖଣି ବିଭାଗ କାର୍ଯ୍ୟାଳୟ ଜଣେ ମାତ୍ର ଅଧିକାରୀ ଦାୟିତ୍ୱ ମଣ୍ଡନ କରିଛନ୍ତି। କର୍ମଚାରୀ ଅଭାବ ଥିବା ଯୋଗୁଁ ଏହି ବେଆଇନ ଇଟାଭାଟି ମାଲିକମାନଙ୍କ ମଧ୍ୟରୁ ଅଧିକାଂଶ ଗତବର୍ଷଠାରୁ ରାଜସ୍ୱ ଫାଙ୍କିବାରେ ଲାଗିପଡ଼ିଛନ୍ତି। ଏ ଦିଗରେ ଜିଲ୍ଲା ପ୍ରଶାସନ ଗୁରୁତ୍ୱର ସହ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଜାତୀୟ ରାଜପଥରେ ଦୁର୍ଘଟଣା; ୨ ଗୁରୁତର

**ଯଖପୁରା, ୩୧।୧(ସମିସ):** ଡୁବୁରୀ ଚଣ୍ଡିଖୋଲ ଜାତୀୟ ରାଜପଥ ଦୁର୍ଘଟଣାର କାରଣ ସାଜିଛି। ରାସ୍ତା ନିର୍ମାଣ ଶେଷ ହୋଇନଥିବାରୁ ବାରମ୍ବାର ଦୁର୍ଘଟଣା ଘଟିଛି। ଆଜି ୫୩ ନମ୍ବର ଜାତୀୟ ରାଜପଥରେ ପଙ୍କପାଳ ନିକଟରେ ନିର୍ମାଣ ହେଉଥିବା ଓଭର ବ୍ରିଜ୍ ନିକଟରେ ଏକ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ୨ ଜଣ ଗୁରୁତର ହୋଇ ଡାକ୍ତରଖାନା ସ୍ଥାନାନ୍ତରିତ ହୋଇଛନ୍ତି। ଘଟଣା ମୁତାବକ ଦୁଇଜଣ ବାଇକ୍ ଆରୋହୀ ଚଣ୍ଡିଖୋଲ ଅଭିମୁଖେ ଯାଉଥିବା ବେଳେ ସେହି ଦିଗ ଅଭିମୁଖେ ଏକ ଟିପ୍ପର (ଓଡି ୦୯ଏଚ ୬୨୦୫) ଯାଉଥିଲା। ଅସାବଧାନତା ହେତୁ ଟିପ୍ପର ସହିତ ମୋଟର ସାଇକଲଟି ପିଟି ହୋଇଯାଇଥିଲା। ଫଳରେ ବାଇକ୍ ଆରୋହୀ ଦୁଇ ଜଣ ଟିପ୍ପର ଚକା ତଳେ ପଡ଼ିଯାଇଥିଲି। ଟିପ୍ପରଟି ଦୁଇ ଜଣଙ୍କ ଉପରେ ଚଢ଼ିଯିବାରୁ ସେମାନେ ଗୁରୁତର ଆହତ ହୋଇଥିଲେ। ଆହତ ଦୁଇ ଜଣ ନିହଲପ୍ରସାଦ ଥାନା ଅନ୍ତର୍ଗତ ଖଙ୍କିରା ପଞ୍ଚାୟତ ଘୋରାଘୋରୀ ଗ୍ରାମର ମଦନ ଚାତାରଙ୍କ ପୁଅ ସୁରେନ୍ଦ୍ର ଚାତାର (୨୬) ଓ ମଧୁ ବାଗେ ପୁଅ ରାଜୁ ବଗେ (୩୦)। ଆହତ ଦୁଇ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଟାଟା ମେଡିକାଲ୍‌ରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ଘଟାଇଥିବା ଟିପ୍ପର ଓ ବାଇକ୍‌କୁ ପୁଲିସ ଜବତ କରି ଥାନାକୁ ଆଣିଛି।

# ୫୨ ଗ୍ରାମ ବ୍ରାଉନସୁଗର ଜବତ; ୩ ଗିରଫ

**ଯାଜପୁର ଟାଉନ, ୩୧।୧(ସମିସ):** ଯାଜପୁର ଅବକାରୀ ବିଭାଗ ପକ୍ଷରୁ ଯାଜପୁର ସହରର ବଲ୍ଲଭୀଘାଟ ନିକଟରୁ ବ୍ରାଉନସୁଗର ସହ ୩ ଜଣଙ୍କୁ କାବୁ କରାଯାଇଛି। ପାଟ୍ରୋଲିଂ ସମୟରେ ଯୁବକ ୩ ଜଣ ଦୌଡ଼ି ପଳାଉ ଥିବା ବେଳେ ଟିମ ଗୋଡ଼ାଇ ଧରିଥିଲେ। ପରେ ସେମାନଙ୍କ ପାଖରୁ ୫୨ ଗ୍ରାମ ବ୍ରାଉନସୁଗର ଜବତ କରାଯାଇଛି। ସେମାନେ ବ୍ୟବହାର କରୁଥିବା ବାଇକ ବି ଜବତ କରାଯାଇଛି। ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୫ ଲକ୍ଷରୁ ଅଧିକା ରହିଛି। ଯାଜପୁର ସହରରେ ଏପରି ଯୁବ ପିଢ଼ି ଧଳା ଜହର ମାୟାରେ ପଡ଼ି ପଥଭ୍ରାଷ୍ଟ ହୋଉଛନ୍ତି। ଯୁବକମାନଙ୍କ ମଧ୍ୟରୁ ୨ ଜଣ ଟାଉନ ଥାନା ଅଞ୍ଚଳରୁ ହୋଇଥିବା ବେଳେ ଜଣେ ଭଦ୍ରକ ଅଞ୍ଚଳର।

## ବରୁଣେଶ୍ୱର କୁଶଭଦ୍ରା ନାଳ ପୋଲ

# ଖସିଗଲାଣି ପଥର; ମକରମେଳାକୁ ବିପଦ

**ବିଞ୍ଝାରପୁର, ୩୧।୧ (ସମିସ)**

ବିଞ୍ଝାରପୁର ଅଞ୍ଚଳରେ ମକର ପର୍ବ ଆଗକୁ ପାଳନ ହେବାକୁ ଯାଉଛି। ଯାହା ଅରେଇ ପଞ୍ଚାୟତ ବରୁଣେଶ୍ୱର କ୍ଷେତ୍ରରେ ପାଳନ ହୋଇଥାଏ। ଏହି ମେଳା ଦୀର୍ଘ ୯ ଦିନ ଧରି ଅନୁଷ୍ଠିତ ହୋଇଥାଏ। ମେଳା ମାତ୍ର ଆଉ ଅଳ୍ପ ଦିନ ବାକି ରହିଛି। ଜାନୁଆରୀ ୧୪ ଠାରୁ ଏହି ମେଳା ଆରମ୍ଭ ହେବାକୁ ଯାଉଛି। ପଲ୍ଲୀଶ୍ରୀ ମେଳା ଭାବରେ ସାରା ରାଜ୍ୟରେ ପ୍ରସିଦ୍ଧ ବରୁଣେଶ୍ୱର ମକର ମେଳା। ଲକ୍ଷାଧିକ ଭକ୍ତଙ୍କ ସମାଗମ ସହ ଛଅ ଗୋଟି ଅପେରା ପାର୍ଟି ଯାତ୍ରା ପରିବେଷଣ ହେବାର କାର୍ଯ୍ୟକ୍ରମ ରହିଛି। ଏହି ମେଳା ପଡ଼ିଆକୁ ମକର ସମୟରେ ଅପେରା ଟ୍ରକ୍ ଗୁଡିକ ଯା'ଆସ କରିବା ସହ ବିଭିନ୍ନ ଷ୍ଟଲମାନଙ୍କ ଗାଡ଼ି ଯାତାୟତ କରିବ। କିନ୍ତୁ ବଡ଼ ଦୁଃଖର ବିଷୟ ପାଲଟିଛି ମଇଁଦା-ବରୁଣେଶ୍ୱର କ୍ଷେତ୍ରକୁ ସଂଯୋଗ କରୁଥିବା କୁଶଭଦ୍ରା ନାଳ ଉପରେ ଥିବା ବ୍ରିଜ। ଯାହା ଆଜି ସମ୍ପୂର୍ଣ୍ଣ ରୂପେ ବିପଦପୂର୍ଣ୍ଣ ଭାବେ ରହିଛି।

ଦୀର୍ଘ ୩୦ ବର୍ଷ ପୂର୍ବରୁ ଏହି ବ୍ରିଜ ନିର୍ମାଣ କରାଯାଇଥିବା ବେଳେ ପଥର ଗୁଡିକ ଖସିପଡ଼ିଲାଣି। ଦୀର୍ଘ ଦିନ ହେବ ଏହି ବ୍ରିଜରୁ ପଥର ଖସି ଆଜି ବିପଦ



ମୁଖର ରହିଛି। ଆଉ ଏହା ଉପରେ ପ୍ରତ୍ୟେକ ଦିନ ଶହ ଶହ ଓଭରଲୋଡ଼ିଂ ବାଲି ହାଇୱା, ଟ୍ରାକ୍ଟର, ଯାତ୍ରୀବାହି ବସ୍, ସ୍କୁଲ୍ ପିଲାଙ୍କ ଗାଡ଼ି ଯାତାୟତ କରୁଛି। ଘଣ୍ଟିଆଳିରୁ କପିଳା ଅଳକୁଣ୍ଡକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାଟି ବର୍ତ୍ତମାନ ପୂର୍ତ୍ତ ବିଭାଗ ପକ୍ଷରୁ ଘଣ୍ଟିଆଳିରୁ ପଇରଖ ପର୍ଯ୍ୟନ୍ତ ଦୀର୍ଘ ୨ ବର୍ଷ ହେବ ନିର୍ମାଣ ଚାଲିଛି। ଏହି ରାସ୍ତା କାମ ସମୟରେ ଘଣ୍ଟିଆଳି ଏବଂ ପଇରଖ ମଧ୍ୟରେ ଥିବା ଛୋଟ ମୋଟ ବ୍ରିଜ୍ ମାନ ନିର୍ମାଣ ହେଉଛି। କିନ୍ତୁ ବରୁଣେଶ୍ୱର ଯେତ୍ରକୁ ସଂଯୋଗ କରୁଥିବା ମୁଖ୍ୟ ବ୍ରିଜ୍‌ଟି ନିର୍ମାଣ ହେଉନାହିଁ। ଯାହା ଏଭଳି ବିପଦପୂର୍ଣ୍ଣ ଅବସ୍ଥା ରହିଛି। ପ୍ରଶାସନ ଏହି ବ୍ରିଜର ଆବଶ୍ୟକତା ଉପରେ ଅବଗତି ଥିଲେ ମଧ୍ୟ ବ୍ରିଜ୍‌ଟିକୁ ନିର୍ମାଣ କରୁନାହିଁ। ଏଥିରୁ ସ୍ପଷ୍ଟ ହେଉଛି କି ବରୁଣେଶ୍ୱର କ୍ଷେତ୍ର ପାଇଁ ପ୍ରଶାସନ ସ୍ତରରେ ସବୁବେଳେ ଅବହେଳା ପଦର୍ଶନ କରାଯାଉଛି। ଏହିପରି ବିପଦପୂର୍ଣ୍ଣ ଭାବରେ ରହିଛି ବ୍ରିଜ। କେତେବେଳେ କୌଣସି ସମୟରେ ମଧ୍ୟ ଅଘଟଣ ଘଟିବାର ସମ୍ଭାବନା ରହିଥିବା ବେଳେ ଆଗକୁ ବରୁଣେଶ୍ୱର ମକର ମେଳା ଆସୁଛି। ପ୍ରଶାସନ ପକ୍ଷରୁ ଏହି ଭଳି ବିପଦକୁ ଏଡ଼ାଇବା ପାଇଁ ଉପଯୁକ୍ତ ପଦକ୍ଷପ ଗ୍ରହଣ କରିବାସହ କୌଣସି ପ୍ରକାର ବିପଦ ମୁଖରୁ ବଞ୍ଚାଇବା ପାଇଁ ସୁବ୍ୟବସ୍ଥା କରାଯାଇ ଏବଂ ମକର ମେଳା ପରେ ନୂତନ ବ୍ରିଜ ନିର୍ମାଣ କରାଯାଉ ବୋଲି ଅଞ୍ଚଳବାସୀ ପୂର୍ତ୍ତ ବିଭାଗକୁ ଦାବି ଜଣାଇଛନ୍ତି। ବର୍ତ୍ତମାନ ଏହି ବ୍ରିଜ ଉପରେ ଭାରୀଯାନ ଯାତାୟତ ଉପରେ ପ୍ରଶାସନ କଟକଣା ଲଗାଇବାର ଆବଶ୍ୟକତା ରହିଥିବା ବେଳେ ମେଳା ଶେଷ ପର୍ଯ୍ୟନ୍ତ କଟକଣାକୁ ବଳବତ୍ତର ରଖିଲେ ବଡ଼ବିପଦରୁ ରକ୍ଷା ହେଇଯିବ ବୋଲି ଅଞ୍ଚଳବାସୀ ମତ ପ୍ରକାଶ କରିଛନ୍ତି।

# ଗୋପିନାଥଜୀଉ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଯାପିତ



**ପାଣିକୋଇଲି, ୩୧।୧(ସମିସ):** ପଥରପଦା ପଞ୍ଚାୟତ ଅନ୍ତର୍ଗତ ଓଟିଦା ଗ୍ରାମରେ ୨୯ତମ ଗୋପିନାଥଜୀଉ କ୍ରିକେଟ ପ୍ରତିଯୋଗିତା ଉଦଯାପିତ ହୋଇଛି। ୩ଦିନ ବ୍ୟାପୀ ଏହି ପ୍ରତିଯୋଗିତାରେ ମୋଟ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ। ଆଜି ଫାଇନାଲ ମ୍ୟାଚ ଓଟିଦା ବନାମ ପଣ୍ଡୁଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପଣ୍ଡୁଲା ଟସ୍ ଜିଣି ବ୍ୟାଟିଂ କରିବାର ନିଷ୍ପତି ନେଇ ନିର୍ଦ୍ଧାରିତ ୮ ଓଭରରେ ୫ ୱିକେଟ ହରାଇ ୮୮ ରନ ସଂଗ୍ରହ କରିଥିଲା। ଜବାବରେ ଓଟିଦା ୮ ଓଭରରେ ୮ ୱିକେଟ ହରାଇ ୬୮ ରନ କରି ପରାଜୟ ବରଣ କରିଥିଲା ଫଳରେ ଚଳିତ ୨୦୨୬ର ଚମ୍ପିଅନ ପଣ୍ଡୁଲା ହୋଇଥିଲା। ଏହି ମ୍ୟାଚକୁ ଅରୁଣ ଆଚାର୍ଯ୍ୟ ଓ ମନୋରଞ୍ଜନ ସାମଲ ପରିଚାଳନା କରିଥିବା ବେଳେ ପ୍ରଦୀପ ଜେନା ଧାରାବିବରଣୀ ପ୍ରଦାନ କରିଥିଲେ। ସ୍କୋରର ଭାବେ ଶ୍ରୀକାନ୍ତ ଦାସ ଓ ପିଣ୍ଟୁ ପାଢ଼ୀ ଯୋଗଦେଇଥିଲେ। ଅପରାହ୍ନରେ ଅତିଥି ଭାବେ ଶରତ ଚନ୍ଦ୍ର ଦାଶ, ବରିଷ୍ଠ ସମ୍ବାଦିକ ସୁବାସ ଧଳ ଯୋଗଦେଇ ବିଜୟୀ ଓ ପରାଜିତ ଦଳଙ୍କୁ ପୁରସ୍କୃତ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ତାପସ, ମ୍ୟାନ ଅଫ ଦି ସିରିଜ ବିଶ୍ୱରଞ୍ଜନ ସାମଲ, ବେଷ୍ଟ ବୋଲର ଗୋପିନାଥ ମାଝୀ ଯୋଗଦାନ କରି ପୁରସ୍କୃତ ହୋଇଥିଲେ। ସେମାନଙ୍କୁ ଅକ୍ଷୟ ସାମଲ, ଆଲୋକ ବେହେରା, ପରମେଶ୍ୱର ନାୟକ, ରଞ୍ଜନ ଖୁଣ୍ଟିଆ, ଉମେଶ ପୁରୀ ପୁରସ୍କୃତ କରିଥିଲେ। ଏହି ଅବସରରେ ପୁରଣା ଖେଳାଳିମାନଙ୍କୁ ଅତିଥିମାନଙ୍କ ଦ୍ୱାରା ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ତତ୍ପର ବେହେରା, ଯଶୋବନ୍ତ ଓଝା, ରାଜୁ ଭାରତୀ, ସୁଜନ ପୁରୀ, ଦିପୁ ଆଚାର୍ଯ୍ୟ, ମୁନା ମଲିକ, ଅଯୋଧ୍ୟା ସାମଲ, ସମୀର ସାହୁ, ଅମୂଲ୍ୟ ମଲିକ, ଅଭୟ ମଲିକ ସମେତ ସମସ୍ତ ସଦସ୍ୟ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ନାବାଳିକା ଅପହରଣ; ଅଭିଯୁକ୍ତ ଗିରଫ

**ପାଣିକୋଇଲି, ୩୧।୧(ସମିସ):** ନାବାଳିକା ଅପହରଣ ଅଭିଯୋଗ କ୍ରମେ ପାଣିକୋଇଲି ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି ଅଦାଲତ ଚାଲାଣ କରିଛି। ଅଭିଯୁକ୍ତ ପାଣିକୋଇଲି ଥାନା ଅନ୍ତର୍ଗତ କାଙ୍କଲା ଗ୍ରାମରେ ରହୁଥିବା ତଥା ଯାଜପୁର ସଦର ଥାନା ଅନ୍ତର୍ଗତ ସମୁଳିଆ ଗ୍ରାମର ଭାସ୍କର ଜେନାଙ୍କ ପୁଅ ସରୋଜ ଜେନା (୧୯)। ପାଣିକୋଇଲି ଥାନା ଅନ୍ତର୍ଗତ ଶଙ୍ଖଚିଲା ଖମଣ ପଞ୍ଚାୟତ ଅନ୍ତର୍ଗତ ଠାକୁରପାଟଣା ଗ୍ରାମର ଜନୈକ ବ୍ୟକ୍ତି ତାଙ୍କ ବଡ଼ ଝିଅ ଅପହରଣ ମାମଲା ଥାନାରେ କରିଥିଲେ। ଏନେଇ ପାଣିକୋଇଲି ପୁଲିସ ଏକ ମାମଲା ୪୧୯/୨୫ରୁ ରୁଜୁ କରି ତଦନ୍ତ କରୁଥିଲା। ଆଜି ଅପହୃତାକୁ ଉଦ୍ଧାର କରିବା ସହ ଅପହରଣକାରୀଙ୍କ ଅଦାଲତ ଚାଲାଣ କରାଯାଇଛି।

# ଟ୍ରକ୍ ପଛରେ ଧକ୍କା ଦେଲା କାର୍

**ପାଣିକୋଇଲି, ୩୧।୧(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥ ଅନ୍ତର୍ଗତ ଗରିଆ ଡାଇବର୍ସନ ନିକଟରେ ଶୁକ୍ରବାର ବିଳମ୍ବିତ ରାତ୍ରିରେ ଏକ ଟ୍ରକ୍ ପଛରେ କାରର ଧକ୍କା ଦେବା ଫଳରେ କାରଟି ଭାଙ୍ଗିରୁଜି ଯାଇଥିବା ବେଳେ କାର୍ ଆରୋହୀ ଆହତ ହୋଇଛନ୍ତି। ପ୍ରକାଶଯେ ଯାଜପୁର ରୋଡ଼ ପଟୁ ଏକ ଟ୍ରକ୍ (ଓଡ଼ିଶା ଟି ୦୦୧୭) ପାଣିକୋଇଲି ଅଭିମୁଖେ ଆସୁଥିଲା। କୌଣସି କାରଣରୁ ନେଇ ଟ୍ରକଟି ହଠାତ ବ୍ରେକ୍ ମାରିଦେବା ଫଳରେ ପଛରେ ଆସୁଥିବା ଏକ କାର୍ ଭାରସାମ୍ୟ ହରାଇ ଟ୍ରକ ପଛରେ ପିଟି ହୋଇଯାଇଥିଲା। ଫଳରେ କାରଟିର ସମ୍ମୁଖ ଭାଗ ଭାଙ୍ଗିରୁଜି ଯିବା ସହିତ କାରରେ ଥିବା ଆରୋହୀ ମାନେ ଆହତ ହୋଇଥିଲେ। ଖବର ପାଇ ପାଣିକୋଇଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଡାକ୍ତରଖାନା ପଠାଇବା ସହିତ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିଛି।

# ନାରାୟଣ ଦାସ ମେମୋରିଆଲ ଟୁର୍ଣ୍ଣାମେଣ୍ଟ ଟ୍ରଫି ଉନ୍ମୋଚିତ



**ଦଶରଥପୁର, ୩୧।୧(ସମିସ):** ଦଶରଥପୁର ବ୍ଲକ ଅକରପଡ଼ା ସ୍ଥିତ ନୀଳଚକ୍ର ଯୁବକସଙ୍ଘ ପକ୍ଷରୁ ଆୟୋଜିତ ହେବାକୁ ଥିବା ନାରାୟଣ ଚନ୍ଦ୍ର ଦାସ ମେମୋରିଆଲ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସମ୍ପର୍କିତ ଟ୍ରଫି ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅକରପଡ଼ା ଗ୍ରାମ କେନ୍ଦ୍ରୀୟ ବିଦ୍ୟାଳୟ ସନ୍ନିକଟ ଯୁବକ ସଙ୍ଘର କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ପ୍ରେସ ବାର୍ତ୍ତା କାର୍ଯ୍ୟକ୍ରମରେ ସଙ୍ଘର ସଭାପତି ଲକ୍ଷ୍ମୀନାରାୟଣ ସୁନ୍ଦରାୟ ଟୁର୍ଣ୍ଣାମେଣ୍ଟର ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ଉପରେ ସୂଚନା ପ୍ରଦାନ କରିଥିଲେ। ଅକରପଡ଼ା ପଞ୍ଚାୟତ କଳାମାଟିଆ ପଡ଼ିଆରେ ଚଳିତ ମାସ ୮ ତାରିଖ ଠାରୁ ୨ଟି ପର୍ଯ୍ୟାୟରେ ଆୟୋଜିତ ହେବାକୁ ଯାଉଥିବା ଏହି ଟୁର୍ଣ୍ଣାମେଣ୍ଟର ୧ମ ପର୍ଯ୍ୟାୟରେ ଯାଜପୁର ଜିଲ୍ଲାର ବିଭିନ୍ନ ବ୍ଲକରୁ କ୍ରିକେଟ୍ ଟିମ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଥିବା ବେଳେ ୨ୟ ପର୍ଯ୍ୟାୟରେ ଭୁବନେଶ୍ୱର, କଟକ, ଭଦ୍ରକ, କେନ୍ଦୁଝର ଏବଂ ରାଉରକେଲା ଅଞ୍ଚଳର ଅଗ୍ରଣୀ କ୍ରିକେଟ କ୍ଲବ ମୁହାଁମୁହିଁ ହେବେ। ଟୁର୍ଣ୍ଣାମେଣ୍ଟର ବିଜେତା ଦଳକୁ ଟ୍ରଫି ସହିତ ୩୦ ହଜାର ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯିବା ସହିତ ଉପ ବିଜେତା ଦଳକୁ ଟ୍ରଫି ସମେତ ୨୦ ହଜାର ଅର୍ଥରାଶି ପ୍ରଦାନ କରାଯିବ ବୋଲି କ୍ଲବର ସଭାପତି ଶ୍ରୀ ସୁନ୍ଦରାୟ ସୂଚନା ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷାବିତ ରବି ଶତପଥୀ, ସମାଜସେବୀ ମାଧବ ଚନ୍ଦ୍ର ନାୟକ, ସମାସେବୀ ଅଶୋକ ନାୟକ, ଆଲୋକ କୁମାର ଦାସ, ଇଲିଆସ ଆଲମ, ଶରତ ଚନ୍ଦ୍ର ଯେନା, ଚିନ୍ମୟ ରାଉତରାୟ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# କୁମାରୀ ପ୍ରକଳ୍ପ ଉପ୍ରା ବିଦ୍ୟାଳୟରୁ ଚୋରି

**ଧର୍ମଶାଳା, ୩୧।୧(ସମିସ):** ଧର୍ମଶାଳା ଥାନା ଅନ୍ତର୍ଗତ କୁମାରୀ ପଞ୍ଚାୟତର କୁମାରୀ ପ୍ରକଳ୍ପ ଉପ୍ରା ବିଦ୍ୟାଳୟରୁ ଶୁକ୍ରବାର ରାତିରେ ଦୁର୍ବୃତ୍ତ ମୂଲ୍ୟବାନ ସାମଗ୍ରୀ ଚୋରି କରିନେଇଛନ୍ତି। ଗତକାଲି ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ସ୍କୁଲର ତାଲା ଭାଙ୍ଗି ସେଠାରେ ଥିବା ଆଲମିରାରୁ ୪ଗୋଟି ଟ୍ୟାବ ଓ ଅନାନ୍ୟ ସାମଗ୍ରୀ ଚୋରି କରି ନେଇଛନ୍ତି। ଦୁର୍ବୃର୍ତ୍ତମାନେ ପରେ ବାହାର ପଟୁ ଅନ୍ୟ ଏକ ତାଲା ପକାଇ ଚାଲିଯାଇଥିଲେ। ସେହିପରି ସ୍କୁଲ ପରିସରରେ ଥିବା ସିଆର୍‌ସିସି ଅଫିସର ତାଲା ଭାଙ୍ଗି ଘରେ ପ୍ରବେଶ କରିଥିଲେ। ଘର ଭିତରେ ଥିବା ଆଲମିରା ଭାଙ୍ଗି ଅନେକ ମୂଲ୍ୟବାନ କାଗଜପତ୍ର, ଗ୍ୟାସ ଟାଙ୍କି ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ନେଇଛନ୍ତି। ଶନିବାର ସକାଳେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ରଥ ଓ କୁମାରୀ ସିଆର୍‌ସିସି ନିବେଦିତା ପରିଡ଼ା ସ୍କୁଲରେ ପହଞ୍ଚି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗକୁ ଆଧାର କରି ୫/୨୬ରେ ଏକ ମାମଲା ରୁଜୁ କରି ଅନୁସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରିଛି ବୋଲି ଥାନା ଅଧିକାରୀ ରମାକାନ୍ତ ନାୟକ ସୂଚନା ଦେଇଛନ୍ତି।

## ଧର୍ମଶାଳା ମହୋତ୍ସବ ୧୦ମ ସନ୍ଧ୍ୟା

# ସୋନା ମହାପାତ୍ରଙ୍କ ସଙ୍ଗୀତ, ନୃତ୍ୟରେ ଦର୍ଶକ ବିଭୋର





**ଧର୍ମଶାଳା, ୩୧।୧(ସମିସ)**

ଧର୍ମଶାଳା ମହୋତ୍ସବର ୧୦ମ ଦର୍ଶକଙ୍କ ପ୍ରବଳ ଭିଡ଼ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଓ ଜିଲ୍ଲା ବାହାରୁ ହଜାର ହଜାର ସଂଖ୍ୟାରେ ଦର୍ଶକ ଆସି ମେଳାରେ ବୁଲିବାର ମଜା ନେବା ସହ ମହୋତ୍ସବ ପଡ଼ିଆରେ ମୁକ୍ତାକାଶ ମଞ୍ଚରେ ବଲିଉଡ ଗାୟିକା ସୋନା ମହାପାତ୍ର ଓ ସାଥିମାନଙ୍କ ସଙ୍ଗୀତ ଓ ନୃତ୍ୟକୁ ଭରପୁର ଉପଭୋଗ କରିଥିଲେ। ପ୍ରାରମ୍ଭରେ ଆଜି ମହୋତ୍ସବ କମିଟିର ସଭାପତି ରବିନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ନୂଆପଡ଼ା ବିଧାୟକ ଜୟ ଢୋଲକିଆ ଓ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇ ଧର୍ମଶାଳା ମହୋତ୍ସବ ବାଲିଯାତ୍ରାର ଭ୍ରମ ସୃଷ୍ଟି କରୁଛି ବୋଲି ମନ୍ତବ୍ୟ ଦେଇଥିଲେ। ଏହି ସାଂସ୍କୃତିକ ସଭାରେ ମହୋତ୍ସବ କମିଟିର ସଂଯୋଜକ ଦେବରାଜ ମିଶ୍ର ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିବା ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସମ୍ପାଦକ ସତ୍ୟପ୍ରିୟ ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶେଷରେ ସଦସ୍ୟ ସବ୍ୟସାଚୀ ସୁନ୍ଦରରାୟ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପରେ ବଲିଉଡ ଗାୟିକା ସୋନା ମହାପାତ୍ର ଓ ସାଥୀମାନଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଯାହାକୁ ଦର୍ଶକମାନଙ୍କ ସହ ଅତିଥିମାନେ ଭରପୁର ଉପଭୋଗ କରିଥିଲେ। ଆସନ୍ତାକାଲି ସନ୍ଧ୍ୟାରେ ହେବାକୁ ଥିବା କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ଓ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ମହୋତ୍ସବ କମିଟିର ସଭାପତି ରବିନାରାୟଣ ସାହୁ ଓ ସମ୍ପାଦକ ସତ୍ୟପ୍ରିୟ ମହାନ୍ତି ସୂଚନା ଦେଇଛନ୍ତି।




ଜାନୁଆରୀ ପହିଲାରୁ ପୂର୍ବ ତଟ ରେଳପଥ ଦ୍ୱାରା
ନୂତନ ସମୟ ସାରଣୀ 2026
(ସମୟ ପରିବର୍ତ୍ତନର ମୁଖ୍ୟ ବୈଶିଷ୍ଟ୍ୟ)

ନୂତନ ଟ୍ରେନ୍ ପ୍ରଚଳନ

| କ୍ରମ ନଂ. | ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ଚଳାଚଳ ଦିବସ | କାର୍ଯ୍ୟକାରୀ ହେବା ତାରିଖ |
|---|---|---|---|---|
| 1 | 19021 | ଉଧନା ଜଂ - ବ୍ରହ୍ମପୁର | ସାପ୍ତାହିକ | 05.10.2025 |
| 2 | 19022 | ବ୍ରହ୍ମପୁର - ଉଧନା ଜଂ | ସାପ୍ତାହିକ | 06.10.2025 |
| 3 | 18311 | ସମ୍ବଲପୁର - ବୌଦ୍ଧ | ସାପ୍ତାହିକ | 22.06.2025 |
| 4 | 18312 | ବୌଦ୍ଧ - ସମ୍ବଲପୁର | ସାପ୍ତାହିକ | 24.06.2025 |
| 5 | 18313 | ବୌଦ୍ଧ - ଭୁବନେଶ୍ୱର ନୂଆ | ସାପ୍ତାହିକ | 23.06.2025 |
| 6 | 18314 | ଭୁବନେଶ୍ୱର ନୂଆ - ବୌଦ୍ଧ | ସାପ୍ତାହିକ | 23.06.2025 |

ଟ୍ରେନଗୁଡ଼ିକର ସଂପ୍ରସାରଣ

| କ୍ରମ ନଂ. | ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ସଂପ୍ରସାରିତ ସ୍ଥାନ | w.e.f |
|---|---|---|---|---|
| 1 | 12871 | ହାଓଡ଼ା - ଟିଟିଲାଗଡ଼ | ଜୁନାଗଡ଼ ରୋଡ଼ | ପରେ ସୂଚିତ କରାଯିବ |
| 2 | 12872 | ଟିଟିଲାଗଡ଼ - ହାଓଡ଼ା | ଜୁନାଗଡ଼ ରୋଡ଼ | |
| 3 | 58305 | ବଲାଙ୍ଗୀର - ସୋନପୁର | ପୁରୁଣାକଟକ | 23.06.2025 |
| 4 | 58306 | ସୋନପୁର - ବଲାଙ୍ଗୀର | ପୁରୁଣାକଟକ | 23.06.2025 |
| 5 | 58307 | ବଲାଙ୍ଗୀର - ସୋନପୁର | ପୁରୁଣାକଟକ | 23.06.2025 |
| 6 | 58308 | ସୋନପୁର - ବଲାଙ୍ଗୀର | ପୁରୁଣାକଟକ | 23.06.2025 |
| 7 | 12893 | ଭୁବନେଶ୍ୱର - ସୋନପୁର | ପୁରୁଣାକଟକ | 23.06.2025 |
| 8 | 12894 | ସୋନପୁର - ଭୁବନେଶ୍ୱର | ପୁରୁଣାକଟକ | 24.06.2025 |
| 9 | 22820 | ବିଶାଖାପାଟଣା - ଭୁବନେଶ୍ୱର | ଭୁବନେଶ୍ୱର ନୂଆ | 12.05.2025 |
| 10 | 22819 | ଭୁବନେଶ୍ୱର - ବିଶାଖାପାଟଣା | ଭୁବନେଶ୍ୱର ନୂଆ | 12.05.2025 |
| 11 | 17015 | ଭୁବନେଶ୍ୱର - ସିକନ୍ଦରାବାଦ | ଭୁବନେଶ୍ୱର ନୂଆ | 12.05.2025 |
| 12 | 17016 | ସିକନ୍ଦରାବାଦ - ଭୁବନେଶ୍ୱର | ଭୁବନେଶ୍ୱର ନୂଆ | 11.05.2025 |
| 13 | 11020 | ଭୁବନେଶ୍ୱର - CSMT ମୁମ୍ବାଇ | ଭୁବନେଶ୍ୱର ନୂଆ | 12.05.2025 |
| 14 | 11019 | CSMT ମୁମ୍ବାଇ - ଭୁବନେଶ୍ୱର | ଭୁବନେଶ୍ୱର ନୂଆ | 11.05.2025 |

ଟ୍ରେନଗୁଡ଼ିକର ଚଳାଚଳରେ ବୃଦ୍ଧି

| କ୍ରମ ନଂ. | ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ପୂର୍ବ ଚଳାଚଳ ଦିବସ | ନୂତନ ଚଳାଚଳ ଦିବସ | w.e.f |
|---|---|---|---|---|---|
| 1 | 19021 | ଉଧନା ଜଂ - ବ୍ରହ୍ମପୁର | ସାପ୍ତାହିକ | ସପ୍ତାହକୁ ତିନିଥର | 19.11.2025 |
| 2 | 19022 | ବ୍ରହ୍ମପୁର - ଉଧନା ଜଂ | ସାପ୍ତାହିକ | ସପ୍ତାହକୁ ତିନିଥର | 20.11.2025 |

ଟ୍ରେନଗୁଡ଼ିକର ଚଳାଚଳ ଦିବସରେ ପରିବର୍ତ୍ତନ

| ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ପୂର୍ବ ଚଳାଚଳ ଦିବସ | ନୂତନ ଚଳାଚଳ ଦିବସ | w.e.f |
|---|---|---|---|---|
| 20707 | ସିକନ୍ଦରାବାଦ - ବିଶାଖାପାଟଣା | ଗୁରୁବାର | ସୋମବାର | 02.12.25 |
| 20708 | ବିଶାଖାପାଟଣା - ସିକନ୍ଦରାବାଦ | ବ୍ୟତୀତ | ବ୍ୟତୀତ | 02.12.25 |
| 20835 | ରାଉରକେଲା - ପୁରୀ | ଶନିବାର | ମଙ୍ଗଳବାର | 03.06.25 |
| 20836 | ପୁରୀ - ରାଉରକେଲା | ବ୍ୟତୀତ | ବ୍ୟତୀତ | 03.06.25 |

ଟ୍ରେନଗୁଡ଼ିକର ଗତିରେ ବୃଦ୍ଧି (w.e.f. 01.01.2026)

| ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ପୂର୍ବ TOR | ନୂତନ TOR | ଯାତ୍ରା ସମୟ ହ୍ରାସ ମିନିଟ୍ |
|---|---|---|---|---|
| 12805 | ବିଶାଖାପାଟଣା - ଲିଙ୍ଗମପାଲି | 13 ଘ. 20 ମି. | 12 ଘ. 55 ମି. | 25 |
| 12806 | ଲିଙ୍ଗମପାଲି - ବିଶାଖାପାଟଣା | 13 ଘ. 30 ମି. | 12 ଘ. 55 ମି. | 35 |
| 20804 | ଗାନ୍ଧୀଧାମ ଜଂ - ବିଶାଖାପାଟଣା | 35 ଘ. 15 ମି. | 35 ଘ. 10 ମି. | 05 |
| 18451 | ହାଟିଆ - ପୁରୀ | 09 ଘ. 35 ମି. | 09 ଘ. 30 ମି. | 05 |
| 18529 | ଦୁର୍ଗ - ବିଶାଖାପାଟଣା | 13 ଘ. 30 ମି. | 13 ଘ. 10 ମି. | 20 |
| 58303 | ସମ୍ବଲପୁର - ଜୁନାଗଡ଼ ରୋଡ଼ | 08 ଘ. 05 ମି. | 07 ଘ. 50 ମି. | 15 |
| 12819 | ଭୁବନେଶ୍ୱର - ଆନନ୍ଦ ବିହାର ଟର୍ମିନାଲ | 27 ଘ. 20 ମି. | 27 ଘ. 18 ମି. | 02 |
| 68413 | ତାଳଚେର - ପୁରୀ | 05 ଘ. 45 ମି. | 05 ଘ. 20 ମି. | 25 |
| 12846 | SMVT ବେଙ୍ଗାଲୁରୁ - ଭୁବନେଶ୍ୱର | 25 ଘ. 50 ମି. | 25 ଘ. 45 ମି. | 05 |
| 18573 | ବିଶାଖାପାଟଣା - ଭଗତ କୀ କୋଠି | 38 ଘ. 10 ମି. | 38 ଘ. | 10 |

ଟ୍ରେନ୍ ସମୟ ପରିବର୍ତ୍ତନ (w.e.f 01.01.2026)

| ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ପୂର୍ବ ସମୟ: ପ୍ରସ୍ଥାନ (ପ୍ରାରମ୍ଭିକ ଷ୍ଟେସନରେ) | ପୂର୍ବ ସମୟ: ଆଗମନ (ଅନ୍ତିମ ଷ୍ଟେସନ ଠାରେ) | ନୂତନ ସମୟ: ପ୍ରସ୍ଥାନ | ନୂତନ ସମୟ: ଆଗମନ |
|---|---|---|---|---|---|
| 58303 | ସମ୍ବଲପୁର - ଜୁନାଗଡ଼ ରୋଡ଼ | 0645 | 1450 | 0700 | 1450 |
| 18422 | ସୋନପୁର - ପୁରୀ | 1910 | 0635 | 1900 | 0640 |
| 18302 | ରାୟଗଡ଼ା - ସମ୍ବଲପୁର | 1320 | 1935 | 1320 | 1945 |
| 18304 | ପୁରୀ - ସମ୍ବଲପୁର | 1545 | 2240 | 1545 | 2255 |
| 18516 | କିରନ୍ଦୁଲ - ବିଶାଖାପାଟଣା | 1630 | 0340 | 1600 | 0340 |
| 18517 | କୋରବା - ବିଶାଖାପାଟଣା | 1610 | 0640 | 1610 | 0645 |
| 22809 | ପାରାଦୀପ - ବିଶାଖାପାଟଣା | 2215 | 0800 | 2215 | 0815 |
| 22853 | ଶାଲିମାର - ବିଶାଖାପାଟଣା | 1815 | 0800 | 1815 | 0815 |
| 22873 | ଦିଘା - ବିଶାଖାପାଟଣା | 1705 | 0800 | 1705 | 0815 |
| 18529 | ଦୁର୍ଗ - ବିଶାଖାପାଟଣା | 1833 | 1030 | 1833 | 1005 |
| 20804 | ଗାନ୍ଧୀଧାମ ଜଂ - ବିଶାଖାପାଟଣା | 2305 | 1020 | 2305 | 1015 |
| 58503 | ଭବାନିପାଟଣା - ବିଶାଖାପାଟଣା | 0115 | 1010 | 0115 | 1020 |
| 18574 | ଭଗତ କୀ କୋଠି - ବିଶାଖାପାଟଣା | 2040 | 1005 | 2040 | 1030 |
| 18524 | ବାରଣାସୀ - ବିଶାଖାପାଟଣା | 1500 | 1930 | 1500 | 1945 |
| 12806 | ଲିଙ୍ଗମପାଲି - ବିଶାଖାପାଟଣା | 0615 | 1945 | 0655 | 1950 |
| 58502 | କିରନ୍ଦୁଲ - ବିଶାଖାପାଟଣା | 0600 | 2045 | 0600 | 2100 |
| 58505 | ଗୁଣୁପୁର - ବିଶାଖାପାଟଣା | 1430 | 2100 | 1430 | 2110 |
| 18005 | ହାଓଡ଼ା - ଜଗଦଲପୁର | 2210 | 2200 | 2210 | 2230 |
| 18447 | ଭୁବନେଶ୍ୱର - ଜଗଦଲପୁର | 1935 | 1115 | 1935 | 1215 |
| 12805 | ବିଶାଖାପାଟଣା - ଲିଙ୍ଗମପାଲି | 0620 | 1940 | 0620 | 1915 |
| 58538 | ବିଶାଖାପାଟଣା - କୋରାପୁଟ | 0630 | 1530 | 0645 | 1545 |
| 58501 | ବିଶାଖାପାଟଣା - କିରନ୍ଦୁଲ | 0645 | 2045 | 0700 | 2100 |
| 67289 | ବିଶାଖାପାଟଣା - ପଲାସା | 0750 | 1300 | 0745 | 1300 |
| 18448 | ଜଗଦଲପୁର - ଭୁବନେଶ୍ୱର | 1630 | 0820 | 1600 | 0820 |
| 17244 | ରାୟଗଡ଼ା - ଗୁଣ୍ଟୁର | 1530 | 0450 | 1500 | 0450 |

କେତେ ଗୁଡ଼ିଏ LHB କୋଚ୍‌ରେ ରୂପାନ୍ତରିତ ହୋଇଥିବା ଟ୍ରେନ

| କ୍ର.ନଂ. | ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | w.e.f |
|---|---|---|---|
| 1 | 12892 | ପୁରୀ - ବାଙ୍ଗିରିପୋଷି | 29.04.2025 |
| 2 | 12891 | ବାଙ୍ଗିରିପୋଷି - ପୁରୀ | 29.04.2025 |
| 3 | 20837 | ଭୁବନେଶ୍ୱର - ଜୁନାଗଡ଼ ରୋଡ଼ | 25.08.2025 |
| 4 | 20838 | ଜୁନାଗଡ଼ ରୋଡ଼ - ଭୁବନେଶ୍ୱର | 25.08.2025 |

ପରିବର୍ତ୍ତନ ହୋଇଥିବା ଟ୍ରେନ ନଂ

| କ୍ର.ନଂ. | ପୂର୍ବ ଟ୍ରେନ୍ ନଂ. | ନୂତନ ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | w.e.f |
|---|---|---|---|---|
| 1 | 12892 | 18402 | ପୁରୀ - ବାଙ୍ଗିରିପୋଷି | 01.02.2026 |
| 2 | 12891 | 18401 | ବାଙ୍ଗିରିପୋଷି - ପୁରୀ | 01.02.2026 |

ଟ୍ରେନଗୁଡ଼ିକର ଅତିରିକ୍ତ ଷ୍ଟପେଜ୍

| କ୍ର. ନଂ. | ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ଅତିରିକ୍ତ ଷ୍ଟପେଜ୍ | w.e.f |
|---|---|---|---|---|
| 1 | 18005 | ହାଓଡ଼ା - ଜଗଦଲପୁର | ଲୋଇସିଂହା | 19.11.2025 |
| 2 | 18006 | ଜଗଦଲପୁର - ହାଓଡ଼ା | ଲୋଇସିଂହା | 19.11.2025 |
| 3 | 13351 | ଧାନବାଦ - ଆଲେପି | ନରଲା ରୋଡ଼ | 04.03.2025 |
| 4 | 13352 | ଆଲେପି - ଧାନବାଦ | ନରଲା ରୋଡ଼ | 03.03.2025 |
| 5 | 18423 | ଭୁବନେଶ୍ୱର - ଦଣପଲ୍ଲୀ | ବୋଲଗଡ଼ ବାଇନ | 20.01.2025 |
| 6 | 18424 | ଦଣପଲ୍ଲୀ - ଭୁବନେଶ୍ୱର | ବୋଲଗଡ଼ ବାଇନ | 21.01.2025 |
| 7 | 68449 | ପୁରୀ - ଦଣପଲ୍ଲୀ | ସାନପଦର | 20.01.2025 |
| 8 | 68450 | ଦଣପଲ୍ଲୀ - ପୁରୀ | ସାନପଦର | 21.01.2025 |
| 9 | 68443 | ଭଦ୍ରକ - ଦଣପଲ୍ଲୀ | ସାନପଦର | 21.01.2025 |
| 10 | 68444 | ଦଣପଲ୍ଲୀ - ଭଦ୍ରକ | ସାନପଦର | 20.01.2025 |
| 11 | 68429 | ଭୁବନେଶ୍ୱର - ଦଣପଲ୍ଲୀ | ସାନପଦର | 21.01.2025 |
| 12 | 68430 | ଦଣପଲ୍ଲୀ - ଭୁବନେଶ୍ୱର | ସାନପଦର | 20.01.2025 |
| 13 | 18423 | ଭୁବନେଶ୍ୱର - ଦଣପଲ୍ଲୀ | ସାନପଦର | 20.01.2025 |
| 14 | 18424 | ଦଣପଲ୍ଲୀ - ଭୁବନେଶ୍ୱର | ସାନପଦର | 21.01.2025 |
| 15 | 68429 | ଭୁବନେଶ୍ୱର - ଦଣପଲ୍ଲୀ | ଦରାବୋଇ | 17.09.2025 |
| 16 | 68430 | ଦଣପଲ୍ଲୀ - ଭୁବନେଶ୍ୱର | ଦରାବୋଇ | 17.09.2025 |
| 17 | 68449 | ପୁରୀ - ଦଣପଲ୍ଲୀ | ଦରାବୋଇ | 17.09.2025 |
| 18 | 68450 | ଦଣପଲ୍ଲୀ - ପୁରୀ | ଦରାବୋଇ | 17.09.2025 |
| 19 | 18423 | ଭୁବନେଶ୍ୱର - ଦଣପଲ୍ଲୀ | ଦରାବୋଇ | 17.09.2025 |
| 20 | 18424 | ଦଣପଲ୍ଲୀ - ଭୁବନେଶ୍ୱର | ଦରାବୋଇ | 17.09.2025 |
| 21 | 68443 | ଭଦ୍ରକ - ଦଣପଲ୍ଲୀ | ଦରାବୋଇ | 17.09.2025 |
| 22 | 68444 | ଦଣପଲ୍ଲୀ - ଭଦ୍ରକ | ଦରାବୋଇ | 17.09.2025 |
| 23 | 12896 | ପୁରୀ - ଶାଲିମାର | ସାକ୍ଷୀଗୋପାଳ | 21.08.2025 |
| 24 | 12895 | ଶାଲିମାର - ପୁରୀ | ସାକ୍ଷୀଗୋପାଳ | 15.08.2025 |
| 25 | 15639 | ପୁରୀ - କାମାକ୍ଷା | ସାକ୍ଷୀଗୋପାଳ | 19.08.2025 |
| 26 | 15640 | କାମାକ୍ଷା - ପୁରୀ | ସାକ୍ଷୀଗୋପାଳ | 19.08.2025 |
| 27 | 18449 | ପୁରୀ - ପଟନା ଜଂ | ସାକ୍ଷୀଗୋପାଳ | 18.08.2025 |
| 28 | 18450 | ପଟନା ଜଂ - ପୁରୀ | ସାକ୍ଷୀଗୋପାଳ | 21.08.2025 |
| 29 | 20807 | ବିଶାଖାପାଟଣା - ଅମୃତସର ଜଂ | ନରାଜ ମାର୍ଥାପୁର | 15.08.2025 |
| 30 | 20808 | ଅମୃତସର ଜଂ - ବିଶାଖାପାଟଣା | ନରାଜ ମାର୍ଥାପୁର | 15.08.2025 |
| 31 | 12837 | ହାଓଡ଼ା - ପୁରୀ | ମଞ୍ଚେଶ୍ୱର | 15.08.2025 |
| 32 | 12838 | ପୁରୀ - ହାଓଡ଼ା | ମଞ୍ଚେଶ୍ୱର | 15.08.2025 |
| 33 | 20823 | ପୁରୀ - ଆଜମେର ଜଂ | ମଞ୍ଚେଶ୍ୱର | 15.08.2025 |
| 34 | 20824 | ଆଜମେର ଜଂ - ପୁରୀ | ମଞ୍ଚେଶ୍ୱର | 16.08.2025 |
| 35 | 18447 | ଭୁବନେଶ୍ୱର - ଜଗଦଲପୁର | ଭୁଷଣ୍ଡପୁର | 15.08.2025 |
| 36 | 18448 | ଜଗଦଲପୁର - ଭୁବନେଶ୍ୱର | ଭୁଷଣ୍ଡପୁର | 14.08.2025 |
| 37 | 20861 | ପୁରୀ - ଅହମଦାବାଦ ଜଂ | ବଇଣ୍ଡା | 20.08.2025 |
| 38 | 20862 | ଅହମଦାବାଦ ଜଂ - ପୁରୀ | ବଇଣ୍ଡା | 17.08.2025 |
| 39 | 18425 | ପୁରୀ - ଦୁର୍ଗ | ବଇଣ୍ଡା | 15.08.2025 |
| 40 | 18426 | ଦୁର୍ଗ - ପୁରୀ | ବଇଣ୍ଡା | 15.08.2025 |
| 41 | 12807 | ବିଶାଖାପାଟଣା - ହଜରତ ନିଜାମୁଦ୍ଦିନ | ଥେରୁବାଲି | 16.08.2025 |
| 42 | 12808 | ହଜରତ ନିଜାମୁଦ୍ଦିନ - ବିଶାଖାପାଟଣା | ଥେରୁବାଲି | 15.08.2025 |
| 43 | 13351 | ଧାନବାଦ - ଆଲେପି | ଥେରୁବାଲି | 15.08.2025 |
| 44 | 13352 | ଆଲେପି - ଧାନବାଦ | ଥେରୁବାଲି | 15.08.2025 |
| 45 | 17481 | ବିଳାସପୁର ଜଂ - ତିରୁପତି | ଆମ୍ଭୋଦଲା | 16.08.2025 |
| 46 | 17482 | ତିରୁପତି - ବିଳାସପୁର ଜଂ | ଆମ୍ଭୋଦଲା | 15.08.2025 |
| 47 | 13351 | ଧାନବାଦ - ଆଲେପି | ଆମ୍ଭୋଦଲା | 15.08.2025 |
| 48 | 13352 | ଆଲେପି - ଧାନବାଦ | ଆମ୍ଭୋଦଲା | 15.08.2025 |
| 49 | 18518 | ବିଶାଖାପାଟଣା - କୋରବା | ମୁରିବାହାଲ | 15.08.2025 |
| 50 | 18517 | କୋରବା - ବିଶାଖାପାଟଣା | ମୁରିବାହାଲ | 15.08.2025 |
| 51 | 18301 | ସମ୍ବଲପୁର - ରାୟଗଡ଼ା | ଦେଓଗାଁ ରୋଡ଼ | 16.04.2025 |
| 52 | 18302 | ରାୟଗଡ଼ା - ସମ୍ବଲପୁର | ଦେଓଗାଁ ରୋଡ଼ | 16.04.2025 |
| 53 | 22827 | ପୁରୀ - ଆଜମେର ଜଂ | ତାଳଚେର ରୋଡ଼ | 04.01.2026 |
| 54 | 22828 | ଆଜମେର ଜଂ - ପୁରୀ | ତାଳଚେର ରୋଡ଼ | 06.01.2026 |
| 55 | 12837 | ହାଓଡ଼ା - ପୁରୀ | ନିର୍ଗୁଣ୍ଡି | 01.01.2026 |
| 56 | 12838 | ପୁରୀ - ହାଓଡ଼ା | ନିର୍ଗୁଣ୍ଡି | 01.01.2026 |

ପ୍ରମୁଖ ଷ୍ଟେସନରେ ଟ୍ରେନ୍ ଚଳାଚଳ ସମୟର ପରିବର୍ତ୍ତନ

12145 (ଲୋକମାନ୍ୟ ତିଲକ ଟର୍ମିନସ - ପୁରୀ) ସାପ୍ତାହିକ ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ଟିଟିଲାଗଡ଼ | 1830 | 1850 |
| ବଲାଙ୍ଗୀର | 1940 | 1945 |
| ବରଗଡ଼ | 2035 | 2037 |
| ସମ୍ବଲପୁର | 2120 | 2130 |
| ଅନୁଗୁଳ | 0125 | 0127 |
| ତାଳଚେର | 0145 | 0205 |
| କଟକ | 0330 | 0335 |
| ଭୁବନେଶ୍ୱର | 0410 | 0415 |
| ଖୋର୍ଦ୍ଧା ରୋଡ଼ | 0425 | 0430 |

12879 (ଲୋକମାନ୍ୟ ତିଲକ ଟର୍ମିନସ - ଭୁବନେଶ୍ୱର) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ସମ୍ବଲପୁର | 0010 | 0030 |
| ଅନୁଗୁଳ | 0314 | 0316 |
| କଟକ | 0545 | 0550 |

18005 (ହାଓଡ଼ା - ଜଗଦଲପୁର) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ସମ୍ବଲପୁର | 0850 | 0900 |
| ରାୟଗଡ଼ା | 1510 | 1535 |
| କୋରାପୁଟ | 1915 | 1940 |
| ଜଗଦଲପୁର | 2230 | - |

18529 (ଦୁର୍ଗ - ବିଶାଖାପାଟଣା) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ଟିଟିଲାଗଡ଼ | 0010 | 0020 |
| ସିଙ୍ଗାପୁର ରୋଡ଼ | 0453 | 0455 |
| ରାୟଗଡ଼ା | 0520 | 0530 |
| ପାର୍ବତୀପୁରମ | 0625 | 0630 |
| ବୋବିଲି | 0655 | 0700 |
| କୋଟଭଲସା | 0830 | 0832 |
| ଶିମହାଚଳମ | 0926 | 0928 |
| ବିଶାଖାପାଟଣା | 1005 | - |

18451 (ହାଟିଆ - ପୁରୀ) ତପସ୍ୱିନୀ ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ସମ୍ବଲପୁର | 2205 | 2225 |
| ଅନୁଗୁଳ | 0134 | 0136 |
| ତାଳଚେର | 0150 | 0210 |
| କଟକ | 0345 | 0350 |
| ଭୁବନେଶ୍ୱର | 0430 | 0440 |
| ଖୋର୍ଦ୍ଧା ରୋଡ଼ | 0500 | 0505 |
| ପୁରୀ | 0655 | - |

22865 (ଲୋକମାନ୍ୟ ତିଲକ ଟର୍ମିନସ - ପୁରୀ) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ସମ୍ବଲପୁର | 0010 | 0030 |
| ଅନୁଗୁଳ | 0314 | 0316 |
| କଟକ | 0545 | 0550 |

13351 (ଧାନବାଦ - ଆଲେପି) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ଟିଟିଲାଗଡ଼ | 0120 | 0130 |

20807 (ବିଶାଖାପାଟଣା - ଅମୃତସର) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ସମ୍ବଲପୁର | 1250 | 1310 |

20862 (ଅହମଦାବାଦ - ପୁରୀ) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ଟିଟିଲାଗଡ଼ | 1935 | 1955 |
| ବଲାଙ୍ଗୀର | 2045 | 2050 |
| ବରଗଡ଼ | 2143 | 2145 |
| ହୀରାକୁଦ | 2223 | 2225 |
| ସମ୍ବଲପୁର | 2245 | 2255 |
| ରେଢାଖୋଲ | 0010 | 0012 |
| ବଇଣ୍ଡା | 0208 | 0210 |

18422 (ସୋନପୁର - ପୁରୀ) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ବଲାଙ୍ଗୀର | 2030 | 2050 |
| ବରଗଡ଼ | 2140 | 2145 |
| ହୀରାକୁଦ | 2223 | 2225 |
| ସମ୍ବଲପୁର | 2245 | 2255 |
| ରେଢାଖୋଲ | 0010 | 0012 |
| ବଇଣ୍ଡା | 0208 | 0210 |

ପୂର୍ବ ତଟ ରେଳପଥ
ଡାଏଲ କରନ୍ତୁ 139
• ସୁରକ୍ଷା ସହାୟତା
• ଡାକ୍ତରୀ ସହାୟତା
• କୋଚ୍ ସଫା କରିବା
• କ୍ୟାଟରିଂ ଅଭିଯୋଗ
• ଭିଜିଲାନ୍ସ ଓ ଦୁର୍ନୀତି ନିବାରଣ
• ପିଏନଆର ସ୍ଥିତି, ଟ୍ରେନର ସ୍ଥିତି ଇତ୍ୟାଦି
• ଟ୍ରେନ୍ ଭିତରେ ଅଭିଯୋଗ
www.eastcoastrail.indianrailways.gov.in
/@EASTCOASTRailway1 | /@EastCoastRail
D-9/25-26

# ଶ୍ରୀକ୍ଷେତ୍ର ସିଟି

୩/୧/୨୦୨୬ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୦୪,୮୭୨/- ସୁନା: ୦୦.୨୫୦ ଗ୍ରାମ୍ ରୁପା: ୪୬.୫୦୦ ଗ୍ରାମ୍





● ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି

## ଜୋତା ପିନ୍ଧି ମନ୍ଦିର ଭିତରକୁ ପଶିଗଲେ ଭକ୍ତ

ପୁରୀ,୩ା୧(ସମିସ): ଶ୍ରୀମନ୍ଦିର ସୁରକ୍ଷାରେ ପୁଣି ଏକ ବଡ ତ୍ରୁଟି ପଦାକୁ ଆସିଛି। ଜଣେ ମହିଳା ଭକ୍ତ ଜୋତା ପିନ୍ଧି ମନ୍ଦିର ଭିତରକୁ ଚାଲିଯାଇଥିବା ଦେଖିବାକୁ ମିଳିଛି। ଏହି ଘଟଣା ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ଛିଡ଼ା କରିଥିବା ବେଳେ କାର୍ଯ୍ୟରେ ଅବହେଳା କରିଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ଜୋତା ପିନ୍ଧି ମନ୍ଦିରକୁ ଯାଇଥିବା ବ୍ୟକ୍ତିଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଉଛି। ସୂଚନା ଅନୁଯାୟୀ,



ଶନିବାର ସକାଳେ ଜଣେ ପ୍ରତିହାରୀ ସେବକ ଶ୍ରୀମନ୍ଦିର ଭିତରୁ ହାତରେ ଜୋତା ଧରି ବାହାରକୁ ଆସିଥିଲେ। ସେ ଅଭିଯୋଗ କରିଛନ୍ତି ଯେ, ଜଣେ ଶ୍ରଦ୍ଧାଳୁ ଜୋତା ପିନ୍ଧି ମନ୍ଦିରକୁ ପ୍ରବେଶ କରିଥିଲେ। ସେହି ଜୋତା ରତ୍ନ ଘର ବା ଭୋଗମଣ୍ଡପ ଦ୍ୱାର ନିକଟରେ ରଖାଯାଇଥିବା ସେ ଦେଖିବାକୁ ପାଇଥିଲେ। ସେଠାରେ ଜୋତା ରହିଥିବା ଦେଖିବା ମାତ୍ରେ ହାତରେ ଧରି ବାହାରକୁ ଆଣିଛନ୍ତି। ସେ ସିଂହଦ୍ୱାରରେ ଥିବାବେଳେ ଜଣେ ମହିଳା ଶ୍ରଦ୍ଧାଳୁ ତାଙ୍କ ପଛେ ପଛେ ଆସି ପହଞ୍ଚିଥିଲେ। ଏହି ଜୋତାଟି ତାଙ୍କ ନାନୀଙ୍କର ବୋଲି କହିଥିଲେ। ଗୁଜୁରାଟରୁ ଆସିଥିବା ଏହି ଭକ୍ତଙ୍କର ଗୋଡ ଅପରେଶନ ହୋଇଛି। ସେ ଚାଲିବାକୁ ସକ୍ଷମ ନୁହଁନ୍ତି। ତେଣୁ ସମ୍ପର୍କୀୟମାନେ ତାଙ୍କୁ ହ୍ୱିଲଚେୟାରରେ ଆଣି ପତିତପାବନଙ୍କ ଦର୍ଶନ କରାଇଥିଲେ। ପରେ ସମ୍ପର୍କୀୟଙ୍କ ସହଯୋଗରେ ସେ ଜୋତା ପିନ୍ଧି ମନ୍ଦିର ଭିତରକୁ ପ୍ରବେଶ କରିଥିଲେ। ତେବେ ସିଂହଦ୍ୱାରରେ ମାଳ ମାଳ ସୁରକ୍ଷା କର୍ମୀ ନିୟୋଜିତ ଅଛନ୍ତି। ଏହି ସୁରକ୍ଷା ବଳୟ ଭେଦ କରି ସେ କିପରି ଜୋତା ପିନ୍ଧି ମନ୍ଦିର ଭିତରକୁ ପ୍ରବେଶ କଲେ ଏବଂ କେହି ଜାଣିପାରିଲେ ନାହିଁ ତାହାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଶ୍ରୀମନ୍ଦିରରେ ପୁଷ୍ପାଭିଷେକ ନୀତି

# ସୁନାବେଶରେ ଦର୍ଶନ ଦେଲେ ମହାପ୍ରଭୁ

ପୁରୀ,୩ା୧(ସମିସ): ପବିତ୍ର ପୌଷ ପୂର୍ଣ୍ଣମୀ ଅବସରରେ ଶନିବାର ଶ୍ରୀମନ୍ଦିରରେ ପୁଷ୍ପାଭିଷେକ ନୀତି ଅନୁଷ୍ଠିତ ହୋଇଯାଇଛି। ରତ୍ନସିଂହାସନରେ ମହାପ୍ରଭୁ ରାଜରାଜେଶ୍ୱର ବା ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ହଜାର ହଜାର ଶ୍ରଦ୍ଧାଳୁ ଏହି ଦିବ୍ୟ ବେଶ ଦର୍ଶନ କରିଛନ୍ତି। ବର୍ଷକ ମଧ୍ୟରେ ହେଉଥିବା ପାଞ୍ଚଥର ସୁନାବେଶ ମଧ୍ୟରୁ ଏହା ଅନ୍ୟତମ।

ଶୁକ୍ରବାର ଚନ୍ଦନଲାଗି ପରେ ୮୭ ଗରା ଜଳ ଏବଂ ୨୧ ଗରା ଘିଅ ଭୋଗମଣ୍ଡପ ଘରେ ଅଧିବାସ ହୋଇ ରହିଥିଲା। ଶନିବାର ସକାଳୁ ବଡ଼ି ଅଭିଷେକ ନୀତି ଆରମ୍ଭ ହୋଇଥିଲା। ମଙ୍ଗଳାର୍ପଣ ପରେ ପୂର୍ବଦିନ ଅଧିବାସ ହୋଇରହିଥିବା ୧୦୮ ଗରା ଘିଅ ମିଶ୍ରିତ ଜଳରେ କେବଳ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଅଭିଷେକ କରାଯାଇଥିଲା। ଏହାପରେ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ଶ୍ରୀଦେବୀ ସାତପାହାଚ ତଳେ ଥିବା ପାଲିଙ୍କିରେ ବସି ମହାଲକ୍ଷ୍ମୀ ମନ୍ଦିର ଜଗମୋହନକୁ ବିଜେ କରିଥିଲେ। ସେଠାରେ ଶ୍ରୀଦେବୀଙ୍କ ମାର୍ଜଣା, ବନକଲାଗି ଏବଂ ବେଶ କରାଯାଇଥିଲା। ପରେ ଶ୍ରୀମନ୍ଦିରରେ ଠାକୁରଙ୍କ ସୁବର୍ଣ୍ଣ ବେଶ ଅନୁଷ୍ଠିତ ହୋଇଥିଲା। ଏହି ବେଶରେ ତିନିଠାକୁର ସୁବର୍ଣ୍ଣ କୀରିଟି, ଶ୍ରୀପୟର, ଶ୍ରୀଭୁଜ ଆଦି ସ୍ୱର୍ଣ୍ଣ ଅଳଙ୍କାର ଧାରଣ କରିଥିଲେ। ଜଗନ୍ନାଥ ମହାପ୍ରଭୁ ସୁବର୍ଣ୍ଣର ଚକ୍ର, ରୂପାର ଶଙ୍ଖ, ବଳଭଦ୍ର ସୁବର୍ଣ୍ଣ ହଳମୂଷଳ ଧାରଣ କରିଥିଲେ। ସୁନାବେଶ ବଢ଼ିବା ପରେ ଯାତ୍ରାଗୀ ଭୋଗ ଶ୍ରୀଅଙ୍ଗକୁ ଆସିଥିଲା। ଏହି ସମୟରେ ଶ୍ରୀଦେବୀ ମହାଲକ୍ଷ୍ମୀ ମନ୍ଦିରରୁ ଫେରି ଶ୍ରୀଅଙ୍ଗ ଲାଗି ହୋଇଥିଲେ। ଭୋଗ ସମୟରେ ସୁନାବେଶ ଥାଇ ଭିତରଚ୍ଛ ମହାପାତ୍ର ଲକ୍ଷ୍ମଣ ରୂପରେ ଦଣ୍ଡଛତ୍ର ଧାରଣ କରିଥିବା ବେଳେ ହନୁମାନ ରୂପରେ ଜଣେ ପାଳିଆ



ମେକାପ ଦଣ୍ଡଛତ୍ର ମୂଳକୁ ଧାରଣ କରିଥିଲେ। ଏହି ବେଶରେ ମହାପ୍ରଭୁ ଫୁଲ ଧନୁଶର ଧାରଣ କରିଥିଲେ। ପରେ ରାଜନୀତି ବନ୍ଦାପନା ହୋଇଥିଲା। ମୁଦିରସ୍ତ ସିଂହାସନ ଉପରକୁ ଉଠି ଫୁଲ ଧନୁଶର ଓ ଦଣ୍ଡଛତ୍ର ଆଦି ମଇଲମ କରିଥିଲେ। ଦକ୍ଷିଣ ଘର ଭୋଗ ବଢ଼ିବା ପରେ ଶ୍ରୀରଘୁନାଥ ଶ୍ରୀବିଗ୍ରହଙ୍କଠାରୁ ଆଜ୍ଞାମାଳ ପାଇ ପାଲିଙ୍କିରେ ବସି ବାହାର ଅଭିଷେକ ନିମନ୍ତେ ଲକ୍ଷ୍ମୀ ମନ୍ଦିରକୁ ବିଜେ କରିଥିଲେ। ସେଠାରେ ମହାସ୍ନାନ, ଶାଢ଼ଳ ଭୋଗ, ବନ୍ଦାପନା ଆଦି ନୀତି ସରିବା ପରେ ଠାକୁର ଦକ୍ଷିଣ ଘରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହାପରେ ମହାପ୍ରଭୁଙ୍କ ଦୈନନ୍ଦିନ ନୀତି ସମ୍ପନ୍ନ ହୋଇଥିଲା।

ପୌରାଣିକ ତଥ୍ୟ ଅନୁଯାୟୀ, ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମଚନ୍ଦ୍ର ୧୪ ବର୍ଷ ବନବାସ ପରେ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରି ପୌଷ ପୂର୍ଣ୍ଣମୀ ତିଥିରେ ସିଂହାସନରେ ଅଭିଷିକ୍ତ ହୋଇଥିଲେ। ସେହି ସ୍ମୃତିରେ ଶ୍ରୀମନ୍ଦିରରେ ପ୍ରତିବର୍ଷ ଏହି ପବିତ୍ର ତିଥିରେ ମହାପ୍ରଭୁଙ୍କ ଅଭିଷେକ ଉତ୍ସବ ଅନୁଷ୍ଠିତ ହୋଇଆସେ। ଏହି ନୀତି ମହାପ୍ରଭୁଙ୍କ ପ୍ରସିଦ୍ଧ ଦ୍ୱାଦଶ ଯାତ୍ରା ମଧ୍ୟରୁ ଅନ୍ୟତମ।

## ପୌଷ ପୂର୍ଣ୍ଣିମାରେ ଭାର୍ଗବୀ ଆଳତି

ପୁରୀ,୩ା୧(ସମିସ): ପବିତ୍ର ପୌଷ ପୂର୍ଣ୍ଣମୀରେ ଶନିବାର ପଞ୍ଚମୁଖୀ ନଦୀ କୂଳରେ ପଣ୍ଡିତ ଶୁଭାଶିଷ କରଙ୍କ ଦ୍ୱାରା ଭାର୍ଗବୀ ଆଳତି ସମ୍ପାଦିତ ହୋଇଛି। ହୁଳହୁଳି ଓ ହରିବୋଲରେ ହସି ଉଠିଛନ୍ତି ମା' ଭାର୍ଗବୀ। ଏହି କାର୍ଯ୍ୟକ୍ରମରେ ମା' ପଞ୍ଚମୁଖୀଙ୍କ ପାଖରେ ପୂଜାର୍ଚ୍ଚନା ଓ ମାର୍ଜଣା ପରେ ମନୋରମା ପ୍ରଧାନଙ୍କ ସଂକୀର୍ତ୍ତନ ଦଳ ନାମ ଧରି ଭାର୍ଗବୀ ଆଳତିରେ ସହଯୋଗ କରିଥିଲେ। ଗାଁ ମୁଖିଆଙ୍କ ଉପସ୍ଥିତିରେ ମଣ୍ଡପ ଓ ନଦୀକୂଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହି ଦିବ୍ୟ ଆଳତିରେ ଭବାନୀ ଶଙ୍କର ତ୍ରିପାଠୀ, ବିରଞ୍ଚି ମିଶ୍ର, ବାସିନା ପତି, ଗଙ୍ଗାଧର କର, ଗୋପାଳ ଚନ୍ଦ୍ର କର, ଦାରିକାନାଥ ବିଶାଳ, ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ବିନାୟକ ପାତ୍ର, କପିଳେଶ୍ୱରପୁର ସରପଞ୍ଚଙ୍କ ପ୍ରତିନିଧି ଦୀନବନ୍ଧୁ ମାଢ଼ୁଆ, ନିରଞ୍ଜନ ମିଶ୍ର, ଦୁର୍ଗାମାଧବ କର, ସମେତ ଉପାସକଙ୍କ ସହିତ ଅନେକ ଭକ୍ତ ଯୋଗଦେଇଥିଲେ। ଶରତ ଦେଓ, ଗଣେଶ ବେହେରା, ଜିତେନ୍ଦ୍ର କୁମାର ଦାସ, ବାନାମ୍ବର ପରିଡ଼ା, ତ୍ରିନାଥ ବାରିକ ସହଯୋଗ କରିଥିଲେ। ଆଗାମୀ ଦିନରେ ଏହି ଭାର୍ଗବୀ ଆଳତି କାର୍ଯ୍ୟକ୍ରମକୁ ସୁଦୂରପ୍ରସାରୀ କରାଯାଇ ଭାର୍ଗବୀ ନଦୀର ପୁନରୁଦ୍ଧାର କରାଯିବା ପାଇଁ ଚେଷ୍ଟା ହେବ ବୋଲି ପରାମର୍ଶଦାତା ବଦ୍ରି ମିଶ୍ର ଓ ପ୍ରଶାନ୍ତ ତ୍ରିପାଠୀ ଜଣାଇଛନ୍ତି।

# ସକାଳେ କୁହୁଡ଼ି, ରାତିରେ ଜହ୍ନ



ପୁରୀ,୩ା୧(ସମିସ): ଘନ କୁହୁଡ଼ି ବଳୟରେ ଶ୍ରୀକ୍ଷେତ୍ର। ଶୁକ୍ରବାର ରାତିରୁ ପୁରୀ ଆକାଶକୁ ଆଚ୍ଛାଦିତ କରିଥିଲା କୁହୁଡ଼ି। ଏହି କୁହୁଡ଼ି ଏତେ ଗାଢ଼ ଥିଲା ଯେ ମଧ୍ୟାହ୍ନ ପର୍ଯ୍ୟନ୍ତ ହଟି ନ ଥିଲା। କୁହୁଡ଼ିରେ ସତେଯେମିତି ହଜିଯାଇଥିଲା ଶ୍ରୀମନ୍ଦିର। ପୂର୍ବାହ୍ନ ପର୍ଯ୍ୟନ୍ତ ନୀଳଚକ୍ର ଆଦୌ ଦେଖାଯାଉ ନ ଥିଲା। ଶ୍ରଦ୍ଧାଳୁମାନେ ପତିତପାବନଙ୍କୁ ବି ଠିକ୍ ଭାବେ ଦର୍ଶନ କରିପାରି ନ ଥିଲେ।

କିଛିଦିନ ହେବ ଉପକୂଳବର୍ତ୍ତୀ ପୁରୀ ଜିଲ୍ଲାରେ ପ୍ରବଳ କୁହୁଡ଼ି ହେଉଛି। ଥଣ୍ଡା ସାଙ୍ଗକୁ କୁହୁଡ଼ି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି। ଶନିବାର ପ୍ରବଳ କୁହୁଡ଼ି ଯୋଗୁଁ ଲୋକେ ନାହିଁ ନ ଥିବା ଅସୁବିଧାରେ ପଡ଼ିଥିଲେ। ଶ୍ରୀମନ୍ଦିର ସମେତ ବଡ଼ଦାଣ୍ଡ, ସମୁଦ୍ରକୂଳ ଓ ସହରର ସାହି ଗଳିକନ୍ଦିକୁ ଆଚ୍ଛାଦିତ କରି ରଖିଥିଲା କୁହୁଡ଼ି। ଘନ କୁହୁଡ଼ିରେ ସମ୍ପୂର୍ଣ୍ଣ ଭାବେ ଢାଙ୍କି ହୋଇରହିଥିଲା ଶ୍ରୀକ୍ଷେତ୍ର ଆକାଶ। ଫଳରେ ଯାନବାହନ ଚଳାଚଳରେ ବାଧା ଉପୁଜିଥିଲା। ବାହାରୁ ଆସିଥିବା ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଭୋରୁ ଭୋରୁ ଏଭଳି ଦୃଶ୍ୟ ଦେଖି ବିମୋହିତ ହୋଇପଡ଼ିଥିଲେ। ଅନ୍ୟପକ୍ଷରେ ପ୍ରତିଦିନ ସକାଳୁ ପତିତପାବନଙ୍କୁ ଦର୍ଶନ କରୁଥିବା ଶ୍ରଦ୍ଧାଳୁ ନିରାଶ ହୋଇଥିଲେ। କୁହୁଡ଼ି ସେତକ ବି କରାଇ ଦେଇ ନ ଥିଲା। ପୂର୍ବାହ୍ନ ପର୍ଯ୍ୟନ୍ତ କୁହୁଡ଼ି ଏତେମାତ୍ରାରେ ଥିଲା ଯେ, ନୀଳଚକ୍ର ଆଦୌ ଦେଖାଯାଉ ନ ଥିଲା। ମଧ୍ୟାହ୍ନ ୧୨ଟା ବେଳକୁ ଧୀରେ ଧୀରେ କୁହୁଡ଼ି କମିଥିବା ବେଳେ ସୂର୍ଯ୍ୟଙ୍କ କିରଣ ପଡ଼ିଥିଲା। କେବେଳ ପୁରୀ ସହର ନୁହେଁ, ଜିଲ୍ଲାର କୋଣାର୍କ, ନିମାପଡ଼ା, ପିପିଲି, କାକଟପୁର ଆଦି ଅଞ୍ଚଳରେ ଏମିତି ଘନ କୁହୁଡ଼ି ଦେଖିବାକୁ ମିଳିଥିଲା।



## ଜାନୁଆରୀ ମାସର ଯୁଗ୍ମ ଅଭିଯୋଗ ଶୁଣାଣି

ପୁରୀ,୩ା୧(ସମିସ): ପୁରୀ ଜିଲ୍ଲାରେ ଜାନୁଆରୀ ମାସର ଯୁଗ୍ମ ଅଭିଯୋଗ ଶୁଣାଣି ତାରିଖ ଓ ସ୍ଥାନ ସ୍ଥିରୀକୃତ ହୋଇଛି। ଜାନୁଆରୀ ୫ ତାରିଖରେ ସଦର ମହକୁମା ସଦ୍‌ଭାବନା ସଭାଗୃହଠାରେ, ୧୨ରେ କାକଟପୁର ବ୍ଲକ୍ ପରିସର, ୧୯ରେ ନିମାପଡ଼ା ବ୍ଲକ୍ ପରିସର ଓ ୨୭ ତାରିଖରେ କଣାସ ବ୍ଲକ୍ ପରିସରରେ ପୂର୍ବାହ୍ନ ୧୦ଟାରୁ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଅଭିଯୋଗ ଶୁଣାଣି ଅଧିକାରୀ ସୂଚନା ଦେଇଛନ୍ତି।

ତୃତୀୟ ଶ୍ରୀଜଗନ୍ନାଥ ବିଶ୍ୱ ଆଧ୍ୟାତ୍ମିକ ସମାବେଶ

## ଶ୍ରୀକ୍ଷେତ୍ର ହିଁ ଏକମାତ୍ର ଜଗନ୍ନାଥ ଧାମ

ପୁରୀ,୩ା୧(ସମିସ): ଶ୍ରୀଜଗନ୍ନାଥ ଚିନ୍ତନ ଓ ଚେତନା ୱାର୍ଲ୍ଡ ୱାଇଡ୍ ପକ୍ଷରୁ ଟାଉନ ହଲ୍‌ଠାରେ ଚାଲିଥିବା ତ୍ରିଦିବସୀୟ ତୃତୀୟ ଶ୍ରୀଜଗନ୍ନାଥ ବିଶ୍ୱ ଆଧ୍ୟାତ୍ମିକ ସମାବେଶର ଶନିବାର ଥିଲା ଦ୍ୱିତୀୟ ଦିନ। ଏହି ଦିବସର ପ୍ରଥମ ଅଧିବେଶନର ବିଷୟବସ୍ତୁ ଥିଲା 'ବିଶ୍ୱରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବାପୂଜାରେ ଐକ୍ୟ ସ୍ଥାପନ'। ଏଥିରେ ସୁବୋଧ କୃଷ୍ଣ ମିଶନର ଅଧ୍ୟକ୍ଷ ସ୍ୱାମୀ କୃଷ୍ଣପ୍ରେମାନନ୍ଦ ସରସ୍ୱତୀ ଅଧ୍ୟକ୍ଷତା କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ସନାତନ ସଂସ୍କୃତିର ପୁନରୁତ୍‌ଥାନ କିପରି ହେବ ସେ ବିଷୟରେ ଆଲୋଚନା କରିଥିଲେ। ଏହି ଅଧିବେଶନରେ ପୁରାତନ ସମୟରୁ ବିବର୍ତ୍ତିତ ପୂଜା ପରମ୍ପରା ତଥା ସ୍କନ୍ଦ ପୁରାଣ ଆଧାରରେ ପୂଜା ଏବଂ ଶ୍ରୀକ୍ଷେତ୍ର ହିଁ ଏକମାତ୍ର ଜଗନ୍ନାଥ ଧାମ ବୋଲି ସମସ୍ତେ ମତବ୍ୟକ୍ତ କରିଥିଲେ। ତାଙ୍କ ସହିତ ଆଲୋଚନାରେ ଭାଗ ନେଇଥିଲେ ଶ୍ରୀଜଗନ୍ନାଥ ସଂସ୍କୃତିର ଗବେଷକ ଡ. ଭାସ୍କର ମିଶ୍ର, ରାଧାବଲ୍ଲଭ ମଠର ମହନ୍ତ ରାମକୃଷ୍ଣ ଦାସ ମହାରାଜ, ଶ୍ରୀମନ୍ଦିର



ପୂଜାପଣ୍ଡା ସେବକ ସାମନ୍ତ ମାଧବ ଚନ୍ଦ୍ର ପୂଜାପଣ୍ଡା, ଭାଗବତ ଆଶ୍ରମର ଅଧ୍ୟକ୍ଷ ପୂଜ୍ୟ ବାବା ବ୍ରଜବନ୍ଧୁ ଦାସ ମହାରାଜ। ଏଥିସହିତ ଓସାନ, ନାଇଜେରିଆର ସଭାପତି ପ୍ରଶାନ୍ତ କୁମାର ଦାସ ଓ ମ୍ୟାଁମାର ଓଡ଼ିଆ ଆସୋସିଏସନର ସାରିକା ଚତୁର୍ବେଦୀ। ନିଜ ନିଜ ଦେଶର ଥିବା ଶ୍ରୀଜଗନ୍ନାଥ ମନ୍ଦିରରେ କିପରି ସେବାପୂଜା କରାଯାଏ ସେହି ଉପରେ ଆଲୋକପାତ କରିଥିଲେ। ସଭାର ଦ୍ୱିତୀୟ ଅଧିବେଶନରେ ଶ୍ରୀଜଗନ୍ନାଥ ଧାମ ନାମକରଣ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ ସ୍ୱାମୀ ବ୍ରହ୍ମନିଷ୍ଠାନନ୍ଦ ସରସ୍ୱତୀ। ଏଥିସହିତ ଆଲୋଚନାରେ ଭାଗ ନେଇଥିଲେ ଆଇଭରୀ କୋଷ୍ଟରେ ରହୁଥିବା ବିଭୁଜା ନନ୍ଦନ ମହାନ୍ତି, ସ୍ୱିଡେନର ଆଦିତ୍ୟ କୁମାର ପରିଡା ଓ ଅଷ୍ଟ୍ରେଲିଆରେ ଦୁର୍ଗା ପ୍ରସନ୍ନ ରାଉତରାୟ। ଭଜନ ଗୁରୁ ନଳିନୀକାନ୍ତ ନାୟକ ଓ ସାଥୀଙ୍କ ଦ୍ୱାରା ସୁମଧୁର ଶ୍ରୀଜଗନ୍ନାଥଙ୍କ ଭଜନ ଶ୍ରୋତାମାନଙ୍କ ମନ କିଣି ନେଇଥିଲା। ରବିବାର ସମାବେଶର ଉଦ୍‌ଯାପନୀ ଦିବସରେ ଗଜପତି ମହାରାଜା ନିଜର ଆଶୀର୍ବଚନ ରଖିବେ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

ଭାର୍ଗବୀ ନଦୀପଠାରେ ବେଆଇନ ଇଟାଭାଟି

# ମାଟି ତାଡ଼ି ନେଉଛନ୍ତି ଇଟା ବେପାରୀ

ପୁରୀ,୩ା୧(ସମିସ): ପୁରୀ ଜିଲ୍ଲାରେ ବେଧଡ଼କ ଚାଲିଛି ମାଳମାଳ ଇଟାଭାଟି। ଲୁଟ୍ ହେଉଛି ବାଲି, ମାଟି। ବିଶେଷକରି ଅନେକ ଜାଗାରେ ନଦୀର ଭିତର ପାଶ୍ୱର୍ ପଠାରେ ବେଆଇନ ଭାବେ ଇଟାଭାଟି କରାଯାଇଛି। ଇଟା ବେପାରୀମାନେ ସେହି ନଦୀପଠାକୁ ତାଡ଼ି ଇଟା ପ୍ରସ୍ତୁତ କରୁଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏଥିଯୋଗୁଁ ନଦୀବନ୍ଧଗୁଡ଼ିକ ଦୁର୍ବଳ ହେଉଛି। ଫଳରେ ନଦୀରେ ପାଣି ଆସିଲେ ଘାଇ



● ଦୁର୍ବଳ ହେଉଛି ନଦୀବନ୍ଧ

● ଅଧିକାରୀ ସାଜିଛନ୍ତି ନିରବଦ୍ରଷ୍ଟା

ସୃଷ୍ଟି ହେବାର ଭୟ ବି ରହୁଛି। ଏହି ବାଲି ଏବଂ ମାଟି ବେପାରୀଙ୍କ ଯୋଗୁଁ ଜନଜୀବନ ବିପଦରେ ପଡୁଥିଲେ ମଧ୍ୟ ଏଥିପ୍ରତି ଅଧିକାରୀଙ୍କ ନିଘା ନାହିଁ। ବରଂ ସେମାନଙ୍କ ସହ ହାତ ମିଳାଇ ଏଭଳି ବେଆଇନ କାର୍ଯ୍ୟକୁ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ ହେଉଛି। ରାଜ୍ୟ ସରକାରଙ୍କ ବାରମ୍ବାର ତାଗିଦ୍ ସତ୍ତ୍ୱେ ସରକାରୀ ଜମିକୁ ବି ବାଦ୍ ଦେଉନାହାନ୍ତି ମାଫିଆ। ସେଠାରୁ ବି ବାଲି, ମାଟି ଲୁଟ୍ କରୁଛନ୍ତି। ଦିନକୁ ଦିନ ଜିଲ୍ଲାରେ ବାଲି, ମାଟି ଚୋରାଚାଲାଣ ବଢ଼ିଥିଲେ ହେଁ ଶୁଣିବାକୁ କେହି ନାହାଁ। ଫଳସ୍ୱରୂପ ସ୍ପଷ୍ଟ ଦିବାଲୋକରେ ବେଧଡ଼କ ଚାଲୁଛି ବେଆଇନ କାମ।

ଜିଲ୍ଲାର ସବୁ ଅଞ୍ଚଳରେ ଏବେ ବାଲି, ମାଟି ଲୁଟ୍ ବ୍ୟାପକ ମାତ୍ରାରେ ଚାଲିଛି। ସମ୍ପ୍ରତି ପୁରୀ ସଦର ବ୍ଲକ୍ ବାଲିପଡ଼ା ଗ୍ରାମପଞ୍ଚାୟତର ବାଲିପଡ଼ା ଗାଁ ଭାର୍ଗବୀ ନଦୀ ଭିତର ପାଶ୍ୱର୍ରେ ଏକାଧିକ ଇଟାଭାଟି ଚାଲିଛି। ଗାଁର କିଛି ବ୍ୟକ୍ତି ନଦୀ ଭିତର ପାଶ୍ୱର୍ ପଠାରେ ଏହି ବେଆଇନ ଇଟାଭାଟି ଚଳାଇଥିଲେ ମଧ୍ୟ ବିଭାଗୀୟ ବାବୁମାନେ ନିରବଦ୍ରଷ୍ଟା ସାଜିଛନ୍ତି। ଫଳରେ ଭାର୍ଗବୀ ନଦୀର ସୁରକ୍ଷା ଏବଂ ଜୈବ ବିବିଧତା ଏବେ ବିପଦରେ। ଏହି ଇଟାଭାଟି ଦ୍ୱାରା ନଦୀ ଏବେ ଅବକ୍ଷୟମୁଖୀ। ପଠାରେ ଇଟା ବେପାରୀମାନେ ମାଟି ଖୋଳି ଏକାଧିକ ଭାଟି ଛିଡ଼ା କରିଛନ୍ତି। ଫଳରେ ପରିବେଶ ପ୍ରତି ବିପଦ ସୃଷ୍ଟି ହୋଇଛି। ଏପରିକି ସ୍ଥାନୀୟ ଅଞ୍ଚଳ ଧୂଆଁମୟ ହୋଇଯାଉଛି। ବରିଷ୍ଠ ନାଗରିକ ଏବଂ ଛୋଟ ପିଲାମାନେ ସେହି ବାଟ ଦେଇ ଯିବାବେଳେ ଧୂଆଁରେ ଅତିଷ୍ଠ ହୋଇପଡୁଛନ୍ତି। ସେହିପରି ଚନ୍ଦନପୁର, ଢୋଲ ନଦୀବନ୍ଧ ରାସ୍ତା ପାଶ୍ୱର୍ରେ ଏ ସବୁ ବେଆଇନ ଇଟାଭାଟି ଚାଲିଥିବାବେଳେ ପୁଲିସ, ପ୍ରଶାସନ, ରାଜସ୍ୱ ବିଭାଗ ଏସବୁ ଦେଖି ନିରବଦ୍ରଷ୍ଟା ପାଲଟିଛନ୍ତି। ଏହି ବେଆଇନ କାମ ଏବେକାର ନୁହେଁ। ବାଲିପଡ଼ା ନିକଟ ଭାର୍ଗବୀ ଓ ନୂଆନଦୀ ପଠାରୁ ବର୍ଷ ବର୍ଷ ଧରି ବାଲି, ମାଟି ଚୋରାଚାଲାଣ ଚାଲିଛି। ଏ ନେଇ ସ୍ଥାନୀୟ ଅଞ୍ଚଳବାସୀ ପୂର୍ବରୁ ଏକାଧିକବାର ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ଇଟାଭାଟିକୁ ନେଇ ନିକଟରେ ତହସିଲ୍‌ଦାରଙ୍କୁ ଫେରାଦ୍ ହୋଇଛନ୍ତି। କିନ୍ତୁ ପ୍ରଶାସନିକସ୍ତରରେ ଏ ଦିଗରେ ତତ୍ପରତା ପ୍ରକାଶ ପାଉ ନ ଥିବାରୁ ସେମାନେ ନିରାଶ ହୋଇଛନ୍ତି। ଗାଁ ଲୋକଙ୍କୁ ଚ୍ୟାଲେଞ୍ଜ ଦେବା ଭଳି ଇଟା ବ୍ୟବସାୟୀମାନେ ବେଧଡ଼କ ଏହି ବେଆଇନ କାମ କରୁଛନ୍ତି। ଏ ସମ୍ପର୍କରେ ପୁରୀ ତହସିଲ୍‌ଦାର ଅଭିଷେକ ଦାଶଙ୍କୁ ପଚାରିବାରେ ଭାର୍ଗବୀ ନଦୀପଠାରେ ବେଆଇନ ଇଟାଭାଟି ନେଇ ସ୍ଥାନୀୟ ଲୋକଙ୍କ ଅଭିଯୋଗ ମୋ ନଜରକୁ ଆସିନାହିଁ। ଯଦି ବି ଏପରି ହୋଇଛି ଏହାର ଅନୁଧ୍ୟାନ କରାଯିବ। ନଦୀପଠାରୁ ମାଟି ତାଡ଼ିନେବା ସମ୍ପୂର୍ଣ୍ଣ ବେଆଇନ। ଏହାକୁ ବରଦାସ୍ତ କରାଯିବ ନାହିଁ। ଘଟଣାସ୍ଥଳକୁ ଆର୍‌ଆଇ ଯାଇ ଅନୁଧ୍ୟାନ କରିବା ପରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।




ଜାନୁଆରୀ ପହିଲାରୁ ପୂର୍ବ ତଟ ରେଳପଥ ଦ୍ୱାରା
ନୂତନ ସମୟ ସାରଣୀ 2026
(ସମୟ ପରିବର୍ତ୍ତନର ମୁଖ୍ୟ ବୈଶିଷ୍ଟ୍ୟ)

ନୂତନ ଟ୍ରେନ୍ ପ୍ରଚଳନ

| କ୍ରମ ନଂ. | ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ଚଳାଚଳ ଦିବସ | କାର୍ଯ୍ୟକାରୀ ହେବା ତାରିଖ |
|---|---|---|---|---|
| 1 | 19021 | ଉଧନା ଜଂ - ବ୍ରହ୍ମପୁର | ସାପ୍ତାହିକ | 05.10.2025 |
| 2 | 19022 | ବ୍ରହ୍ମପୁର - ଉଧନା ଜଂ | ସାପ୍ତାହିକ | 06.10.2025 |
| 3 | 18311 | ସମ୍ବଲପୁର - ବୌଦ୍ଧ | ସାପ୍ତାହିକ | 22.06.2025 |
| 4 | 18312 | ବୌଦ୍ଧ - ସମ୍ବଲପୁର | ସାପ୍ତାହିକ | 24.06.2025 |
| 5 | 18313 | ବୌଦ୍ଧ - ଭୁବନେଶ୍ୱର ନୂଆ | ସାପ୍ତାହିକ | 23.06.2025 |
| 6 | 18314 | ଭୁବନେଶ୍ୱର ନୂଆ - ବୌଦ୍ଧ | ସାପ୍ତାହିକ | 23.06.2025 |

ଟ୍ରେନ୍‌ଗୁଡ଼ିକର ସଂପ୍ରସାରଣ

| କ୍ରମ ନଂ. | ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ସଂପ୍ରସାରିତ ସ୍ଥାନ | w.e.f |
|---|---|---|---|---|
| 1 | 12871 | ହାଓଡ଼ା - ଟିଟିଲାଗଡ଼ | ଜୁନାଗଡ଼ ରୋଡ଼ | ପରେ ସୂଚିତ କରାଯିବ |
| 2 | 12872 | ଟିଟିଲାଗଡ଼ - ହାଓଡ଼ା | ଜୁନାଗଡ଼ ରୋଡ଼ | |
| 3 | 58305 | ବଲାଙ୍ଗୀର - ସୋନପୁର | ପୁରୁଣାକଟକ | 23.06.2025 |
| 4 | 58306 | ସୋନପୁର - ବଲାଙ୍ଗୀର | ପୁରୁଣାକଟକ | 23.06.2025 |
| 5 | 58307 | ବଲାଙ୍ଗୀର - ସୋନପୁର | ପୁରୁଣାକଟକ | 23.06.2025 |
| 6 | 58308 | ସୋନପୁର - ବଲାଙ୍ଗୀର | ପୁରୁଣାକଟକ | 23.06.2025 |
| 7 | 12893 | ଭୁବନେଶ୍ୱର - ସୋନପୁର | ପୁରୁଣାକଟକ | 23.06.2025 |
| 8 | 12894 | ସୋନପୁର - ଭୁବନେଶ୍ୱର | ପୁରୁଣାକଟକ | 24.06.2025 |
| 9 | 22820 | ବିଶାଖାପାଟଣା - ଭୁବନେଶ୍ୱର | ଭୁବନେଶ୍ୱର ନୂଆ | 12.05.2025 |
| 10 | 22819 | ଭୁବନେଶ୍ୱର - ବିଶାଖାପାଟଣା | ଭୁବନେଶ୍ୱର ନୂଆ | 12.05.2025 |
| 11 | 17015 | ଭୁବନେଶ୍ୱର - ସିକନ୍ଦରାବାଦ | ଭୁବନେଶ୍ୱର ନୂଆ | 12.05.2025 |
| 12 | 17016 | ସିକନ୍ଦରାବାଦ - ଭୁବନେଶ୍ୱର | ଭୁବନେଶ୍ୱର ନୂଆ | 11.05.2025 |
| 13 | 11020 | ଭୁବନେଶ୍ୱର - CSMT ମୁମ୍ବାଇ | ଭୁବନେଶ୍ୱର ନୂଆ | 12.05.2025 |
| 14 | 11019 | CSMT ମୁମ୍ବାଇ - ଭୁବନେଶ୍ୱର | ଭୁବନେଶ୍ୱର ନୂଆ | 11.05.2025 |

ଟ୍ରେନ୍‌ଗୁଡ଼ିକର ଚଳାଚଳରେ ବୃଦ୍ଧି

| କ୍ରମ ନଂ. | ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ପୂର୍ବ ଚଳାଚଳ ଦିବସ | ନୂତନ ଚଳାଚଳ ଦିବସ | w.e.f |
|---|---|---|---|---|---|
| 1 | 19021 | ଉଧନା ଜଂ - ବ୍ରହ୍ମପୁର | ସାପ୍ତାହିକ | ସପ୍ତାହକୁ ତିନିଥର | 19.11.2025 |
| 2 | 19022 | ବ୍ରହ୍ମପୁର - ଉଧନା ଜଂ | ସାପ୍ତାହିକ | ସପ୍ତାହକୁ ତିନିଥର | 20.11.2025 |

ଟ୍ରେନ୍‌ଗୁଡ଼ିକର ଚଳାଚଳ ଦିବସରେ ପରିବର୍ତ୍ତନ

| ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ପୂର୍ବ ଚଳାଚଳ ଦିବସ | ନୂତନ ଚଳାଚଳ ଦିବସ | w.e.f |
|---|---|---|---|---|
| 20707 | ସିକନ୍ଦରାବାଦ - ବିଶାଖାପାଟଣା | ଗୁରୁବାର ବ୍ୟତୀତ | ସୋମବାର ବ୍ୟତୀତ | 02.12.25 |
| 20708 | ବିଶାଖାପାଟଣା - ସିକନ୍ଦରାବାଦ | | | 02.12.25 |
| 20835 | ରାଉରକେଲା - ପୁରୀ | ଶନିବାର ବ୍ୟତୀତ | ମଙ୍ଗଳବାର ବ୍ୟତୀତ | 03.06.25 |
| 20836 | ପୁରୀ - ରାଉରକେଲା | | | 03.06.25 |

ଟ୍ରେନ୍‌ଗୁଡ଼ିକର ଗତିରେ ବୃଦ୍ଧି (w.e.f. 01.01.2026)

| ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ପୂର୍ବ TOR | ନୂତନ TOR | ସଞ୍ଚିତ ସମୟ ମିନିଟ |
|---|---|---|---|---|
| 12805 | ବିଶାଖାପାଟଣା - ଲିଙ୍ଗମପାଲି | 13 ଘ. 20 ମି. | 12 ଘ. 55 ମି. | 25 |
| 12806 | ଲିଙ୍ଗମପାଲି - ବିଶାଖାପାଟଣା | 13 ଘ. 30 ମି. | 12 ଘ. 55 ମି. | 35 |
| 20804 | ଗାନ୍ଧୀଧାମ ଜଂ - ବିଶାଖାପାଟଣା | 35 ଘ. 15 ମି. | 35 ଘ. 10 ମି. | 05 |
| 18451 | ହାଟିଆ - ପୁରୀ | 09 ଘ. 35 ମି. | 09 ଘ. 30 ମି. | 05 |
| 18529 | ଦୁର୍ଗ - ବିଶାଖାପାଟଣା | 13 ଘ. 30 ମି. | 13 ଘ. 10 ମି. | 20 |
| 58303 | ସମ୍ବଲପୁର - ଜୁନାଗଡ଼ ରୋଡ଼ | 08 ଘ. 05 ମି. | 07 ଘ. 50 ମି. | 15 |
| 12819 | ଭୁବନେଶ୍ୱର - ଆନନ୍ଦ ବିହାର ଟର୍ମିନାଲ | 27 ଘ. 20 ମି. | 27 ଘ. 18 ମି. | 02 |
| 68413 | ତାଳଚେର - ପୁରୀ | 05 ଘ. 45 ମି. | 05 ଘ. 20 ମି. | 25 |
| 12846 | SMVT ବେଙ୍ଗାଲୁରୁ - ଭୁବନେଶ୍ୱର | 25 ଘ. 50 ମି. | 25 ଘ. 45 ମି. | 05 |
| 18573 | ବିଶାଖାପାଟଣା - ଭଗତ କୀ କୋଠି | 38 ଘ. 10 ମି. | 38 ଘ. | 10 |

ଟ୍ରେନ୍ ସମୟ ପରିବର୍ତ୍ତନ (w.e.f 01.01.2026)

| ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ପୂର୍ବ ସମୟ: ପ୍ରସ୍ଥାନ (ପ୍ରାରମ୍ଭିକ ଷ୍ଟେସନରେ) | ପୂର୍ବ ସମୟ: ଆଗମନ (ଅନ୍ତିମ ଷ୍ଟେସନ ଠାରୁ) | ନୂତନ ସମୟ: ପ୍ରସ୍ଥାନ | ନୂତନ ସମୟ: ଆଗମନ |
|---|---|---|---|---|---|
| 58303 | ସମ୍ବଲପୁର - ଜୁନାଗଡ଼ ରୋଡ଼ | 0645 | 1450 | 0700 | 1450 |
| 18422 | ସୋନପୁର - ପୁରୀ | 1910 | 0635 | 1900 | 0640 |
| 18302 | ରାୟଗଡ଼ା - ସମ୍ବଲପୁର | 1320 | 1935 | 1320 | 1945 |
| 18304 | ପୁରୀ - ସମ୍ବଲପୁର | 1545 | 2240 | 1545 | 2255 |
| 18516 | କିରନ୍ଦୁଲ - ବିଶାଖାପାଟଣା | 1630 | 0340 | 1600 | 0340 |
| 18517 | କୋରବା - ବିଶାଖାପାଟଣା | 1610 | 0640 | 1610 | 0645 |
| 22809 | ପାରାଦୀପ - ବିଶାଖାପାଟଣା | 2215 | 0800 | 2215 | 0815 |
| 22853 | ଶାଲିମାର - ବିଶାଖାପାଟଣା | 1815 | 0800 | 1815 | 0815 |
| 22873 | ଦିଘା - ବିଶାଖାପାଟଣା | 1705 | 0800 | 1705 | 0815 |
| 18529 | ଦୁର୍ଗ - ବିଶାଖାପାଟଣା | 1833 | 1030 | 1833 | 1005 |
| 20804 | ଗାନ୍ଧୀଧାମ ଜଂ - ବିଶାଖାପାଟଣା | 2305 | 1020 | 2305 | 1015 |
| 58503 | ଭବାନୀପାଟଣା - ବିଶାଖାପାଟଣା | 0115 | 1010 | 0115 | 1020 |
| 18574 | ଭଗତ କୀ କୋଠି - ବିଶାଖାପାଟଣା | 2040 | 1005 | 2040 | 1030 |
| 18524 | ବାରଣାସୀ - ବିଶାଖାପାଟଣା | 1500 | 1930 | 1500 | 1945 |
| 12806 | ଲିଙ୍ଗମପାଲି - ବିଶାଖାପାଟଣା | 0615 | 1945 | 0655 | 1950 |
| 58502 | କିରନ୍ଦୁଲ - ବିଶାଖାପାଟଣା | 0600 | 2045 | 0600 | 2100 |
| 58505 | ଗୁଣୁପୁର - ବିଶାଖାପାଟଣା | 1430 | 2100 | 1430 | 2110 |
| 18005 | ହାଓଡ଼ା - ଜଗଦଲପୁର | 2210 | 2200 | 2210 | 2230 |
| 18447 | ଭୁବନେଶ୍ୱର - ଜଗଦଲପୁର | 1935 | 1115 | 1935 | 1215 |
| 12805 | ବିଶାଖାପାଟଣା - ଲିଙ୍ଗମପାଲି | 0620 | 1940 | 0620 | 1915 |
| 58538 | ବିଶାଖାପାଟଣା - କୋରାପୁଟ | 0630 | 1530 | 0645 | 1545 |
| 58501 | ବିଶାଖାପାଟଣା - କିରନ୍ଦୁଲ | 0645 | 2045 | 0700 | 2100 |
| 67289 | ବିଶାଖାପାଟଣା - ପଲାସା | 0750 | 1300 | 0745 | 1300 |
| 18448 | ଜଗଦଲପୁର - ଭୁବନେଶ୍ୱର | 1630 | 0820 | 1600 | 0820 |
| 17244 | ରାୟଗଡ଼ା - ଗୁଣ୍ଟୁର | 1530 | 0450 | 1500 | 0450 |

ରେକ୍ ଗୁଡ଼ିକୁ LHB ରେକ୍‌ରେ ରୂପାନ୍ତରିତ ହୋଇଥିବା ଟ୍ରେନ୍

| କ୍ର.ନଂ. | ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | w.e.f |
|---|---|---|---|
| 1 | 12892 | ପୁରୀ - ବାଙ୍ଗିରିପୋଷି | 29.04.2025 |
| 2 | 12891 | ବାଙ୍ଗିରିପୋଷି - ପୁରୀ | 29.04.2025 |
| 3 | 20837 | ଭୁବନେଶ୍ୱର - ଜୁନାଗଡ଼ ରୋଡ଼ | 25.08.2025 |
| 4 | 20838 | ଜୁନାଗଡ଼ ରୋଡ଼ - ଭୁବନେଶ୍ୱର | 25.08.2025 |

ପରିବର୍ତ୍ତନ ହୋଇଥିବା ଟ୍ରେନ୍ ନଂ

| କ୍ର.ନଂ. | ପୂର୍ବ ଟ୍ରେନ୍ ନଂ. | ନୂତନ ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | w.e.f |
|---|---|---|---|---|
| 1 | 12892 | 18402 | ପୁରୀ - ବାଙ୍ଗିରିପୋଷି | 01.02.2026 |
| 2 | 12891 | 18401 | ବାଙ୍ଗିରିପୋଷି - ପୁରୀ | 01.02.2026 |

ଟ୍ରେନ୍‌ଗୁଡ଼ିକର ଅତିରିକ୍ତ ଷ୍ଟପେଜ୍

| କ୍ର. ନଂ. | ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ଅତିରିକ୍ତ ଷ୍ଟପେଜ୍ | w.e.f |
|---|---|---|---|---|
| 1 | 18005 | ହାଓଡ଼ା - ଜଗଦଲପୁର | ଲୋଇସିଂହା | 19.11.2025 |
| 2 | 18006 | ଜଗଦଲପୁର - ହାଓଡ଼ା | ଲୋଇସିଂହା | 19.11.2025 |
| 3 | 13351 | ଧାନବାଦ - ଆଲେପି | ହରଲା ରୋଡ଼ | 04.03.2025 |
| 4 | 13352 | ଆଲେପି - ଧାନବାଦ | ହରଲା ରୋଡ଼ | 03.03.2025 |
| 5 | 18423 | ଭୁବନେଶ୍ୱର - ଦଶପଲ୍ଲା | ବୋଲଗଡ଼ ଟାଉନ | 20.01.2025 |
| 6 | 18424 | ଦଶପଲ୍ଲା - ଭୁବନେଶ୍ୱର | ବୋଲଗଡ଼ ଟାଉନ | 21.01.2025 |
| 7 | 68449 | ପୁରୀ - ଦଶପଲ୍ଲା | ସାନପଦର | 20.01.2025 |
| 8 | 68450 | ଦଶପଲ୍ଲା - ପୁରୀ | ସାନପଦର | 21.01.2025 |
| 9 | 68443 | ଭଦ୍ରକ - ଦଶପଲ୍ଲା | ସାନପଦର | 21.01.2025 |
| 10 | 68444 | ଦଶପଲ୍ଲା - ଭଦ୍ରକ | ସାନପଦର | 20.01.2025 |
| 11 | 68429 | ଭୁବନେଶ୍ୱର - ଦଶପଲ୍ଲା | ସାନପଦର | 21.01.2025 |
| 12 | 68430 | ଦଶପଲ୍ଲା - ଭୁବନେଶ୍ୱର | ସାନପଦର | 20.01.2025 |
| 13 | 18423 | ଭୁବନେଶ୍ୱର - ଦଶପଲ୍ଲା | ସାନପଦର | 20.01.2025 |
| 14 | 18424 | ଦଶପଲ୍ଲା - ଭୁବନେଶ୍ୱର | ସାନପଦର | 21.01.2025 |
| 15 | 68429 | ଭୁବନେଶ୍ୱର - ଦଶପଲ୍ଲା | ଟରାବୋଇ | 17.09.2025 |
| 16 | 68430 | ଦଶପଲ୍ଲା - ଭୁବନେଶ୍ୱର | ଟରାବୋଇ | 17.09.2025 |
| 17 | 68449 | ପୁରୀ - ଦଶପଲ୍ଲା | ଟରାବୋଇ | 17.09.2025 |
| 18 | 68450 | ଦଶପଲ୍ଲା - ପୁରୀ | ଟରାବୋଇ | 17.09.2025 |
| 19 | 18423 | ଭୁବନେଶ୍ୱର - ଦଶପଲ୍ଲା | ଟରାବୋଇ | 17.09.2025 |
| 20 | 18424 | ଦଶପଲ୍ଲା - ଭୁବନେଶ୍ୱର | ଟରାବୋଇ | 17.09.2025 |
| 21 | 68443 | ଭଦ୍ରକ - ଦଶପଲ୍ଲା | ଟରାବୋଇ | 17.09.2025 |
| 22 | 68444 | ଦଶପଲ୍ଲା - ଭଦ୍ରକ | ଟରାବୋଇ | 17.09.2025 |
| 23 | 12896 | ପୁରୀ - ଶାଲିମାର | ସାକ୍ଷୀଗୋପାଳ | 21.08.2025 |
| 24 | 12895 | ଶାଲିମାର - ପୁରୀ | ସାକ୍ଷୀଗୋପାଳ | 15.08.2025 |
| 25 | 15639 | ପୁରୀ - କାମାକ୍ଷ୍ୟା | ସାକ୍ଷୀଗୋପାଳ | 19.08.2025 |
| 26 | 15640 | କାମାକ୍ଷ୍ୟା - ପୁରୀ | ସାକ୍ଷୀଗୋପାଳ | 19.08.2025 |
| 27 | 18449 | ପୁରୀ - ପାଟନା ଜଂ | ସାକ୍ଷୀଗୋପାଳ | 18.08.2025 |
| 28 | 18450 | ପାଟନା ଜଂ - ପୁରୀ | ସାକ୍ଷୀଗୋପାଳ | 21.08.2025 |
| 29 | 20807 | ବିଶାଖାପାଟଣା - ଅମୃତସର ଜଂ | ନରାଜ ମାର୍ଥାପୁର | 15.08.2025 |
| 30 | 20808 | ଅମୃତସର ଜଂ - ବିଶାଖାପାଟଣା | ନରାଜ ମାର୍ଥାପୁର | 15.08.2025 |
| 31 | 12837 | ହାଓଡ଼ା - ପୁରୀ | ମଞ୍ଚେଶ୍ୱର | 15.08.2025 |
| 32 | 12838 | ପୁରୀ - ହାଓଡ଼ା | ମଞ୍ଚେଶ୍ୱର | 15.08.2025 |
| 33 | 20823 | ପୁରୀ - ଆଜମେର ଜଂ | ମଞ୍ଚେଶ୍ୱର | 15.08.2025 |
| 34 | 20824 | ଆଜମେର ଜଂ - ପୁରୀ | ମଞ୍ଚେଶ୍ୱର | 16.08.2025 |
| 35 | 18447 | ଭୁବନେଶ୍ୱର - ଜଗଦଲପୁର | ଭୁଷଣ୍ଡପୁର | 15.08.2025 |
| 36 | 18448 | ଜଗଦଲପୁର - ଭୁବନେଶ୍ୱର | ଭୁଷଣ୍ଡପୁର | 14.08.2025 |
| 37 | 20861 | ପୁରୀ - ଅହମଦାବାଦ ଜଂ | ବୋଇଣ୍ଡା | 20.08.2025 |
| 38 | 20862 | ଅହମଦାବାଦ ଜଂ - ପୁରୀ | ବୋଇଣ୍ଡା | 17.08.2025 |
| 39 | 18425 | ପୁରୀ - ଦୁର୍ଗ | ବୋଇଣ୍ଡା | 15.08.2025 |
| 40 | 18426 | ଦୁର୍ଗ - ପୁରୀ | ବୋଇଣ୍ଡା | 15.08.2025 |
| 41 | 12807 | ବିଶାଖାପାଟଣା - ହଜରତ ନିଜାମୁଦ୍ଦିନ | ଥେରୁବାଲି | 16.08.2025 |
| 42 | 12808 | ହଜରତ ନିଜାମୁଦ୍ଦିନ - ବିଶାଖାପାଟଣା | ଥେରୁବାଲି | 15.08.2025 |
| 43 | 13351 | ଧାନବାଦ - ଆଲେପି | ଥେରୁବାଲି | 15.08.2025 |
| 44 | 13352 | ଆଲେପି - ଧାନବାଦ | ଥେରୁବାଲି | 15.08.2025 |
| 45 | 17481 | ବିଲାସପୁର ଜଂ - ତିରୁପତି | ଆମ୍ବୋଦଲା | 16.08.2025 |
| 46 | 17482 | ତିରୁପତି - ବିଲାସପୁର ଜଂ | ଆମ୍ବୋଦଲା | 15.08.2025 |
| 47 | 13351 | ଧାନବାଦ - ଆଲେପି | ଆମ୍ବୋଦଲା | 15.08.2025 |
| 48 | 13352 | ଆଲେପି - ଧାନବାଦ | ଆମ୍ବୋଦଲା | 15.08.2025 |
| 49 | 18518 | ବିଶାଖାପାଟଣା - କୋରବା | ମୁନିଗୁଡ଼ା | 15.08.2025 |
| 50 | 18517 | କୋରବା - ବିଶାଖାପାଟଣା | ମୁନିଗୁଡ଼ା | 15.08.2025 |
| 51 | 18301 | ସମ୍ବଲପୁର - ରାୟଗଡ଼ା | ଦେଓଗାଁ ରୋଡ଼ | 16.04.2025 |
| 52 | 18302 | ରାୟଗଡ଼ା - ସମ୍ବଲପୁର | ଦେଓଗାଁ ରୋଡ଼ | 16.04.2025 |
| 53 | 22827 | ପୁରୀ - ଆଜମେର ଜଂ | ତାଳଚେର ରୋଡ଼ | 04.01.2026 |
| 54 | 22828 | ଆଜମେର ଜଂ - ପୁରୀ | ତାଳଚେର ରୋଡ଼ | 06.01.2026 |
| 55 | 12837 | ହାଓଡ଼ା - ପୁରୀ | ନିର୍ଗୁଣ୍ଡି | 01.01.2026 |
| 56 | 12838 | ପୁରୀ - ହାଓଡ଼ା | ନିର୍ଗୁଣ୍ଡି | 01.01.2026 |

ପ୍ରମୁଖ ଷ୍ଟେସନରେ ଟ୍ରେନ୍ ଚଳାଚଳ ସମୟର ପରିବର୍ତ୍ତନ

12145 (ଲୋକମାନ୍ୟ ତିଲକ ଟର୍ମିନସ - ପୁରୀ) ସାପ୍ତାହିକ ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ଟିଟିଲାଗଡ଼ | 1830 | 1850 |
| ବଲାଙ୍ଗୀର | 1940 | 1945 |
| ବରଗଡ଼ | 2035 | 2037 |
| ସମ୍ବଲପୁର | 2120 | 2130 |
| ଅନୁଗୁଳ | 0125 | 0127 |
| ତାଳଚେର | 0145 | 0205 |
| କଟକ | 0330 | 0335 |
| ଭୁବନେଶ୍ୱର | 0410 | 0415 |
| ଖୋର୍ଦ୍ଧା ରୋଡ଼ | 0425 | 0430 |

12879 (ଲୋକମାନ୍ୟ ତିଲକ ଟର୍ମିନସ - ଭୁବନେଶ୍ୱର) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ସମ୍ବଲପୁର | 0010 | 0030 |
| ଅନୁଗୁଳ | 0314 | 0316 |
| କଟକ | 0545 | 0550 |

18005 (ହାଓଡ଼ା - ଜଗଦଲପୁର) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ସମ୍ବଲପୁର | 0850 | 0900 |
| ରାୟଗଡ଼ା | 1510 | 1535 |
| କୋରାପୁଟ | 1915 | 1940 |
| ଜଗଦଲପୁର | 2230 | - |

18529 (ଦୁର୍ଗ - ବିଶାଖାପାଟଣା) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ଟିଟିଲାଗଡ଼ | 0010 | 0020 |
| ସିଙ୍ଗାପୁର ରୋଡ଼ | 0453 | 0455 |
| ରାୟଗଡ଼ା | 0520 | 0530 |
| ପାର୍ବତୀପୁରମ | 0625 | 0630 |
| ବୋବିଲି | 0655 | 0700 |
| କୋଟ୍ଟଭଲସା | 0830 | 0832 |
| ସିମହାଚଲମ | 0926 | 0928 |
| ବିଶାଖାପାଟଣା | 1005 | - |

18451 (ହାଟିଆ - ପୁରୀ) ତପସ୍ୱିନୀ ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ସମ୍ବଲପୁର | 2205 | 2225 |
| ଅନୁଗୁଳ | 0134 | 0136 |
| ତାଳଚେର | 0150 | 0210 |
| କଟକ | 0345 | 0350 |
| ଭୁବନେଶ୍ୱର | 0430 | 0440 |
| ଖୋର୍ଦ୍ଧା ରୋଡ଼ | 0500 | 0505 |
| ପୁରୀ | 0655 | - |

22865 (ଲୋକମାନ୍ୟ ତିଲକ ଟର୍ମିନସ - ପୁରୀ) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ସମ୍ବଲପୁର | 0010 | 0030 |
| ଅନୁଗୁଳ | 0314 | 0316 |
| କଟକ | 0545 | 0550 |

13351 (ଧାନବାଦ - ଆଲେପି) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ଟିଟିଲାଗଡ଼ | 0120 | 0130 |

20807 (ବିଶାଖାପାଟଣା - ଅମୃତସର) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ସମ୍ବଲପୁର | 1250 | 1310 |

20862 (ଅହମଦାବାଦ - ପୁରୀ) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ଟିଟିଲାଗଡ଼ | 1935 | 1955 |
| ବଲାଙ୍ଗୀର | 2045 | 2050 |
| ବରଗଡ଼ | 2143 | 2145 |
| ହୀରାକୁଦ | 2223 | 2225 |
| ସମ୍ବଲପୁର | 2245 | 2255 |
| ରେଢାଖୋଲ | 0010 | 0012 |
| ବୋଇଣ୍ଡା | 0208 | 0210 |

18422 (ସୋନପୁର - ପୁରୀ) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ବଲାଙ୍ଗୀର | 2030 | 2050 |
| ବରଗଡ଼ | 2140 | 2145 |
| ହୀରାକୁଦ | 2223 | 2225 |
| ସମ୍ବଲପୁର | 2245 | 2255 |
| ରେଢାଖୋଲ | 0010 | 0012 |
| ବୋଇଣ୍ଡା | 0208 | 0210 |

ପୂର୍ବ ତଟ ରେଳପଥ
www.eastcoastrail.indianrailways.gov.in

ଡାଏଲ କରନ୍ତୁ 139
- ସୁରକ୍ଷା ସମ୍ବନ୍ଧୀୟ
- ଡାକ୍ତରୀ ଜରୁରୀକାଳୀନ
- କୋଚ୍ ସଫା କରିବା
- କ୍ୟାଟରିଂ ଅଭିଯୋଗ
- ଭିଜିଲାନ୍ସ ଓ ଦୁର୍ନୀତି ନିବାରଣ
- ପିଏନଆର ସ୍ଥିତି, ଚାଲୁଥିବା ସ୍ଥିତି ଇତ୍ୟାଦି
- ଟ୍ରେନ୍ ଭିତରେ ଅଭିଯୋଗ

/@EASTCOASTRailway1 | /@EastCoastRail
D-9/25-26

## ଶ୍ରୀରଙ୍ଗନାଥ ଦେବଙ୍କ ନବାଙ୍ଗ ବେଶ



ବାଲୁଗାଁ, ୩।୧(ସମିସ): ଶ୍ରୀକ୍ଷେତ୍ରରେ ଶ୍ରୀ ଜଗନ୍ନାଥଙ୍କ ବିଭିନ୍ନ ତିଥିରେ ବିଭିନ୍ନ ବେଶ ଅନୁଷ୍ଠିତ ହେଉଥିବା ବେଳେ ଭଗବତୀ କ୍ଷେତ୍ର ବାଣପୁରର ଇଷ୍ଟଦେବ ଶ୍ରୀ ରଙ୍ଗନାଥ ଦେବଙ୍କର ନାନା ବେଶ ଅନଷ୍ଠିତ ହେଉଛି। ତନ୍ମଧ୍ୟରୁ ପବିତ୍ର ଦେବାଭିଷେକ ପୌଷ ପୂର୍ଣ୍ଣିମା ମାସନ୍ତ ତିଥି ଶନିବାର ନବାଙ୍ଗ ବେଢା ଅବସରରେ ଶ୍ରୀଜିଉ ମାନେ ନବାଙ୍ଗ ବେଶରେ ସୁସଜ୍ଜିତ ହୋଇ ଶ୍ରଦ୍ଧାଳୁ ମାନଙ୍କୁ ଦର୍ଶନ ଦେଇଛନ୍ତି। ଏହି ବେଶରେ ଶ୍ରୀଜିଉ ମାନେ ସୋଲ, କୈଁଠ ଅଠା, ନାନା ରଂଗ ବେରଂଗର କାଗଜ ଓ ପୁଷ୍ପରେ ନିର୍ମିତ ଶ୍ରୀମସ୍ତକ କିରୀଟ, କୁଣ୍ଡଳ, ଶ୍ରୀଭୁଜ ଶ୍ରୀପୟର ଆଡ଼କାନି, ଓଡ଼ିଆଣି ହରଡ଼ ମାଳି, କଦମ୍ବ ମାଳି, ଶଙ୍ଖ, ଚକ୍ର ଓ ଶ୍ରୀବଳଭଦ୍ର ଦେବ ହଳ, ମୁଷଳ ଧାରଣ କରି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ଦୈନ ଦିନ ପରିଭୋର ସମୟରୁ ମହାପ୍ରଭୁଙ୍କ ଦ୍ୱାର ଫିଟା, ମଙ୍ଗଳାର୍ପଣ ପରେ ଅବକାଶ ନୀତି, ଦ୍ୱାରପାଳ ପୂଜା, ସୂର୍ଯ୍ୟପୂଜା ଆଦି ନୀତିକାନ୍ତି ପରେ ସନ୍ଧ୍ୟା ଆଳତି ସରିବା ପରେ ଠାକୁର ଅଳଙ୍କାର, ପାଟବସ୍ତ୍ର ଓ ପୁଷ୍ପମାଲ୍ୟ ପରିଧାନ କରି ଗୋପାଳ ବଲ୍ଲଭ ଓ ଆଳତୀ ପରେ ଶ୍ରୀ ରଙ୍ଗନାଥ ଦେବ ନବାଙ୍ଗ ବେଶରେ ସୁସଜ୍ଜିତ ହୋଇ ଶ୍ରଦ୍ଧାଳୁ ମାନଙ୍କୁ ଦର୍ଶନ ଦେଇଛନ୍ତି। ଏହି ଅବସରରେ ଶ୍ରୀଜିଉ ମାନେ ଘଣ୍ଟ କାହାଳୀ ବାଦ୍ୟରେ ସେବାୟତ, ପରିଚାଳନା କମିଟି ସଦସ୍ୟ ଓ ଶ୍ରଦ୍ଧାଳୁ ମାନଙ୍କ ସହ ମନ୍ଦିର ବେଢା ୯ ଥର ପରିକ୍ରମା କରିଛନ୍ତି। ପୂଜକ ଚନ୍ଦ୍ର ଶେଖର ହୋତା ଶ୍ରୀଜୀଉମାନଙ୍କୁ ପ୍ରତ୍ୟହ ବେଶ କରିଥିବା ବେଳେ ଏହି ମନଲୋଭା ଅପୂର୍ବ ନବାଙ୍ଗ ବେଶ ଦର୍ଶନ ନିମନ୍ତେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମନ୍ଦିର ପରିଚାଳନା କମିଟିର ସଭାପତି ଦାସରଥୀ ସାହୁ, ସଦସ୍ୟ ଦେବଦତ୍ତ ପାଣି, ପଦ୍ମନାଭ ମହାପାତ୍ର ଓ ସୋମନାଥ ହୋତା ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳାର ସହ କାର୍ଯ୍ୟକ୍ରମକୁ ସୁପରିଚାଳନା କରୁଛନ୍ତି।

# କୁମାରବସ୍ତ, ମଧୁପୁରରେ ମାତିଛନ୍ତି ପଥର ମାଫିଆ

ଖୋର୍ଦ୍ଧା, ୩।୧(ସମିସ)



- ରାତିରେ ଲୁଟ ହେଉଛି ଶହ ଶହ ଟ୍ରିପ
- ପୁଲିସ ଛତ୍ରଛାୟା ତଳେ ଚାଲିଛି ଲଘୁଖଣିଜ ହରିଲୁଟ୍
- ଲୁଟ୍‌ର କାର୍ପେଟଦାର ସାଜିଛନ୍ତି କୁଜିନେତା

ଖୋର୍ଦ୍ଧାରେ ଲଘୁ, ଖଣିଜ ସମ୍ପଦ ଚୋରା ଚାଲାଣ ବଢି ଚାଲିଛି। ମାଫିଆମାନେ ଦୈନିକ ଶହ ଶହ ଟ୍ରକରେ ମାଙ୍କଡା ପଥର ଓ ମୋରମ ବେଧଡକଭାବେ ଚାଲାଣ କରୁଛନ୍ତି। ବେଆଇନ ଭାବେ ମୋରୋମ ଓ ପଥର ଖନନ ଚାଲିଛି। ଏଠାରୁ ପଥର ଓ ମୋରମ ଖୋର୍ଦ୍ଧା, ଜଟଣୀ ଓ ଭୁବନେଶ୍ୱର ତହସିଲର ବିଭିନ୍ନ ଅଞ୍ଚଳକୁ ଚାଲାଣ ହେଉଛି। ପ୍ରଶାସନର ବାରମ୍ବାର ଚଢଉ, ଜରିମାନା ଆଦାୟ ସତ୍ତ୍ୱେ ଏଥିରେ କୌଣସି ଫରକ ପଡୁନାହିଁ। ମାଫିଆମାନେ ପାୱାର ଟିଲର, ମେସିନରେ ଏକର ଏକର ଜମିରୁ ମାଙ୍କଡା କାଟି ନେଉଛନ୍ତି। ସରକାରୀ ଏବଂ ଗୋଚର ଜମି ଉପରେ ମାଫିଆଙ୍କ ନଜର। ଏପରିକି ଏହି ଜମି ଗୁଡିକରୁ ବ୍ୟାପକ ଭାବେ ମୋରମ, ମାଙ୍କଡା ଚାଲଣ କରୁଥିବା ଦେଖାଯାଇଛି। ଏମିତିକି ଗୋଚର ଜମି, ଖେଳପଡିଆ ଓ ଶ୍ମଶାନ ନିକଟ ଜମିକୁ ବି ଛାଡୁନାହାନ୍ତି ମାଫିଆ।

ଘଟଣାରୁ ଜଣାଯାଇଛି, ଖୋର୍ଦ୍ଧା ତହସିଲ ଅନ୍ତର୍ଗତ କୁମାରବସ୍ତ ଓ ମଧୁପୁର ଅଞ୍ଚଳରେ ବେଆଇନ ଭାବେ ରାତିରେ ଚାଲୁଛି ପଥର ଖଣି। ଏଠାରେ ଆଖିବୁଜା ଖଣି ଲୁଟପାଟ କରୁଛନ୍ତି ମାଫିଆ। ସ୍ଥାନୀୟ ଲୋକ ଏନେଇ ଥାନା ଓ ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ କିଛି ସୁଫଳ ମିଳୁନଥିବା କହିଛନ୍ତି। ଏପରିକି ସ୍ଥାନୀୟ ପୁଲିସ ଓ ଅସାଧୁ ରାଜସ୍ୱ କର୍ମଚାରୀଙ୍କ ଛତ୍ରଛାୟା ତଳେ ରହି ସ୍ଥାନୀୟ ଅଂଚଳର କିଛି ମାଫିଆମାନେ ବେଧଡକ ଲୁଟ କରୁଥିବା କେତେକ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଗାଁର ଚତୁଃପାଶ୍ୱର୍ ଏବେ ମାଫିଆମାନେ ଖଣି ଖୋଲିଦେଲେଣି। ଏମିତିକି ଗାଈ ଗୋରୁ ଚରିବାକୁ ଜମିଖଣ୍ଡେ ମଧ ନାହିଁ। ପ୍ରତି ରାତିରେ ବେଧଡକ ଭାବେ ଖଣି ଖନନ ସହିତ ଶହ ଶହ ଟ୍ରକ ଓ ଟ୍ରାକ୍ଟର ମାଙ୍କଡା ପଥର ଚୋରା ଚାଲାଣ ହେଉଛି। ଏତେ ସଂଖ୍ୟାରେ ଭାରି ଯାନ ଚଳାଚଳ ହେଉଛି ଯେ ରାତିରେ ଲୋକ ଶୋଇବାକୁ ମଧ ଅସୁବିଧା ହେଉଛି। ଏ ନେଇ ସ୍ଥାନୀୟ ଲୋକ ଖଣି ଅଧିକାରୀଙ୍କ ଠାରୁ ଆରମ୍ଭ କରି ପ୍ରଶାସନ ଓ ପୁଲିସ ନିକଟରେ ଅଭିଯୋଗ କଲେ ବି କିଛି ଫଳ ମିଳୁନଥିବା କହିଛନ୍ତି।

ସେମାନଙ୍କ କହିବା ଅନୁସାରେ, ଗାଁ ପାଖରେ ଖଣି ଖୋଲି ଗଭୀର ଗାତମାନ କଲେଣି। ପୁଲିସ ଓ ରାଜସ୍ୱ ବିଭାଗ କର୍ମଚାରୀମାନେ ତାଙ୍କଠାରୁ ମାସିକିଆ ବଟି ନେଇ ଗାଡି ପାସ କରିବାରେ ସହାୟକ ସାଜିଛନ୍ତି। ଆମେ ଅଭିଯୋଗ କଲେ ବି କିଛି ଫରକ ପଡୁନି। ପୋଖରୀ ଖୋଳିବା ନାଁ କହି ଖଣି କାଟି ବେଆଇନଭାବେ ପଥର ବିକ୍ରୀ କରୁଛନ୍ତି। ସ୍ଥାନୀୟ ଅଂଚଳର କିଛି କୁଜିନେତା ସାଜିଛନ୍ତି କାର୍ପେଟଦାର। କିଛି ଲୋକଙ୍କୁ ନିୟୋଜିତ କରି ଗାଡି ଓ ମେସିନ ସାହାର୍ଯ୍ୟରେ ଲୁଟୁଛନ୍ତି ଖଣିଜ ସମ୍ପଦ। ଯଦିଓ କିଛିଦିନ ଏ ଅଂଚଳରେ ଖଣି ବନ୍ଦ ରହିଥିଲା। ମାତ୍ର ଏବେ କିଛି ନେତା ଓ ଥାନା କର୍ମଚାରୀଙ୍କୁ ହାତକରି ମାଫିଆମାନେ ବେଧଡକଭାବେ ଖଣି ଚଳାଉଛନ୍ତି। ଏପରିକି ଏହି ଖଣିମାନଙ୍କରୁ କେବଳ ଖୋର୍ଦ୍ଧା ନୁହେଁ ବରଂ ଭୁବନେଶ୍ୱର ଓ ଏହାର ଉପକଣ୍ଠ ଅଂଚଳକୁ ପଥର ଚାଲାଣ ହେଉଛି।

ପ୍ରକାଶ ଥାଉକି, ବିଗତ ଦିନରେ କୁମାରବସ୍ତ ଗାଁରେ ବେଆଇନ ଖଣିକୁ କେନ୍ଦ୍ର କରି ଗାଁର କିଛି ଲୋକ ଓ ଖଣି ମାଫିଆଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଦୁଇଟି ବାଇକ ପୋଡିବା ସହ ଉଭୟ ପକ୍ଷର ୨ଜଣ ଆହତ ହୋଇଥିଲେ। ସ୍ଥାନୀୟ ସମିତିସଭ୍ୟଙ୍କ ପରିବାରକୁ ମାରଣାନ୍ତକ ଆକ୍ରମଣ କରିବା ସହ ତାଙ୍କ ପୁଅ କୁ ଅପହରଣ କରାଯାଇଥିଲା। ତେଣୁ ବେଆଇନ ଖଣି ଖନନ ବନ୍ଦ ନହେଲେ ଆଗାମୀ ଦିନରେ ଏହା ଆଇନ ଶୃଙ୍ଖଳା ବିଗିଡିବ ବୋଲି ଆଶଙ୍କା କରାଗଲାଣି।

ଅନ୍ୟପକ୍ଷରେ ଖଣି ଅଧିକାରୀ ଜଗନ ବେହେରାଙ୍କ କହିବା କଥା ପୂର୍ବରୁ କୁମାରବସ୍ତ ଅଂଚଳରେ ଚାଲିଥିବା ପ୍ରଶାସନ ପକ୍ଷରୁ କଟକଣା ଲଗାଯାଇଥିଲା। ଯାହାର ସମୟ ଅବଧି ଏବେ ସରିଛି। ମାତ୍ର ଏବେ ପୁଣି ଖଣି ଖନନ ଅଭିଯୋଗ ଆସିଛି। ତେଣୁ ପୁନର୍ବାର ଉକ୍ତ ଅଞ୍ଚଳରେ ବେଆଇନ ଖଣି ଖନନ ଉପରେ ବିଭାଗ ପକ୍ଷରୁ କଟକଣା ଜାରୀ କରାଯାଇଛି। ଉକ୍ତ ଖଣିକୁ ଚୋରି କରୁଥିବା ସମସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଜଙ୍ଗଲୀ ଜନ୍ତୁ ମାଂସରେ ଜମୁଛି ଭୋଜି ଆସର

**ନିଦ୍ରାରେ ବନ ବିଭାଗ**

ବାଲୁଗାଁ, ୩।୧(ସମିସ): ଏବେ ପର୍ଯ୍ୟଟନ ଋତୁ ଚାଲିଥିବା ବେଳେ ନୂତନ ବର୍ଷ ଉପଲକ୍ଷେ ଚାରିଆଡେ ଭୋଜିର ଆସର ଜମୁଛି। ଅନ୍ୟପକ୍ଷେ ଜଙ୍ଗଲରେ ଖାଦ୍ୟ ଅଭାବ ଯୋଗୁଁ ଜଙ୍ଗଲୀ ପଶୁ ଏବେ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହୋଇ ଲୋକଙ୍କ ବିଭିନ୍ନ ଫସଲ ଖାଇ ବ୍ୟାପକ କ୍ଷୟ କ୍ଷତି କରୁଥିବା ନଜିର ରହିଥିବା ସ୍ଥଳେ କିଛି ଲୋକ ପଶୁ ମାନଙ୍କୁ ଘଉଡାଉଥିବା ବେଳେ ଆଉ କିଛି ଲୋକ ଅବାଧରେ ପଶୁ ଶୀକାର କରି ଜଙ୍ଗଲୀ ମାଂସରେ ଭୋଜିର ଆସର ଜମାଉଥିବା ଦେଖିବାକୁ ମିଳୁଛି। ଅନ୍ୟପଟେ ବନ ବିଭାଗ ନିଦରେ ଶୋଇଛି।

ଖୋର୍ଦ୍ଧା ଜିଲ୍ଲା ଡ଼ିଭିଜନ ଅନ୍ତର୍ଗତ ବାଲୁଗାଁ ବନ ବିଭାଗ ଅଧିନ ଏସିଆ ମହାଦେଶର ସର୍ବ ବୃହତମ ଶାଳ ସାଗୁଆନ ଜଙ୍ଗଲ ବାଣପୁରର ବରବରା ଓ ଧୂଆଁନଳୀ ସମେତ ଭାଲେରୀ, ସୋଲରୀ, ଜଟିଆ ନାଶୀ, ଶୁଳିଆ, ଟାଙ୍ଗରା, କୋଚିଲା ଆଦି ପାହାଡ଼ ପାଦଦେଶରେ ଥିଠବା ଜଙ୍ଗଲ ତଳିଆରେ ଅବାଧରେ ପଶୁ ଶିକାର ଚାଲିଛି। ଧାନ ଅମଳ ସମୟ ହୋଇ ଥିଠବାରୁ ବାରହା, କୁଟୁରା ଓ ସମ୍ବର ଆଦି ପ୍ରଜାତିର ଜଙ୍ଗଲୀ ପଶୁ ଖାଦ୍ୟ ଅନ୍ୱେଷଣରେ ଧାନ ଫସଲ ଖାଇବା ପାଇଁ ଏହି ସମୟରେ ଜଙ୍ଗଲରୁ ଚାଷ ଜମି ଅଭିମୁଖେ ଆସିଥାନ୍ତି। ଏହାର ସୁଯୋଗ ନେଇ ଶିକାରୀ ମାନେ ଫାଶ ପକାଇବା ସହ ଗୁଳି ବିଦ୍ଧ କରି ସେମାନଙ୍କୁ ଶିକାର କରୁଥିବା ଜଣାଯାଇଛି। ଶିକାରୀ ମାନେ ରାତ୍ରରେ ଫାସ ପକାଇ ଜଗି ରହି ତଥା ଗୁଳି କରି ଜଙ୍ଗଲୀ ଜନ୍ତୁଙ୍କୁ ଅବାଧରେ ଶିକାର କରି ଉକ୍ତ ଶିକାର ଜନ୍ତୁଙ୍କ ମାଂସକୁ ଖୁଲମ୍ ଖୁଲା ବିକ୍ରୀ କରୁଥିବା ଦେଖିବାକୁ ମିଳିଛି। ତତ୍ ସହିତ ଶିକାରୀ ମାନେ ହରିଣ ଓ ବାଘ ଆଦିକୁ ଅବାଧରେ ଶିକାର କରି ସେମାନଙ୍କ ଛାଲ ଏବଂ ହାତୀ ଦାନ୍ତକୁ ବିକ୍ରୀ କରି ପ୍ରଚୁର ଅର୍ଥ ଉପାର୍ଜନ କରୁଥିବା ଜଣାଯାଇଛି। ବିଗତ ବର୍ଷରେ ଅଞ୍ଚଳରେ ଅବାଧରେ ବାରମ୍ବାର ପଶୁ ଶିକାର ହେଉଥିବା ବେଳେ ପୃଥକ ଭାବେ ବହୁ ଅଭିଯୁକ୍ତଙ୍କୁ ଏସଟିଏଫ ଟିମ ଗିରଫ କରିବା ସହ ଅଭିଯୁକ୍ତ ଠାରୁ ବାଘ ଛାଲ ଓ ଜଙ୍ଗଲୀ ପଶୁ ମାଂସ ଜବତ କରିଥିବା ଜଣାଯାଇଛି। ଗତ ଅକ୍ଟୋବର ମାସ ୪ ତାରିଖରେ ଜଣେ ଶିକାରୀ ଅବାଧରେ ହରିଣ ଶିକାର କରି ତାର ମାଂସ ବିକ୍ରି କରିବାକୁ ନେଉଥିବା ବେଳେ ବନ ବିଭାଗ ପକ୍ଷରୁ ଉକ୍ତ ପଶୁ ଶିକାରୀକୁ ଗିରଫ କରି ତା ନିକଟରୁ ୨୧ କେଜି ହରିଣ ମାଂସ ଜବତ ଅଭିଯୁକ୍ତକୁ ଜେଲ ପଠାଇଥିବା ଘଟଣାରୁ ପ୍ରମାଣିତ କରୁଛି ଯେ କିଭଳି ଅବାଧରେ ପଶୁ ଶିକାର ଚାଲିଛି। ହେଲେ ବନ ବିଭାଗ କାଁ ଭାଁ କିଛି ଶିକାରୀଙ୍କୁ ଗିରଫ କରୁଥିବା ବେଳେ ଅନେକ ଶିକାର ଘଟଣାର ଟେର ପାଇ ପାରୁନାହିଁ ବନ ବିଭାଗ। ବାଲୁଗାଁ ବନ ବିଭାଗ ଏ ଦିଗରେ ଅବଗତ ଥାଇ ମଧ ପଦକ୍ଷେପ ନେବା ପରିବର୍ତ୍ତେ ଚେଇଁ ଶୋଇ ପରୋକ୍ଷରେ ଶିକାରୀଙ୍କୁ ପ୍ରୋତ୍ସାହନ ଯୋଗାଉଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଗତ ୫ବର୍ଷ ଧରି ଏହି ସବୁ ଅଞ୍ଚଳରେ ସୁରକ୍ଷା କର୍ମୀଙ୍କ ଅଭାବ ହେତୁ ବ୍ୟାପକ ଭାବେ ଜଙ୍ଗଲରୁ ଚୋରା କାଠ ଚାଲାଣ ସହ ଅବାଧ ପଶୁ ଶିକାର ବଢ଼ି ଚାଲିଛି। ତେବେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ସରକାର ଏ ଦିଗରେ ଦୃଷ୍ଟି ଦେଇ ଅବାଧ ପଶୁ ଶିକାରକୁ ରୋକିବା ସହ ଅଭିଯୁକ୍ତ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦୃଢ଼ ଦାବୀ ହେଉଛି।

## ମା’ ଭୈରବୀ ପୀଠ ସଫେଇ

ନିରାକାରପୁର, ୩।୧ (ସମିସ): ସ୍ଥାନୀୟ ମା’ ଭୈରବୀ ପୀଠରେ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଣ୍ଟପୁର ପାଟଣା ଗ୍ରାମର କୁନ୍ତଳା ଦେବୀ ଶିକ୍ଷା କେନ୍ଦ୍ରର ଛାତ୍ରଛାତ୍ରୀ ଯୋଗଦେଇଛନ୍ତି। ଶିକ୍ଷକ ଦୟାନିଧି ମୁଦୁଲି ଓ ଶିକ୍ଷୟିତ୍ରୀ ମମତା ମୁଦୁଲିଙ୍କ ଆବାହକତ୍ୱରେ ଲକ୍ଷ୍ମୀପ୍ରିୟା ସାମନ୍ତରାୟ, ଦୁଷ୍ମନ୍ତ ବେହେରା, ଦୀପ୍ତି ରଞ୍ଜନ ପଲାଇ, ସୁନିଲ ପଲାଇ, ସୁଜାତା ପଲେଇ, ସ୍ୱପ୍ନା ମାଝୀ, ପ୍ରତିଭା ପ୍ରିୟଦର୍ଶନୀ ରାଉତ, ଆୟସା ପ୍ରିୟଦର୍ଶନୀ ପେଣ୍ଡୋଇ, ଶୁଭ୍ରାଂଶୁ ପ୍ରିୟଦର୍ଶନୀ ପଲାଇ ଓ ଦିପାଳୀ ରାଉତ, ରିୟା ପଲାଇ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

**● ଓଷ୍ଟାର ରାଜ୍ୟସ୍ତରୀୟ ଶିଶୁ ଉତ୍ସବରେ ଖୋର୍ଦ୍ଧା ଜିଲ୍ଲାର ସଫଳତା**

## ସାଧାରଣଜ୍ଞାନରେ ପ୍ରଥମ ଗୁରୁପ୍ରସାଦ ଶତପଥୀ



ଖୋର୍ଦ୍ଧା, ୩।୧(ସମିସ): ଓଷ୍ଟାର ରାଜ୍ୟସ୍ତରୀୟ ଶିଶୁଉତ୍ସବରେ ଖୋର୍ଦ୍ଧା ଜିଲ୍ଲାରୁ ସାଧାରଣଜ୍ଞାନରେ ରମ୍ଭାବିଲି ରାମଚନ୍ଦ୍ର ବିଦ୍ୟାପୀଠର ଛାତ୍ର ଗୁରୁପ୍ରସାଦ ଶତପଥୀ ପ୍ରଥମ ସ୍ଥାନ ହାସଲ କରିଥିବାବେଳେ ତର୍କ ପ୍ରତିଯୋଗିତାରେ କୁମ୍ଭୀଲୋ ସ୍ୱପ୍ନେଶ୍ୱର ବିଦ୍ୟାପୀଠର ଛାତ୍ରୀ ଜ୍ୟୋତିଶ୍ରୀ ବଳିଆରସିଂହ ଦ୍ୱିତୀୟ ସ୍ଥାନ, କଣ୍ଠ ସଙ୍ଗୀତରେ ଅମଣାକୁଦ ପ୍ରାଚୀ ଉଚ୍ଚ ବିଦ୍ୟାପୀଠର ଛାତ୍ରସ୍ୱଙ୍ଗ ଶୁଭମ ମିଶ୍ର ଦ୍ୱିତୀୟ ସ୍ଥାନ, କବିତା ରଚନାରେ ସରକାରୀ ଉଚ୍ଚ ବିଦ୍ୟାଳୟର ପାଇକତିଗିରିଆର ଛାତ୍ରୀ ଶୁଭସ୍ମିତା ମୁଦୁଲି ତୃତୀୟ ସ୍ଥାନ ହାସଲ କରି ଖୋର୍ଦ୍ଧା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଦଶଗୋଟି ପ୍ରତିଯୋଗୀତାରେ ପ୍ରତିଯୋଗୀମାନେ ଜିଲ୍ଲା ସ୍ତରରୁ ପ୍ରଥମ ସ୍ଥାନ ଅଧିକାର କରି ଓଷ୍ଟା ରାଜ୍ୟ କାର୍ଯ୍ୟାଳୟ ନୟାସଡକ କଟକଠାରେ ରାଜ୍ୟସ୍ତରୀୟ ଶିଶୁଉତ୍ସବରେ ଭାଗନେଇ ସେମାନଙ୍କ ମଧ୍ୟରୁ ଚାରିଗୋଟି ପ୍ରତିଯୋଗୀତାରେ ସଫଳତାର ସହିତ କୃତିତ୍ୱ ହାସଲ କରିଥିଲେ। ଏହି ଅବସରରେ ଓଷ୍ଟା ଖୋର୍ଦ୍ଧା ଜିଲ୍ଲା ସମ୍ପାଦକ ସୁଧାକର ମହାପାତ୍ରଙ୍କୁ ତାଙ୍କର ସାଙ୍ଗଠନିକ ଦକ୍ଷତା, ଦୃଢ ନେତୃତ୍ୱ ଓ ସମାଜ ସେବା ପାଇଁ ରାଜ୍ୟସ୍ତରରେ ଅବନୀ ବରାଳ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା।

## ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ଗଣଦୌଡ଼



ନିରାକାରପୁର,୩।୧ (ସମିସ) : ଆସାମର ପୂର୍ବତନ ରାଜ୍ୟପାଳ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଶହେ ତମ ଜନ୍ମ ଜୟନ୍ତୀରେ ଏକ ଶ୍ରଦ୍ଧାଞ୍ଜଳି ସମାବେଶ ନିଜ ଜନ୍ମମାଟି ରାମେଶ୍ୱରଠାରେ ପାଳିତ ହୋଇଯାଇଛି। ପ୍ରଥମେ ସ୍ୱର୍ଗତ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ଶତାଧିକ ଯୁବକ ଯୁବତୀଙ୍କୁ ନେଇ ଏକ ମିନି ମାରାଥନ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ନିରାକାରପୁରଠାରୁ ବାହାରି ତାଙ୍କ ଜନ୍ମ ମାଟି ରାମେଶ୍ୱର ପର୍ଯ୍ୟନ୍ତ ଯାଇଥିଲା । ସେଠାରେ ଶ୍ରଦ୍ଧାଞ୍ଜଳି ସମାବେଶ ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିଭାବେ ଖୋର୍ଦ୍ଧାର ପ୍ରାକ୍ତନ ଜିଲ୍ଲା ପରିଷଦ ସଭାପତି ରାମଚନ୍ଦ୍ର ମହାପାତ୍ରୟ, ଜିଲ୍ଲାର ବରିଷ୍ଠ ବିଜେଡି ନେତା ତଥା ନିରାକାରପୁର ସଖାସଙ୍ଘ ସଭାପତି ବିପିନ କୁମାର ଜୟସିଂହ, ନିରାକାରପୁର ଥାନା ଏଏସଆଇ ଏସ କେ ବେହେରା, ରାମେଶ୍ୱର ସମିତି ସଭ୍ୟ ରମେଶ ବିଶ୍ୱାଳ, ରଂଜିତ କୁମାର ଜଗଦ୍ଦେବ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ୱର୍ଗତ ପଟ୍ଟନାୟକଙ୍କ ରାଜନୈତିକ ଜୀବନୀ ଉପରେ ଆଲୋକପାତ କରିଥିଲେ। ମଞ୍ଚ ପରିଚାଳନା ଦିପ୍ତୀ ରଞ୍ଜନ ପାଇକରାୟ କରିଥିବାବେଳେ ସମାଜସେବୀ ଚନ୍ଦ୍ରମୋହନ ପଟ୍ଟନାୟକ, ବୀରେନ୍ଦ୍ର ପଟ୍ଟନାୟକ, ଚିତ୍ତ ରଞ୍ଜନ ମହାରଣା ଓ ଅନ୍ୟମାନେ ସହଯୋଗ କରିଥିଲେ।

## ଜାନକୀବଲ୍ଲଭ ପଟ୍ଟନାୟକଙ୍କ ୧୦୦ତମ ଜୟନ୍ତୀ

ଖୋର୍ଦ୍ଧା,୩।୧(ସମିସ): ଏକାଧାରାରେ ଜଣେ ସାମ୍ବାଦିକ, ସୁସାହିତ୍ୟିକ, ବିଚକ୍ଷଣ ରାଜନୈତିଜ୍ଞ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ବିରୋଧି ଦଳ ନେତା ତଥା ଆସାମର ପୂର୍ବତନ ରାଜ୍ୟପାଳ ଭାବେ ପରିଚିତ ଏ ମାଟିର ପୁଅ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୧୦୦ତମ ଜୟନ୍ତୀ ଆଜି ପାଳିତ ହୋଇଛି। ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍ୟାନ ପରିସରରେ



ଆଜି ପୂର୍ବାହ୍ନରେ ସ୍ମୃତି କମିଟିର ସଭାପତି ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ସଂଯୋଜନାରେ ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, କମିଟିର କୋଷାଧ୍ୟକ୍ଷ ତଥା ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ଆଇନଜିବୀ ଶିଶିର ପରିଡ଼ା, ଅମିତ୍ ମହାନ୍ତି, ପ୍ଲାବନ ପଟ୍ଟନାୟକ, ବାଜପୁର ପଂଚାୟତ ସମିତିସଭ୍ୟ ଇଂ ଦ୍ୱାରିକା ମହାନ୍ତି, ପ୍ରଦୋଷ ସାହୁ, ସ୍ମିତରଞ୍ଜନ ବଳିୟାରସିଂହ, ପ୍ରଦୋଶ ହରିଚନ୍ଦନ, ବିଶ୍ୱରଞ୍ଜନ ପ୍ରଧାନ, ଗୌତମ ରାଉତରାୟ ପ୍ରମୁଖ ଉପସ୍ଥିତ ରହି ସ୍ୱଜାନକୀ ପଟ୍ଟନାୟକଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟଦେଇ ଶ୍ରର୍ଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କ ସ୍ମୃତି ଚାରଣ କରିଥିଲେ।

## ବଳରାମ ଦେବ ବିଦ୍ୟାପୀଠର ପ୍ରତିଷ୍ଠା ଦିବସ

ଟାଙ୍ଗୀ, ୩।୧ (ସମିସ): ଖୋର୍ଦ୍ଧା ଜିଲ୍ଲାର ପୁରାତନ ଶିକ୍ଷାନୁଷ୍ଠାନ ଟାଙ୍ଗୀ ବଳରାମଦେବ ବିଦ୍ୟାପୀଠର ୮୪ତମ ପ୍ରତିଷ୍ଠା ଦିବସ ପାଳିତ



ହୋଇଯାଇଛି। ପ୍ରଧାନଶିକ୍ଷକ ଜୋସ୍ନାମଣି ମଙ୍ଗରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଟାଙ୍ଗୀ ବ୍ଲକ ଶିକ୍ଷା ଅଧିକାରୀ ପ୍ରଦୀପ ସାହୁ, ମୁଖ୍ୟବକ୍ତା ପୁରାତନ ଛାତ୍ର ସଂସଦ ସଭାପତି ପଦ୍ମନାଭ ବିଶ୍ୱାଳ, ସମ୍ମାନିତ ଅତିଥିଭାବେ ସଂପାଦକ ବିଜୟ ରାଉତ,ପୁରାତନ ଛାତ୍ର ଡାକ୍ତର ମଧୁସୂଦନ ସେନାପତି, ଅରୁଣ ରଂଜନ ମହାନ୍ତି, ରଘୁନାଥ ସାହୁ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ରମେଶ ବଳବନ୍ତରାୟ, ପରିଚାଳନା କମିଟି ସଭାପତି ଗଣେଶ ବାରିକ, ପ୍ରସନ୍ନ କୁମାର ଶ୍ରୀଚନ୍ଦନ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ବିଶ୍ୱଜିତ ପଲାଇ ସ୍ୱାଗତ ଅଭିଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବାଳକ ବିଭାଗରେ ଅଭିଷେକ ବିଶ୍ୱାଳ ଓ ବାଳିକା ବିଭାଗରେ ତ୍ରିସ୍ନା ଦାସଙ୍କୁ ଚାମ୍ପିଅନ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷୟତ୍ରୀ ସରିତା ଜୟନ୍ତି ଦାସ ସଂଯୋଜନା କରିଥିଲେ। ଶିକ୍ଷୟତ୍ରୀ ସଂଗୀତା ଜାଲି, ରଶ୍ମିତା ବେହେରା, ଶର୍ମିଳା ବେହେରା, ପ୍ରଜ୍ଞାପରମିତା ପରିଡା, ଶିକ୍ଷକ ଅନିରୁଦ୍ଧ ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

## କୂଅରୁ ମିଳିଲା ନିଖୋଜ ବୃଦ୍ଧାଙ୍କ ମୃତଦେହ

ବେଗୁନିଆ, ୩।୧(ସମିସ): ବେଗୁନିଆ ଥାନା ଅନ୍ତର୍ଗତ ଡିଙ୍ଗର ଗ୍ରାମର ସ୍ୱର୍ଗତ ବସନ୍ତ ମହାପାତ୍ରଙ୍କ ପତ୍ନୀ ହାରାମଣୀ ଦେଇ (୭୦) ଦୁଇ ଦିନ ଧରି ନିଖୋଜ ଥିଲେ। ବହୁ ଖୋଜି ଆରମ୍ଭ କରିଥିବା ବେଳେ ଶନିବାର ଦିନ ତାଙ୍କ ମରଶରୀର କୂଅ ଭିତରେ ଭାସୁ ଥିବାର ସ୍ଥାନୀୟ ଲୋକମାନେ ଦେଖିବାକୁ ପାଇଥିଲେ। ପରେ ବେଗୁନିଆ ଅଗ୍ନିଶମ ବିଭାଗ କର୍ମଚାରୀ ମାନଙ୍କ ଦ୍ୱାରା ଉଦ୍ଧାର କରାଯାଇ ଥିବା ବେଳେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ହାଟବସ୍ତ ଗାଁରେ ଅଧପନ୍ତରିଆ ପୂର୍ତ୍ତ ରାସ୍ତା

**ଘଟୁଛି ଦୁର୍ଘଟଣା, ବଢୁଛି ଜନଅସନ୍ତୋଷ**

ବୋଲଗଡ଼, ୩।୧(ସମିସ)



ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ ବଡ଼କୁମାରୀ ପଞ୍ଚାୟତ ହାଟବସ୍ତ ଗାଁ ମଧ ଦେଇ ଅତିକ୍ରମ କରିଛି ରାଜସୁନାଖଳା-ଧଳାପଥର ପୂର୍ତ୍ତ ରାସ୍ତା । ଉକ୍ତ ଗ୍ରାମ ମଧରେ ଥିବା ପ୍ରାୟ ଅଧକିମି ପୂର୍ତ୍ତ ରାସ୍ତାଟିର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଭାବେ ମରଣ ଯନ୍ତା ପାଲଟିଛି। ଫଳରେ ଉକ୍ତ ଗ୍ରାମ ମଧରେ ଏହି ପୂର୍ତ୍ତ ରାସ୍ତାରେ ଯାତାୟାତ ବେଳେ ଦୁର୍ଘଟଣା ଘଟୁଛି । ତେବେ ଏଠାରେ ରାସ୍ତାର ପୁନରୁଦ୍ଧାର ପାଇଁ ବିଭାଗ ପକ୍ଷରୁ ନିର୍ମାଣ କାର୍ଯ୍ୟ ପ୍ରାୟ ଛଅ ମାସ ପୂର୍ବରୁ ଆରମ୍ଭ ହୋଇଥିଲା । ହେଲେ ମଧ ଏଯାବତ ରାସ୍ତାଟିର ନିର୍ମାଣ କାର୍ଯ୍ୟ ଶେଷ ହେବା ଦୂରେ ଥାଉ କାର୍ଯ୍ୟରେ ଆଗ୍ରଗତି ହେଉନାହିଁ। ରାସ୍ତା ପାଶ୍ୱର୍ରେ ଡ୍ରେନ ନିର୍ମାଣ କାର୍ଯ୍ୟ ମଧ ଅଧପନ୍ତରିଆ ହୋଇ ରହିଛି।

ସୂଚନା ଯୋଗ୍ୟ ଯେ ଏଠାରେ ରାସ୍ତାର ବିଭିନ୍ନ ସ୍ଥାନରେ ସିମେଣ୍ଟ କଂକ୍ରିଟ ଉଠିଯାଇ ଲୁହା ଛଡ଼ ବାହାରି ବିପଦଜନକ ସ୍ଥିତି ସୃଷ୍ଟି ହୋଇଛି। ଅପର ପକ୍ଷରେ ଡ୍ରେନ ନିର୍ମାଣ କାର୍ଯ୍ୟ ରାସ୍ତା ଠାରୁ ଉଚ୍ଚ ହୋଇଥିବା ବେଳେ ରାସ୍ତା ନିର୍ମାଣ ହେଉନଥିବାରୁ ରାସ୍ତାଟି ଡ୍ରେନ ସାଇଡ ୱାଲ ଠାରୁ ପ୍ରାୟ ଏକ ଫୁଟ ଖାଲୁଆ ରହିଛି। ଏଥି ନେଇ ମଧ ଏହି ରାସ୍ତାକୁ ସଂଯୋଗ ହୋଇଥିବା ଗାଁର ସାହି ରାସ୍ତାକୁ ଅତିକ୍ରମ ପାଇଁ ଅସୁବିଧା ହେଉଛି। ରାସ୍ତା ଓ ଡ୍ରେନ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନହେବା ପର୍ଯ୍ୟନ୍ତ ଉକ୍ତ ଗ୍ରାମ ମଧରେ ପ୍ରତିଦିନ ଟ୍ରାଫିକ ସମସ୍ୟା ଉପୁଜୁଛି। ଉଲ୍ଲେଖ ଯୋଗ୍ୟଯେ,ଉକ୍ତ ପୂର୍ତ୍ତ ରାସ୍ତାଟି ରାଜସୁନାଖଳା ଠାରେ ୫୭ନଂ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ବେଳେ ଧଳାପଥରଠାରେ ବାଘମାରୀ - କଣ୍ଟିଲୋ ରାଜ୍ୟ ରାଜପଥକୁ ସଂଯୋଗ କରୁଛି। ହାଟବସ୍ତ ଗ୍ରାମକୁ ଲାଗି ରହିଥିବା ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପୁଲିସ ଫାଣ୍ଡି, ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ, ବ୍ୟାଙ୍କ, ଶିଳ୍ପ ତାଲିମ କେନ୍ଦ୍ର, ମହାବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଶିକ୍ଷା ପ୍ରଶିକ୍ଷଣ ବିଦ୍ୟାଳୟ ଆଦି ଅନୁଷ୍ଠାନ ଗୁଡିକୁ ଦୈନନ୍ଦିନ ଏହି ରାସ୍ତାରେ ହତାବସ୍ତ ଗ୍ରାମ ମଧ ଦେଇ ଯାତାୟତ କରିବାକୁ ପଡିଥାଏ। ଏଥି ସହିତ ଯାତ୍ରୀବାହୀ ବସ୍ ସେବାଠାରୁ ଆରମ୍ଭ କରି ମାଲ ପରିବହନ ଗାଡ଼ିଗୁଡିକ ଏହି ରାସ୍ତାରେ ଯାତାୟତ କରିଥାଏ। ତେଣୁ ଏଭଳି ପ୍ରତ୍ୟହ ଚଳଚଞ୍ଚଳ ରହୁଥିବା ରାସ୍ତା ସାଥୀକୁ ହାଟବସ୍ତ ଗାଁ ଦାଣ୍ଡ ରୂପେ ପରିଗଣିତ ଉକ୍ତ ସ୍ଥାନର ରାସ୍ତା ଓ ଡ୍ରେନ ନିର୍ମାଣ କାର୍ଯ୍ୟକୁ ଠିକାଦାର ବିଳମ୍ବ ନକରି କାର୍ଯ୍ୟରେ ତ୍ୱରାନ୍ୱିତ ପାଇଁ ବିଭାଗୀୟ ଯନ୍ତ୍ରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଜିଆଇ ଟ୍ୟାଗ୍ ସଚେତନତା ଶିବିର



ବେଗୁନିଆ, ୩।୧(ସମିସ): ବେଗୁନିଆ ବ୍ଲକ ବାଘମାରି ଗ୍ରାମସ୍ଥିତ ତୃପ୍ତି କଲ୍ୟାଣ ମଣ୍ଡପ ପରିସରରେ ଶିଳ୍ପୋଦ୍ୟୋଗୀ ବିକାଶ ପ୍ରତିଷ୍ଠାନ ପକ୍ଷରୁ ଜିଆଇ ଟ୍ୟାଗ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଶିଳ୍ପୋଦ୍ୟୋଗୀ ବିକାଶ ପ୍ରତିଷ୍ଠାନର କାର୍ଯ୍ୟନିର୍ବାହୀ ଅଧିକାରୀ ନଳିନୀକାନ୍ତ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ହସ୍ତଶିଳ୍ପ ବିଭାଗ ସହକାରୀ ପରିଚାଳକ ଦିଲୀପ ପଣ୍ଡା ମୁଖ୍ୟଅତିଥି, ଏମଏସଏମଇ ଜିଆଇ ପରାମର୍ଶଦାତା ଡ. ଅନିତା ସାବତ ମୁଖ୍ୟବକ୍ତା, ଶିଳ୍ପ ବିକାଶ ଅଧିକାରୀ ମୋନାଲିସା ମିଶ୍ର, ବରିଷ୍ଠଶିଳ୍ପୀ ପ୍ରମୋଦ କୁମାର ପଣ୍ଡା ଓ ଜିଲ୍ଲା ଶିଳ୍ପ କେନ୍ଦ୍ର ଭୁବନେଶ୍ୱରର ସହକାରୀ ପରିଚାଳକ ସୁଶାନ୍ତ ଚନ୍ଦ୍ର ବଡୁ ସମ୍ମାନିତ ଅତିଥି ଭାବେ ଯୋଗ ଜିଆଇ ଟ୍ୟାଗର ଆବଶ୍ୟକତା ସମ୍ପର୍କିତ ମତ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ଶିଳ୍ପୀ କଳ୍ପତରୁ ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। କବିରାଜ ଗୋଛି ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଗଡୁଛି ସମୟ; କାର୍ଯ୍ୟକ୍ଷମ ଅପେକ୍ଷାରେ ମରେଇଗାଁ ସ୍ୱାସ୍ଥ୍ୟ ଉପକେନ୍ଦ୍ର

ହାଟଡ଼ିହୀ,୩।୧(ସମିସ):





ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ମରେଇଗାଁଠାରେ ନୂତନ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଗୃହ (ଆୟୁଷ୍ମାନ ଆରୋଗ୍ୟ ମନ୍ଦିର) ନିର୍ମାଣ କାର୍ଯ୍ୟ ସରିଯାଇଥିବା ବି ଏଯାଏଁ କାର୍ଯ୍ୟକ୍ଷମ ହୋଇନି। ଏହି ନୂତନ ସ୍ୱାସ୍ଥ୍ୟ ଉପକେନ୍ଦ୍ରଟି କେବେ କାର୍ଯ୍ୟକ୍ଷମ ହେବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ଅନୁସାରେ, ୨୦୨୩-୨୪ ଆର୍ଥିକ ବର୍ଷରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଆନନ୍ଦପୁର ପକ୍ଷରୁ ଗତ ୨୦/୦୨/୨୦୨୪ରେ କାର୍ଯ୍ୟଟି ଆରମ୍ଭ ହୋଇ ୧୯/୧୧/୨୦୨୪ରେ ଶେଷ ହୋଇଛି। କାର୍ଯ୍ୟ ଆରମ୍ଭ ଓ କାର୍ଯ୍ୟ ଶେଷ ତାରିଖ ସହ ନିର୍ମାଣ ଅଟକଳ ମୂଲ୍ୟ ହିସାବରେ ୪୪.୫୫ଲକ୍ଷ ଟଙ୍କା ବିନିମୟରେ ଗୃହଟି ନିର୍ମାଣ ହୋଇଥିବା ସାଇନ୍ ବୋର୍ଡ଼ରେ ଉଲ୍ଲେଖ ଅଛି। ଗୃହ ନିର୍ମାଣର ଶେଷ ତାରିଖ ଅନୁସାରେ ଆଜକୁ ୧ବର୍ଷରୁ ଉର୍ଦ୍ଧ୍ୱ ହେବ ଉପକେନ୍ଦ୍ର ଗୃହ ସହ ପକ୍କା ପାଚେରି ମଧ ସମ୍ପୂର୍ଣ୍ଣ ହୋଇସାରିଛି। ବର୍ତ୍ତମାନ ସୁଦ୍ଧା ଏହି ସ୍ୱାସ୍ଥ୍ୟ ଉପକେନ୍ଦ୍ର(ଆରୋଗ୍ୟ ମନ୍ଦିର)ଟି କାର୍ଯ୍ୟକ୍ଷମ ହେବାରେ ବିଳମ୍ବ କାହିଁକି ବୋଲି ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଚିନ୍ତାରେ ପକାଇଛି। ଆଜିବି ଲୋକେ ସ୍ୱାସ୍ଥ୍ୟସେବା ପାଇଁ ୩କି.ମି ଦୂର ତେନ୍ତୁଳିନଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଛନ୍ତି। ଲୋକେ ହାତପାଆନ୍ତରେ ସ୍ୱାସ୍ଥ୍ୟସେବା ନପାଇ ହନ୍ତସନ୍ତ ହେଉଥିବା ଅଭିଯୋଗ ହୋଇଛି। ଏନେଇ ଶାଳଣିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡ଼ାକ୍ତର ପ୍ରଭାତ ନାୟକଙ୍କ ପ୍ରତିକ୍ରିୟା ମିଳିପାରି ନଥିବା ବେଳେ ଶାଳଣିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିପିଏମ୍ ଚନ୍ଦନ ସାହୁ କହିଛନ୍ତି କି, ବର୍ତ୍ତମାନ ସୁଦ୍ଧା ତେନ୍ତୁଳିନଣ୍ଡା ଉପକେନ୍ଦ୍ର ସହ ମରେଇଗାଁ ଅନ୍ତର୍ଭୁକ୍ତ ଅଛି। ସରକାରଙ୍କ ନିର୍ଦ୍ଦେଶ ପରେ ତେନ୍ତୁଳିନଣ୍ଡାଠାରୁ ମରେଇଗାଁ ପୃଥକ ହେବା ନେଇ ଚିଠି ଆସିବା ପରେ ମରେଇଗାଁ ସ୍ୱାସ୍ଥ୍ୟ ଉପକେନ୍ଦ୍ର ତଥା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କାର୍ଯ୍ୟକ୍ଷମ ହେବ। ବ୍ଲକ୍ ମଧ୍ୟରେ ମୋଟ୍ ୧୧ଟି ସ୍ୱାସ୍ଥ୍ୟ ଉପକେନ୍ଦ୍ର କାର୍ଯ୍ୟକ୍ଷମ ହେବ ବୋଲି ବିପିଏମ୍ ଶ୍ରୀ ସାହୁ କହିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରଟି କିଭଳି ଖୁବଶୀଘ୍ର କାର୍ଯ୍ୟକ୍ଷମ ହେବ ସେନେଇ ଆନନ୍ଦପୁର ଉପଜିଲ୍ଲାପାଳ ଦୃଷ୍ଟି ଦେଲେ ସ୍ଥାନୀୟ ଲୋକଙ୍କ ଆଶା ପୂରଣ ହେବା ସହ ଲୋକେ ହାତପାଆନ୍ତରେ ସ୍ୱାସ୍ଥ୍ୟସେବା ବାସ୍ତବ ହୋଇପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଏସ୍ଏଚ୍ଜି ମହିଳାଙ୍କୁ ସିଲେଇ ମେସିନ ବଣ୍ଟନ

ତେଲକୋଇ, ୩।୧(ସମିସ): ତେଲକୋଇ ବ୍ଲକ ଅନ୍ତର୍ଗତ ଭିମକାଣ୍ଡ ପଞ୍ଚାୟତର ଗୋଧିହୁଡ଼ିଠାରେ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ତେଲକୋଇ ଜଳ ବିଭାଜିକା ପକ୍ଷରୁ ସିଲେଇ ମେସିନ ବଣ୍ଟନ କରାଯାଇଛି। ଜଳ ବିଭାଜିକା ତରଫରୁ ମାସିକିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହୋଇ ସାରିବା ପରେ ତାର ଆର୍ଥିକ ଉନ୍ନତି ଦିଗରେ ସାକାର କରିବା ପାଇଁ ଜଳ ବିଭାଜିକା ଅଞ୍ଚଳରେ ସ୍ୱୟଂ ସହାୟକ ଗୋଷ୍ଠୀର ୧୦ଜଣ ସଦସ୍ୟାଙ୍କୁ ଚୟନ କରି ଏହି ସିଲେଇ ମେସିନ ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବେ କେନ୍ଦୁଝରର ସାଂସଦ ଅନନ୍ତ ନାୟକ, ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ହରିହର ପ୍ରଧାନ, ରାଜ୍ୟ ପରିଷଦ ସଦସ୍ୟ ମାନସ କୁମାର ନାୟକ, ୱାଟରସେଡ ପିଡି ଅଶୋକ କୁମାର ସେନାପତି, ଅତିରିକ୍ତ ସହକାରୀ ନିର୍ଦ୍ଦେଶକ ପ୍ରଦୀପ କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ୱାଟର ସେଡର ଓଭରଶିୟର ସଂଜୀବ ମହାନ୍ତ ପରିଚାଳନା କରିଥିଲେ।

## ଭୀମକୁଣ୍ଡ ମକର ମେଳା ପ୍ରସ୍ତୁତି ବୈଠକ



ଡୁରୁମୁଙ୍ଗା, ୩।୧(ସମିସ): କେନ୍ଦୁଝର ଜିଲ୍ଲା ଡୁମୁରିଆ ପଞ୍ଚାୟତ ଘାଟବାଲି ଯୋଡ଼ିସ୍ଥିତ ପ୍ରାଚୀନ ପର୍ଯ୍ୟଟନସ୍ଥଳୀ ଭୀମକୁଣ୍ଡ ମକର ମେଳା ୨୦୨୬ ପାଇଁ ଶନିବାର ପାଟଣା ବ୍ଲକ୍ ସଭାଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜାନୁୟାରୀ ୧୪,୧୫, ୧୬ ତାରିଖ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟ କ୍ରମ ମଧ୍ୟରେ ଝୁମର, ସାନ୍ତାଳୀ, ବିଭିନ୍ନ ଲୋକ ନୃତ୍ୟ ଗୀତ ସହ କଲେଜ ହାଇସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ସଙ୍ଗୀତ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ବିଡ଼ିଓ ମାନସ ଦଣ୍ଡପାଟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ପାଟଣା ବ୍ଲକ୍ ଅଧ୍ୟକ୍ଷା ବୀଣାପାଣି ନାୟକ, ପାଟଣା ବିଧାୟକଙ୍କ ବ୍ଲକ ପ୍ରତିନିଧି କମଳାକାନ୍ତ ଦାଶ, କେନ୍ଦୁଝର ସାଂସଦଙ୍କ ବ୍ଲକ ପ୍ରତିନିଧି ପ୍ରହଲ୍ଲାଦ ପଲେଇ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ରମେଶଚନ୍ଦ୍ର ନାୟକ, ତହସିଲଦାର ଅଶ୍ୱିନୀ ନାଏକ, ଡୁମୁରିଆ ସରପଞ୍ଚ ଗୌରହରୀ ନାଏକ, ପୂର୍ବତନ ପାଟଣା ବ୍ଲକ୍ ଅଧକ୍ଷ ବିଶ୍ୱନାଥ ନାୟକ, ଗୋଷ୍ଠୀ ସ୍ୱାସ୍ଥ୍ୟାଧିକାରୀ ଡ଼ାକ୍ତର ଶୁଭେନ୍ଦୁ ସାଗର ନାଏକ, ଅଗ୍ନିଶମ ଅଧିକାରି ଗୌର ହେମ୍ବ୍ରମ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସଚିଦାନନ୍ଦ ସେଠୀ, ଜଳ ପରିମଳ ଯନ୍ତ୍ରୀ ମିଥୁନ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

## ● ସଦ୍ଭାବନା ସମିତିର ୫୫୯ତମ ମାସିକ ସନ୍ଥ ଦିବସ

## 'ପ୍ରତୀମା ପୂଜା ନୁହେଁ, ମାନବ ସେବା ହିଁ ମାଧବ ସେବା'

ବାରିପଦା,୩।୧(ସମିସ): ସ୍ଥାନୀୟ ଗୋପବନ୍ଧୁ ଭବନରେ ପୌଷ ପୂର୍ଣ୍ଣମୀ ତିଥିରେ ସଦ୍ଭାବନା ସମିତିର ୫୫୯ତମ ମାସିକ ସନ୍ଥ ଦିବସ ସଦସ୍ୟ ସନ୍ଦୀପ ଚାନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ବିବେକାନନ୍ଦଙ୍କ ବାଣୀ ମତେ ପ୍ରତୀମା ପୂଜାକୁ ପ୍ରାଧାନ୍ୟ ନ ଦେଇ ଯେ ନରରୂପୀ ନାରାୟଣଙ୍କ ସେବା ପୂଜା କରେ, ସେ ହିଁ ପ୍ରକୃତ ଈଶ୍ୱର ଭକ୍ତ ବୋଲି ଏ ମାସର ପ୍ରସଙ୍ଗ ରଖାଯାଇଥିଲା।



ଓଡ଼ିଶାରେ ମାନବ ଧର୍ମର ପ୍ରବର୍ତ୍ତକ ତଥା ସମିତିର ପ୍ରତିଷ୍ଠାତା ଧର୍ମରତ୍ନ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ କହିଥିଲେ, ଯିଏ ପରିଣତ ବୟସର ହେବା ପର୍ଯ୍ୟନ୍ତ ପ୍ରତୀମା ପୂଜାକୁ ପ୍ରାଧାନ୍ୟ ନ ଦେଇ ନିଜ ପିତାମାତାଙ୍କୁ ପୂଜ୍ୟପୂଜାର ସମ୍ମାନ ଦିଏ, ସେ ତାଙ୍କ ପିଲାଙ୍କ ପାଖରେ ହତାଦର ହୋଇ ନ ଥାଏ ବୋଲି ମନ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରବକ୍ତା ଭାବେ ଡ ବିଜୟ କୁମାର ଅଗ୍ରୱାଲ, ଗାୟତ୍ରୀ ପରିବାରର ଗଗନ ବେହେରା, ପ୍ରଜାପିତାର ଭଉଣୀ ମାମୁନି, ଶିବାନନ୍ଦ ଆଶ୍ରୟୀ ଡ. ଝରଣା ବେହେରା, ଡ ଯୋଗେନ୍ଦ୍ର ନାଥ ପଣ୍ଡା, ଡ କୁଞ୍ଜବନ ପୃଷ୍ଟି, ପ୍ରାଧ୍ୟାପକ ରାଜେନ୍ଦ୍ର ସାମଲ, ଅବସରପ୍ରାପ୍ତ ପ୍ରାଧ୍ୟାପକ ସୁନୀଲ ଜେନା, ଡ ଶଶୀଧର ବିଶ୍ୱାଳ, ଅଶୋକ କୁମାର ପଲେଇ, ହିମାଂଶୁ ଶେଖର ଦାସ, ଭାଗ୍ୟଧର ନନ୍ଦ, କୈବଲ୍ୟ ପ୍ରସାଦ ମହାପାତ୍ର, ସତ୍ୟାନନ୍ଦ ସେଜପଡା, ରାକେଶ କୁମାର ସିଂ ଓ ରଞ୍ଜନ କୁମାର ବାନାର୍ଜୀ ପ୍ରତୀମା ପୂଜା ଖିଆଲି ମନର ମଉଜ, ମାନବ ସେବା ହିଁ ମାଧବ ସେବା ବୋଲି ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଚଳିତ ମାସରେ ଆବିର୍ଭାବ ସ୍ୱାମୀ ବିବେକାନନ୍ଦ, ପ୍ରଜାପିତା ବ୍ରହ୍ମା, ଅଭିରାମ ପରମହଂସ, ଅଚ୍ୟୁତାନନ୍ଦଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ସମ୍ପାଦକ ମାନସ ରଞ୍ଜନ ମହାପାତ୍ର ସ୍ୱାଗତ ଭାଷଣ ଓ ବିଭୁଦତ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ମାଣ୍ଡିଆ ମଣ୍ଡି ଉଦ୍ଘାଟିତ

ତେଲକୋଇ, ୩।୧(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକରେ ଶନିବାର ଜିଲ୍ଲାସ୍ତରୀୟ ମାଣ୍ଡିଆ ମଣ୍ଡି ଶ୍ରୀଅନ୍ନ ଅଭିଯାନ ଅନ୍ତର୍ଗତ ଉଦଘାଟିତ ହୋଇଯାଇଛି। ତେଲକୋଇ ଉଚ୍ଚବିଦ୍ୟାଳୟସ୍ଥିତ ଖେଳପଡ଼ିଆରେ ଅସ୍ଥାୟୀ କେନ୍ଦ୍ର ଖୋଲାଯାଇ ମାଣ୍ଡିଆ ମଣ୍ଡିର ଶୁଭାରମ୍ଭ କରିଛନ୍ତି ମୁଖ୍ୟଅତିଥି ତଥା କେନ୍ଦୁଝର ସାଂସଦ ଅନନ୍ତ ନାୟକ। ତେଲକୋଇ ବିଧାୟକ ଡାକ୍ତର ଫକିର ମୋହନ ନାଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବ୍ଲକରେ ସମୁଦାୟ ତିନୋଟି ତେଲକୋଇ, ବିମଳା ଓ ଜଗମୋହନପୁରଠାରେ ମାଣ୍ଡିଆ କେନ୍ଦ୍ର ଖୋଲା ଯାଇଛି। କେନ୍ଦୁଝର ଜିଲ୍ଲାରେ ମୋଟ ୧୦ ହଜାର ୬ଶହ ୧୪ ଜଣ ଚାଷୀ ୯ ହଜାର ଦୁଇ ଶହ ୧୧ ହେକ୍ଟର ଜମିରେ ମାଣ୍ଡିଆ ଚାଷ କରିଥିବା ବେଳେ ତେଲକୋଇ ବ୍ଲକରେ ୬୧୩ ଜଣ ଚାଷୀଙ୍କ ଦ୍ୱାରା ୫୪୮ ହେକ୍ଟର ମାଣ୍ଡିଆ ଚାଷ ହୋଇଛି। ପ୍ରଥମ ଦିନରେ ସରକାର ତେଲକୋଇ ବ୍ଲକରୁ ୨୫ ଜଣ ଚାଷୀଙ୍କଠାରୁ ୧୧୬ କୁଇଣ୍ଟାଲ ମାଣ୍ଡିଆ କ୍ରୟ କରିଛନ୍ତି। ମାଣ୍ଡିଆର ଦର ପୂର୍ବ ଅପେକ୍ଷା ବୃଦ୍ଧି ହୋଇ କୁଇଣ୍ଟାଲ୍ ପ୍ରତି ଦର ୪୮୮୬ ଟଙ୍କା ରହିଛି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ବିଡିଓ ପୂର୍ଣ୍ଣଚନ୍ଦ୍ର ନାଏକ, ଶ୍ରୀଅନ୍ନ ଅଭିଯାନର ଜିଲ୍ଲା ପରିଚାଳକ ନାରାୟଣ ପାଣିଗ୍ରାହୀ, ବୈଜ୍ଞାନିକ କୃଷି ବିଜ୍ଞାନ କେନ୍ଦ୍ରର ନିଗମ ନନ୍ଦ, ଆଦିବାସୀ ଉନ୍ନୟନ ସମବାୟ ସମିତିର କ୍ଷେତ୍ରୀୟ ଅଧିକାରୀ ବାସୁଦେବ ମାରାଣ୍ଡି, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ ସେନାପତି, ତେଲକୋଇ ମହିଳା ଓ ଶିଶୁ ପ୍ରକଳ୍ପ ଅଧିକାରୀ ସୀମାରାଣୀ ଦାସ ଯୋଗ ଦେଇଥିଲେ। ମଳୟ ଖଣ୍ଡା ପରିଚାଳନା କରିଥିବା ବେଳେ ଶ୍ରୀଅନ୍ନ ଅଭିଯାନର ବ୍ଲକ ସଂଯୋଜକ ଦିବ୍ୟା ସରେଙ୍ଗ, ଅତିରିକ୍ତ ବ୍ଲକ ସଂଯୋଜକ ମୃତ୍ୟୁଞ୍ଜୟ ଧଳ, ପ୍ରଶାନ୍ତ ନାୟକ, ଫିଲ୍ଡ ଷ୍ଟାଫ ଓ ବ୍ଲକ କୃଷି କର୍ମଚାରୀ ସହଯୋଗ କରିଥିଲେ।



## ତାଳପଦା ସରପଞ୍ଚଙ୍କ ପରଲୋକ

ବଡ଼ସାହି,୩।୧(ସମିସ): ବଡ଼ସାହି ବ୍ଲକ ଅନ୍ତର୍ଗତ ତାଳପଦା ପଞ୍ଚାୟତର ୨ ଥରର ସରପଞ୍ଚ ବାଘରାୟ ମାଝୀଙ୍କ ଅକାଳ ବିୟୋଗ ଘଟିଛି। ଏହାକୁ ନେଇ ପଞ୍ଚାୟତ ତଥା ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଗତ କିଛିଦିନ ତଳେ ନିମୋନିଆ ଓ ରକ୍ତହୀନତା ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ଶନିବାର ପୁଣି ବିଭିନ୍ନ ପରୀକ୍ଷା କରାଇ ଡାକ୍ତରଙ୍କୁ ଦେଖାଇବାକୁ ବାରିପଦା ଯାଇଥିବାବେଳେ ହଠାତ ଅସୁସ୍ଥ ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ ପିଆରଏମ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ବୋହୂ, ପୁଅଝିଅ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।



## ବାଇଡ଼ଙ୍କ ବାବାଙ୍କୁ ଫକୀରମୋହନ ସାହିତ୍ୟ ସମ୍ମାନ



ହାଟଡ଼ିହୀ,୩।୧(ସମିସ): ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ ବ୍ୟଙ୍ଗ କବି ସୁବାସଚନ୍ଦ୍ର ପାତ୍ର ଓରଫ୍ ବାଇଡ଼ଙ୍କ ବାବାଙ୍କୁ ସୁଚିତ୍ରା ପାଣିଗ୍ରାହୀ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଆସନ୍ତା ୧୩ରୁ ୧୬ ଜାନୁଆରୀ ଯାଏଁ ୪ଦିନ ବ୍ୟାପି କଥାସମ୍ରାଟ ଫକୀରମୋହନ ସେନାପତିଙ୍କର ୧୮୪ତମ ଜୟନ୍ତୀ ଓ ପରିଷଦର ୭୯ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ପୁରସ୍କୃତ କରିଯିବା ନେଇ ଘୋଷଣା କରାଯାଇଛି। ବାଇଡ଼ଙ୍କ ବାବା ତଥା ସୁବାସଚନ୍ଦ୍ର ପାତ୍ର ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ଛେନାପଦୀସ୍ଥିତ ବିଶ୍ୱତାରିଣୀ ମହିଳା କଲେଜରେ ଅଧ୍ୟାପକ ଭାବେ ଶିକ୍ଷାଦାନ କରୁଥିବା ବେଳେ ତାଙ୍କ ଘର ବଡରମ୍ପାସ ଗ୍ରାମରେ। ଏହି ଅବସରରେ ଓଡ଼ିଶାର ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ୨୪ଜଣ ଲୋକପ୍ରିୟ ଲବ୍ଧପ୍ରତିଷ୍ଠ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯିବାର ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିବା ବେଳେ ୪ଦିନ ବ୍ୟାପି ସାହିତ୍ୟ ସଭା, ବିଭିନ୍ନ ପ୍ରତିଯୋଗିତା, ଯୁବ ଉତ୍ସବ ଓ ନାଟକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ ବୋଲି ପରିଷଦ ପକ୍ଷରୁ ପ୍ରକାଶ କରାଯାଇଛି।

## ପାଉଁଶ ବୋଝେଇ ଟ୍ରକ୍ ଅଟକ

ମହୁଲଡିହା,୩।୧(ସମିସ): ଠାକୁରମୁଣ୍ଡା ବ୍ଲକ୍ ଆନନ୍ଦପୁର-ଠାକୁରମୁଣ୍ଡା ୫୩ ନମ୍ବର ରାଜ୍ୟ ରାଜପଥରେ ଆନନ୍ଦପୁର ଆଡୁ ଆସ (ପାଉଁଶ) ବୋଝେଇ କରି ଆସୁଥିବା ଏକ ଟ୍ରକ ମହୁଲଡିହା ଥାନାରେ ଅଟକ ଅଛି। ୨ ତାରିଖ ରାତିରେ କରଞ୍ଜିଆ ଉପଖଣ୍ଡ ପୁଲିସ ଆରକ୍ଷୀ ଅଧୀକ୍ଷକ ନବକୃଷ୍ଣ ନାଏକଙ୍କ ନିର୍ଦ୍ଦେଶକ୍ରମେ ମହୁଲଡିହା ଥାନା ଆଇଆଇସି ତୁଷାର ନାୟକ ରାତି ପାଟ୍ରୋଲିଂ କରୁଥିବା ସମୟରେ ଆସ ବୋଝେଇ ଏକ ୧୪ ଚକିଆ ଟ୍ରକର ୱେବିଲ ନ ଥିବାରୁ ଥାନାରେ ଅଟକ ରଖାଯାଇଛି। ମହୁଲଡିହା ଥାନା ଅଧିକାରୀ ପରିବହନ ବିଭାଗକୁ ଅବଗତ କରି ଆରଟିଓଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

## ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ରକ୍ତଦାନ ଶିବିର



ଉଦଳା, ୩।୧(ସମିସ): ରକ୍ତଦାନ ମହାପୁଣ୍ୟ। ବୁନ୍ଦାଏ ରକ୍ତ ଗୋଟିଏ ଅମୂଲ୍ୟ ଜୀବନକୁ ବଞ୍ଚାଇଥାଏ। ମୟୂରଭଞ୍ଜ ଜିଲ୍ଲା ଉଦଳା ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ ଯୁବ ରେଡକ୍ରସ୍ ପକ୍ଷରୁ ଆଜି ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଉଦଳା ବିଧାୟକ ଭାସ୍କର ମଢେଇ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରମୋଦ ଶତପଥୀ ଓ ଉଦଳା ମେଡିକାଲର ବରିଷ୍ଠ ଶିଶୁ ବିଶେଷଜ୍ଞ ଡ. ଲକ୍ଷ୍ମୀକାନ୍ତ ପତି ପ୍ରମୁଖ ଯୋଗଦେଇ ଏହି ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ। ଉକ୍ତ ଶିବିରରେ ୩୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ବିଶେଷକରି ଆଜିର ଯୁବପିଢି କିପରି ଉତ୍ସାହିତ ହୋଇ ଆଗାମୀ ଦିନରେ ରକ୍ତଦାନକୁ ସଫଳ କରିବେ, ଉକ୍ତ ରକ୍ତଦାନ ଶିବିର ଆଭିମୁଖ୍ୟ ବୋଲି ମହାବିଦ୍ୟାଳୟର ଅଧ୍ୟାପିକା କହିଛନ୍ତି।

## ଡିଭାଇନ ୟୁଥ୍ କ୍ଲବ୍ ପ୍ରିମିୟର ଲିଗ୍ ଉଦ୍ଯାପିତ

କୁଆମରା,୩।୧(ସମିସ): ଗୋପବନ୍ଧୁନଗର ବ୍ଲକ ପୁରୁଣା ବାରିପଦା ଡିଜାଇନ୍ ୟୁଥ କ୍ଲବ ପ୍ରିମିୟର ଲିଗ ସିଜିନ-୫ ଆଜି ଉଦଯାପିତ ହୋଇଯାଇଛି। ବାଗଦେବୀ ନାଇଟ ରାଇଡର୍ସ, ରଲେକ୍ସ ଇଲେଭେନ୍, ଡଣ୍ଟ ଓରି ବ୍ର, ଡିଏସ୍କେ ଧେନଘେରା, କେଜି ଫାଇଟର ଖୁଣ୍ଟା ଓ ନାଏକ ଇଲେଭେନ୍ ଅଂଶଗ୍ରହଣ କରିଥିଲେ। ଆଜି ଫାଇନାଲ ମ୍ୟାଚରେ ଡୋଣ୍ଟ ଓରି ବୈରାଟପୁର ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ୨୦ ଓଭର ଖେଳରେ ୧୯.୫ ଓଭର ଖେଳି ସମସ୍ତ ୱିକେଟ ହରାଇ ୧୬୩ ରନ୍ ସଂଗ୍ରହ କରିଥିଲା। ଜବାବରେ ରଲେକ୍ସ ଇଲେଭେନ୍ ପୁରୁଣା ବାରିପଦା ସମସ୍ତ ୱିକେଟ ହରାଇ ୧୩୫ ରନ୍ ସଂଗ୍ରହ କରି ପରାସ୍ତ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି, ବିଡିଓ ନିର୍ମଳ ଚନ୍ଦ୍ର ବାରିକ, ସ୍ୱର୍ଣ୍ଣଲତା ମେଡିକାଲ କଲେଜ ଅଫ ସାଇନ୍ସର ନିର୍ଦ୍ଦେଶକ ଭବାନୀ ଶଙ୍କର ସାହୁ ଅତିଥି ଭାବେ ଯୋଗ ଦେଇ ଚାମ୍ପିଅନ ଦଳକୁ ନଗଦ ଅର୍ଥ ୩୫ ହଜାର ସହ ଟ୍ରଫି ଓ ରନର୍ସଅପ୍ ଦଳକୁ ୨୫ ହଜାର ନଗଦ ଅର୍ଥ ସହ ଟ୍ରଫି ପ୍ରଦାନ କରିଥିଲେ। ସତ୍ୟରଞ୍ଜନ ବେହେରା ଓ ଉଦୀପ୍ତ କୁମାର ଦ୍ୱିବେଦୀ ଖେଳ ପରିଚାଳନା କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ଚୈତନ୍ୟ ନାୟକ, ମ୍ୟାନ ଅଫ୍ ଦି ସିରିଜ ଆକାଶ ମାଇତି, ଶ୍ରେଷ୍ଠ ବୋଲର ଅମିତ କୁମାର ଦାସବାବୁଙ୍କୁ ପୁରସ୍କୃତ କରାଯାଇଛି। ୟୁଥ କ୍ଲବ୍‌ର ବିକାଶ କୁମାର ବେହେରା, ଦିବ୍ୟସାଗର ମହାପାତ୍ର, ଦିନେଶ ମହାପାତ୍ର, ଦୀପକ ବାରିକ, ଅଭୟ ସାହୁ, ହେମନ୍ତ ସାହୁ, ସତ୍ୟରଞ୍ଜନ ବେହେରା ପ୍ରମୁଖ ପରିଚାଳନା କରିଥିଲେ।।

## ୨ ବାଲି ବୋଝେଇ ହାଇୱା ଜବତ

କୁଆମରା/ଖୁଣ୍ଟା,୩।୧(ସମିସ): ବିଳମ୍ବିତ ରାତିରେ ବେଆଇନ ବାଲି ବୋଝେଇ କରି ନେଉଥିବା ୨ ହାଇୱାକୁ ଜବତ କରିଛି ଖୁଣ୍ଟା ପୁଲିସ। ଶୁକ୍ରବାର ରାତିରେ ବେତନଟୀ ତହସିଲ ଅଞ୍ଚଳର ବୁଢାବଳଙ୍ଗ ନଦୀରୁ ଉତ୍ତୋଳିତ ବାଲି ବୋଝେଇ କରି ଖୁଣ୍ଟା ଅଞ୍ଚଳକୁ ଆସୁଥିବା ୨ଟି ହାଇୱାକୁ ଖୁଣ୍ଟା ପୁଲିସ ବାସିପିଠା ନିକଟରେ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ। ଚାଳକ ଉପଯୁକ୍ତ କାଗଜପତ୍ର ଦେଖାଇ ନ ପାରିବାରୁ ଥାନା ଅଧିକାରୀ ପଞ୍ଚାନନ ମହାନ୍ତି ହାଇୱା ୨ଟିକୁ ଥାନାକୁ ଆଣିଥିଲେ। କିଛି ସମୟ ପରେ ବେତନଟୀ ଅଞ୍ଚଳର ହାଇୱା ମାଲିକ ବାଲି ପରିବହନ ପରମିଟ ନେଇ ସଙ୍ଗରେ ଆଣିଥିଲେ ହେଁ ପୁଲିସ ତା'ର ସଠିକତା ନ ଥିବା ଜାଣି ମାମଲା ଖଣି ବିଭାଗକୁ ହସ୍ତାନ୍ତର କରିଛି। ଖଣି ବିଭାଗ ଏହାର ତଦନ୍ତ କରୁଥିଲେ ହେଁ ହାଇୱା ଜବତ ସମୟ ଓ ପରମିଟ ଇସ୍ୟୁ ସମୟରେ ଫରକ ଥିବାରୁ ଆଗକୁ କ'ଣ ପଦକ୍ଷେପ ନେଉଛନ୍ତି ଦେଖିବାକୁ ବାକି ରହିଲା

## ଉଠାଜଳସେଚନ କରଞ୍ଜିଆ ବିଭାଜନ ପକ୍ଷରୁ ପ୍ରତିଯୋଗିତା



କରଞ୍ଜିଆ,୩।୧(ସମିସ): ଉଠାଜଳସେଚନ ବିଭାଜନ କରଞ୍ଜିଆ ଆନୁକୂଲ୍ୟରେ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ କରଞ୍ଜିଆ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ବିଭାଜନସ୍ତରୀୟ ବକ୍ତୃତା, ଚିତ୍ରାଙ୍କନ, ପ୍ରବନ୍ଧ, ମଡେଲ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଠାଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇ. ବିକ୍ରମାଦିତ୍ୟ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ କରଞ୍ଜିଆ ବିଇଓ ଶ୍ରୀମତୀ ତରୁ ନାଏକ, ଉଠାଜଳସେଚନ ବିଭାଗର ପୂର୍ବତନ ସହକାରୀ ଯନ୍ତ୍ରୀ ବିଭୁପ୍ରକାଶ ମହାନ୍ତ, ବିଭାଗୀୟ ଯନ୍ତ୍ରୀ କମଳା କାନ୍ତ ବେହେରା, ଅନଳ ସେଠୀ, ସଦାନନ୍ଦ ମହାନ୍ତ ଯୋଗଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। କରଞ୍ଜିଆ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ସହକାରୀ ଶିକ୍ଷକ ମନୋଜ ସାହୁ, ଦୀପ୍ତିରଂଜନ ମହାକୁଡ଼, ମଧୁସ୍ମିତା ମହାନ୍ତ, ସୁନିମଣୀ ଝରିଆଲ, ପ୍ରଜ୍ଞା ପରମିତା ପାତ୍ର ବିଚାରକ ଭାବେ ଯୋଗ ଦେଇଥିଲେ। ସତ୍ୟବ୍ରତ ବାରିକ ପରିଚାଳନାରେ ସହଯୋଗ କରିଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଉଠାଜଳସେଚନ ବିଭାଜନ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ପାଳନ ଦିବସରେ ପୁରସ୍କାର ଦିଆଯିବ। ବିଭାଗୀୟ କର୍ମଚାରୀ ସତ୍ୟବ୍ରତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ସର୍ବଭାରତୀୟ ଆଜାଦ ଚ୍ୟାଲେଞ୍ଜ କପ୍ କ୍ରିକେଟ୍ ଉଦ୍ଘାଟିତ

କରଞ୍ଜିଆ,୩।୧(ସମିସ): କରଞ୍ଜିଆ ବ୍ଲକ୍ ଅନ୍ତର୍ଗତ ଚଢ଼େଇଭୋଳ ଦି ଆଜାଦ ସ୍ପୋର୍ଟ୍ସ ଏଣ୍ଡ କୋଲଚୁରାଲ କ୍ଲବ ଆନୁକୂଲ୍ୟରେ ଅୟୋଜିତ ସର୍ବଭାରତୀୟ ଆଜାଦ ଚ୍ୟାଲେଞ୍ଜ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍ଘାଟିତ ହୋଇଇଛି। ମୁଖ୍ୟଅତିଥି ଭାବେ ପଶ୍ଚିମ ମୟୂରଭଂଜ ଜିଲ୍ଲା ବିଜେପି ପ୍ରଭାରୀ ଅଂଶୁମାନ ସବୁଜ ମହାନ୍ତ, ସମ୍ମାନିତ ଅତିଥି ଭାବେ ଶିଳ୍ପପତି ଏମଡି ମୁସ୍ତାକ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୃପାସିନ୍ଧୁ ମହାନ୍ତ, ଜିଲ୍ଲା ଉପସଭାପତି ଆଶିଷ ମହନ୍ତ, ଦିଲ୍ଲୀପ ମହନ୍ତ, କରଞ୍ଜିଆ ଓକିଲ ସଂଘ ସଭାପତି ମଦନ ମୋହନ ମହାନ୍ତ



ପ୍ରମୁଖ ଯୋଗ ଦେଇ ଉଭୟ ଦଳ ଖେଳାଳିଙ୍କ ସହିତ ପରିଚିତ ହୋଇ ଖେଳକୁ ଉଦ୍ଘାଟନ କରିଥିଲେ। ଉଦ୍ଘାଟନୀ ମ୍ୟାଚ୍ କେନ୍ଦୁଝର ଜିଲ୍ଲା ଫେମସ କ୍ଲବ ଓ ଝାଡ଼ଖଣ୍ଡର ରାଞ୍ଚି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ୟୁସିସି ରାଞ୍ଚି ଟସ ଜିତି କେନ୍ଦୁଝର ଦଳକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। କେନ୍ଦୁଝର ଦଳ ନିର୍ଦ୍ଧାରିତ ୨୦ ଓଭରର ୧୮.୨ ଓଭର ଖେଳି ସମସ୍ତ ୱିକେଟ ହରାଇ ୧୩୧ ରନ କରିଥିଲା। ଜବାବରେ ରାଞ୍ଚି ୧୧.୪ ଓଭର ଖେଳି ୩ ୱିକେଟ ହରାଇ ୧୩୩ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ପ୍ରାଣନାଥ ଜେନା ଓ ସତ୍ୟପ୍ରକାଶ ରଥ ଖେଳ ପରିଚାଳନା କରିଥିବାବେଳେ ଗୌରୀଶଙ୍କର ତୃତୀୟ ଅମ୍ପାୟାର ଥିଲେ। ଏମଡି ଅସଗୋର ଅଲ୍ଲୀ ଓ ଅବଦୁଲ ମଲ୍ଲିକ ଧାରା ବିବରଣୀ, ଆବାସ ଅଲ୍ଲୀ, ସୁମିତ ଦାସ ସ୍କୋରର ଥିଲେ। ସଭାପତି ଏମଡି ଖଲିଲ୍ଲୁର ରହମାନ, ଇନ୍ଦ୍ରମଣି ମହାକୁଡ଼, ସମ୍ପାଦକ ଏମଡି ସବୀର ଅଲ୍ଲୀ, କବାବ ଅଲ୍ଲି, ନଦିଆ କିଶୋର ବେହେରା, ଏମଡି କାୟମ, ସୁରେନ୍ଦ୍ର ବେହେରା ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ମାରାଙ୍ଗ ଗୋମକେ ଜୟପାଲ ସିଂ ମୁଣ୍ଡାଙ୍କୁ ମରଣୋତ୍ତର ଭାରତରତ୍ନ ପ୍ରଦାନ ଦାବି



ବାରିପଦା, ୩।୧(ସମିସ): ଆଦିବାସୀ ଲୋକଙ୍କ ଅଧିକାର ପାଇଁ ପ୍ରଥମେ ପାଦ ଆଗକୁ ବଢାଇଥିବା ଦେଶର ମହାନ ନେତା ମାରାଙ୍ଗ ଗୋମକେ ଜୟ ପାଲ ସିଂ ମୁଣ୍ଡାଙ୍କ ୧୨୩ତମ ଜୟନ୍ତୀ ମୁଣ୍ଡା ଯୁବ ସଙ୍ଗଠନ ପକ୍ଷରୁ ସ୍ମୃତିସଭା ବାରିପଦାସ୍ଥ ରୋଟାରୀ କ୍ଲବରେ ପାଳିତ ହୋଇଯାଇଛି। ତତସହିତ ମୁଣ୍ଡା ଯୁବ ସଂଗଠନ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ନିକଟକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ମାରାଓ ଗୋମକେ ଜୟପାଲ ସିଂ ମୁଣ୍ଡାଙ୍କୁ ମରଣୋତ୍ତର ଭାରତରତ୍ନ ପ୍ରଦାନ, ବାରିପଦା ଷ୍ଟାଡିୟମକୁ ଜୟପାଲ ସିଂ ମୁଣ୍ଡାଙ୍କ ନାମରେ ନାମିତ, ବାରିପଦାର ଷ୍ଟିଲ ଗୋଲେଇଠାରେ ଜୟପାଲ ସିଂ ମୁଣ୍ଡାଙ୍କ ୨୦ ଫୁଟ୍ ଉଚ୍ଚତା ବିଶିଷ୍ଟ ଏକ ପ୍ରତିମୂର୍ତ୍ତି ସ୍ଥାପନ, ମୁଣ୍ଡାରୀ ଭାଷା ଲିପିକୁ ଅଷ୍ଟମ ଅନୁସୂଚିରେ ସାମିଲ, ମୟୂରଭଞ୍ଜ ଜିଲ୍ଲାରେ ଏକ ଆଦିବାସୀ ବିଶ୍ୱବିଦ୍ୟାଳୟ ସ୍ଥାପନ ଓ ତାହା ମୁଣ୍ଡାରୀ ବାନୀର ସ୍ରଷ୍ଟା ଅଲଗୁରୁ ପଣ୍ଡିତ ରୋହିଦାସ ସିଂ ନାଗ୍‌ଙ୍କ ନାମରେ ନାମିତ ଆଦି ରହିଛି। ମୁଣ୍ଡା ଯୁବ ସଂଗଠନର ସଭାପତି ଫକୀରମୋହାନ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ ସମାଜସେବୀ ତଥା ମୁଣ୍ଡା ଯୁବ ସଂଗଠନର ଉପଦେଷ୍ଟା ରାକେଶ ସିଂ, ଭାରତ ମୁଣ୍ଡା ସମାଜର ଉପଦେଷ୍ଟା ମନୋଜ ମୁଣ୍ଡା, ସରକାରୀ ଶିକ୍ଷକ ରବୀନ୍ଦ୍ର ସିଂ, ମୁଣ୍ଡା ଯୁବ ସଂଗଠନର ସମ୍ପାଦକ ଛାଟିଆ ସିଂ, ମୁଣ୍ଡା ଯୁବ ସଂଗଠନର କାର୍ଯ୍ୟକାରୀ ସଂପାଦକ ମନୋରଞ୍ଜନ ସିଂ, ମୁଣ୍ଡା ଯୁବ ସଂଗଠନର ଜିଲ୍ଲା ସଂପାଦକ ରାଜେଶ କୁମାର ସିଂ ଓ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରଛାତ୍ରୀ ସାବିତ୍ରୀ ସିଂ, ତପସ୍ୱିନୀ ସିଂ, ସୁଭଦ୍ରା ସିଂ, ଦିବ୍ୟଶ୍ରୀ ସିଂ, ଦେବକି ସିଂ, ରଚିତା ସିଂ, ଲକ୍ଷ୍ମୀପ୍ରିୟା ସିଂ, ସାରଥୀ ସିଂ, ରବି ସିଂ, ବିନଦ ସିଂ, ନିରଞ୍ଜନ ସିଂ, ଅଜିତ କୁମାର ସିଂ, ଶିବ ଶଙ୍କର ସିଂ, ଲୁସି ସିଂ ପ୍ରମୁଖ ଯୋଗଦେଇ ମାରାଙ୍ଗ ଗୋମକେ ଜୟପାଲ ସିଂ ମୁଣ୍ଡାଙ୍କ ଜୀବନୀ ଓ କାର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ।

## ନଡ଼ିଆ ଗଛରୁ ପଇଡ଼ ତୋଳିବାକୁ ଛାତ୍ରଙ୍କୁ ବାଧ କରାଯାଉଥିବାର ପ୍ରତିବାଦ

# ବିଦ୍ୟାଳୟ ସମ୍ମୁଖରେ ଛାତ୍ରଛାତ୍ରୀଙ୍କ ଧାରଣା

ଶୁଳିଆପଦା/ମୋରଡା,୩।୧(ସମିସ):



ଶୁଳିଆପଦା ବ୍ଲକ ଅଧୀନ ଗୁହାଳଡିହା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ବିଦ୍ୟାଳୟ ଫାଟକ ସମ୍ମୁଖରେ ଶନିବାର ଧାରଣାରେ ବସିଥିବା ଦେଖିବାକୁ ମିଳିଛି। ଶୀତକାଳୀନ ଛୁଟିରେ ବିଦ୍ୟାଳୟ ବନ୍ଦ ଥିବା ସମୟରେ ବିଦ୍ୟାଳୟ ପରିସରରେ ଥିବା ନଡ଼ିଆ ଗଛରୁ ପଇଡ଼ ତୋଳିବାକୁ ଉକ୍ତ ବିଦ୍ୟାଳୟର ଛାତ୍ରଙ୍କୁ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କାଦମ୍ବିନୀ ସି ବାଧ କରିଥିଲେ। ଫଳରେ ପିଲାମାନେ ଗଛକୁ ଚଢି ଥିବା ନେଇ ପ୍ରକାଶ କରିଛନ୍ତି। ଉକ୍ତ ଘଟଣାର ପ୍ରତିବାଦ କରି ଛାତ୍ରଛାତ୍ରୀ ଧାରଣା ଦେଇଥିଲେ। ତେବେ ଦୀର୍ଘ ଏକଘଣ୍ଟା ଧାରଣାରେ ବସିବା ପରେ ଶୁଳିଆପଦା ଗୋଷ୍ଠୀ ଶିକ୍ଷାଧିକାରୀ ଦାୟିତ୍ୱରେ ଥିବା ଜଗନ୍ନାଥ ନାଏକ ଘଟଣାସ୍ଥଳରେ ପହଞ୍ଚି ଅଭିଭାବକ ଓ ଛାତ୍ରୀଛାତ୍ରଙ୍କୁ ବୁଝାସୁଝା କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଭୁଲ ମାଗିବା ସହ ଆଗକୁ ଏପରି କରାଇବେ ନାହିଁ ବୋଲି କହିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏ ସମ୍ପର୍କରେ ବିଇଓ ନାଏକଙ୍କୁ ପଚାରିବାରୁ ବିଦ୍ୟାଳୟ ପରିସରରେ କାର୍ଯ୍ୟ ଚାଲୁଥିବାବେଳେ ଶ୍ରମିକମାନେ ପଇଡ଼ ତୋଳୁଥିଲେ। ଏ ନେଇ ପ୍ରଧାନ ଶିକ୍ଷୟିତ୍ରୀ ନିଜ ଦୋଷ ସ୍ୱୀକାର କରିଛନ୍ତି ବୋଲି କହିଛନ୍ତି।

## ଯୁବ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ମୋରଡ଼ା/ରାସଗୋବିନ୍ଦପୁର, ୩।୧(ସମିସ): ରାସଗୋବିନ୍ଦପୁର ବ୍ଲକ୍ ଗଡ଼ିଘାଟି ପଞ୍ଚାୟତର ତମ୍ବାଖୁରିଠାରେ ୧୫ତମ ଯୁବ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ରାସଗୋବିନ୍ଦପୁର ବ୍ଲକ୍ ଶିକ୍ଷାଧିକାରୀ ସତୀଶ ମହାପାତ୍ର, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ଅକ୍ଷୟ ମିଶ୍ର, ସମ୍ମାନିତ ଅତିଥି ଭାବେ ଗୌରାଙ୍ଗ ବାରିକ, ରାଜେଶ କବି, ଅଭିରାମ କବି ଯୋଗ ଦେଇଥିଲେ। ସଭାପତି ଗଣେଶ ଜେନା, ଉତ୍ତମ ବେହେରା, ମାନସ ଜେନା ମଞ୍ଚ ପରିଚାଳନା କରିଥିଲେ। ଅଭିରାମ କବି, ଶୁଭଙ୍କର ମାଝୀ ପ୍ରମୁଖ ସହଯୋଗ କରିଥିଲେ। ଉତ୍ତମ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ସକାଳ
THE SAKALA



### ମୟୂରଭଞ୍ଜରେ ଶୀଘ୍ର ଖୋଲିବ ଏଟିଏସ୍

# ଯାନ ଫିଟନେସ୍ ଯାଞ୍ଚରେ ଆସିବ ସ୍ୱଚ୍ଛତା ଓ ନିରପେକ୍ଷତା

ବାରିପଦା, ୩।୧(ସମିସ): ମୟୂରଭଞ୍ଜ ଜିଲ୍ଲାର ବାରିପଦାରେ ଶୀଘ୍ର ଖୋଲିବାକୁ ଯାଉଛି ଅଟୋମେଟେଡ୍ ଟେଷ୍ଟିଂ ଷ୍ଟେସନ୍ (ଏଟିଏସ୍)। ବାରିପଦାର ରଙ୍ଗାମାଟିଆରେ ରହିଥିବା ସ୍ୱୟଂଚାଳିତ ଯାନ ଚାଳନା ପରୀକ୍ଷା କେନ୍ଦ୍ର ପାର୍ଶ୍ୱରେ ଏହି ନୂଆ କେନ୍ଦ୍ର ଖୋଲିବ। ଏ ନେଇ ସବୁ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ରହିଥିବାବେଳେ ଚଳିତ ଜାନୁଆରୀ ମାସ ଶେଷ କିମ୍ବା ଫେବୃଆରୀ ପ୍ରଥମ ସପ୍ତାହ ସୁଦ୍ଧା କାର୍ଯ୍ୟକ୍ଷମ ହେବା ଆଶା କରାଯାଉଛି।

ଓଡ଼ିଶା ସରକାରଙ୍କ ପରିବହନ ବିଭାଗ ପକ୍ଷରୁ ଏହି ଯୋଜନା ଅଧୀନରେ ମୟୂରଭଞ୍ଜ ସହ ଅନ୍ୟାନ୍ୟ ଜିଲ୍ଲାରେ ମୋଟ ୨୧ଟି ନୂଆ ଏଟିଏସ୍ ସ୍ଥାପନ କରାଯିବାକୁ ରହିଥିବାବେଳେ ଜିଲ୍ଲାରେ କାର୍ଯ୍ୟ ଜୋରସୋରରେ ଚାଲିଥିବା ଜଣାପଡ଼ିଛି। ଏହାଦ୍ୱାରା ଯାନବାହନର ଫିଟନେସ୍ ଯାଞ୍ଚ ପ୍ରକ୍ରିୟା ଅଧିକ ସ୍ୱଚ୍ଛ, ନିରପେକ୍ଷ ଓ ବୈଜ୍ଞାନିକ ହେବ। ରାଜ୍ୟର ପ୍ରଥମ ଏଟିଏସ୍ କଟକରେ ଚାଲୁ ହେବା ପରେ ଏବେ ବାରିପଦାରେ ଦ୍ୱିତୀୟ ସହ ବାଲେଶ୍ୱର, ସମ୍ବଲପୁର, ଅନୁଗୋଳ, କେନ୍ଦ୍ରାପଡ଼ା ଆଦି ଜିଲ୍ଲାରେ ଏହି ଆଧୁନିକ କେନ୍ଦ୍ର ସ୍ଥାପନ ହେବା ନେଇ ବିଭାଗର ଆଶା ରହିଛି। ପୂର୍ବରୁ ସବୁ ଅଫଲାଇନରେ ହୋଇ ଅନଲାଇନରେ କେବଳ ତଥ୍ୟ ଅପଲୋଡ ହେଉଥିଲା। ଏବେ ସବୁ କେନ୍ଦ୍ରୀୟ ମୋଟର ଯାନ ନିୟମାବଳୀ ଅନୁଯାୟୀ ଏଟିଏସରେ ବ୍ରେକ୍, ସସ୍ପେନସନ୍, ଷ୍ଟିୟରିଂ, ହେଡ୍‌ଲାଇଟ୍, ଇମିସନ୍ ଆଦିର ଯାଞ୍ଚ ସମ୍ପୂର୍ଣ୍ଣ ଯନ୍ତ୍ର ଦ୍ୱାରା ହେବ। ଯଦ୍ୱାରା ମନୁଷ୍ୟ ହସ୍ତକ୍ଷେପ ଓ ତ୍ରୁଟି କମିବା ସହ ଦୁର୍ନୀତି ମଧ୍ୟ ହ୍ରାସ ପାଇବ। ଫଳାଫଳ ତୁରନ୍ତ ବାହାନ ପୋର୍ଟାଲରେ ଅପଲୋଡ ହେବ ଓ ପାସ୍ ହେଲେ ଇଲେକ୍ଟ୍ରୋନିକ୍ ଫିଟନେସ୍ ସାର୍ଟିଫିକେଟ୍ ମିଳିବା ଯୋଜନା ରହିଛି। ଏହି କେନ୍ଦ୍ରରେ ଅନଲାଇନ୍ ବୁକିଂ, ସ୍ୱୟଂକ୍ରିୟ ଟେଷ୍ଟ ଲେନ୍, ପାର୍କିଂ ଓ ୱେଟିଂ ଏରିଆ ଭଳି ସୁବିଧା ରହିବ। ମୟୂରଭଞ୍ଜର ଯାନ ମାଲିକଙ୍କ ପାଇଁ ଏହା ଏକ ବଡ଼ ସୁବିଧା ହେବ। କାରଣ ପୂର୍ବରୁ ମାନୁଆଲ୍ ଯାଞ୍ଚରେ ଅନେକ ଅସୁବିଧା ଥିଲା। ସଡ଼କ ସୁରକ୍ଷା ବଢ଼ାଇବା ସହ ପ୍ରଦୂଷଣ ନିୟନ୍ତ୍ରଣରେ ମଧ୍ୟ ଏହା ସାହାଯ୍ୟ କରିବ ବୋଲି ପରିବହନ ବିଭାଗ କହିଛି। ଏହି ଯୋଜନା ୨୦୨୬ ସୁଦ୍ଧା ସମ୍ପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି। ବାରିପଦାର ଯାନ ମାଲିକମାନେ ଏହାକୁ ସ୍ୱାଗତ କରିଛନ୍ତି ଓ ଶୀଘ୍ର ଚାଲୁ ହେବାକୁ ଅପେକ୍ଷା କରିଛନ୍ତି। ଏହା ପ୍ରାୟ ୩୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବାବେଳେ ଶିରିଶ ଟେକ୍ ନାମରେ ଏକ ସଂସ୍ଥା ପରିଚାଳନା କରିବ।

■ ରଙ୍ଗାମାଟିଆରେ ଚାଲିଛି ନିର୍ମାଣ



ମୟୂରଭଞ୍ଜ ଜିଲ୍ଲାରେ ୨୦୨୫ ତଥ୍ୟ ଅନୁଯାୟୀ ମୋଟ ନିବନ୍ଧିତ ଯାନବାହାନ ସଂଖ୍ୟା ପ୍ରାୟ ୨.୫ରୁ ୩ ଲକ୍ଷ ରହିଛି। ଦୁଇଚକିଆ ଯାନ (ମୋଟର ସାଇକଲ, ସ୍କୁଟର ଆଦି) ପ୍ରାୟ ୨ ଲକ୍ଷରୁ ଅଧିକ, ଚାରିଚକିଆ ବ୍ୟକ୍ତିଗତ ଯାନ (କାର, ଜିପ୍ ଆଦି) ପ୍ରାୟ ୩୦, ୦୦୦ରୁ ୫୦, ୦୦୦, ଯାତ୍ରୀବାହୀ ବସ୍ ପ୍ରାୟ ୧, ୫୦୦ରୁ ୨, ୫୦୦ ଖଣ୍ଡ, ଟ୍ରକ୍ ଓ ଅନ୍ୟାନ୍ୟ ବାଣିଜ୍ୟିକ ଯାନ ପ୍ରାୟ ୨୦, ୦୦୦ରୁ ୩୦, ୦୦୦ ରହିଥିବା ଜଣାପଡ଼ିଛି। ଏ ନେଇ ଆରଟିଓ ପ୍ରଶାନ୍ତ ପରିଡ଼ା କହିଛନ୍ତି, ଜିଲ୍ଲାରେ ଏଟିଏସ୍‌ର ଆବଶ୍ୟକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ଭାରତରେ ସଡ଼କ ଦୁର୍ଘଟଣା ଓ ପ୍ରଦୂଷଣ ଏକ ବଡ଼ ସମସ୍ୟା ହୋଇଥିବା ମୟୂରଭଞ୍ଜ ଜିଲ୍ଲାରେ ଦିନକୁ ଦିନ ଏହି ଧାରା ବୃଦ୍ଧି ପାଇବାରେ ଲାଗିଛି। ପୂର୍ବରୁ ମାନୁଆଲ୍ (ହାତରେ) ଯାଞ୍ଚ ପ୍ରକ୍ରିୟାରେ ଅନେକ ଅସୁବିଧା ଥିଲା। ଯେମିତି ମନୁଷ୍ୟ ତ୍ରୁଟି, ପକ୍ଷପାତିତା ଓ ଦୁର୍ନୀତି ହେବା ଆଶଙ୍କା ରହିଥିଲା। ଏଟିଏସ୍ ଏହାକୁ ଦୂର କରି ଯାନବାହାନର ଫିଟନେସ୍ ଯାଞ୍ଚକୁ ଅଧିକ ବୈଜ୍ଞାନିକ ଓ ନିରପେକ୍ଷ କରୁଛି। ଅନେକ ଦୁର୍ଘଟଣାର କାରଣ ଅଯୋଗ୍ୟ ଯାନବାହନ (ଖରାପ ବ୍ରେକ୍, ଷ୍ଟିୟରିଂ, ଲାଇଟ୍ ଆଦି)। ଏଟିଏସ୍‌ରେ ଯନ୍ତ୍ର ଦ୍ୱାରା ନିରପେକ୍ଷ ଯାଞ୍ଚ ହେବାରୁ କେବଳ ଯୋଗ୍ୟ ଯାନ ରାସ୍ତାରେ ଚାଲିପାରିବ, ଯାହା ଦୁର୍ଘଟଣା କମାଇବ। ଏଥିସହ ଅଯୋଗ୍ୟ ଯାନରୁ ଅଧିକ ଧୂଆଁ ଓ ବିଷାକ୍ତ ଗ୍ୟାସ୍ ବାହାରୁଛି। ଏଟିଏସ୍‌ରେ ଇମିସନ୍ (ଧୂଆଁ) ଯାଞ୍ଚ ଅଟୋମେଟିକ୍ ହେବାରୁ ପ୍ରଦୂଷଣ କମିବ ଓ ପରିବେଶ ସୁରକ୍ଷିତ ହେବ। ପୂର୍ବରୁ ମାନୁଆଲ୍ ଯାଞ୍ଚରେ ଏଜେଣ୍ଟ ଓ ଦୁର୍ନୀତିର ଅଭିଯୋଗ ଥିଲା। ଏଟିଏସରେ ଫଳାଫଳ ଯନ୍ତ୍ର ଦ୍ୱାରା ନିର୍ଦ୍ଧାରିତ ହେବ, ତୁରନ୍ତ ବାହନ ପୋର୍ଟାଲରେ ଅପଲୋଡ଼ ହେବ ଓ ନିୟମିତ ଅଡିଟ୍ ହେବ। ଏହା ଦୁର୍ନୀତି ରୋକିବ। ଅନଲାଇନ୍ ବୁକିଂ, କମ୍ ସମୟରେ ଯାଞ୍ଚ ଓ ଇଲେକ୍ଟ୍ରୋନିକ୍ ସାର୍ଟିଫିକେଟ୍। ଓଡ଼ିଶା ଭଳି ରାଜ୍ୟରେ ଯାନ ସଂଖ୍ୟା ବଢୁଥିବାରୁ ଏହା ଅତ୍ୟାବଶ୍ୟକ ବୋଲି ସେ କହିଛନ୍ତି।

## ବୈଶିଙ୍ଗା ମହୋତ୍ସବ ଉଦ୍‌ଘାଟିତ

ବୈଶିଙ୍ଗା, ୩।୧(ସମିସ): ବୈଶିଙ୍ଗାର ମାଟି ହେଉଛି କଳା ସଂସ୍କୃତିର ମାଟି। ଯାହା ସାରା ଓଡ଼ିଶାରେ ନିଜର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି। ଏହି ମହୋତ୍ସବ ଏ ଅଞ୍ଚଳ ମାଟିର କଥା କୁହେ ବୋଲି ଚତୁର୍ଥ ବାର୍ଷିକ ବୈଶିଙ୍ଗା ମହୋତ୍ସବ ଉଦଘାଟନ ଉତ୍ସବରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ତଥା ବୈଶିଙ୍ଗା ମାଟିର ବରପୁତ୍ର କ୍ଷେତ୍ରମୋହନ ପଣ୍ଡା ଯୋଗଦେଇ ମହୋତ୍ସବକୁ ଉଦଘାଟନ କରିଥିଲେ। ମହୋତ୍ସବ କମିଟି ସଂଯୋଜକ ଦୀପକ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସମାଜସେବୀ ଦେବେନ୍ଦ୍ର ଆଚାର୍ଯ୍ୟ ଯୋଗଦେଇ ଭଞ୍ଜ ମାଟିର କଳା ସଂସ୍କୃତିକୁ ବଖାଣିବା ସହିତ ବୈଶିଙ୍ଗାର ଐତିହ୍ୟ ଓ ମହୋତ୍ସବ କମିଟି ଚିନ୍ତାଧାରାକୁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡଃ ପ୍ରକାଶ ମହାପାତ୍ର, ପ୍ରତିସ୍ମିତା ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ମହୋତ୍ସବ କମିଟିର ପୂର୍ବତନ ସମ୍ପାଦକ ସତ୍ୟପ୍ରକାଶ ପ୍ରଧାନ ଉପସ୍ଥିତ ଥିଲେ। ଜୟନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଉଦଘାଟନୀ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲେ ଝଲିଉଡ ଜଗତର ପ୍ରସିଦ୍ଧ କଣ୍ଠଶିଳ୍ପୀ ଡି. କ୍ରିଷ୍ଣା ଓ ଉପସ୍ଥାପିକା ରଶ୍ମୀ। ପରେ ସ୍ଥାନୀୟ ଅଞ୍ଚଳର ପିଲାଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଉଦଳା, ୩।୧(ସମିସ): ଉଦଳା ଏନ୍‌ଏସି କ୍ଲଷ୍ଟରସ୍ଥ କିରିଡା ପ୍ରାଇମେରୀ ସ୍କୁଲରେ ଆଜି ପ୍ରଧାନଶିକ୍ଷୟିତ୍ରୀ ଲିଲିମା ସଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସେ ଦିର୍ଘଦିନ ଧରି କିରିଡା ପ୍ରାଇମେରୀ ସ୍କୁଲରେ ପ୍ରଧାନଶିକ୍ଷୟିତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରି ଡିସେମ୍ବର ୩୧ ତାରିଖରେ ଅବସର ଗ୍ରହଣ କରିଥିଲେ। ସରକାରୀ ଶିକ୍ଷକ ସତ୍ୟେନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମିନତୀ ପଣ୍ଡା, ସିଆରସିସି ଗୌରକିଶୋର ବିଶୋଇ, ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଆରତ ପରିଡ଼ା, ସିଆରସିସି ତଥା ଉଦଳା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଲଳିତ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ରାଇମାତ ସୋରେନ ପ୍ରମୁଖ ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ଗ୍ରାମବାସୀ ଓ ଯୁବ ଗୋଷ୍ଠୀ ମିଳିତ ଭାବେ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

## ବାଇକ୍ ଧକ୍କାରେ ମହିଳା ମୃତ

ସାରସକଣା,୩।୧(ସମିସ):ସାରସକଣାବ୍ଲକଝାରପୋଖରିଆଥାନାପାର୍ଶ୍ୱରୁଦ୍ରୁତଗତିରେ ଆସୁଥିବା ବାଇକ୍ ଧକ୍କାରେ ମହିଳାଙ୍କ ମୃତ୍ୟୁ ହୋଇଛି। ରାସ୍ତା ପାରି ହେଉଥିବା ସମୟରେ ଦୁର୍ଘଟଣା ଘଟିଥିଲା। ଏଥିରେ ବାଇକ୍ ଆରୋହୀ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ମୃତ ମହିଳା ଜଣକ ଜାଲଦା ପଞ୍ଚାୟତ ପୁନାସିଆ ଗ୍ରାମର କାଶୀନାଥ ବେହେରାଙ୍କ ପତ୍ନୀ ବାସନ୍ତୀ ବେହେରା। ଗୁରୁତର ବାଇକ୍ ଆରୋହୀ ଜାମଶୋଳା ପୁରୁଣାପାଣି ଗ୍ରାମର ସୁବୋଧ ବାରିକଙ୍କୁ ଶୀର୍ଷା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି।

## ଧାନମଣ୍ଡି ଓ ନୂତନ ସମବାୟ ସମିତି ଗୃହ ଉଦ୍‌ଘାଟିତ

ବୈଶିଙ୍ଗା, ୩।୧(ସମିସ): ନଡପୁରଠାରେ ଧାନମଣ୍ଡି ଓ ନୂତନ ସମବାୟ ସମିତି (ଲ୍ୟାମ୍ପସ) କାର୍ଯ୍ୟାଳୟ ଗୃହ ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ବିଧାୟକ ସନାତନ ବିଜୁଳି, ସମ୍ମାନିତ ଅତିଥି ଭାବେ ସମବାୟ ବିଭାଗର ଡିଆରସିଏସ୍ ଅଶୋକ ପାଣି, ସିନିୟର ଏଆରସିଏସ୍ ତୁଷାର ମହାନ୍ତି, ବେତନଟୀ ତହସିଲଦାର ଚନ୍ଦ୍ରଜିତ ବେହେରା, ବେତନଟୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ ସୂତାର, ଯୋଗାଣ ନିରୀକ୍ଷକ ଅଶୋକ ବେହେରା, ପରିଚାଳନା ନିର୍ଦ୍ଦେଶକ ଶାନ୍ତାଗୌରା ପରିଡ଼ା, ପ୍ରଶାସକ ଅଜିତ ବିଶ୍ୱାଳ, ସମବାୟ ସମିତି ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ରବିନାରାୟଣ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ ଦିନରେ ତିନିଜଣ ଚାଷୀଙ୍କଠାରୁ ୧୧୦ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଥିବା ସୂଚନା ମିଳିଛି।

## ମୟୂରଭଞ୍ଜ ସରକାରୀ ଠିକାଦାର ସଂଘ ବୈଠକ

ବାରିପଦା, ୩।୧(ସମିସ):ମୟୂରଭଞ୍ଜ ସରକାରୀ ଠିକାଦାର ସଂଘର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସର୍ବସମ୍ମତିକ୍ରମେ ଗୃହିତ ହୋଇଛି। ଜିଲ୍ଲାର ବିଭିନ୍ନ କାର୍ଯ୍ୟ ପାଇଁ ହେଉଥିବା ସରକାରୀ ଟେଣ୍ଡରରେ ୩ କୋଟି ପର୍ଯ୍ୟନ୍ତ ଟେଣ୍ଡର ଧାର୍ଯ୍ୟ ମୂଲ୍ୟ ବା ସିଡ୍ୟୁଲ ରେଟରେ ଜିଲ୍ଲା ସଂଘର ସମସ୍ତ ଠିକାଦାର ପକାଇବା ପାଇଁ ନିଷ୍ପତ୍ତି ହୋଇଛି। ସେହିପରି ମୟୂରଭଞ୍ଜ ବ୍ୟତୀତ ବାହାର ଜିଲ୍ଲାର କୌଣସି ଠିକାଦାରଙ୍କୁ ଜିଲ୍ଲାରେ ଟେଣ୍ଡର ନ ପକାଇବା ପାଇଁ ସଂଘ ନିଷ୍ପତ୍ତି ନେଇଛି। ନିଷ୍ପତ୍ତି ବିରୁଦ୍ଧରେ ଯିଏ କାର୍ଯ୍ୟ କରିବ ସଂଘ ତାଙ୍କୁ ବିରୋଧ କରିବ। ବୈଠକରେ ଠିକାଦାର ସଂଘ ସଭାପତି, କାର୍ଯ୍ୟକାରୀ ସଭାପତି, ସମ୍ପାଦକ, ସହସମ୍ପାଦକ, କୋଷାଧ୍ୟକ୍ଷ ଓ ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ମୟୁରଭଞ୍ଜ ସରକାରୀ ଠିକାଦାର ସଂଘ ସାଧାରଣ ସମ୍ପାଦକ ତରୁଣ ମହାନ୍ତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ସାନକେରକ ଲ୍ୟାମ୍ପସରେ ଧାନମଣ୍ଡି ଉଦ୍‌ଘାଟିତ



ବଡ଼ସାହି, ୩।୧(ସମିସ):ବଡସାହି ବ୍ଲକ ଅଧୀନ ସାନକେରକ ଲ୍ୟାମ୍ପସରେ ଧାନମଣ୍ଡି ଉଦଘାଟିତ ହୋଇଛି। ବାରିପଦା ବିଧାୟକ ପ୍ରକାଶ ସରେନ, ଏମଡି ସତ୍ୟଜିତ ସାହୁ, ଲ୍ୟାମ୍ପସର ସମସ୍ତ ନିର୍ଦ୍ଦେଶକ, ଚାଷୀ କମିଟି ସଦସ୍ୟଙ୍କ ସମେତ ବହୁ ଚାଷୀ ଉପସ୍ଥିତ ରହି ବିଧିବଦ୍ଧ ଭାବେ ଏହି ମଣ୍ଡିର ଉଦଘାଟନ କରିଛନ୍ତି। ବିଧାୟକ ପୂର୍ବ ବର୍ଷମାନଙ୍କରେ ମଣ୍ଡିକୁ ନେଇ ଉପୁଜିଥିବା ବିଭିନ୍ନ ସମସ୍ୟା କିପରି ଚଳିତ ବର୍ଷ ନ ଉପୁଜିବ, ତାହା ଉପରେ ଗୁରୁତ୍ୱ ଦେବାକୁ କହିଛନ୍ତି। ବିଶେଷକରି ଧାନ କଟ୍‌ନୀ ଛଟ୍‌ନି, ମିଲରଙ୍କ ମନମାନି ଏସବୁ ଦିଗ ଉପରେ ନଜର ଦେବାକୁ ସ୍ପେସାଲ ଟାସ୍କଫୋର୍ସ ଗଠନ କରାଯାଇଛି। ଏତଦବାଦ କୌଣସି ଚାଷୀଙ୍କ ଟୋକନ ଯେପରି ବାଦ୍ ପଡ଼ି ନ ଯାଏ, ସେଥିପ୍ରତି ଧ୍ୟାନ ଦେବାକୁ କହିଛନ୍ତି। ପ୍ରଥମ ଦିନରେ ସାନକେରକ ଲ୍ୟାମ୍ପସରୁ ମଙ୍ଗଲ ପ୍ରସାଦ ମିଲ ୨ ଜଣ ଚାଷୀଙ୍କଠାରୁ ୫୯.୧୫ କ୍ୱିଣ୍ଟାଲ ଧାନ ସଂଗ୍ରହ କରିଥିବା ଜଣାଯାଇଛି।

## ୨୦ରେ ତକତପୁର ଆର୍‌ଏମ୍‌ସି ପଡ଼ିଆକୁ ସ୍ଥାନାନ୍ତର ହେବ ଷ୍ଟେସନ ବଜାର ହାଟ

ବାରିପଦା, ୩।୧(ସମିସ):ସ୍ଥାନୀୟ ଷ୍ଟେସନ ବଜାର ହାଟ ଦୋକାନୀଙ୍କ ଦ୍ୱାରା ଜିଲ୍ଲାପାଳଙ୍କୁ ଦିଆଯାଇଥିବା ଆବେଦନ ପତ୍ରକୁ ଆଧାର କରି ଜିଲ୍ଲାପାଳ ହେମକାନ୍ତ ସଏଙ୍କ ନିର୍ଦ୍ଦେଶକ୍ରମେ ଶନିବାର ବାରିପଦା ପୌର କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତଙ୍କ ସମେତ ଦୋକାନୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ବୈଠକରେ ହାଟ ସ୍ଥାନାନ୍ତର ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ସର୍ବସମ୍ମତି ନିଷ୍ପତ୍ତି ଅନୁସାରେ ଷ୍ଟେସନ ବଜାରସ୍ଥ ହାଟର ଉନ୍ନତିକରଣ କାର୍ଯ୍ୟ ଆରମ୍ଭ ହେବାକୁ ଥିବାରୁ ବର୍ତ୍ତମାନ ହାଟକୁ ତକତପୁରସ୍ଥ ଆରଏମସି ପଡ଼ିଆକୁ ସ୍ଥାନାନ୍ତରିତ କରାଯିବ। ଉକ୍ତ ହାଟ ଏହାପରଠାରୁ ତକତପୁର ଆରଏମସି ପଡ଼ିଆରେ ଚାଲିବ। ଆଗକୁ ଜାନୁଆରୀ ୧୪ ତାରିଖରେ ମୟୂରଭଞ୍ଜର ପ୍ରସିଦ୍ଧ ମକର ପର୍ବ ଥିବାରୁ ବ୍ୟବସାୟୀଙ୍କ ଅନୁରୋଧ କ୍ରମେ ଆସନ୍ତା ୨୦ ତାରିଖରୁ ନିରୂପିତ ହୋଇଥିବା ଏହି ନୂତନ ସ୍ଥାନରେ ହାଟ ବସିବ। ଷ୍ଟେସନ ବଜାରଠାରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଏହି ହାଟ ତକତପୁର ଆରଏମସି ପଡ଼ିଆରେ ଗୁରୁବାର ଓ ରବିବାର ବସିବ।

ଏହି ନୂତନ ସ୍ଥାନରେ ହାଟ ବସିବା ପାଇଁ ସମସ୍ତ ପ୍ରକାର ଆନୁସଙ୍ଗିକ ବ୍ୟବସ୍ଥା କରିବା ନିମନ୍ତେ ବାରିପଦା ପୌରପାଳିକା ତରଫରୁ ଦୀର୍ଘ ଦିନରୁ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ବର୍ତ୍ତମାନ ଏହା ହାଟ ବସିବା ପାଇଁ ଉପଯୋଗୀ କରାଯାଇଛି। ଷ୍ଟେସନ ବଜାରଠାରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ହାଟ କମ୍ପ୍ଲେକ୍ସରେ ପୌରପାଳିକା ତରଫରୁ ନିର୍ମାଣ କରାଯାଇଥିବା ଦୋକାନ ଗୃହ ବଣ୍ଟନ ସମୟରେ ବର୍ତ୍ତମାନ ଏଠାରେ ବ୍ୟବସାୟ କରୁଥିବା ଲାଇସେନ୍ସଧାରୀ ଦୋକାନୀଙ୍କୁ ଦୋକାନ ଗୃହ ଆବଣ୍ଟନରେ ପ୍ରାଥମିକତା ଦିଆଯିବ। ଏତଦ୍‌ବ୍ୟତୀତ ଷ୍ଟେସନ ବଜାରରେ ଦୈନିକ ବଜାରରେ ବ୍ୟବସାୟ କରୁଥିବା ଦୋକାନୀଙ୍କ ପାଇଁ ମଧ୍ୟ ଦୋକାନ ଗୃହର ବ୍ୟବସ୍ଥା କରାଯିବ। ତେଣୁ ଜନସାଧାରଣଙ୍କ ଅବଗତି ନିମନ୍ତେ ଏହା ସୂଚୀତ କରାଯିବା ସହ ଏଥିନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତଙ୍କ ସହଯୋଗ କାମନା କରାଯାଇଛି।

## ସର୍ବଭାରତୀୟ କାରାଟେ ଚାମ୍ପିଅନସିପରେ ଦୀପକଙ୍କୁ ବ୍ରୋଞ୍ଜ ପଦକ



ବାରିପଦା, ୩।୧(ସମିସ): ଦୀପକ କୁଁଅର ଗତ ଡିସେମ୍ବର ଶେଷ ସପ୍ତାହରେ ଭୁବନେଶ୍ୱରରେ ଆୟୋଜିତ ସର୍ବଭାରତୀୟ କରାଟେ ଚାମ୍ପିଅନସିପ୍‌ର ୪୫ କେଜି ଓଜନ ବର୍ଗରେ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ଦୀପକ ପ୍ରଥମ ଥର ପାଇଁ ୨୦୨୩ରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଉତ୍ସାହିତ ହୋଇଥିଲେ ଓ ୨୦୨୪ରେ ସବଜୁନିୟର ରାଜ୍ୟସ୍ତରୀୟ କାରାଟେ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ୨୦୨୫ ମେ ମାସରେ ରାଞ୍ଚିରେ ଅନୁଷ୍ଠିତ ସର୍ବଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲା ପାଇଁ ଗୌରବ ଆଣିଥିଲେ। ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୫ନଂ ୱାର୍ଡସ୍ଥ ଜନାର୍ଦ୍ଦନପୁର ନିବାସୀ ବିଶ୍ୱନାଥ କୁଁଅର ଓ ରୀତା କୁଁଅରଙ୍କ ପୁଅ ଦୀପକ ବର୍ତ୍ତମାନ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ୮ମ ଶ୍ରେଣୀର ଛାତ୍ର। ଦୀପକଙ୍କ ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୌମ୍ୟ ଦାଶ, ବରିଷ୍ଠ ଶିକ୍ଷକ ସୋମନାଥ ସିଂହଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଅଭିନନ୍ଦନ ଜଣାଇଥିବା ପ୍ରଶିକ୍ଷକ ଶ୍ରୀ ବାରିକ ପ୍ରକାଶ କରିଛନ୍ତି।

## ଦେଉଳିଆ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ବଡ଼ସାହି, ୩।୧(ସମିସ): ବଡ଼ସାହି ବ୍ଲକ ଅଧୀନ ଦେଉଳିଆ ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ପ୍ରଧାନଶିକ୍ଷକ ପ୍ରଣବ କୁମାର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରିଣୀ ମଧୁସ୍ମିତା ଗିରି ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ସନ୍ତୋଷ ବେହେରା, ସମ୍ମାନିତ ଅତିଥି ଭାବେ ଶିକ୍ଷା କମିଟି ସଭାପତି ମନୋରଞ୍ଜନ ଲେଙ୍କା, ଅଜୟ ମଲିକ, ସୁକେଶ ସାହୁ ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏ ଅବସରରେ ବିଦ୍ୟାଳୟରେ ଇନ୍‌ସ୍ପାଇରିଙ୍ଗ ଓଡ଼ିଶା-୨୦୩୬, ଦି ଟେଲେଣ୍ଟ ଗ୍ୟାଲେରୀ ଓ ପିଏମଶ୍ରୀ ବିଜିନେସ ମିଟ୍ ନାମକ ୩ଟି ଗ୍ୟାଲେରୀ କରାଯାଇଥିଲା। ଏଥିରେ ଛାତ୍ରଛାତ୍ରୀ ନିଜ ଦକ୍ଷତା ପ୍ରଦର୍ଶନ କରିଥିଲେ। ପିଏମଶ୍ରୀ ହାଟରେ ଛାତ୍ରଛାତ୍ରୀ ବିଭିନ୍ନ ପ୍ରକାର ଜିନିଷ କିଣାବିକା କରିବା ଗ୍ରାମବାସୀଙ୍କୁ ବେଶ ପ୍ରଭାବିତ କରିଥିଲା। ପରେ ଛାତ୍ରଛାତ୍ରୀଙ୍କ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ ବିମୋହିତ କରିଥିଲା। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଗୌରାଙ୍ଗ ଘୋଷ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଏ ଅବସରରେ ବାର୍ଷିକ କ୍ରୀଡା ଓ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷକ ଶ୍ରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## କଲେଜ କର୍ମଚାରୀଙ୍କ ମୃତ୍ୟୁ

ବୈଶିଙ୍ଗା, ୩।୧ (ସମିସ): ସ୍ଥାନୀୟ ପ୍ରିୟଂଶୀ ରାଧେ କଲେଜ କର୍ମଚାରୀ ବାଲେଶ୍ୱର ଜିଲ୍ଲା ସାହୁପଡ଼ା ଗ୍ରାମର ସ୍ୱର୍ଗତ ବାବାଜୀ ଖଟୁଆଙ୍କ ପୁଅ କୃଷ୍ଣଚନ୍ଦ୍ର ଖଟୁଆ (୫୮) ମୃତ୍ୟୁବରଣ କରିଛନ୍ତି। ସେ ୧୦ ବର୍ଷ ଧରି କଲେଜରେ କାର୍ଯ୍ୟ କରିଆସୁଥିଲେ। ଗୋଟିଏ ମାସ ଛୁଟି ପରେ ଆଜି ସକାଳୁ ସେ କଲେଜରେ ନିଜ କାର୍ଯ୍ୟରେ ଯୋଗଦାନ କରିଥିଲେ। ପ୍ରାୟ ୧୨ଟା ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରି ସହକର୍ମୀଙ୍କୁ ଜଣାଇଥିଲେ। ଅନ୍ୟ କର୍ମଚାରୀ ସଙ୍ଗେ ସଙ୍ଗେ ତାଙ୍କୁ ବୈଶିଙ୍ଗା ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ କଲେଜରେ ଶୋକର ଛାୟା ଖେଳିଯାଇଥିଲା। ବୈଶିଙ୍ଗା ପୁଲିସ ପହଞ୍ଚି ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। କଲେଜର ସଭାପତି, ସମ୍ପାଦକ, ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ ତାଙ୍କ ଗ୍ରାମ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ଫେବୃଆରୀ ପ୍ରଥମ ସପ୍ତାହରେ ସୁଭଦ୍ରା ଶକ୍ତି ମେଳା ଓ ସ୍ୱଦେଶୀ ମହୋତ୍ସବ 'ମେଘାସନୀ'

ବାରିପଦା, ୩।୧(ସମିସ): ଫେବୃଆରୀ ପ୍ରଥମ ସପ୍ତାହରେ ସୁଭଦ୍ରା ଶକ୍ତି ମେଳା ସହ ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ସ୍ୱଦେଶୀ ମହୋତ୍ସବ 'ମେଘାସନୀ' ଆୟୋଜିତ ହେବ। ଏଥିପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଫେବୃଆରୀ ମାସ ୧ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ଏହାକୁ ଆୟୋଜନ କରିବା ପାଇଁ ଉକ୍ତ ବୈଠକରେ ନିଷ୍ପତ୍ତି ହୋଇଛି। ଓରମାସ୍ ତଥା ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି ପକ୍ଷରୁ ଆୟୋଜନ ହେବାକୁ ଥିବା ଏହି ମେଳାରେ ୨୫୦ଟି ବିଭିନ୍ନ ବିଭାଗର ପ୍ରଦର୍ଶନୀ ଷ୍ଟଲ ଖୋଲିବାକୁ ଯୋଜନା ହୋଇଛି। ସେହିପରି ଏହି ଉତ୍ସବ ଅବସରରେ ଶିମିଳିପାଳକୁ ମଣିଷକୃତ ନିଆଁ ଦାଉରୁ ରକ୍ଷା କରିବା ବାର୍ତ୍ତା ପ୍ରଚାର ପାଇଁ ଏକ ହାଫ୍ ମାରାଥନ୍ ଓ ଶିମିଳିପାଳ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ ହେବ। ମେଳାରେ 'ଏକ ଜିଲ୍ଲା ଏକ ଉତ୍ପାଦ'କୁ ପ୍ରୋତ୍ସାହନ କରିବା ପାଇଁ ଆଇଟିଆଇ ଓ ପଲିଟେକନିକ୍ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସ୍ୱଦେଶୀ ଉତ୍ପାଦ ଉପରେ ନମୁନା ପ୍ରଦର୍ଶନ ହେବା ସହ ଉଦ୍ୟମିତା ବୃଦ୍ଧି ଉପରେ କର୍ମଶାଳା ଆୟୋଜନ ହେବ। ଏହି କ୍ରମରେ ସବାଇ ଘାସର ବିଭିନ୍ନ ଉତ୍ପାଦ,



ବିର୍ଲା ଟାୟାର୍ସଦ୍ୱାରା ମୟୂରଭଞ୍ଜ ଜିଲ୍ଲାର ରବର ଉତ୍ପାଦକୁ ବ୍ୟବହାର ଟାୟାର ପ୍ରସ୍ତୁତ ସମ୍ପର୍କିତ ପ୍ରଦର୍ଶନୀ ଷ୍ଟଲ ରହିବ ବିଶେଷ ଆକର୍ଷଣ। ଏଥିସହ ରେଶମ୍ ଉତ୍ପାଦ ସମ୍ପର୍କିତ ସ୍ୱତନ୍ତ୍ର ଷ୍ଟୋଲ୍ ମଧ୍ୟ ପ୍ରଦର୍ଶନ ହେବ।

ସେହିପରି ଶିମିଳିପାଳ ଜୈବମଣ୍ଡଳ ଆଧାରିତ ସ୍ୱତନ୍ତ୍ର ଷ୍ଟୋଲ୍ ମଧ୍ୟ ରହିଛି। ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟର ଜନଜାତି ଅଧ୍ୟୟନ ଓ ସାନ୍ତାଳୀ ବିଭାଗ ତରଫରୁ ଆଦିବାସୀ ସଂଗ୍ରହାଳୟ ଷ୍ଟଲ୍ ଏଥିରେ ସ୍ଥାନୀତ ହେବ। ମେଳାରେ ସୁଭାଦ୍ର ଶକ୍ତି ସମ୍ପର୍କିତ ଷ୍ଟଲ ସ୍ଥାନିତ ହେବ। ଏହା ମହିଳା ଶକ୍ତି ଓ ଆତ୍ମନିର୍ଭରଶୀଳତା ସମ୍ପର୍କରେ କାହାଣୀ ବଖାଣିବ। ଏଥିରେ ଲକ୍ଷପତି ଦିଦି ଆସି ନିଜର ଅଭିଜ୍ଞତା ବାଣ୍ଟିବେ। ଗ୍ରାମୀଣ ଅର୍ଥନୀତିର ବିକାଶ ପାଇଁ ବ୍ରାଣ୍ଡିଂ, ପ୍ୟାକେଜିଂ ଓ ମାର୍କେଟିଂ ପାଇଁ ମଧ୍ୟ କର୍ମଶାଳା ଆୟୋଜନ ହେବ। ସେହିପରି ବିଭିନ୍ନ ପୁସ୍ତକ ଷ୍ଟଲ୍ ମଧ୍ୟ ପ୍ରଦର୍ଶନ ହେବ। ଏହି ମେଳାକୁ ସମ୍ପୂର୍ଣ୍ଣ ପରିବେଶ ଅନୁକୂଳ କରିବା ପାଇଁ ଜିଲ୍ଲାପାଳ ପ୍ଲାଷ୍ଟିକ ବର୍ଜନ ଉପରେ ଗୁରୁତ୍ୱ ଦେଇ ମେଳକୁ ଆସିବାକୁ ଥିବା ଖାଦ୍ୟ ଷ୍ଟଲ ଶାଳପତ୍ରକୁ ବ୍ୟବହାର କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରତ୍ୟେକ ଦିନ ଧୂମଧାମରେ ଆୟୋଜନ କରାଯିବ। ଏଥିରେ ଶାସ୍ତ୍ରୀୟ, ଗଜଲ ସନ୍ଧ୍ୟା, ରକ୍ ବ୍ୟାଣ୍ଡ, ଭଜନ, ଲୋକଗୀତ ଓ ଆଧୁନିକ ସଙ୍ଗୀତର କାର୍ଯ୍ୟକ୍ରମ ରହିଛି। ଆଜିର ବୈଠକରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲୀ, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାଏକ, ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡ଼ା, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଧର୍ମାନନ୍ଦ ବେହେରା, ଓରମାସ୍ ଡେପୁଟି ସିଇଓ ଭାଗ୍ୟଲକ୍ଷ୍ମୀ ରାଉତ, ଅଧୀକ୍ଷଣ ଯନ୍ତ୍ରୀ (ପୂର୍ତ୍ତ) ରୋହନ୍ ରୟ, ପିଏଆଇଟିଡିଏ ପ୍ରଣୟ ରଞ୍ଜନ ବେହେରା ଓ ଅନ୍ୟ ସମସ୍ତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।













